ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ନିର୍ଦ୍ଧାରିତ

# ବ୍ୟୁରୋ ଉଚ୍ଚ ମାଧ୍ୟମିକ

# ସମାଜ ବିଜ୍ଞାନ

## ଦ୍ୱାଦଶ ଶ୍ରେଣୀ







ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା
ପୁସ୍ତକ ଭବନ, ଭୁବନେଶ୍ୱର

ବ୍ୟୁରୋ

ଉଚ୍ଚ ମାଧ୍ୟମିକ

# ସମାଜ ବିଜ୍ଞାନ

(ଦ୍ୱାଦଶ ଶ୍ରେଣୀ)

ଲେଖକ ମଣ୍ଡଳୀ

**ଡକ୍ଟର ସଞ୍ଜୟ କେତନ ଜେନା**
ସହଯୋଗୀ ପ୍ରଫେସର ଓ ବିଭାଗୀୟ ମୁଖ୍ୟ
ସମାଜ ବିଜ୍ଞାନ ବିଭାଗ, ଅଳକା ମହାବିଦ୍ୟାଳୟ,
ଜଗତ୍‌ସିଂହପୁର

**ପ୍ରଣତୀ ମହାପାତ୍ର**
ପ୍ରାଧ୍ୟାପିକା, ସମାଜ ବିଜ୍ଞାନ ବିଭାଗ,
ବାବା ଭୈରବାନନ୍ଦ ମହାବିଦ୍ୟାଳୟ,
ଚଣ୍ଡିଖୋଲ

**ଡକ୍ଟର ଭାଗ୍ୟଲକ୍ଷ୍ମୀ ମହାନ୍ତି**
ପ୍ରାଧ୍ୟାପିକା, ସମାଜ ବିଜ୍ଞାନ ବିଭାଗ,
କମଳା ନେହେରୁ ମହିଳା ମହାବିଦ୍ୟାଳୟ,
ଭୁବନେଶ୍ୱର

ପ୍ରକାଶକ

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା

ପୁସ୍ତକ ଭବନ, ଭୁବନେଶ୍ୱର

**Bureau's**

## Uchamadhyamika Samajavigyana

*(Prescribed by the Council of Higher Secondary Education, Odisha, Bhubaneswar)*

Published under the scheme of production of books and literature in Regional Language, at the Univesity level sponsored by the Commission for Scientific and Technical Terminolgy, Ministry of Human Resource Development (Department of Higher Education) Govt. of India, New Delhi.

First Edition - 2017

Publication No. - 582

ISBN : 978-81-8005-401-3

*Published by :*
**The Odisha State Bureau of Textbook Preparation and Production**
Pustak Bhavan, Bhubaneswar - 751022

© Reserved by the Publisher

*Type Setting & Design :*
**Print-Tech Offset Pvt. Ltd., Bhubaneswar**

*Printed at :*
**Jagannath Process Pvt. Ltd., Cuttack**

Price : ₹ 95/- (Rupees Ninety Five Only)

# ପ୍ରସ୍ତାବନା

ପ୍ରତ୍ୟେକ ଜାତି ବା ଦେଶର ଉନ୍ନତି ତା'ର ଭାଷାର ଉନ୍ନତି ଉପରେ ହିଁ ନିର୍ଭର କରିଥାଏ। ନିଜର ମନୋଭାବକୁ ଉପଯୁକ୍ତ ଭାବରେ ପରିପ୍ରକାଶ କରିବାପାଇଁ ଭାଷାର ସୃଷ୍ଟି। ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ସହଜ ତଥା ସୁଗମ ହୋଇଥାଏ। ଏହା ଫଳରେ ଛାତ୍ରଛାତ୍ରୀମାନେ ପାଠ ବିଷୟକୁ ଉତ୍ତମ ରୂପେ ବୁଝିପାରିବେ ଏବଂ ସହଜରେ ଭାବ ପ୍ରକାଶ କରିପାରିବେ। ଆନନ୍ଦର ବିଷୟ, ଭାରତ ସରକାର ଓ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ଆନୁକୂଲ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଆଞ୍ଚଳିକ ଭାଷା ମାଧ୍ୟମରେ ଶିକ୍ଷାଦାନ ପଦ୍ଧତି ନୀତିଗତ ଭାବରେ ଗୃହୀତ ହୋଇଅଛି।

ଓଡ଼ିଆ ଭାଷାରେ ଉଚ୍ଚକୋଟୀର ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ କରିବାର ଦାୟିତ୍ୱ "ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ପ୍ରକାଶନ ସଂସ୍ଥା" ବହନ କରିଅଛି। ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ସମାଜ ବିଜ୍ଞାନ ପୁସ୍ତକଟି ପ୍ରକାଶ ପାଇବାକୁ ଯାଉଛି। ଉକ୍ତ ପୁସ୍ତକଟି ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଟେ। ପୁସ୍ତକର ବିଷୟବସ୍ତୁ ସରଳ ଓ ସାବଲୀଳ ଓଡ଼ିଆ ଭାଷାରେ ଲେଖାଯାଇଛି। ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ସହଜରେ ବୋଧଗମ୍ୟ ହୋଇପାରିବ ବୋଲି ଆମର ଆଶା।

ପୁସ୍ତକଟିକୁ ରଚନା କରିଛନ୍ତି ତିନିଜଣ ବିଶିଷ୍ଟ ସହଯୋଗୀ ପ୍ରଫେସର ଡକ୍ଟର ସଜୟ କେତନ ଜେନା, ପ୍ରଣତୀ ମହାପାତ୍ର, ଡକ୍ଟର ଭାଗ୍ୟଲକ୍ଷ୍ମୀ ମହାନ୍ତି। ଏହି ଅବସରରେ ମୁଁ ଏ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ଏହା ବ୍ୟତୀତ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ଓଡ଼ିଶା ସରକାର ଆମକୁ ପ୍ରକାଶନର ଦାୟିତ୍ୱ ଦେଇଥିବାରୁ ମୁଁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।

ପରିଶେଷରେ, ଆମର ଦୃଢ଼ ବିଶ୍ୱାସ ଯେ ଉକ୍ତ ପୁସ୍ତକଟି ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ସାଧାରଣ ପାଠକ ପାଠିକା ମହଲରେ ବିଶେଷ ଭାବରେ ଆଦୃତ ହେବ।

ଶ୍ରୀ ଉମାକାନ୍ତ ତ୍ରିପାଠୀ
ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା
ପୁସ୍ତକ ଭବନ, ଭୁବନେଶ୍ୱର

ଶ୍ରୀଗୁଣ୍ଡିଚା
ତା ୨୫.୦୬.୨୦୧୭

# ମୁଖବନ୍ଧ

ମାତୃଭାଷାରେ ଶିକ୍ଷାଦାନ ଓ ପରୀକ୍ଷା ବ୍ୟବସ୍ଥା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବ୍ୟକ୍ତିର ଭାବ ବିନିମୟ ନିଜ ମାତୃଭାଷା ମାଧ୍ୟମରେ ହିଁ ଅଧିକ ସହଜ ଓ ସୁନ୍ଦର ହୋଇଥାଏ। ମାତୃଭାଷାରେ ଛାତ୍ରଛାତ୍ରୀମାନେ ବିଷୟକୁ ଉତ୍ତମରୂପେ ବୁଝିବା ସଂଗେ ସଂଗେ ଭାବ ପ୍ରକାଶ କରିପାରିବେ। ସମାଜ ବିଜ୍ଞାନ ଭଳି ଏକ ନୂତନ ପାରିଭାଷିକ ବିଷୟରେ ଓଡ଼ିଆ ଭାଷାରେ ଲେଖା ଯାଇଥିବା ପାଠ୍ୟ ପୁସ୍ତକକୁ "ଓଡ଼ିଶାରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା" ପ୍ରକାଶ କରିବାର ଦାୟିତ୍ୱ ନେଇଛନ୍ତି। ଏହା ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ।

ଉକ୍ତ ପୁସ୍ତକ ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ନୂତନ ପାଠ୍ୟ ଖସଡ଼ା ଅନୁଯାୟୀ ଲିଖିତ। ସମାଜ ବିଜ୍ଞାନର ନୂତନ ଶିକ୍ଷାର୍ଥୀମାନଙ୍କ ପାଇଁ ବିଷୟଗୁଡ଼ିକୁ ସରଳ ଓ ସାବଲୀଳ ଭାଷାରେ ଲେଖାଯାଇଛି। ବିଷୟବସ୍ତୁ ଗୁଡ଼ିକ ଯେପରି ଛାତ୍ରଛାତ୍ରୀମାନଙ୍କର ସହଜରେ ବୋଧଗମ୍ୟ ହୋଇପାରିବ, ସେଥିପାଇଁ ବିଶେଷଭାବେ ଦୃଷ୍ଟି ଦେଇଅଛୁ। ମାତୃଭାଷାରେ ସମାଜବିଜ୍ଞାନ ବିଷୟକୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଦୃତ କରାଇବା ପାଇଁ ବିଶେଷ ଭାବେ ଚେଷ୍ଟା କରିଛୁ। ଏହା ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କ ଦ୍ୱାରା ଗ୍ରହଣୀୟ ହେବ ବୋଲି ଆଶା ଏବଂ ବିଶ୍ୱାସ।

ପୁସ୍ତକଟିର ଉନ୍ନତି ନିମିତ୍ତ ଅଧ୍ୟାପନାରତ ବନ୍ଧୁମାନଙ୍କର ପ୍ରସ୍ତାବନା ଏବଂ ସମାଲୋଚନାକୁ ସାଦରେ ଗ୍ରହଣ କରିବୁ। ଯଦି ସମାଜବିଜ୍ଞାନ ଆଗ୍ରହୀ ପାଠକ ପାଠିକା ଓ ଛାତ୍ରଛାତ୍ରୀମାନେ ଏହି ପୁସ୍ତକ ଅଧ୍ୟୟନରୁ କିଛି ଉପକାର ପାଆନ୍ତି ତାହେଲେ ଆମ୍ଭମାନଙ୍କର ଶ୍ରମ ସାର୍ଥକ ହେବ।

ପରିଶେଷରେ, ଓଡ଼ିଶା ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର କର୍ମଚାରୀମାନଙ୍କୁ ସେମାନଙ୍କର ଆନ୍ତରିକ ତଥା ନିରବଚ୍ଛିନ୍ନ ଉତ୍ସାହ, ଅନୁପ୍ରେରଣା ଏବଂ ପୂର୍ଣ୍ଣପ୍ରାଣ ସହଯୋଗ ନିମନ୍ତେ ଆମେ ଆମର ଧନ୍ୟବାଦ ଅର୍ପଣ କରୁଛୁ।

ଶ୍ରୀ ଗୁଣ୍ଡିଚା
ତା.୨୫.୦୬.୨୦୧୭

**ଲେଖକ ମଣ୍ଡଳୀ**

# ସୂଚୀପତ୍ର


| ପରିଚ୍ଛେଦ | ବିଷୟ | ପୃଷ୍ଠା |
|---|---|---|
| ପ୍ରଥମ | ଭାରତୀୟ ସମାଜର ପରିଚୟ | ୧-୨୫ |
| | **ଭାରତୀୟ ସମାଜର ଗଠନ -** | |
| | ଭାରତୀୟ ସମାଜର ଜନସାଂଖ୍ୟିକ ଗଠନ | |
| | ଭାରତୀୟ ସମାଜର ଭୌଗଳିକ ଗଠନ, | |
| | ଭାରତୀୟ ସମାଜର ପ୍ରଜାତୀୟ ଗଠନ, | |
| | ଭାରତୀୟ ସମାଜର ଭାଷାଗତ ଗଠନ, | |
| | ଭାରତୀୟ ସମାଜର ଧାର୍ମିକ ଗଠନ, | |
| | ଭାରତୀୟ ସମାଜର ଜନଜାତୀୟ ଗଠନ। | |
| | **ଏକତା ଏବଂ ବିଭିନ୍ନତା -** ଏକତାର କାରକ, ବିଭିନ୍ନତାର କାରକ | |
| | **ଆଦର୍ଶ ପ୍ରଶ୍ନାବଳୀ** | |
| ଦ୍ୱିତୀୟ | ଭାରତୀୟ ସାମାଜିକ ସଂରଚନା | ୨୬-୬୬ |
| | **ଜାତି ବ୍ୟବସ୍ଥା** - ଜାତିର ଅର୍ଥ ଓ ସଂଜ୍ଞା, ଜାତିର ଲକ୍ଷଣ, | |
| | ଜାତି ବ୍ୟବସ୍ଥାର ପ୍ରକାର୍ଯ୍ୟ, ଜାତି ବ୍ୟବସ୍ଥାର ଅପକାର୍ଯ୍ୟ, | |
| | ଜାତି ବ୍ୟବସ୍ଥାରେ ପରିବର୍ତ୍ତନ, | |
| | ଜାତି ଓ ଶ୍ରେଣୀ ମଧ୍ୟରେ ପାର୍ଥକ୍ୟ। | |
| | **ହିନ୍ଦୁ ଯୌଥ ପରିବାର-** ଯୌଥ ପରିବାରର ଅର୍ଥ, | |
| | ଯୌଥ ପରିବାରର ଗୁଣାବଳୀ, | |
| | ଯୌଥ ପରିବାରର ପ୍ରକାର ଭେଦ, | |

| ପରିଚ୍ଛେଦ | ବିଷୟ | ପୃଷ୍ଠା |
|---|---|---|
| | ଯୌଥ ପରିବାରର ଉପକାରିତା,<br>ଯୌଥ ପରିବାରର ଅପକାରିତା,<br>ଯୌଥ ପରିବାରର ବିଘଟନ ।<br>**ଗ୍ରାମ୍ୟ ସମୁଦାୟ** – ଗ୍ରାମ୍ୟ ସମୁଦାୟର ଅର୍ଥ,<br>ଗ୍ରାମ୍ୟ ସମୁଦାୟର ଗୁଣ, ଗ୍ରାମ୍ୟ ସହର ସଂଯୁକ୍ତତା ଓ ବିଭାଜନ ।<br>**ଆଦର୍ଶ ପ୍ରଶ୍ନାବଳୀ** | |
| ତୃତୀୟ | **ସାଂସ୍କୃତିକ ବିଭିନ୍ନତାର ଆହ୍ୱାନ** | ୬୭-୯୮ |
| | **ଜାତୀୟ ସଂହତି** - ଅବଧାରଣା,<br>ଜାତୀୟ ସଂହତିର ପ୍ରତିବନ୍ଧକମାନ ।<br>**ସାମ୍ପ୍ରଦାୟିକବାଦ** - ସାମ୍ପ୍ରଦାୟିକବାଦର ଅର୍ଥ,<br>ସାମ୍ପ୍ରଦାୟିକବାଦର ଗୁଣାବଳୀ, ସାମ୍ପ୍ରଦାୟିକବାଦର କାରଣ,<br>ସାମ୍ପ୍ରଦାୟିକବାଦର ନିରାକରଣ ନିମନ୍ତେ ପଦକ୍ଷେପ<br>**ଆଞ୍ଚଳିକତାବାଦ** - ଆଞ୍ଚଳିକତାବାଦର ଅର୍ଥ,<br>ଆଞ୍ଚଳିକତାବାଦର ପ୍ରକୃତି ଓ ବୈଶିଷ୍ଟ୍ୟ<br>ଆଞ୍ଚଳିକତାବାଦର କାରଣ,<br>ଆଞ୍ଚଳିକତାବାଦର ନିରାକରଣ ନିମନ୍ତେ ପଦକ୍ଷେପ ।<br>**ଜାତିବାଦ** - ଜାତିବାଦର ଅର୍ଥ,<br>ଜାତିବାଦର ଗୁଣାବଳୀ, ଜାତିବାଦର କାରଣ,<br>ଜାତିବାଦର ପ୍ରଭାବ / ପରିମାଣ,<br>ଜାତିବାଦର ନିରାକରଣ ନିମନ୍ତେ ପଦକ୍ଷେପ । | |

| ପରିଚ୍ଛେଦ | ବିଷୟ | ପୃଷ୍ଠା |
|---|---|---|
| | **ଆତଙ୍କବାଦ - ଆତଙ୍କବାଦର ଅର୍ଥ,** | |
| | ଆତଙ୍କବାଦର ଗୁଣାବଳୀ | |
| | ଆତଙ୍କବାଦର କାରଣ, ଆତଙ୍କବାଦର ପ୍ରଭାବ | |
| | **ଆଦର୍ଶ ପ୍ରଶ୍ନାବଳୀ** | |
| ଚତୁର୍ଥ | **ସାମାଜିକ ଅସମାନତା ଏବଂ ଆନ୍ଦୋଳନ** | ୯୯-୧୩୪ |
| | ଜାତି ଓ ସାମାଜିକ ଅସମାନତା, | |
| | ଶ୍ରେଣୀ ଓ ସାମାଜିକ ଅସମାନତା, | |
| | **ପ୍ରାନ୍ତସ୍ଥିତ ଶ୍ରେଣୀ -** | |
| | ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, | |
| | ଜନଜାତି ଆନ୍ଦୋଳନ | |
| | କୃଷକ ଆନ୍ଦୋଳନ | |
| | **ଆଦର୍ଶ ପ୍ରଶ୍ନାବଳୀ** | |
| ପଞ୍ଚମ | **ଭାରତରେ ପରିବର୍ତ୍ତନ ଓ ବିକାଶ** | ୧୩୫-୧୬୮ |
| | **ଔଦ୍ୟୋଗୀକରଣ -** | |
| | ଔଦ୍ୟୋଗୀକରଣର ଅର୍ଥ , | |
| | ଔଦ୍ୟୋଗୀକରଣର ଗୁଣାବଳୀ, | |
| | ଔଦ୍ୟୋଗୀକରଣର ପ୍ରଭାବ । | |

| ପରିଚ୍ଛେଦ | ବିଷୟ | ପୃଷ୍ଠା |
|---|---|---|
| | **ସହରୀକରଣ -** | |
| | ସହରୀକରଣର ଅର୍ଥ, | |
| | ସହରୀକରଣର ଗୁଣାବଳୀ, | |
| | ସହରୀକରଣର କାରଣ, | |
| | ସମାଜ ଉପରେ ସହରୀକରଣର ପ୍ରଭାବ। | |
| | **ଆଧୁନିକୀକରଣ -** | |
| | ଆଧୁନିକୀକରଣର ଅର୍ଥ, | |
| | ଆଧୁନିକୀକରଣର ଗୁଣାବଳୀ | |
| | ସମାଜ ଉପରେ ଆଧୁନିକୀକରଣର ପ୍ରଭାବ। | |
| | **ଜଗତିକରଣ -** | |
| | ଜଗତିକରଣର ଅର୍ଥ, | |
| | ଜଗତିକରଣର ଗୁଣାବଳୀ , | |
| | ଭାରତୀୟ ସମାଜ ଉପରେ ଜଗତିକରଣର ପ୍ରଭାବ। | |
| | **ଆଦର୍ଶ ପ୍ରଶ୍ନାବଳୀ।** | |

□□□

## ପ୍ରଥମ ପରିଚ୍ଛେଦ

# ଭାରତୀୟ ସମାଜର ପରିଚୟ

# Introducing Indian Society

## ଭାରତୀୟ ସମାଜର ଗଠନ, ଏକତା ଓ ବିଭିନ୍ନତା-ଏକତା ଓ ବିଭିନ୍ନତାର କାରକ

## Composition of Indian Society, Unity and Diversity - Factors of Unity and Diversity

### ଭାରତୀୟ ସମାଜର ଗଠନ

### Composition of Indian Society

ଭାରତ ଏକ ବିଶାଳ ଉପମହାଦେଶ ଅଟେ । ଏହାର ଐତିହ୍ୟ ମହାନ୍ ଓ ଇତିହାସ ଅତି ପ୍ରାଚୀନ ଅଟେ । ପ୍ରାୟ ୫୦୦୦ ବର୍ଷରୁ ଅଧିକ ପୁରୁଣା ଏହାର ସଭ୍ୟତା ଅଟେ । ଏହାର ନାମ ବୃହତ୍ ନଦୀ ସିନ୍ଧୁ ଅନୁସାରେ ନାମିତ ହୋଇଅଛି । ପ୍ରାଚୀନ ଲୋକମାନେ ତାଙ୍କ ଦେଶର ନାମ ପୁରାଣ ଯୁଗର ପ୍ରସିଦ୍ଧ ରାଜା ଭରତଙ୍କ ନାମ ଅନୁସାରେ ଭାରତ ବର୍ଷ ବୋଲି ନାମିତ କରିଥିଲେ ।

ଭାରତୀୟ ସମାଜର ଉତ୍ପତ୍ତି ସମ୍ବନ୍ଧରେ କୌଣସି ସଠିକ୍ ଓ ବିଶ୍ୱାସଯୋଗ୍ୟ ତଥ୍ୟ ମିଳିନାହିଁ । ଇତିହାସ ଏ ସମ୍ବନ୍ଧରେ ନୀରବ । ତେଣୁ ଭାରତୀୟ ସମାଜ କେବେ ଓ କିପରି ସୃଷ୍ଟି ହୋଇଅଛି, ସେ ସମ୍ବନ୍ଧରେ କୌଣସି ତଥ୍ୟ ମିଳିନାହିଁ । ବିଶ୍ୱାସ କରାଯାଏ ଯେ, ପ୍ରାୟ ଖ୍ରୀ:ପୂ ୫୦୦,୦୦୦୦ ଲକ୍ଷ ବର୍ଷ ପୂର୍ବେ ଏଠାରେ ସର୍ବପ୍ରଥମେ ମନୁଷ୍ୟର ଆବିର୍ଭାବ ଘଟିଥିଲା ।

ଭାରତ ଏକ ବୃହତ୍ ଦେଶ ଯାହାର ଜନସଂଖ୍ୟା ୧୨୧.୦୨ କୋଟି (୧,୨୧,୦୧,୯୩,୪୨୨) ଅଟେ । ଜନସଂଖ୍ୟା ଦୃଷ୍ଟିରୁ ଏହା ପୃଥିବୀର ଦ୍ୱିତୀୟ ବୃହତ୍ତମ ଦେଶ ଓ ଭୌଗଳିକ ଅଞ୍ଚଳ ଦୃଷ୍ଟିରୁ ଏହା ପୃଥିବୀର ସପ୍ତମ ବୃହତ୍ତମ ଦେଶ (ଭାରତର ସ୍ଥଳଭାଗ ପୃଥିବୀର ସମୁଦାୟ ସ୍ଥଳଭାଗର ଶତକଡା ୨.୪ ଅଂଶ ଅଟେ ଏବଂ ଏହାର ଜନସଂଖ୍ୟା ସମଗ୍ର ବିଶ୍ୱର ସମୁଦାୟ ଜନସଂଖ୍ୟାର ଶତକଡା ୧୭.୫ ଭାଗ ଅଟେ । ଏହାର ସମଗ୍ର ଅଞ୍ଚଳ ୩୨,୮୭,୨୬୩ ବର୍ଗ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହା ପ୍ରାୟ ୩,୨୧୪ କିଲୋମିଟର ପର୍ଯ୍ୟନ୍ତ ଉତ୍ତରରୁ

ଦକ୍ଷିଣକୁ ଓ ୨,୯୩୩ କିଲୋମିଟର ପର୍ଯ୍ୟନ୍ତ ପୂର୍ବରୁ ପଶ୍ଚିମକୁ ବ୍ୟାପିଛି । ଏହାର ଭୌଗଳିକ ଅଞ୍ଚଳ କାଶ୍ମୀରରୁ କେପ କମୋରିନ୍ ପର୍ଯ୍ୟନ୍ତ ୨୦୦୦ ମାଇଲ ଏବଂ ଗୁଜୁରାଟରୁ ଆସାମ ପର୍ଯ୍ୟନ୍ତ ୧୫୦୦ ମାଇଲ ପର୍ଯ୍ୟନ୍ତ ବ୍ୟାପିଛି । କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ ଏହି ଭାରତର ଉତ୍ତରରେ ସର୍ବୋଚ୍ଚ ହିମାଳୟ ପର୍ବତ, ଦକ୍ଷିଣରେ ଭାରତ ମହାସାଗର, ପୂର୍ବରେ ବଙ୍ଗୋପସାଗରର ଏବଂ ପଶ୍ଚିମରେ ଆରବ ସାଗର ଓ ବିନ୍ଧ୍ୟ ପର୍ବତମାଳା ଏହାର ସୀମାରେଖାକୁ ନିର୍ଦ୍ଧାରିତ କରିଅଛି । ଭାରତର ଏହି ବିଶାଳ ଜନସଂଖ୍ୟା ବିଭିନ୍ନ ପ୍ରଜାତୀୟ, ଧାର୍ମିକ, ଭାଷାଗତ ଓ ଜନଜାତୀୟ ସମ୍ପ୍ରଦାୟକୁ ନେଇ ଗଠିତ ଓ ଏଠାରେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମନ୍ୱୟ ପରିଲକ୍ଷିତ ହୋଇଥାଏ ।

**ଭାରତୀୟ ସମାଜର ଜନସାଂଖ୍ୟିକ ଗଠନ**

**Demographic Composition Of Indian Society**

ଡେମୋଗ୍ରାଫି (Demography) କହଲେ ଜନସଂଖ୍ୟା ସମ୍ବନ୍ଧୀୟ ବିଜ୍ଞାନ ବା ଅଧ୍ୟୟନକୁ ବୁଝାଇଥାଏ । ଭାରତୀୟ ସମାଜର ଜନସାଂଖ୍ୟିକ ଗଠନ ମୁଖ୍ୟତଃ ଏକ ନିର୍ଦ୍ଦିଷ୍ଟ ସମୟ ଭିତ୍ତିରେ ଜନସଂଖ୍ୟାର ବୃଦ୍ଧି, ଆକାର ଗଠନ, ଘନତ୍ୱ, ବଣ୍ଟନ ଓ ସ୍ଥାନାନ୍ତରଣ ସମ୍ବନ୍ଧୀୟ ତଥ୍ୟ ଉପରେ ଆଧାରିତ ଅଟେ । ଜନ୍ମ, ମୃତ୍ୟୁ, ବିବାହ, ସ୍ଥାନାନ୍ତରଣ ଇତ୍ୟାଦି ଜନସଂଖ୍ୟାକୁ ପ୍ରଭାବିତ କରିଥାଏ ।

ଜନସଂଖ୍ୟା ସାମାଜିକ ଓ ଅର୍ଥନୈତିକ ବିକାଶକୁ ସୁଦୃଢ଼ କରିଥାଏ । ଏକ ଗୁଣାତ୍ମକ ଜନସଂଖ୍ୟା ରାଷ୍ଟ୍ରର ଶକ୍ତି ଅଟେ । କିନ୍ତୁ ଅନିୟନ୍ତ୍ରିତ ଜନସଂଖ୍ୟା ସାମାଜିକ ଓ ଅର୍ଥନୈତିକ ଅଗ୍ରଗତିରେ ପ୍ରତିବନ୍ଧକ ହୋଇଥାଏ ।

ଭାରତ ଏକ ଜନବହୁଳ ରାଷ୍ଟ୍ର । ୨୦୧୧ ଜନଗଣନା ଅନୁସାରେ ଏହାର ଜନସଂଖ୍ୟା ୧,୨୧,୦୧,୯୩,୪୨୨ ଅଟେ । ଜନସଂଖ୍ୟା ଦୃଷ୍ଟିରୁ ଏହା ବିଶ୍ୱର ଦ୍ୱିତୀୟ ବୃହତ୍ତମ ଦେଶ । ଏହାର ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ଏକ ପଞ୍ଚମାଂଶ ଅଟେ ଏବଂ ଅଞ୍ଚଳ ଦୃଷ୍ଟିରୁ ଏହା ପୃଥିବୀର ସପ୍ତମ ବୃହତ୍ତମ ଦେଶ । ବିଶ୍ୱର ଭୌଗଳିକ ଅଞ୍ଚଳର ଶତକଡ଼ା ୨.୪ ଭାଗ ଅଂଶରେ ଭାରତ ତାର ବିଶ୍ୱଜନସଂଖ୍ୟାର ଶତକଡ଼ା ୧୬.୯ ଭାଗ ଲୋକଙ୍କୁ ରକ୍ଷଣାବେକ୍ଷଣ କରିଅଛି । ୨୦୧୧ ଜନଗଣନା ଅନୁସାରେ ଗ୍ରାମ୍ୟ ସମୁଦାୟରେ ପୁରୁଷଙ୍କ ସଂଖ୍ୟା ୪୨୭, ୯୧୭, ୦୫୨ ଥିବା ସ୍ଥଳେ ମହିଳାଙ୍କ ସଂଖ୍ୟା ୪୦୫, ୧୭୦, ୬୧୦ ରହିଛି । ଏବଂ ସହର ସମୁଦାୟରେ ପୁରୁଷଙ୍କ ସଂଖ୍ୟା ୧୯୫, ୮୦୭, ୧୯୬ ଥିବାସ୍ଥଳେ ମହିଳାଙ୍କ ସଂଖ୍ୟା ୧୮୧, ୨୯୮, ୫୬୪ ଅଛି । ସେହିପରି ଗ୍ରାମାଞ୍ଚଳ ସଂଖ୍ୟା ୬୪୦, ୮୬୭ ଓ ସହରାଞ୍ଚଳ ସଂଖ୍ୟା ୭, ୯୩୫ ଅଟେ ।

ଭାରତରେ ଜନସଂଖ୍ୟାର ବଣ୍ଟନ ସବୁରାଜ୍ୟରେ ସମାନ ନୁହେଁ । ୨୦୧୧ ଜନଗଣନା ଅନୁସାରେ ଉତ୍ତର ପ୍ରଦେଶର ଜନସଂଖ୍ୟା ସବୁଠାରୁ ଅଧିକ । ଏହାର ଜନସଂଖ୍ୟା ୨୦୦ ନିୟୁତ ଥିବାସମୟରେ ମହାରାଷ୍ଟ୍ରର ୧୧୨ ନିୟୁତ ଏବଂ ବିହାରର ୧୦୩ ନିୟୁତ ଅଟେ । ଭାରତରେ ବୟସଗତ ଓ ଲିଙ୍ଗଗତ ସଂରଚନା ଏହାର ଜନସଂଖ୍ୟାକୁ ପ୍ରଭାବିତ କରିଅଛି ।

ଭାରତରେ ୦-୧୪ବର୍ଷର ଶିଶୁଙ୍କ ହାର ଶତକଡ଼ା ୨୯ ଭାଗ ଅଟେ । କିନ୍ତୁ ଯୁବକଙ୍କ ସଂଖ୍ୟା ସର୍ବାଧିକ ହୋଇଥିବାରୁ ଏହି ଦେଶରେ ନିର୍ଭରଶୀଳ ଅନୁପାତ କମ ଅଟେ । ପ୍ରାୟ ୧୫ରୁ ୬୫ ବର୍ଷ ମଧ୍ୟରେ ବହୁସଂଖ୍ୟାରେ ବ୍ୟକ୍ତି ରହିଥିବାରୁ ନିର୍ଭରଶୀଳତା ଖୁବ୍ କମ୍ ।

ସେହିପରି ଲିଙ୍ଗଗତ ସଂରଚନା ଜନସଂଖ୍ୟାରେ ପୁରୁଷ ଓ ମହିଳାଙ୍କ ଅନୁପାତକୁ ବୁଝାଇଥାଏ । ୨୦୦୧ ଜନଗଣନା ଅନୁସାରେ ୧୦୦୦ ପୁରୁଷରେ ମହିଳାଙ୍କ ଅନୁପାତ ୯୩୩ ଥିବା ସମୟରେ ୨୦୧୧ରେ ଏହାର ସାମାନ୍ୟ ଉନ୍ନତି ହୋଇ ୯୪୦ରେ ପହଞ୍ଚିଥିଲା । ଏହା ବ୍ୟତୀତ ଜାତୀୟ ଶିଶୁ ଲିଙ୍ଗ ଅନୁପାତ (୦-୬ବର୍ଷ) ୨୦୦୧ରେ ୯୨୭ ଥିବାବେଳେ ୨୦୧୧ରେ ୯୧୪ ହୋଇଅଛି ଯାହା ଉଦ୍‌ବେଗଜନକ ଅଟେ । କନ୍ୟା ଶିଶୁମାନଙ୍କ ପ୍ରତି ଅବହେଳା [illegible], ଭ୍ରୂଣହତ୍ୟା, କନ୍ୟା ଶିଶୁହତ୍ୟା, କମ୍ ବୟସରେ ବିବାହ, ନାରୀମାନଙ୍କ ପ୍ରତି କୁବ୍ୟବହାର ଓ [illegible] ପରିଶ୍ରମ, ପୁତ୍ର ସନ୍ତାନ ପ୍ରାପ୍ତିର ଲାଳସା ଏବଂ ପୁରୁଷତାନ୍ତ୍ରିକ ମୂଲ୍ୟବୋଧ ଇତ୍ୟାଦି କାରଣଗୁଡ଼ିକ ଶିଶୁକନ୍ୟା ଓ ମହିଳାମାନଙ୍କ ସଂଖ୍ୟାର ହ୍ରାସ ପାଇଁ ମୁଖ୍ୟତଃ ଦାୟୀ ଅଟନ୍ତି ।

ଜନ୍ମହାର ଓ ମୃତ୍ୟୁହାର ଜନସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ । ଚିକିତ୍ସାବିଜ୍ଞାନର ଉନ୍ନତି ଫଳରେ ମୃତ୍ୟୁହାର ହ୍ରାସପାଇ ୨୦୦୧ ମସିହାରେ ଏହା ୧୦୦୦ ଜନସଂଖ୍ୟାରେ ଶତକଡ଼ା ୮.୭ ଭାଗ ହୋଇଅଛି । ସେହିପରି ଜନ୍ମହାର ୨୦୦୧ରେ ୧୦୦୦ ଜନ୍ମସଂଖ୍ୟାରେ ଶତକଡ଼ା ୨୬.୧ଭାଗ ଅଛି ଫଳରେ ଜନ୍ମହାର ଓ ମୃତ୍ୟୁହାରେ ବ୍ୟବଧାନ ବୃଦ୍ଧି ପାଇଛି ଓ ଦେଶର ଜନସଂଖ୍ୟା ହାରାହାରି ଶତକଡ଼ା ୧.୯ ଭାଗ ବୃଦ୍ଧି ପାଇଛି । ଏହା ଜନସଂଖ୍ୟା ବିସ୍ଫୋରଣର ଏକ ଗୁରୁତ୍ୱପୂର୍ଣ୍ଣ କାରକ ଅଟେ ।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରକାଶିତ ବିବରଣୀ ଅନୁସାରେ ଭାରତରେ ପ୍ରତ୍ୟାଶିତ ଆୟୁଷର ଉନ୍ନତି ଘଟିଛି । ୨୦୦୧ରୁ ୨୦୦୫ ଏହି ପାଞ୍ଚବର୍ଷ ମଧ୍ୟରେ ପୁରୁଷଙ୍କ ଆୟୁଷ ୬୨.୩ବର୍ଷ ଥିବା ସମୟରେ ମହିଳାଙ୍କର ଆୟୁଷ ୬୩.୯ ବର୍ଷ ଥିଲା । ସେହିପରି ୨୦୧୧ ମସିହାରୁ ୨୦୧୫ ମସିହା ମଧ୍ୟରେ ପୁରୁଷଙ୍କ ଆୟୁଷ ୬୭. ୩ ବର୍ଷ ଥିବାବେଳେ ମହିଳାଙ୍କର ଆୟୁଷ ୬୯.୬ବର୍ଷ ଅଛି ।

ସେହିଭଳି ୨୦୧୧ ମସିହାରେ ଦେଶର ସାକ୍ଷରତା ହାର ମୋଟ ଶତକଡ଼ା ୭୪.୦୪ ଭାଗ ହୋଇଥିବା ବେଳେ ପୁରୁଷମାନଙ୍କର ସାକ୍ଷରତା ହାର ଶତକଡ଼ା ୮୨.୧୪ ଭାଗ ଓ ମହିଳାମାନଙ୍କର ହାର ଶତକଡ଼ା ୬୫.୪୬ ଭାଗ ଅଛି । କେରଳର ସାକ୍ଷରତା ହାର ଶତକଡ଼ା ୯୩.୯୧ ଭାଗ ଯାହା ସର୍ବୋଚ୍ଚ ଅଟେ ଏବଂ ବିହାରର ସାକ୍ଷରତା ହାର ଶତକଡ଼ା ୬୩.୮୨ ଭାଗ ଯାହା ସର୍ବନିମ୍ନ ଅଟେ ।

୨୦୦୧ରେ ପୁରୁଷମାନଙ୍କ କ୍ଷେତ୍ରରେ ସାକ୍ଷରତା ହାର ଶତକଡ଼ା ୭୫.୮୫ ଭାଗରୁ ୨୦୧୧ରେ ଶତକଡ଼ା ୮୨.୧୪ ଭାଗକୁ ବୃଦ୍ଧି ପାଇବା ଫଳରେ ସାକ୍ଷରତା ହାର ୬.୨୯ ବୃଦ୍ଧି ଘଟିଛି । ସେହିଭଳି ମହିଳାମାନଙ୍କ କ୍ଷେତ୍ରରେ ୨୦୦୧ରେ ଶତକଡ଼ା ୫୪.୧୬ଭାଗରୁ ୨୦୧୧ରେ ୬୫.୪୬କୁ ବୃଦ୍ଧିପାଇବା ଫଳରେ ସାକ୍ଷରତା ହାର ଶତକଡ଼ା ୧୧.୩ ବୃଦ୍ଧି ପାଇଛି ।

ଭାରତୀୟ ଜନସଂଖ୍ୟାରେ ବୃତ୍ତିଗତ ବଣ୍ଟନରୁ ଜଣାଯାଏ ଯେ ପ୍ରାଥମିକ କ୍ଷେତ୍ରରରେ ଶ୍ରମିକଙ୍କ ସଂଖ୍ୟା ଗୌଣ ଓ ତୃତୀୟସ୍ତର କ୍ଷେତ୍ରଠାରୁ ଯଥେଷ୍ଟ ଅଧିକ ଅଟେ । ଶ୍ରମରେ ଭାଗନେଇଥିବା ସମୁଦାୟ ଜନସଂଖ୍ୟାର ପ୍ରାୟ

୫୪.୬ ଭାଗ କୃଷକ ଓ କୃଷି ଶ୍ରମିକ ହୋଇଥିବା ବେଳେ ଶତକଡ଼ା ୩.୮ ଭାଗ ଘରୋଇ ଶିଳ୍ପରେ ନିଯୁକ୍ତ ଥାଆନ୍ତି ଓ ଶତକଡ଼ା ୪୧.୬ ଅନ୍ୟାନ ଶ୍ରମିକ (ଅଣ-ଘରୋଇ, ବାଣିଜ୍ୟ ବ୍ୟବସାୟ, ନିର୍ମାଣ ଓ ମରାମତି) ଅଟନ୍ତି । ମହିଳା ଶ୍ରମିକଙ୍କ ସଂଖ୍ୟା ପ୍ରାଥମିକ କ୍ଷେତ୍ରରେ ତୁଳନାତ୍ମକ ଭାବରେ ଅଧିକ ଅଟେ । ଅବଶ୍ୟ କିଛି ବର୍ଷ ମଧ୍ୟରେ ଗୌଣ ଓ ତୃତୀୟ ସ୍ତରରେ ମହିଳା ମାନଙ୍କର ସଂଖ୍ୟାରେ ଉନ୍ନତି ଘଟିଛି । ଶେଷ କିଛି ଦଶନ୍ଧି ଧରି ଭାରତରେ ଶ୍ରମିକମାନଙ୍କର ସଂଖ୍ୟା କୃଷି କ୍ଷେତ୍ରରେ ହ୍ରାସ ପାଇ ୨୦୦୧ରେ ଏହା ଶତକଡ଼ା ୫୮.୨ଭାଗ ଥିବାବେଳେ ୨୦୧୧ରେ ଏହା ଶତକଡ଼ା ୫୪.୬ ଭାଗରେ ପହଞ୍ଚିଛି ଏବଂ ଗୌଣ ଓ ତୃତୀୟସ୍ତର କ୍ଷେତ୍ରରେ ସେମାନଙ୍କର ସଂଖ୍ୟା ଅଧିକ ବୃଦ୍ଧି ପାଇଅଛି ।ଏଥିରୁ ସ୍ପଷ୍ଟ ଯେ ଶ୍ରମିକମାନେ କୃଷିଭିତ୍ତିକ ବୃତ୍ତିରୁ ଅଣ କୃଷିଭିତ୍ତିକ ବୃତ୍ତି ଉପରେ ନିର୍ଭର କରୁଛନ୍ତି ।

## ଭାରତୀୟ ସମାଜର ଭୌଗଳିକ ଗଠନ
## Geographical Composition Of Indian Society

ପୃଥିବୀର ଅନେକ ପ୍ରାଚୀନ ସଭ୍ୟତା ମଧ୍ୟରୁ ଭାରତୀୟ ସଭ୍ୟତା ଅନ୍ୟତମ । ଏହା ଏକ ବିଶାଳ ଉପମହାଦେଶ । ଏହା ବିଶ୍ୱର ସପ୍ତମ ବୃହତ୍ତମ ଦେଶ ଓ ଜନସଂଖ୍ୟା ଦୃଷ୍ଟିରୁ ଦ୍ୱିତୀୟ ଅଟେ । ଏହାର ଆୟତନ ୩୨,୮୭.୨୬୩ ବର୍ଗ କିଲୋମିଟର ଅଟେ । କାଶ୍ମିରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ ଏହି ଉପମହାଦେଶର ଉତ୍ତରରେ ହିମାଳୟ ପର୍ବତମାଳା, ଦକ୍ଷିଣରେ ଭାରତ ମହାସାଗର, ପୂର୍ବରେ ବଙ୍ଗୋପ ସାଗର ଏବଂ ପଶ୍ଚିମରେ ଆରବସାଗର ଓ ବିନ୍ଧ୍ୟ ପର୍ବତମାଳା ଏହାର ସୀମାରେଖା ନିର୍ଦ୍ଧାରଣ କରିଅଛି । ଭାରତର ଭୂଖଣ୍ଡ ୮Ú୪´ ଉତ୍ତର ୩୭Ú୬´ ଉତ୍ତର ସମାକ୍ଷାରେଖା ମଧ୍ୟରେ ଓ ୬୮Ú୭´ ପୂର୍ବ ଓ ୯୭Ú୨୫´ ଦ୍ରାଘିମା ମଧ୍ୟରେ ରହିଅଛି । ଭାରତ ଚାରିଗୋଟି ଭୌଗଳିକ ବିଭାଗକୁ ନେଇଗଠିତ ହୋଇଅଛି । ସେଗୁଡ଼ିକ ହେଲା ଉତ୍ତରସ୍ଥ ପର୍ବତମାଳା, ଉତ୍ତରସ୍ଥ ସମତଳ ଭୂମି, ଦାକ୍ଷିଣାତ୍ୟ ମାଳଭୂମି ଓ ବିଶାଳ ମରୁଭୂମି ।

**(କ) ଉତ୍ତରସ୍ଥ ପର୍ବତମାଳା :** ଭାରତର ଉତ୍ତର ସୀମାରେ ଅନେକଗୁଡ଼ିଏ ପର୍ବତ ଶ୍ରେଣୀ ଲମ୍ବିରହିଛି । ଏହାର ମୂଖ୍ୟାଂଶ ହେଲା ହିମାଳୟ ପର୍ବତମାଳା, ପାମିର ମାଳଭୂମିଠାରୁ କାଶ୍ମୀର ଅନ୍ତର୍ଗତ ସିନ୍ଧୁନଦୀ ପର୍ଯ୍ୟନ୍ତ ଲମ୍ବିଥିବା ପର୍ବତମାଳାକୁ କାରାକୋରମ ପର୍ବତଶ୍ରେଣୀ ଓ ସିନ୍ଧୁନଦୀ ଏବଂ ବ୍ରହ୍ମପୁତ୍ର ନଦୀ ମ୍ନରେ ଲମ୍ବିଥିବା ପର୍ବତମାଳାକୁ ହିମାଳୟ ପର୍ବତଶ୍ରେଣୀ କୁହାଯାଏ । ଏହି ବୃହତ ଅଞ୍ଚଳ ଭିତରେ କାଶ୍ମୀର, କାଙ୍ଗ୍ରା, ତେହେରୀ, କୁମାନେ, ନେପାଳ, ସିକିମ୍ ଓ ଭୁଟାନ୍ ଅବସ୍ଥିତ ।

**(ଖ) ଉତ୍ତରସ୍ଥ ସମତଳଭୂମି :** ଭାରତର ଦ୍ୱିତୀୟ ମୁଖ୍ୟ ଅଂଶଟି ଉତ୍ତରସ୍ଥ ବିଶାଳ ସମତଳ ଭୂମି ଅଟେ । ଏହି ଅଞ୍ଚଳ ସିନ୍ଧୁ, ଗଙ୍ଗା, ଓ ବ୍ରହ୍ମପୁତ୍ର ଏବଂ ଏହାର ଉପନଦୀ ଦ୍ୱାରା ଗଠିତ । ଏହି ନଦୀମାନେ ବିଶାଳ ଉପତ୍ୟକା ସୃଷ୍ଟି କରିଛନ୍ତି, ଯେଉଁଠାରେ ପଞ୍ଜାବ, ହରିଆଣା, ଉତ୍ତରପ୍ରଦେଶ, ଉତ୍ତରାଞ୍ଚଳ, ବିହାର ବଙ୍ଗଳା, ଓ ଆସାମ ଅବସ୍ଥିତ । ଏହି ନଦୀମାନଙ୍କର ଦ୍ୱାରା ଆନୀତ ପଟୁମାଟି ଦ୍ୱାରା ଏହି ଉର୍ବର ମୃତ୍ତିକା ବିଶିଷ୍ଟ ସମତଳଭୂମି ଗଠିତ ହୋଇଅଛି । ଉର୍ବର ମୃତ୍ତିକା, ଜଳସେଚନର ସୁବିଧା, ଅନୁକୂଳ ଜଳବାୟୁ ଯୋଗୁ ଏହି ସମତଳ ଭୂମି ଭାରତର ଏକ ମୁଖ୍ୟ କୃଷି ଉତ୍ପାଦନ ଅଞ୍ଚଳ ଭାବେ ପରିଚିତ ହୋଇଅଛି । ଏହି ଅଞ୍ଚଳଗୁଡ଼ିକ ଜନାକୀର୍ଣ୍ଣ ଅଟେ ଏବଂ ଏଠାକାର ଅଧିବାସୀମାନେ ସମୃଦ୍ଧ ଅଟନ୍ତି ।

**(ଗ) ଦାକ୍ଷିଣାତ୍ୟ ମାଳଭୂମି :** ଦାକ୍ଷିଣାତ୍ୟ ମାଳଭୂମି ଭାରତ ଭୂଭାଗର ପ୍ରାଚୀନତମ ଅଞ୍ଚଳ । ଏହି ମାଳଭୂମି ଦୁଇଭାଗରେ ବିଭକ୍ତ ହୋଇଅଛି । ଯଥା–କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳ(Central Highlands) ଅନ୍ୟଟି ଦାକ୍ଷିଣାତ୍ୟ ମାଳଭୂମି (Deccan Plateau) ମାଳୱା ମାଳଭୂମି କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳର ଅଂଶବିଶେଷ । ଏହାର ଉତ୍ତର ପଶ୍ଚିମରେ ଆରାବଳୀ ପର୍ବତଶ୍ରେଣୀ ଦକ୍ଷିଣରେ ବିନ୍ଧ୍ୟ ପର୍ବତ ଅବସ୍ଥିତ । ଦାକ୍ଷିଣାତ୍ୟ ମାଳଭୂମିର ଆକାର ତ୍ରିଭୂଜ ପରି । ସାତପୁରା ପର୍ବତଶ୍ରେଣୀ ଏହାର ପ୍ରଶସ୍ତ ଉତ୍ତରସୀମା ନିର୍ଦ୍ଧାରଣ କରୁଥିବାବେଳେ ପଶ୍ଚିମଘାଟ ପର୍ବତମାଳା ଓ ପୂର୍ବଘାଟ ପର୍ବତମାଳା ଯଥାକ୍ରମେ ପଶ୍ଚିମ ଓ ପୂର୍ବସୀମା ନିର୍ଦ୍ଧାରଣ କରିଥାଆନ୍ତି ।

**(ଘ) ମରୁଭୂମି :** ସେହିପରି ରାଜସ୍ଥାନରେ ଭାରତର ବିଶାଳ ମରୁଭୂମି ଅଞ୍ଚଳ ଅବସ୍ଥିତ । ଏହା ବାଲୁକାପୂର୍ଣ୍ଣ ଅଞ୍ଚଳ ଅଟେ । ଏହାର ଜଳବାୟୁ ଶୁଷ୍କ ଏଠାରେ କଣ୍ଟାଳିଆ ବୁଦାଜାତୀୟ ଉଦ୍ଭିଦ ଦେଖାଯାଏ ।

ଭାରତର ଏହି ଭୌଗଳିକ ପରିବେଶ ସହିତ କେତେଗୁଡ଼ିଏ ଛୋଟ ବଡ଼ ଦ୍ୱୀପପୁଞ୍ଜ ରହିଛି । ଆଣ୍ଡାମାନ ଓ ନିକୋବର ଏକ ମୁଖ୍ୟ ଦ୍ୱୀପପୁଞ୍ଜ ଅଟେ । ସାମରିକ ଦୃଷ୍ଟିକୋଣରୁ ଏହି ଦ୍ୱୀପପୁଞ୍ଜ ଦେଶପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏଠାରେ ବହୁପ୍ରକାରର ଉଦ୍ଭିଦ ଓ ପ୍ରାଣୀଜଗତ ଦୃଶ୍ୟ ହୋଇଥାଏ ।

ଭୌଗଳିକ ଦୃଷ୍ଟିକୋଣରୁ ଏହା ସ୍ପଷ୍ଟ ଯେ ପ୍ରତ୍ୟେକ ଅଞ୍ଚଳ ଅନ୍ୟଠାରୁ ଭିନ୍ନ ପ୍ରତ୍ୟେକର ବିଶେଷତ୍ୱ ଓ ସ୍ୱତନ୍ତ୍ରତା ରହିଛି । କିନ୍ତୁ ପ୍ରତ୍ୟେକ ଅନ୍ୟଟିର ପରିପୂରକ । ପ୍ରତ୍ୟେକ ଭାରତର ପ୍ରାକୃତିକ ସମ୍ବଳକୁ ସମୃଦ୍ଧ କରିଛନ୍ତି । ହିମାଳୟ ପର୍ବତ ଅରଣ୍ୟ ଓ ଜଳସମ୍ପଦରେ ପରିପୂର୍ଣ୍ଣ, ସମତଳଭୂମି ଗୁଡ଼ିକ ଭାରତର ଶସ୍ୟଗାର । ମାଳଭୂମି ଖଣିଜ ସମ୍ପଦରେ ଭରପୁର ଯାହାଦ୍ୱାରା ଭାରତର ଶିଳ୍ପାୟନ କ୍ଷେତ୍ରରେ ସେଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଓ ଦ୍ୱୀପପୁଞ୍ଜଗୁଡ଼ିକ ବନ୍ଦର ଓ ମତ୍ସ୍ୟ ଉତ୍ପାଦନ ପାଇଁ ପ୍ରକୃଷ୍ଟ ଅଟନ୍ତି । ତେଣୁ ଭୌଗଳିକ ପରିବେଶ ଭାରତରେ ଉଜ୍ଜଳମୟ ଭବିଷ୍ୟତ ସୃଷ୍ଟି କରିଅଛି ।

## ଭାରତୀୟ ସମାଜର ପ୍ରଜାତୀୟ ଗଠନ
## Racial composition of Indian Society

ଭାରତୀୟ ମସାଜ,ବିଭିନ୍ନ ପ୍ରକାର ପ୍ରଜାତିର ଲୋକମାନଙ୍କୁ ନେଇ ଗଠିତ । ସମଗ୍ର ବିଶ୍ୱର ପ୍ରମୁଖ ପ୍ରଜାତିଗୁଡିକ ଭାରତରେ ଦେଖିବାକୁ ମିଳିଥାଏ । ତେଣୁ ଭାରତକୁ ପ୍ରଜାତିମାନଙ୍କର ଏକ ସଂଗ୍ରହାଳୟ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ଭାରତୀୟ ସମାଜର ଏକ ବିଶେଷ ଲକ୍ଷଣ ଅଟେ । ଭାରତୀୟ ଜନସଂଖ୍ୟାର ଅଧିକାଂଶ ଅଧିବାସୀ ହିମାଳୟ ମଧଦେଇ ଆସିଥିବା ପ୍ରଜାତିଙ୍କର ବଂଶଧର ଅଟନ୍ତି । ଏହି ପ୍ରଜାତିଗୁଡିକ ମୁଖ୍ୟତଃ ପାଶ୍ଚାତ୍ୟ ଓ ପ୍ରାଚ୍ୟ ଦିଗରୁ ଆସିଅଛନ୍ତି । ଯଦିଓ ଭାରତ ଗୋଟିଏ ପଟରେ ହିମାଳୟ ଓ ଅନ୍ୟ ତିନି ପଟରେ ସମୁଦ୍ର ଦ୍ୱାରା ବିଶ୍ୱର ଅନ୍ୟାନ ଅଞ୍ଚଳଠାରୁ ବିଛିନ୍ନ ହୋଇଅଛି, ତଥାପି ବିଭିନ୍ନ ଅଞ୍ଚଳରେ ପ୍ରଜାତି ଭାରତକୁ ଆସି ସେଠାରେ ବସତି ସ୍ଥାପନ କରିବାର ଦେଖିବାକୁ ମିଳିଥାଏ । ଏହି ପ୍ରଜାତୀୟ ଅଧିବାସୀଙ୍କ ପ୍ରବେଶ ଯୋଗୁଁ ଭାରତୀୟ ସମାଜରେ ବିଭିନ୍ନ ପ୍ରକାର ପ୍ରଜାତୀୟ ସମୂହ ସୃଷ୍ଟି ହୋଇଅଛି । ସେଥିପାଇଁ ପ୍ରଖ୍ୟାତ ସମାଜବିଜ୍ଞାନୀ ସି.ବି ମେମୋରିଆଙ୍କ ମତରେ "ଭାରତର ଜନସଂଖ୍ୟା ବିଶ୍ୱର ଅନେକ ପ୍ରାଚୀନ ପ୍ରଜାତିମାନଙ୍କୁ ଧରି ରଖିଥାଏ ଯାହାକି ଅନ୍ୟ କୌଣସିଠାରେ ପରିଲକ୍ଷିତ ହୁଏ ନାହିଁ ।"

ସାଧାରଣତଃ ପ୍ରଜାତି କହିଲେ ଏକ ପ୍ରକାର ଜନସମୂହକୁ ବୁଝାଇଥାଏ । ଏକ ସ୍ୱତନ୍ତ୍ର ଓ ନିର୍ଦ୍ଦିଷ୍ଟ ଶାରିରୀକ ଓ ମାନସିକ ଲକ୍ଷଣ ଗୁଡିକରେ ସମାନତା ପରିଲକ୍ଷିତ ହେଉଥିବା ଏକ ସମୂହକୁ ପ୍ରଜାତି କୁହାଯାଏ । ଯଥା, ଶାରୀରିକ ଉଚ୍ଚତା, ମୁଖ ଓ ନାକର ଆକାର, ମୁଣ୍ଡ ଇତ୍ୟାଦି ଭିନ୍ନ ଭିନ୍ନ ହୋଇଥାଏ ।

ଏ ଡବଲ୍ୟୁ ଗ୍ରୀନ (A.W. Green) ଙ୍କ ମତରେ ଏକ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ପାର୍ଥକ୍ୟ ଥିବା ଏବଂ ବହୁଗୁଡିଏ ସ୍ୱତନ୍ତ୍ର ବଂଶଗତ ଗୁଣଗୁଡିକୁ ଧାରଣ କରିଥିବା ଏକ ବୃହତ୍ ଜୈବିକ ମାନବ ସମୂହକୁ ପ୍ରଜାତି କୁହାଯାଏ ।

(A race is a large biological human grouping with a number of distinctive, inherited characteristics which vary within a certain range)

ଏ. ଏଲ୍ କ୍ରୋବର୍ (A.L. Krober) ଙ୍କ ମତରେ " ପ୍ରଜାତି ହେଉଛି ଏକ ବିଧିବଦ୍ଧ ଜୈବିକ ସମ୍ପ୍ରତୟ" । ଏହା ଏକ ସମୂହ ଯାହା ବଂଶ, ସନ୍ତାନ, ଜନ୍ମ କିମ୍ବା ବଂଶଗତ ଗୁଣ ବା ଉପଜାତି ଆଦି ସଂପ୍ରତୟ ଦ୍ୱାରା ଏକତ୍ରିତ ହୋଇଥାଏ । (A race is valid biological concept. it is a group united by heredity. a breed or genetic strain or subspecies) ବିଭିନ୍ନ ସମାଜବିଜ୍ଞାନୀ ଓ ନୃତତ୍ତ୍ୱବିତ୍‌ମାନେ ଭାରତୀୟ ପ୍ରଜାତିର ବର୍ଗୀକରଣ ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ପ୍ରଦାନ କରିଛନ୍ତି । ସେମାନେ ହେଲେ ସାର୍ ହର୍ବର୍ଟ ରିସ୍‌ଲେ, ଜେ.ଏଚ୍.ହଟନ୍, ଏ.ସି.ହଡନ୍, ଡି ଏନ୍ ମଜୁମ୍‌ଦାର ଏବଂ ବି ଏସ୍ ଗୁହା ଇତ୍ୟାଦି ଅଟନ୍ତି ।

## ହର୍ବଟ୍ ରିସ୍‌ଲେଙ୍କ ପ୍ରଜାତୀୟ ବର୍ଗୀକରଣ

## Herbert Risley's Racial Classification

ହର୍ବର୍ଟ୍ ରିସ୍‌ଲେ ସର୍ବପ୍ରଥମେ ଭାରତୀୟ ପ୍ରଜାତିର ବର୍ଗୀକରଣ କରିଥିଲେ । ତାଙ୍କର ଏହି ବିଭାଜନ ବୈଜ୍ଞାନିକ ସତ୍ୟତା ଉପରେ ପ୍ରତିଷ୍ଠିତ । ସେ ପ୍ରଜାତିକୁ ସାତ ଭାଗରେ ବିଭକ୍ତ କରିଛନ୍ତି । ସେଗୁଡିକ ହେଲା:-

**୧. ତୁର୍କୋ ଇରାନିଆନ୍ (Turko Iranian Race) :** ରିସ୍‌ଲେଙ୍କ ମତରେ ଏହି ପ୍ରକାରର ପ୍ରଜାତି ମୁଖ୍ୟତଃ ବେଲୁଚିସ୍ଥାନ ଓ ଆଫଗାନିସ୍ଥାନ ରେ ଦେଖାଯାଇଥାନ୍ତି । ଏହି ଦୁଇ ରାଷ୍ଟ୍ର ବର୍ତ୍ତମାନ ଭାରତୀୟ ସୀମା ବାହାରେ ଅବସ୍ଥିତ ଅଛନ୍ତି । ଏମାନେ ଦେଖିବାକୁ ଗୌର ବର୍ଣ୍ଣ ଓ ଉଚ୍ଚ ଅଟନ୍ତି ।

**୨. ଇଣ୍ଡୋ ଆର୍ଯ୍ୟ ପ୍ରଜାତି (Indo Aryan Race) :** ରିସ୍‌ଲେଙ୍କ ମତରେ ଇଣ୍ଡୋ ଆର୍ଯ୍ୟ ପ୍ରଜାତି ସାଧାରଣତଃ ଭାରତର ପୂର୍ବ ପଞ୍ଜାବ, ରାଜସ୍ଥାନ ଏବଂ କାଶ୍ମୀର ପ୍ରଭୃତି ଅଞ୍ଚଳରେ ବସବାସ କରନ୍ତି । ରାଜପୁତ, କ୍ଷତ୍ରି ଓ ଜାଠ୍ ଆଦି ପ୍ରଜାତିମାନେ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ଅଟନ୍ତି ।

**୩. ସ୍କିଥୋ- ଦ୍ରାବିଡୀୟ ପ୍ରଜାତି ( Scytho Dravidian Race) :** ଏହି ପ୍ରଜାତି ମୁଖ୍ୟତଃ ସ୍କିଥିଆନସ୍ ଏବଂ ଦ୍ରାବିଡୀୟ ପ୍ରଜାତିର ଲୋକମାନଙ୍କୁ ନେଇ ଗଠିତ । ଏହି ପ୍ରଜାତିଗୁଡିକ ସୌରାଷ୍ଟ୍ର, କୁର୍ଗ ଏବଂ ମଧ୍ୟପ୍ରଦେଶର ପାର୍ବତ୍ୟଅଞ୍ଚଳରେ ଦେଖିବାକୁ ମିଳିଥାନ୍ତି । ଏଠିକାର ଉଚ୍ଚଜାତିର ଲୋକମାନେ ସ୍କିଥିଆନ୍ ଭାବେ ପରିଚିତ ହେଉଥିବାବେଳେ ନିମ୍ନସ୍ତରର ଲୋକମାନେ ଦ୍ରାବିଡୀୟ ଭାବେ ପରିଚିତ ହୋଇଥାନ୍ତି । ଏହି ପ୍ରଜାତିମାନେ ଗୌର ବର୍ଣ୍ଣ ଓ ଚଉଡା ଆକୃତିର ମୁଣ୍ଡ ହୋଇଥାନ୍ତି ।

**୪. ଆର୍ଯ୍ୟ ଦ୍ରାବିଡୀୟ ପ୍ରଜାତି (Arya dravidian Race) :** ଇଣ୍ଡୋ ଆର୍ଯ୍ୟ ଓ ଦ୍ରାବିଡୀୟ ପ୍ରଜାତିର ସମ୍ମିଶ୍ରଣକୁ ଆର୍ଯ୍ୟ ଦ୍ରାବିଡୀୟ ପ୍ରଜାତି କୁହାଯାଏ । ଏହି ପ୍ରଜାତୀୟ ଲୋକମାନେ ଭାରତର ଉତ୍ତରପ୍ରଦେଶ ଓ ବିହାର ରାଜ୍ୟରେ ଦେଖାଯାଇଥାନ୍ତି । ବ୍ରାହ୍ମଣ ଓ ଅନ୍ୟାନ ଉଚ୍ଚଜାତିର ଲୋକମାନେ ଆର୍ଯ୍ୟ ପ୍ରଜାତିତ ହୋଇଥିବାବେଳେ ହରିଜନ ଓ ନିମ୍ନଜାତିର ଲୋକମାନେ ମୁଖ୍ୟତଃ ଦ୍ରାବିଡୀୟ ପ୍ରଜାତି ଅଟନ୍ତି ।

**୫. ମଙ୍ଗୋଲ୍ ଦ୍ରାବିଡୀୟ ପ୍ରଜାତି (Mangolo Dravidian Race) :** ଏହି ପ୍ରଜାତି ଉଭୟ ମଙ୍ଗୋଲୋ ଓ ଦ୍ରାବିଡୀୟ ପ୍ରଜାତିର ଅନ୍ତଃମିଶ୍ରଣ ଦ୍ୱାରା ସୃଷ୍ଟି ହୋଇଛି । ଏହି ପ୍ରଜାତି ଓଡିଶା ଓ ପଶ୍ଚିମବଙ୍ଗ ରାଜ୍ୟରେ ଦେଖାଯାଇଥାନ୍ତି । ଓଡିଶା ଓ ପଶ୍ଚିମବଙ୍ଗର ବ୍ରାହ୍ମଣ ଓ କାୟସ୍ଥମାନେ ଏହି ପ୍ରଜାତୀୟ ଅଟନ୍ତି ।

**୬. ମଙ୍ଗୋଲୀୟ ପ୍ରଜାତି (Mongoloid Race) :** ମଙ୍ଗୋଲୀୟ ପ୍ରଜାତିର ଲୋକମାନେ ଭାରତର ଉତ୍ତରପୂର୍ବ ପ୍ରାନ୍ତୀୟ ଅଞ୍ଚଳରେ ଏବଂ ଆସାମର ଜନଜାତିର ଲୋକମାନଙ୍କ ମଧ୍ୟରେ ଦେଖାଯାଇଥାନ୍ତି ।

**୭. ଦ୍ରାବିଡୀୟ ପ୍ରଜାତି (Dravidian race)** : ଏହି ପ୍ରଜାତିର ଲୋକମାନେ ମୁଖ୍ୟତଃ ଦକ୍ଷିଣଭାରତ ଏବଂ ମଧ୍ୟପ୍ରଦେଶର ବିଭିନ୍ନ ଅଞ୍ଚଳରେ ଦେଖାଯାଇଥାନ୍ତି । ଏମାନଙ୍କର ଶରୀରର ରଙ୍ଗ କଳା ଅଟେ ।

ରିସ୍‌ଲେଙ୍କଦ୍ୱାରା ପ୍ରଦତ୍ତ ପ୍ରଜାତୀୟ ବିଭାଗୀକରଣ ନୃତତ୍ତ୍ୱ ବିଜ୍ଞାନୀ ମାନଙ୍କଦ୍ୱାରା ଗ୍ରହଣୀୟ ହୋଇପାରି ନଥିବାରୁ ସମାଜ ବିଜ୍ଞାନୀ ମାନେ ପ୍ରଜାତିର ଭିନ୍ନ ଭିନ୍ନ ବର୍ଗୀକରଣ ପ୍ରଦାନ କରିଛନ୍ତି ।

### ବି. ଏସ୍. ଗୁହାଙ୍କ ପ୍ରଜାତୀୟ ବର୍ଗୀକରଣ (Racial Classification of B.S Guha)

ବିଭିନ୍ନ ପ୍ରଜାତୀୟ ବର୍ଗୀକରଣକୁ ଅନୁଧ୍ୟାନ କରି ବି. ଏସ୍. ଗୁହା ନିଜସ୍ୱ ପ୍ରଜାତୀୟ ବର୍ଗୀକରଣ ପ୍ରଦାନ କରିଛନ୍ତି, ଯାହା ଅନେକଙ୍କ ଦ୍ୱାରା ଗ୍ରହଣୀୟ ହୋଇଅଛି । ସେ ଭାରତୀୟ ଜନସଂଖ୍ୟାଙ୍କୁ ନିମ୍ନୋକ୍ତ ଛଅ ଭାଗରେ ବିଭକ୍ତ କରିଛନ୍ତି ।

**୧. ନିଗ୍ରୀଟୋ (The Nigrito) :** ଗୁହାଙ୍କ ମତରେ ଭାରତୀୟ ଜନସଂଖ୍ୟାର ନିଗ୍ରୀଟେମାନଙ୍କର ଉପସ୍ଥିତି ନେଇ ନୃବିଜ୍ଞାନୀ- ମାନଙ୍କ ମଧ୍ୟରେ ମତପାର୍ଥକ୍ୟ ପରିଲକ୍ଷିତ ହୋଇଅଛି । କେତେକ ନୃବିଜ୍ଞାନୀମାନଙ୍କ ମତରେ ଭାରତୀୟ ଜନସଂଖ୍ୟାରେ ନିଗ୍ରୀଟେ ପ୍ରଜାତିମାନେ ଅଛନ୍ତି ଏବଂ ଏମାନେ ଆଣ୍ଡାମାନ୍ ଦ୍ୱୀପପୁଞ୍ଜରେ ପରିଲକ୍ଷିତ ହୋଇଥାନ୍ତି । ଏତଦ୍‌ବ୍ୟତୀତ ଏହି ପ୍ରଜାତି ଦକ୍ଷିଣ ଭାରତୀୟ ଜନଜାତି ମଧ୍ୟରେ, ବିହାରର ରାଜମହଲ ପର୍ବତରେ ଥିବା ନାଗା ଜନଜାତି ଏବଂ ଉତ୍ତର ପୂର୍ବ ଅଞ୍ଚଳର ଆସାମ ଓ ବର୍ମା ମଧ୍ୟରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ନିଗ୍ରୀଟୋ ରକ୍ତ ପ୍ରବାହିତ ହେଉଥିବାର ଅନୁମାନ କରାଯାଇଅଛି ।

କିନ୍ତୁ ଅନ୍ୟକେତେକଙ୍କ ମତରେ ଭାରତୀୟ ଜନସଂଖ୍ୟାରେ ନିଗ୍ରୀଟୋ ଉପାଦାନ ଥିବାର କୌଣସି ସଠିକ୍ ଓ ଗ୍ରହଣଯୋଗ୍ୟ ପ୍ରମାଣ ନାହିଁ । ଯେଉଁ ସାମାନ୍ୟ ପ୍ରମାଣ ଅଛି ସେହି ସୂଚନା ଯଥେଷ୍ଟ ନୁହେଁ । ତେବେ ବିଭିନ୍ନ ପ୍ରକାର ବିବାଦୀୟ ମତ ସତ୍ତ୍ୱେ ଏହା ନିଃସନ୍ଦେହରେ ଗ୍ରହଣ କରିବାକୁ ହେବ ଯେ ଅତୀତରେ ନିଗ୍ରୀଟୋ

ପ୍ରଜାତିମାନଙ୍କର ଉପସ୍ଥିତି ଅନୁମାନ କରାଯାଉଥିଲେ ମଧ୍ୟ ସେମାନଙ୍କର ଭାରତରେ ଖୁବ୍ କମ୍ ଉପାଦାନ ରହିଅଛି ।

**୨. ପ୍ରୋଟୋ ଅଷ୍ଟ୍ରେଲିୟ ପ୍ରଜାତି (Proto Austroloid Race) :** ବି.ଏସ୍. ଗୁହାଙ୍କ ମତରେ ପ୍ରୋଟୋଅଷ୍ଟ୍ରେଲିଅମାନେ ଭାରତୀୟ ଜନସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଜାତି ଅଟନ୍ତି । ଏହି ପ୍ରକାର ପ୍ରଜାତି ବିଶେଷ ଭାବେ ଭାରତର ଜନଜାତିମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥାଏ । ଏମାନଙ୍କୁ ପ୍ରାକ୍-ଦ୍ରାବିଡୀୟ ପ୍ରଜାତି ବୋଲି କୁହାଯାଇଥାଏ । ଭାରତରେ ଚେଞ୍ଚୁ, ମୁଣ୍ଡା, ସାନ୍ତାଳ, ଜୁଆଙ୍ଗ, ପରଜା ଓ ଗୋଣ୍ଡ୍ ପ୍ରଭୃତି ଏହି ପ୍ରଜାତିର ଅଟନ୍ତି ।

**୩. ମଙ୍ଗୋଲୀୟ ପ୍ରଜାତି (Mngoloid Race) :** ଏହି ମଙ୍ଗୋଲୀୟ ପ୍ରଜାତି ଉତ୍ତର ପଶ୍ଚିମ ଚୀନ୍ ଦେଇ ଭାରତରେ ପ୍ରବେଶ କରିବାର ପରିଲକ୍ଷିତ ହୋଇଥାଏ । ଏହି ପ୍ରକାର ପ୍ରଜାତିର ଲୋକମାନେ ଭାରତର ଉତ୍ତର ପୂର୍ବାଞ୍ଚଳରେ ଦେଖାଯାଇଥାନ୍ତି । ମଙ୍ଗୋଳୀୟ ପ୍ରଜାତି ଦୁଇଭାଗରେ ବିଭକ୍ତ, ଯଥା – ପାଲିଓ-ମଙ୍ଗୋଲୀୟ ଏବଂ ତିବତ୍ତୀୟ-ମଙ୍ଗୋଳୀୟ ।

(କ) ପାଲିଓ-ମଙ୍ଗୋଳୀୟ (Palaeo Mongoloid) : ଏହି ପ୍ରଜାତି ଦୁଇ ଗୋଟି ଉପଜାତିରେ ବିଭକ୍ତ ହୋଇଅଛି ଯଥା- ଲମ୍ୱାମୁଣ୍ଡ ଶ୍ରେଣୀୟ ଏବଂ ଓସାରିଆ ମୁଣ୍ଡ ଶ୍ରେଣୀୟ । "ଅଙ୍ଗାମୀ ନାଗାମାନେ ଲମ୍ୱାମୁଣ୍ଡ ଶ୍ରେଣୀୟ ପ୍ରଜାତିର ଅନ୍ତର୍ଭୁକ୍ତ, କିନ୍ତୁ ପ୍ରଶସ୍ତ ବା ଓସାରିଆ ମୁଣ୍ଡ ଶ୍ରେଣୀୟ ପାଲିଓ ମଙ୍ଗୋଲୀୟ ପ୍ରଜାତି କାଶ୍ମୀରଠାରୁ ଆସାମ ମଧ୍ୟରେ ଥିବା ହିମାଳୟର ପାଦ ଦେଶରେ ଦେଖାଯାଇଥାନ୍ତି ।

(ଖ) ତିବତ୍ତୀୟ-ମଙ୍ଗୋଳୀୟ (Tibeto Mongloid) : ତିବତ୍ତୀୟ ମଙ୍ଗୋଳୀୟମାନେ ସାଧାରଣତଃ ସିକିମ୍ ଓ ଭୁଟାନ୍‌ରେ ଦେଖାଯାଇଥାନ୍ତି ।

**୪. ମେଡିଟେରାନୀୟ ପ୍ରଜାତି (The Mediterranean Race) :** ମେଡିଟେରାନିୟ ପ୍ରଜାତି ଭାରତବର୍ଷର ଏକ ମୁଖ୍ୟ ପ୍ରଜାତି ଅଟେ । ପୂର୍ବରୁ ଏହି ପ୍ରଜାତି ସାରା ଭାରତବର୍ଷରେ ପରିଲକ୍ଷିତ ହେଉଥିଲା । କିନ୍ତୁ ବର୍ତ୍ତମାନ ଏହି ପ୍ରଜାତି ଗୁଡିକ ମୁଖ୍ୟତଃ ଦକ୍ଷିଣ ଭାରତରେ ଦେଖାଯାଉଅଛନ୍ତି । ଦକ୍ଷିଣ ଭାରତର ଦ୍ରାବିଡ ଭାଷା ବ୍ୟବହାର କରୁଥିବା ପରିବାର ଏହି ପ୍ରଜାତି ଅନ୍ତର୍ଭୁକ୍ତ ଅଟନ୍ତି । ଏହି ପ୍ରଜାତିମାନେ ତିନି ଭାଗରେ ବିଭକ୍ତ ଯଥା:- ପାଲିଓ ମେଡିଟେରାନୀୟ, ମେଡିଟେରାନୀୟ ଏବଂ ପ୍ରତ୍ୟଦେଶୀୟ ।

(କ) ପାଲିଓ ମେଡିଟେରାନୀୟ ପ୍ରଜାତି (Palaeo Mediteranian Race) : ଦକ୍ଷିଣ ଭାରତର ତେଲୁଗୁ ଓ ତାମିଲ୍ ବ୍ରାହ୍ମଣମାନେ ଏହି ପ୍ରଜାତିର ଅନ୍ତର୍ଭୁକ୍ତ ।

(ଖ) ମେଡିଟେରାନୀୟ (Mediteranian) : ଏହି ପ୍ରଜାତି ଭାରତ ବର୍ଷର ପ୍ରଭାବଶାଳୀ ପ୍ରଜାତିମାନଙ୍କ ମଧ୍ୟରୁ ଅନ୍ୟତମ । ସିନ୍ଧୁ ସଭ୍ୟତାର ବିର୍କୀଣ କ୍ଷେତ୍ରରେ ଏହି ପ୍ରଜାତି ମୁଖ୍ୟ ଭୂମିକା ଗ୍ରହଣ କରିଛି, କାରଣ ଏମାନେ ସିନ୍ଧୁ ସଭ୍ୟତାର ପ୍ରତିଷ୍ଠାତା ଥିଲେ ବୋଲି ବିଶ୍ୱାସ କରାଯାଏ ।

(ଗ) ପ୍ରାଚ୍ୟଦେଶୀୟ ପ୍ରଜାତି (The Oriental) : ଏହି ପ୍ରକାର ଉପଜାତି ମେଡିଟେରାନିଆନ୍ ପ୍ରଜାତି ସହିତ ସମାନ ଅଟନ୍ତି । ଉଭୟଙ୍କ ମଧ୍ୟରେ ବହୁ ସାମଞ୍ଜସ୍ୟ ରହିଅଛି ।

**୫. ପାଷ୍ଚାତ୍ୟ ବ୍ରାଚୀସେଫାଲସ୍ (Western Brachycephals) :** ଏହି ପ୍ରକାର ପ୍ରଜାତି ପଶ୍ଚିମ ଦିଗରୁ ଭାରତକୁ ପ୍ରବେଶ କରିଥିଲେ । ଏହି ପ୍ରଜାତି ତିନି ଭାଗରେ ବିଭକ୍ତ : ଯଥା-ଆଲପିନଏଡ୍, ଡିନାରିକ୍ ଓ ଆର୍ମିନଏଡ୍ ।

(କ) ଆଲ୍ପିନ୍ଏଡ (Alpinoid) : ଏହି ପ୍ରଜାତି ସାଧାରଣତଃ ଭାରତର ସୌରାଷ୍ଟ୍ର, ଗୁଜୁରାଟ ଓ ବଙ୍ଗଳାରେ ଦେଖିବାକୁ ମିଳିଥାନ୍ତି ।

(ଖ) ଡିନାରିକ୍ (Dinaric) : ଓଡିଶା, ବଙ୍ଗଳା ଓ କୁର୍ଗ ଅଞ୍ଚଳରେ ଡିନାରିକ୍ ପ୍ରଜାତି ବିଶେଷ ଭାବରେ ପରିଦୃଷ୍ଟ ହୋଇଥାନ୍ତି ।

(ଗ) ଆର୍ମିନଏଡ୍ ( Armenoid) : ଆର୍ମିନିଏଡ୍ ପ୍ରଜାତି ଉତ୍ତର ଭାରତର ପ୍ରାୟ ବସବାସ କରିଥାନ୍ତି । ନିର୍ଦ୍ଦିଷ୍ଟ ଭାବେ କହିଲେ ବମ୍ବେ ଅଞ୍ଚଳରେ ପାର୍ସୀମାନେ ଏହି ପ୍ରକାର ପ୍ରଜାତିର ପ୍ରକୃତ ପ୍ରତିନିଧି ଅଟନ୍ତି ।

**୬. ନରଡିକ୍ ପ୍ରଜାତି (The Nordic) :** ଏହା ବିଶ୍ୱାସ ଯୋଗ୍ୟ ଯେ ଏହି ପ୍ରକାର ପ୍ରଜାତି ଉତ୍ତର ଦିଗରୁ ଭାରତବର୍ଷକୁ ଆସିଥିଲେ । ବର୍ତ୍ତମାନ ଏହି ପ୍ରଜାତି ଉତ୍ତର ଭାରତରେ ମେଡିଟେରାନୀୟ ପ୍ରଜାତି ସହିତ ମିଶ୍ରିତ ରୂପ ନେଇ ପରିଦୃଷ୍ଟ ହେଉଛନ୍ତି । ଗୁହାଙ୍କ ମତରେ ଭାରତୀୟ ସଂସ୍କୃତି ପ୍ରତି ଏହି ପ୍ରଜାତିର ଯଥେଷ୍ଟ ଅବଦାନ ରହିଛି । ଆର୍ଯ୍ୟଭାଷା ଭାରତୀୟ ସାମାଜିକ ଜୀବନ ପ୍ରତି ନରଡିକ୍ ପ୍ରଜାତିର ଏକ ମୁଖ୍ୟ ଦାନ । ଏହି ପ୍ରଜାତିର ଲୋକମାନେ ଭାରତୀୟ ସଂସ୍କୃତି ଓ ଦର୍ଶନଶାସ୍ତ୍ରକୁ ପରିପୁଷ୍ଟ କରିଥିବାର ଅନୁମାନ କରାଯାଏ । ଏମାନେ ଘୋଡା ଓ ଲୁହାର ସୃଷ୍ଟି ଇତ୍ୟାଦି ଜ୍ଞାନ ପ୍ରଦାନ କରିଥିଲେ ।

ବି.ଏସ୍. ଗୁହାଙ୍କ ମତରେ ଏହି ଛଅଗୋଟି ପ୍ରଜାତି ମଧ୍ୟରୁ ୩ ଗୋଟି ପ୍ରଜାତି ଯଥା-ନିଗ୍ରୀଟୋ, ପ୍ରୋଟୋଅଷ୍ଟ୍ରେଲୀୟ ଓ ମଙ୍ଗୋଲୀୟଙ୍କୁ ନେଇ ଭାରତୀୟ ଜନଜାତୀୟ ସମୂହଗୁଡିକ ଗଠିତ । ଶେଷ ୩ ଗୋଟି ପ୍ରଜାତି ଯଥା- ମେଡିଟେରାନୀୟ, ପାଶ୍ଚାତ୍ୟ ବ୍ରାଚିସେଫାଲ ଏବଂ ନରଡିକ୍ମାନଙ୍କୁ ନେଇ ଭାରତର ସାଧାରଣ ଜନସଂଖ୍ୟା ଗଠିତ ଅଟେ ।

ଏ.ସି ହଡନ୍ ଭାରତୀୟ ଜନସଂଖ୍ୟାକୁ ପାଞ୍ଚଗୋଟି ପ୍ରଜାତୀୟ ସମୂହରେ ବିଭକ୍ତ କରିଛନ୍ତି । ସେଗୁଡିକ ହେଲା:- (୧) ପ୍ରାକ୍-ଦ୍ରାବିଡୀୟ, (୨) ଦ୍ରାବିଡୀୟ (୩) ଇଣ୍ଡୋ ଆର୍ଯ୍ୟ (୪) ଇଣ୍ଡୋ ଆଲ୍ପାଇନ୍ (୫) ମଙ୍ଗୋଲୀୟ ।

ଜେ. ଏଚ୍ ହଟନ୍ ଭାରତୀୟ ପ୍ରଜାତିର ଏକ ବର୍ଗୀକରଣ ପ୍ରଦାନ କରିଛନ୍ତି । ତାଙ୍କ ମତରେ ନିଗ୍ରୀଟୋ ପ୍ରଜାତି ହିଁ ପ୍ରଥମେ ଭାରତକୁ ପ୍ରବେଶ କରିଥିଲେ । ତାଙ୍କ ପରେ ଅଷ୍ଟ୍ରେଲୀୟ ପ୍ରଜାତି ଏବଂ ପ୍ରାକ୍ ଦ୍ରାବିଡୀୟ ପ୍ରଜାତି ଭାରତକୁ ଆଗମନ କରିଥିଲେ । ଏହାପରେ ମେଡିଟେରାନୀୟ ପ୍ରଜାତି ସିନ୍ଧୁ ଉପତ୍ୟାକାରେ ବସତିସ୍ଥାପନ କରିଥିଲେ । ସେମାନଙ୍କ ପରେ ଆର୍ମିନଏଡ୍, ବ୍ରାଚି ସେଫାଲ୍ ଓ ମଙ୍ଗୋଲୀୟମାନେ ଆଗମନ କରିଥିଲେ ।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ ଭାରତୀୟ ଜନସଂଖ୍ୟା ବିଶ୍ୱର ସମସ୍ତ ମୁଖ୍ୟ ପ୍ରଜାତିଗୁଡିକୁ ନେଇ ଗଠିତ । ପ୍ରତ୍ୟେକ ପ୍ରଜାତି ବିବାହ କ୍ଷେତ୍ରରେ ଏହାର ସଦସ୍ୟମାନଙ୍କ ଉପରେ କେତେକ କଟକଣା ଜାରି କରିଥାଏ, ଫଳରେ ପ୍ରଜାତିଗୁଡିକ ପରସ୍ପରଠାରୁ ପୃଥକ ହୋଇରହିଥାନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ଆନ୍ତଃବିବାହ ଦ୍ୱାରା ବହୁସଂଖ୍ୟାରେ ପ୍ରଜାତୀୟ ମିଶ୍ରଣ ଦେଖାଦେଇଅଛି । ଫଳରେ ଭାରତରେ କୌଣସି "ବିଶୁଦ୍ଧ ପ୍ରଜାତି",

ପରିଦୃଷ୍ଟ ହେଉନାହିଁ । ପ୍ରତ୍ୟେକ ପ୍ରଜାତି ଏକ ମିଶ୍ରିତ ପ୍ରଜାତି । ଫଳରେ ଭାରତର ଗୋଟିଏ ପରିବାରର ବିଭିନ୍ନ ସଦସ୍ୟମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରଜାତୀୟ ଲକ୍ଷଣମାନ ଦେଖିବାକୁ ମିଳିଥାଏ । ତେଣୁ ଭାରତ ବିଭିନ୍ନ ପ୍ରଜାତିମାନଙ୍କର ଏକ ସଂଗ୍ରହାଳୟ ଅଟେ ।

**ଭାରତୀୟ ସମାଜର ଭାଷାଗତ ଗଠନ**

**Linguistic Composition of Indian Society**

ଭାରତୀୟ ସମାଜ ବିଭିନ୍ନ ପ୍ରକାର ଭାଷାକୁ ନେଇ ଗଠିତ । ଏହା ଭିନ୍ନ ଭିନ୍ନ ଭାଷାର ସଙ୍ଗମସ୍ଥଳ ଅଟେ । ଭାରତରେ ଭାଷାଗତ ଗଠନକୁ ଦେଖି ପ୍ରଖ୍ୟାତ ସମାଜବିଜ୍ଞାନୀ ଏ.ଆର୍. ଦେଶାଇ ଏହାକୁ ଭାଷାର ଏକ "ସଂଗ୍ରହାଳୟ" ବୋଲି ମତ ପ୍ରଦାନ କରିଛନ୍ତି ।

ଭାଷା କହିଲେ କେତେକ ପ୍ରତୀକକୁ ବୁଝାଇ ଥାଏ । ଯାହାର ଅର୍ଥକୁ ସେହି ଭାଷା ବ୍ୟବହାର କରୁଥିବା ପ୍ରତ୍ୟେକ ବ୍ୟକ୍ତି ଶିକ୍ଷା କରିଥାନ୍ତି । ଏହା ଏକ ମାଧ୍ୟମ ଯାହାଦ୍ୱାରା ବ୍ୟକ୍ତ ନିଜର ଭାବନାକୁ ପ୍ରକାଶ କରେ । ଜର୍ଜ ଗ୍ରିଅରସନ୍ ତାଙ୍କ ଭାରତର ଭାଷାଗତ ସର୍ଭେ (Linguistic Survey of India) ନାମକ ସନ୍ଦର୍ଭରେ ଉଲ୍ଲେଖ କରିଛନ୍ତି ଯେ ଭାରତରେ ପ୍ରାୟ ୧୭୯ ପ୍ରକାରର ଭାଷା ଏବଂ ୫୪୪ ଉପଭାଷା ବା ସ୍ଥାନୀୟ ଭାଷା ଦେଖାଯାଏ । ସେହିଭଳି ୧୯୭୧ ଜନଗଣନା ଅନୁସାରେ ଭାରତରେ ୧୬୫୨ ପ୍ରକାରର ଭାଷା ଦେଖିବାକୁ ମିଳିଥାଏ । କିନ୍ତୁ କେତେକ ଅଧ୍ୟୟନରୁ ଜଣାପଡିଛି ଯେ ଭାରତରେ ୨୦୦୦ରୁ ଊର୍ଦ୍ଧ୍ୱ ଭାଷା ରହିଅଛି ।

ଭାଷାର ଏହି ବିଭିନ୍ନତାକୁ ଲକ୍ଷ ରଖି କେତେକ ଭାଷାବିତ୍ ଭାରତର ସମସ୍ତ ଭାଷାକୁ ମୁଖ୍ୟତଃ ଚାରୋଟି ଭାଷା ପରିବାରରେ ବିଭକ୍ତ କରିଛନ୍ତି । ସେଗୁଡିକ ହେଲା  ଇଣ୍ଡୋ ଆର୍ଯ୍ୟଭାଷା (Indo- Aryan Language), ଦ୍ରାବିଡୀୟ ଭାଷା (Dravidian Language), ଅଷ୍ଟ୍ରିକ୍ ଭାଷା (Austric Language)  ସିନୋ-ତିବ୍‌ବତୀୟ ଭାଷା (Sino Tibetan Language)  । ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀ ଅନୁଯାୟୀ ସମ୍ବିଧାନ ୧୮ଟି ଭାଷାକୁ ସ୍ୱୀକୃତି ପ୍ରଦାନ କରିଥିଲା । ଏହା ପରିବର୍ତ୍ତିତ ହୋଇ ଭାରତୀୟ ସମ୍ବିଧାନ ଦ୍ୱାରା ୨୨ ଟି ଭାଷାକୁ ସ୍ୱୀକୃତି ପ୍ରଦାନ କରାଯାଇଅଛି । ସେଗୁଡିକ ହେଉଛି  ହିନ୍ଦୀ, ଆସାମୀୟା, ବଙ୍ଗଳା, ଗୁଜୁରାଟୀ, ତେଲୁଗୁ, ତାମିଲ୍, କନ୍ନଡ, ମାଲାୟାଲାମ୍, ଉର୍ଦ୍ଦୁ, କାଶ୍ମୀର, ମରାଠୀ, ଓଡିଆ, ପଞ୍ଜାବୀ, ସଂସ୍କୃତ, ସିନ୍ଧି, ମଣିପୁରୀ, ନେପାଳୀ, କୋଙ୍କଣୀ, ସାନ୍ତାଳୀ, ବୋଡ, ମୈଥିଳି, ଡୋଗ୍ରି ।

**(୧) ଇଣ୍ଡୋ- ଆର୍ଯ୍ୟ ଭାଷା (Indo-Aryan Language) :** ଭାରତୀୟ ସମାଜରେ ବହୁଗୁଡିଏ ଭାଷା ଓ ଉପଭାଷା  ଇଣ୍ଡୋ- ଆର୍ଯ୍ୟ ଭାଷା ପରିବାରର ଅନ୍ତର୍ଭୁକ୍ତ ଅଟେ । ଏହି ଭାଷାଗୁଡିକ ହେଉଛି ହିନ୍ଦୀ, ଉର୍ଦ୍ଦୁ, ପଞ୍ଜାବୀ, ବଙ୍ଗାଳୀ, ଓଡିଆ, ଗୁଜୁରାଟୀ, ଆସାମୀ, ମରାଠୀ ଓ କାଶ୍ମିରୀ ଇତ୍ୟାଦି । ହିନ୍ଦୀ (Hindi) ଇଣ୍ଡୋ- ଆର୍ଯ୍ୟ ଭାଷାର ଏକ ମୁଖ୍ୟ ଭାଷା ଅଟେ । ଭାରତୀୟ ସମ୍ବିଧାନରେ ହିନ୍ଦୀଭାଷାକୁ ଏକ ଜାତୀୟ ଭାଷା ରୂପେ ସ୍ୱୀକୃତି ପ୍ରଦାନ କରାଯାଇଅଛି । ଏହା ଇଂରାଜୀ ସହିତ ଏକ ସରକାରୀ ସଂଯୋଗ ଭାଷା ରୂପେ ପ୍ରଚଳିତ ହୋଇଅଛି । ହିନ୍ଦୀସହିତ

ଅନ୍ୟାନ ଭାଷା, ଯଥା- ଉର୍ଦ୍ଦୁ, ହିନ୍ଦୁସ୍ଥାନୀ, ପଞ୍ଜାବୀ ଭାଷାକୁ ଭାରତର ଶତକଡା ୪୬.୩ ଭାଗ ଲୋକ ମାତୃଭାଷା ରୂପେ ଦାବି କରିଛନ୍ତି ।

ଉର୍ଦ୍ଦୁ ଭାଷାରେ ବହୁଭାବରେ ପାର୍ସି ଶବ୍ଦ ବ୍ୟବହାର କରାଯାଇଥିବା ଦେଖାଯାଏ । ପାର୍ସି ଲିପିକୁ ଉର୍ଦ୍ଦୁରେ ଲିପି ଭାବରେ ବ୍ୟବହାର କରାଯାଏ । ସେହିଭଳି ହିନ୍ଦୀ ଭାଷାରେ ବହୁ ସଂସ୍କୃତ ଶବ୍ଦର ବ୍ୟବହାର ହୋଇଅଛି ଏବଂ ଦେବନଗରୀ ଲିପିକୁ ନିଜ ଲିପି ଭାବରେ ବ୍ୟବହାର କରାଯାଇଅଛି । ହିନ୍ଦୀଭାଷା ଓ ଉର୍ଦ୍ଦୁଭାଷାର ସମ୍ମିଶ୍ରଣ ହିନ୍ଦୁସ୍ଥାନୀ ଭାଷା ରୁପେ ପରିଚିତ ହୋଇଅଛି ।

ପଞ୍ଜାବୀ ଭାଷା ପଞ୍ଜାବ ପ୍ରଦେଶର ଭାଷା ଅଟେ । ଏହାର ଲିପିକୁ ଗୁରୁମୁଖୀ କହନ୍ତି । ସେହିଭଳି ଆସାମର ଭାଷା ଆସାମିଆ ଯାହା ଭାରତୀୟ ଜନସଂଖ୍ୟାର ଶତକଡା ୧.୫ ଲୋକ କହିଥାନ୍ତି । ପଶ୍ଚିମବଙ୍ଗରେ ବଙ୍ଗାଳୀ ଭାଷା ୭.୮ ଲୋକ କହିଥାନ୍ତି । ଓଡିଶାର ଭାଷା ଓଡିଆ ଯାହାଙ୍କର ସଂଖ୍ୟା ମୋଟ ଜନସଂଖ୍ୟାର ୪ ଭାଗ । ଗୁଜୁରାଟର ଭାଷା ଗୁଜୁରାଟୀ ଅଟେ ଓ ଏହାକୁ ୫.୧ ଭାଗ ଲୋକ ବ୍ୟବହାର କରିଥାନ୍ତି । ମରାଠୀ ମହାରାଷ୍ଟ୍ରର ଲୋକମାନଙ୍କର ଭାଷା ଯାହାର ସଂଖ୍ୟା ଭାରତୀୟ ଜନସଂଖ୍ୟାର ଶତକଡା ୮.୩ ଭାଗ । ଜାମୁକାଶ୍ମୀରର ଭାଷା କାଶ୍ମିର ଯାହାକୁ ଭାରତର ୦.୦୫ ଭାଗ ଲୋକ ମାତୃଭାଷା ରୂବେ ବ୍ୟବହାର କରିଥାଆନ୍ତି ।

ମୋଟ ଉପରେ ଭାରତରେ ଶତକଡା ୭୩% ଭାଗ ପରିବାର ଏହି ଇଣ୍ଡୋ ଆର୍ଯ୍ୟ ଭାଷା ବ୍ୟବହାର କରିଥାଆନ୍ତି ।

**(୨) ଦ୍ରାବିଡୀୟ ଭାଷା (Dravidian Language) :** ତେଲୁଗୁ, ତାମିଲ, କନ୍ନଡ, ଓ ମାଲାୟାଲାମ୍ ଇତ୍ୟାଦି ଭାଷା ଦ୍ରାବିଡୀୟ ଭାଷା ଜାତୀୟ ଅଟନ୍ତି । ସାଧାରଣତଃ ଭାରତରେ ମୋଟ ଶତକଡା ୨୦% ଭାଗ ପରିବାର ଏହି ଭାଷା ବ୍ୟବହାର କରିଥାଆନ୍ତି । ଆନ୍ଧ୍ରପ୍ରଦେଶର ଲୋକମାନେ ତେଲୁଗୁ ଭାଷା ବ୍ୟବହାର କରିଥାନ୍ତି । ହିନ୍ଦୀ ପରେ ତେଲୁଗୁ ଭାରତର ଦ୍ୱିତୀୟ ବୃହତ୍ ଭାଷା ରୂପେ ପରିଚିତ ଅଟେ । ତାମିଲନାଡୁର ଲୋକମାନେ ତାମିଲ୍ ଭାଷା ବ୍ୟବହାର କରୁଥିବା ବେଳେ କର୍ଣ୍ଣାଟକର ଅଧିବାସୀମାନେ କନ୍ନଡ ଭାଷା କହିଥାନ୍ତି । ମାଲାୟାଲମ୍ କେରଳ ପ୍ରଦେଶର ଲୋକମାନଙ୍କର ମାତୃଭାଷା ଅଟେ ।

**(୩) ଅଷ୍ଟ୍ରିକ୍ ଭାଷା (Austric Language) :** ମଧ୍ୟ ଭାରତରେ ବସବାସ କରୁଥିବା ଜନଜାତିମାନଙ୍କର ଭାଷା ଓ ଉପଭାଷା ଗୁଡିକ ଅଷ୍ଟ୍ରିକ୍ ଭାଷା ଶ୍ରେଣୀର ଅନ୍ତର୍ଭୁକ୍ତ । ପ୍ରାୟ ମୋଟ ଜନସଂଖ୍ୟାର ଶତକଡା ୧.୩୮% ଭାଗ ଲୋକ ଏହି ଭାଷା ବ୍ୟବହାର କରିଥାଆନ୍ତି ।

**(୪) ସିନୋ-ତିବ୍ଦତୀୟ ଭାଷା (Sino Tibetan Language) :** ଅଷ୍ଟ୍ରିକ୍ ଭାଷା ଭଳି ସିନୋ-ତିବ୍ଦତୀୟ ଭାଷା ମଧ୍ୟ ଜନଜାତି ମାନଙ୍କର ଭାଷା ଅଟେ । ଭାରତର ଉତ୍ତର ଓ ପୂର୍ବାଞ୍ଚଳରେ ବସବାସ କରୁଥିବା ଜନଜାତିମାନଙ୍କର ଭାଷା ଓ ଉପଭାଷା ଏହି ଭାଷା ପରିବାରର ଅନ୍ତର୍ଭୁକ୍ତ । ଅଷ୍ଟ୍ରିକ୍ ଓ ସିନୋତିବ୍ଦତୀୟ ଭାଷା ପରିବାର ଅନ୍ତର୍ଭୁକ୍ତ

ଜନଜାତିମାନଙ୍କର ଭାଷାଗୁଡ଼ିକର ସଂଖ୍ୟା ୨୩ ଅଟେ । ଏହି ଭାଷା ବ୍ୟବହାର କରୁଥିବା ଲୋକମାନଙ୍କର ସଂଖ୍ୟା ପ୍ରାୟ ଶତକଡା ୦.୮୫% ଅଟେ ।

**ଭାରତୀୟ ସମାଜର ଧାର୍ମିକ ଗଠନ**

**Religious Composition of Indian Society**

ଭାରତ ଏହାର ପ୍ରତ୍ୟେକ ବ୍ୟକ୍ତିକୁ ତାର ଧର୍ମ ଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ସୁଯୋଗ ପ୍ରଦାନ କରିଥାଏ । ସେଥିପାଇଁ ଭାରତରେ ପୃଥିବୀର ପ୍ରମୁଖ ଧର୍ମଗୁଡ଼ିକ ଦେଖାଯାଇଥାଏ । ଭାରତୀୟ ସମାଜ ଆଠଗୋଟି ଧାର୍ମିକ ସମୂହକୁ ନେଇ ଗଠିତ । ସେଗୁଡ଼ିକ ହେଲା- (୧) ହିନ୍ଦୁଧର୍ମ (୨) ଇସଲାମ୍ ଧର୍ମ (୩) ଖ୍ରୀଷ୍ଟଧର୍ମ (୪) ଶିଖଧର୍ମ (୫) ବୌଦ୍ଧ ଧର୍ମ (୬) ଜୈନ ଧର୍ମ (୭) ପାର୍ସି ବା ଜୋରୋଷ୍ଟ୍ରିଆନ୍ ଧର୍ମ (୮) ଜୀବେଶ୍ୱରବାଦ ।

**(୧) ହିନ୍ଦୁ ଧର୍ମ (Hinduisim) :** ହିନ୍ଦୁ ଧର୍ମ ଭାରତର ଏକ ମୁଖ୍ୟ ଧର୍ମ ଅଟେ । ଏହା ଇଣ୍ଡୋ-ଆର୍ଯ୍ୟ, ଦ୍ରାବିଡୀୟ ଏବଂ ପ୍ରାକ୍- ଦ୍ରାବିଡୀୟ ଉପାଦାନଗୁଡ଼ିକର ଏକ ସମ୍ମିଶ୍ରଣ ଅଟେ । ଏହା ଏକ ବୃହତ୍ତମ ଓ ସର୍ବପ୍ରାଚୀନ ଧର୍ମରୂପେ ପରିଗଣିତ ହୋଇଅଛି । ୨୦୦୧ ମସିହା ଜନଗଣନା ଅନୁସାରେ ଭାରତୀୟ ଜନସଂଖ୍ୟାର ଶତକଡା ୮୦.୫% ଭାଗ ଲୋକ ହିନ୍ଦୁ ଧର୍ମାବଲମ୍ବୀ ଥିଲାବେଳେ ୨୦୧୧ ଜନଗଣନା ଅନୁସାରେ ଭାରତୀୟ ଜନସଂଖ୍ୟାର ଶତକଡା ୭୯.୮୦% ଭାଗ ଲୋକ ହିନ୍ଦୁ ଧର୍ମାବଲମ୍ବୀ ଅଛନ୍ତି । ହିନ୍ଦୁ ଧର୍ମ ବହୁ ଇଶ୍ୱରବାଦ ଉପରେ ପ୍ରତିଷ୍ଠିତ । ହିନ୍ଦୁଧର୍ମରେ ବିଶ୍ୱାସ କରୁଥିବା ଲୋକମାନେ ବ୍ରହ୍ମା, ବିଷ୍ଣୁ, ଶିବ, ଦୁର୍ଗା, ଲକ୍ଷ୍ମୀ, କାଳୀ, ଓ ସରସ୍ୱତୀ ପ୍ରଭୃତି ବିଭିନ୍ନ ଦେବାଦେବୀଙ୍କ ପୂଜା ଓ ଉପାସନା କରିଥାନ୍ତି । ହିନ୍ଦୁଧର୍ମର ଲୋକମାନେ କେତେକ ସାଧାରଣ ଧାର୍ମିକ ଚିନ୍ତାଧାରା ବା ଦର୍ଶନ ଉପରେ ବିଶ୍ୱାସ କରିଥାନ୍ତି, ଯଥା- ଆତ୍ମାର ଅମରତ୍ୱ, ଆତ୍ମାର ପୁର୍ନଜନ୍ମ, କର୍ମ'ଳ, ଧର୍ମ, କର୍ମ, ମୋକ୍ଷ ଓ ମାୟା ଇତ୍ୟାଦି ଅଟେ । ହିନ୍ଦୁଧର୍ମ ବିଭିନ୍ନ ପନ୍ଥାରେ ବିଭକ୍ତ: ଲିଙ୍ଗାୟତ, କବୀରପନ୍ଥୀ, ଶାକ୍ତ, ସତ୍‌ନାମୀ, ରାଧାସ୍ୱାମୀ, ବ୍ରାହ୍ମ ସମାଜ, ଆର୍ଯ୍ୟ ସମାଜ ଇତ୍ୟାଦି ଅଟେ ।

**(୨) ଇସ୍‌ଲାମ୍ ଧର୍ମ (Islamism) :** ଇସ୍‌ଲାମ୍ ମୁସଲ୍‌ମାନଙ୍କର ଧର୍ମ ଅଟେ । ଏହା ଆରବ ଦେଶରୁ ସୃଷ୍ଟିହୋଇଥିଲା ଓ ପ୍ରାୟ ଦ୍ୱାଦଶ ଶତାବ୍ଦୀ ଶେଷଭାଗକୁ ମୁସଲିମ୍‌ମାନଙ୍କ ଆକ୍ରମଣ ଯୋଗୁ ଭାରତକୁ ପ୍ରବେଶ କରିଥିଲା । ମୁସଲମାନ ଶାସକମାନଙ୍କର ରାଜନୈତିକ ପୃଷ୍ଠପୋଷକତା ଲାଭକରି ଏହି ଧର୍ମ ଭାରତରେ ପ୍ରସାର ଲାଭ କରିଥିଲା । ସେହି ସମୟରେ ହିନ୍ଦୁ ଓ ବୌଦ୍ଧ ଧର୍ମୀମାନଙ୍କୁ ଇସଲାମ୍ ଧର୍ମକୁ ଗ୍ରହଣ କରିବାକୁ ଉତ୍ସାହିତ କରାଯାଉଥିଲା । ଏହି ଧର୍ମାନ୍ତରୀକରଣ ପ୍ରକ୍ରିୟା ଯୋଗୁଁ ଭାରତରେ ମୁସଲମାନଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । ଭାରତ ଅବିଭାଜିତ ଥିବାବେଳେ ମୁସଲମାନଙ୍କର ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ଶତକଡା ୨୪% ଭାଗ ଥିଲା । କିନ୍ତୁ ଦେଶ ବିଭାଜନ ପରେ ମୁସଲମାନଙ୍କ ସଂଖ୍ୟା ହ୍ରାସ ପାଇଥିଲା । ୨୦୦୧ ଜନଗଣନା ଅନୁସାରେ ଭାରତର ମୋଟ ଜନସଂଖ୍ୟାର ୧୩.୦୫% ଭାଗ ଲୋକ ମୁସଲମାନ ଥିଲେ ଏବଂ ୨୦୧୧ ଜନଗଣନା ଅନୁସାରେ ଏହା ୧୪.୨%ଭାଗ ଅଛି । ମୁସଲମାନ

ଜନସଂଖ୍ୟା ଦୃଷ୍ଟିରୁ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଦେଶ ଅଟେ । ଇସଲାମ୍ ଧର୍ମ ଏକେଶ୍ୱରବାଦରେ ବିଶ୍ୱାସ କରିଥାଏ । ପ୍ରଫେଟେ୍ ମହମ୍ମଦ ଏହି ଧର୍ମର ପ୍ରତିଷ୍ଠାତା ଓ ପ୍ରଚାରକ ଥିଲେ । କୋରାନ୍ ଏହାର ପବିତ୍ର ଧର୍ମ ଗ୍ରନ୍ଥ ଅଟେ ।

**(୩) ଖ୍ରୀଷ୍ଟ ଧର୍ମ (Christianity) :** ଖ୍ରୀଷ୍ଟିଆନମାନଙ୍କର ଧର୍ମକୁ ଖ୍ରୀଷ୍ଟ ଧର୍ମ ଭାବେ ଅଭିହିତ କରାଯାଇଅଛି । ଯୀଶୁଙ୍କର ଅନୁଗାମୀ ସେଣ୍ଟ ଥମାସଙ୍କ ଦ୍ୱାରା ଏହି ଧର୍ମ ଭାରତକୁ ପ୍ରବେଶ କରିଥିଲା । ଷୋଡଶ ଶତାବ୍ଦୀରେ ପର୍ତ୍ତୁଗୀଜ୍‌ମାନେ ଭାରତକୁ ବାଣିଜ୍ୟ ବ୍ୟବସାୟ ପାଇଁ ପ୍ରବେଶକରି ପ୍ରଥମେ ଗୀର୍ଜା ସ୍ଥାପନ କରିଥିଲେ । ବ୍ରିଟିଶରମାନେ ଭାରତକୁ ଆସିବାପରେ ଭାରତରେ ଖ୍ରୀଷ୍ଟ ଧର୍ମ ପ୍ରସାର ଲାଭ କରିଥିଲା । ଭାରତରେ ସମୁଦାୟ ଜନସଂଖ୍ୟାର ଶତକଡା ୨.୩୦% ଭାଗ ଲୋକ ଖ୍ରୀଷ୍ଟ ଧର୍ମାବଲମ୍ବୀ ଅଛନ୍ତି । ଖ୍ରୀଷ୍ଟ ଧର୍ମ ଦୁଇଭାଗରେ ବିଭକ୍ତ ହୋଇଅଛି, ଯଥା-କ୍ୟାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟ । ଖ୍ରୀଷ୍ଟିଆନ୍‌ମାନେ ଭାରତର ବିଭିନ୍ନ ସ୍ଥାନରେ ବସବାସ କରିଥାନ୍ତି । କିନ୍ତୁ ଅଧିକାଂଶ ଖ୍ରୀଷ୍ଟିଆନ ଦକ୍ଷିଣ ଭାରତରେ ବସବାସ କରିଥାନ୍ତି ଏବଂ ଅନ୍ୟ ରାଜ୍ୟ ତୁଳନାରେ କେରଳରେ ଅଧିକ ସଂଖ୍ୟାରେ ରହିଥାନ୍ତି ।

**(୪) ଶିଖ୍ ଧର୍ମ (Sikhism) :** ଶିଖ୍ ଧର୍ମ ଷୋଡଶ ଶତାବ୍ଦୀରେ ଗୁରୁନାନକଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଏହା ପୂର୍ବରୁ ସେମାନେ ସାଧାରଣତଃ ହିନ୍ଦୁଧର୍ମର ବୈଷ୍ଣବ ସଂପ୍ରଦାୟର ଏକ ଅଂଶ ରୂପେ ପରିଚିତ ଥିଲେ । ଭାରତରେ ଶିଖ୍ ମାନଙ୍କର ସମୁଦାୟ ସଂଖ୍ୟା ଶତକଡା ୧.୭୨ ଅଟେ । ଶିଖ୍ ଧର୍ମ ଏକ ଇଶ୍ୱର ବାଦରେ ବିଶ୍ୱାସ କରେ ଏବଂ ପ୍ରତିମା ପୂଜାର ବିରୋଧ କରିଥାଏ । ଏହା ଜନ୍ମ ମୃତ୍ୟୁ ସମ୍ପର୍କୀୟ ଅଶୁଦ୍ଧତାକୁ ଗ୍ରହଣ କରିନଥାନ୍ତି । ଶିଖ୍‌ମାନେ ପାଞ୍ଚଗୋଟି k ରେ ବିଶ୍ୱାସ କରନ୍ତି । ସେଗୁଡ଼ିକ ହେଲା (କ) କେଶ (Un-cut long hair) (ଖ) କଙ୍ଘା ବା ପାନିଆ (Wooden Comb) (ଗ) କଛା (Short) (ଘ) କଡା ବା କଙ୍କଣ (Bangle) (ଙ) କୃପାଣ ବା ଖଣ୍ଡା (Sword)

**(୫) ବୌଦ୍ଧ ଧର୍ମ (Buddhism) :** ବୁଦ୍ଧ ଦେବ ବୌଦ୍ଧ ଧର୍ମର ପ୍ରତିଷ୍ଠାତା । ଏହି ଧର୍ମ ଖ୍ରୀ:ପୂ ଷଷ୍ଠ ଶତାବ୍ଦୀରେ ଭାରତରେ ଜନ୍ମଲାଭ କରିଥିଲା । ବୌଦ୍ଧଧର୍ମ ସମ୍ରାଟ ଅଶୋକଙ୍କ ପୃଷ୍ଠପୋଷକତାରେ ଭାରତ ଓ ପୃଥିବୀର ଅନ୍ୟାନ ଦେଶମାନଙ୍କରେ ପ୍ରସାର ଲାଭ କରିଥିଲା । ଏହା ଦୁଇଟି ସମ୍ପ୍ରଦାୟରେ ବିଭକ୍ତି ହୀନଯାନ ଓ ମହାଯାନ । ବୌଦ୍ଧଧର୍ମ ଅହିଂସା ନୀତି ଉପରେ ପ୍ରାଧାନ୍ୟ ଦେଇଥାଏ । ଏହି ଧର୍ମର ଲୋକମାନେ ସିକିମ୍ ଓ ମହାରାଷ୍ଟ୍ରର କେତେକ ସ୍ଥାନରେ ଅଳ୍ପ ସଂଖ୍ୟାରେ ଦେଖାଯାଇଥାନ୍ତି । ଭାରତୀୟ ଜନସଂଖ୍ୟାର ପ୍ରାୟ ୧ ଭାଗରୁ କମ୍ ଏହି ଧର୍ମାବଲମ୍ବୀ ଅଟନ୍ତି ।

**(୬) ଜୈନ ଧର୍ମ (Jainism) :** ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ମହାବୀର ଭାରତରେ ଜୈନ ଧର୍ମ ପ୍ରତିଷ୍ଠା କରିଥିଲେ । ହିନ୍ଦୁ ଧର୍ମ ସହିତ ଏହି ଧର୍ମର ଅନେକ ସାମଞ୍ଜସ୍ୟ ରହିଛି । ଏହି ଧର୍ମ ହିନ୍ଦୁଧର୍ମର ଅଧିକାଂଶ ତତ୍ତ୍ୱକୁ ଗ୍ରହଣ କରିଥାଏ । ଜୈନଧର୍ମ ଦୁଇଟି ମୁଖ୍ୟ ସମ୍ପ୍ରଦାୟରେ ବିଭକ୍ତ ଯଥା- ଦିଗମ୍ବର ଓ ଶ୍ୱେତାମ୍ବର । ଏମାନେ ହିନ୍ଦୁମାନଙ୍କ ପରି ଗୋମାତାକୁ ପୂଜା କରିଥାଆନ୍ତି । ଏମାନଙ୍କର ସଂଖ୍ୟା ଭାରତୀୟ ଜନସଂଖ୍ୟାର ଶତକଡା ୦.୪ ଭାଗ । ଜୈନମାନେ ପଞ୍ଜାବ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜୁରାଟ ଓ ମହାରାଷ୍ଟ୍ରରେ ପ୍ରାୟ ଦେଖାଯାଇଥାନ୍ତି ।

**(୭) ପାର୍ସି ଧର୍ମ (Parsi or Zorostrianism) :** ପ୍ରାୟ ସପ୍ତମ ଖ୍ରୀଷ୍ଟାବ୍ଦ ବେଳକୁ ପାର୍ସି ଧର୍ମ ଭାରତକୁ ଆସିଥିଲା । ପାର୍ସିମାନେ ମୁଖ୍ୟତଃ ଜୋରୋଷ୍ଟୋରଙ୍କର ଅନୁଗାମୀ ଅଟନ୍ତି । ମୁସଲମାନଙ୍କ ଦ୍ୱାରା ହେଉଥିବା ଜବରଦସ୍ତ ଧର୍ମାନ୍ତରୀକରଣରୁ ନିଜକୁ ମୁକ୍ତ କରିବାପାଇଁ ପାର୍ସିମାନେ ଭାରତକୁ ପଳାଇ ଆସିଥିଲେ । ପାର୍ସିମାନେ ଅଗ୍ନିକୁ ପୂଜାକରନ୍ତି । ସେମାନଙ୍କର ବିଶ୍ୱାସ ଅନୁସାରେ ସେମାନେ ମୃତ ବ୍ୟକ୍ତିର ଶରୀରକୁ " ନିରବତାର ଗମ୍ବୁଜ" (Towers of Silence) ଉପରେ ଖୋଲା ରହିଥାନ୍ତି, ଯାହାକୁ ଶାଗୁଣା ପକ୍ଷୀ ଖାଇଥାନ୍ତି । ଫଳରେ ଭୂମି, ଅଗ୍ନି ଓ ଜଳ ଶରୀରର ସଂସ୍ପର୍ଶରେ ଆସିପାରେ ନାହିଁ ଓ ଅପବିତ୍ର ହୋଇପାରେନାହିଁ । ଅନ୍ୟ ଧର୍ମାବଲମ୍ବୀମାନଙ୍କ ତୁଳନାରେ ପାର୍ସିମାନଙ୍କ ସଂଖ୍ୟା ବହୁତକମ୍ । ସେମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ଶିକ୍ଷିତ ଓ ସେମାନଙ୍କର ଅର୍ଥନୈତିକ ସ୍ଥିତି ସୁଦୃଢ଼ ଅଟେ ।

**(୮) ଜୀବବାଦ (Animisim) :** ଏହି ଧର୍ମ ଜନଜାତିମାନଙ୍କ ମଧ୍ୟରେ ପ୍ରଚଳିତ ହେବାର ପରିଲକ୍ଷିତ ହୁଏ । ଜନଜାତିମାନଙ୍କର ଧାର୍ମିକ ବିଶ୍ୱାସ ଜୀବେଶ୍ୱରବାଦ ଉପରେ ପ୍ରତିଷ୍ଠିତ । ଏହା ଏକ ଅତିପ୍ରଚୀନ ଧର୍ମ ଯାହା ଅଦୃଶ୍ୟ ଶକ୍ତି ବା ଜୀବାତ୍ମା ଉପରେ ବିଶ୍ୱାସ କରିବା ସଙ୍ଗେସଙ୍ଗେ ଅଲୌକିକ ଶକ୍ତି ଉପରେ ବିଶ୍ୱାସ କରିଥାଏ । ଏହି ଶକ୍ତି ପାହାଡ, ନଦୀ, ବୃକ୍ଷ ଓ ପଥରମଧ୍ୟରେ ରହିଥିବାର ବିଶ୍ୱାସ କରାଯାଏ । ତେଣୁ ସେମାନଙ୍କୁ ସନ୍ତୁଷ୍ଟ କଲେ ବିଭିନ୍ନ ପ୍ରକାର ରୋଗ ଓ ଅସୁବିଧାରୁ ରକ୍ଷା ମିଳିବ ବୋଲି ଜନଜାତି ସମୂହ ବିଶ୍ୱାସ କରନ୍ତି । ଭାରତରେ ପ୍ରାୟ ଶତକଡା ୦.୬ ଭାଗ ଜୀବେଶ୍ୱବାଦରେ ବିଶ୍ୱାସ କରନ୍ତି ।

## ଭାରତୀୟ ସମାଜର ଜନଜାତୀୟ ଗଠନ
## Tribal Composition of Indian Society

ଜନଜାତି ମୁଖ୍ୟତଃ ପାହାଡ, ପର୍ବତ ଓ ପ୍ରକୃତିର କୋଳରେ ବସବାସ କରୁଥିବା ଆଦିମ ଅଧିବାସୀମାନଙ୍କୁ ନେଇ ଗଠିତ । ୨୦୦୧ ଜନଗଣନା ଅନୁସାରେ ଭାରତରେ ବାସ କରୁଥିବା ଜନଜାତି ଲୋକମାନଙ୍କର ସଂଖ୍ୟା ୮, ୪୩, ୨୬, ୨୪୦ ଯାହାକି ଦେଶର ସମୁଦାୟ ଜନସଂଖ୍ୟାର ଶତକଡା ୮.୬ ଭାଗ ଅଟେ । ଭୌଗଳିକ ଅବସ୍ଥିତି, ପ୍ରଜାତି ଓ ଭାଷା ଭିତ୍ତିରେ ଭାରତୀୟ ଜନଜାତି ମାନଙ୍କୁ ବିଭିନ୍ନ ସମୂହରେ ବିଭକ୍ତ କରାଯାଇଅଛି ।

**(୧) ଭୌଗଳିକ ଭିତ୍ତିରେ ଜନଜାତିର ଗଠନ ( Formation of tribes on the basis of geographical distribution) :** ଭୌଗଳିକ ଅବସ୍ଥିତି ଭିତ୍ତିରେ ଭାରତୀୟ ଜନଜାତିମାନଙ୍କୁ ତିନୋଟି ଅଞ୍ଚଳରେ ବିଭାଜିତ କରାଯାଇଅଛି ।

(କ) ଉତ୍ତର ପୂର୍ବ ଅଞ୍ଚଳ (North Eastern Zone) : ହିମାଚଳ ପ୍ରଦେଶ, ଉତ୍ତର ପ୍ରଦେଶ, ପୂର୍ବ ପଞ୍ଜାବ, ପୂର୍ବ କାଶ୍ମୀର ନାଗାଲାଣ୍ଡ ଓ ଆସାମ ପ୍ରଭୃତି ରାଜ୍ୟମାନେ ଏହି ଅଞ୍ଚଳର ଅନ୍ତର୍ଭୁକ୍ତ ଅଟନ୍ତି । ଆକା, ଖାସି, ମିସିମ୍, କଚାରି, ଟୋଟୋ, ଗାରୋ ଓ ନାଗା ଇତ୍ୟାଦି ଏହି ଅଞ୍ଚଳର ମୁଖ୍ୟ ଜନଜାତି ଚୁଲିକଟା ଓ ନାଗା ମଧ୍ୟ ଏହି ଅଞ୍ଚଳର ଜନଜାତି ଅଟନ୍ତି ।

(ଖ)କେନ୍ଦ୍ରୀୟ ଅଞ୍ଚଳ (Central Zone) : ବିହାର, ବଙ୍ଗଳା. ଉତ୍ତର ପ୍ରଦେଶର ଦକ୍ଷିଣାଞ୍ଚଳ, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଓଡ଼ିଶା ପ୍ରଭୃତି ରାଜ୍ୟ ଗୁଡ଼ିକ ଏହି କେନ୍ଦ୍ରୀୟ ଅଞ୍ଚଳରେ ଅବସ୍ଥିତ । ଶବର, କନ୍ଧ, ସାନ୍ତାଳ, ଭିଲ୍, ଗଣ୍ଡ, ମୁରିଆ ଓ ବାଇଗ ଇତ୍ୟାଦି ଜନଜାତମାନେ ଏହି ଅଞ୍ଚଳରେ ବସବାସ କରିଥାନ୍ତି ।

(ଗ) ଦାକ୍ଷିଣାତ୍ୟ ଅଞ୍ଚଳ (Southern Zone) : ଦାକ୍ଷିଣାଞ୍ଚଳ ୪ଟି ଦାକ୍ଷିଣାତ୍ୟ ରାଜ୍ୟ ଯଥା- ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, ଓ କର୍ଣ୍ଣାଟକକୁ ନେଇ ଗଠିତ । ଟୋଡା, ଚେଞ୍ଚୁ, କାଦାର, କୋରଗା ଇତ୍ୟାଦି ଏହି ଅଞ୍ଚଳରେ ମୁଖ୍ୟ ଜନଜାତି ରୂପେ ପରିଚିତ ।

ଏହି ତିନିଗୋଟି ମୁଖ୍ୟ ଅଞ୍ଚଳ ବ୍ୟତୀତ ଆଉ ଏକ ସ୍ୱତନ୍ତ୍ର ଅଞ୍ଚଳ ଅଛି, ଯାହା ବଙ୍ଗୋପସାଗର ଅଞ୍ଚଳର ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜିକୁ ଅନ୍ତର୍ଭୁକ୍ତ କରିଥାଏ । ଏହି ଅଞ୍ଚଳରେ ଜାରଭା, ଆଣ୍ଡାମାନୀ ଓ ନିକୋବରିଜ୍ ପ୍ରଭୃତି ଜନଜାତି ବସବାସ କରିଥାନ୍ତି ।

**(୨) ଭାଷାଗତ ଭିତ୍ତିରେ ଜନଜାତିର ଗଠନ (Composition of tribes on the basis of language):** ଭାଷାଗତ ଭିତ୍ତିରେ ଭାରତୀୟ ସମାଜରେ ବିଭିନ୍ନ ପ୍ରକାରର ଜନଜାତି ଦେଖାଯାଇଥାନ୍ତି । ଭାରତୀୟ ଜନଜାତି ମାନଙ୍କୁ ମୁଖ୍ୟତଃ ତିନିପ୍ରକାରର ଭାଷାଗତ ପରିବାରରେ ଅନ୍ତର୍ଭୁକ୍ତ କରାଯାଇଅଛି ।

ତିନିପ୍ରକାର ଭୌଗଳିକ ଅଞ୍ଚଳରେ ବସବାସ କରୁଥିବା ଜନାଜାତିମାନେ ତିନି ପ୍ରକାରର ଭାଷା ବ୍ୟବହାର କରିଥାଆନ୍ତି । ସେଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

(କ) ସିନୋ ତିବ୍ବତୀୟ ଭାଷା (Sino Tibetan) : ଉତ୍ତର ପୂର୍ବ ଅଞ୍ଚଳର ଅଧିକାଂଶ ଜନଜାତି ସିନୋ- ତିବ୍ବତୀୟ ଭାଷା ବ୍ୟବହାର କରିଥାଆନ୍ତି । କେବଳ ଆସାମର ଖାସି ଜନଜାତିମାନଙ୍କ ବ୍ୟତୀତ ଉତ୍ତର-ପୂର୍ବାଞ୍ଚଳର ଭୂଟିଆ, ନାଗା, ମିସିମ୍, ଟୋଟୋ ଓ ରିଆଙ୍ଗ ପ୍ରଭୃତି ଜନଜାତି ସିନୋ- ତିବ୍ବତୀୟ ଭାଷା ବ୍ୟବହାର କରିଥାଆନ୍ତି ।

(ଖ) ଅଷ୍ଟ୍ରୋ ଏସିଆଟିକ୍ ଭାଷା (Astro-Asiatic Language): କନ୍ଧ ଓ ଗଣ୍ଡ ଆଦି କେତେକ ଜନଜାତିମାନଙ୍କ ବ୍ୟତୀତ କେନ୍ଦ୍ରୀୟ ଅଞ୍ଚଳରେ ପ୍ରାୟ ଅଧିକାଂଶ ଜନଜାତି ଏହି ଭାଷାଗତ ଜନଜାତି ପରିବାରର ଅନ୍ତର୍ଭୁକ୍ତ ଅଟନ୍ତି । ହୋ, ଭିଲ୍, ଲୋଧ, ମୁଣ୍ଡା ଓ ସାନ୍ତାଳ ଆଦି ଜନଜାତିମାନେ ଏହି ଭାଷାରେ କଥା ହୋଇଥାନ୍ତି ।

(ଗ) ଦ୍ରାବିଡୀୟ ଭାଷା (Dravidian Language) : ଦକ୍ଷିଣାଞ୍ଚଳରେ ଅଧିକାଂଶ ଜନଜାତିମାନେ ଏହି ଦ୍ରାବିଡୀୟ ଭାଷା ବ୍ୟବହାର କରିଥାଆନ୍ତି । ତେଲୁଗୁ, ତାମିଲ, କନ୍ନଡ ଓ ମାଲାୟାଲମ୍ ଇତ୍ୟାଦି ଭାଷାଗୁଡ଼ିକ ଏହି ଭାଷା ପରିସରର୍ଭୁକ୍ତ ଅଟନ୍ତି । ଦାବିଡୀୟ ଭାଷା କହୁଥିବା ଜନଜାତିଗୁଡ଼ିକ ଚେଞ୍ଚୁ, କାଦାର, ଗୋଣ୍ଡ, ଟୋଡା ଇତ୍ୟାଦି ଅଟନ୍ତି ।

**(୩) ପ୍ରଜାତୀୟ ଭିତ୍ତିରେ ଜନଜାତିର ଗଠନ ( Composition of Tribes on the basis of race):** ପ୍ରଜାତୀୟ ଭିତ୍ତିରେ ଭାରତୀୟ ଜନଜାତିଗୁଡ଼ିକୁ ଚାରିଭାଗରେ ବିଭକ୍ତ କରାଯାଇ ଅଛି ।

(କ) ମଙ୍ଗୋଲୀୟ (Mangoloid) : ଉତ୍ତର ଓ ଉତ୍ତର-ପୂର୍ବ ଅଞ୍ଚଳ ଏବଂ ହିମାଳୟ ପାର୍ବତ୍ୟ ଅଞ୍ଚଳରେ ବାସ କରୁଥିବା ଜନଜାତିମାନେ ଏହି ପ୍ରଜାତୀୟ ସମୂହର ଜନଜାତି ଅଟନ୍ତି ।

(ଖ) ପ୍ରୋଟୋ- ଅଷ୍ଟ୍ରେଲୀୟ (Proto Austroloid) : କେନ୍ଦ୍ରୀୟ ଅଞ୍ଚଳର ଜନଜାତିମାନେ ମୁଖ୍ୟତଃ ପ୍ରୋଟୋ- ଅଷ୍ଟ୍ରେଲୀୟ ପ୍ରଜାତି ବୋଲି ଅନୁମାନ କରାଯାଇଥାଏ ।

(ଗ) ନିଗ୍ରୀଟୋ (Nigrito): ଦକ୍ଷିଣଭାରତର କାଦାର (kadar) ଜନଜାତି ଏବଂ ଆଣ୍ଡାମାନ୍ ଦ୍ୱୀପପୁଞ୍ଜର "ଆଣ୍ଡାମାନୀ" ଜନଜାତିମାନେ ଏହି ନିଗ୍ରାଟୋ ପ୍ରଜାତୀୟ ଜନଜାତି ବୋଲି ଅନୁମାନ କରାଯାଇଅଛି ।

(ଘ) ନୋର୍ଡିକ (Nordic) : ଦକ୍ଷିଣ ଭାରତର ନୀଳଗିରି ପାର୍ବତ୍ୟାଞ୍ଚଳରେ ଦେଖାଦେଉଥିବା ଟୋଡା ଜନଜାତିମାନେ ଏହି ପ୍ରଜାତୀୟ ଜନଜାତି ଅଟନ୍ତି ।

ସେହିଭଳି ସାଂସ୍କୃତିକ ଉନ୍ନତିକୁ ଭିତ୍ତିକରି ଏଲଉଇନ୍ ଭାରତୀୟ ଜନଜାତିକୁ ଚାରିଭାଗରେ ବିଭକ୍ତ କରିଛନ୍ତି । ମଦନ ଓ ମଜୁମ୍ଦାର ଗ୍ରାମ୍ୟ ଓ ସହର ସମୂହ ମଧ୍ୟରେ ଥିବା ସାଂସ୍କୃତିକୁ ଦୂରତ୍ୱ ଭିତ୍ତିରେ ଜନଜାତିକୁ ତିନି ଭାଗରେ ବିଭକ୍ତ କରିଛନ୍ତି ।

ଅର୍ଥନୈତିକ ବିକାଶକୁ ଭିତ୍ତିକରି ମଦନ ଓ ମଜୁମଦାର ଜନଜାତିକୁ ଚାରିଭାଗରେ ବିଭକ୍ତ କରିଛନ୍ତି ।

## ଏକତା ଏବଂ ବିଭିନ୍ନତା
## Unity and Diversity

ଭାରତ ଏକ ବିଶାଳ ଦେଶ । ଏହା ବିଶ୍ୱର ସପ୍ତମ ବୃହତ୍ତମ ଦେଶ ଓ ଜନସଂଖ୍ୟା ଦୃଷ୍ଟିରୁ ଏହା ଦ୍ୱିତୀୟ ଅଟେ । ଏହାର ଜନସଂଖ୍ୟା ପ୍ରାୟ ୧୨୧.୦୨ କୋଟି ଅଟେ । ପୃଥିବୀର ଅନ୍ୟାନ୍ୟ ଦେଶ ଭଳି ଭାରତ ଏକ ଉପ-ମହାଦେଶ ହୋଇଥିଲେ ମଧ୍ୟ ଏହାର ନିଜସ୍ୱ ନିର୍ଦ୍ଦିଷ୍ଟ ଭୌଗଳିକ ସୀମାରେଖା ରହିଛି । କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ ଭାରତବର୍ଷ ଉତ୍ତରରେ ସର୍ବୋଚ୍ଚ ହିମାଳୟ ପର୍ବତ, ଦକ୍ଷିଣରେ ଭାରତ ମହାସାଗର,ପୂର୍ବରେ ବଙ୍ଗୋପସାଗର ଏବଂ ପଶ୍ଚିମରେ ଆରବସାଗର ଏବଂ ବିନ୍ଧ୍ୟ ପର୍ବତମାଳା ଏହାର ସୀମାରେଖାକୁ ନିର୍ଦ୍ଧାରଣ କରିଅଛି । ଭାରତର ଏହି ଜନସଂଖ୍ୟା ବିଭିନ୍ନ ପ୍ରଜାତି, ଧର୍ମ, ଭାଷା, ଜାତି, ଜନଜାତି, ଅଞ୍ଚଳ ଓ ସଂସ୍କୃତି ଇତ୍ୟାଦିକୁ ନେଇ ଗଠିତ ହୋଇଅଛି । ଏଠାରେ ପ୍ରଜାତୀୟ ବିଭିନ୍ନତା, ଭାଷା ଓ ଧର୍ମର ଭିନ୍ନତା ଓ ଜାତିଗତ ବୈଷମ୍ୟତା ସହିତ ଚାଲିଚଳନ, ବେଶପୋଷାକ ଇତ୍ୟାଦିରେ ଅନେକ ତାରତମ୍ୟ ଥିବା ସତ୍ତ୍ୱେ ଭାରତରେ ଏକତା ପରିଲକ୍ଷିତ ହୋଇଅଛି । ଏହା ଏକ ବିରଳ ଉଦାହରଣ ଅଟେ । ଭାରତୀୟ ସମାଜରେ ଉଭୟ ଏକତା ଓ ବିଭିନ୍ନତାର ଲକ୍ଷଣ ଦେଖିବାକୁ ମିଳିଥାଏ । ବିଭିନ୍ନତା ମଧ୍ୟରେ ଏକତା ଏହାର ପ୍ରଧାନ ବୈଶିଷ୍ଟ ଅଟେ । ଏହି ସ୍ୱତନ୍ତ୍ର ଲକ୍ଷଣ ପାଇଁ ଭାରତବର୍ଷ ସମଗ୍ର ବିଶ୍ୱରେ ପରିଚିତ ।

ଏକତା (Unity) ର ଅର୍ଥ ସଂହତି । ଉଚ୍ଚସ୍ତରୀୟ ସହଯୋଗ, ପାରସ୍ପରିକ ବୁଝାବଣା ଓ ଜାତୀୟ ସଚେତନତାର ସମନ୍ୱୟରେ ସଂହତି ବା ଏକତା ସୃଷ୍ଟି ହୁଏ । ଏହା ହେଉଛି ଏକ ସମାଜିକ ଓ ମାନସିକ ଅବସ୍ଥା । ବ୍ୟକ୍ତିସମୂହ

ସାଧାରଣ ମୂଲ୍ୟବୋଧ ଗୁଡ଼ିକରେ ଅଂଶୀଦାର ହେବା ଫଳରେ ଓ ଜାତୀୟ ସଚେତନତା ଦ୍ୱାରା ଏକତା ସୃଷ୍ଟି ହୋଇଥାଏ ।

ସେହିପରି ଏକତାର ବିପରୀତ ଶବ୍ଦ ବିଭିନ୍ନତା । ବିଭିନ୍ନତା କହିଲେ ଅସମାନତା ବା ବିବିଧତାକୁ ବୁଝାଇଥାଏ । ଭାରତୀୟ ସମାଜ ଭିନ୍ନଭିନ୍ନ ଜାତି, ପ୍ରଜାତି, ଜନଜାତି, ଭାଷା, ଧର୍ମ, ପ୍ରଥା ଓ ସାଂସ୍କୃତିକ ବିଶ୍ୱାସ, ବେଶଭୂଷା ଓ ଖାଦ୍ୟପେୟ ଇତ୍ୟାଦିର ସଙ୍ଗମସ୍ଥଳ । ଏଠାରେ ବିଭିନ୍ନ ପ୍ରକାର ବିଭିନ୍ନତା ପରିଲକ୍ଷିତ ହୋଇଥାଏ ।

ସଂକ୍ଷେପରେ ଏହି ବିଭିନ୍ନତା ମଧ୍ୟରେ ଏକତା ଓ ଏକତାରେ ବିଭିନ୍ନତା ଭାରତୀୟ ସମାଜର ପ୍ରଥମ ପରିଚୟ ।

## ଏକତାର କାରକ
## Factors of Unity

**୧. ଭୌଗଳିକ ଏକତା (Geographical unity):** ଭୌଗଳିକ ଏକତା ଭାରତୀୟ ସମାଜର ଏକତା ଓ ସଂହତିର ଏକ ମୁଖ୍ୟ କାରକ ଅଟେ । ଭାରତର ଏକ ନିର୍ଦ୍ଦିଷ୍ଟ ଭୌଗଳିକ ସୀମାରେଖା ରହିଅଛି । ଏହାର ଚତୁଃପାର୍ଶ୍ୱ ପ୍ରାକୃତିକ ସୀମାରେଖା ଦ୍ୱାରା ଆବଦ୍ଧ ହୋଇଅଛି । ଉତ୍ତରରେ ବରଫାବୃତ ଅତ୍ୟୁଚ୍ଚ ହିମାଳୟ ପର୍ବତମାଳା ଦକ୍ଷିଣରେ ଭାରତ ମହାସାଗର ପୂର୍ବରେ ବଙ୍ଗୋପ ସାଗର ଓ ପଶ୍ଚିମରେ ଆରବସାଗର ଭାରତର ପ୍ରାକୃତିକ ସୀମାରେଖାକୁ ଘେରି ରହିଛି ଓ ଏହାର ଭୌଗଳିକ ଏକତାକୁ ଅକ୍ଷୁର୍ଣ୍ଣ ରଖିଛି ।

ଭାରତ ଭାରତବର୍ଷ ନାମରେ ଅବିହିତ । ଏହାର ଏକ ଐତିହାସିକ ଗୁରୁତ୍ୱ ରହିଛି ଏବଂ ଏହା ଏକତାର ପ୍ରତୀକ । ବହୁକାଳରୁ ଭାରତର ଗୌରବ କବି, ରାଜନୀତିଜ୍ଞ, ଦାର୍ଶନିକ ଓ ସନ୍ଥମାନଙ୍କ ଚିନ୍ତା ଓ ଭାବନାରେ ପରିପ୍ରକାଶିତ ହୋଇଅଛି । ଉତ୍ତରରେ ହିମାଳୟଠାରୁ ଦକ୍ଷିଣରେ କୁମାରିକା ଏବଂ ପୂର୍ବରେ ବ୍ରହ୍ମପୁତ୍ରଠାରୁ ପଶ୍ଚିମରେ ସିନ୍ଧୁନଦୀ ପର୍ଯ୍ୟନ୍ତ ବିଶାଳ ଅଞ୍ଚଳକୁ ଧାରଣ କରିଥିବା ଭାରତର ଭୌଗଳିକ ଏକତା କୁ ସମସ୍ତେ ଉପଲବ୍ଧି କରିଛନ୍ତି । ସେଥିପାଇଁ ପ୍ରାଚୀନ ଭାରତର ରାଜା ଓ ମହାରାଜାମାନେ ଭାରତର ଭୌଗଳିକ ଏକତା ବଜାୟ ରଖିବାପାଇଁ ଅଖଣ୍ଡ ସାମ୍ରାଜ୍ୟ ବିସ୍ତାର କରିବାକୁ ଚେଷ୍ଟା କରିଛନ୍ତି । ଭାରତର ଅଧିବାସୀମାନେ ନିଜକୁ ଭାରତୀୟ ଭାବେ ପରିଚିତ କରିବା ସହିତ ଭାରତମାତାର ସନ୍ତାନ ବୋଲି ଗର୍ବ ଅନୁଭବ କରନ୍ତି । ଭାରତମାତା, "ଆମେ ଭାରତବାସୀ" ଇତ୍ୟାଦି ଧାରଣା ଏକତାକୁ ସୂଚାଇଥାଏ ।

**୨. ରାଜନୈତିକ ଏକତା (Political Unity):** ଭାରତର ରାଜନୈତିକ ଏକତା ଧାର୍ମିକ ଓ ସାଂସ୍କୃତିକ ଏକତା ଦ୍ୱାରା ପ୍ରଭାବିତ ହୋଇଥାଏ । ସମଗ୍ର ଦେଶକୁ ଗୋଟିଏ କ୍ଷମତା ଅଧୀନରେ ରଖିବାର ଆଦର୍ଶକୁ ଭାରତୀୟ ରାଜା ଓ ରାଜନୀତିଜ୍ଞମାନେ ବହୁପ୍ରାଚୀନ କାଳରୁ ଅନୁସରଣ କରିଆସୁଛନ୍ତି । ଅତୀତରେ ଅନେକ ରାଜା ମହାରାଜା ଅଧିକରୁ ଅଧିକ ରାଜ୍ୟ ଜୟକରି ନିଜକୁ 'ରାଜଚକ୍ରବର୍ତ୍ତୀ' ଉପାଧିରେ ଭୂଷିତ କରିବାପାଇଁ ପ୍ରୟାସ କରୁଥିଲେ । ଏପରି ଅନେକ ଉଦାହରଣ ଅଛି ଯେଉଁଥିରେ ଦିଲ୍ଲୀପ, ଦଶରଥ, ସାଗର, ଯୁଧିଷ୍ଠିର ଓ ମାନ୍ଧାତା ପ୍ରଭୃତି ରାଜାମାନେ ରାଜଚକ୍ରବର୍ତ୍ତୀ ଉପାଧିଲାଭ କରିଥିଲେ । ଏହି ଉପାଧି ଏକ କେନ୍ଦ୍ରୀୟ ଶାସନକର୍ତ୍ତାଙ୍କ ଅଧୀନରେ ପ୍ରତିଷ୍ଠିତ ରାଜନୈତିକ

ଏକତ୍ରୀକରଣର ଧାରଣାକୁ ସୂଚିତ କରିଥାଏ । ପରବର୍ତ୍ତୀ ସମୟରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ଅଶୋକ, ସମୁଦ୍ରଗୁପ୍ତ ଯୁଦ୍ଧ କରି ସମଗ୍ର ଦେଶରେ ସାର୍ବଭୌମତ୍ୱ ପ୍ରତିଷ୍ଠା କରିଥିଲେ ଓ ରାଜଚକ୍ରବର୍ତ୍ତୀ ଉପାଧିର ଅଧିକାରୀ ହୋଇଥିଲେ । ରାଜନୈତିକ ଏକତ୍ରୀକରଣ ଉଦ୍ଦେଶ୍ୟରେ ରାଜାମାନେ ଅଶ୍ୱମେଧ ଯଜ୍ଞ ପରି ଧାର୍ମିକ ଯଜ୍ଞର ପାଳନ କରୁଥିଲେ । ସ୍ୱାଧିନତା ହାସଲ ପରେ ମଧ୍ୟ ଗଣତନ୍ତ୍ର ବ୍ୟବସ୍ଥାରେ ଭାରତ କେନ୍ଦ୍ର ଓ ରାଜ୍ୟର ମିଳିତ ଶାସନ ପ୍ରଣାଳୀ ଉପରେ ରାଜନୈତିକ ଏକତାକୁ ବଜାୟରଖିପାରିଛି । ବର୍ତ୍ତମାନ ପରିସ୍ଥିତିରେ ଭାରତବର୍ଷ ଅନେକ ପ୍ରଦେଶ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ ହୋଇମଧ୍ୟ ତାର ରାଜନୈତିକ ଏକତା ବଜାୟ ରଖିଛି ।

**୩. ଧାର୍ମିକ ଏକତା (Religious unity) :** ଭାରତ ବିଭିନ୍ନ ଧର୍ମର କେନ୍ଦ୍ରସ୍ଥଳୀ ଅଟେ । ହିନ୍ଦୁ ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ୍ ବୌଦ୍ଧ, ଜୈନ, ପାର୍ସି ଓ ଅନ୍ୟାନ୍ୟ ଧର୍ମର ଲୋକମାନେ ଭାରତରେ ବସବାସ କରିଥାନ୍ତି । ଧର୍ମୀୟ ବିଭିନ୍ନତା ସତ୍ତ୍ୱେ ଭାରତରେ ଧାର୍ମିକ ଏକତାର ପରିପ୍ରକାଶ ହୋଇଅଛି । ପ୍ରତ୍ୟେକ ଧର୍ମର ସଦସ୍ୟମାନଙ୍କ ମଧ୍ୟରେ ବିଶ୍ୱାସ ଓ ଭାବନାରେ ସମାନତା ରହିଅଛି ପ୍ରତ୍ୟେକ ବ୍ୟକ୍ତି ଆତ୍ମାର ଅମରତ୍ୱ, ପୁନର୍ଜନ୍ମ, କର୍ମତତ୍ତ୍ୱ ଓ ମୋକ୍ଷ ଇତ୍ୟାଦି ଦାର୍ଶନିକ ଚିନ୍ତାଧାରା ଉପରେ ବିଶ୍ୱାସ କରିଥାନ୍ତି । ବିଖ୍ୟାତ ସମାଜବିଜ୍ଞାନୀ ଏମ୍ ଏନ୍ ଶ୍ରୀନିବାସଙ୍କ ମତରେ ଭାରତର ଏକତା ମୁଖ୍ୟତଃ ଧର୍ମୀୟ ଐକ୍ୟକୁ ବୁଝାଏ । ଏକତା ହେଉଛି ହିନ୍ଦୁ ଧର୍ମର ଅନ୍ତଃସାର । କାରଣ ହିନ୍ଦୁଧର୍ମ ଭାରତରେ ସଂଖ୍ୟାଗରିଷ୍ଠ ଲୋକମାନଙ୍କର ଧର୍ମ । ପ୍ରତ୍ୟେକ ଧର୍ମ ଇଶ୍ୱରଙ୍କ ଉପରେ ବିଶ୍ୱାସ ରଖି ପବିତ୍ରତା, ଉଦାରତା, ଦାୟା, ସଂଯମତା ପ୍ରଭୃତି ଉପରେ ଗୁରୁତ୍ୱ ଦେଇଥାନ୍ତି । ମହାଭାରତ, ରାମାୟଣ, ଭଗବତ୍‌ଗୀତା ବେଦ, ଉପନିଷଦ ପ୍ରଭୃତି ଧର୍ମଗ୍ରନ୍ଥ ଆଦିକୁ ଭାରତରେ ସବୁଠି ଆଦର ଓ ସମ୍ମାନର ସହିତ ପାଠ କରାଯାଇଥାଏ । ଏହା ବ୍ୟତୀତ ଭାରତର ଉତ୍ତରରେ ବଦ୍ରିନାଥ, ଦକ୍ଷିଣରେ ରାମେଶ୍ୱର, ପୂର୍ବରେ ପୁରୀ ଓ ପଶ୍ଚିମରେ ଦ୍ୱାରକା ଇତ୍ୟାଦି ତୀର୍ଥସ୍ଥାନଗୁଡ଼ିକ ଏକତାର ପ୍ରତୀକ ରୂପେ ପ୍ରତୀୟମାନ ହୋଇଅଛନ୍ତି । ସେହିପରି ଗଙ୍ଗା, ଯମୁନା, ସରସ୍ୱତୀ, ନର୍ମଦା, ସିନ୍ଧୁ, କାବେରୀ ଇତ୍ୟାଦି ନଦୀଗୁଡ଼ିକ ଅତ୍ୟନ୍ତ ପବିତ୍ର ଅଟନ୍ତି । ଏହି ପବିତ୍ର ନଦୀମାନଙ୍କରେ ସ୍ନାନ କଲେ ଭାରତୀୟମାନଙ୍କ ମନରେ ପବିତ୍ରତା, ଧାର୍ମିକ ଚେତନା ଓ ସାଂସ୍କୃତିକ ଏକତା ଜାଗ୍ରତ ହୋଇଥାଏ । ଏହାଛଡ଼ା ସମଗ୍ର ଭାରତରେ ଏକାବନ ଶିବପୀଠର ଅବସ୍ଥିତି ଧାର୍ମିକ ଏକତାର ସୂଚନା ଦେଇଥାଏ ।

**୪. ସାଂସ୍କୃତିକ ଏକତା (Cultural Unity) :** ଭାରତୀୟ ସମାଜ ସାଂସ୍କୃତିକ ଏକତା ଉପରେ ପ୍ରତିଷ୍ଠିତ ଯାହା ଭାରତୀୟ ସାମାଜିକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ । ଏହାର ପ୍ରଥା ଓ ପରମ୍ପରାରେ ମୌଳିକ ପ୍ରଭେଦ ସତ୍ତ୍ୱେ ବିଭିନ୍ନ ସମୁଦାୟ ଓ ସମୂହ ଗୁଡ଼ିକରେ ସାଂସ୍କୃତିକ ଏକତା ପ୍ରତିଫଳିତ ହୋଇଥାଏ । ଭାରତୀୟମାନଙ୍କର କଳା, ସାହିତ୍ୟ, ଦର୍ଶନ, ବିଜ୍ଞାନ, ଖାଦ୍ୟପେୟ, ଆଚାରବ୍ୟବହାର ଓ ସାମାଜିକ ମିଳାମିଶା କ୍ଷେତ୍ରରେ ସାଂସ୍କୃତିକ ଏକତା ଦେଖିବାକୁ ମିଳିଥାଏ । ଜାତିପ୍ରଥା ଓ ଯୌଥ ପରିବାର ଏହି ଦୁଇଟି ଯାକ ସାମାଜିକ ଅନୁଷ୍ଠାନ ଭାରତର କୋଣ ଅନୁକୋଣରେ ଦେଖିବାକୁ ମିଳେ, ଯାହା ମୌଳିକ ଭାବେ ଭାରତୀୟ ଅଟେ । ଏହା ଭାରତୀୟମାନଙ୍କୁ ଏକ ସାଧାରଣ ସାଂସ୍କୃତିକ ଆଦର୍ଶ ପ୍ରଦାନ କରିଛି । ହିନ୍ଦୁ; ମୁସଲମାନ, ଶିଖ୍, ବୌଦ୍ଧ, ଜୈନ ଓ

ଖ୍ରୀଷ୍ଟିଆନ ପ୍ରଭୃତି ପ୍ରତ୍ୟେକ ଭାରତୀୟ ଏହି ଜାତିପ୍ରଥା ଓ ଯୌଥ ପରିବାରରେ ନିଜକୁ ଅନ୍ତର୍ଭୁକ୍ତ କରିଥାନ୍ତି । ଦେଶର ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ପର୍ବପର୍ବାଣ ଯଥା-ହୋଲି, ଦଶହରା, ରାକ୍ଷୀବନ୍ଧନ ଓ ଦୀପାବଳୀ ଇତ୍ୟାଦି ଜାତି ଓ ଧର୍ମ ନିର୍ବିଶେଷରେ ସମସ୍ତେ ପାଳନ କରି ଏକତାର ଭାବ ପ୍ରଦର୍ଶନ କରିଥାଆନ୍ତି ।

**୫. ଭାଷାଗତ ଏକତା (Linguistic unity) :** ଭାରତରେ ଭିନ୍ନଭିନ୍ନ ଭାଷା ବ୍ୟବହୃତ ହେଉଥିଲେ ମଧ୍ୟ ଏଠାରେ ଭାଷାଗତ ଏକତା ରହିଛି । ସଂସ୍କୃତଭାଷା ସମସ୍ତ ଭାଷାର ମୂଳ ଆଧାର ଭାବେ ବ୍ୟବହୃତ ହୋଇଅଛି । ପ୍ରାଚୀନ ଯୁଗରେ, ସଂସ୍କୃତଭାଷା ଏକ ସଂଯୋଗକାରୀ ଭାଷା ରୂପେ ବ୍ୟବହାର କରାଯାଉଥିଲା । ସମସ୍ତ ଅଂଶରେ ଲୋକମାନେ ସଂସ୍କୃତକୁ ଏକ ସାଧାରଣ ଭାଷା ଭାବରେ ଗ୍ରହଣ କରିଥିଲେ । ଏହାକୁ ଭାରତୀୟ ଭାଷାର ଜନନୀ ରୂପେ ଗ୍ରହଣ କରାଯାଇଥିଲା । ହିନ୍ଦୀକୁ ଜାତୀୟ ଭାଷାରୂପେ ସ୍ୱୀକୃତି ପ୍ରଦାନ କରାଯାଇଅଛି ଏବଂ ଇଂରାଜୀ ଭାଷା ଏକ ସରକାରୀ ଭାଷା ରୂପେ ପ୍ରଚଳିତ ହେଉ ଥିବାରୁ ଭାରତରେ ଭାଷାଗତ ଏକତା ରକ୍ଷା ହୋଇଅଛି ।

**୬. ଆବେଗମୟ ଏକତା (Emotional Unity) :** ଭାବପ୍ରବଣ ବା ଆବେଗପ୍ରବଣ ହୋଇ ପରସ୍ପର ମଧ୍ୟରେ ଏକତାର ବନ୍ଧନରେ ବାନ୍ଧିହେଲେ ଆବେଗମୟ ଏକତାର ପରିପ୍ରକାଶ ଘଟିଥାଏ । ଭାଷା ଓ ଭୌଗଳିକ ପରିବେଶ ଏକତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଅଟେ । 'ଆମେ ଭାରତୀୟ' 'ଭାରତମାତା' 'ଭାରତବର୍ଷ' ପ୍ରଭୃତି ଶବ୍ଦଗୁଡ଼ିକ ପ୍ରତ୍ୟେକ ଭାରତୀୟମାନଙ୍କ ମନରେ ଆବେଗାତ୍ମକ ଭାବନା ସୃଷ୍ଟି କରିଥାଏ । ସେହିପରି ଜାତୀୟ ସଙ୍ଗୀତ ଓ ବନ୍ଦେ ମାତରଂ ଭଳି ଦେଶାତ୍ମବୋଧକ ସଙ୍ଗୀତ ଭାରତୀୟମାନଙ୍କ ମଧ୍ୟରେ ଆମ ଭାବନା ସୃଷ୍ଟି କରିଥାଏ ଓ ଏହି ଭାବନା ଭାରତୀୟମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ ।

## ବିଭିନ୍ନତାର କାରକ

## Factors of Diversity

ବିଭିନ୍ନତା ଭାରତୀୟ ସମାଜର ଏକ ପ୍ରଧାନ ବୈଶିଷ୍ଟ । ପ୍ରାଚୀନ କାଳରୁ ବିଭିନ୍ନ ପ୍ରଜାତି, ଧର୍ମ, ସଂସ୍କୃତି ଭାଷା ଓ ଜନଜାତିର ଲୋକମାନେ ଏଠାରେ ବସବାସ କରିଆସୁଥିବାରୁ ଏଠାରେ ବିଭିନ୍ନ ପ୍ରକାରର ବିଭିନ୍ନତା ପରିଲକ୍ଷିତ ହୋଇଥାଏ ।

**୧. ପ୍ରଜାତୀୟ ବିଭିନ୍ନତା (Racial Diversity) :** ଭାରତ ବିଭିନ୍ନ ପ୍ରଜାତିର ଦେଶଭାବେ ପରିଚିତ । ପୃଥିବୀର ପ୍ରାୟ ସମସ୍ତ ପ୍ରଜାତି ଭାରତର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳିଥାନ୍ତି । ଏହି ପ୍ରଜାତି ଶାରିରୀକ ଗଠନ ଦୃଷ୍ଟିରୁ ଭିନ୍ନ ଭିନ୍ନ ଅଟନ୍ତି । ସମାଜବିଜ୍ଞାନୀ ଓ ନୃତତ୍ତ୍ୱବିତ୍‌ମାନେ ଶାରିରୀକ ଲକ୍ଷଣକୁ ଲକ୍ଷ ରଖି ପୃଥିବୀର ଆଧିବାସୀମାନଙ୍କୁ ବିଭିନ୍ନ ସମୂହରେ ବିଭକ୍ତ କରିଛନ୍ତି ଏବଂ ପ୍ରତ୍ୟେକ ସମୂହକୁ ଏକ ନିର୍ଦ୍ଦିଷ୍ଟ ପ୍ରଜାତି ଭାବରେ ପରିଚିତ କରିଛନ୍ତି, ଯଥା- ନିଗ୍ରୋ, ମଙ୍ଗୋଲୀୟ, ଅଷ୍ଟ୍ରେଲିଅ, ଆଲ୍‌ପାଇନ୍ ଓ ଆର୍ମେନୀୟ ଇତ୍ୟାଦି । ଏହି ପ୍ରଜାତିମାନଙ୍କର ପୂର୍ବପୁରୁଷମାନେ ଭାରତର ଚତୁଃପାର୍ଶ୍ୱରେ ଥିବା ଭୂଖଣ୍ଡମାନଙ୍କରୁ ହିମାଳୟ ପର୍ବତମାଳା ଅତିକ୍ରମ କରି ଆସି ଭାରତରେ ବସବାସ କରିଥିଲେ ।

ପ୍ରତ୍ୟେକ ନିର୍ଦ୍ଦିଷ୍ଟ ପ୍ରଜାତି ମଧ୍ୟରେ ସମାନ ପ୍ରକାରର ଶାରିରୀକ ଓ ମାନସିକ ଲକ୍ଷଣ ପ୍ରକାଶ ପାଇଥାଏ ଓ ଗୋଟିଏ ପ୍ରଜାତିର ଲୋକ ନିଜକୁ ବଂଶଗତ ଶାରିରୀକ ଭିନ୍ନତା ଦ୍ୱାରା ଚିହ୍ନିତ କରିଥାନ୍ତି । ଏହି ଭିନ୍ନତା ଯୋଗୁଁ ଲୋକମାନଙ୍କର ଶାରିରୀକ ଗଠନ, ଯଥା- ଉଚ୍ଚତା, ବର୍ଣ୍ଣ, ମୁଖ ଓ ନାକ ଆଦିର ଗଠନ ଭିନ୍ନ ଭିନ୍ନ ହୋଇଥାଏ । ଭାରତରେ ଦେଖାଯାଉଥିବା ପ୍ରଜାତି ଗୁଡ଼ିକ ତୁର୍କୋ ଇରାନୀୟ, ଆର୍ଯ୍ୟ, ଦ୍ରାବିଡ଼, ସ୍କିଥୋ-ଦ୍ରାବିଡ଼ୀୟ, ଆର୍ଯ୍ୟ-ଦ୍ରାବିଡ଼ୀୟ, ମଙ୍ଗୋଲୋ-ଦ୍ରାବିଡ଼ୀୟ ଓ ମଙ୍ଗୋଲିୟ ଇତ୍ୟାଦି ଅଟନ୍ତି ।

**୨. ଭାଷାଗତ ବିଭିନ୍ନତା (Linguistic Diversity) :** ଭାରତ ବିଭିନ୍ନ ଭାଷାର ସଙ୍ଗମସ୍ଥଳ ଅଟେ । ଏଠାରେ ବିଭିନ୍ନ ଭାଷାଭାଷିର ଲୋକ ବାସ କରିଥାଆନ୍ତି । ଜର୍ଜ ଗ୍ରିଅରସନ୍ ତାଙ୍କ "ଭାରତର ଭାଷାଗତ ସର୍ଭେ'' (Linguistic Survey of India) ନାମକ ସନ୍ଦର୍ଭରେ ଉଲ୍ଲେଖ କରିଛନ୍ତି ଯେ ଭାରତରେ ପ୍ରାୟ ୧୭୯ ପ୍ରକାରର ଭାଷା ଏବଂ ୫୪୪ଟି ଉପଭାଷା ବା ସ୍ଥାନୀୟ ଭାଷା ଦେଖାଯାଏ । ସେହିଭଳି ୧୯୭୧ ଜନଗଣନା ଅନୁସାରେ ଭାରତରେ ୧୬୫୨ ପ୍ରକାରର ଭାଷା ଦେଖିବାକୁ ମିଳିଥାଏ, କିନ୍ତୁ କେତେକ ଅଧ୍ୟୟନରୁ ବିଶ୍ୱାସ କରାଯାଏ ଯେ ଭାରତରେ ୨୦୦୦ରୁ ଉର୍ଦ୍ଧ୍ୱଭାଷା ଓ ଉପଭାଷା ରହିଅଛି । ଏତେଗୁଡ଼ିଏ ଭାଷା ମଧ୍ୟରୁ ଭାରତୀୟ ସମ୍ବିଧାନ ୨୨ଟି ଭାଷାକୁ ସ୍ୱୀକୃତି ଦେଇଅଛି । ଭାରତରେ ଥିବା ଭାଷାକୁ ମୁଖ୍ୟତଃ ଚାରିଗୋଟି ଭାଷା ପରିବାରରେ ବିଭକ୍ତ କରାଯାଇଅଛି । ସେଗୁଡ଼ିକ ହେଲା ଇଣ୍ଡୋ-ଆର୍ଯ୍ୟ ଭାଷା, ଦ୍ରାବିଡ଼ୀୟ ଭାଷା, ଅଷ୍ଟ୍ରିକ ଭାଷା ଓ ସିନୋ ତିବ୍ବତୀୟ ଭାଷା ।

ପ୍ରତ୍ୟେକ ଭାଷାଗତ ପରିବାରର କେତେଗୁଡ଼ିଏ ଭାଷା ଓ ଉପଭାଷା ରହିଅଛି । ଯଥା:- ହିନ୍ଦୀ, ଓଡ଼ିଆ, ବଙ୍ଗାଳୀ, ଆସାମୀ, ମରାଠୀ, ପଞ୍ଜାବୀ, ଗୁଜୁରାଟୀ ଓ ରାଜସ୍ଥାନୀ ଇତ୍ୟାଦି ଭାଷା ଇଣ୍ଡୋ - ଆର୍ଯ୍ୟ ଭାଷାର ଅନ୍ତର୍ଭୁକ୍ତ ତେଲୁଗୁ, ତାମିଲ୍, କନ୍ନଡ଼ ଓ ମାଲାୟଲମ୍ ଦ୍ରାବିଡ଼ୀୟ ଭାଷାର ଅନ୍ତର୍ଭୁକ୍ତ । ଅଷ୍ଟ୍ରିକ୍ ଭାଷା ସାଧାରଣତଃ ଭାରତରେ ବସବାସ କରୁଥିବା ଜନଜାତିମାନଙ୍କର ଭାଷା ହୋଇଥିବା ବେଳେ ଭାରତର ଉତ୍ତରପୂର୍ବ ଅଞ୍ଚଳରେ ବସବାସ କରୁଥିବା ଜନଜାତିର ଭାଷାକୁ ସିନୋତିବ୍ବତୀୟ ଭାଷା କୁହାଯାଇଥାଏ । ମୋଟ ଉପରେ ଭାରତରେ ବିଭିନ୍ନ ଭାଷାଭାଷିର ଲୋକମାନେ ବସବାସ କରୁଥିବାରୁ ଭାଷାଗତ ବିଭିନ୍ନତା ପରିଲକ୍ଷିତ ହୋଇଥାଏ ।

**୩. ଧାର୍ମିକ ବିଭିନ୍ନତା ( Religious Diversity) :** ବହୁପ୍ରାଚୀନ କାଳରୁ ଭାରତ ଧାର୍ମିକ ଚିନ୍ତା ଓ ଚେତନା ଦ୍ୱାରା ପରିପୁଷ୍ଟ ହୋଇ ଆସୁଅଛି । ପୃଥିବୀରେ ଥିବା ସମସ୍ତ ଧର୍ମାବଲମ୍ବୀ ସଂପ୍ରଦାୟର ଲୋକମାନେ ଭାରତରେ ବସବାସ କରୁଥିବାରୁ ଭାରତରେ ଧର୍ମକୁ ନେଇ ବିଭିନ୍ନତା ଦୃଶ୍ୟ ହୋଇଥାଏ । ଧାର୍ମିୟ ବିଭିନ୍ନତା ଭାରତୀୟ ସମାଜର ଏକ ମୁଖ୍ୟ ବୈଶିଷ୍ଟ୍ୟ ଅଟେ । ଏଠାରେ ହିନ୍ଦୁ ,ମୁସଲମାନ, ଖ୍ରୀଷ୍ଟିଆନ୍, ଶିଖ୍, ବୌଦ୍ଧ, ଜୈନ ଓ ପାର୍ସି ପ୍ରଭୃତି ଧର୍ମର ଉପାସକମାନେ ଏକତ୍ର ସହବସ୍ଥାନ କରିଥାନ୍ତି ।

ଏହାବ୍ୟତୀତ ମୁଖ୍ୟ ଧର୍ମଗୁଡ଼ିକ ବିଭିନ୍ନ ଶାଖାପ୍ରଶାଖାରେ ବିଭକ୍ତ ହୋଇ ନିଜର ଧାର୍ମିକ ସ୍ୱତନ୍ତ୍ରତା ପ୍ରତିଷ୍ଠା କରିବାର ଦେଖିବାକୁ ମିଳିଥାଏ, ଯଥା- ହିନ୍ଦୁଧର୍ମ ବୈଷ୍ଣବ, ଶୈବ, ବ୍ରାହ୍ମସମାଜ, ଆର୍ଯ୍ୟସମାଜ, ବୌଦ୍ଧଧର୍ମ, ହୀନଯାନ ଓ ମହାଯାନ, ଜୈନଧର୍ମ, ଦିଗମ୍ବର ଓ ଶ୍ୱେତାମ୍ବର ଏବଂ ଖ୍ରିଷ୍ଟିଆନମାନଙ୍କ ମଧ୍ୟରେ କ୍ୟାଥୋଲିକ ଓ

ପ୍ରୋଟେଷ୍ଟାଣ୍ଟ ଇତ୍ୟାଦି ବିଭିନ୍ନ ବିଭାଜନ ଦେଖିବାକୁ ମିଳିଥାଏ । ଏହି ବିଭାଜନ ଭାରତରେ ଧାର୍ମିକ ବୈଷମ୍ୟତାକୁ ସୂଚାଇ ଥାଏ ।

୪. ଭୌଗଳିକ ବିଭିନ୍ନତା ( Geographical Diversity) : ଭାରତୀୟ ସମାଜ ଭୌଗଳିକ ଦୃଷ୍ଟିକୋଣରୁ ଭିନ୍ନ ଅଟେ । ଏହା ଏକ ବୃହତ୍ ଦେଶ ଅଟେ । ଏହାର ବିଶାଳତା ଦୃଷ୍ଟିରୁ ଅଞ୍ଚଳ ଅଞ୍ଚଳ ମଧ୍ୟରେ ଭୌଗଳିକ ଭିନ୍ନତା ପରିଲକ୍ଷିତ ହୋଇଥାଏ । ଭାରତର ଭୌଗଳିକ ଅଞ୍ଚଳ କାଶ୍ମୀରରୁ କେପ୍ କମୋରିନ୍ ପର୍ଯ୍ୟନ୍ତ ଓ ଗୁଜୁରାଟରୁ ଆସାମ ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଟେ। ଏହି ବିଶାଳ ଭୂଖଣ୍ଡ ମଧ୍ୟରେ ଅନେକ ପ୍ରାକୃତିକ ବିବିଧତା ଦେଖିବାକୁ ମିଳିଥାଏ, ଯଥା – ଉତ୍ତର ପୂର୍ବ ପାର୍ବତ୍ୟ ଅଞ୍ଚଳ, ଉତ୍ତର ସମତଳ ଅଞ୍ଚଳ, ଦକ୍ଷିଣ ଭାରତୀୟ ମାଳଭୂମି ଓ ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ । ଉଚ୍ଚ ପର୍ବତମାଳା, ମାଳଭୂମି, ଜନାକୀର୍ଣ୍ଣ ସମତଳଭୂମି, ବିସ୍ତିର୍ଣ୍ଣ ବେଳାଭୂମି ଓ ମରୁଭୂମି ଇତ୍ୟାଦି ଭାରତୀୟ ବିବିଧତାକୁ ଦର୍ଶାଇଥାଏ । ଭୌଗଳିକ ବିଭିନ୍ନତା ବ୍ୟତୀତ ଭାରତରେ ଜଳବାୟୁ ସମ୍ବନ୍ଧୀୟ ବିଭିନ୍ନତା ପରିଲକ୍ଷିତ ହୋଇଥାଏ । ଭାରତର ଉତ୍ତରରେ ଅତ୍ୟଧିକ ହୀମପ୍ରବାହ ହେଉଥିବାବେଳେ ଦକ୍ଷିଣରେ ଉଷ୍ମ ଅନୁଭୂତ ହେଇଥାଏ । ଏହାର ଚେରାପୁଞ୍ଜି ଅଞ୍ଚଳ ଅତ୍ୟାଧିକ ବୃଷ୍ଟିପାତ ହେଉଥିବା ସମୟରେ ରାଜସ୍ଥାନ ଅଞ୍ଚଳରେ ଶୁଷ୍କ ମରୁଭୂମି ଦେଖାଯାଇଥାଏ । ବାସ୍ତବରେ ଭୌଗଳିକ ଓ ଜଳବାୟୁ ଜନିତ ବିଭିନ୍ନତା ଭାରତୀୟ ସମାଜକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ ।

୫. ଆଞ୍ଚଳିକ ବିଭିନ୍ନତା (Regional Diversity) : ଭାରତର ଭୌଗଳିକ ଅବସ୍ଥିତି ଆଞ୍ଚଳିକ ବିଭିନ୍ନତା ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଉଚ୍ଚପର୍ବତ, ମାଳଭୂମି, ସମତଳଭୂମି ଓ ମରୁଭୂମି ଇତ୍ୟାଦି ଭୌଗଳିକ ବିବିଧତା ଭାରତର କେତେକ ଅଞ୍ଚଳକୁ ଅନ୍ୟ ଅଞ୍ଚଳଠାରୁ ଭିନ୍ନ କରିଥାଏ । ଫଳରେ ଗମନାଗମନ, ଶିଳ୍ପବିକାଶ ଓ ଅର୍ଥନୈତିକ ଉନ୍ନତି ଦୃଷ୍ଟିରୁ ଆଞ୍ଚଳିକ ତାରତମ୍ୟ ଦୃଷ୍ଟିଗୋଚର ହୋଇଥାଏ । ଭାରତର କେତେକ ଅଞ୍ଚଳରେ ଶିଳ୍ପପ୍ରସାର ପାଇଁ ପ୍ରଚୁର ଖଣିଜ ପଦାର୍ଥ ଗଚ୍ଛିତ ହୋଇ ରହିଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ନଦୀଗୁଡ଼ିକ ଜଳସେଚନ ଓ ବିଦ୍ୟୁତ ଶକ୍ତି ଉତ୍ପାଦନରେ ସହାୟକ ହୋଇଥାନ୍ତି । ଏହି କାରଣରୁ ବିଭିନ୍ନ ଅଞ୍ଚଳର ଅଧିବାସୀଙ୍କର ସାମାଜିକ ସଂଗଠନ, ବାସଗୃହ, ଖାଦ୍ୟ, ପୋଷାକ, ସଂସ୍କୃତି ଓ ଚାଲିଚଳନରେ ତାରତମ୍ୟ ଦେଖାଦେଇଥାଏ ।

୬. ଜନଜାତୀୟ ବିଭିନ୍ନତା (Tribal Diversity) : ଜନଜାତିଗୁଡ଼ିକ ଭାରତୀୟ ଜନସଂଖ୍ୟାର ଏକ ମୁଖ୍ୟ ଅଂଶ ବିଶେଷ ଅଟନ୍ତି । ଏହି ଜନଜାତିମାନଙ୍କ ମଧ୍ୟରେ ଅବସ୍ଥିତି, ଭାଷା, ସଂସ୍କୃତି, ସାମାଜିକ ଓ ଅର୍ଥନୈତିକ ଚଳଣିରେ ପାର୍ଥକ୍ୟ ଦେଖାଯାଏ । ଏହି ଦୃଷ୍ଟିରୁ ଭାରତୀୟ ଜନଜାତିମାନଙ୍କୁ ତିନୋଟି ଭାଗରେ ବିଭକ୍ତ କରାଯାଇଅଛି, ଯଥା- ଉତ୍ତର ଓ ଉତ୍ତର ପୂର୍ବ ମଣ୍ଡଳ, କେନ୍ଦ୍ରୀୟ ମଣ୍ଡଳ ଓ ଦକ୍ଷିଣ ମଣ୍ଡଳ, ଆକା, ଖାସି, ଗାରୋ ଓ ନାଗା ଆଦି ଜନଜାତି ଉତ୍ତର ଓ ଉତ୍ତର ପୂର୍ବ ମଣ୍ଡଳର ଅନ୍ତର୍ଭୁକ୍ତ । ଶବର, ସାନ୍ତାଳ, ଭିଲ୍, କନ୍ଧ, ଗଣ୍ଡ ଇତ୍ୟାଦି କେନ୍ଦ୍ରୀୟ ମଣ୍ଡଳର ଅଧିବାସୀ ଅଟନ୍ତି । ସେହିପରି ଟୋଡ଼ା, ଚେଞ୍ଚୁ ଓ କେଦାର ପ୍ରଭୃତି ଦକ୍ଷିଣ ମଣ୍ଡଳରେ ବସବାସ କରିନ୍ତି । ସାଂସ୍କୃତିକ ବିକାଶ

ଅନୁସାରେ ଚାରିପ୍ରକାର ଜନଜାତି ଦେଖାଯାଇଥାଆନ୍ତି । ସେହିପରି ସାମାଜିକ ଓ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ଡ଼ି.ଏନ୍. ମଜୁମ୍ଦାର ଭାରତୀୟ ଜନଜାତିକୁ ଚାରିଭାଗରେ ବିଭକ୍ତ କରିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ଜୀବିକାର୍ଜନ ପାଇଁ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଅନ୍ୟ କେତେକ ଜନଜାତିଙ୍କର ମୁଖ୍ୟ ଜୀବିକା ଖାଦ୍ୟ ସଂଗ୍ରହ ଓ କୃଷି ଅଟେ। କେତେକ ଜନଜାତି କୃଷିକୁ ମୁଖ୍ୟ ଜୀବିକା ରୂପେ ଗ୍ରହଣ କରିଥାନ୍ତି ଓ ଅନ୍ୟ କିଛି ଜନଜାତି ଶ୍ରେଣୀର ଲୋକ ପାରମ୍ପରିକ ବୃତ୍ତିକୁ ତ୍ୟାଗକରି ଆଧୁନିକ କଳକାରଖାନା ଓ ଖଣିମାନଙ୍କରେ କାର୍ଯ୍ୟ କରିଥାଆନ୍ତି ।

**୭. ଜାତିଗତା ବିଭିନ୍ନତା (Caste Diversity) :** ଜାତିବ୍ୟବସ୍ଥା ଭାରତୀୟ ସମାଜର ଏକ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଅଟେ । ଏହି ବ୍ୟବସ୍ଥା ଭାରତୀୟ ସମାଜରେ ସୀମିତ ଅଟେ । ଅନ୍ୟକୌଣସି ସମାଜରେ ଏପରି ବ୍ୟବସ୍ଥା ଦେଖାଯାଏ ନାହିଁ । ଜାତି ବ୍ୟବସ୍ଥା ସମାଜକୁ ଏକାଧିକ କ୍ଷୁଦ୍ର ସମୂହରେ ବିଭାଜିତ କରିଥାଏ । ଏହା ଜନ୍ମଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଭାରତରେ ମୁଖ୍ୟତଃ ଚାରିଗୋଟି ଜାତି, ଯଥା - ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ଓ ଅନେକ ଉପଜାତି ଦେଖିବାକୁ ମିଳିଥାନ୍ତି । ପ୍ରତ୍ୟେକ ଜାତି ଉଚ୍ଚନୀଚ କ୍ରମ ଅନୁସାରେ ସଜାଇ ହୋଇ ରହିଥାନ୍ତି ଓ ନିର୍ଦ୍ଦିଷ୍ଟ ପ୍ରସ୍ଥିତି ଓ ସୁବିଧା ସୁଯୋଗ ଉପଭୋଗ କରିଥାନ୍ତି । ଏହାଦ୍ୱାରା ସମାଜରେ ଅସମାନତା ଓ ଜାତିଗତ ବିଭିନ୍ନତା ସୃଷ୍ଟି ହୋଇଥାଏ ।

◆◆◆

# ଆଦର୍ଶ ପ୍ରଶ୍ନାବଳୀ

## Group-A
## Objective Type
## 'କ' ବିଭାଗ
## ଅତି ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ

**ନିମ୍ନୋକ୍ତ ବିକଳ୍ପ ଗୁଡିକ ମଧ୍ୟରୁ ଠିକ୍ ଉତ୍ତର ଲେଖ।**
**(Multiple Choice Questions)**

୧. ଭାରତର ନାମ କେଉଁ ନଦୀର ନାମ ଅନୁସାରେ ନାମିତ ହୋଇଅଛି ।
(କ) ସିନ୍ଧୁ (ଖ) ଯମୁନା (ଗ) ଗଙ୍ଗା (ଘ) କାବେରୀ

୨. ଜନସଂଖ୍ୟା ଦୃଷ୍ଟିରୁ ଭାରତ ବିଶ୍ୱର
(କ) ପ୍ରଥମ ବୃହତମ ଦେଶ (ଖ) ଦ୍ୱିତୀୟ ବୃହତ୍ତମ ଦେଶ
(ଗ)ତୃତୀୟ ବୃହତ୍ତମ ଦେଶ (ଘ) ଚତୁର୍ଥ ବୃହତ୍ତମ ଦେଶ

୩. ବିଶ୍ୱଜନସଂଖ୍ୟାର ଶତକଡ଼ା କେତେ ଭାଗଲୋକ ଭାରତରେ ବାସ କରନ୍ତି ।
(କ) ୨.୪% (ଖ) ୧୭.୫% (ଗ)୧.୭୬% (ଘ) ୧୯.୯୬%

୪. ପ୍ରଜାତିକୁ ଚିହ୍ନିତ କରାଯାଏ ।
(କ) ବଂଶଗତ ଶାରିରୀକ ଲକ୍ଷଣ (ଖ)ଜାତିଗତ ଲକ୍ଷଣ (ଗ)ସାଂସ୍କୃତିକ ଲକ୍ଷଣ (ଘ) ସାମାଜିକ ଲକ୍ଷଣ

୫. ଏକ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ପାର୍ଥକ୍ୟ ଥିବା ଏବଂ ବହୁଗୁଡ଼ିଏ ସ୍ୱତନ୍ତ୍ର ବଂଶଗତ ଗୁଣଗୁଡ଼ିକୁ ଧାରଣା କରିଥିବା ଏବଂ ବୃହତ୍ ଜୈବିକ ମାନବ ସମୂହକୁ ପ୍ରଜାତି କୁହାଯାଏ । କିଏ କହିଥିଲେ ?
(କ) ଏ ଡ଼ବଲ୍ୟୁ ଗ୍ରୀନ୍ (ଖ) ମାକାଇଭର (ଗ) ହରବର୍ଟ ରିସଲେ (ଘ) ଡ଼ି.ଏନ୍.ମଜୁମଦାର

୬. ହର୍ବଟ ରିସଲେ ଭାରତୀୟ ପ୍ରଜାତିକୁ କେତେଭାଗରେ ବିଭକ୍ତ କରିଛନ୍ତି ।
(କ) ୫ (ଖ)୬ (ଗ)୭ (ଘ)୮

୭. ୨୦୧୧ ଜନଗଣନା ଅନୁଯାୟୀ ଭାରତର ସ୍ୱାକ୍ଷରତା ହାର ଶତକଡ଼ା ।
(କ)୭୪.୦୪ (ଖ)୮୨.୧୪ (ଗ)୬୫.୪୬ (ଘ)୬୩.୮୨

୮. ଭାରତର କେଉଁ ରାଜ୍ୟର ସାକ୍ଷରତା ହାର ସର୍ବୋଚ୍ଚ ଅଟେ ?
(କ) ଉତ୍ତର ପ୍ରଦେଶ (ଖ)କେରଳ (ଗ) ଓଡ଼ିଶା (ଘ)ବିହାର

୯. ଭାରତରେ ବ୍ୟବହୃତ ହେଉଥିବା ଭାଷାକୁ କେତୋଟି ଭାଷା ପରିବାରରେ ବିଭକ୍ତ କରାଯାଇଅଛି ?
(କ) ୨ (ଖ)୩ (ଗ)୪ (ଘ)୫

୧୦. ଭାରତରେ କେତୋଟି ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ କରାଯାଇଅଛି ।
(କ) ୧୬ (ଖ) ୧୮ (ଗ) ୨୨ (ଘ) ୨୬

୧୧. କିଏ ଇସ୍‌ଲାମ ଧର୍ମର ପ୍ରତିଷ୍ଠାତା ଥିଲେ ?
(କ) ସେଣ୍ଟ ଥମାସ୍ (ଖ) ପ୍ରଫେଟ୍ ମହମ୍ମଦ (ଗ) ଗୁରୁନାନକ (ଘ) ଚୈତନ୍ୟ

## *(ଖ) ଗୋଟିଏ ଶବ୍ଦ କିମ୍ବା ବାକ୍ୟରେ ଉତ୍ତର ଦିଅ ।*

## (Answer in one word or Sentence)

୧. ବିଏସ୍ ଗୁହା ଭାରତୀୟ ପ୍ରଜାତିକୁ କେତେ ଭାଗରେ ବିଭକ୍ତ କରିଛନ୍ତି ।
୨. ଏକ ନିର୍ଦ୍ଦିଷ୍ଟ ଶାରୀରିକ ଓ ମାନସିକ ଲକ୍ଷଣଯୁକ୍ତ ଜୈବିକ ଜନସମୂହକୁ କଣ କୁହାଯାଏ ?
୩. ଭାରତ ଏକ ଭାଷାର ସଂଗ୍ରହାଳୟ । ଏହି ମତ କିଏ ପ୍ରଦାନ କରିଥିଲେ ?
୪. ଓଡ଼ିଆ ଭାଷା କେଉଁ ଭାଷା ପରିବାରର ଅନ୍ତର୍ଭୁକ୍ତ ଅଟେ ?
୫. କେଉଁ ଭାଷାକୁ ଜାତୀୟ ଭାଷା ରୂପ ସ୍ୱୀକୃତି ପ୍ରଦାନ କରାଯାଇଅଛି ?
୬. କେଉଁ ରାଜ୍ୟର ଲୋକମାନେ ତାମିଲ୍ ଭାଷା ବ୍ୟବହାର କରିଥାଆନ୍ତି ?
୭. ଅଷ୍ଟ୍ରିକ୍ ଭାଷା ସାଧାରଣତଃ କେଉଁମାନଙ୍କର ଭାଷା ଅଟେ ?
୮. ଭାରତରେ କେଉଁ ଧର୍ମାମଲମ୍ବୀ ଲୋକମାନଙ୍କର ସଂଖ୍ୟା ଅଧିକ ?
୯. ଶିଖଧର୍ମର ପ୍ରତିଷ୍ଠାତା କିଏ ?
୧୦. ବୌଦ୍ଧ ଧର୍ମ କାହାର ପୃଷ୍ଠ ପୋଷକତାରେ ଭାରତରେ ପ୍ରସାର ଲାଭ କରିଥିଲା ?
୧୧. ଭାରତରେ ଜାତି ବ୍ୟବସ୍ଥାକୁ କେତେ ଭାଗରେ ବିଭକ୍ତ କାରାଯାଇଅଛି ।
୧୨. ଭୌଗଳିକ ଅବସ୍ଥିତି ଭିତ୍ତିରେ ଜନଜାତିକୁ କେତୋଟି ଅଞ୍ଚଳରେ ବିଭକ୍ତ କାରାଯାଇଅଛି ?

## (ଗ) ଶୂନ୍ୟସ୍ଥାନ ପୂରଣ କର ।

## (Fill in the Blanks)

୧. ବି.ଏସ୍.ଗୁହା ଭାରତୀୟ ପ୍ରଜାତିକୁ ______ ଭାଗରେ ବିଭକ୍ତ କରିଛନ୍ତି ।
୨. ଭାରତର ଜନସଂଖ୍ୟା ପ୍ରାୟ ______ ।
୩. ପଞ୍ଜାବୀ ଭାଷାରେ ବ୍ୟବହୃତ ଲିପିକୁ ______ କୁହାଯାଏ ।
୪. ତେଲଗୁ ଓ ତାମିଲ ଭାଷା ______ ଭାଷା ପରିବାର ଅନ୍ତର୍ଭୁକ୍ତ ।
୫. ଅଷ୍ଟ୍ରିକ ଭାଷା ସାଧାରଣତଃ ______ ମାନଙ୍କର ଭାଷା ଅଟେ ।
୬. ତେଲଗୁ ଭାଷା ______ ପ୍ରଦେଶର ଲୋକମାନଙ୍କର ଭାଷା ଅଟେ ।
୭. ମାଲାୟଲମ୍ ଭାଷା ______ ଲୋକମାନଙ୍କର ଭାଷା ଅଟେ ।
୮. ______ ଶିଖ୍ ଧର୍ମର ପ୍ରତିଷ୍ଠାତା ।
୯. ______ ବ୍ୟବସ୍ଥା ଉଚ୍ଚନୀଚକ୍ରମ ନୀତି ଉପରେ ପ୍ରତିଷ୍ଠିତ ।
୧୦. ବିଭିନ୍ନତା ମଧ୍ୟରେ ______ ଭାରତୀୟ ସମାଜର ବୈଶିଷ୍ଟ ।

## Group-B
## Short Type Questions
## ଖ ବିଭାଗ
## ସଂକ୍ଷିପ୍ତ ଉତ୍ତର ମୂଳକ

(କ) ଦୁଇ କିମ୍ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।
**(Answer in two or three Sentences)**

୧. ଭାରତର ଭୌଗଳିକ ଅବସ୍ଥିତି ଉଲ୍ଲେଖ କର ।
୨. ପ୍ରଜାତି କହିଲେ କଣ ବୁଝ ?
୩. ହର୍ବର୍ଟ ରିସଲେଙ୍କ ପ୍ରଜାତୀୟ ବର୍ଗୀକରଣ ଗୁଡ଼ିକୁ ଉଲ୍ଲେଖ କର ।
୪. କେଉଁ ଭାଷା ଗୁଡ଼ିକ ଇଣ୍ଡୋ-ଆର୍ଯ୍ୟ ଭାଷା ପରିବାରର ଅଟନ୍ତି ।
୫. ସାଂସ୍କୃତିକ ଏକତା କହିଲେ କଣ ବୁଝ ।
୬. ଆବେଗମୟ ଏକତା କହିଲେ କଣ ବୁଝ ।

(ଖ) ପାର୍ଥକ୍ୟ ଦର୍ଶାଅ ।
**(Distinguish Between)**

୧. ଏକତା ଓ ବିଭିନ୍ନତା
୨. ଏକେଶ୍ୱରବାଦ ଓ ବହୁଇଶ୍ୱରବାଦ ।

## Group- C
## Long Type Questions
## 'ଗ' ବିଭାଗ
## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧. ଭାରତୀୟ ସମାଜର ଭୌଗଳିକ ଗଠନ ସମ୍ବନ୍ଧରେ ଆଲୋଚନା କର ।
୨. ଭାରତୀୟ ସମାଜର ଜନସାଂଖ୍ୟିକ ଗଠନ ବିଷୟରେ ଆଲୋଚନା କର ।
୩. ଭାରତୀୟ ସମାଜର ପ୍ରଜାତୀୟ ବିଭିନ୍ନତା ଗୁଡ଼ିକୁ ଆଲୋଚନା କର ।
୪. ଭାରତୀୟ ସମାଜର ସାଂସ୍କୃତିକ ଏକତାକୁ ଆଲୋଚନା କର ।
୫. ଭାରତୀୟ ସମାଜ କିପରି ବିଭିନ୍ନତା ମଧ୍ୟରେ ଏକତା ରକ୍ଷା କରିଛି ଆଲୋଚନା କର ।

◆◆◆

# ଦ୍ୱିତୀୟ ପରିଚ୍ଛେଦ

# ଭାରତୀୟ ସାମାଜିକ ସଂରଚନା

## (INDIAN SOCIAL STRUCTURE)

### ଜାତି ବ୍ୟବସ୍ଥା, ଜାତି ଓ ଶ୍ରେଣୀ, ହିନ୍ଦୁ ଯୌଥ ପରିବାର, ଗ୍ରାମ୍ୟ ସମୁଦାୟ, ଗ୍ରାମ୍ୟ ସହର ସଂଯୁକ୍ତତା ଓ ବିଭାଜନ

### Caste System, Caste and Class, Hindu Joint Family, Village Community, Rural and Urban Linkages and Divisions

### ଜାତି ବ୍ୟବସ୍ଥା

**Caste System**

ଜାତି ବ୍ୟବସ୍ଥା ଭାରତୀୟ ସମାଜର ଏକ ପୁରାତନ ସାମାଜିକ ଅନୁଷ୍ଠାନ । ଏହା ଭାରତୀୟ ସମାଜରେ ଏକ ପ୍ରାଥମିକ ଏକକ ରୂପେ ବିବେଚିତ ହୋଇଅଛି । ଜାତିପ୍ରଥା ସାମାଜିକ ଅସମାନତା ଓ ଉଚ୍ଚନୀଚ କ୍ରମ ନୀତି ଉପରେ ପ୍ରତିଷ୍ଠିତ । ସମାଜରେ ପ୍ରଚଳିତ ଥିବା ଏହି ଅସମାନତା ଓ ଉଚ୍ଚନୀଚ କ୍ରମକୁ ସାମାଜିକ ସ୍ତରୀକରଣ କୁହାଯାଏ । ଏହି ଅସମାନତା ବିଭିନ୍ନ ସମାଜରେ ଭିନ୍ନଭିନ୍ନ ଭିତ୍ତିରେ ସ୍ଥିରୀକୃତ ହୋଇଥାଏ । ଯଥା-ଶ୍ରେଣୀ, ଆୟ,କ୍ଷମତା ଓ ପ୍ରସ୍ଥିତି ଦ୍ୱାରା ସମାଜରେ ସ୍ତରୀକରଣ ସୃଷ୍ଟି ହୋଇଥାଏ । ମାତ୍ର ଭାରତୀୟ ସମାଜରେ ଜାତିବ୍ୟବସ୍ଥା ସାମାଜିକ ସ୍ତରୀକରଣର ମୁଖ୍ୟ ଭିତ୍ତିଅଟେ । ଏକ ସ୍ତରବିହୀନ ସମାଜ ଗଠନର ପରିକଳ୍ପନା ସମ୍ପୂର୍ଣ୍ଣ ଅସମ୍ଭବ ଅଟେ । ତେଣୁ ଜାତିବ୍ୟବସ୍ଥା ଦ୍ୱାରା ଭାରତୀୟ ସମାଜ ବିଭିନ୍ନ ସାମାଜିକ ସମୂହରେ ବିଭକ୍ତ ହୋଇଥାଏ । ହିନ୍ଦୁ ସମାଜ ଭଳି ଅନ୍ୟାନ ସମାଜ ଓ ଅନ୍ୟ ସଂପ୍ରଦାୟରେ ମଧ୍ୟ ଜାତିପ୍ରଥା ଦେଖିବାକୁ ମିଳିଥାଏ । ବହୁ ପୁରୁଣା କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଜାତିବ୍ୟବସ୍ଥା ଭାରତୀୟ ସମାଜରେ ପ୍ରଚଳିତ ହୋଇ ଆସୁଛି ଓ ଏହା ସମାଜର ଅର୍ଥନୀତି, ଧର୍ମ, ଆଧ୍ୟାତ୍ମିକତା, ଦର୍ଶନ ଓ ରାଜନୀତିକୁ ଗଭୀର ଭାବରେ ପ୍ରଭାବିତ କରିପାରିଛି । ଏହା ସମାଜିକ ଶୃଙ୍ଖଳା ରକ୍ଷା କରିବା ସହିତ ବ୍ୟକ୍ତିର ବ୍ୟବହାରକୁ ନିୟନ୍ତ୍ରଣ କରିପାରିଛି । ଜାତିର ଇଂରାଜୀ ଶବ୍ଦ ହେଉଛି Caste ଏହି Caste ଶବ୍ଦଟି ପର୍ତ୍ତୁଗୀଜ ତଥା ସ୍ପେନୀୟ ଶବ୍ଦ Casta ରୁ ଉଦ୍ଭୁତ, ଏହି ଶବ୍ଦର ଅର୍ଥ ବଂଶ (Breed) କିମ୍ବା 'କୁଳ' କିମ୍ବା ପ୍ରଜାତି (Race) କୁ ବୁଝାଇଥାଏ । ପର୍ତ୍ତୁଗୀଜମାନେ ହିନ୍ଦୁ ସମାଜର କେତେକ କ୍ଷୁଦ୍ର ସାମାଜିକ ସମୂହକୁ ଦର୍ଶାଇବାପାଇଁ ଏହି Casta ଶବ୍ଦକୁ ବ୍ୟବହାର କରିଥିଲେ । ଭାରତରେ Caste ଶବ୍ଦଟି ଜାତି (Jati) ରୂପେ ପରିଚିତ, ଯାହାର ଅର୍ଥ ଜନ୍ମ (Birth). ଜାତି (Jati) ଶବ୍ଦଟି ମଧ୍ୟ ସଂସ୍କୃତ ଶବ୍ଦ 'ଜନ' (Jana)ରୁ ଆସିଅଛି, ଯାହାର ଅର୍ଥ ଜନ୍ମ ଲାଭ କରିବା (To take birth); ଅର୍ଥାତ ଜାତି ଏକ ନିର୍ଦ୍ଦିଷ୍ଟ ସାମାଜିକ ସମୂହ ଯାହାର ସଦସ୍ୟତା ଜନ୍ମରୁ ନିର୍ଦ୍ଧାରିତ ହୋଇଥାଏ ।

ଏହାଦ୍ୱାରା ବ୍ୟକ୍ତି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ଜାତିର ସଦସ୍ୟ ରୂପେ ପରିଚିତ ଥାଆନ୍ତି । ଜାତିପ୍ରଥା ପାରମ୍ପରିକ ବୃତ୍ତିଦ୍ୱାରା ସମୂହ ମଧ୍ୟରେ ଶ୍ରମ ବିଭାଜନ ସୃଷ୍ଟି କରିଥାନ୍ତି । ସଂକ୍ଷେପରେ ଜାତିବ୍ୟବସ୍ଥା ଏକ ଆବଦ୍ଧ ସାମାଜିକ ବ୍ୟବସ୍ଥା ଯେଉଁଥିରେ ବ୍ୟକ୍ତିର ଜୀବନକାଳ ଅପରିବର୍ତ୍ତିତ ହୋଇ ରହିଥାଏ । କୌଣସି ଅର୍ଜିତ କ୍ଷମତା ବ୍ୟକ୍ତିର ଜାତି ସ୍ଥିତିରେ ପରିବର୍ତ୍ତନ ଆଣିପାରେ ନାହିଁ । ବ୍ୟକ୍ତିର ସାମାଜିକ ପ୍ରସ୍ଥିତି ଓ ଅଧିକାର ଜନ୍ମ ସହିତ ସଂଯୁକ୍ତ ହୋଇ ରହିଥାଏ ।

## ଜାତିର ଅର୍ଥ ଓ ସଂଜ୍ଞା

## Meaning and Definition of Caste

ହରବର୍ଟ ରିସ୍‌ଲେ (Herbert Risley) ଙ୍କ ମତରେ "ଜାତି କେତେଗୁଡ଼ିଏ ପରିବାରର ସମଷ୍ଟି ଯାହାର ଏକ ସାଧାରଣ ନାମ ରହିଅଛି । ଜାତିର ଉତ୍ପତ୍ତି କୌଣସି ଏକ କାଳ୍ପନିକ ପୁରୁଷ ଠାରୁ ହୋଇଅଛି । ସେହି ପୂର୍ବପୁରୁଷ ହୁଏତ ମଣିଷ କିମ୍ବା ଦେବତା ହୋଇପାରନ୍ତି । ଜାତିର ସଭ୍ୟ ବଂଶ ପରଂପରା ଓ ପ୍ରଥା ଅନୁଯାୟୀ ସେହି ବଂଶଗତ ବୃତ୍ତିକୁ ଗ୍ରହଣ କରିନେଇଥାନ୍ତି" ।

A caste is a collection of families or a group of families bearing a common name, claiming a common descent from a mythical ancestor, human or divine,professing to follow the same hereditary calling.

ଏ.ଡ଼ବ୍ଲ୍ୟୁ ଗ୍ରୀନ୍ (A.W. Green) "ଜାତି ଏକ ସ୍ତରୀକରଣ ବ୍ୟବସ୍ଥା, ଯେଉଁଥିରେ ଜଣେ ବ୍ୟକ୍ତି ନିଜର ସାମାଜିକ ସ୍ଥିତିରୁ ତଳକୁ ବା ଉପର ସ୍ତରକୁ ଉଠିବା ଆଦର୍ଶଗତ ଦୃଷ୍ଟିରୁ ଅସମ୍ଭବ,ବଂଶାନୁକ୍ରମେ ଏହି ସ୍ଥିତି ନିର୍ଦ୍ଧାରିତ ଓ ଏହା ଅପରିବର୍ତ୍ତନୀୟ । ବ୍ୟକ୍ତିର ବୃତ୍ତି, ବାସସ୍ଥାନ, ଜୀବନଯାପନ ପ୍ରଣାଳୀ, ସାଥୀ ନିର୍ବାଚନ ଜନ୍ମରୁ ନିର୍ଦ୍ଧାରିତ ହୋଇଥାଏ" ।

A caste is a system of stratification in which mobility up and down in the status ladder, at least ideally may not occur. A person's ascribed status is his life time status. Birth determined one's occupation, place of residence, style of life, personal associates and group from among which one must find a mate.

ଆଣ୍ଡରସନ୍ ଓ ପାର୍କରଙ୍କ ମତରେ "ଜାତି ଏକ ସାମାଜିକ ଶ୍ରେଣୀ ସଂଗଠନର ଏକ ଚରମ ରୂପ ଯେଉଁଥିରେ କି ପ୍ରସ୍ଥିତିର ଉଚ୍ଚନୀଚ କ୍ରମରେ ବ୍ୟକ୍ତିର ସ୍ଥାନ, ତାହାର ବଂଶ ଓ ଜନ୍ମଦ୍ୱାରା ନିର୍ଦ୍ଧାରିତ ହୋଇଥାଏ" ।

Caste is that extreme form of social class organization on which the position of individuals in the status hierarchy is determined by descent and birth.

ସି.ଏଚ୍.କୁଲେଙ୍କ (C.H.cooley) ମତରେ "ଯେତେବେଳେ ଗୋଟିଏ ବର୍ଗ ବା ଶ୍ରେଣୀ କେତେକାଂଶରେ ବଂଶାନୁକ୍ରମିକ ହୋଇଯାଏ, ସେତେବେଳେ ଆମେ ଏହାକୁ ଏକ ଜାତି ବୋଲି କହିଥାଉ" ।

"When a class is somewhat strictly hereditary we may call if a caste".

ମଦନ ଏବଂ ମଜୁମ୍‌ଦାର (Madan and Majumdar) ଙ୍କ ମତରେ "ଜାତି ହେଉଛି ଏକ ଆବଦ୍ଧ ଏବଂ ଅନମନୀୟ ସାମାଜିକ ଶ୍ରେଣୀ"

A caste is a closed and rigid social class.

**ଜାତିର ଲକ୍ଷଣ**

**Characteristics of Caste**

ଜାତିପ୍ରଥାର ଲକ୍ଷଣ ସମ୍ବନ୍ଧରେ ବିଭିନ୍ନ ସମାଜବିଜ୍ଞାନୀମାନେ ଭିନ୍ନ ଭିନ୍ନ ମତ ପ୍ରଦାନ କରିଅଛନ୍ତି । ସେଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା । ଏନ୍ କେ.ଦତ୍ତ (N.K.Dutta) ଜାତିପ୍ରଥାର ଛଅଗୋଟି ଲକ୍ଷଣ ଦର୍ଶାଇଛନ୍ତି ।

୧. ପ୍ରତ୍ୟେକ ଜାତିର ସଭ୍ୟପଦ ଜନ୍ମଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ।

୨. ଯିଏ ଯେଉଁ ଜାତିର ସଦସ୍ୟ, ସେ ସେହି ଜାତିରେ ବିବାହ କରିବାକୁ ବାଧ । ନିଜ ଜାତି ବାହାରେ ବିବାହ ନିଷେଧ ଅଟେ ।

୩. ଜାତି ବ୍ୟବସ୍ଥାରେ ଖାଦ୍ୟ,ପାନୀୟ ଓ ମିଳାମିଶା କ୍ଷେତ୍ରରେ ସାମାଜିକ କଟକଣା ରହିଅଛି ।

୪. ପ୍ରତ୍ୟେକ ଜାତି ପାଇଁ ଏକ କୌଳିକ ବୃତ୍ତି ଥାଏ । ଏହାକୁ ପ୍ରତ୍ୟେକ ସଦସ୍ୟ ଗ୍ରହଣ କରିବାକୁ ବାଧ ହାଇଥାଆନ୍ତି ।

୫. ଜାତି ବ୍ୟବସ୍ଥାରେ ଉଚ୍ଚନୀଚ କ୍ରମ ରହିଅଛି, ଯେଉଁଥିରେ ବ୍ରାହ୍ମଣମାନଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଅଛି ।

୬. ଜାତି ଅପରିବର୍ତ୍ତନୀୟ । ଜଣେ ବ୍ୟକ୍ତି ଗୋଟିଏ ଜାତିରୁ ଅନ୍ୟ ଜାତିକୁ ପରିବର୍ତ୍ତନ ହେବା ସମ୍ଭବପର ନୁହେଁ ।

ଡ଼କ୍ଟର ଜି.ଏସ୍.ଘୁରେ (Dr.G.S Ghurye) ଜାତି ପ୍ରଥାର କେତେକ ମୁଖ୍ୟ ଲକ୍ଷଣ ଦର୍ଶାଇଛନ୍ତି । ସେଗୁଡ଼ିକ ହେଲା- ୧. ସମାଜର ବିଭାଜନ, ୨. ଉଚ୍ଚନୀଚ କ୍ରମ ୩. ଖାଦ୍ୟ, ପାନୀୟ ଓ ସାମାଜିକ ମିଳାମିଶାରେ କଟକଣା ୪. ଅନ୍ତର୍ବିବାହ ୫. ବୃତ୍ତି ନିର୍ବାଚନ କ୍ଷେତ୍ରରେ କଟକଣା ୬. ସାମାଜିକ ଓ ଧାର୍ମିକ ସୁବିଧା ସୁଯୋଗ କ୍ଷେତ୍ରରେ ଅସାମର୍ଥ୍ୟ ।

**୧. ସମାଜର ବିଭାଜନ (Segmental Division of Society) :** ଜାତି ପ୍ରଥା ସମ୍ପୂର୍ଣ୍ଣ ସମାଜକୁ କେତେ ଗୁଡ଼ିଏ କ୍ଷୁଦ୍ର କ୍ଷୁଦ୍ର ସମୂହରେ ବିଭକ୍ତ କରିଅଛି । ପ୍ରତ୍ୟେକ ସମୂହର ନିଜର ନାମ ଥାଏ, ଯାହାଦ୍ୱାରା ସେମାନେ ପରିଚିତ ହୋଇଥାଆନ୍ତି । ପ୍ରତ୍ୟେକ ଜାତିର ସଦସ୍ୟତା ଜନ୍ମ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ତେଣୁ ନିଜ ଜାତିକୁ ପରିବର୍ତ୍ତନ କରିବା ସମ୍ଭବ ହୋଇପାରେ ନାହିଁ । ପ୍ରତ୍ୟେକ ଜାତିର ଏକ ନିର୍ଦ୍ଦିଷ୍ଟ କୌଳିକ ବୃତ୍ତି ଓ ସାମାଜିକ ପ୍ରସ୍ଥିତି ଥାଏ । ପ୍ରତିଟି ଜାତି ଭିନ୍ନ ଭିନ୍ନ ପ୍ରଥା, ପରମ୍ପରା, ଚାଲିଚଳନ, ଆଚାରବ୍ୟବହାର ଓ ସଂସ୍କୃତି ଦ୍ୱାରା ପରିଚାଳିତ ହୋଇଥାଆନ୍ତି । ଜାତିର ସଦସ୍ୟମାନଙ୍କର ଆଚରଣକୁ ପରିଚାଳନା ଓ ନିୟନ୍ତ୍ରଣ କରିବା ପାଇଁ ପ୍ରତ୍ୟେକ ଜାତିର ଜାତି ପରିଷଦ ବା ଜାତି ପଞ୍ଚାୟତ ରହିଥାଏ ।

**୨. ଉଚ୍ଚନୀଚ କ୍ରମ (Hierarchy):** ଜାତି ବ୍ୟବସ୍ଥାରେ ପ୍ରତ୍ୟେକ ଜାତି ଉଚ୍ଚନୀଚ କ୍ରମରେ ସଜାଇ ହୋଇ ରହିଥାଆନ୍ତି । ଭାରତୀୟ ସମାଜ ଚାରିଗୋଟି ଜାତିକୁ ନେଇ ଉଚ୍ଚନୀଚ କ୍ରମରେ ଗଠିତ ହୋଇଥାଏ, ଯଥା-ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ଇତ୍ୟାଦି ଅଟନ୍ତି । ଏହି ଉଚ୍ଚନୀଚ କ୍ରମରେ ବ୍ରାହ୍ମଣ ସର୍ବୋଚ୍ଚ ସ୍ତରରେ ରହୁଥିବା ବେଳେ ତା ପର ସ୍ତରରେ କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ଉଚ୍ଚରୁ ନୀଚ କ୍ରମରେ ଅବସ୍ଥାପିତ ହୋଇଥାଆନ୍ତି । ଜାତି ବ୍ୟବସ୍ଥା ଜନ୍ମ

ଉପରେ ଆଧାରିତ ହୋଇଥିବାରୁ ବ୍ରାହ୍ମଣମାନେ ସମାଜରେ ଉଚ୍ଚ ପ୍ରସ୍ଥିତି ଉପଭୋଗ କରିଥାଆନ୍ତି ଓ ସେମାନଙ୍କୁ ସମ୍ମାନଜନକ କାର୍ଯ୍ୟ ତୁଲାଇବାକୁ ଦିଆଯାଇଥାଏ, ଯାଥା- ପୂଜାଅର୍ଚ୍ଚନା ଓ ଶିକ୍ଷାଦାନ କରିଥାଆନ୍ତି, କ୍ଷତ୍ରିୟମାନେ ଯୁଦ୍ଧକାର୍ଯ୍ୟ ସମ୍ପାଦନ କରିଥାଆନ୍ତି । ବୈଶ୍ୟମାନେ ବାଣିଜ୍ୟ କାର୍ଯ୍ୟ ତୁଲାଇଥାନ୍ତି ଓ ଶୁଦ୍ରମାନେ ସବୁ ଜାତିର ସେବା କରିଥାନ୍ତି । ସାଧାରଣତଃ କୌଣସି ସଦସ୍ୟ ନିଜ ଜାତିରୁ ଅନ୍ୟ ଜାତିକୁ ପରିବର୍ତ୍ତନ କରିବା ସମ୍ଭବପର ହୁଏନାହିଁ ।

**୩. ଖାଦ୍ୟ,ପାନୀୟ ଓ ସାମାଜିକ ମିଳାମିଶାରେ କଟକଣା (Restrictions in Food, Dring and Social Intercouse) :** ଜାତି ବ୍ୟବସ୍ଥାରେ ଖାଦ୍ୟ,ପାନୀୟ ଓ ସାମାଜିକ ମିଳାମିଶା କ୍ଷେତ୍ରରେ କେତେକ କଟକଣା ପରିଲକ୍ଷିତ ହୋଇଥାଏ । ଅର୍ଥାତ ଖାଦ୍ୟ, ପାନୀୟ ଓ ସାମାଜିକ ମିଳାମିଶା କ୍ଷେତ୍ରରେ ଜାତି ତାର ସଦସ୍ୟମାନଙ୍କ ଉପରେ କେତେକ କଟକଣା ଜାରି ରଖିଥାଏ । ଉଚ୍ଚଜାତିର ଲୋକ ନୀଚ୍ଚଜାତିର ଲୋକଙ୍କ ଠାରୁ ଖାଦ୍ୟ ଗ୍ରହଣ କରିବା ନିଷେଧ ଥାଏ । ସାଧାରତଃ କେତେକ ନୀଚ୍ଚଜାତିର ଲୋକମାନଙ୍କୁ ଅଛୁଆଁ ବୋଲି ଧରାଯାଏ । ସେମାନଙ୍କୁ ଛୁଇଁଲେ ଉଚ୍ଚଜାତିର ଲୋକ ଅପବିତ୍ର ହୋଇଥାନ୍ତି । ପ୍ରଖ୍ୟାତ ସମାଜଶାସ୍ତ୍ରୀ ଲୁଇ ଡୁମୌଁ (Louis Dumont) ଙ୍କ ମତରେ ଏହି ନିୟମ ପବିତ୍ରତା ଓ ଅପବିତ୍ରତା (Purity and Pollution) ଉପରେ ପର୍ଯ୍ୟବେସିତ । ଉଚ୍ଚଜାତିର ଲୋକମାନେ ନିଚ୍ଚଜାତିର ଲୋକମାନଙ୍କ ଠାରୁ କଞ୍ଚା ଖାଦ୍ୟ ଅର୍ଥାତ୍ ପାଣିରେ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରିବା ମନା ଥିବା ବେଳେ ଘିଅରେ ପ୍ରସ୍ତୁତ ଖାଦ୍ୟ ବା ପକକ୍ ଖାଦ୍ୟ ଗ୍ରହଣ କରିଥାଆନ୍ତି । ମାତ୍ର ବ୍ରାହ୍ମଣମାନଙ୍କ ହାତରୁ ପ୍ରସ୍ତୁତ ପାଣିରେ ତିଆରି ଖାଦ୍ୟ ସମସ୍ତେ ଗ୍ରହଣ କରିଥାନ୍ତି ।

**୪. ଅନ୍ତର୍ବିବାହ (Endogmy):** ଅନ୍ତର୍ବିବାହ ଜାତିପ୍ରଥାର ଏକ ମୁଖ୍ୟ ଲକ୍ଷଣ ଅଟେ । ନିଜ ଜାତି ଭିତରେ ବିବାହକୁ ଅନ୍ତର୍ବିବାହ ବୁଝାଯାଏ । ଜାତିବ୍ୟବସ୍ଥା ବିବାହ କ୍ଷେତ୍ରରେ କଟକଣା ଜାରି କରିଥାଏ । ଜାତିବାହାରେ ବିବାହ କରିବାକୁ ନିଷେଧ କରାଯାଇଥାଏ । ପ୍ରତ୍ୟେକ ଜାତି ବା ଉପଜାତି ନିଜ ସମୂହ ମଧ୍ୟରେ ବିବାହ କରିବାକୁ ବାଧ୍ୟ ହୋଇଥାନ୍ତି, କାରଣ ଜାତିର ସଦସ୍ୟମାନେ ଜାତିବାହାରେ ବିବାହକୁ ଦଣ୍ଡନୀୟ ଅପରାଧ ରୂପେ ଗ୍ରହଣ କରିଥାନ୍ତି ।

**୫. ବୃତ୍ତି ନିର୍ବାଚନ କ୍ଷେତ୍ରରେ କଟକଣା (Restriction Regarding Choice of Occupation) :** ଜାତିପ୍ରଥା ବୃତ୍ତି ନିର୍ବାଚନ କ୍ଷେତ୍ରରେ କଟକଣା ଜାରି କରିଥାଏ । ପ୍ରତ୍ୟେକ ଜାତି ଓ ଉପଜାତି ପାଇଁ ଏକ କୌଳିକ ବା ବଂଶଗତ ବୃତ୍ତି ରହିଥାଏ । ଜାତିର ପ୍ରତ୍ୟେକ ସଦସ୍ୟ ପୁରୁଷାନୁକ୍ରମେ ଉକ୍ତ ବୃତ୍ତିକୁ ଅନୁସରଣ କରିଥାନ୍ତି । ବୃତ୍ତି ନିର୍ବାଚନ କରିବାର ଅଧିକାର କୌଣସି ସଦସ୍ୟର ନଥାଏ । ନିଜ ନିଜ ଜାତିର ବୃତ୍ତିକୁ ସେମାନେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନୁସରଣ କରିଥାନ୍ତି । ବ୍ରାହ୍ମଣମାନେ ପୂଜାପାଠ କରୁଥିବାବେଳେ, କ୍ଷତ୍ରିୟମାନେ ଯୁଦ୍ଧକାର୍ଯ୍ୟ ଗ୍ରହଣ କରିଥାନ୍ତି । ବୈଶ୍ୟମାନେ ବାଣିଜ୍ୟ ବ୍ୟବସାୟ ଏବଂ ଶୁଦ୍ରମାନେ ଅନ୍ୟ ତିନି ଜାତିର ସେବା କରିଥାନ୍ତି । ଅନ୍ୟ ଜାତିର ବୃତ୍ତି ଯେତେ ଉତ୍ତମ ହେଲେ ମଧ୍ୟ ଜଣେ ତାର କୌଳିକ ବୃତ୍ତି ଛାଡ଼ି ଅନ୍ୟ ଜାତିର ବୃତ୍ତି ଗ୍ରହଣ କରିପାରିବନାହିଁ ।

**୬. ସାମାଜିକ ଓ ଧାର୍ମିକ ସୁବିଧାସୁଯୋଗ ଓ ଅସାମର୍ଥ୍ୟ (Civil and Religious Privilages and Disabilities):** ଜାତିବ୍ୟବସ୍ଥାରେ ବିଭିନ୍ନ ଜାତିର ସଦସ୍ୟମାନଙ୍କ ମଧ୍ୟରେ ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ବିଭେଦତା ପରିଲକ୍ଷିତ ହୋଇଥାଏ । ଅର୍ଥାତ ସମାଜର ଉଚ୍ଚସ୍ତରରେ ଥିବା ସଦସ୍ୟମାନେ ବିଶେଷ ସାମାଜିକ ସୁବିଧାସୁଯୋଗ ଉପଭୋଗ କରୁଥିବାସ୍ଥଳେ ନିମ୍ନ ସ୍ତରରେ ଥିବା ବ୍ୟକ୍ତିମାନେ ସେହି ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିଲେ । ଅସ୍ପୃଶ୍ୟମାନେ ସର୍ବସାଧାରଣଙ୍କ ବ୍ୟବହୃତ କୂଅ, ପୋଖରୀ, ରାସ୍ତାଘାଟ,ଶିକ୍ଷାନୁଷ୍ଠାନ ଓ ମନ୍ଦିର ଇତ୍ୟାଦିକୁ ଉପଭୋଗ କରିବାକୁ ନୀଚ୍ଚ ଜାତିର ସଦସ୍ୟମାନଙ୍କ ପାଇଁ ସଂପୂର୍ଣ୍ଣ ନିଷେଧ ଥିଲା । ଶୁଦ୍ର ଜାତିର

ଲୋକମାନେ ସମାଜରେ ଅବହେଳିତ ଓ ନିର୍ଯାତିତ ହେଉଥିଲେ । ସମାନ ତ୍ରୁଟି ବା ଦୋଷ ପାଇଁ ଶୁଦ୍ର ଲୋକମାନେ କଠୋର ଦଣ୍ଡ ପାଉଥିଲେ, ମାତ୍ର ବ୍ରାହ୍ମଣ ମାନଙ୍କ ପାଇଁ କୋହଳ ଥିଲା ବା ଦଣ୍ଡ ବିଧାନ ବ୍ୟବସ୍ଥା ନଥିଲା । ଜାତି ବ୍ୟବସ୍ଥାରେ ସମସ୍ତଙ୍କୁ ସମାନ ନ୍ୟାୟ ନଥିଲା । ସେଥିପାଇଁ କୌଟିଲ୍ୟ ଦର୍ଶାଇଥିଲେ "ଜଣେ ଶୁଦ୍ର ଯଦି ଗୋଟିଏ ବ୍ରାହ୍ମଣ ନାରୀକୁ ଅପମାନିତ କରେ, ତେବେ ତାକୁ ଜୀବନ୍ତ ଦଗ୍ଧ କରାଯିବ, ଯଦି ସେ ଉଦ୍ଦେଶ ମୂଳକ ଭାବେ ଏକ ବ୍ରାହ୍ମଣକୁ ତିରସ୍କାର କରେ ତେବେ ତାର ପ୍ରଧାନ ଅଙ୍ଗକୁ କାଟି ଦେବା ଉଚିତ୍" ।

**୭. ଏକ ନିର୍ଦ୍ଦିଷ୍ଟ ନାମ (A Particular Name) :** ପ୍ରତ୍ୟେକ ଜାତିର ଏକ ନିର୍ଦ୍ଦିଷ୍ଟ ନାମ ଥାଏ । ଏହା ଦ୍ୱାରା ଜାତିର ସଦସ୍ୟମାନଙ୍କର ପ୍ରକୃତ ପରିଚୟ ମିଳିଥାଏ । ପ୍ରତ୍ୟେକ ଏକ ନିର୍ଦ୍ଦିଷ୍ଟ ଜାତିର ହୋଇଥିବାରୁ ଜାତିଗତ ମନୋବୃତ୍ତି ବୃଦ୍ଧି ପାଇଥାଏ ଓ ପରସ୍ପରକୁ ପ୍ରତ୍ୟକ୍ଷଭାବେ ସହଯୋଗ କରିଥାଆନ୍ତି । ଜାତି ପ୍ରଥାରେ ଏହି ନିର୍ଦ୍ଦିଷ୍ଟ ନାମ ଦ୍ୱାରା ଜାତିର ସଦସ୍ୟମାନଙ୍କ ମଧ୍ୟରେ ଏକତା ବୃଦ୍ଧି ପାଇଥାଏ ।

**୮. ଜାତି ପଞ୍ଚାୟତ (Caste Panchayat):** ପ୍ରତ୍ୟେକ ଜାତିରେ ଜାତି ପଞ୍ଚାୟତ ବା ଜାତି ପରିଷଦ (Caste Council) ରହିଥାଏ । ଏହା ଜାତିର ସଦସ୍ୟମାନଙ୍କର ଆଚରଣକୁ ନିୟନ୍ତ୍ରଣ କରିଥାଏ । ଜାତି ସମ୍ବନ୍ଧୀୟ ସମସ୍ତ ଅପରାଧ ଗୁଡ଼ିକର ବିଚାର ଜାତି ପଞ୍ଚାୟତ କରିଥାଏ । ସଦସ୍ୟମାନଙ୍କର ଖାଦ୍ୟ, ପାନୀୟ ଏବଂ ବିବାହ ବିଧିକୁ ନିୟନ୍ତ୍ରଣ କରିବା ପାଇଁ ଜାତି ପଞ୍ଚାୟତ କେତେକ ନୀତିନିୟମ ପ୍ରଣୟନ କରିଥାଏ । ଏହି ନିୟମକୁ ଅବମାନନା କଲେ ବ୍ୟକ୍ତି ଜାତି ପଞ୍ଚାୟତ ଦ୍ୱାରା ଜୋରିମାନା, ଶାରିରୀକ ଦଣ୍ଡ ଓ ଜାତିରୁ ବହିଷ୍କାର ଇତ୍ୟାଦି ଦଣ୍ଡ ଦ୍ୱାରା ଦଣ୍ଡିତ ହୋଇଥାନ୍ତି ।

## ଜାତି ବ୍ୟବସ୍ଥାର ପ୍ରକାର୍ଯ୍ୟ
## Functions of Caste System

ଭାରତୀୟ ସାମାଜିକ ବ୍ୟବସ୍ଥାରେ ଜାତି ପ୍ରଥା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହି ବ୍ୟବସ୍ଥା ଦ୍ୱାରା ସମାଜ କେତେଗୁଡ଼ିଏ ଗୋଷ୍ଠୀରେ ବିଭକ୍ତ ହୋଇଥାଏ ଓ ସମାଜରେ ବିଭାଜନ ସୃଷ୍ଟି କରିଥାଏ । ଏହା ଏକ କୁବ୍ୟବସ୍ଥା ହେଲେ ମଧ୍ୟ ଏହାର ସ୍ୱତନ୍ତ୍ର ଭୂମିକା ରହିଅଛି । ବିଭିନ୍ନ ବିଭିନ୍ନତା ସତ୍ତ୍ୱେ ଏହି ବ୍ୟବସ୍ଥା ବର୍ତ୍ତମାନ ପର୍ଯ୍ୟନ୍ତ ତିଷ୍ଠି ରହିଅଛି । ଶ୍ରମ ବିଭାଜନ ମାଧ୍ୟମରେ ଜାତି ସଦସ୍ୟ ମାନଙ୍କର ଅର୍ଥନୈତିକ ଆବଶ୍ୟକତା ପୂରଣ କରିବା ସହିତ ସେମାନଙ୍କର ବ୍ୟବହାରକୁ ଶୃଙ୍ଖଳିତ କରିପାରିଛି, ସାମାଜିକ ନିୟନ୍ତ୍ରଣ ଓ ସଂହତି ବଜାୟ ରଖିପାରିଛି । ଜି. ଏସ୍. ଘୁରେ ( G.S. Ghurye ) ଜାତିପ୍ରଥାର ପ୍ରକାର୍ଯ୍ୟକୁ ବର୍ଣ୍ଣନା କରି କହିଛନ୍ତି "ଏହା ବ୍ୟକ୍ତି ପରିଚୟକୁ ସୂଚାଇଥାଏ, ପ୍ରସ୍ଥିତିକୁ ନିର୍ଦ୍ଧାରଣ କରିଥାଏ ଓ ବ୍ୟକ୍ତି ସ୍ୱାତନ୍ତ୍ରକୁ ଦର୍ଶାଇଥାଏ ଏବଂ ଅଧିକାର ଓ କର୍ତ୍ତବ୍ୟ ବାବଦରେ ସଚେତନ କରିଥାଏ"।

ଜାତିପ୍ରଥାର ଉପକାରିତାକୁ ତିନିଗୋଟି ଭାଗରେ ବିଭକ୍ତ କରାଯାଇଅଛି । ସେଗୁଡ଼ିକ ହେଲା

୧. ବ୍ୟକ୍ତିଗତ ଜୀବନରେ ଜାତିର ପ୍ରକାର୍ଯ୍ୟ ।

୨. ସାମୁଦାୟିକ ଜୀବନରେ ଜାତିର ପ୍ରକାର୍ଯ୍ୟ ।

୩. ସାମାଜିକ ଜୀବନରେ ଜାତିର ପ୍ରକାର୍ଯ୍ୟ ।

**ବ୍ୟକ୍ତିଗତ ଜୀବନରେ ଜାତିର ଉପକାରିତା ବା ପ୍ରକାର୍ଯ୍ୟ**

**Functions of Caste in Individual life**

**୧. ବ୍ୟକ୍ତିର ସାମାଜିକ ପ୍ରସ୍ଥିତି ନିର୍ଦ୍ଧାରଣ (Determination of the Social Status of Individual) :** ଜାତିପ୍ରଥା ଜନ୍ମଦ୍ୱାରା ନିର୍ଦ୍ଧାରିତ ହେଉଥିବାରୁ ଜଣେ ବ୍ୟକ୍ତି ଯେଉଁ ଜାତିରେ ଜନ୍ମ ନେଇଥାଏ, ସେ ସେହି ଜାତିର ସଦସ୍ୟ ହୋଇଥାଏ ଏବଂ ସେହି ଜାତିର ପ୍ରସ୍ଥିତି ଲାଭକରିଥାଏ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ତାର ସଦସ୍ୟପଦ ଓ ପ୍ରସ୍ଥିତି ଅପରିବର୍ତ୍ତନୀୟ ରହେ । କୌଣସି ଧନସଂପଦ, କ୍ଷମତା, ପ୍ରତିଭା ଏହାକୁ ପରିବର୍ତ୍ତନ କରିପାରିନଥାଏ । ଜାତିବ୍ୟବସ୍ଥା ଅର୍ଜିତ ପ୍ରସ୍ଥିତି ଅପେକ୍ଷା ପ୍ରଦତ୍ତ ପ୍ରସ୍ଥିତି ଉପରେ ପ୍ରତିଷ୍ଠିତ ଥାଏ ।

**୨. ବୃତ୍ତି ନିର୍ଦ୍ଧାରଣ (Determines Occupation) :** ଜାତିବ୍ୟବସ୍ଥାରେ ପ୍ରତ୍ୟେକ ବ୍ୟକ୍ତିପାଇଁ ଏକ ନିର୍ଦ୍ଦିଷ୍ଟ ବୃତ୍ତି ସ୍ଥିର ହୋଇଥାଏ । ବ୍ୟକ୍ତି କେଉଁ ବୃତ୍ତି ଗ୍ରହଣ କରିବ ତାହା ତାର ଜନ୍ମ ସମୟରୁ ନିର୍ଦ୍ଧାରିତ ହୋଇଥାଏ । ବୃତ୍ତି ନିର୍ବାଚନରେ ବ୍ୟକ୍ତିର ନିଜର ସ୍ୱାଧୀନତା ନଥାଏ । ଜାତିବ୍ୟବସ୍ଥାରେ ବ୍ୟକ୍ତିକୁ ତାର କୌଳିକ ବୃତ୍ତି ଅବଲମ୍ବନ କରିବାକୁ ପଡିଥାଏ । ଜାତିବୃତ୍ତିକୁ ଅମାନ୍ୟ କଲେ ବ୍ୟକ୍ତି କଠୋର ଦଣ୍ଡରେ ଦଣ୍ଡିତ ହୋଇଥାଏ ।

**୩. ବ୍ୟକ୍ତିକୁ ସାମାଜିକ ଓ ମାନସିକ ନିରାପତ୍ତା ପ୍ରଦାନ କରେ (Provides Social and Mental Security to the Individual) :** ଜାତିପ୍ରଥା ମାଧ୍ୟମରେ ବ୍ୟକ୍ତିକୁ ସାମାଜିକ ନିରାପତ୍ତା ମିଳିଥାଏ । ଯଦି ନିଜ ଜାତିର.କୌଣସି ସଦସ୍ୟ ଅସୁବିଧାର ସମ୍ମୁଖୀନ ହୋଇଥାଏ, ତେବେ ଜାତିର ସଦସ୍ୟମାନେ ତାକୁ ସହଯୋଗ କରିବା ପାଇଁ ଆଗେଇ ଆସିଥାନ୍ତି । ନିଜର ମୌଳିକ କର୍ତ୍ତବ୍ୟ ଭାବି ଜନ୍ମ ବିବାହ ଓ ମୃତ୍ୟୁ ଆଦି ଘଟଣାରେ ଜାତିର ସଦସ୍ୟମାନେ ସାହାର୍ଯ୍ୟ କରିଥାନ୍ତି । ଜାତି ବ୍ୟବସ୍ଥା ବ୍ୟକ୍ତିକୁ ମାନସିକ ନିରାପତ୍ତା ପ୍ରଦାନ କରିଥାଏ । ଜାତିର କୌଳିକ ବୃତ୍ତି ଗ୍ରହଣ କରିବା ପ୍ରଥା ଦ୍ୱାରା ବ୍ୟକ୍ତି ଆର୍ଥିକ ଦୃଷ୍ଟିରୁ ନିରାପଦ ରହିଥାଏ । ଏହା ବ୍ୟତୀତ ବିବାହ କ୍ଷେତ୍ରରେ ନିର୍ଦ୍ଧାରିତ ଜାତିରୁ ସାଥୀ ମନୋନୟନ ହେବା ସହିତ ନିର୍ଦ୍ଧାରିତ ପ୍ରସ୍ଥିତିର ଅଧିକାରୀ ହେଉଥିବାରୁ ବ୍ୟକ୍ତି ମାନସିକ ସ୍ତରରେ ନିରାପତ୍ତା ଥାଏ । ଏହି ଦୃଷ୍ଟିରୁ ଜାତିବ୍ୟବସ୍ଥା ବ୍ୟକ୍ତିକୁ ସାମାଜିକ ଓ ମାନସିକ ନିରାପତ୍ତା ପ୍ରଦାନ କରିଥାଏ ।

**୪. ଜାତି ବ୍ୟକ୍ତିର ବ୍ୟବହାରକୁ ନିୟନ୍ତ୍ରଣ କରେ (Controls the Behaviour of Individual):** ଜାତିପ୍ରଥା ବ୍ୟକ୍ତିର ବ୍ୟବହାରକୁ ନିୟନ୍ତ୍ରଣ କରିଥାଏ । ପ୍ରତ୍ୟେକ ଜାତିର ଏକ ସ୍ୱତନ୍ତ୍ର ରୀତିନୀତି, ଚଳଣି ଓ ପ୍ରଥା ପରମ୍ପରା ରହିଅଛି, ଯାହାକୁ ସଦସ୍ୟମାନେ ବାଧ୍ୟତାମୂଳକ ଭାବରେ ପାଳନ କରିଥାନ୍ତି । କୌଣସି ବ୍ୟକ୍ତି ଜାତିର ନୀତିନିୟମ ଗୁଡିକୁ ଉଲଙ୍ଘନ କଲେ ବା ଠିକ୍‌ରୂପେ ପାଳନ ନ କଲେ ଜାତି ପଞ୍ଚାୟତ ଦ୍ୱାରା ଦଣ୍ଡବିଧାନ କରାଯାଇଥାଏ ଓ ବ୍ୟକ୍ତିର ବ୍ୟବହାରକୁ ନିୟନ୍ତ୍ରଣ କରାଯାଏ ।

**ସାମୁଦାୟିକ ଜୀବନରେ ଜାତିର ପ୍ରକାର୍ଯ୍ୟ**

**Functions of Caste System in Community Life**

(କ) **ପ୍ରଜାତୀୟ ବିଶୁଦ୍ଧତା ରକ୍ଷାକରେ (Maintains racial purity):** ଜାତି ଏକ ଅନ୍ତର୍ବିବାହୀ ସମୂହ ହୋଇଥିବାରୁ ବ୍ୟକ୍ତିକୁ ନିଜ ଜାତି ଭିତରେ ବିବାହ କରିବାକୁ ପଡିଥାଏ । ଫଳରେ ପ୍ରତ୍ୟେକ ଜାତି ତାହାର ପ୍ରଜାତୀୟ ବିଶୁଦ୍ଧତା (Racial purity ) ରକ୍ଷା କରେ ।

**(ଖ) ଧାର୍ମିକ କାର୍ଯ୍ୟ ସଂପାଦନ କରେ (Performs Religious Function) :** ଜାତିପ୍ରଥା ଏହାର ସଦସ୍ୟମାନଙ୍କର ଧାର୍ମିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥାଏ । ପ୍ରତ୍ୟେକ ଜାତିର ନିର୍ଦ୍ଦିଷ୍ଟ ଧାର୍ମିକ ବିଧିବିଧାନ ରହିଥାଏ । ସଦସ୍ୟମାନେ ବିଭିନ୍ନ ପର୍ବପର୍ବାଣି ଓ ମେଳା ମହୋତ୍ସବ ମାଧ୍ୟମରେ ଏହି ଧାର୍ମିକ ବିଧି ରକ୍ଷା କରିଥାଆନ୍ତି । ଲୋକମାନଙ୍କର ଧାର୍ମିକଜୀବନରେ ଜାତିପ୍ରଥା ନିଜ ସଦସ୍ୟମାନଙ୍କ ଆସନକୁ ଦୃଢଭାବେ ନିର୍ଦ୍ଧାରିତ କରିଥାଏ ।

**(ଗ) ଜାତିପ୍ରଥା ସଂସ୍କୃତିର ସଂରକ୍ଷଣ କରିଥାଏ (Caste System Preserves the Culture) :** ଜାତିପ୍ରଥା ପ୍ରତ୍ୟେକ ଜାତିର ସଂସ୍କୃତିକୁ ସୁରକ୍ଷା ପ୍ରଦାନ କରିଥାଏ । ପ୍ରତ୍ୟେକ ଜାତିର ନିଜସ୍ୱ ଆଚାର ବ୍ୟବହାର, ଜୀବନଶୈଳି, ପ୍ରଥାପରମ୍ପରା ଓ ବୃତ୍ତିଗତ ଜ୍ଞାନକୌଶଳ ରହିଥାଏ । ଏହା ବଂଶାନୁକ୍ରମିକ ଭାବରେ ଗୋଟିଏ ପିଢିରୁ ଅନ୍ୟ ପିଢିକୁ ସ୍ଥାନାନ୍ତରିତ ହେବା ସଙ୍ଗେ ସଙ୍ଗେ ସୁରକ୍ଷିତ ହୋଇ ରହିଥାଏ । ଏହା ଜାତିବ୍ୟବସ୍ଥା ଦ୍ୱାରା ସମ୍ଭବ ହୋଇଥାଏ ।

**ସାମାଜିକ ଜୀବନରେ ଜାତିପ୍ରଥାର ପ୍ରକାର୍ଯ୍ୟ (Functions of Caste in Social Life)**

(କ) ଭାରତୀୟ ସାମାଜିକ ବ୍ୟବସ୍ଥାରେ ପ୍ରତ୍ୟେକ ଅନୁଷ୍ଠାନ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ କରିଥାଏ । ଜାତି ବ୍ୟବସ୍ଥା କେତେକ ସ୍ୱତନ୍ତ୍ର ନିୟମାବଳୀ ମାଧ୍ୟମରେ ଜାତିସମୂହକୁ ଶୃଙ୍ଖଳିତ ଓ ନିୟନ୍ତ୍ରିତ କରି ରଖିଥାଏ ଓ ଏକ ସ୍ଥାୟୀ ସମାଜ ଗଠନରେ ସହାୟକ ହୋଇଥାଏ । ଜାତି ବ୍ୟବସ୍ଥାରେ ଗତିଶୀଳତା ନଥିବାରୁ ଜାତି ଜାତି ମଧ୍ୟରେ ଖୁବ୍ କମ୍ ପ୍ରତିଯୋଗିତା ଓ ସଂଘର୍ଷ ଦେଖାଦେଇଥାଏ । ଫଳରେ ହିନ୍ଦୁ ସମାଜ ବିଭାଜନରୁ ରକ୍ଷାପାଇବା ସଙ୍ଗେ ସଙ୍ଗେ ସମାଜରେ ସ୍ଥାୟିତ୍ୱ ପ୍ରତିଷ୍ଠା କରିପାରେ ।

**(ଖ) ସାମାଜିକ ସଂହତି ପ୍ରତିଷ୍ଠା (Maintains Social Integration):** ଜାତି ବ୍ୟବସ୍ଥାରେ ବିଭିନ୍ନ ଜାତିର ଲୋକ ଭିନ୍ନ ଭିନ୍ନ ବୃତ୍ତି ଅବଲମ୍ବନ କରୁଥିବା ହେତୁ ପରସ୍ପର ନିର୍ଭରଶୀଳ ହୋଇଥାଆନ୍ତି । ଦୈନନ୍ଦିନ ଜୀବନଯାପନ, ସାମାଜିକ ଚଳଣି ଓ ପର୍ବପର୍ବାଣିମାନଙ୍କରେ ନିଜର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବାପାଇଁ ପରସ୍ପର ସହିତ ସହଯୋଗ ରଖିଥାଆନ୍ତି ଫଳରେ ଜାତି ଜାତି ମଧ୍ୟରେ ଏକତା ପ୍ରତିଷ୍ଠା ହୋଇଥାଏ ।

**(ଗ) ଶ୍ରମବିଭାଜନ ସୃଷ୍ଟି କରେ (Creates Divisions of Labour):** ଜାତିବ୍ୟବସ୍ଥା ପାପ ଓ ପୁଣ୍ୟ, ପବିତ୍ରତା ଓ ଅପବିତ୍ରତା ନୀତି ଉପରେ ପ୍ରତିଷ୍ଠିତ ଥିବାରୁ ଜାତି ଜାତି ଭିତରେ ସାମାଜିକ କାର୍ଯ୍ୟଗୁଡିକର ବଣ୍ଟନ ହୋଇଥାଏ । ଉଚ୍ଚ ଜାତିର ଲୋକମାନେ ପବିତ୍ର ବା ମର୍ଯ୍ୟାଦା ସମ୍ପନ୍ନ କାର୍ଯ୍ୟର ଅଧିକାରୀ ହୋଇଥିବାବେଳେ ସ୍ତରୀକରଣ ବ୍ୟବସ୍ଥାର ନିମ୍ନରେ ଥିବା ବ୍ୟକ୍ତିମାନେ କମ୍ ପବିତ୍ର କାର୍ଯ୍ୟ ସମ୍ପାଦନ କରିଥାଆନ୍ତି । ଜାତି ବ୍ୟବସ୍ଥାରେ ଏହି ନୀତି ବଂଶାନୁକ୍ରମିକ ଭାବରେ ସମ୍ପାଦିତ ହେଉଥିବାରୁ ପ୍ରତ୍ୟେକ ଜାତିର ଲୋକ ନିଜ କୌଳିକ ବୃତ୍ତିରେ ଅଭିଜ୍ଞତା ହାସଲ କରିଥାଆନ୍ତି । ଶ୍ରମ ବିଭାଜନ ମାଧ୍ୟମରେ ଜାତି ବ୍ୟବସ୍ଥା ଲୋକମାନଙ୍କର ଆବଶ୍ୟକତାକୁ ପୂରଣ କରିଥାଏ ।

**(ଘ) ରାଜନୈତିକ ସ୍ଥାୟୀତ୍ୱ (Political Stability) :** ଜାତିର ସଦସ୍ୟମାନେ ନିର୍ଦ୍ଦିଷ୍ଟ ନୀତିନିୟମଦ୍ୱାରା କାର୍ଯ୍ୟ କରିଥାନ୍ତି । ଜାତିବ୍ୟବସ୍ଥାରେ ଥିବା ଜାତି ପଞ୍ଚାୟତ ସଦସ୍ୟମାନଙ୍କୁ ସାମାଜିକ ସୁରକ୍ଷା ଦେବା ସହିତ ସେମାନଙ୍କୁ ଶୃଙ୍ଖଳିତ କରିଥାନ୍ତି । ଜାତି ଜାତି ଭିତରେ ସୃଷ୍ଟି ହେଉଥିବା ଦ୍ୱନ୍ଦକୁ ସମାଧାନ କରିବା ଓ ନିଜ ଜାତିର ଉନ୍ନତି ପାଇଁ ନେତୃତ୍ୱ ନେବା ଜାତିବ୍ୟବସ୍ଥାର ଲକ୍ଷ ଅଟେ ।

## ଜାତି ବ୍ୟବସ୍ଥାର ଅପକାର୍ଯ୍ୟ
## Dysfunctions of Caste System

ଜାତି ବ୍ୟବସ୍ଥା ଭାରତୀୟ ସାମାଜିକ ସଂରଚନାର ଏକ ମୁଖ୍ୟ ଆଧାର । ଏହା ସମାଜର ବହୁ ଉପକାର ସାଧନ କରୁଥିଲେ ମଧ୍ୟ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ଏହାର କୁପ୍ରଭାବ ରହିଛି । ଜାତି ପ୍ରଥାର ଅପକାର୍ଯ୍ୟଗୁଡିକ ନିମ୍ନରେ ଆଲୋଚନା କରାଯାଇଅଛି ।

**(କ) ସାମାଜିକ ପ୍ରଗତିରେ ପ୍ରତିବନ୍ଧକ (Obstacle to Social Progress) :** ଜାତି ପ୍ରଥା ସାମାଜିକ ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ବହୁ ପୁରାତନ ଚିନ୍ତାଧାରା, ପ୍ରଥା ଓ ପରମ୍ପରା ଜାତିପ୍ରଥାର ସାମାଜିକ ଓ ସାଂସ୍କୃତିକ ଚଳଣିରେ ପ୍ରତିଫଳିତ ହୋଇଥାଏ । ଏହାଛଡା ଜାତି ପ୍ରଥାରେ ଥିବା ସଂକୀର୍ଣ୍ଣ, ରକ୍ଷଣଶୀଳ ଓ କଠୋରନୀତି ସାମାଜିକ ପରିବର୍ତ୍ତନରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । କର୍ମବାଦରେ ବିଶ୍ୱାସ କରୁଥିବା ଜାତି ସମୂହ ଆଧୁନିକ ସମାଜର ମୂଲ୍ୟବୋଧ ଓ ବିଜ୍ଞାନମୂଳକ ଚିନ୍ତାଧାରାକୁ ସହଜରେ ଗ୍ରହଣ କରିପାରେ ନାହିଁ । ଫଳରେ ସାମାଜିକ ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ ।

**(ଖ) ଅର୍ଥନୈତିକ ପ୍ରଗତିରେ ପ୍ରତିବନ୍ଧକ (Obstacle to Economic Progress):** ଜାତି ବ୍ୟବସ୍ଥାରେ ପ୍ରଚଳିତ ବୃତ୍ତିଗତ କଟକଣା ଅର୍ଥନୈତିକ ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିଥାଏ । ଏହି ବ୍ୟବସ୍ଥାରେ ବ୍ୟକ୍ତିର ଦକ୍ଷତାକୁ ପ୍ରାଧାନ୍ୟତା ଦିଆଯାଏନାହିଁ କି ଅନ୍ୟର ବୃତ୍ତିକୁ ଗ୍ରହଣ କରିବାପାଇଁ ସୁଯୋଗ ନଥାଏ । ନିଜର କୌଳିକ ବୃତ୍ତିକୁ ଇଚ୍ଛା ବିରୁଦ୍ଧରେ ଗ୍ରହଣ କରିବାପାଇଁ ବ୍ୟକ୍ତି ବାଧ ହୋଇଥାଏ । ଶ୍ରମ ସଞ୍ଚଳନର ନିଷେଧ ଯୋଗୁ ଦକ୍ଷ ବ୍ୟକ୍ତି ଉପଯୁକ୍ତ ସ୍ଥାନରେ କାର୍ଯ୍ୟ କରିପାରିନଥାଏ । ଫଳରେ ଅର୍ଥନୈତିକ ପ୍ରତିଯୋଗିତା ସମ୍ଭବପର ହୁଏ ନାହିଁ । ତେଣୁ ଜାତି ପ୍ରଥା ଅର୍ଥନୈତିକ ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ ।

**(ଗ) ଜାତୀୟ ଏକତାରେ ପ୍ରତିବନ୍ଧକ (Obstacles to National Unity) :** ଭାରତୀୟ ସମାଜରେ ଦେଖାଯାଉଥିବା ସମସ୍ତ ଜାତିଗୁଡ଼ିକ ଉଚ୍ଚନିଚ୍ଚକ୍ରମେ ରହିଥାନ୍ତି ଏବଂ ପ୍ରତ୍ୟେକ ଜାତି ଏକ ନିର୍ଦ୍ଦିଷ୍ଟ ସାମାଜିକ ପ୍ରସ୍ଥିତି ଲାଭ କରିଥାଏ । ଯେଉଁ ଜାତି ସାମାଜିକ ପାବଛର ଯେତେ ଉଚ୍ଚରେ ଥାଏ, ସେହି ଜାତି ସେତିକି ପଦମର୍ଯ୍ୟାଦା ଉପଭୋଗ କରିଥାଏ ଏବଂ ସାମାଜିକ ସୁବିଧାସୁଯୋଗ ଲାଭକରେ । ନିଚ୍ଚସ୍ଥାନରେ ଥିବା ବ୍ୟକ୍ତି କମ୍ ସୁବିଧାସୁଯୋଗ ଲାଭ କରୁଥିବା ଯୋଗୁଁ ଜାତି ଜାତି ମଧ୍ୟରେ ବିଭେଦତା ଓ ଅସମାନତା ସୃଷ୍ଟି ହୋଇଥାଏ । ପରସ୍ପର ପ୍ରତି ଘୃଣା ମନୋଭାବ ଏବଂ ନିଜ ଜାତି ପ୍ରତି ଅତ୍ୟଧିକ ଶ୍ରଦ୍ଧାଓ ଆନୁଗତ୍ୟ ସମାଜରେ ବିଭାଜନ ସୃଷ୍ଟିକରେ ଓ ଜାତିବାଦର ଉତ୍ପତ୍ତି ହୋଇଥାଏ । ଜାତିବାଦ ଜାତୀୟ ଏକତାରେ ପ୍ରତିବନ୍ଧକ ସୃଷ୍ଟିକରିଥାଏ ।

**(ଘ) ଅସ୍ପୃଶ୍ୟତାକୁ ପ୍ରୋତ୍ସାହିତ କରେ (Encouragaes Untouchability):** ଜାତି ବ୍ୟବସ୍ଥା ପବିତ୍ରତା ଓ ଅପବିତ୍ରତା ନୀତି ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ଏହି ନୀତି ବୃତ୍ତିକ୍ଷେତ୍ରରେ ପ୍ରଚଳିତ ଥିବାରୁ ଜାତି ଜାତି ମଧ୍ୟରେ ସାମାଜିକ ଓ ସାଂସ୍କୃତିକ ମିଳାମିଶା କ୍ଷେତ୍ରରେ କଠୋର ନୀତି ଅବଲମ୍ବନ କରାଯାଇଥାଏ । ଯେଉଁମାନେ ପବିତ୍ର ଓ ମର୍ଯ୍ୟାଦା ସମ୍ପନ୍ନ କାର୍ଯ୍ୟ କରିଥାନ୍ତି ସେମାନେ ଉଚ୍ଚକୁଳର ପ୍ରସ୍ଥିତି ଉପଭୋଗ କରିଥାଆନ୍ତି । ମାତ୍ର ଯେଉଁମାନେ ଅପବିତ୍ର ବା ନିମ୍ନମାନର କାର୍ଯ୍ୟ କରିଥାନ୍ତି. ସେମାନଙ୍କୁ ଅଛୁଆଁ ବା ଅସ୍ପୃଶ୍ୟ ବୋଲି ଗ୍ରହଣ କରାଯାଇଥାଏ ଏହି ପ୍ରଥାଦ୍ୱାରା ଛୁଆଁ ଅଛୁଆଁ ଭେଦଭାବ ସୃଷ୍ଟି ହୋଇଥାଏ ।

**(ଙ) ଗଣତନ୍ତ୍ର ବିରୋଧୀ (Opposes Democracy) :** ଜାତି ଗଣତାନ୍ତ୍ରିକ ବିଚାରଧାରାର ବିରୋଧାଚରଣ କରିଥାଏ । ଗଣତନ୍ତ୍ର ନ୍ୟାୟ, ସ୍ୱାତନ୍ତ୍ରତା, ସମାନତା ଏବଂ ଭ୍ରାତୃତ୍ୱ ଇତ୍ୟାଦି ମୌଳିକ ନୀତି ଉପରେ ପ୍ରତିଷ୍ଠିତ । ଏହା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିଥାଏ । ମାତ୍ର ଜାତି ଅସମାନତା ନୀତି ଉପରେ ପ୍ରତିଷ୍ଠିତ ଥାଏ । ଜାତି- ପ୍ରଥାଦ୍ୱାରା ଗଣତନ୍ତ୍ରର ଆଦର୍ଶକ୍ଷୁର୍ଣ୍ଣ ହୋଇଥାଏ । ତେଣୁ ଉଭୟ ପରସ୍ପରର ବିରୋଧୀ ।

**(ଚ) ସାମାଜିକ ଗତିଶୀଳତାର ଅଭାବ (Lack Social Mobility):** ଜାତି ବ୍ୟବସ୍ଥାରେ ସାମାଜିକ ଗତିଶୀଳତାର ସୁଯୋଗ ନଥାଏ । ଜାତି ବ୍ୟବସ୍ଥା ଏକ ଆବଦ୍ଧ ଏବଂ ଅନମନୀୟ ବ୍ୟବସ୍ଥା । ଏଥିରେ ବ୍ୟକ୍ତିକୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ତା କୌଳିକ ବୃତ୍ତିକୁ ଗ୍ରହଣ କରିବାପାଇଁ ପଡ଼ିଥାଏ । ଏହା ଜନ୍ମଦ୍ୱାରା ସ୍ଥିରୀକୃତ ହୋଇଥାଏ । କୌଣସି ପ୍ରକାର ସାମାଜିକ କ୍ଷମତା ବା ଦକ୍ଷତା ଜାତିବୃତ୍ତିକୁ ପରିବର୍ତ୍ତନ କରିପାରେ ନାହିଁ । ବ୍ୟକ୍ତିର ସାମାଜିକ ପ୍ରସ୍ଥିତି ତାର ବୃତ୍ତିଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଏହିସବୁ ଦୃଷ୍ଟିରୁ ଜାତିବ୍ୟବସ୍ଥାରେ ଗତିଶୀଳତାର ଅଭାବ ଥାଏ ।

**(ଛ) ବ୍ୟକ୍ତିତ୍ୱର ବିକାଶରେ ପ୍ରତିବନ୍ଧକ (Hindrance to the Development of Personality):** ଜାତିପ୍ରଥା ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ ବୃତ୍ତିନିର୍ଣ୍ଣୟ, ବିବାହ ଓ ସାମାଜିକ ଜୀବନରେ ବ୍ୟକ୍ତିର ନିଜର ଇଚ୍ଛା ବା ଆଗ୍ରହକୁ ଗୁରୁତ୍ୱ ଦିଆନଯାଇ ଜାତିର ନୀତିନିୟମ ଓ ପ୍ରଥାକୁ ମାନିବା ପାଇଁ ବାଧ କରାଯାଇଥାଏ । ଏହା ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଥାଏ ।

## ଜାତି ବ୍ୟବସ୍ଥାରେ ପରିବର୍ତ୍ତନ
## Changes in the Caste System

ପୁରାତନ ସମାଜରେ ଜାତିବ୍ୟବସ୍ଥା ଏକ ମୁଖ୍ୟ ସାମାଜିକ ଅନୁଷ୍ଠାନ ରୂପେ ପ୍ରଭାବିତ କରିଆସିଛି । କିନ୍ତୁ ସମୟକ୍ରମେ ଆଧୁନିକୀକରଣ, ଗମନାଗମନ ଓ ଯୋଗାଯୋଗର ଉନ୍ନତି ଫଳରେ ସମାଜର ଦ୍ରୁତପରିବର୍ତ୍ତନ ଘଟିଛି ଓ ଏହା ଜାତିପ୍ରଥାକୁ ଯଥେଷ୍ଟ ପ୍ରଭାବିତ କରିଛି । ଫଳରେ ଜାତିପ୍ରଥାର ସଂରଚନା ଓ ପ୍ରକାର୍ଯ୍ୟରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଅଛି । ଜାତିପ୍ରଥାରେ ଥିବା କଠୋର ନୀତିନୀୟମ କ୍ରମଶଃ ଦୁର୍ବଳ ହେବାକୁ ଲାଗିଛି । ଜାତିପ୍ରଥାର ପରିବର୍ତ୍ତନଶୀଳ ଦିଗଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା ।

**୧. ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟ ହ୍ରାସ(Decline in the Brahminical Dominance):** ବ୍ରାହ୍ମଣମାନେ ସାମାଜିକ ଉଚ୍ଚନୀଚକ୍ରମରେ ସର୍ବାଧିକ ପଦମର୍ଯ୍ୟାଦା ଓ ପ୍ରସ୍ଥିତି ଉପଭୋଗ କରୁଥିଲେ । ସେମାନଙ୍କୁ ଦେବତାଙ୍କ ଅଂଶ ବୋଲି ଧରାଯାଉଥିଲା । ରାଜସଭାରେ ସେମାନଙ୍କୁ ସମ୍ମାନିତ କରାଯାଉଥିଲା । ମାତ୍ର ପରିବର୍ତ୍ତିତ ସମାଜରେ ବ୍ରାହ୍ମଣମାନଙ୍କର ଆଧିପତ୍ୟ ବହୁପରିମାଣରେ ହ୍ରାସ ପାଇଅଛି । ସାମାଜିକ ଅନୁଷ୍ଠାନ ଜାତିଭିତ୍ତିକ ନୀତିକୁ ଅନୁସରଣ ନକରି ଦକ୍ଷତା ଓ କ୍ଷମତାକୁ ଗୁରୁତ୍ୱ ଦେଇଅଛି । ତେଣୁ ବ୍ରାହ୍ମଣମାନଙ୍କର ପ୍ରଭାବ ହ୍ରାସ ପାଇବାରେ ଲାଗିଛି ।

**୨. ଖାଦ୍ୟ, ପାନୀୟ ଓ ସାମାଜିକ ମିଳାମିଶାରେ ଥିବା କଟକଣାରେ ପରିବର୍ତ୍ତନ (Changes in the Restrictions Regarding Food Drink and Social Intercourse):** ଆଧୁନିକ ଶିକ୍ଷା, ଶିଳ୍ପୀକରଣ, ଗମନାଗମନ ଓ ଯୋଗାଯୋଗର ଉନ୍ନତି ଫଳରେ ଜାତିପ୍ରଥାରେ ଥିବା ସାମାଜିକ କଟକଣାରେ ଦ୍ରୁତ ପରିବର୍ତ୍ତନ

ଘଟିଛି । ବିଭିନ୍ନ ଜାତିର ଲୋକମାନେ ଶିକ୍ଷାନୁଷ୍ଠାନ, ଶିଳ୍ପସଂସ୍ଥା ଓ ଅନ୍ୟାନ ସଂସ୍ଥାରେ ମିଳିମିଶି କାର୍ଯ୍ୟ କରୁଛନ୍ତି । ସେମାନେ ପୂର୍ବରୁ ଚଳି ଆସୁଥିବା ନୀତିନିୟମକୁ ମାନିବାକୁ ପସନ୍ଦ କରୁନାହାଁନ୍ତି । ବିଭିନ୍ନ ଜାତିର ସଦସ୍ୟମାନେ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କଲାବେଳେ ବା ହୋଟଲରେ ଏକତ୍ର ବସି ଖାଦ୍ୟ ଗ୍ରହଣ କଲାବେଳେ ଛୁଆଁ ଅଛୁଆଁ ଭେଦଭାବ ନୀତିକୁ ମାନୁନାହାଁନ୍ତି । ଫଳରେ ଖାଦ୍ୟ ଓ ପାନୀୟରେ ଥିବା କଟକଣା ଧୀରେ ଧୀରେ ଉଭେଇ ଯାଉଅଛି ।

**୩. ବିବାହ ସମ୍ବନ୍ଧୀୟ କଟକଣାରେ ପରିବର୍ତ୍ତନ (Changes in the Restrictions Regarding Marriage) :** ଅନ୍ତର୍ବିବାହ ଜାତିପ୍ରଥାର ଏକ ମୁଖ୍ୟ ଲକ୍ଷଣ ଭାବେ ପ୍ରଚଳିତ ହୋଇଆସୁଥିଲା । ଜାତି ବାହାରେ ବିବାହ ନିଷେଧଥିଲା । କିନ୍ତୁ ଆଧୁନିକୀକରଣ, ପାଶ୍ଚାତ୍ୟଶିକ୍ଷା, ଓ ନାରୀଶିକ୍ଷାର ପ୍ରସାର ଏବଂ ବିଶେଷକରି ହିନ୍ଦୁ ବିବାହ ଆଇନ୍ ୧୯୫୫ର ପ୍ରସାର ଫଳରେ ହିନ୍ଦୁ ବିବାହରେ ଥିବା କଟକଣାରେ ପରିବର୍ତ୍ତନ ଘଟିଛି । ଏହି ଆଇନ ବଳରେ ଆନ୍ତଃଜାତିବିବାହ ଆଇନ୍‌ସମ୍ମତ ହୋଇଅଛି । ଜାତିବାହାରେ ବିବାହ ପାଇଁ ପୂର୍ବଭଳି କୌଣସି କଠୋର ଦଣ୍ଡର ବ୍ୟବସ୍ଥା ନାହିଁ । ବଂର ପରିବର୍ତ୍ତିତ ସମୟ ଅନୁସାରେ ଆନ୍ତଃଜାତିବିବାହ ସମାଜରେ ଗ୍ରହଣୀୟ ହୋଇଅଛି ଏବଂ ବିବାହ କ୍ଷେତ୍ରରେ ଥିବା କଟକଣାର ପ୍ରାଧାନ୍ୟତା ହ୍ରାସ ପାଇଅଛି ।

**୪. ବୃତ୍ତି କ୍ଷେତ୍ରରେ ପରିବର୍ତ୍ତନ (Changes in Occupation):** ଜାତି ପ୍ରଥାରେ ସଦସ୍ୟମାନେ ନିଜର କୌଳିକ ବୃତ୍ତିକୁ ଅନୁସରଣ କରୁଥିଲେ । ଏହା ଜନ୍ମଦ୍ୱାରା ସ୍ଥିର ହେଉଥିଲା ଏବଂ ବାଧ୍ୟତାମୂଳକଥିଲା । ବ୍ୟକ୍ତିର ବୃତ୍ତି ନିର୍ବାଚନରେ କୌଣସି ସ୍ୱତନ୍ତ୍ରତା ନଥିଲା । ମାତ୍ର ଯାତାୟାତର ସୁବିଧା, ଶିଳ୍ପୀକରଣ ଓ ସହରୀକରଣ ଫଳରେ ଏହି ବୃତ୍ତିଗତ ବ୍ୟବସ୍ଥାରେ ପରିବର୍ତ୍ତନ ଘଟିଛି । ଶିଳ୍ପ ବ୍ୟବସ୍ଥା ଓ ବିଭିନ୍ନ ଅନୁଷ୍ଠାନ ଗୁଡିକରେ ଯୋଗ୍ୟତା ଓ ଦକ୍ଷତାକୁ ବିଚାରକୁ ନେଇ ପଦବୀ ପୂରଣ କରାଯାଉଛି । ଫଳରେ କୌଳିକ ବୃତ୍ତିପ୍ରତି ସଦସ୍ୟମାନଙ୍କର ଆଗ୍ରହ ଓ ଆବଶ୍ୟକତା ହ୍ରାସ ପାଇଅଛି ।

**(୫) ଜାତି ପ୍ରସ୍ଥିତରେ ପରିବର୍ତ୍ତନ (Change in Caste Status):** ପୁରାତନ ସମାଜରେ ବ୍ୟକ୍ତିର ସାମାଜିକ ପ୍ରସ୍ଥିତି ଜାତିଦ୍ୱାରା ନିର୍ଦ୍ଧାରିତ ହେଉଥିଲା । ବ୍ୟକ୍ତି ଯେଉଁ ଜାତିରେ ଜନ୍ମ ନେଉଥିଲା, ସେହି ଜାତିର ପ୍ରସ୍ଥିତି ତାକୁ ପ୍ରଦାନ କରାଯାଉଥିଲା । ଅର୍ଥାତ ଜାତିପ୍ରଥା ପ୍ରଦତ୍ତ ପ୍ରସ୍ଥିତି ଉପରେ ପ୍ରତିଷ୍ଠିତ ଥିଲା କିନ୍ତୁ ବର୍ତ୍ତମାନର ସମାଜରେ ଜନ୍ମକୁ ଭିତିନକରି ଧନସମ୍ପତ୍ତି, ଦକ୍ଷତା, ଓ କ୍ଷମତା ଦ୍ୱାରା ସଦସ୍ୟମାନଙ୍କର ପ୍ରସ୍ଥିତି ନିର୍ଦ୍ଧାରଣ ହେଉଛି । ନୀଚ୍ଚଜାତିର ଲୋକମାନେ କାଳକ୍ରମେ ଉଚ୍ଚଜାତିର ଆଚାରବ୍ୟବହାର ଓ ପ୍ରଥା ପରମ୍ପରାକୁ ଅନୁକରଣ କରି ଉଚ୍ଚ ପ୍ରସ୍ଥିତି ଅର୍ଜନ କରୁଛନ୍ତି । ଏହାଛଡ଼ା ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ବ୍ୟକ୍ତିର ରୁଚି ଓ ବିଚାରଧାରାରେ ବହୁ ପରିବର୍ତ୍ତନ ଆଣିଛି । ଫଳରେ ଜାତିର ଏହି ନିୟମ ଧୀରେ ଧୀରେ ଦୁର୍ବଳ ହୋଇଅଛି ।

**(୬) ନୀଚ ଜାତିର ସ୍ଥିତିରେ ପରିବର୍ତ୍ତନ (Changes in Condition of Lower Caste):** ଜାତି ସ୍ତରୀକରଣ ବ୍ୟବସ୍ଥାରେ ଶୁଦ୍ରମାନଙ୍କର ସ୍ଥାନ ସର୍ବନିମ୍ନରେ ଥିଲା । ସେମାନେ ସମାଜରେ ଦଳିତ ଓ ଅବହେଳିତ ହୋଇ ରହିଥିଲେ । ନୀଚ ଜାତିର ଲୋକମାନେ ସବୁପ୍ରକାର ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିଲେ । ମାତ୍ର ସରକାରୀ ଉଦ୍ୟମ ଫଳରେ ଏବଂ ସାମ୍ବିଧାନିକ ନୀତି ପ୍ରଣୟନ ଫଳରେ ସେମାନଙ୍କର ପରିସ୍ଥିତିରେ ପରିବର୍ତ୍ତନ

ହୋଇଅଛି । ଫଳରେ ସେମାନଙ୍କର ସମାଜିକ ଓ ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିଛି । ଆଇନପ୍ରଣୟନ ଦ୍ୱାରା ସମାଜରୁ ଅସ୍ପୃଶ୍ୟତା ଦୂର କରାଯାଇଅଛି । ବିଭିନ୍ନ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ କରାଯାଇ ଦଳିତମାନଙ୍କର ଶିକ୍ଷାଗତ, ଆର୍ଥିକ, ସାମାଜିକ କ୍ଷେତ୍ରରେ ଉନ୍ନତି ସାଧନ କରାଯାଇଅଛି ।

## ଜାତି ଓ ଶ୍ରେଣୀ ମଧ୍ୟରେ ପାର୍ଥକ୍ୟ

## Difference Between Caste and Class

*ଜାତି ଓ ଶ୍ରେଣୀ ସାମାଜିକ ବିଭାଜନର ଦୁଇଟି ମୁଖ୍ୟ ମାଧ୍ୟମ ଅଟନ୍ତି । ଏହାକୁ ଆଧାର କରି ସାମାଜିକ* ସ୍ତରୀକରଣ ବ୍ୟବସ୍ଥା ସୃଷ୍ଟି ହୋଇଅଛି । ଜାତିବ୍ୟବସ୍ଥା ପୁରାତନ ସମାଜକୁ ଉଚ୍ଚନୀଚ କ୍ରମରେ ବିଭାଜିତ କରୁଥିବାବେଳେ ଆଧୁନିକୀକରଣ, ଶିଳ୍ପୀକରଣ ଓ ଗମନାଗମନର ସୁବିଧା ଯୋଗୁଁ ସମୟକ୍ରମେ ଧୀରେ ଧୀରେ ଏହାର ପ୍ରାଧାନ୍ୟତା ହ୍ରାସ ପାଇଅଛି । ଜାତିଗତ କଠିନତା ସମାଜରୁ ଲୋପ ପାଇଅଛି । ଆଧୁନିକ ଶିଳ୍ପଭିତ୍ତିକ ସମାଜରେ ଶ୍ରେଣୀବ୍ୟବସ୍ଥା ପରିଲକ୍ଷିତ ହୋଇଅଛି । ଏହା ସମାଜରେ ବିଭିନ୍ନ ସ୍ତର ବା ଶ୍ରେଣୀ ସୃଷ୍ଟି କରିବାରେ ସହାୟକ ହୋଇଅଛି । ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ଦୃଷ୍ଟିଗୋଚର ହେଉଅଛି । ସେଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା ।

**୧. ସ୍ତରୀକରଣ ଭିତ୍ତିରେ ପାର୍ଥକ୍ୟ(Difference on the Basis of Stratification):** ଜାତିଭିତ୍ତିକ ଓ ଶ୍ରେଣୀଭିତ୍ତିକ ସ୍ତରୀକରଣ ନିର୍ଦ୍ଦିଷ୍ଟ ନୀତି ଉପରେ ପ୍ରତିଷ୍ଠିତ । ଜାତି ବ୍ୟକ୍ତିର ଜନ୍ମଦ୍ୱାରା ସ୍ଥିର ହୋଇଥାଏ । ଅର୍ଥାତ ବ୍ୟକ୍ତି ଯେଉଁ ଜାତିରେ ଜନ୍ମଗ୍ରହଣ କରିଥାଏ, ସେ ସେହି ଜାତିର ପ୍ରସ୍ଥିତି ଉପଭୋଗ କରିଥାଏ । ଜାତିର ପ୍ରସ୍ଥିତିକୁ ପରିବର୍ତ୍ତନ କରିବା ସମ୍ଭବପର ହୋଇପାରେ ନାହିଁ । କିନ୍ତୁ ଶ୍ରେଣୀ ବ୍ୟବସ୍ଥାରେ ବ୍ୟକ୍ତିର ସାମାଜିକ ପ୍ରସ୍ଥିତି ତାର ଉଦ୍ୟମ, ଯୋଗ୍ୟତା, ଦକ୍ଷତା, ବୃତ୍ତି ଓ ଆୟଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ବ୍ୟକ୍ତି ସାମାଜିକ ସ୍ତରର ଯେତେ ନିମ୍ନରେ ଥିଲେ ମଧ୍ୟ ନିଜର ଦକ୍ଷତା ଓ ଧନ ସମ୍ପତ୍ତିର ଅଧିକାରୀ ହୋଇ ନିଜର ପ୍ରସ୍ଥିତିକୁ ପରିବର୍ତ୍ତନ କରିପାରିଥାଏ ।

**୨. ସଂରଚନା ଭିତ୍ତିରେ ପାର୍ଥକ୍ୟ (Difference on Basis of Structure):** ଜାତି ଆବଦ୍ଧ (closed) ଏବଂ ଅନମନୀୟ (rigid) ଅଟେ । ଜାତିବ୍ୟବସ୍ଥାରେ କଠୋର ନୀତି ପ୍ରଚଳିତ ଥିବା ହେତୁ ଜଣେ ବ୍ୟକ୍ତି ନିଜର ଜାତି ଓ ବୃତ୍ତି ପରିବର୍ତ୍ତନ କରିପାରେ ନାହିଁ । ଜାତି ଜାତି ମଧ୍ୟରେ ସାମାଜିକ ଗତିଶୀଳତା ସମ୍ଭବ ହୋଇନଥାଏ । ମାତ୍ର ଶ୍ରେଣୀ ଏକ ମୁକ୍ତ ଓ ନମନୀୟ ବ୍ୟବସ୍ଥା ଅଟେ । ବ୍ୟକ୍ତି ତାର ଚେଷ୍ଟା ବଳରେ ସାମାଜିକ ପ୍ରସ୍ଥିତିକୁ ପରିବର୍ତ୍ତନ କରିପାରେ । ଅର୍ଥାତ ଗତିଶୀଳତା ଉଚ୍ଚରୁ ନିମ୍ନକୁ ବା ନିମ୍ନରୁ ଉଚ୍ଚକୁ ସହଜସାଧ୍ୟ ଅଟେ ।

**୩. ବୃତ୍ତି ନିର୍ବାଚନରେ ପାର୍ଥକ୍ୟ (Difference in the Choice of Occupation):** ଜାତି ବ୍ୟବସ୍ଥାରେ ବୃତ୍ତି ନିର୍ଦ୍ଧାରିତ ହୋଇରହିଥାଏ । ଜାତି ପରମ୍ପରା ଅନୁସାରେ ବ୍ୟକ୍ତି ତାର ପରିବାରର ବୃତ୍ତିକୁ ଗ୍ରହଣ କରିଥାଏ । ବୃତ୍ତିକ୍ଷେତ୍ରରେ ଜାତି କଟକଣା ଜାରି କରିଥାଏ । ଅନ୍ୟପକ୍ଷରେ ଶ୍ରେଣୀବ୍ୟବସ୍ଥାରେ ବୃତ୍ତି ନିର୍ବାଚନ ବ୍ୟକ୍ତି ନିଜ ସ୍ୱଇଚ୍ଛାରେ କରିଥାଏ । ଏଥିରେ ବ୍ୟକ୍ତି ସ୍ୱାଧୀନତା ଥାଏ ଓ ବ୍ୟକ୍ତି ନିଜ ଶିକ୍ଷା ଓ ଦକ୍ଷତା ଅନୁସାରେ ବୃତ୍ତି ଗ୍ରହଣ କରିଥାଏ ।

**୪. ବିବାହ ନୀତିରେ ପାର୍ଥକ୍ୟ(Difference in the Rules of Marriage) :** ଜାତି- ବ୍ୟବସ୍ଥାରେ ବିବାହକୁ ନେଇ କଟକଣା ରହିଅଛି । ପ୍ରତ୍ୟେକ ଜାତି ଏକ ଅନ୍ତର୍ବିବାହୀ ଦଳ ହୋଇଥିବାରୁ ଜାତି ବାହାରେ ବିବାହ

ନିଷେଧ ଥାଏ । ଏହି ନିୟମକୁ ଅବମାନନା କଲେ ବ୍ୟକ୍ତି ଜାତି ପଞ୍ଚାୟତ ଦ୍ୱାରା ଦଣ୍ଡିତ ହୋଇଥାଏ । କିନ୍ତୁ ଶ୍ରେଣୀ ବ୍ୟବସ୍ଥାରେ ବିବାହ ସମ୍ପର୍କୀୟ କୌଣସି କଟକଣା ନଥାଏ । ବ୍ୟକ୍ତି ନିଜ ପସନ୍ଦ ଅନୁସାରେ ଯେ କୌଣସି ବର୍ଗରେ ବିବାହ କରିବାକୁ ସ୍ଥିର କରିପାରେ ।

**୫. ସାମାଜିକ ମିଳାମିଶାରେ ପାର୍ଥକ୍ୟ (Difference in Social Intercourse):** ଜାତି ବ୍ୟବସ୍ଥାରେ ଖାଦ୍ୟ, ପାନୀୟ ଓ ସାମାଜିକ ମିଳାମିଶାରେ ଅନେକ କଟକଣା ଥାଏ । ଉଚ୍ଚ ଜାତିର ଲୋକମାନେ ନୀଚ ଜାତିର ଲୋକମାନେଙ୍କ ଠାରୁ ଖାଦ୍ୟ ଓ ପାନୀୟ ଗ୍ରହଣ କରିବା ନିଷେଧ କରିଥାନ୍ତି । ଏପରିକି ସାମାଜିକ ଚଳଣିରେ ଛୁଆଁ ଅଛୁଆଁ ଭେଦଭାବ ନୀତି ଅନୁସରଣ କରାଯାଏ । ପବିତ୍ର ଓ ଅପବିତ୍ର ଚିନ୍ତାଧାରା ଜାତି ଜାତି ମଧ୍ୟରେ ସାମାଜିକ ଦୂରତା ସୃଷ୍ଟି କରିଥାଏ । ଅପରପକ୍ଷରେ ଶ୍ରେଣୀ ବ୍ୟବସ୍ଥାରେ ଖାଦ୍ୟ ଓ ପାନୀୟ ନେଇ କୌଣସି କଟକଣା ନଥାଏ ଏବଂ ସାମାଜିକ ମିଳାମିଶା ବ୍ୟକ୍ତି ସ୍ୱାଧୀନଭାବରେ କରିଥାଏ ।

**୬. ଧାର୍ମିକ ଭାବନାରେ ପାର୍ଥକ୍ୟ (Difference in Religious Beliefs):** ଜାତି ବ୍ୟବସ୍ଥା ହିନ୍ଦୁ ଧର୍ମ ଏବଂ ଏହାର ଆଦର୍ଶକୁ ପାଳନ କରିଥାଏ । ଜାତିର ସଦସ୍ୟମାନେ ପୂର୍ବଜନ୍ମ, କର୍ମଫଳ ଓ ପାପପୂଣ୍ୟ ଇତ୍ୟାଦି ଭାବନାରେ ବିଶ୍ୱାସ କରନ୍ତି । ଜାତି ବ୍ୟବସ୍ଥାରେ ଧର୍ମନାମରେ ବହୁ ସଂକୀର୍ଣ୍ଣ ଚିନ୍ତାଧାରା ଓ ଭେଦଭାବ ନୀତି ଦେଖିବାକୁ ମିଳିଥାଏ । କିନ୍ତୁ ଶ୍ରେଣୀ ବ୍ୟବସ୍ଥାରେ ବ୍ୟକ୍ତି କର୍ମ ଉପରେ ଗୁରୁତ୍ୱ ଦେଇଥାଏ ଓ ନିରପେକ୍ଷ ଭାବନାରେ ବିଶ୍ୱାସ କରେ ।

**୭. ସାର୍ବଜନୀନତା (Universal):** ଜାତୀବ୍ୟବସ୍ଥା ଭାରତୀୟ ସମାଜ ଭିତରେ ସୀମିତ ଅଟେ ଏହା ଭାରତୀୟ ସମାଜର ଏକ ବୈଶିଷ୍ଟ । ପୃଥିବୀର ଅନ୍ୟ କୌଣସି ସ୍ଥାନରେ ଏହି ବ୍ୟବସ୍ଥା ପରିଲକ୍ଷିତ ହୁଏ ନାହିଁ । ମାତ୍ର ଶ୍ରେଣୀ ବ୍ୟବସ୍ଥା ଏକ ସାର୍ବଜନୀନ ବ୍ୟବସ୍ଥା ଅଟେ। ଏହା ସମଗ୍ର ବିଶ୍ୱରେ ଦେଖାଦେଇଥାଏ । ଶିଳ୍ପ ସଭ୍ୟତାର ଅଗ୍ରଗତି ସହିତ ସମାଜରେ ଶ୍ରେଣୀବ୍ୟବସ୍ଥାର ସୃଷ୍ଟି ହୋଇଅଛି ।

**୮. ସାମାଜିକ ପ୍ରସ୍ଥିତିରେ ପାର୍ଥକ୍ୟ (Difference in Social Status):** ଜାତି ବ୍ୟବସ୍ଥାରେ ପ୍ରତ୍ୟେକ ବ୍ୟକ୍ତିକୁ ପ୍ରଦତ୍ତ ପ୍ରସ୍ଥିତ (Ascribed status) ମିଳିଥାଏ । ବ୍ୟକ୍ତି ଯେଉଁ ଜାତିରେ ଜନ୍ମଗ୍ରହଣ କରିଥାଏ, ସେ ସେହି ଜାତିର ସାମାଜିକ ପ୍ରସ୍ଥିତି ମୃତ୍ୟୁପର୍ଯ୍ୟନ୍ତ ଉପଭୋଗ କରିଥାଏ । ଏହା ଅପରିବର୍ତ୍ତିତ ହୋଇରହିଥାଏ । ମାତ୍ର ଶ୍ରେଣୀ ବ୍ୟବସ୍ଥାରେ ବ୍ୟକ୍ତି ତାର ଶିକ୍ଷାଗତଯୋଗ୍ୟତା, ପ୍ରଚେଷ୍ଟା, ଜ୍ଞାନ ଓ ଦକ୍ଷତା ଦ୍ୱାରା ସାମାଜିକ ପ୍ରସ୍ଥିତି ଅର୍ଜନ କରିଥାଏ । ଏହା ବ୍ୟକ୍ତିର ଅର୍ଜିତ ପ୍ରସ୍ଥିତି (Achieved status) ଅଟେ ।

**୯. ସହଯୋଗିତା ଓ ପ୍ରତିଯୋଗିତା (Co-operation and Competition):** ଜାତି ବ୍ୟବସ୍ଥାରେ ଜାତି ଜାତି ମଧ୍ୟରେ ସହଯୋଗ ରହିଥାଏ । ଫଳରେ ଆର୍ଥିକ ଅବସ୍ଥା ସୁଦୃଢ଼ ହେବା ସହିତ ସମାଜିକ ସ୍ଥିରତା ରହିଥାଏ । ମାତ୍ର ଶ୍ରେଣୀ ବ୍ୟବସ୍ଥାରେ ଅର୍ଥନୈତିକ ପ୍ରତିଦ୍ୱନ୍ଦିତା ଦେଖାଦେଇଥାଏ ।

**୧୦. ଗଣତାନ୍ତ୍ରିକ ମୂଲ୍ୟବୋଧରେ ପାର୍ଥକ୍ୟ (Difference in Democratic Values):** ନ୍ୟାୟ, ସ୍ୱାଧିନତା, ସମାନତା, ଭାତୃଭାବ ଇତ୍ୟାଦି ଗଣତନ୍ତ୍ରର ମୂଲ୍ୟବୋଧ ଅଟେ । କିନ୍ତୁ ଜାତି ବ୍ୟବସ୍ଥା ଅସମାନତା, ଭେଦଭାବ ନୀତିକୁ ଅନୁସରଣ କରୁଥିବାରୁ ଏହା ଗଣତନ୍ତ୍ର ବିରୋଧୀ ଅଟେ । ଅପରପକ୍ଷରେ ଶ୍ରେଣୀ ବ୍ୟବସ୍ଥା ସମାନତା, ସମାନ ଅଧିକାର ଓ ସମାନ ସୁବିଧାସୁଯୋଗ ଉପରେ ପ୍ରତିଷ୍ଠିତ ଥିବାହେତୁ ଏହା ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦେଇଥାଏ ।

**୧୧. ସଙ୍ଗଠନରେ ପାର୍ଥକ୍ୟ (Difference in Organisation):** ଜାତିବ୍ୟବସ୍ଥାରେ ସାମାଜିକ ଶୃଙ୍ଖଳା ରକ୍ଷା କରିବା ଏବଂ ସଦସ୍ୟମାନଙ୍କର ବ୍ୟବହାରକୁ ନିୟନ୍ତ୍ରଣ କରିବାପାଇଁ ଜାତିରେ ଏକ ଜାତି ପଞ୍ଚାୟତ ରହିଥାଏ । ଏହା ଏକ ଶକ୍ତିଶାଳୀ ସଂଗଠନ ଅଟେ । ଜାତିର ପ୍ରଥା, ଓ ପରମ୍ପରା ଅବମାନନା କଲେ ଜାତି ପଞ୍ଚାୟତ କଠିନ ଦଣ୍ଡ ବିଧାନ କରିଥାଏ । କିନ୍ତୁ ଶ୍ରେଣୀ ପଦ୍ଧତିରେ ଏପରି କୌଣସି ସଂଗଠନ ନାହିଁ ।

**୧୨. ସାମୂହିକ ସଚେତନତା ଓ ବ୍ୟକ୍ତି ସଚେତନତା (Group Consciousness & Individual Consciousness) :** ଜାତିବ୍ୟବସ୍ଥାରେ ନିଜନିଜଜାତି ଭିତରେ ଆମ ଭାବନାଥାଏ । ତେଣୁ ପ୍ରତ୍ୟେକ ଜାତିର ସଦସ୍ୟମାନଙ୍କ ମନରେ ସାମୂହିକ ସଚେତନତା ଜାଗ୍ରତ ହୋଇଥାଏ । ସଦସ୍ୟମାନେ ଆବଶ୍ୟକତା ସ୍ଥଳେ ସମସ୍ତେ ସମସ୍ତଙ୍କୁ ସାମୂହିକ ଭାବରେ ସାହାଯ୍ୟ କରିଥାନ୍ତି । ମାତ୍ର ଶ୍ରେଣୀ ବ୍ୟବସ୍ଥାରେ ସାମୂହିକ ସଚେତନତାର ଅଭାବ ଥାଏ । ବ୍ୟକ୍ତିଗତ ସ୍ୱାର୍ଥ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ ।

**୧୩. ରକ୍ଷଣଶୀଳ ନୀତି ଓ ପ୍ରଗତିଶୀଳ ନୀତି (Conservative & Progressive) :** ଜାତିପ୍ରଥା ସଂକୀର୍ଣ୍ଣ ଓ ରକ୍ଷଣଶୀଳ ନୀତି ଉପରେ ପ୍ରତିଷ୍ଠିତ । ଏହା ପୁରୁଣାପ୍ରଥା ପରମ୍ପରାକୁ କଠୋର ଭାବରେ ଅନୁସରଣ କରିଥାଏ । ପରିବର୍ତ୍ତନକୁ ସହଜରେ ଗ୍ରହଣ କରିପାରେନାହିଁ । କିନ୍ତୁ ଶ୍ରେଣୀ ବ୍ୟବସ୍ଥା ବିକଶନ୍ମୁଖୀ ଏଥିରେ ବ୍ୟକ୍ତି ସ୍ୱତନ୍ତ୍ରତା ଓ ସ୍ୱାଧୀନତା ଥାଏ । ଏହି ବ୍ୟବସ୍ଥାରେ ପ୍ରତ୍ୟେକ ବ୍ୟକ୍ତି ସମାନ ।

## ହିନ୍ଦୁ ଯୌଥ ପରିବାର
## Hindu Joint Family

### ଯୌଥ ପରିବାରର ଅର୍ଥ
### Meaning of Joint Family

ପରିବାର ଏକ ସାର୍ବଜନୀନ ଓ ସର୍ବବ୍ୟାପକ ଅନୁଷ୍ଠାନ । ଉଭୟ ପୁରାତନ ଓ ଆଧୁନିକ, କ୍ଷୁଦ୍ର ଓ ବୃହତ୍ ସମାଜରେ ପରିବାର ବ୍ୟବସ୍ଥା ପରିଲକ୍ଷିତ ହୋଇଅଛି । ପରିବାର ଶବ୍ଦଟି ଲାଟିନ୍ ଶବ୍ଦ ଫାମୁଲସ୍ ରୁ ଆସିଅଛି ଯାହାର ଅର୍ଥ ଚାକର । ପୁରାତନ ସମାଜରେ ଚାକର ଗୃହର ସଦସ୍ୟମାନଙ୍କର ପ୍ରସ୍ଥିତି ଉପଭୋଗ କରୁଥିଲା । ସେଥିପାଇଁ ପରିବାର ଶବ୍ଦଟି ଫାମୁଲସ୍ ଶବ୍ଦରୁ ଉଦ୍ଭୂତ ହୋଇଅଛି । ପରିବାର ଏକ କ୍ଷୁଦ୍ର ସମୂହ ଯାହା ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କର ସନ୍ତାନମାନଙ୍କୁ ନେଇ ଗଠିତ ହୋଇଥାଏ । ଏହା ବ୍ୟକ୍ତିର ସମସ୍ତ ଆବଶ୍ୟକତାକୁ ପୂରଣ କରିଥାଏ । ମୁଖ୍ୟତଃ ଏହା ବ୍ୟକ୍ତିର ଜୀବନକୁ ପ୍ରଭାବିତ କରିବା ସହିତ ତାର ସାମାଜିକୀକରଣ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ବର୍ଗେସ୍ ଏବଂ ଲକ୍ (Burgess and locke) ଙ୍କ ମତରେ "ପରିବାର ବ୍ୟକ୍ତିମାନଙ୍କ ଦ୍ୱାରା ଗଠିତ ଏକ ସମୂହ ଯେଉଁମାନେ ବିବାହ ବନ୍ଧନ, ରକ୍ତ ସମ୍ପର୍କ କିମ୍ବା ପୌଷ୍ୟପୁତ୍ର ସୂତ୍ରରେ ଆବଦ୍ଧ ହୋଇ ଗୋଟିଏ ଗୃହରେ ବାସ କରିଥାଆନ୍ତି ଏବଂ ସ୍ୱାମୀ-ସ୍ତ୍ରୀ, ପିତା-ମାତା, ପୁତ୍ର-କନ୍ୟା, ଭାଇ-ଭଉଣୀ ଆଦି ସାମାଜିକ ଭୂମିକା ଅନୁସାରେ

ପରସ୍ପର ସହିତ ସମ୍ପର୍କ ଓ ସହଯୋଗ ରକ୍ଷାକରି ଏକ ସମାନ ସଂସ୍କୃତି ସୃଷ୍ଟି କରିଥାନ୍ତି । ମାକାଇଭର୍ (MacIver)ଙ୍କ ମତରେ "ପରିବାର ଏକ ସମୂହ ଯେଉଁଥିରେ ସୁକ୍ଷ୍ମ ଓ ସ୍ଥାୟୀ ଯୌନ ସଂପର୍କ ଥାଏ ଏବଂ ଏହା ସନ୍ତାନ ଜନ୍ମ ତଥା ସେମାନଙ୍କର ଲାଳନପାଳନ ପାଇଁ ଉଦ୍ଦିଷ୍ଟ"। ସଂକ୍ଷେପରେ ପରିବାର ଏକ ସାମାଜିକ ଅନୁଷ୍ଠାନ ଯାହା ପିତା-ମାତା ଓ ସେମାନଙ୍କର ସନ୍ତାନମାନଙ୍କୁ ନେଇ ଏକ ସ୍ଥାୟୀ ବନ୍ଧନରେ ବାନ୍ଧିହୋଇ ରହିଥାଏ ।

ଭାରତୀୟ ପରିବାର ବ୍ୟବସ୍ଥା କହିଲେ ସାଧାରଣତଃ ହିନ୍ଦୁ ଯୌଥ ପରିବାରକୁ ବୁଝାଇଥାଏ । ଭାରତୀୟ ଗ୍ରାମ୍ୟ ସମୁଦାୟର ଏହା ଏକ ଭିତ୍ତିଭୂମି ଅଟେ। ଯାହାକୁ ଆଧାର କରି ହିନ୍ଦୁ ସାମାଜିକ ସଂଗଠନ ପ୍ରତିଷ୍ଠିତ । ଯୌଥ ପରିବାର ସାଧାରଣତଃ କେତେଗୁଡ଼ିଏ ସଦସ୍ୟଙ୍କୁ ନେଇ ଗଠିତ, ଯେଉଁମାନେ ଦୁଇ ବା ତତୋଧିକ ପିଢ଼ିର ହୋଇଥାଆନ୍ତି । ଅର୍ଥାତ ଯୌଥ ପରିବାର ଏକ ବୃହତ୍ ସାମାଜିକ ସମୂହ ଯାହା ସ୍ୱାମୀ-ସ୍ତ୍ରୀ ଏବଂ ସେମାନଙ୍କର ସନ୍ତାନ ସନ୍ତତି, ଜେଜେ ବାପା, ଜେଜେ ମା, ଦାଦା, ଖୁଡ଼ୀ ଓ ନାତି, ନାତୁଣୀଙ୍କୁ ନେଇ ଗଠିତ ହୋଇଥାଏ । ସାଧାରଣ ଅର୍ଥରେ ଯୌଥ ପରିବାର ଏକ ବୃହତ୍ ପରିବାର ଯେଉଁଠାରେ ସମସ୍ତ ସଭ୍ୟ ଗୋଟିଏ ଗୃହରେ ବା ଗୋଟିଏ ଛାତତଳେ ବାସ କରନ୍ତି, ଗୋଟିଏ ରନ୍ଧନଶାଳାରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଭୋଜନ କରନ୍ତି, ପାରିବାରିକ ପୂଜା କର୍ମରେ ମିଳିତ ଭାବରେ ଅଂଶଗ୍ରହଣ କରିଥାନ୍ତି ଏବଂ ଅବିଭକ୍ତ ସମ୍ପତ୍ତିର ଅଧିକାରୀ ହୋଇଥାଆନ୍ତି । ଏହି ପରିବାରର ସଦସ୍ୟମାନେ ପରସ୍ପର ରକ୍ତ ସମ୍ପର୍କ ଦ୍ୱାରା ଆବଦ୍ଧ ହୋଇଥାଆନ୍ତି ।

ବିଭିନ୍ନ ସମାଜବିଜ୍ଞାନୀ ଯୌଥ ପରିବାରର ଭିନ୍ନଭିନ୍ନ ସଂଜ୍ଞା ପ୍ରଦାନ କରିଛନ୍ତି । ସେଗୁଡ଼ିକୁ ନିମ୍ନରେ ପ୍ରଦାନ କରାଗଲା ।

ଡଃ ଇରାବତୀ କାର୍ଭେଙ୍କ ଅନୁସାରେ, "ଯୌଥ ପରିବାର ହେଉଛି ବ୍ୟକ୍ତିମାନଙ୍କର ଏକ ସମୂହ ଯେଉଁମାନେ ସାଧାରଣତଃ ଗୋଟିଏ ଛାତ ତଳେ ବାସ କରନ୍ତି, ଗୋଟିଏ ରନ୍ଧନଶାଳାରେ ରନ୍ଧାଯାଇଥିବା ଖାଦ୍ୟ ଖାଆନ୍ତି, ସାଧାରଣ ପୂଜାବିଧିରେ ଅଂଶ ଗ୍ରହଣ କରିଥାନ୍ତି ଏବଂ ସେମାନେ ପରସ୍ପରର ରକ୍ତ ସମ୍ପର୍କୀୟ ହୋଇଥାଆନ୍ତି ।

Iravati karve "A joint family is a group of people who generally live under one roof, who eat food cooked at one hearth , who hold property in common and who participate in common family worship and are related to each other as some type of kindred"

ସାର୍ ହେନେରୀ ମେନ୍‌ଙ୍କ ମତରେ, "ହିନ୍ଦୁ ଯୌଥ ପରିବାର ହେଉଛି ଏକ ସମୂହ ଯାହାକି ପୂର୍ବ ପୁରୁଷ ଓ ପୋଷ୍ୟ ପୁତ୍ରମାନଙ୍କୁ ନେଇ ଗଠିତ ହୋଇଥାଏ ଏବଂ ପରିବାରର ସମ୍ପର୍କୀୟ ବ୍ୟକ୍ତିମାନେ ସେହି ପୁତ୍ରମାନଙ୍କ ବିବାହ ବନ୍ଧନ ମାଧ୍ୟମରେ ସମ୍ପର୍କିତ ହୋଇଥାଆନ୍ତି ।

The Hindu Joint Family is a group constituted of ancestors and adopted sons and relatives related to these sons through marriage.

ଆଇ.ପି.ଦେଶାଇ (I.P Desai)ଙ୍କ ମତରେ ଆମ୍ଭେମାନେ ଏହି ପରିବାରକୁ ଯୌଥ ପରିବାର କହୁ, ଯେଉଁଥିରେ କି ଏକକ ପରିବାର ଅପେକ୍ଷା ବେଶୀ ପିଢ଼ି (Generation)ର ଲୋକ ବାସ କରନ୍ତି ଏବଂ ଯାହାର ସଦସ୍ୟମାନେ ପରସ୍ପର ସହ ସଂପତ୍ତି, ଆୟ ଏବଂ ଆପୋଷ ଅଧିକାର ସହ ଦାୟିତ୍ୱ ଆଦି ଦ୍ୱାରା ପରସ୍ପର ସହ ସମ୍ପର୍କିତ ହୋଇଥାଆନ୍ତି ।

We call that household a joint family which has greater generation depth than individual family and the members of which are related to one other by property, income and mutual rights and obligations.

ଉପରୋକ୍ତ ସଂଜ୍ଞାଗୁଡ଼ିକରୁ ଜଣାଯାଏ ଯେ, ଯୌଥ ପରିବାର କହିଲେ ଏକ ଅପେକ୍ଷାକୃତ ବୃହତ୍ ସମୂହକୁ ବୁଝାଇଥାଏ । ଏହାର ସଦସ୍ୟମାନଙ୍କର ସାଧାରଣ ପୂର୍ବ ପୁରୁଷ, ସାଧାରଣ ସଂପତ୍ତି,ସାଧାରଣ ସଂସ୍କୃତି ଏବଂ ବାସଗୃହ ରହିଥାଏ ।

ସି.ବି.ମେମୋରିଆ (C.B. Memoria) ଙ୍କ ମତରେ ଯୌଥ ପରିବାରର ମୌଳିକ ନୀତି ହେଉଛି ସପିଣ୍ଡ ବନ୍ଧନ ଯାହା ବ୍ୟତୀତ ଯୌଥ ପରିବାର ଗଠନ କରାଯାଇ ପାରିବ ନାହିଁ ।

The fundamental principle of Hindu joint family is the tie of sapindaship withou which it is impossible to form a joint family.

ପି.ଏନ.ପ୍ରଭୂଙ୍କ ମତରେ "ଯୌଥ ପରିବାରର ସମସ୍ତ ସଦସ୍ୟ ଏକା ବାସଗୃହରେ ଏକତ୍ର ବାସ କରନ୍ତି ଏହାର ଆକାରରେ କୌଣସି ନିର୍ଦ୍ଦିଷ୍ଟତା ନଥାଏ । ଅନେକ ସମୟରେ ଏହା ଚାରି ପୁରୁଷ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ କରିଥାଏ । ଯୌଥ ପରିବାରର ସମସ୍ତ ସଦସ୍ୟ ଗୋଟିଏ ଛାତତଳେ ବାସ କରନ୍ତି ଏବଂ ସାମୂହିକ ଭାବେ ସମ୍ପତ୍ତି ଅଧିକାର କରିଥାଆନ୍ତି ଏବଂ ଏକ ସାଧାରଣ ରନ୍ଧନଶାଳାରୁ ଖାଦ୍ୟ ଗ୍ରହଣ କରିଥାଆନ୍ତି"

All the members of joint family live together in the same abode, often there i no limit to its size, very often it may include four generations. All the members of th joint family live under same roof and have common property and take food from common kitchen.

ଉପରୋକ୍ତ ସଂଜ୍ଞା ଗୁଡ଼ିକରୁ ଜଣାଯାଏ ଯେ, ଯୌଥ ପରିବାର କହିଲେ ଏକ ଅପେକ୍ଷାକୃତ ବୃହତ୍ ସମୂହ ବୁଝାଇଥାଏ । ଏହାର ସଦସ୍ୟମାନଙ୍କର ସାଧାରଣ ପୂର୍ବପୁରୁଷ, ସାଧାରଣ ସମ୍ପତ୍ତି, ସାଧାରଣ ସଂସ୍କୃତି ଏବଂ ବାସଗୃ ରହିଥାଏ ।

## ଯୌଥ ପରିବାରର ଗୁଣାବଳୀ
## Characteristics of Joint Family

**୧. ବୃହତ ଆକାର (Large size)** : ଯୌଥ ପରିବାର ଦୁଇବା ତତୋଧିକ ପୁରୁଷର (Generatio ସଦସ୍ୟମାନଙ୍କୁ ନେଇ ଗଠିତ । ଏହାର ସଭ୍ୟ ସଂଖ୍ୟା ଅଧିକ ହୋଇଥିବାରୁ ଏହା ଆକାରରେ ବୃହତ୍ ଅଟେ ।

**୨. ସାଧାରଣ ବାସସ୍ଥାନ (Common residence) :** ଯୌଥ ପରିବାରର ସମସ୍ତ ସଦସ୍ୟ ଗୋଟିଏ ଛାତତ ବସବାସ କରନ୍ତି । କେତେକ ସ୍ଥଳରେ ପରିବାରର ସଦସ୍ୟ ସଂଖ୍ୟା ବୃଦ୍ଧି ହେବା ଫଳରେ ବାସସ୍ଥାନରେ ଅଭ ଦେଖାଦେଇଥାଏ । ଫଳରେ ସଦସ୍ୟମାନେ ପୃଥକ ଭାବରେ ବାସ କରିଥାଆନ୍ତି । କିନ୍ତୁ ଯୌଥ ପରିବାର ସଦସ୍ୟତା ରହିଥାଏ ଓ ସମ୍ପର୍କ ଅତୁଟ ରହିଥାଏ ।

**୩. ସାଧାରଣ ରନ୍ଧନଶାଳା (Common kitchen):** ଯୌଥ ପରିବାରରେ ଏକ ସାଧାରଣ ରନ୍ଧନଶାଳା ଥା ଗୋଟିଏ ଚୁଲ୍ଲୀରେ ରନ୍ଧାଯାଇଥିବା ଖାଦ୍ୟପଦାର୍ଥକୁ ଯୌଥ ପରିବାରର ସମସ୍ତ ସଦସ୍ୟ ଏକତ୍ର ଭୋଜନ କରିଥାନ୍ତି

**୪. ସାଧାରଣ ସମ୍ପତ୍ତି (Common property):** ଯୌଥ ପରିବାରର ସମ୍ପତ୍ତି ଅବିଭାଜିତ ଥାଏ । ପରିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଉପରେ ସଦସ୍ୟମାନଙ୍କର ସମାନ ଅଧିକାର ଥାଏ । ସମ୍ପଦର ସର୍ବାଧିକ ଉତ୍ପାଦନ ଓ ଉପଭୋଗ ପ୍ରଭୃତି ସଂଯୁକ୍ତ ଭିତ୍ତିରେ ହୋଇଥାଏ । ଯୌଥ ପରିବାରରେ ଏକ ମିଳିତ ପାଣ୍ଠି ଥା

ପ୍ରତିଟି ବ୍ୟକ୍ତିଙ୍କର ରୋଜଗାର, ପରିବାରର ଜମିରୁ ଉତ୍ପାଦିତ ଶସ୍ୟ ଓ ଅନ୍ୟାନ ଆୟ ସାଧାରଣ ପାଣ୍ଠିରେ ଜମା କରାଯାଇଥାଏ । ଏବଂ ସେହି ପାଣ୍ଠିରୁ ପରିବାରର ସମସ୍ତ ଖର୍ଚ୍ଚ ପରିଚାଳନା କରାଯାଇଥାଏ ।

**୫. ସାଧାରଣ ଧର୍ମ (Common religion) :** ପ୍ରତ୍ୟେକ ଯୌଥ ପରିବାରର ନିଜସ୍ୱ ଧର୍ମ, ପୂଜା, ବ୍ରତ ଓ ଉପାସ ଆଦି ରହିଥାଏ । ପ୍ରତି ପରିବାରର ନିଜର କୁଳ ଦେବତା ରହିଥାନ୍ତି । ସଦସ୍ୟମାନେ ଗୋଟିଏ ଧର୍ମରେ ବିଶ୍ୱାସ କରନ୍ତି । ପରିବାରରେ ସାମୂହିକ ଭାବରେ ଧାର୍ମିକ କାର୍ଯ୍ୟ, ପୂଜାବିଧି ଓ ଉତ୍ସବ ପାଳନ କରାଯାଏ । ଯୌଥ ପରିବାରର ସମସ୍ତ ଧାର୍ମିକ ପର୍ବପର୍ବାଣୀ ଓ ସାମାଜିକ ଉତ୍ସବରେ ସଭ୍ୟମାନେ ଅଂଶ ଗ୍ରହଣ କରିଥାନ୍ତି ।

**୬. ଅଧିକାର ଓ ଦାୟିତ୍ୱ (Rights and obligations) :** ଯୌଥ ପରିବାରରେ ସମସ୍ତ ସଦସ୍ୟ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ନେଇ ସଚେତନ ହୋଇଥାଆନ୍ତି । ପ୍ରତ୍ୟେକ ସଦସ୍ୟ ପରିବାର ବା ବ୍ୟକ୍ତି ବିଶେଷର ସୁବିଧା ପାଇଁ ନିଃସ୍ୱାର୍ଥପର ଭାବେ ଦାୟିତ୍ୱ ତୁଲାଇ ଥାଆନ୍ତି ଓ ସମୁଦାୟ ପରିବାରଟି ସ୍ନେହ, ସହାନୁଭୂତି, ଆନୁଗତ୍ୟ ଓ ସହଯୋଗୀ ମନୋଭାବ ଦ୍ୱାରା ବାନ୍ଧି ହୋଇରହିଥାଏ ।

**୭. ମୁଖ୍ୟ କର୍ତ୍ତାଙ୍କ ଶାସନ (Rules of karta) :** ଯୌଥ ପରିବାରର ମୁଖ୍ୟଙ୍କୁ କର୍ତ୍ତା କୁହାଯାଏ । ସାଧାରଣତଃ ପରିବାରର ବୟୋଜ୍ୟେଷ୍ଠ ପୁରୁଷ କର୍ତ୍ତା ହୋଇଥାନ୍ତି । ପରିବାରର ପରିଚାଳନା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥାଏ । ସେ ପରିବାରର ସମସ୍ତ ପାଣ୍ଠିର ରକ୍ଷକ ଭାବରେ କାର୍ଯ୍ୟ କରିଥାନ୍ତି । ପରିବାରର ସମସ୍ତ ସଭ୍ୟଙ୍କର ଆର୍ଥିକଖର୍ଚ୍ଚ ଘରକର୍ତ୍ତା ବୁଝିଥାଆନ୍ତି ଓ ଆବଶ୍ୟକତା ଅନୁଯାୟୀ ପରିବାରର ସାଧାରଣ ପାଣ୍ଠିରୁ ଖର୍ଚ୍ଚ ହୋଇଥାଏ । ପରିବାରର ସଦସ୍ୟମାନେ କର୍ତ୍ତାଙ୍କୁ ସମ୍ମାନ ଦେଇଥାଆନ୍ତି ଓ ତାଙ୍କର ଆଦେଶକୁ ପାଳନ କରିଥାଆନ୍ତି ।

**୮. ସହଯୋଗୀ ବ୍ୟବସ୍ଥା (Co-operative system) :** ଯୌଥ ପରିବାର ପାରସ୍ପରିକ ସହଯୋଗ ଉପରେ ପ୍ରତିଷ୍ଠିତ । ଏହାର ଅଭାବରେ ପରିବାରର ବିଭାଜନ ଦେଖାଦିଏ । ନିଜର କ୍ଷମତା ବା ଦକ୍ଷତା ଅନୁସାରେ ସଦସ୍ୟମାନେ କାମ କରିଥାଆନ୍ତି । ପରିବାର ବ୍ୟକ୍ତିର ପ୍ରତ୍ୟେକ ଆବଶ୍ୟକତା ଗୁଡ଼ିକୁ ପୂରଣ କରିଥାଏ । ପ୍ରତ୍ୟେକ ବ୍ୟକ୍ତି ନିଜର ସାମର୍ଥ୍ୟ ଅନୁଯାୟୀ କାର୍ଯ୍ୟ କରିଥାଆନ୍ତି ଏବଂ ଆବଶ୍ୟକ ଅନୁଯାୟୀ ବ୍ୟକ୍ତିଗତ ଖର୍ଚ୍ଚ ସାଧାରଣ ପାଣ୍ଠିରୁ କରିଥାନ୍ତି । ପରିବାରରେ ଉପାର୍ଜନ କରୁନଥିବା ସଦସ୍ୟମାନେ ମଧ୍ୟ ସମାନ ସୁଯୋଗ ଅଧିକାର ଉପଭୋଗ କରିଥାଆନ୍ତି । ଏହିପରି ଯୌଥ ପରିବାର ଏକ ସହଯୋଗୀ ବ୍ୟବସ୍ଥା ରୂପେ କାର୍ଯ୍ୟ କରିଥାଏ ।

### ଯୌଥ ପରିବାରର ପ୍ରକାରଭେଦ
### Types of Hindu Joint Family

ହିନ୍ଦୁ ଯୌଥ ପରିବାର ସାଧାରଣତଃ ଦୁଇ ପ୍ରକାରର, ଯଥା – ପିତୃତାନ୍ତ୍ରିକ ଓ ମାତୃତାନ୍ତ୍ରିକ

**୧. ପିତୃତାନ୍ତ୍ରିକ (Patriarchal) :** ପିତୃତାନ୍ତ୍ରିକ ଯୌଥ ପରିବାର (Patriarchal joint family) ଏହି ପରିବାରରେ ପିତା ମୁଖ୍ୟ ଥାଆନ୍ତି । ସେ ପରିବାରକୁ ପରିଚାଳନା କରିଥାନ୍ତି । ତାଙ୍କ ତତ୍ତ୍ୱାବଧାନରେ ପରିବାରର ସମସ୍ତ ସଦସ୍ୟ ରହିଥାଆନ୍ତି । ପରିବାରର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଙ୍କ ନାମରେ ଥାଏ । ପିତାଙ୍କ ମୃତ୍ୟୁପରେ ଜ୍ୟେଷ୍ଠ ପୁତ୍ର ତାଙ୍କର ଉତ୍ତରାଧିକାରୀ ଭାବରେ ପରିବାରର ଦାୟିତ୍ୱ ଗ୍ରହଣ କରିଥାନ୍ତି । ଏହା ଏକ ପିତୃସ୍ଥାନିକ ପରିବାର ହୋଇଥିବାରୁ ସମ୍ପତ୍ତି ଉପରେ କେବଳ ପୁରୁଷ ସଦସ୍ୟମାନଙ୍କର ଅଧିକାର ଥାଏ ।

**୨. ମାତୃତାନ୍ତ୍ରିକ (Matriarchal):** ମାତୃତାନ୍ତ୍ରିକ ଯୌଥ ପରିବାରରେ ବୟୋଜେଷ୍ଠା ସ୍ତ୍ରୀ ବା ମା ପରିବାରର ମୁଖ୍ୟ ଅଟନ୍ତି । ତାଙ୍କର ଗୃହରେ ଯଥେଷ୍ଟ କ୍ଷମତା ଥାଏ । ପରିବାରର ପରିଚାଳନା ଦାୟିତ୍ୱ ମା'ଙ୍କ ଉପରେ ନ୍ୟସ୍ତ ଥାଏ । ପରିବାରର ସମ୍ପତ୍ତି ଉପରେ ମା'ଙ୍କର ଅଧିକାର ଥାଏ । ସେ ସମ୍ପତ୍ତିର ରକ୍ଷଣାବେକ୍ଷଣ କରିଥାନ୍ତି । ପରିବାରର ବଂଶାନୁକ୍ରମିକ ମାତାଙ୍କ ନାମ ଅନୁସାରେ ଗଣନା କରାଯାଇଥାଏ । ମା'ଙ୍କ ପରେ ଗୃହର ଦାୟିତ୍ୱ ଝିଅ ହାତକୁ ହସ୍ତାନ୍ତର ହୋଇଥାଏ ।

**ଇଲମ୍ (Illom):** କେରଳର ନମ୍ବୁଦ୍ରି ବ୍ରାହ୍ମଣମାନଙ୍କର ଯୌଥ ପରିବାରକୁ ଇଲମ୍ କୁହାଯାଏ । ଏଥିରେ ସମ୍ପତ୍ତି ଅଭିଭାଜ୍ୟ ଅଟେ ଏବଂ ପ୍ରତ୍ୟେକ ସଦସ୍ୟମାନଙ୍କର ସମାନ ଅଧିକାର ଥାଏ । ଏହି ନିୟମ ପୁରୁଷାନୁକ୍ରମିକ ଭାବରେ ପ୍ରଚଳିତ ହୋଇଥାଏ । ପରିବାରରେ ପ୍ରଚଳିତ ନିୟମ ଅନୁସାରେ କେବଳ ବଡ଼ଭାଇ ନମ୍ବୁଦ୍ରି କନ୍ୟାକୁ ବିବାହ କରିଥାଏ, ମାତ୍ର ଅନ୍ୟଭାଇମାନେ ନାୟାର ପରିବାରରେ ବିବାହ କରିଥାନ୍ତି । ସେହିଭଳି ବଡ଼ଭାଇର ପିଲାମାନେ କେବଳ ଇଲମ୍ ପରିବାରର ସଭ୍ୟ ହେବାକୁ ହକ୍‌ଦାର ହୋଇଥାଆନ୍ତି ଓ ସେମାନେ ଇଲମ୍ ପରିବାରର ଉତ୍ତରାଧିକାରୀ ହୋଇଥାଆନ୍ତି । ନାୟାର ପରିବାର ମାତୃସ୍ଥାନିକ ହୋଇଥିବାରୁ ନାୟାର ନିଜ ପରିବାରରେ ରହିଥାନ୍ତି । ସେମାନଙ୍କର ସନ୍ତାନ ମାନେ ମା'ଙ୍କ ସହିତ ସେହି ପରିବାରରେ ରହିଥାଆନ୍ତି । ଯଦି ଜ୍ୟେଷ୍ଠଭ୍ରାତାଙ୍କର କୌଣସି ସନ୍ତାନ ଜନ୍ମ ନହୁଅନ୍ତି, ତେବେ ତା'ପର ଭ୍ରାତାଙ୍କୁ ନମ୍ବୁଦ୍ରି ପରିବାରରେ ବିବାହ କରିବାକୁ ପଡ଼େ । ଏହାଦ୍ୱାରା ପରିବାରର ବଂଶରକ୍ଷା ହୋଇଥାଏ । ଇଲମ୍‌ରେ ପରିବାରରେ ଜ୍ୟେଷ୍ଠପୁତ୍ର ପରିବାରର ମୁଖ୍ୟ ଅଟନ୍ତି ସେ ପରିବାର ସମ୍ପତ୍ତିର ରକ୍ଷଣାବେକ୍ଷଣ କରନ୍ତି । ଅନ୍ୟ ଭାଇମାନଙ୍କର ବିନା ପରାମର୍ଶରେ ସେ ସମ୍ପତ୍ତିକୁ ବିକ୍ରି କରିବା ବା ଉପହାର କିମ୍ବା ଦାନ ଆକାରରେ ଅନ୍ୟକୁ ଦେଇପାରିବେ ନାହିଁ । ଏହି ପରିବାରରେ ପୁରୁଷମାନଙ୍କ ସହିତ ମହିଳା ମାନଙ୍କର ସମ୍ପତ୍ତିରେ ସମାନ ଅଧିକାର ଥାଏ ।

**ତାରୱାଡ୍ (Tarward):** ତାରୱାଡ୍ ଏକ ମାତୃସ୍ଥାନିକ ହିନ୍ଦୁ ଯୌଥ ପରିବାର । ଏହା କେରଳର ନାୟାରମାନଙ୍କ ମଧ୍ୟରେ ଦେଖାଯାଏ । ମାଆ, ଝିଅ, ଝିଅର ଝିଅ ବା ପୁଅ ଇତ୍ୟାଦିଙ୍କୁ ନେଇ ତାରୱାର୍ଡ଼ ଗଠିତ ହୋଇଥାଏ । ଏଥିରେ ପୁତ୍ର ଏବଂ ତାର ସ୍ତ୍ରୀ ଓ ପିଲାମାନେ ଅନ୍ତର୍ଭୁକ୍ତ ହୋଇନଥାନ୍ତି । କାରଣ ସେମାନେ ସେହି ସ୍ତ୍ରୀର ପରିବାରର ସଭ୍ୟ ବୋଲି ଧରାଯାଇଥାନ୍ତି । ମାଆଙ୍କର ନାମକୁ ନେଇ ବଂଶାନୁକ୍ରମ ଧରାଯାଇଥାଏ । ତାରୱାର୍ଡ଼ ପରିବାରରେ ଉଭୟ ନାରୀ ଓ ପୁରୁଷ ସଦସ୍ୟମାନଙ୍କର ସମ୍ପତ୍ତି ଉପରେ ଅଧିକାରଥାଏ । ସମ୍ପତ୍ତି ଏଥିରେ ଅବିଭାଜିତ ଥାଏ । କିନ୍ତୁ ସମ୍ପତ୍ତି ବିଭାଜନ ପାଇଁ ପରିବାରର ସ୍ୱୀକୃତି ଥିଲେ ମଧ୍ୟ, ଏହାର ବିଭାଜନ ସମ୍ଭବ ହୋଇନଥାଏ କାରଣ ଏଥିପାଇଁ ପରିବାରର ସମସ୍ତ ସଦସ୍ୟଙ୍କର ସ୍ୱୀକୃତି ଦରକାର ପଡ଼ିଥାଏ ।

ତାରୱାର୍ଡ଼ର ବୟୋଜ୍ୟେଷ୍ଠ ପୁରୁଷ ସଦସ୍ୟ ପରିବାର ପରିଚାଳନା କରିଥାଆନ୍ତି । ତାଙ୍କୁ କର୍ଣ୍ଣବାଣ (Karnavan) ବୋଲି କୁହାଯାଏ । ସମ୍ପତ୍ତି ଉପରେ 'କର୍ଣ୍ଣବାଣ'ଙ୍କର ଅଖଣ୍ଡ କ୍ଷମତା ରହିଥାଏ ।

ମାତ୍ର ଅନ୍ୟ ସଦସ୍ୟଙ୍କ ସହମତି ବିନା ସମ୍ପତ୍ତିକୁ ବିକ୍ରୟ ବା ଦାନ କରିପାରନ୍ତି ନହିଁ । ଯଦି ବ୍ୟୋଯୋଜ୍ୟେଷ୍ଠ ସଦସ୍ୟ ପରିବାର ଚଳାଇବାବେଳେ କୌଣସି ଅବିଶ୍ୱାସ କାର୍ଯ୍ୟ କରିଥାଆନ୍ତି କିମ୍ବା ଅସମର୍ଥ ହୋଇଥାଆନ୍ତି ତେବେ ପରବର୍ତ୍ତୀ ସଦସ୍ୟ 'କର୍ଣ୍ଣବାଣ' ଭାବେ ପରିବାରର ଦାୟିତ୍ୱ ନେଇଥାଆନ୍ତି । ଯଦି ତାରୱାଡ଼ର ଆକାର ବୃଦ୍ଧିପାଏ

ଏବଂ ତାହାର ପରିଚାଳନାରେ ଅସୁବିଧା ହୁଏ, ତେବେ ତାକୁ କେତେଗୁଡ଼ିଏ ଛୋଟ ଛୋଟ ଏକକ ରେ ବିଭକ୍ତ କରାଯାଇଥାଏ । ଏହାକୁ ଟାଭଜି (Tavazhies) ବୋଲି କୁହାଯାଏ । ଟାଭଜିର ମୂଳ ତାରୱାଡ଼ ସହିତ ସମ୍ପର୍କ ଅତୁଟ ରହିଥାଏ ।

## ଯୌଥ ପରିବାରର ଉପକାରିତା
## Merits of Joint Family

ପାରମ୍ପରିକ ସମାଜରେ ଯୌଥ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଏହା ବ୍ୟକ୍ତିର ସାମାଜିକ, ଅର୍ଥନୈତିକ, ଧାର୍ମିକ ଓ ସାଂସ୍କୃତିକ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରୁଥିଲା । ଏକ ପ୍ରାଥମିକ ସମୂହ ଭାବେ ଯୌଥ ପରିବାର ଅନେକଗୁଡ଼ିଏ ଉପକାର କରିଆସୁଅଛି । ସେଗୁଡ଼ିକ ନିମ୍ନରେ ପ୍ରଦାନ ହେଲା ।

**୧. ଅର୍ଥନୈତିକ ପ୍ରକାର୍ଯ୍ୟ (Economic Function):** ଯୌଥ ପରିବାର କେତେଗୁଡ଼ିଏ ଅର୍ଥନୈତିକ ପ୍ରକାର୍ଯ୍ୟ ସମ୍ପାଦନ କରିଥାଏ । ଏହା ଉଭୟ ଉତ୍ପାଦନକାରୀ ତଥା ଉପଭୋଗକାରୀ ସଂସ୍ଥା ରୂପେ କାର୍ଯ୍ୟ କରିଥାଏ । ଯୌଥପରିବାର ତାର ସଦସ୍ୟମାନଙ୍କର ସର୍ବନିମ୍ନ ଚାହିଦା, ଯଥା- ଖାଦ୍ୟ, ବସ୍ତ୍ର ଓ ବାସଗୃହ ପ୍ରଭୃତି ମୌଳିକ ଆବଶ୍ୟକତାକୁ ପୂରଣ କରିଥାଏ । ଯୌଥ ପରିବାରରେ ସମ୍ପତ୍ତି ଅବିଭକ୍ତ ଥିବା ହେତୁ ସମସ୍ତେ ମିଳିମିଶି କୃଷି କାର୍ଯ୍ୟ କରିବା ଦ୍ୱାରା କୃଷି ଉତ୍ପାଦାନ ବୃଦ୍ଧି ପାଇଥାଏ । ଏହାଛଡ଼ା ଏକାଧିକ ବ୍ୟକ୍ତି ମିଳିମିଶି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିବା ଦ୍ୱାରା ମୂଲ ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥକୁ ସଞ୍ଚୟ କରାଯାଇଥାଏ ।

**୨. ସାମାଜିକ ନିରାପତ୍ତା ପ୍ରଦାନ (Provides Social Security):** ଯୌଥପରିବାର ତାର ପ୍ରତ୍ୟେକ ସଦସ୍ୟଙ୍କୁ ସାମାଜିକ ନିରାପତ୍ତା ଯୋଗାଇଥାଏ । ଶିଶୁ, ବୃଦ୍ଧ, ଅକର୍ମଣ୍ୟ, ଅକ୍ଷମ, ବିକଳାଙ୍ଗ ଓ ପିତୃମାତୃହୀନ, ଶାରୀରିକ ଓ ମାନସିକ ବ୍ୟାଧିଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ଯୌଥ ପରିବାର ଉପଯୁକ୍ତ ଯତ୍ନ ନେଇଥାଏ । ପରିବାରର କେହି ସଦସ୍ୟର ଦୁର୍ଦ୍ଦିନରେ ଅନ୍ୟମାନେ ସହାୟତା କରିଥାନ୍ତି । ପରିବାର ସମସ୍ତ ସଦସ୍ୟଙ୍କୁ ଆବଶ୍ୟକୀୟ ଦ୍ରବ୍ୟ ଯୋଗାଇଥାଏ । ଯୌଥ ପରିବାର ଅସହାୟମାନଙ୍କ ପାଇଁ ଏକ ଅନାଥ 'ଆଶ୍ରମ' ବା ବୀମା କମ୍ପାନୀ ଭଳି କାର୍ଯ୍ୟ କରିଥାଏ ।

**୩. ସାମାଜିକରଣ (Socialization):** ଯୌଥ ପରିବାରରେ ସାଧାରଣତଃ ସନ୍ତାନମାନେ ସର୍ବଦା ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର ସ୍ନେହ, ମମତା, ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ରହିଥାନ୍ତି । ସେମାନେ ପରିବାରର ଚଳଣି ଓ ପରମ୍ପରା ସହିତ ନୂତନ ସଦସ୍ୟମାନଙ୍କୁ ପରିଚିତ କରାଇଥାଆନ୍ତି । ଯୌଥ ପରିବାରରେ ଏକତ୍ର ବାସ କରିବା ଦ୍ୱାରା ବ୍ୟକ୍ତିର କେତେକ ସାମାଜିକ ସଦ୍‌ଗୁଣର ବିକାଶ ଘଟିଥାଏ । ଅନ୍ୟର ଚିନ୍ତାଧାରାକୁ ସମ୍ମାନଦେବା, ଅନ୍ୟପ୍ରତି ଅନୁକମ୍ପା ପ୍ରଦର୍ଶନ, ସମଦୃଷ୍ଟିଭାବ ଓ ସହଯୋଗ ଆଦି ମହାନ୍ ଗୁଣ ସନ୍ତାନମାନଙ୍କ ମଧ୍ୟରେ ବାଲ୍ୟଅବସ୍ଥାରୁ ଗଢ଼ିଉଠେ । ଏହାଛଡା ବ୍ୟକ୍ତି ବହୁ ସାମାଜିକ ସଦ୍‌ଗୁଣ ଶିକ୍ଷା କରିଥାଏ । ଏହି ଶିକ୍ଷା ବ୍ୟକ୍ତିର ଉତ୍ତମ ଚରିତ୍ର ଗଠନ କରିବାରେ ସହାୟକ ହୋଇଥାଏ ।

**୪. ଶ୍ରମ ବିଭାଜନ (Division of Labour) :** ଯୌଥ ପରିବାର ପ୍ରତ୍ୟେକ ସଦସ୍ୟଙ୍କୁ ତାଙ୍କର କ୍ଷମତା ଅନୁସାରେ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରଦାନ କରିଥାଏ । ଅର୍ଥାତ୍ ଉଭୟ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ କାର୍ଯ୍ୟ ସ୍ଥିର ହୋଇଥାଏ । ପୁରୁଷମାନେ ଅର୍ଥ ଉପାର୍ଜନ, ସମ୍ପତ୍ତି ରକ୍ଷଣାବେକ୍ଷଣ, ପରିବାର ପରିଚାଳନା ଇତ୍ୟାଦି ଦାୟିତ୍ୱ

ବହନ କରିଥିବା ସ୍ଥଳେ ନାରୀମାନେ ପରିବାରର ଅଭ୍ୟନ୍ତରୀଣ କାର୍ଯ୍ୟ ସନ୍ତାନମାନଙ୍କର ଯତ୍ନ ଓ ଖାଦ୍ୟ ପ୍ରସ୍ତୁତି କାର୍ଯ୍ୟ ସମ୍ପାଦନ କରିଥାଆନ୍ତି । ବୟସ୍କ ଓ ସାନ ପିଲାମାନେ ଶସ୍ୟକ୍ଷେତ୍ର ଜଗିଥାନ୍ତି । ଫଳରେ ଗୃହର କାର୍ଯ୍ୟଗୁଡ଼ିକ ସଦସ୍ୟମାନଙ୍କ ଦ୍ୱାରା ଉତ୍ତମ ରୂପେ ସମ୍ପାଦନ ହୋଇଥାଏ ।

**୫. ଅବସର ଓ ଚିତ୍ତବିନୋଦନର କେନ୍ଦ୍ରସ୍ଥଳୀ (Centre for Leisure and Recreation):** ଯୌଥ ପରିବାର ଶ୍ରମ ବିଭାଜନ ନୀତି ଉପରେ ପ୍ରତିଷ୍ଠିତ ଥିବାରୁ କାମ ଗୁଡ଼ିକ ସହଜରେ ଓ ଶୀଘ୍ର ହୋଇଥାଏ ଏବଂ ସଦସ୍ୟମାନେ ଅଧିକ ଅବସର ସମୟ ପାଇଥାଆନ୍ତି । ଯୌଥପରିବାର ଆମୋଦ- ପ୍ରମୋଦର ଏକ ଉତ୍ସ ଭାବେ କାର୍ଯ୍ୟ କରିଥାଏ । ଛୋଟ ଛୋଟ ଶିଶୁମାନଙ୍କର ଉପସ୍ଥିତି ସମସ୍ତଙ୍କ ମନକୁ ଆନନ୍ଦ ଦେଇଥାଏ । ଏହାଛଡ଼ା ପର୍ବପର୍ବାଣି, ଜନ୍ମଦିନ, ବିବାହ ବ୍ରତ ଓ ଓଷାଉପବାସ ଦିନମାନଙ୍କରେ ସବୁ ସଦସ୍ୟମାନଙ୍କର ଉପସ୍ଥିତି ମନରେ ଆନନ୍ଦ ଦେଇଥାଏ ।

**୬. ସମ୍ପତ୍ତିରେ ସମାଜବାଦ (Socialism in Wealth):** ଯୌଥପରିବାରରେ ପିତାଙ୍କୁ ମୁରବୀରୂପେ ଗ୍ରହଣ କରାଯାଇଥାଏ । ସେ ଗୃହର ସମସ୍ତ ଅର୍ଥନୈତିକ ବ୍ୟବସ୍ଥାର ମାଲିକ ଅଟନ୍ତି । ପରିବାରର ପ୍ରତ୍ୟେକ ସଦସ୍ୟ ନିଜ ନିଜର କ୍ଷମତା ଅନୁଯାୟୀ କାର୍ଯ୍ୟ କରନ୍ତି ଏବଂ ଆବଶ୍ୟକ ଅନୁସାରେ ଉପଭୋଗ କରନ୍ତି । ଏହା ସମାଜବାଦ ଆଦର୍ଶ ଉପରେ ପ୍ରତିଷ୍ଠିତ ।

**୭. ଖର୍ଚ୍ଚର ମିତବ୍ୟୟତା (Economy in Expenditure):** ଏହି ପରିବାରରେ ସଞ୍ଚୟ କରିବାର ଅଧିକ ସୁଯୋଗ ଥାଏ । ପରିବାରରେ ଆବଶ୍ୟକତା ଅନୁଯାୟୀ ଅଧିକ ଖାଦ୍ୟ ଦ୍ରବ୍ୟ ଓ ଅନ୍ୟାନ ଆବଶ୍ୟକୀୟ ସାମଗ୍ରୀ ଏକ ସମୟରେ କିଣା ଯାଉଥିବାରୁ ସବୁ କମ୍ ଖର୍ଚ୍ଚରେ ମିଳିଥାଏ । ପରିବାରରେ ମିଳିମିଶି ଖର୍ଚ୍ଚ କରୁଥିବାରୁ ଅପେକ୍ଷାକୃତ କମ୍ ଖର୍ଚ୍ଚ ହୁଏ । ଏହି ସବୁ ଦୃଷ୍ଟିରୁ ବିଚାର କଲେ ଯୌଥ ପରିବାରରେ ଆର୍ଥିକ ସ୍ୱଚ୍ଛଳତା ପାଇଁ ବିଭିନ୍ନ ସୁବିଧା ସୁଯୋଗ ରହିଥାଏ ।

**୮. ସାମାଜିକ ନିୟନ୍ତ୍ରଣର ସହାୟକ (Helps in Social Control):** ସାମାଜିକ ନିୟନ୍ତ୍ରଣ ଯୌଥ ପରିବାରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକାର୍ଯ୍ୟ ଅଟେ । ଶିଶୁ ବାଲ୍ୟଅବସ୍ଥାରୁ ତାର ପିତାମାତା ଓ ଗୁରୁଜନ ମାନଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରହିଥାଏ । ସେ ପିତାମାତାଙ୍କର ଆଚରଣକୁ ଅନୁକରଣ କରିଥାଏ । ସେମାନଙ୍କର ଆଚରଣ ଓ ମୂଲ୍ୟବୋଧ ଶିଶୁକୁ ଗଭୀର ଭାବରେ ପ୍ରଭାବିତ କରିଥାଏ । ଯୌଥ ପରିବାର ବିଭିନ୍ନ ପ୍ରଥା, ପରମ୍ପରା ଓ ଲୋକନିୟମ ପ୍ରଭୃତି ଦ୍ୱାରା ସଦସ୍ୟମାନଙ୍କର ବ୍ୟବହାରକୁ ନିୟନ୍ତ୍ରିତ କରିଥାଏ ।

### ଯୌଥ ପରିବାର ଅପକାରିତା
### Demerits of Joint Family

ଯୌଥ ପରିବାର ଦ୍ୱାରା ଅନେକ ଉପକାର ସାଧିତ ହେଉଥିବା ସତ୍ତ୍ୱେ, ଏହାର ଅପକାରିତା ରହିଅଛି । ସେଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା ।

**୧. ଆଳସ୍ୟର ପ୍ରୋତ୍ସାହକ (Encourages Idleness):** ଯୌଥ ପରିବାର ସମସ୍ତ ସଦସ୍ୟଙ୍କର ମୌଳିକ ଆବଶ୍ୟକତା ପୂରଣ କରିଥାଏ । ପରିବାର ଭିତରେ ଜଣେ ରୋଜଗାରକ୍ଷମ ଓ ଅନ୍ୟ ଜଣେ ବେକାର ଉଭୟ

ସଦସ୍ୟଙ୍କୁ ସମାନ ଦୃଷ୍ଟିରେ ବ୍ୟବହାର କରିଥାଏ । ଏହି କାରଣରୁ ଅନେକ ସଦସ୍ୟ ଆଳସ୍ୟପରାୟଣ ହୋଇ ନିଜର ରକ୍ଷଣାବେକ୍ଷଣ କରିବାପାଇଁ ଚେଷ୍ଟା କରନ୍ତି ନାହିଁ । ପରିବାରର ସମ୍ପତ୍ତି ଉପରେ ସମସ୍ତଙ୍କର ଅଧିକାର ଥିବାରୁ ତାହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାପାଇଁ କେହି ବ୍ୟକ୍ତିଗତ ଭାବେ ଚେଷ୍ଟା କରିନ୍ତି ନାହିଁ । ଫଳରେ ଯୌଥ ପରିବାରର ଆର୍ଥିକ ସ୍ଥିତି ଧୀରେ ଧୀରେ ଦୁର୍ବଳ ହୁଏ ।

**୨. କଳହର କେନ୍ଦ୍ରସ୍ଥଳୀ (Centre of Quarrels):** ଯୌଥ ପରିବାର କଳହର କେନ୍ଦ୍ରସ୍ଥଳୀ ଅଟେ । ସାଧାରଣତଃ ସ୍ତ୍ରୀ ଲୋକମାନଙ୍କ ମଧ୍ୟରେ ଈର୍ଷାଭାବ ଓ ପରଶ୍ରୀକାତରତା ଯୋଗୁଁ ବିବାଦ ସୃଷ୍ଟି ହୁଏ । ବହୁ ଛୋଟ ଛୋଟ କାରଣରୁ ଶାଶୁ ବୋହୂ କିମ୍ବା ନଣନ୍ଦ ଭାଉଜ ମଧ୍ୟରେ କଳହ ବା ଉତ୍ତେଜନା ସୃଷ୍ଟି ହୋଇଥାଏ । ବିଶେଷକରି ପରିବାର ଭିତରେ ପୁରୁଣା ପିଢ଼ୀ ଓ ଯୁବପିଢ଼ୀ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ ।

**୩. ଗୋପନୀୟତାର ଅଭାବ (Lack of Privacy):** ଯୌଥ ପରିବାର ସାମୂହିକ ଚିନ୍ତାଧାରା ଉପରେ ପ୍ରତିଷ୍ଠିତ ଥିବାରୁ ଏଠାରେ ବ୍ୟକ୍ତିଗତ ଭାବନା ଓ ଗୋପନୀୟତାର ଅଭାବଥାଏ । ପତିପତ୍ନୀ ମଧ୍ୟରେ ମନଖୋଲା କଥାବାର୍ତ୍ତା, ନିଜର ଆବେଗ ଓ ଅଭିମାନକୁ ବ୍ୟକ୍ତ କରିବା ବା କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବା ପାଇଁ ସୁଯୋଗ ମିଳେନାହିଁ । ବିଶେଷକରି ନବବିବାହିତା ପତିପତ୍ନୀଙ୍କ ପାଇଁ ଯୌଥ ପରିବାର ଉପଯୁକ୍ତ ହୋଇ ନଥାଏ ।

**୪. ବ୍ୟକ୍ତିତ୍ୱର ବିକାଶରେ ପ୍ରତିବନ୍ଧକ (Retards the Development of Personality) :** ଯୌଥ ପରିବାରରେ ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ । ପରିବାରରେ କର୍ତ୍ତାଙ୍କର୍ ଅଖଣ୍ଡ କ୍ଷମତା ଥାଏ । ପରିବାରର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ହୁଏ । ସେ ଗୃହର ଯୁବ ସଦସ୍ୟଙ୍କ କାର୍ଯ୍ୟକଳାପକୁ ପରିଚାଳିତ ଓ ନିୟନ୍ତ୍ରିତ କରିଥାଆନ୍ତି । ପରିବାରରେ କନିଷ୍ଠ ସଦସ୍ୟଙ୍କର ସ୍ୱାଧିନତା ନଥାଏ ଏବଂ ବ୍ୟକ୍ତି ସ୍ୱାତନ୍ତ୍ର୍ୟତାର ଅଭାବ ଥାଏ । ଅନେକ ସମୟରେ ପିଲାମାନଙ୍କର ଆଗ୍ରହ ଅନୁଯାୟୀ ଶିକ୍ଷା ଦିଆଯାଇନଥାଏ । ସେମାନଙ୍କର ସ୍ୱାଧୀନ ଚିନ୍ତାଧାରା, ବ୍ୟକ୍ତିଗତ ଇଚ୍ଛା, ଉଦ୍ୟମ ଓ ଆତ୍ମନିର୍ଭରଶୀଳତା ଆଦି ଗୁଣ ଉପରେ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ । ଫଳରେ ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ଗୁଣର ପରିପ୍ରକାଶ ହୋଇପାରେ ନାହିଁ ଓ ବ୍ୟକ୍ତିତ୍ୱ ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ ।

**୫. ମହିଳାଙ୍କର ଶୋଚନୀୟ ଅବସ୍ଥା(Miserable Condition of Women):** ଯୌଥ ପରିବାରରେ ମହିଳାଙ୍କର ଅବସ୍ଥା ଶୋଚନୀୟ ଥାଏ । ପରିବାରରେ ସେମାନଙ୍କର ଭୂମିକା ଗୌଣ ଅଟେ । ସେମାନଙ୍କର କୌଣସି ସ୍ୱାଧୀନତା ନଥାଏ ବଂର ସେମାନେ ପୁରୁଷମାନଙ୍କର ନିୟନ୍ତ୍ରଣାଧୀନ ହୋଇ ରହିଥାଆନ୍ତି । ଗୃହର ଯାବତୀୟ କାର୍ଯ୍ୟ କରିବା ସହିତ ବିଭିନ୍ନ ଦାୟିତ୍ୱ ବହନ କରିଥାଆନ୍ତି । ଅନେକ ସମୟରେ ଶାଶୁ ଓ ନଣନ୍ଦଙ୍କ ନିର୍ଯାତନା ଓ କ୍ରୋଧର ଶିକାର ହେବାକୁ ପଡ଼ିଥାଏ । ଯୌଥ ପରିବାରରେ ନାରୀମାନେ ଗୌଣ ପ୍ରସ୍ଥିତି ଉପଭୋଗ କରିଥାଆନ୍ତି ।

**୬. ଅନିୟନ୍ତ୍ରିତ ପ୍ରଜନନ (Uncontrolled Reproduction):** ଯୌଥ ପରିବାରରେ ସନ୍ତାନମାନଙ୍କର ଲାଳନପାଳନ ଦାୟିତ୍ୱ ପରିବାର ଉପରେ ନ୍ୟସ୍ତଥାଏ । ଗୃହର ମୁଖ୍ୟ ପରିବାର ସଭ୍ୟମାନଙ୍କର ସମସ୍ତ ଦାୟିତ୍ୱ ବହନ କରିଥାନ୍ତି । ଏଣୁ କୌଣସି ସଦସ୍ୟ ସନ୍ତାନ ଜନ୍ମ ନିୟନ୍ତ୍ରଣ କରିବାରେ ଗୁରୁତ୍ୱ ଦିଅନ୍ତି ନାହିଁ । ସଦସ୍ୟମାନଙ୍କ

ମଧ୍ୟରେ ରକ୍ଷଣଶୀଳ ନୀତି ଜନ୍ମହାରକୁ ବୃଦ୍ଧି କରିଥାଏ । ଫଳରେ ଏହି ଦାୟିତ୍ୱହୀନ ସନ୍ତାନ ପ୍ରଜନନ ଯୌଥ ପରିବାରର ଆକାର ବୃଦ୍ଧି କରିଥାଏ ।

**୭. ସାମାଜିକ ସଞ୍ଚଳନତାକୁ ସୀମିତ କରେ (Limits Social Mobolity):** ଯୌଥ ପରିବାର ସାମାଜିକ ସଞ୍ଚଳନରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ପ୍ରଥମତଃ ଏହା ରକ୍ଷଣଶୀଳ ନୀତି ଦ୍ୱାରା ନିୟନ୍ତ୍ରିତ ହେଉଥାଏ । ପୁରାତନ ପ୍ରଥା ଓ ପରମ୍ପରା ସଦସ୍ୟମାନଙ୍କର ମାନସିକତାକୁ ଗଭୀର ଭାବରେ ପ୍ରଭାବିତ କରି ରଖିଥାଏ । ପରିବାରର ସଦସ୍ୟମାନେ ଏହି ପ୍ରଥା, ପରମ୍ପରା, ଲୋକରୀତି ତଥା ଲୋକନୀତିକୁ ଛାଡ଼ି ନୂତନ ଚିନ୍ତାଧାରାରେ ସାମିଲ ହେବାପାଇଁ ଚାହାନ୍ତି ନାହିଁ । ଏହାଛଡ଼ା ଯୌଥ ପରିବାର ଏକତ୍ର ଚଳଣୀ ଓ ସାମୁହିକ ଭାବନାକୁ ପଛରେ ପକାଇ ପରିବାର ବାହାରକୁ ଯିବାପାଇଁ ଯୌଥ ପରିବାରର ସ୍ୱୀକୃତି ନଥାଏ । ଫଳରେ ସାମାଜିକ୍ ଗତିଶିଳତାର ଅଭାବ ଘଟିଥାଏ ।

**୮. ଜୀବନଧାରଣର ମାନରେ ହ୍ରାସ (Decline in the Standard of Living):** ଅନିୟନ୍ତ୍ରିତ ପ୍ରଜନନ, ପରିବାର ସଦସ୍ୟମାନଙ୍କ ମଧ୍ୟରେ ଦ୍ୱନ୍ଦ, ମନୋମାଳିନ୍ୟ, ସଦସ୍ୟଙ୍କର ଆଳସ୍ୟ ଏବଂ ସର୍ବୋପରି କର୍ତ୍ତାଙ୍କର କଠୋର ଶାସନ ଓ ସାଧାରଣ ସମ୍ପତ୍ତି ପ୍ରତି ଅବହେଳା, ସାମାଜିକ ସଞ୍ଚଳନତାର ଅଭାବ ଯୋଗୁଁ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଥାଏ । ସଦ୍‌ସ୍ୟମାନେ ପରିବାର ପରିଚାଳନା ପାଇଁ ଆର୍ଥିକ ସହାୟତା ଦେଉଥିବାରୁ ସେମାନଙ୍କର ସଞ୍ଚୟ ସମ୍ଭବପର ହୁଏ ନାହିଁ । ଫଳରେ ଯୌଥ ପରିବାରର ଦୈନନ୍ଦିନ ମୌଳିକ ଆବଶ୍ୟକତାର ମାନ କ୍ରମେ ହ୍ରାସ ପାଇଥାଏ ।

## ଯୌଥ ପରିବାରର ବିଘଟନ
## Disorganisation of Joint Family

ପୁରାତନ ସମାଜରେ ଏହାର ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥା ଓ ବ୍ୟକ୍ତିମାନଙ୍କର ଚିନ୍ତାଧାରା ଯୋଗୁଁ ଯୌଥ ପରିବାର ଏକ ସକ୍ରିୟ ଅନୁଷ୍ଠାନ ରୂପେ ପ୍ରଚଳିତ ହୋଇଆସୁଥିଲା । ସମୟକ୍ରମେ ଉଦ୍ୟୋଗୀକରଣ ଓ ସହରୀକରଣ ଯୋଗୁଁ ଦ୍ରୁତ ସାମାଜିକ ପରିବର୍ତ୍ତନ ହେବାଫଳରେ ଏହି ପରିବର୍ତ୍ତନ ଯୌଥ ପରିବାରକୁ ପ୍ରଭାବିତ କରିଛି । ଫଳରେ ଯୌଥ ପରିବାରର ସଂରଚନାରେ ପରିବର୍ତ୍ତନ ସହିତ ଏହାର ପ୍ରକାର୍ଯ୍ୟରେ ଗୁରୁତ୍ୱ କ୍ରମଶଃ ହ୍ରାସ ପାଇଛି । ମିଲଟନ୍ ସିଙ୍ଗର (Milton singer)ଙ୍କ ମତରେ ଶିକ୍ଷା, ଉଦ୍ୟୋଗୀକରଣ, ସହରୀକରଣ, ପରିବର୍ତ୍ତିତ ବିବାହ ବ୍ୟବସ୍ଥା, ଆଇନ୍‌ଗତ ବ୍ୟବସ୍ଥା ଇତ୍ୟାଦି ଯୌଥ ପରିବାରରେ ବହୁ ପରିବର୍ତ୍ତନ ଆଣିଛି । ଯୌଥ ପରିବାର ବିଘଟନ ମୁଖ୍ୟ କାରଣ ଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

**୧. ଶିଳ୍ପୀକରଣ (Industrialization):** ଶିଳ୍ପୀକରଣ କହିଲେ କଳକାରଖାନା ଦ୍ୱାରା ସୃଷ୍ଟି ହେଉଥିବା ଉତ୍ପାଦନ ବ୍ୟବସ୍ଥାକୁ ବୁଝାଇଥାଏ । ବିଜ୍ଞାନ ଓ କାରିଗରୀ ବିଦ୍ୟାର ଦ୍ରୁତ ଅଗ୍ରଗତି ଯୋଗୁଁ ଶିଳ୍ପୀକରଣ ସମ୍ଭବ ହୋଇପାରିଛି । ଫଳରେ କଳକାରଖାନାର ଦ୍ରୁତ ପ୍ରସାର ଘଟିଛି ଓ ନୂତନ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି ହୋଇଅଛି । ଏହି ନୂତନ କର୍ମସଂସ୍ଥାନ, ଅର୍ଥ ଓ ରୋଜଗାର ସବୁ ପ୍ରକାର ସୁବିଧାସୁଯୋଗ ଇତ୍ୟାଦି ଗ୍ରାମ୍ୟ ସମୁଦାୟରେ ଥିବା ଯୌଥ ପରିବାରର ସଦସ୍ୟଙ୍କୁ ଆକୃଷ୍ଟକରିଛି । ଫଳରେ ସେମାନେ ଅଧିକ ଉପାର୍ଜନ କରିବା ଆଶାରେ ନିଜର କୌଳିକ ବୃତ୍ତିକୁ ପରିତ୍ୟାଗ କରି ସହରକୁ ଚାଲିଯାଉଛନ୍ତି ଏବଂ ନିଜର ପରିବାରକୁ ମଧ୍ୟ ନେଇ ସହରାଞ୍ଚଳରେ ବାସ କରିବା ଫଳରେ ଯୌଥ ପରିବାର କ୍ରମଶ ଭାଙ୍ଗି ଯାଉଛି ।

୨. ସହରୀକରଣ (Urbanization): ଶିଳ୍ପୀକରଣ ବ୍ୟବସ୍ଥାର ଦ୍ରୁତପ୍ରସାର ଫଳରେ ସହରୀକରଣ ସୃଷ୍ଟି ହୋଇଅଛି । ସହରୀକରଣ ମଧ୍ୟ ଯୌଥ ପରିବାରର ପରିବର୍ତ୍ତନ ଆଣିଅଛି । ସହରର ଚାକଚକ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା, କର୍ମ ସଂସ୍ଥାନ ଏବଂ ବିଭିନ୍ନ ପ୍ରକାରର ମନୋରଞ୍ଜନ ବ୍ୟବସ୍ଥା ବ୍ୟକ୍ତିକୁ ଆକର୍ଷିତ କରିଅଛି । ଫଳରେ ଲୋକମାନେ ଯୌଥ ପରିବାରକୁ ଛାଡ଼ି ସହରାଞ୍ଚଳରେ ବସବାସ କରୁଛନ୍ତି । ଏହା ଦ୍ୱାରା ଯୌଥ ପରିବାରରେ ଏକତା ନଷ୍ଟ ହୋଇଅଛି ।

୩. ଯାତାୟତ ଓ ଯୋଗାଯୋଗର ଅଗ୍ରଗତି (Development in Rransport and Communication): ପୁରାତନ ସମାଜରେ ଯାନବାହନ ଓ ଯୋଗାଯୋଗର ସୁବିଧା ସୁଯୋଗ ନଥିବାରୁ ଲୋକମାନେ ବାଧ ହୋଇ ଯୌଥ ପରିବାରରେ ବାସକରୁଥିଲେ ଓ ନିଜର କୌଳିକ ବୃତ୍ତିକୁ ଅନୁସରଣ କରୁଥିଲେ । ବିଜ୍ଞାନର ଉନ୍ନତି ଓ ଯାନ୍ତ୍ରିକ ପ୍ରସାର ଯୋଗୁଁ ଯାନବାହନର ଅଗ୍ରଗତି ଘଟିଛି । ଲୋକମାନେ ସହଜରେ ଓ ଖୁବ୍ କମ୍ ସମୟରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇଆସିପାରୁଛନ୍ତି । ବସ୍ତୁବାଦୀ ଚିନ୍ତାଧାରା ଓ ସହରର ଚାକଚକ୍ୟ ପ୍ରତି ଆକୃଷ୍ଟ ହୋଇ ଗ୍ରାମ୍ୟ ସମୁଦାୟ ଓ ଯୌଥ ପରିବାର ଛାଡ଼ି ସହରରେ ବସବାସ କରିବାକୁ ପସନ୍ଦ କରୁଛନ୍ତି । ଫଳରେ ଯୌଥ ପରିବାର ବିଘଟିତ ହେବାକୁ ଲାଗିଛି ।

୪. ବ୍ୟକ୍ତିବାଦୀ ଚିନ୍ତାଧାରାର ପ୍ରସାର (Growth of Individualistic Out Look): ଆଧୁନିକ ଶିକ୍ଷା, ଆଧୁନିକୀକରଣ ଓ ପାଶ୍ଚାତ୍ୟକରଣ ଯୋଗୁଁ ବ୍ୟକ୍ତିବାଦୀ ଚିନ୍ତାଧାରାରେ ଗଭୀର ପରିବର୍ତ୍ତନ ଦେଖାଦେଇଛି । ଆଧୁନିକ ପିଢ଼ିର ସଦସ୍ୟମାନେ ପୁରୁଣା ନୀତିନିୟମ ଓ ଯୌଥ ପରିବାରର ରକ୍ଷଣଶୀଳ ନୀତିକୁ ଗ୍ରହଣ କରିବା ପାଇଁ ପସନ୍ଦ କରୁନାହାଁନ୍ତି । ବ୍ୟକ୍ତିବାଦୀ ଚିନ୍ତାଧାରା ହେତୁ ନିଜର ତଥା ନିଜ ସନ୍ତାନ ମାନଙ୍କର ଉନ୍ନତି ପାଇଁ ଗୁରୁତ୍ୱ ଦେଉଛନ୍ତି । ନିଜ ରୋଜଗାରକୁ ଯୌଥ ପରିବାରରେ ଖର୍ଚ୍ଚ କରିବା ଅପେକ୍ଷା ବ୍ୟକ୍ତି ନିଜର ସ୍ତ୍ରୀ ଓ ସନ୍ତାନମାନଙ୍କ ପାଇଁ ଖର୍ଚ୍ଚ କରିବାକୁ ଶ୍ରେୟସ୍କର ମନେ କରୁଛି । ବ୍ୟକ୍ତିର ଚିନ୍ତାଧାରାରେ ପରିବର୍ତ୍ତନ ଯୌଥ ବିଘଟିତ ହେଉଛି।

୫. ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ(Impact of Western Culture): ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ବ୍ୟକ୍ତିର ମାନସିକତାକୁ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତିକୁ ନୂଆ ଢ଼ାଞ୍ଚାରେ ବଞ୍ଚିବାର ପ୍ରେରଣା ଯୋଗାଇଛି । ଏହା ବ୍ୟକ୍ତି ଭିତରେ ଉଦାରତା, ବ୍ୟକ୍ତି ସ୍ୱତନ୍ତ୍ରତା ଇତ୍ୟାଦି ମୂଲ୍ୟବୋଧ ସୃଷ୍ଟି କରିପାରିଛି । ଏହା ବ୍ୟକ୍ତିକୁ ନୂତନ ଆଦର୍ଶରେ ପରିବାର ଗଠନ କରିବାକୁ ପ୍ରବର୍ତ୍ତାଇଛି । ବ୍ୟକ୍ତି ଏକକ ପରିବାର ପ୍ରତି ଆକୃଷ୍ଟ ହେବା ଫଳରେ ଯୌଥ ପରିବାରର ଅବନତି ଘଟିଛି ।

୬. କୃଷି ଓ କୁଟୀରଶିଳ୍ପର ଅବନତି (Decline of Agriculture and Cottage Industries): ପୁରାତନ ସମାଜରେ କୃଷି ଓ କୁଟୀର ଶିଳ୍ପ ଲୋକମାନଙ୍କର ପ୍ରାଧନ ବୃତ୍ତି ଥିଲା । ସେହି ବ୍ୟବସାୟରୁ ଜୀବିକାର୍ଜନ ହେଉଥିଲା । ସେଥିପାଇଁ ସମସ୍ତେ ଯୌଥ ପରିବାର ଉପରେ ନିର୍ଭର କରୁଥିଲେ । କିନ୍ତୁ କଳକାରଖାନା ଗଢ଼ି ଉଠିବା ଫଳରେ କୁଟୀରଶିଳ୍ପର ବିଲୟ ଘଟିଛି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କୃଷି ଉତ୍ପାଦନ ହ୍ରାସ ପାଇବାକୁ ଲାଗିଛି । ଲୋକମାନେ ଆଗଭଳି କୃଷିକାର୍ଯ୍ୟ କରିବାପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ସହରମାନଙ୍କରେ କଳକାରଖାନା ଗଢ଼ି ଉଠିବା ଫଳରେ କୁଟୀରଶିଳ୍ପର ଅବନତି ଘଟୁଛି । କାରଣ କୁଟୀରଶିଳ୍ପରୁ ଉତ୍ପାଦିତ ଦ୍ରବ୍ୟ କଳକାରଖାନାର

ଉତ୍ପାଦିତ ଦ୍ରବ୍ୟ ସହିତ ଚାହିଦା ବଜାରରେ ପ୍ରତିଯୋଗିତା କରିପାରୁ ନାହିଁ ଫଳରେ କୁଟୀରଶିଳ୍ପ ଗୁଡ଼ିକ କ୍ରମଶଃ ବନ୍ଦ ହୋଇଯାଉଅଛି । ଗ୍ରାମ୍ୟ ସମୁଦାୟର ଲୋକମାନେ କାମଧନ୍ଦା କରିବାପାଇଁ ସହରାଭିମୁଖୀ ହେଉଛନ୍ତି । ଫଳରେ ଯୌଥ ପରିବାରର ବିଲୟ ଘଟୁଛି ।

**୭. ନାରୀଶିକ୍ଷା (Women's Education):** ପାରମ୍ପରିକ ସମାଜରେ ନାରୀମାନେ ଅଜ୍ଞ ଓ ନିରକ୍ଷର ଥିଲେ । ସେମାନେ ଘରର ଚାରିକାନ୍ଥ ଭିତରେ ଜୀବନ ବିତାଉଥିଲେ । କିନ୍ତୁ ଆଧୁନିକ ଶିକ୍ଷାର ପ୍ରଭାବରୁ ଓ ନାରୀଶିକ୍ଷାର ପ୍ରସାର ଫଳରେ ସେମାନେ ସେମାନଙ୍କର ଅଧିକାର ଓ ପ୍ରସ୍ଥିତି ବିଷୟରେ ସଚେତନ ହୋଇଛନ୍ତି । ପୂର୍ବପରି ସେମାନେ ପୁରୁଷଙ୍କ ଦ୍ୱାରା ନିୟନ୍ତ୍ରିତ ନହୋଇ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ସେମାନେ କାହାରି ଅନୁଗତ୍ୟ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହଁନ୍ତି । ସେମାନେ କ୍ଷୁଦ୍ର ପରିବାର ଗଠନ କରି ସ୍ୱାଧୀନ ଭାବରେ ଜୀବନଯାପନ କରିବାକୁ ଚାହୁଁଛନ୍ତି । ଫଳରେ ପରିବାର ଭିତରେ ମତପାର୍ଥକ୍ୟ ସୃଷ୍ଟି ହେଉଅଛି । ଏହା ଯୌଥ ପରିବାରକୁ ପ୍ରଭାବିତ କରିଛି ।

**୮. ଜନସଂଖ୍ୟା ବୃଦ୍ଧି(Growth of Population):** ଜନସଂଖ୍ୟା ବୃଦ୍ଧି ଯୌଥ ପରିବାରର ବିଘଟନରେ ଏକ ମୁଖ୍ୟ କାରଣ ଅଟେ । ପରିବାରର ଆକାରରେ ବୃଦ୍ଧି ଘଟିଲେ ଖାଦ୍ୟପଦାର୍ଥ ଓ ବାସସ୍ଥାନରେ ଅଭାବ ଦେଖାଦିଏ। ଅତ୍ୟଧିକ ଜନ୍ମ ବୃଦ୍ଧି ଯୋଗୁଁ ପରିବାରର ସଦସ୍ୟମାନଙ୍କୁ କାମଧନ୍ଦା ଯୋଗାଇ ଦେବା ପରିବାର ପାଇଁ କଷ୍ଟସାଧ ହୋଇଥାଏ । ଏହା ଫଳରେ ବେକାର ସମସ୍ୟା ବୃଦ୍ଧି ପାଏ । ସଦସ୍ୟମାନେ ବାଧ ହୋଇ କାମ ପାଇଁ ଗାଁ ଓ ଯୌଥ ପରିବାରକୁ ଛାଡ଼ି ସହରକୁ ଯାଆନ୍ତି । ଫଳରେ ଯୌଥ ପରିବାର ବିଘଟିତ ହେଉଛି ।

**୯. ପରିବାର କଳହ (Family Conflict):** ପରିବାର ମଧ୍ୟରେ କଳହ ପରିବାରର ଶାନ୍ତି ନଷ୍ଟ କରିଥାଏ । ଏହା ବହୁ ସଦସ୍ୟ ବିଶିଷ୍ଟ ପରିବାର ହୋଇଥିବାରୁ ସମସ୍ତଙ୍କର ଚିନ୍ତାଧାରା ଭିନ୍ନ ଭିନ୍ନ ହୋଇଥାଏ । ସମସ୍ତେ ସମସ୍ତଙ୍କ ଠାରୁ ପ୍ରକୃତିରେ ଅଲଗା ହୋଇଥାନ୍ତି । ତେଣୁ ପରିବାରର ସମ୍ପତ୍ତି, ଅସମାନ ଆୟ, ଈର୍ଷାପରାୟଣତା ଏବଂ ନାରୀମାନଙ୍କ ମଧ୍ୟରେ ସଂଘର୍ଷ ପରିବାର ମଧ୍ୟରେ ଆଶନ୍ତ ବାତାବରଣ ସୃଷ୍ଟି କରିଥାଏ । ବଡ଼ ପରିବାର ହୋଇଥିବାରୁ ପାରିବାରିକ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଯଥେଷ୍ଟ ଆର୍ଥିକ ସମ୍ବଳ ନଥାଏ ଓ ସମୟ ସମୟରେ ଆର୍ଥିକ ସଂକଟର ସମ୍ମୁଖୀନ ହେବାକୁ ପଡ଼େ । ଏହି ସବୁ ପରିସ୍ଥିତିରେ ଯୌଥ ପରିବାର ଧୀରେ ଧୀରେ କଳୁଷିତ ହେବାକୁ ଲାଗେ ।

**୧୦. ନୂତନ ସାମାଜିକ ଆଇନ୍‌କାନୁନ୍ (New Social Legislation):** ଭାରତୀୟ ସଂସଦ ଦ୍ୱାରା ପ୍ରଣୀତ ସାମାଜିକ ଆଇନ୍ ଯୌଥ ପରିବାରକୁ ପ୍ରଭାବିତ କରିଛି ।

(କ) ୧୯୫୪ ମସିହା ସ୍ୱତନ୍ତ୍ର ବିବାହ ଆଇନ୍ (Special marriage Act of 1954): ଯୁବକ ଯୁବତୀ ମାନଙ୍କୁ ପିତାମାତାଙ୍କ ମତ ବାହାରେ ବିବାହ କରିବାପାଇଁ ଅନୁମତି ଦେଇଛି ।

(ଖ) ୧୯୫୫ ମସିହା ହିନ୍ଦୁ ବିବାହ ଆଇନ୍ (Hindu marriage Act 1955) ନାରୀମାନଙ୍କୁ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଛାଡ଼ପତ୍ର ଅଧିକାର ପ୍ରଦାନ କରିଛି ।

(ଗ) ୧୯୫୬ ମସିହା "ହିନ୍ଦୁ ଉତ୍ତରାଧିକାରୀ ଆଇନ୍ (Hindu succession Act of 1956): ନାରୀମାନଙ୍କୁ ସମ୍ପତ୍ତି ଉପରେ ପୁରୁଷମାନଙ୍କ ସହିତ ସମାନ ଅଧିକାର ଦେଇଛି । ଫଳରେ କନ୍ୟା ପିତୃ ସମ୍ପତ୍ତିରେ ଅଧିକାର ସାବ୍ୟସ୍ତ କରିପାରୁଛି । ଏହି ସବୁ ଆଇନ୍ ଯୌଥ ପରିବାରର ଅଖଣ୍ଡତାକୁ ନଷ୍ଟ କରିଅଛି ।

## ଗ୍ରାମ୍ୟ ସମୁଦାୟ
## Village Community

ସାଧାରଣତଃ ଭାରତ ଏକ ଗ୍ରାମ୍ୟ ବହୁଳ ଦେଶ। ତେଣୁ ଭାରତକୁ ବହୁଗ୍ରାମ ମିଶ୍ରିତ ଏକ କୋଳାହଳମୟ ଦୁର୍ଗ କୁହାଯାଏ। ଭାରତୀୟ ସାମାଜିକ ଜୀବନରେ ଗ୍ରାମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ମାର୍କ୍ସ ୱେବର (Max Weber) କହିଛନ୍ତି ଭାରତ ସଦାସର୍ବଦା ବହୁ ଗ୍ରାମର ଏକ ସମଷ୍ଟିଗତ ଦେଶ ଭାବେ ପରିଚିତ। ଭାରତବର୍ଷରେ ୨୦୧୧ ମସିହା ଜନଗଣନା ଅନୁସାରେ ୬,୪୦,୮୬୭ ଗ୍ରାମ ରହିଅଛି। ଭାରତର ସର୍ବାଧିକ ଲୋକ ଗ୍ରାମାଞ୍ଚଳରେ ବସବାସ କରିଥାନ୍ତି। ୨୦୧୧ ମସିହା ଜନଗଣନା (Census) ଅନୁସାରେ ଭାରତର ସମୁଦାୟ ଜନସଂଖ୍ୟାର ଶତକଡ଼ା ୬୮.୮୪ ଭାଗ ଲୋକ ଗ୍ରାମରେ ବାସ କରିଥାଆନ୍ତି। ସେଥି ମଧ୍ୟରୁ ୨.୬୫ ଲୋକ କ୍ଷୁଦ୍ର ଗ୍ରାମ (୫୦୦ ଲୋକରୁ କମ୍) ଗୁଡ଼ିକରେ ବାସ କରୁଥିବା ସ୍ଥଳେ ୪୮.୫ ଭାଗ ଲୋକ ମଧ୍ୟମ ଗ୍ରାମ (୫୦୦ ରୁ ୨,୦୦୦ ମଧ୍ୟରେ), ୧୯.୪ ଭାଗ ଲୋକ ବୃହତ୍ ଗ୍ରାମ (୨,୦୦୦ରୁ ୫,୦୦୦ ମଧ୍ୟରେ) ଏବଂ ୫.୩ ଭାଗ ଲୋକ ସର୍ବବୃହତ୍ ଗ୍ରାମ (୫,୦୦୦ ରୁ ଅଧିକ ଲୋକ) ଗୁଡ଼ିକରେ ବାସ କରନ୍ତି।

ଜନସଂଖ୍ୟାକୁ ଭିତ୍ତି କରି ୧୯୭୧ ମସିହା ଜନଗଣନା ଭାରତୀୟ ଗ୍ରାମ୍ୟ ଗୁଡ଼ିକର ସଂଖ୍ୟା ନିମ୍ନମତେ ସ୍ଥିର କରିଛି।

| ଜନସଂଖ୍ୟା (Population) | ଗ୍ରାମ ସଂଖ୍ୟା (No. of Villages) |
|---|---|
| ୫୦୦ ରୁ କମ୍ | ୩,୧୮,୬୧୧ |
| ୯୦୦ ରୁ ୯୯୯ ମଧ୍ୟରେ | ୧,୩୨,୮୭୩ |
| ୧,୦୦୦ ରୁ ୧,୯୯୯ ମଧ୍ୟରେ | ୮୧,୯୦୯ |
| ୨,୦୦୦ ରୁ ୪,୯୯୯ ମଧ୍ୟରେ | ୩୫,୯୯୨ |
| ୫,୦୦୦ ରୁ ୯,୯୯୯ ମଧ୍ୟରେ | ୪,୯୭୫ |
| ୧୦,୦୦୦ ରୁ ଅଧିକ | ୧,୩୫୮ |

କିପରି ଗ୍ରାମର ଉତ୍ପତ୍ତି ହୋଇଥିଲା ସେ ସମ୍ବନ୍ଧରେ କୌଣସି ସତ୍ୟାସତ୍ୟ ପ୍ରମାଣ ନାହିଁ। ପ୍ରାଚୀନ ସମୟରେ ଲୋକମାନେ ଯାଯାବର ଜୀବନଯାପନ କରୁଥିଲେ। ଖାଦ୍ୟ ପଦାର୍ଥ ଅନ୍ୱେଷଣରେ ସେମାନେ ବିଭିନ୍ନ ସ୍ଥାନ ଭ୍ରମଣ କରି ପଶୁପକ୍ଷୀଙ୍କୁ ଶୀକାର କରୁଥିଲେ ଏବଂ ବଣର ଫଳମୂଳ ଆହାର କରି ନିଜର ଜୀବନ ନିର୍ବାହ କରୁଥିଲେ। ସାମାଜିକ କ୍ରମବିକାଶର ଏହା "ଶିକାର ଯୁଗ" ଭାବେ ପରିଚିତ ଥିଲା। କାଳକ୍ରମେ ସେମାନେ ପଶୁପାଳନ ଆରମ୍ଭ କଲେ। ସେମାନେ ଚିନ୍ତା କଲେ ଯେ ପଶୁମାନଙ୍କୁ ମାରିବା ଅପେକ୍ଷା ପାଳନ କଲେ ଅଧିକ ଲାଭ ମିଳିପାରିବ। ପରବର୍ତ୍ତୀ ଅବସ୍ଥାରେ ସେମାନେ ଜଙ୍ଗଲ ସଫା କରି ପଶୁମାନଙ୍କ ସାହାଯ୍ୟରେ କୃଷି କାର୍ଯ୍ୟ ଆରମ୍ଭ କଲେ ଏବଂ ଗୋଟିଏ ସ୍ଥାନରେ ସ୍ଥାୟୀ ଭାବରେ ବସବାସ କଲେ। ପରସ୍ପରକୁ ସାହାଯ୍ୟ କରି କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ ସେମାନେ ତତ୍ପର ହେଲେ। କୃଷିକାର୍ଯ୍ୟ ନିମନ୍ତେ ସେମାନେ ବିଭିନ୍ନ କୃଷି ଯନ୍ତପାତି ତିଆରି କଲେ। ଏହାକୁ

"ଗ୍ରାମ୍ୟ ଯୁଗ" କୁହାଯାଏ । ତେଣୁ ଗ୍ରାମର ଉତ୍ପତ୍ତି ମୂଳରେ କୃଷି ମୁଖ୍ୟ ଭୂମିକା ଗ୍ରହଣ କରିଥିଲା, ଏହା ନିଃସନ୍ଦେହ ।

## ଗ୍ରାମ୍ୟ ସମୁଦାୟର ଅର୍ଥ
## Meaning of Rural Community

ଗ୍ରାମ୍ୟ ସମୁଦାୟ ସମାଜର ଏକ ପ୍ରାଚୀନତମ ସଙ୍ଗଠନ । ଯେତେବେଳେ ଯେ କୌଣସି କ୍ଷୁଦ୍ର କିମ୍ବା ବୃହତ୍ ସମୂହର ଲୋକ ଏକତ୍ର ବାସକରି କୌଣସି ନିର୍ଦ୍ଦିଷ୍ଟ ସ୍ୱାର୍ଥରେ ଭାଗ ନନେଇ ଏକ ସାଧାରଣ ଜୀବନର ମୌଳିକ ଅବସ୍ଥାରେ ଭାଗୀଦାର ହୋଇଥାଆନ୍ତି, ସେତେବେଳେ ସେହି ସମୂହକୁ ଗ୍ରାମ୍ୟ ସମୁଦାୟ କୁହାଯାଏ । ଗ୍ରାମ୍ୟ ସମୁଦାୟ ହେଉଛି ଲୋକମାନଙ୍କର ସମୂହ, ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମାରେଖା ଭିତରେ ସ୍ଥାୟୀ ଭାବେ ବସବାସ କରିଥାଆନ୍ତି ଏବଂ ସେମାନଙ୍କ ମଧ୍ୟରେ 'ସାମୁଦାୟିକ ମନୋଭାବ' (Community Sentiment) ରହିଥାଏ । ଅନ୍ୟ ଅର୍ଥରେ ସରଳ, ନିରାଡମ୍ବର ଓ ଆତ୍ମନିର୍ଭରଶୀଳ ଜୀବନଯାପନ କରୁଥିବା ଏକ ଜନବସତିକୁ ଗ୍ରାମ୍ୟ ସମୁଦାୟ କୁହାଯାଏ ।

କ୍ରୋପଟ୍‌କିନ୍ (Kroptkin) କହିଛନ୍ତି "ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳ ମଧ୍ୟରେ ସ୍ଥାୟୀ ଭାବେ ବସବାସ କରୁଥିବା ଲୋକମାନଙ୍କର ଏକ ସମୂହକୁ ଗ୍ରାମ୍ୟ ସମୁଦାୟ କୁହାଯାଏ । ଏହାର ସଦସ୍ୟମାନେ ଗୋଷ୍ଠୀ ସଚେତନତାକୁ ବୃଦ୍ଧି କରିଥାନ୍ତି ଏବଂ ସେମାନଙ୍କର ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ସମ୍ପର୍କ ଯାହାକି ଅନ୍ୟ ସମୁଦାୟଠାରୁ ସେମାନଙ୍କୁ ପୃଥକ କରିଥାଏ ।"

ଇ.ଏସ୍. ବୋଗାର୍ଡସ (E.S. Bogardus)ଙ୍କ ମତନୁସାରେ "ମାନବ ସମାଜ ଗ୍ରାମ୍ୟ ସମାଜରେ ହିଁ ଉତ୍ପତ୍ତି ଲାଭ କରିଛି ।" (Human Society has been cradled in the rural group) ଏସ୍.ସି. ଦୁବେ (S.C. Dube) କହିଛନ୍ତି "ଭାରତୀୟ ଗ୍ରାମଗୁଡିକ ଗୋଟିଏ ଗୋଟିଏ କ୍ଷୁଦ୍ର ଏକକ ହେଲେ ମଧ୍ୟ ଏଗୁଡିକ ଗୋଟିଏ ଗୋଟିଏ ବୃହତ୍ ସମୁଦାୟ ବ୍ୟବସ୍ଥାର ଗୋଟିଏ ଗୋଟିଏ ଅଂଶ ।"

## ଗ୍ରାମ୍ୟ ସମୁଦାୟର ଗୁଣ
## Characteristics of Village Community

ଗ୍ରାମ୍ୟ ସମୁଦାୟର ଅନେକ ଗୁଣ ରହିଛି । ସେଥିମଧ୍ୟରୁ ପ୍ରଧାନ ଗୁଣ ଗୁଡିକୁ ନିମ୍ନରେ ପ୍ରଦାନ କରାଗଲା ।

### ୧. ଦଳେ ଲୋକ (A Group of People)

ଗ୍ରାମ୍ୟ ସମୁଦାୟ ସାଧାରଣତଃ ଦଳେ ଲୋକମାନଙ୍କର ଏକ ସମୂହ । ଏହା ଦଳେ ଲୋକମାନଙ୍କର ସମଷ୍ଟିରେ ଗଠିତ । ଲୋକମାନଙ୍କ ବ୍ୟତିତ ଗ୍ରାମ୍ୟ ସମୁଦାୟର ଗଠନ ଅସମ୍ଭବ । ତେଣୁ ଗ୍ରାମ୍ୟ ସମୁଦାୟ କହିଲେ ବହୁ ଲୋକଙ୍କର ଏକ ସମୂହକୁ ବୁଝାଯାଏ, ଯେଉଁଥିରେ କୌଣସି ନିର୍ଦ୍ଦିଷ୍ଟ ସ୍ୱାର୍ଥରେ ଭାଗ ନନେଇ ସାଧାରଣ ଜୀବନର ମୌଳିକ ଅବସ୍ଥାରେ ଅଂଶୀଦାର ହୋଇଥାନ୍ତି ଏବଂ ପରସ୍ପରକୁ ସାହାଯ୍ୟ କରିଥାଆନ୍ତି ।

### ୨. ନିର୍ଦ୍ଦିଷ୍ଟ ଅଞ୍ଚଳ (Definite Locality)

ପ୍ରତ୍ୟେକ ଗ୍ରାମ୍ୟ ସମୁଦାୟର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ସୀମାରେଖା ଥାଏ । ଏହି ନିର୍ଦ୍ଦିଷ୍ଟ ଅଞ୍ଚଳ ଭିତରେ ସ୍ଥାୟୀ ଭାବେ ବସତି ସ୍ଥାପନ କରି ସମୁଦାୟର ସଦସ୍ୟମାନେ ପରସ୍ପର ମଧ୍ୟରେ ପ୍ରତ୍ୟକ୍ଷ ଏବଂ ବ୍ୟକ୍ତିଗତ ସମ୍ପର୍କ

ସୃଷ୍ଟି କରିଥାନ୍ତି। ଏକ ନିର୍ଦ୍ଦିଷ୍ଟ ସୀମାରେଖା ନଥିବା କୌଣସି ଜନବସତିକୁ ଗ୍ରାମ୍ୟ ସମୁଦାୟ କୁହାଯାଏ ନାହିଁ। ଅନେକ ସମୟରେ ଜନସଂଖ୍ୟା ବୃଦ୍ଧିକୁ ଭିତ୍ତିକରି ଗ୍ରାମ୍ୟ ସମୁଦାୟର ସୀମାରେଖା ପରିବର୍ତ୍ତନ ହୋଇଥାଏ। ଲୋକମାନେ ସେମାନଙ୍କର ବାସସ୍ଥାନ ପରିବର୍ତ୍ତନ କଲେ ସୁଦ୍ଧା ମୂଳ ସମୁଦାୟର ସଭ୍ୟପଦ (Membership)କୁ ପରିତ୍ୟାଗ କରନ୍ତି ନାହିଁ। ଉଦାହରଣ ସ୍ୱରୂପ - ଓଡ଼ିଶା ଗ୍ରାମ୍ୟ ସମୁଦାୟର ଜଣେ ସଦସ୍ୟ ଦିଲ୍ଲୀ ମୁଖ୍ୟ ସମୁଦାୟରେ ବାସକଲେ ମଧ୍ୟ ଓଡିଶା ଗ୍ରାମ୍ୟ ସମୁଦାୟର ସଦସ୍ୟତାକୁ ବଜାୟ ରଖିଥାଏ।

### ୩. ସାମୁଦାୟିକ ମନୋଭାବ (Community Sentiment)

ସାମୁଦାୟିକ ମନୋଭାବ ଗ୍ରାମ୍ୟ ସମୁଦାୟର ଏକ ମୁଖ୍ୟ ଗୁଣ। ଗ୍ରାମ୍ୟ ସମୁଦାୟର ରହସ୍ୟମାନଙ୍କ ମଧ୍ୟରେ ସଦାସର୍ବଦା ସାମୁଦାୟିକ ମନୋଭାବ ରହିଥାଏ। ଏହାର ସଦସ୍ୟମାନେ ଗୋଟିଏ ଭାଷାରେ କଥାବାର୍ତ୍ତା କରନ୍ତି, ଏକ ଲୋକନିୟମ (Mores)କୁ ମାନି ଚଳନ୍ତି, ସମାନ ମନୋଭାବ ଦ୍ୱାରା ପରିଚାଳିତ ହୁଅନ୍ତି ଏବଂ ସେମାନଙ୍କର ସମାନ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ରହିଥାଏ। ତେଣୁ ଗ୍ରାମ୍ୟ ସମୁଦାୟରେ ବାସକରୁଥିବା ଲୋକମାନଙ୍କ ପାଇଁ ସାମୁଦାୟିକ ମନୋଭାବ ଏକାନ୍ତ ଅପରିହାର୍ଯ୍ୟ। ସଦସ୍ୟମାନଙ୍କ ମଧ୍ୟରେ 'ଆମୈକଭାବନା' (We-feeling) ରହିଥାଏ। 'ଆମ୍ଭେମାନେ ଗୋଟିଏ ସମୁଦାୟର ସଦସ୍ୟ' - ଏହି ମନ୍ତ୍ରଦ୍ୱାରା ଅନୁପ୍ରାଣିତ ହୋଇ ସଦସ୍ୟମାନେ ପରସ୍ପରକୁ ସାହାଯ୍ୟ କରିଥାନ୍ତି। ଗ୍ରାମ୍ୟ ସମୁଦାୟର ସଦସ୍ୟମାନେ ପରସ୍ପର ନିର୍ଭରଶୀଳ। ଗ୍ରାମର ଉନ୍ନତି ନିମନ୍ତେ ଲୋକମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସାମୁହିକ ଭାବେ ଅଂଶ ଗ୍ରହଣ କରିଥାନ୍ତି। ସଦସ୍ୟମାନେ ଗ୍ରାମର ଅନୌପଚାରିକ ନୀତିନିୟମ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହୁଅନ୍ତି। ତେଣୁ ଆମୈକ-ଭାବନା, ନିର୍ଭରଶୀଳତା ଏବଂ ଗୋଷ୍ଠୀ ନିୟନ୍ତ୍ରଣ ଗ୍ରାମ୍ୟ ସାମୁଦାୟିକ ମନୋଭାବର ମୁଖ୍ୟ ଉପାଦାନ।

### ୪. ଆକାର (Size)

ପ୍ରତ୍ୟେକ ଗ୍ରାମ୍ୟ ସମୁଦାୟର ଏକ ନିର୍ଦ୍ଦିଷ୍ଟ ଆକାର ଥାଏ। ଜନସଂଖ୍ୟାକୁ ଭିତ୍ତିକରି ଗ୍ରାମ୍ୟ ସମୁଦାୟର ଆକାର କ୍ଷୁଦ୍ର କିମ୍ବା ବୃହତ ହୋଇଥାଏ। କ୍ଷୁଦ୍ର ଗ୍ରାମ୍ୟ ସମୁଦାୟରେ ସାଧାରଣତଃ ୫୦୦ରୁ କମ୍ ଲୋକ ବାସ କରୁଥିବା ସ୍ଥଳେ ବୃହତ୍ ଗ୍ରାମ୍ୟ ସମୁଦାୟରେ ୨,୦୦୦ରୁ ୫,୦୦୦ ଲୋକ ବାସ କରିଥାନ୍ତି। ଜନସଂଖ୍ୟା ବୃଦ୍ଧି ହେଲେ ଗ୍ରାମ୍ୟ ସମୁଦାୟର ଆକାର କ୍ରମଶଃ ବୃଦ୍ଧି ପାଇଥାଏ।

### ୫. ପ୍ରାଥମିକ ସମ୍ପର୍କ (Primary Relation)

ଗ୍ରାମ୍ୟ ସମୁଦାୟ ମୁଖ୍ୟତଃ ପ୍ରାଥମିକ ସମ୍ପର୍କ ଉପରେ ପର୍ଯ୍ୟବେସିତ। ଗ୍ରାମବାସୀମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ, ଘନିଷ୍ଠ ଓ ବ୍ୟକ୍ତିଗତ ସମ୍ପର୍କ ରହିଥାଏ। କାରଣ ପରିବାର ଓ ପଡ଼ୋଶୀ ପରି କେତେକ ପ୍ରାଥମିକ ଅନୁଷ୍ଠାନଗୁଡିକ ଗ୍ରାମ୍ୟ ସମୁଦାୟ ନିଜର ପରିସରଭୁକ୍ତ କରିଥାଏ। ତେଣୁ ସଂରଚନା ଓ ପ୍ରକାର୍ଯ୍ୟ ଦୃଷ୍ଟି କୋଣରୁ ଗ୍ରାମ୍ୟ ସମୁଦାୟ ପରିବାର ଭଳି ସୁସଙ୍ଗଠିତ ଓ ସୁନିୟନ୍ତ୍ରିତ ଅଟେ।

### ୬. ଯୌଥ ପରିବାର ବ୍ୟବସ୍ଥା (Joint Family System)

ଯୌଥ ପରିବାର ବ୍ୟବସ୍ଥା ଗ୍ରାମ୍ୟ ସମୁଦାୟର ଅନ୍ୟ ଏକ ପ୍ରମୁଖ ଲକ୍ଷଣ। ଏହାର ଅଧିକାଂଶ ଲୋକ ସଂପୃକ୍ତ ଭାବେ ବାସ କରିଥାନ୍ତି। ଏକକ ପରିବାର ଗ୍ରାମ୍ୟ ସମୁଦାୟରେ ଖୁବ୍ କମ୍ ଦେଖାଯାଏ। ଗ୍ରାମର ଅଧିକାଂଶ

ସଦସ୍ୟ ଗୋଟିଏ ଗୃହରେ ବାସ କରନ୍ତି, ଗୋଟିଏ ଚୂଲାରେ ରନ୍ଧନ ହୋଇଥିବା ଖାଦ୍ୟକୁ ଭୋଜନ କରନ୍ତି, ସାମୁହିକ ଭାବେ ସମ୍ପତ୍ତିର ଅଧିକାରୀ ହୋଇଥାଆନ୍ତି, ସାଧାରଣ ପୂଜାବିଧିରେ ଅଂଶ ଗ୍ରହଣ କରନ୍ତି ଏବଂ କେତେକ ନିର୍ଦ୍ଦିଷ୍ଟ ପ୍ରକାରର ଜ୍ଞାତି ଭାବେ ପରସ୍ପର ସହିତ ସଂପୃକ୍ତ ହୋଇଥାନ୍ତି।

### ୭. ଧର୍ମରେ ବିଶ୍ୱାସ (Faith in Religion)

ଗ୍ରାମ୍ୟ ସମୁଦାୟ ହେଉଛି ଧର୍ମ କେନ୍ଦ୍ରସ୍ଥଳୀ। ଏହାର ସମସ୍ତ ସଦସ୍ୟ ଗଭୀର ଭାବେ ଧର୍ମ ଉପରେ ବିଶ୍ୱାସ ସ୍ଥାପନ କରିଥାନ୍ତି। 'ବାର ମାସରେ ତେର ପର୍ବ' ପାଳନ ଗ୍ରାମ୍ୟ ସମୁଦାୟର ମୁଖ୍ୟ ବିଶେଷତ୍ୱ। କୃଷି ଗ୍ରାମବାସୀଙ୍କର ପ୍ରଧାନ ବୃତ୍ତି ହୋଇଥିବାରୁ ସେମାନେ ମୁଖ୍ୟତଃ ପ୍ରକୃତି ଉପାସନା ଉପରେ ଗୁରୁତ୍ୱ ପ୍ରଦାନ କରନ୍ତି। ବିହନ ବୁଣିବା ଓ ଶସ୍ୟ ଅମଳ କରିବା ସମୟରେ ସେମାନେ ପ୍ରକୃତି (Nature) କୁ ପୂଜା କରିଥାଆନ୍ତି। ସେହିପରି ଜନ୍ମ, ବିବାହ ଓ ମୃତ୍ୟୁ ଇତ୍ୟାଦି ସାର୍ବଜନୀନ ଘଟଣାଗୁଡିକରେ ଗ୍ରାମବାସୀମାନେ ବିଭିନ୍ନ ଧାର୍ମିକ ଉତ୍ସବ ଓ ପର୍ବପର୍ବାଣୀ ପାଳନ କରନ୍ତି। ଗ୍ରାମ୍ୟ ସମୁଦାୟର ଲୋକମାନେ ସଦାସର୍ବଦା ଈଶ୍ୱରଙ୍କୁ ଭୟ, ଭକ୍ତି ଓ ବିଶ୍ୱାସ କରିଥାନ୍ତି।

### ୮. କୃଷିଭିତ୍ତିକ ଅର୍ଥନୀତି (Agricultural Economy)

କୃଷିଭିତ୍ତିକ ଅର୍ଥନୀତି ଗ୍ରାମ୍ୟ ସମୁଦାୟର ମେରୁଦଣ୍ଡ। କୃଷି ଗ୍ରାମବାସୀଙ୍କର ପ୍ରଧାନ ଜୀବିକା। ଭାରତବର୍ଷରେ ପ୍ରାୟ ଶତକଡ଼ା ୭.୬ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ଆମ ଦେଶର ସମୁଦାୟ ଜାତୀୟ ଆୟର ଶତକଡ଼ା ୪୦ ଭାଗ କୃଷିରୁ ଆସିଥାଏ। ଗ୍ରାମରେ ସାଧାରଣତଃ ଜମିଦାର, କୃଷକ ଏବଂ କୃଷିଭିତ୍ତିକ ଶ୍ରମିକ ବାସ କରନ୍ତି। ଗ୍ରାମର ଅଧିକାଂଶ ଲୋକ ନିଜର ଜୀବିକାର୍ଜନ ପାଇଁ ପ୍ରତ୍ୟକ୍ଷ ଭାବେ କୃଷି ଉପରେ ନିର୍ଭର କରିଥାନ୍ତି। ଗ୍ରାମର ଖୁବ୍ କମ୍ ଲୋକ କୃଷି ବ୍ୟତିତ ବଢ଼େଇ, କମାର ଓ କୁମ୍ଭାର ଆଦି କାର୍ଯ୍ୟ କରି ଚଳିଥାଆନ୍ତି, ମାତ୍ର ସେମାନଙ୍କର ବ୍ୟବସାୟ ମୁଖ୍ୟତଃ କୃଷି ସହିତ ସଂପୃକ୍ତ ଥାଏ।

### ୯.ସ୍ୱାବଲମ୍ବନଶୀଳତା (Self Sufficiency)

ଭାରତୀୟ ଗ୍ରାମଗୁଡ଼ିକ ସ୍ୱାବଲମ୍ବନଶୀଳ ଅଟନ୍ତି। ଗ୍ରାମବାସୀଙ୍କର ସମସ୍ତ ଆବଶ୍ୟକତା ସେହି ଗ୍ରାମରେ ହିଁ ପୂରଣ ହୋଇଥାଏ। କାରଣ ଗ୍ରାମରେ ବାରିକ, କୁମ୍ଭକାର, କମାର, ବଣିଆ, ଧୋବା, ଦୋକାନୀ ଓ ମୋଚି ଆଦି ଜାତିର ଲୋକେ ବାସ କରିଥାନ୍ତି। ଫଳତଃ ଗ୍ରାମରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡିକର ଉତ୍ପାଦନ ସମ୍ଭବପର ହୋଇଥାଏ। ତେଣୁ ଗ୍ରାମବାସୀମାନେ ପରସ୍ପର ଉପରେ ନିର୍ଭର କରି ନିଜ ନିଜର ଆବଶ୍ୟକତାକୁ ପୂରଣ କରିଥାନ୍ତି। କିନ୍ତୁ ଆଧୁନିକ ଗ୍ରାମ୍ୟ ଗୋଷ୍ଠୀର ସ୍ୱାବଲମ୍ବନଶୀଳତା କ୍ରମଶଃ ହ୍ରାସ ପାଉଛି। କାରଣ ଗ୍ରାମ୍ୟର ଲୋକମାନେ ସହରାଭିମୁଖୀ ହେଉଛନ୍ତି ଏବଂ ଅଧିକାଂଶ ଜିନିଷ ସହରରୁ ଗ୍ରାମକୁ ଆସୁଛି। ବର୍ତ୍ତମାନ ସହରର ଚାକଚକ୍ୟ ପ୍ରତି ଗ୍ରାମବାସୀମାନେ ବିଶେଷ ଆକୃଷ୍ଟ ହେଉଛନ୍ତି। ଫଳତଃ ଗ୍ରାମ୍ୟ ସମୁଦାୟ ସାମାଜିକ ଜୀବନ ବିପର୍ଯ୍ୟସ୍ତ ହେଉଛି।

### ୧୦. ସରଳ ଜୀବନ (Simple Living)

ଗ୍ରାମ୍ୟ ସମୁଦାୟର ଲୋକମାନେ ସାଧାରଣତଃ ସରଳ ଓ ନିରାଡମ୍ବର ଜୀବନ ଯାପନ କରିଥାନ୍ତି। ଗ୍ରାମବାସୀମାନେ ହେଉଛନ୍ତି ସରଳ ବିଶ୍ୱାସୀ। ସେମାନଙ୍କର ଖାଦ୍ୟ ସରଳ, ପୋଷାକ ପରିଚ୍ଛଦ ନିରାଡମ୍ବର ଏବଂ

ବାସଗୃହ ସୌଖିନହୀନ । ସେମାନେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତି ଏବଂ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିଥାଆନ୍ତି । ସାଧାରଣ ଅର୍ଥରେ କହିବାକୁ ଗଲେ ଗ୍ରାମ୍ୟ ସମୁଦାୟର ଲୋକମାନେ ସରଳ, ସାଧୁ, କଠିନ ପରିଶ୍ରମୀ ଓ ନିଷ୍କପଟ ଅଟନ୍ତି ।

**୧୧. ଦାରିଦ୍ର୍ୟ (Poverty)**

ଦାରିଦ୍ର୍ୟ ଗ୍ରାମ୍ୟ ସମୁଦାୟର ଅନ୍ୟ ଏକ ପ୍ରମୁଖ ଲକ୍ଷଣ । ଗ୍ରାମର ଲୋକମାନେ ଅତ୍ୟନ୍ତ ଦରିଦ୍ର । ସେମାନଙ୍କର ଆୟ ମଧ୍ୟ ଖୁବ୍ କମ୍ । କୃଷି ଗ୍ରାମବାସୀଙ୍କର ପ୍ରଧାନ ଜୀବିକା ସମ୍ବଳ ହୋଇଥିବାରୁ ଅନେକ ସମୟରେ ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ସେମାନଙ୍କର ଅର୍ଥନୈତିକ ମେରୁଦଣ୍ଡକୁ ଭାଙ୍ଗି ଦେଇଥାଏ । ଫଳତଃ ସେମାନେ ଦାରିଦ୍ର୍ୟର ଚରମ ସୀମାରେ ଉପନୀତ ହୋଇଥାନ୍ତି । ଦାରିଦ୍ର୍ୟର କଷାଘାତରେ ପ୍ରପୀଡିତ ହୋଇ ଗ୍ରାମବାସୀମାନେ ନିକୃଷ୍ଟ ଧରଣର ଖାଦ୍ୟ ଭୋଜନ କରନ୍ତି, କୁଡ଼ିଆ କିମ୍ବା ଝାଟିମାଟି ଘରେ ବାସ କରନ୍ତି ଏବଂ ସାଧାରଣ ବସ୍ତ୍ର ପରିଧାନ କରନ୍ତି ।

**୧୨. ଶାନ୍ତିପୂର୍ଣ୍ଣ ବାତାବରଣ (Peaceful Atmosphere)**

ଗ୍ରାମ୍ୟ ସମୁଦାୟର ବାତାବରଣ ଶାନ୍ତିପୂର୍ଣ୍ଣ । ସବୁଆଡ଼େ ନୀରବତା ବିରାଜମାନ କରିଥାଏ । କଳକାରଖାନା ଓ ମଟରଗାଡ଼ି ପ୍ରଭୃତି ଅତ୍ୟାଧୁନିକ ଯାନବାହାନର ଶବ୍ଦ ନଥାଏ । ଗ୍ରାମର ପରିବେଶ ଶାନ୍ତି ସମାହିତ । ଧୂଆଁ ତଥା କୃତ୍ରିମ ଜିନିଷ ଦ୍ୱାରା ବାତାବରଣ ପ୍ରଦୂଷିତ ହୋଇନଥାଏ । ତେଣୁ ଗ୍ରାମ୍ୟ ସମୁଦାୟରେ ଶ୍ୱାସ ରୋଗୀଙ୍କର ସଂଖ୍ୟା ଖୁବ୍ କମ୍ । ଏହା ବ୍ୟତିତ ପ୍ରାକୃତିକ ପରିବେଶ ମଧ୍ୟ ଗ୍ରାମର ବାତାବରଣକୁ କରିଥାଏ ସୌମ୍ୟଶାନ୍ତ । ସବୁଜ ଶସ୍ୟକ୍ଷେତ୍ର, ସବୁଜ ବନାନୀ, ନଦନଦୀ ଓ ଝରଣାର କୁଳୁକୁଳୁ ନାଦ ଏବଂ ଆମ୍ରୋଦ୍ୟାନରେ କୋକିଳର କୁହୁକୁହୁ ତାନ ପଲ୍ଲୀ ଜୀବନକୁ ମୁଖରିତ କରିଥାଏ । କୃଷକ ପଲ୍ଲୀ ପ୍ରକୃତିର ଅପରୂପ ଶୋଭାସମ୍ଭାର ସନ୍ଦର୍ଶନ କରି ଆତ୍ମବିଭୋର ହୋଇଉଠେ । କିନ୍ତୁ ଆଧୁନିକ ଗ୍ରାମ୍ୟ ସମୁଦାୟର ଶାନ୍ତିପୂର୍ଣ୍ଣ ବାତାବରଣ ଓ ପ୍ରାକୃତିକ ପରିବେଶ କ୍ରମଶଃ ହ୍ରାସ ପାଉଛି । କାରଣ ଗ୍ରାମ୍ୟ ଲୋକମାନେ ସହରୀ ସଭ୍ୟତା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି ।

**୧୩. ନିରକ୍ଷରତା (Illiteracy)**

ଗ୍ରାମ ସମୁଦାୟର ଅଧିକାଂଶ ଲୋକ ନିରକ୍ଷର । କାରଣ ସେଠାରେ ଶିକ୍ଷାଲାଭ ପାଇଁ କୌଣସି ସୁବିଧା ସୁଯୋଗ ନଥାଏ । ଯଦିଓ ଆଜିକାଲି କେତେକ ଗ୍ରାମରେ ସ୍କୁଲ, କଲେଜ ପ୍ରଭୃତିର ସୁବିଧା ଅଛି, ତଥାପି ଗ୍ରାମର ଖୁବ୍ କମ୍ ଲୋକ ଏଥିରେ ଶିକ୍ଷା ଲାଭ କରନ୍ତି । କାରଣ ଆର୍ଥିକ ସ୍ୱଚ୍ଛଳତା ହେତୁ ଗ୍ରାମର ଅଧିକାଂଶ ଶିଶୁ ପ୍ରାଥମିକ ଶିକ୍ଷା ଲାଭରୁ ବଞ୍ଚିତ ହୋଇଥାନ୍ତି । ବର୍ତ୍ତମାନ ସୁଦ୍ଧା ଭାରତର ଅଧିକାଂଶ ଗ୍ରାମରେ ସ୍କୁଲଟିଏ ମଧ୍ୟ ନାହିଁ । ଏପରିକି ରାସ୍ତାଘାଟର ସୁବିଧା ନଥିବାରୁ ଗ୍ରାମରେ ଶିକ୍ଷାର ଆଶାନୁରୂପ ବିକାଶ ହୋଇପାରୁନାହିଁ । ଗ୍ରାମର ଅଧିକାଂଶ ଲୋକ ଲେଖାପଢ଼ା କରିପାରନ୍ତି ନାହିଁ । କିନ୍ତୁ ବର୍ତ୍ତମାନ ସମୟରେ ସରକାରଙ୍କ ପ୍ରତ୍ୟକ୍ଷ ଉଦ୍ୟମ କ୍ରମେ ଗ୍ରାମାଞ୍ଚଳରେ ଶିକ୍ଷାର ଦ୍ରୁତ ପ୍ରସାର ଘଟୁଛି ଏବଂ ଲୋକମାନେ ଅଧିକାଂଶ ସଂଖ୍ୟାରେ ସାକ୍ଷର ହୋଇପାରିଛନ୍ତି ।

**୧୪. ରକ୍ଷଣଶୀଳତା (Conservatism)**

ଗ୍ରାମର ଅଧିବାସୀମାନେ ବିଶେଷ ଭାବେ ରକ୍ଷଣଶୀଳ । ସେମାନେ ପୁରାତନ ପ୍ରଥା ପରମ୍ପରା, ଲୋକରୀତି, ଲୋକନିୟମ ଏବଂ ସଂସ୍କୃତି ଉପରେ ଗଭୀର ବିଶ୍ୱାସ ସ୍ଥାପନ କରିଥାନ୍ତି । ସେମାନେ ମଧ୍ୟ ସଂସ୍କାର ବିରୋଧୀ

ଅଟନ୍ତି । ରକ୍ଷଣଶୀଳତାର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ସେମାନେ ସମାଜର କୌଣସି ପରିବର୍ତ୍ତନକୁ ସହଜରେ ଗ୍ରହଣ କରନ୍ତି ନାହିଁ । ଗ୍ରାମର ଲୋକମାନେ ଜାତିପ୍ରଥାର ଦୃଢ଼ ସମର୍ଥକ ଅଟନ୍ତି । ସେମାନେ ବିବାହ ପଦ୍ଧତିର ନୀତି ନିୟମକୁ କଡାକଡ଼ି ଭାବେ ପାଳନ କରନ୍ତି । ସେମାନଙ୍କର ବ୍ୟବହାର ପାରମ୍ପରିକ ପ୍ରତିମାନ (Norm) ଏବଂ ମୂଲ୍ୟବୋଧ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଭାରତୀୟ ଗ୍ରାମ୍ୟ ସମୁଦାୟର ରକ୍ଷଣଶୀଳତା ସମ୍ବନ୍ଧରେ ମତବ୍ୟକ୍ତ କରି ଚାର୍ଲସ ମେଟ୍‌କାଫ୍ (Charles Metcalfe) କହିଛନ୍ତି "ସମସ୍ତଙ୍କର ପତନ ଘଟିପାରେ ମାତ୍ର ଗ୍ରାମ୍ୟ ରକ୍ଷଣଶୀଳ ନୀତିର ପତନ ଅସମ୍ଭବ ।"

**୧୫. ସାମାଜିକ ନିୟନ୍ତ୍ରଣ (Social Contrat)**

ଗ୍ରାମ୍ୟ ସମୁଦାୟର ଅନ୍ୟ ଏକ ବଳିଷ୍ଠ ଲକ୍ଷ୍ୟ ହେଲା ସାମାଜିକ ନିୟନ୍ତ୍ରଣ । ସାମାଜିକ ନିୟନ୍ତ୍ରଣର ଅର୍ଥ ହେଲା ବ୍ୟକ୍ତି ଉପରେ ସମାଜର ନିୟନ୍ତ୍ରଣ । ଗ୍ରାମ୍ୟ ସମୁଦାୟରେ ଦୃଢ଼, ପ୍ରତ୍ୟକ୍ଷ ତଥା ଅନୌପଚାରିକ (Informal) ସାମାଜିକ ନିୟନ୍ତ୍ରଣ ପରିଲକ୍ଷିତ ହୋଇଥାଏ । ଗ୍ରାମର ପ୍ରତ୍ୟେକ ଲୋକ ପ୍ରତ୍ୟକ୍ଷ ତଥା ବ୍ୟକ୍ତିଗତ ଭାବେ ପରସ୍ପରକୁ ଜାଣିଥାଆନ୍ତି ଏବଂ ପରସ୍ପରକୁ ନିୟନ୍ତ୍ରିତ କରିଥାଆନ୍ତି । ଫଳରେ କୌଣସି ଅସାମାଜିକ କାର୍ଯ୍ୟ କରିବାକୁ ଗ୍ରାମ୍ୟ ଲୋକମାନେ ସାହାସ କରନ୍ତି ନାହିଁ । ଗ୍ରାମ୍ୟ ସମୁଦାୟରେ ପରିବାର ଏବଂ ପଡ଼ୋଶୀ ଆଦି ପ୍ରାଥମିକ ସମୂହ ସାମାଜିକ ନିୟନ୍ତ୍ରଣର ଶକ୍ତିଶାଳୀ ମାଧମ ଭାବେ କାର୍ଯ୍ୟକରି ଲୋକମାନଙ୍କର ବ୍ୟବହାରକୁ ନିୟନ୍ତ୍ରଣ କରିଥାଏ । ଗ୍ରାମରେ କନିଷ୍ଠ ସଦସ୍ୟମାନଙ୍କ ଉପରେ ବୟୋଜ୍ୟେଷ୍ଠମାନଙ୍କର ପ୍ରତ୍ୟକ୍ଷ ନିୟନ୍ତ୍ରଣ ରହିଥାଏ । ଫଳତଃ ସେମାନେ ବିଭିନ୍ନ ଅପରାଧରୁ ନିବୃତ୍ତ ହୁଅନ୍ତି । ପ୍ରାଚୀନ ଗ୍ରାମସଭା (Village Council), ଗ୍ରାମ ପଞ୍ଚାୟତ ଏବଂ ଜାତି ପରିଷଦ (Caste Council) ବିପଥଗାମୀ ଗ୍ରାମବାସୀମାନଙ୍କର ଅସାମାଜିକ ତଥା ସମାଜ ବିରୋଧୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣାଧୀନ କରିଥାଏ । ଫଳତଃ ଗ୍ରାମ୍ୟ ସମୁଦାୟର ଐକ୍ୟ ଏବଂ ସଂହତି ବିପର୍ଯ୍ୟସ୍ତ ହୋଇନଥାଏ ।

**୧୬. ସୁବିଧା ସୁଯୋଗର ଅଭାବ (Lack of Amenities)**

ଗ୍ରାମ୍ୟ ସମୁଦାୟର ଶେଷ ଲକ୍ଷଣ ହେଉଛି ଯେ ଏହା ସମସ୍ତ ପ୍ରକାର ସାମାଜିକ ଓ ଅର୍ଥନୈତିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଥାଏ । ସମସ୍ତ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟର ଅଭାବ ଗ୍ରାମରେ ହିଁ ପରିଦୃଷ୍ଟ ହୋଇଥାଏ । କାରଣ ପାନୀୟ ଜଳ ଯୋଗାଣ, ଚିକିତ୍ସାଳୟ, ରାସ୍ତାଘାଟ, ଆଲୋକ, ସ୍କୁଲ କଲେଜ ପ୍ରଭୃତି ଆଧୁନିକ ସୁବିଧା ସୁଯୋଗ ଗ୍ରାମ୍ୟ ସମୁଦାୟରେ ପରିଲକ୍ଷିତ ହୋଇନଥାଏ । କିନ୍ତୁ ଆଧୁନିକ ଗ୍ରାମ୍ୟ ସମୁଦାୟ ସମସ୍ତ ପ୍ରକାର ସୁବିଧା ସୁଯୋଗ କ୍ରମଶଃ ଲାଭ କରୁଛି । ତଥାପି ତାହା ଗ୍ରାମ ସମୁଦାୟର ସାମୁହିକ ବିକାଶ ପାଇଁ ଯଥେଷ୍ଟ ନୁହେଁ ।

ଉପରୋକ୍ତ ଆଲୋଚ୍ୟ ବିଷୟ ଗୁଡିକ ଗ୍ରାମ୍ୟ ସମୁଦାୟର ମୁଖ୍ୟ ଗୁଣ । କିନ୍ତୁ ଆଧୁନିକ ଶିକ୍ଷା ଓ ବୈଜ୍ଞାନିକ ଚିନ୍ତାଧାରା ଗ୍ରାମ୍ୟ ସମୁଦାୟକୁ ବିଶେଷ ଭାବରେ ପ୍ରଭାବିତ କରିବା ଫଳରେ ଏହାର ସମସ୍ତ ଲକ୍ଷଣର ଦ୍ରୁତ ପରିବର୍ତ୍ତନ ଘଟୁଛି ।

# ଗ୍ରାମ-ସହର ସଂଯୁକ୍ତତା ଓ ବିଭାଜନ
# Rural-Urban Linkages and Division

## ଗ୍ରାମ-ସହର ସଂଯୁକ୍ତତା
## Rural-Urban Linkages

ଗ୍ରାମାଞ୍ଚଳଠାରୁ ସହରାଞ୍ଚଳକୁ ଅଲଗାକରି ଦେଖିବା ପରିବର୍ତ୍ତେ ଏହି ଦୁଇଟି ଅଞ୍ଚଳ ମଧ୍ୟରେ ଥିବା ସଂଯୁକ୍ତତା ବା ସମ୍ବନ୍ଧକୁ ବିଚାର କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଯେତେବେଳେ ବିକାଶ ନୀତି ଗ୍ରହଣ କରାଯାଉଛି, ସେତେବେଳେ ଗ୍ରାମ୍ୟ ଓ ସହରୀ ଜନସଂଖ୍ୟାର ବର୍ଗୀକରଣ କରାଯାଉଛି। ବିଦ୍ୱାନମାନଙ୍କ ମତରେ ଏହା ଠିକ୍ ନୁହେଁ। ସେମାନଙ୍କ ମତରେ ଲୋକ ଓ ସେମାନଙ୍କ କାର୍ଯ୍ୟକଳାପ ମଧ୍ୟରେ ଯେଉଁ ପ୍ରକାର ସଂଯୁକ୍ତତା ରହିଥାଏ ଠିକ୍ ସେହିପରି ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସଂଯୁକ୍ତତା ରହିଥାଏ।

ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବ୍ୟକ୍ତିମାନଙ୍କ ମଧ୍ୟରେ ଓ ସମୂହଗୁଡ଼ିକ ମଧ୍ୟରେ ନିର୍ବାହନ କରାଯାଇଥିବା ସଂରଚନାତ୍ମକ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ତଥା ରାଜନୈତିକ ସଂପର୍କକୁ ଗ୍ରାମ୍ୟ-ସହରୀ ସଂଯୁକ୍ତତା ଭାବରେ ପରିଭାଷିତ କରାଯାଇଛି। ଅର୍ଥାତ୍ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଉପରୋକ୍ତ କ୍ଷେତ୍ରଗୁଡ଼ିକରେ ଯେଉଁ ସଂପର୍କ ଦେଖାଯାଏ ତାହା ହେଉଛି ଗ୍ରାମ୍ୟ-ସହରୀ ସଂଯୁକ୍ତତା। ଏହା ମଧ୍ୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସ୍ଥାନିକ (Spatial) ଏବଂ କ୍ଷେତ୍ରୀୟ ପ୍ରବାହକୁ ବୁଝାଇଥାଏ। ଲୋକ, ଦ୍ରବ୍ୟ, ଟଙ୍କା, ପ୍ରଯୁକ୍ତିବିଦ୍ୟା, ଜ୍ଞାନ ଓ ସୂଚନା ଆଦି ପ୍ରବାହକୁ ଅନ୍ତର୍ଭୁକ୍ତ କରିଥାଏ। ଅନ୍ୟ ପକ୍ଷରେ କ୍ଷେତ୍ରୀୟ ପ୍ରବାହ ସହରାଞ୍ଚଳକୁ କୃଷି ଉତ୍ପାଦର ପ୍ରବାହକୁ ଏବଂ ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ନିର୍ମିତ ଦ୍ରବ୍ୟଗୁଡ଼ିକର ପ୍ରବାହକୁ ଅନ୍ତର୍ଭୁକ୍ତ କରିଥାଏ। ସ୍ଥାନାନ୍ତରଣ (Migration), ଉତ୍ପାଦନ, ଉପଭୋଗ ଏବଂ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଆର୍ଥିକ ଏବଂ ବିନିଯୋଗ ସଂଯୁକ୍ତକତା (Linkage)କୁ ଗ୍ରାମ୍ୟ-ସହରୀ ସଂଯୁକ୍ତତା ରୂପେ ଦେଖା ଯାଇଥାଏ। ଟଙ୍କା ଓ ଦ୍ରବ୍ୟର ବିନିମୟ, ସଂପର୍କୀୟ ଓ ବନ୍ଧୁମାନଙ୍କ ସହିତ ଯୋଗାଯୋଗ ଇତ୍ୟାଦି ଗ୍ରାମ୍ୟ-ସହରୀ ସଂଯୁକ୍ତତାର ସୂଚକ ଅଟେ।

ଏହା ଉଲ୍ଲେଖଯୋଗ୍ୟ ଯେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଦ୍ରବ୍ୟ, ସୂଚନା, ଅର୍ଥ ଇତ୍ୟାଦିର ପ୍ରବାହ ଫଳରେ ଦୁଇଟି ଅଞ୍ଚଳ ମଧ୍ୟରେ ସଂଯୋଗ ସ୍ଥାପିତ ହୋଇଥାଏ।

ଗ୍ରାମାଞ୍ଚଳ ଉପରେ ସହରୀକରଣର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଦେଖାଯାଇଥାଏ। ସହରଗୁଡ଼ିକର ଚାହିଦା ପୂରଣ ନିମନ୍ତେ ଗ୍ରାମାଞ୍ଚଳରୁ ଫଳ, ପରିବା ଓ ଦୁଗ୍ଧଜାତ ଦ୍ରବ୍ୟ ପଠାଯାଉଛି, ଗ୍ରାମାଞ୍ଚଳଗୁଡ଼ିକ ସହରର ବଜାର ସହିତ ସଂଯୁକ୍ତ ହୋଇଛି।

ଗ୍ରାମ୍ୟ-ସହର ସଂଯୁକ୍ତତା ସମ୍ବନ୍ଧରେ ନିମ୍ନରେ ବର୍ଣ୍ଣନା କରାଗଲା –

**୧. ସେବା ଓ ଦ୍ରବ୍ୟଗୁଡ଼ିକର ପ୍ରବାହ (Flow of Service and Goods) :** ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ମଧ୍ୟରେ ସେବା ଓ ଦ୍ରବ୍ୟଗୁଡ଼ିକର ପ୍ରବାହ ଫଳରେ ଦୁଇଟି ଅଞ୍ଚଳ ମଧ୍ୟରେ ସମ୍ବନ୍ଧ ସ୍ଥାପିତ ହୋଇଥାଏ। ଗ୍ରାମାଞ୍ଚଳର

ଅଧିବାସୀ ସହରାଞ୍ଚଳରୁ ବିଭିନ୍ନ ପ୍ରକାର ସେବା, ଯଥା - ସ୍ୱାସ୍ଥ୍ୟ, ଅର୍ଥନୈତିକ ସେବା ଇତ୍ୟାଦି ପ୍ରାପ୍ତ କରିଥାନ୍ତି। ବିଭିନ୍ନ ଅର୍ଥନୈତିକ ସଂସ୍ଥା, ଯଥା - ବ୍ୟାଙ୍କ ଓ ବିମା କମ୍ପାନୀ ଗ୍ରାମାଞ୍ଚଳର ଅଧିବାସୀଙ୍କୁ ସେବା ପ୍ରଦାନ କରିଥାଆନ୍ତି। ସେହିପରି ଗ୍ରାମାଞ୍ଚଳର ଅଧିବାସୀ ସ୍ୱାସ୍ଥ୍ୟ ନିମନ୍ତେ ସହର ଉପରେ ନିର୍ଭର କରିଥାଆନ୍ତି। ସହରଗୁଡ଼ିକରୁ ବିଶେଷକରି, ଔଦ୍ୟୋଗିକ ସହରରୁ ଗ୍ରାମାଞ୍ଚଳକୁ ବିଭିନ୍ନ ପ୍ରକାର ଦ୍ରବ୍ୟର ପ୍ରବାହ ହୁଏ।

ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ମଧ୍ୟ ଦ୍ରବ୍ୟ ଓ ସେବାର ପ୍ରବାହ ହୋଇଥାଏ। ସହରାଞ୍ଚଳର ଅଧିବାସୀ ଖାଦ୍ୟ, ଦ୍ରବ୍ୟ, ପରିବା ଓ ମାଛ ଇତ୍ୟାଦି ନିମନ୍ତେ ଗ୍ରାମାଞ୍ଚଳ ଉପରେ ନିର୍ଭର କରନ୍ତି।

**୨. ମାନବ ସମ୍ବଳ ଓ ସ୍ଥାନାନ୍ତରଣ (Human Resource and Migration) :** ସହରାଞ୍ଚଳଗୁଡ଼ିକ ମାନବ ସମ୍ବଳ ନିମନ୍ତେ ଗ୍ରାମାଞ୍ଚଳ ଉପରେ ନିର୍ଭରଶୀଳ। ମୁଖ୍ୟତଃ, ସହରାଞ୍ଚଳରେ ନିର୍ମାଣ କାର୍ଯ୍ୟ ନିମନ୍ତେ ମାନବ ସମ୍ବଳ ନିର୍ଭର ଆବଶ୍ୟକ। ଏହି ମାନବ ସମ୍ବଳ ନିମନ୍ତେ ସହରାଞ୍ଚଳ ଗ୍ରାମାଞ୍ଚଳ ଉପରେ ନିର୍ଭର କରିଥାଏ। ଏହାଛଡ଼ା ଉଦ୍ୟୋଗ ଓ ବାଣିଜ୍ୟ ପ୍ରତିଷ୍ଠାନରେ କାର୍ଯ୍ୟ କରିବା ନିମନ୍ତେ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ନିରନ୍ତରଭାବେ ସ୍ଥାନାନ୍ତରଣ ହୋଇଥାଏ। ଏହା ଉଲ୍ଲେଖଯୋଗ୍ୟ ଯେ ଦୁଇଟି କାରକ ଯୋଗୁ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଲୋକମାନଙ୍କର ସ୍ଥାନାନ୍ତରଣ ହୋଇଥାଏ। ସେ ଦୁଇଟି କାରକ ହେଉଛି ଠେଲିବା କାରକ (Push Factor) ଏବଂ ଟାଣିବା କାରକ (Pull Factor)।

ଗ୍ରାମାଞ୍ଚଳରେ ସ୍ୱଳ୍ପ ଆୟ, ବେରୋଜଗାର ବା ବେକାରୀ ଏବଂ ଅନ୍ୟାନ୍ୟ ସୁବିଧା ପାଇବା ଆଶାରେ ଗ୍ରାମାଞ୍ଚଳର ଲୋକମାନେ ସହରକୁ ଯିବାକୁ ବାଧ୍ୟ ହୋଇଥାଆନ୍ତି। ସେହିପରି ସହରଗୁଡ଼ିକରେ ଅଣକୃଷିଭିତ୍ତିକ ବୃତ୍ତି, ଶିକ୍ଷା, ବ୍ୟବସାୟ, ସ୍ୱାସ୍ଥ୍ୟ ସେବା ଆଦି ଗ୍ରାମାଞ୍ଚଳର ଲୋକମାନଙ୍କୁ ସହରକୁ ଟାଣିଆଣେ। ଏହି ଟାଣିବା କାରକ ଯୋଗୁ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଲୋକମାନଙ୍କର ସ୍ଥାନାନ୍ତରଣ ହୋଇଥାଏ।

**୩. ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରବାହ (Flow of Information and Technology) :** ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଗ୍ରାମାଞ୍ଚଳ ଓ ସହର ମଧ୍ୟରେ ସମ୍ବନ୍ଧ ସ୍ଥାପିତ ହୁଏ। ଗ୍ରାମାଞ୍ଚଳରେ ସାମାଜିକ ପରିବର୍ତ୍ତନ ଓ ବିକାଶର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଅହରହ ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରବାହ ଘଟୁଛି। ସହରୀ ବିଚାରଧାରା, ସଂସ୍କୃତି ଇତ୍ୟାଦି ଦ୍ୱାରା ଗ୍ରାମୀଣ ସାମାଜିକ ଜୀବନ ଓ ଗ୍ରାମୀଣ ଲୋକମାନଙ୍କ ଜୀବନ ଶୈଳୀରେ ଆଖିଦୃଶିଆ ପରିବର୍ତ୍ତନ ଘଟୁଛି। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଫଳରେ ଗ୍ରାମାଞ୍ଚଳର ଲୋକମାନଙ୍କ ଜୀବିକା ଓ ଜୀବନ ଶୈଳୀରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। କୃଷି କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଫଳରେ କୃଷି ଉତ୍ପାଦନ ବୃଦ୍ଧି ପାଇଛି ଏବଂ ଲୋକମାନଙ୍କର ସୂଚନା ପ୍ରଯୁକ୍ତି ବିଦ୍ୟାର ବୈପ୍ଳବିକ ପରିବର୍ତ୍ତନ ଫଳରେ ଗ୍ରାମାଞ୍ଚଳର ଲୋକମାନେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ନିଯୁକ୍ତି ଇତ୍ୟାଦି ସମ୍ବନ୍ଧରେ ସୂଚନା ପାଇପାରୁଛନ୍ତି। ସୂଚନା ଓ ଯୋଗାଯୋଗ ମାଧ୍ୟମ ଦ୍ୱାରା ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ସମ୍ବନ୍ଧ ସ୍ଥାପିତ ହୋଇପାରୁଛି।

## ଗ୍ରାମ-ସହର ବିଭାଜନ
## Rural-Urban Linkages

ବିଭିନ୍ନ ଦେଶରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିଭାଜନ ଦେଖିବାକୁ ମିଳେ। ବିଭିନ୍ନ ଦେଶରେ ଗ୍ରାମୀଣ-ସହର ବିଭାଜନ ମଧ୍ୟରେ ପ୍ରଭେଦ ଦେଖାଯାଏ। ଗୋଟିଏ ଦେଶର ଗ୍ରାମୀଣ ସହର ବିଭାଜନ ଅନ୍ୟ ଗୋଟିଏ ଦେଶର ଗ୍ରାମୀଣ ସହର ବିଭାଜନ ଠାରୁ ଭିନ୍ନ ଅଟେ। ତେବେ ପ୍ରତ୍ୟେକ ଦେଶରେ ଗ୍ରାମୀଣ-ସହର ବିଭାଜନ ଦେଖାଯାଏ। ଏପରିକି ଆମେରିକା ପରି ବିକଶିତ ଦେଶରେ ଗ୍ରାମୀଣ ଦାରିଦ୍ର୍ୟତା ହାର ସହରାଞ୍ଚଳ ଦାରିଦ୍ର୍ୟତା ଠାରୁ ଅଧିକ ଅଟେ।

ଗ୍ରାମ ଓ ସହର ମଧ୍ୟରେ ସମ୍ବନ୍ଧ ସତ୍ତ୍ୱେ ଗ୍ରାମ୍ୟ-ସହର ବିଭାଜନକୁ ସ୍ୱୀକାର କରାଯାଇଛି। ବିଶେଷ କରି ଭାରତରେ ଗ୍ରାମ୍ୟ-ସହର ବିଭାଜନ ସ୍ପଷ୍ଟ ଅଟେ। ଗ୍ରାମ ଓ ସହର ମଧ୍ୟରେ ବିଭିନ୍ନ ପ୍ରକାରର ବୈଷମ୍ୟ (Dispartiy) ଦେଖିବାକୁ ମିଳେ।

ପ୍ରଗତିର ପ୍ରତ୍ୟେକ ସୂଚକରେ ଗ୍ରାମ୍ୟ ଭାରତ ସହରୀ ଭାରତର ବହୁ ପଛରେ ରହିଛି। ଇଣ୍ଡିଆ (India) ବନାମ ଭାରତ ସମ୍ବନ୍ଧିତ ବିତର୍କ ନୂଆ ନୁହେଁ। ଗ୍ରାମ୍ୟ-ସହର ବିଭାଜନ ସମ୍ବନ୍ଧରେ ବିତର୍କ ବହୁ ଦିନର ଅଟେ। ଗ୍ରାମ ଓ ସହର ମଧ୍ୟରେ ଥିବା ବୈଷମ୍ୟକୁ ଦୂରକରିବା କ୍ଷେତ୍ରରେ ସାମାନ୍ୟ ପ୍ରଗତି ହାସଲ କରାଯାଇଛି। ଉଭୟ ଅଞ୍ଚଳ ମଧ୍ୟରେ ଥିବା ଫରକ ଦିନକୁ ଦିନ ବଢ଼ିବା ପରି ଲାଗୁଛି।

ମହାତ୍ମାଗାନ୍ଧି କହିଥିଲେ ଭାରତ ଗ୍ରାମଗୁଡିକ ଭିତରେ ବଞ୍ଚିଥାଏ। ଏବେବି ଭାରତର ଅଧିକାଂଶ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି। ଯଦିଓ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ବହୁ ପରିମାଣରେ ସ୍ଥାନାନ୍ତରଣ ହେଉଛି ତଥାପି ଭାରତର ପାଖାପାଖି ୬୮% ଲୋକ ଗ୍ରାମାଞ୍ଚଳରେ ବାସ କରୁଛନ୍ତି। ୧୯୯୧ ମସିହା ସାମାଜିକ-ଅର୍ଥନୈତିକ ଜନଗଣନା ଅନୁସାରେ ୭୩% ପରିବାର ଗ୍ରାମାଞ୍ଚଳରେ ରହିଛି। ଏହା ସତ୍ତ୍ୱେ ଭାରତରେ ବିକାଶ କ୍ଷେତ୍ରରେ ସହରାଞ୍ଚଳ ଉପରେ ଗୁରୁତ୍ୱ ଦିଆଯାଉଛି।

ଗ୍ରାମ୍ୟ-ସହର ପରିପ୍ରେକ୍ଷ ଦୃଷ୍ଟିରୁ ଭାରତରେ ସାମାଜିକ-ଅର୍ଥନୈତିକ ପ୍ରଗତିର ସୂଚକଗୁଡ଼ିକୁ ଆଲୋଚନା କଲେ ଗ୍ରାମ୍ୟ-ସହର ବିଭାଜନ ସମ୍ବନ୍ଧରେ ବାସ୍ତବ ଚିତ୍ର ଦେଖିବାକୁ ମିଳିବ।

### ୧. ପୂର୍ବର ମୋଟ ଘରୋଇ ଉତ୍ପାଦ ଗଠନ (Teh Gross Domestic Product)

ଉଲ୍ଲେଖଯୋଗ୍ୟ ଯେ ମୋଟ ଘରୋଇ ଉତ୍ପାଦ ପ୍ରତି କୃଷି ଓ ସମ୍ବନ୍ଧିତ ସେବାରେ ଅବଦାନ କ୍ରମାଗତଭାବେ ହ୍ରାସ ପାଉଛି। ୧୯୬୦ ମସିହାରେ କୃଷିର ଅବଦାନ ୪୨.୫୬% ଥିଲା ଯାହାକି ୧୯୧୪ ମସିହାରେ ୧୬.୯୫%କୁ ହ୍ରାସ ପାଇଛି। ସମୁଦାୟ ଜନସଂଖ୍ୟା ୭୦% ଲୋକ ଗ୍ରାମାଞ୍ଚଳରେ ବାସ କରୁଥିବା ବେଳେ ସମୁଦାୟ ଶ୍ରମ ଶକ୍ତିର ୫୦% ଏବେବି କୃଷି ଉପରେ ନିର୍ଭରଶୀଳ।

### ୨. ଗ୍ରାମୀଣ ଜୀବିକା ଓ ନିଯୁକ୍ତି (Livelihood and Employment)

୧୯୧୧ ମସିହା ସାମାଜିକ-ଅର୍ଥନୈତିକ ଜନଗଣନା ତଥ୍ୟ ଅନୁସାରେ ଗ୍ରାମୀଣ ଜୀବିକା ଓ ନିଯୁକ୍ତି ସୁବିଧା ଆତଙ୍କଜନକ ଅଟେ। ଭାରତର ତିନି ଚତୁର୍ଥାଂଶ ଭାଗ ପରିବାରର ମାସିକ ଆୟ ୫୦୦୦ ଟଙ୍କାରୁ କମ୍। ଗ୍ରାମାଞ୍ଚଳର ଅଧା ପରିବାରର ଜମିନଥାଏ।

### ୩. ଦାରିଦ୍ର୍ୟତା (Poverty)

ଗ୍ରାମାଞ୍ଚଳରେ ଦାରିଦ୍ର୍ୟତା ହାର ସହରାଞ୍ଚଳ ଅପେକ୍ଷା ଅଧିକ। ଯଦିଓ ଭାରତରେ ବିଗତ ବର୍ଷଗୁଡ଼ିକରେ ଦାରିଦ୍ର୍ୟତା ହ୍ରାସକରଣର ହାର ଅଧିକ। ରଙ୍ଗରାଜନ କମିଟି ହିସାବ ଅନୁସାରେ ଗ୍ରାମୀଣ ଦାରିଦ୍ର୍ୟତା ସହରାଞ୍ଚଳ ଦାରିଦ୍ର୍ୟତା ଅପେକ୍ଷା ଉଚ୍ଚତର ଅଟେ।

### ୪. ସାକ୍ଷରତା ସ୍ତର (Literacy Levels)

ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସାକ୍ଷରତା ହାରରେ ମଧ୍ୟ ପ୍ରଭେଦ ଦେଖାଯାଏ। ଗ୍ରାମାଞ୍ଚଳରେ ସାକ୍ଷରତା ହାର ସହରାଞ୍ଚଳ ସାକ୍ଷରତା ହାର ଠାରୁ ଯଥେଷ୍ଟ କମ୍। ଉଲ୍ଲେଖଯୋଗ୍ୟ ଯେ ଗ୍ରାମାଞ୍ଚଳରେ ସାକ୍ଷରତା କ୍ଷେତ୍ରରେ ଲିଙ୍ଗ ତାରତମ୍ୟ ମଧ୍ୟ ଦେଖାଯାଏ। ସହରାଞ୍ଚଳରେ ମହିଳାଙ୍କ ସାକ୍ଷରତା ହାର ଗ୍ରାମାଞ୍ଚଳ ମହିଳାଙ୍କ ସାକ୍ଷରତା ହାର ଠାରୁ ୨୦% ଅଧିକ। ସେହିପରି ଗ୍ରାମାଞ୍ଚଳର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିମାନଙ୍କର ସାକ୍ଷରତା ହାର ଅପେକ୍ଷା ସହରାଞ୍ଚଳରେ ସେମାନଙ୍କର ସାକ୍ଷରତା ହାର ଅଧିକ।

### ୫. ସ୍ୱାସ୍ଥ୍ୟ ସୂଚକ (Health Indicators)

ସ୍ୱାସ୍ଥ୍ୟକୁ ସମାଜର ସମ୍ପଦ ଭାବରେ ବିଚାର କରାଯାଏ। ଉତ୍ତମ ସ୍ୱାସ୍ଥ୍ୟ ଓ ପର୍ଯ୍ୟାପ୍ତ ପୁଷ୍ଟି ହେଉଛି ଜନସଂଖ୍ୟାର ସୁସ୍ଥ ଅବସ୍ଥା ଓ ମାନବ ସମ୍ବଳ ବିକାଶର ସର୍ବୋତ୍ତମ ସୂଚକ (Indicators)। କିନ୍ତୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭାଜନ ଦେଖାଯାଏ। ସ୍ୱାସ୍ଥ୍ୟର ସମସ୍ତ ସୂଚକରେ ଗ୍ରାମାଞ୍ଚଳ ସହରାଞ୍ଚଳର ବହୁ ପଛରେ ପଡ଼ିଛି। ଶିଶୁ ମୃତ୍ୟୁ ହାର, ମାତୃ ମୃତ୍ୟୁ ହାର ରକ୍ତହୀନତା ଇତ୍ୟାଦି ସ୍ୱାସ୍ଥ୍ୟ ସୂଚକରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ପ୍ରଭେଦ ଦେଖାଯାଏ।

ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ ଗ୍ରାମୀଣ-ସହର ବିଭାଜନ ସ୍ପଷ୍ଟ। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ବୈଷମ୍ୟ ରହିଛି। ସମସ୍ତ ସାମାଜିକ ଓ ଅର୍ଥନୈତିକ ଦିଗରେ ଗ୍ରାମାଞ୍ଚଳ ସହରାଞ୍ଚଳ ଠାରୁ ପଛରେ ରହିଛି। ଆମେ ଧନୀ ସହରଗୁଡ଼ିକର ଦରିଦ୍ର ଗ୍ରାମଗୁଡ଼ିକର ଏକ ଅର୍ଥ ବ୍ୟବସ୍ଥା ସୃଷ୍ଟି କରିଛୁ।

◆◆◆

# ଆଦର୍ଶ ପ୍ରଶ୍ନାବଳୀ

## Group-A
## Objective Type
## 'କ' ବିଭାଗ
## ଅତି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**ନିମ୍ନୋକ୍ତ ବିକଳ୍ପ ଗୁଡିକ ମଧ୍ୟରୁ ଠିକ୍ ଉତ୍ତର ଲେଖ।**
**(Multiple Choice Questions)**

୧. ଜାତି ଶବ୍ଦଟି କେଉଁ ଶବ୍ଦରୁ ଉଦ୍ଧୃତ ?
(କ) କାଷ୍ଟା (ଖ) ବ୍ରିଡ୍ (ଗ) ରେସ୍

୨. ଜାତି ଶବ୍ଦଟି କେଉଁ ଶବ୍ଦରୁ ଆସିଛି ?
(କ) ଗ୍ରୀକ୍ ଶବ୍ଦରୁ (ଖ) ପର୍ତ୍ତୁଗୀଜ ଶବ୍ଦରୁ (ଗ) ଫରାସୀ ଶବ୍ଦରୁ

୩. ଜାତି ଶବ୍ଦଟି ସଂସ୍କୃତ ଶବ୍ଦ ଜନ ରୁ ଆସିଅଛି ଏହାର ଅର୍ଥ ।
କ) ଜନ୍ମଲାଭ କରିବା (ଖ) ବୃତ୍ତିଲାଭ କରିବା (ଗ) ଶିକ୍ଷାଲାଭ କରିବା

୪. ଜାତିର ସଭ୍ୟପଦ
କ) ବୃତ୍ତି ଦ୍ୱାରା ସ୍ଥିରୀକୃତ (ଖ) ଜନ୍ମ ଦ୍ୱାରା ସ୍ଥିରୀକୃତ (ଗ)ବିବାହ ଦ୍ୱାରା ସ୍ଥିରୀକୃତ

୫. ଜାତି ବ୍ୟବସ୍ଥାରେ ପ୍ରସ୍ଥିତି
(କ) ଅର୍ଜିତ (ଖ)ପ୍ରଦତ୍ତ (ଗ) କେଉଁଟି ନୁହେଁ ।

୬. ଜାତି ବ୍ୟବସ୍ଥାରେ ସଭ୍ୟମାନଙ୍କର ବୃତ୍ତି
(କ) ନିର୍ଦ୍ଧାରିତ (ଖ) ପରିବର୍ତ୍ତିତ (ଗ) ଯୋଗ୍ୟତା ଭିତ୍ତିକ

୭. ଜାତିବ୍ୟବସ୍ଥାରେ ବିବାହ
(କ) ଅନ୍ତର୍ବିବାହ (ଖ) ଆନ୍ତର୍ବିବାହ (ଗ) ବହିର୍ବିବାହ

୮. ଯେତେବେଳେ ଏକ ବର୍ଗ ବା ଶ୍ରେଣୀ କେତେକାଂଶରେ ବଂଶାନୁକ୍ରମିକ ହୋଇଥାଏ ସେତେବେଳେ ଆମେ ଏହାକୁ ଏକ ଜାତି କହିଥାଉ, କିଏ କହିଛନ୍ତି ।
(କ) ମାକାଇଭର୍ ଏବଂ ପେଜ୍ (ଖ) ମଦନ ଏବଂ ମଜୁମ୍ଦାର (ଗ) ସି.ଏଚ.କୁଲେ

୯. ଜାତି ହେଉଛି ଏକ ଆବଦ୍ଧ ଏବଂ ଅନମନୀୟ ସାମାଜିକ ଶ୍ରେଣୀ ଏହି ଉକ୍ତିଟି କିଏ କହିଛନ୍ତି ?
(କ) ସାର୍ହରବର୍ଟ ରିସଲେ (ଖ) ମଦନ ଏବଂ ମଜୁମ୍ଦାର (ଗ) ଏ.ଡ୍ବଲ୍ୟୁ.ଗ୍ରୀନ୍

୧୦. ଜାତି ଏକ
(କ) ସାମାଜିକ ସମୂହ (ଖ) ରାଜନୈତିକ ସମୂହ (ଗ) ଅର୍ଥନୈତିକ ସମୂହ

୧୧. ଜାତି ଏକ

କ) ମୁକ୍ତ ବ୍ୟବସ୍ଥା (ଖ) ଆବଦ୍ଧ ବ୍ୟବସ୍ଥା (ଗ) କେଉଁଟି ନୁହେଁ

୧୨. କିଏ ଜାତିକୁ ଏକ ଆବଦ୍ଧ ସମୂହ ବୋଲି ସଂଜ୍ଞା ପ୍ରଦାନ କରିଥିଲେ ?

(କ) ସି.ଏଚ.କୁଲେ (ଖ) ମଦନ ଏବଂ ମଜୁମ୍‌ଦାର (ଗ) ବି.ଏସ.ଘୁରେ

୧୩. ପରିବାର ଶବ୍ଦଟି କେଉଁ ଶବ୍ଦରୁ ଆସିଅଛି ।

(କ) ଫାମୁଲସ୍ (ଖ) ସୋସିଅସ୍ (ଗ) ଲୋଗସ୍ (ଘ) ଅପେରାରି

୧୪. ଏକାଧିକ ସଦସ୍ୟଙ୍କୁ ନେଇ କେଉଁ ପରିବାର ସୃଷ୍ଟି ହୁଏ ।

(କ) ଯୌଥ ପରିବାର (ଖ) ଏକକ ପରିବାର (ଗ) ପିତୃତାନ୍ତ୍ରିକ ପରିବାର (ଘ) ମାତୃତାନ୍ତ୍ରିକ ପରିବାର

୧୫. କାହା ମତରେ "ଯୌଥ ପରିବାର ହେଉଛି ବ୍ୟକ୍ତିମାନଙ୍କର ଏକ ସମୂହ ଯେଉଁମାନେ ସାଧାରଣତଃ ଗୋଟିଏ ଛାତ ତଳେ ବାସ କରନ୍ତି, ଗୋଟିଏ ରନ୍ଧନଶାଳାରେ ରନ୍ଧାଯାଇଥିବା ଖାଦ୍ୟ ଖାଆନ୍ତି, ସାଧାରଣତଃ ସମ୍ପତ୍ତିର ଅଧିକାରୀ ହୋଇଥାନ୍ତି, ସାଧାରଣ ପୂଜାବିଧିରେ ଅଂଶ ନେଇଥାନ୍ତି ଓ ସେମାନେ ପରସ୍ପରର ରକ୍ତ ସମ୍ପର୍କୀୟ ହୋଇଥାନ୍ତି" ।

(କ) ଇରାବତୀ କାର୍ଭେ (ଖ) ଆଇ ପି ଦେଶାଇ (ଗ) ପିଏନ୍ ପ୍ରଭୁ (ଘ) ବର୍ଗେସ୍ ଏବଂ ଲକ୍

୧୬. କାହା ମତରେ "ଯୌଥ ପରିବାରର ମୌଳିକ ନୀତି ହେଉଛି ସପିଣ୍ଡ ବନ୍ଧନ, ଯାହା ବ୍ୟତୀତ ଯୌଥ ପରିବାର ଗଠନ କରାଯାଇ ପାରିବ ନାହିଁ" ।

(କ) ମାକାଇଭର୍ (ଖ) ସି.ବି. ମେମୋରିଆ (ଗ) ସାର୍‌ହେନେରୀ ମେନ୍ (ଘ) ଆଇ ପି ଦେଶାଇ

୧୭. ଯୌଥ ପରିବାରର ଆକାର -

(କ) କ୍ଷୁଦ୍ର (ଖ) ବୃହତ୍ (ଗ) ମଧ୍ୟମ (ଘ) କେଉଁଟି ନୁହେଁ ।

୧୮. ଯୌଥ ପରିବାର ଏକ ବୈଶିଷ୍ଟ ହେଲା:-

(କ) ଏକାନ୍ନବର୍ତ୍ତିତା (ଖ) ସାଧାରଣ ସମ୍ପତ୍ତି (ଗ) ଶ୍ରମ ବିଭାଜନ (ଘ) ସାମାଜିକ ନିୟନ୍ତ୍ରଣ

୧୯. ଯୌଥ ପରିବାରର ଲକ୍ଷଣ ହେଲା ।

(କ) କର୍ତ୍ତାଙ୍କର ଶାସନ (ଖ) ବ୍ୟକ୍ତିତ୍ୱର ବିକାଶ (ଗ) ଚିତ୍ତ ବିନୋଦନ (ଘ) ଶ୍ରମ ବିଭାଜନ

୨୦. ପିତୃତାନ୍ତ୍ରିକ ଯୌଥ ପରିବାରରେ ।

(କ) ପିତା ମୁଖ୍ୟ (ଖ) ମାତା ମୁଖ୍ୟ (ଗ) ପିତା ଓ ମାତା ଉଭୟମୁଖ୍ୟ (ଘ) କେଉଁଟି ନୁହେଁ

୨୧. ମାତୃସ୍ଥାନିକ ଯୌଥ ପରିବାର କେଉଁ ସମୁଦାୟରେ ଦେଖାଯାଏ ।

(କ) ତାରୱାଡ୍ (ଖ) ଇଲମ୍ (ଗ) ନାୟାର (ଘ) ନମ୍ବୁଦ୍ରି

୨୨. ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାର ଶତକଡ଼ା କେତେ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ?

(କ) ଶତକଡ଼ା ୬୦.୧୧ ଭାଗ ଲୋକ (ଖ) ଶତକଡ଼ା ୫୨.୬୦ ଭାଗ ଲୋକ

(ଗ) ଶତକଡ଼ା ୮୩.୩୨ ଭାଗ ଲୋକ

୨୩. ନିମ୍ନୋକ୍ତ କେଉଁଟି ଗ୍ରାମ ସମୁଦାୟର ଗୁଣ ?

(କ) ପ୍ରାଥମିକ ସଂପର୍କ (ଖ) କୃଷିଭିତ୍ତିକ ଅର୍ଥନୀତି

(ଗ) ଉପରୋକ୍ତ ସମସ୍ତ

୨୪. ନିମ୍ନୋକ୍ତ କେଉଁଟି ଗ୍ରାମ୍ୟ ସମୁଦାୟର ସ୍ତରୀକରଣର ଭିତ୍ତି ଅଟେ ।

(କ) ଶ୍ରେଣୀ ବ୍ୟବସ୍ଥା (ଖ) ଜାତି ବ୍ୟବସ୍ଥା

(ଗ) ବୃତ୍ତି

୨୫. ଗ୍ରାମ ସମୁଦାୟକୁ କିଏ ଅତି ନିକଟରୁ ଅଧ୍ୟୟନ କରିଛନ୍ତି ?

(କ) ମାକାଇଭର୍ (ଖ) ଏମ୍.ଏନ୍. ଶ୍ରୀନିବାସ

(ଗ) ରବର୍ଟ ରେଡ୍‌ଫିଲ୍ଡ୍

୨୬. "ଗ୍ରାମ ସମୁଦାୟର ଶେଷ ଯେଉଁଠି ସହର ସମୁଦାୟର ଆରମ୍ଭ ସେଇଠାରୁ", କିଏ କହିଛନ୍ତି-

(କ) ମାକାଇଭର (ଖ) କେ. ଡାଭିସ୍

(ଗ) ଗିଲିନ୍ ଓ ଗିଲିନ୍

୨୭. ନିମ୍ନୋକ୍ତ କେଉଁଟିକୁ ଗ୍ରାମ-ସହର ସଂଯୁକ୍ତତା କୁହାଯାଏ ।

(କ) ପରସ୍ପର ନିର୍ଭରଶୀଳତାକୁ

(ଖ) ଗ୍ରାମ ଉପରେ ସହର ନିର୍ଭର କରିବାକୁ

(ଗ) ସହର ଉପରେ ଗ୍ରାମର ନିର୍ଭରଶୀଳତାକୁ

୨୮. କେଉଁ ଦୁଇଟି ଦୃଷ୍ଟିକୋଣରୁ ଗ୍ରାମ ଓ ସହର ମଧ୍ୟରେ ସଂଯୁକ୍ତତାକୁ ବିଚାର କରାଯାଇଥାଏ ?

(କ) ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ

(ଖ) ସ୍ଥାନୀୟ ଓ କ୍ଷେତ୍ରୀୟ ଦୃଷ୍ଟିକୋଣରୁ

(ଗ) ଆର୍ଥିକ ଓ ସଂସ୍କୃତି ଦୃଷ୍ଟିକୋଣରୁ

୨୨. ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାର ଶତକଡ଼ା କେତେ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ?

(କ) ଶତକଡ଼ା ୬୦.୧୧ ଭାଗ ଲୋକ (ଖ) ଶତକଡ଼ା ୫୨.୬୦ ଭାଗ ଲୋକ

(ଗ) ଶତକଡ଼ା ୮୩.୩୨ ଭାଗ ଲୋକ

୨୩. ନିମ୍ନୋକ୍ତ କେଉଁଟି ଗ୍ରାମ ସମୁଦାୟର ଗୁଣ ?

(କ) ପ୍ରାଥମିକ ସଂପର୍କ (ଖ) କୃଷିଭିତ୍ତିକ ଅର୍ଥନୀତି

(ଗ) ଉପରୋକ୍ତ ସମସ୍ତ

୨୪. ନିମ୍ନୋକ୍ତ କେଉଁଟି ଗ୍ରାମ୍ୟ ସମୁଦାୟର ସ୍ତରୀକରଣର ଭିତ୍ତି ଅଟେ ।

(କ) ଶ୍ରେଣୀ ବ୍ୟବସ୍ଥା (ଖ) ଜାତି ବ୍ୟବସ୍ଥା

(ଗ) ବୃତ୍ତି

୨୫. ଗ୍ରାମ ସମୁଦାୟକୁ କିଏ ଅତି ନିକଟରୁ ଅଧ୍ୟୟନ କରିଛନ୍ତି ?

(କ) ମାକାଇଭର୍ (ଖ) ଏମ୍.ଏନ୍. ଶ୍ରୀନିବାସ

(ଗ) ରବର୍ଟ ରେଡ୍‌ଫିଲଡ଼୍

୨୬. "ଗ୍ରାମ ସମୁଦାୟର ଶେଷ ଯେଉଁଠି ସହର ସମୁଦାୟର ଆରମ୍ଭ ସେଇଠାରୁ", କିଏ କହିଛନ୍ତି-

(କ) ମାକାଇଭର (ଖ) କେ. ଡାଭିସ୍

(ଗ) ଗିଲିନ୍ ଓ ଗିଲିନ୍

୨୭. ନିମ୍ନୋକ୍ତ କେଉଁଟିକୁ ଗ୍ରାମ-ସହର ସଂଯୁକ୍ତତା କୁହାଯାଏ ।

(କ) ପରସ୍ପର ନିର୍ଭରଶୀଳତାକୁ

(ଖ) ଗ୍ରାମ ଉପରେ ସହର ନିର୍ଭର କରିବାକୁ

(ଗ) ସହର ଉପରେ ଗ୍ରାମର ନିର୍ଭରଶୀଳତାକୁ

୨୮. କେଉଁ ଦୁଇଟି ଦୃଷ୍ଟିକୋଣରୁ ଗ୍ରାମ ଓ ସହର ମଧ୍ୟରେ ସଂଯୁକ୍ତତାକୁ ବିଚାର କରାଯାଇଥାଏ ?

(କ) ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ

(ଖ) ସ୍ଥାନୀୟ ଓ କ୍ଷେତ୍ରୀୟ ଦୃଷ୍ଟିକୋଣରୁ

(ଗ) ଆର୍ଥିକ ଓ ସଂସ୍କୃତି ଦୃଷ୍ଟିକୋଣରୁ

୨୯. ନିମ୍ନୋକ୍ତ କେଉଁଟିକୁ ସ୍ଥାନୀୟ ସଂଯୁକ୍ତତା ଅନ୍ତର୍ଭୁକ୍ତ କରିଥାଏ ?

(କ) ଗ୍ରାମୀଣ ଶ୍ରମଶକ୍ତି

(ଖ) ସ୍ଥାନାନ୍ତରଣ

(ଗ) କଞ୍ଚାମାଲ ବିନିଯୋଗ

୩୦. ଉଭୟ ଗ୍ରାମ ଓ ସହର ମଧ୍ୟରେ କେଉଁ ପ୍ରକାର ସଂପର୍କ ଦେଖାଯାଏ ?

(କ) ଏକତରଫା ସଂପର୍କ

(ଖ) ପାରସ୍ପରିକ ସଂପର୍କ

(ଗ) ଉପରୋକ୍ତ କେଉଁ ଗୋଟିକ ନୁହେଁ

୩୧. ସୂଚନା ପ୍ରଯୁକ୍ତିବିଦ୍ୟା କେଉଁଠାରୁ କେଉଁଠିକୁ ପ୍ରବାହିତ ହୁଏ ?

(କ) ଗ୍ରାମରୁ ସହରକୁ (ଖ) ସହରରୁ ଗ୍ରାମକୁ

(ଗ) ଗ୍ରାମରୁ ସହରକୁ ଏବଂ ସହରରୁ ଗ୍ରାମକୁ

## (ଖ) ଗୋଟିଏ ଶବ୍ଦ କିମ୍ବା ବାକ୍ୟରେ ଉତ୍ତର ଦିଅ ।

## (Answer in one word or Sentence)

୧. ଜାତି ଶବ୍ଦର ଅର୍ଥ କଣ ?
୨. ଜାତି ଶବ୍ଦର ଇଂରାଜୀ ଶବ୍ଦ କଣ ଅଟେ ?
୩. ଜାତି ଶବ୍ଦ କେଉଁ ସଂସ୍କୃତ ଶବ୍ଦରୁ ଆସିଅଛି ?
୪. କାଷ୍ଟର ଅର୍ଥ କଣ ଅଟେ ?
୫. କେଉଁ ବ୍ୟବସ୍ଥାରେ ଉଚ୍ଚନୀଚ କ୍ରମଥାଏ ?
୬. ଜାତି କେଉଁ ପ୍ରକାର ସମୂହ ଅଟେ ?
୭. ଭାରତୀୟ ସମାଜରେ ଜାତିକୁ କେତେ ଭାଗରେ ବିଭକ୍ତ କରାଯାଇଅଛି ?
୮. କିଏ ଜାତିକୁ ଏକ ବଂଶାନୁକ୍ରମିକ ସମୂହ ବୋଲି କହିଛନ୍ତି ?
୯. କିଏ ଜାତିକୁ ଏକ ଆବଦ୍ଧ ସମୂହ ବୋଲି ବର୍ଣ୍ଣନା କରିଛନ୍ତି ?
୧୦. ଜାତି କେଉଁ ନୀତି ଉପରେ ପ୍ରତିଷ୍ଠିତ ?
୧୧. ଜି.ଏସ୍.ଘୂରେ ଜାତିର କେତେଗୋଟି ଲକ୍ଷଣ ପ୍ରଦାନ କରିଛନ୍ତି ?
୧୨. ଜାତି ବ୍ୟବସ୍ଥାରେ କେଉଁ ପ୍ରକାର ବିବାହ ପ୍ରଚଳିତ ହୁଏ ?
୧୩. ଜାତି ବ୍ୟବସ୍ଥାରେ ବୃତ୍ତି ନିର୍ବାଚନ କେଉଁ ନୀତି ଉପରେ ପ୍ରତିଷ୍ଠିତ ଥାଏ ?
୧୪. ଯୌଥ ପରିବାର କହିଲେ ତୁମେ କଣ ବୁଝ ?

୧୫. ଯୌଥ ପରିବାରର ସଂଜ୍ଞା ପ୍ରଦାନ କର ।

୧୬. ଯୌଥ ପରିବାରର ଯେ କୌଣସି ଦୁଇଗୋଟି ଲକ୍ଷଣ ଉଲ୍ଲେଖ କର ।

୧୭. ମାତୃତାନ୍ତ୍ରିକ ପରିବାରରେ କିଏ ମୁଖ୍ୟ ଅଟନ୍ତି ।

୧୮. ପିତୃତାନ୍ତ୍ରିକ ପରିବାରରେ କିଏ ମୁଖ୍ୟ ଅଟନ୍ତି ।

୧୯. ଯୌଥ ପରିବାରର ଏକ ଉପକାର ଉଲ୍ଲେଖ କର ।

୨୦. ଯୌଥ ପରିବାରର ଏକ ଅପକାର ଉଲ୍ଲେଖ କର ।

୨୧. ଯୌଥ ପରିବାରରେ ପରିବର୍ତ୍ତନ ଆଣିଥିବା ଗୋଟିଏ କାରକ ଉଲ୍ଲେଖ କର ।

୨୨. ଯୌଥ ପରିବାରର ମୁଖ୍ୟଙ୍କୁ କଣ କୁହାଯାଏ ।

୨୩. କର୍ଣ୍ଣବାଣ କହିଲେ କଣ ବୁଝ ?

୨୪. ଭାରତର ଶତକଡ଼ା କେତେ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ?

୨୫. ଓଡ଼ିଶାରେ ଗ୍ରାମାଞ୍ଚଳରେ ଶତକଡ଼ା କେତେ ଭାଗ ଲୋକ ବାସ କରନ୍ତି ?

୨୬. ୨୦୧୧ ଜନଗଣନା ଅନୁସାରେ ଭାରତରେ କେତୋଟି ଗ୍ରାମ ରହିଛି ?

୨୭. ଗ୍ରାମାଞ୍ଚଳର ମୁଖ୍ୟ ଅର୍ଥନୀତି କ'ଣ ?

୨୮. ଗ୍ରାମ୍ୟ ସମୁଦାୟରେ ସ୍ତରୀକରଣର ଭିତ୍ତି କ'ଣ ?

୨୯. ଗ୍ରାମ-ସହର ସଂଯୁକ୍ତତା କ'ଣ ?

୩୦. ସ୍ଥାନୀୟ ସଂଯୁକ୍ତତା କେଉଁଟିକୁ ଅନ୍ତର୍ଭୁକ୍ତ କରିଥାଏ ?

୩୧. ଗ୍ରାମ୍ୟ-ସହର ସଂଯୁକ୍ତିର ଗୋଟିଏ ଗୁଣ କ'ଣ ?

୩୨. ସୂଚନା ପ୍ରଯୁକ୍ତିବିଦ୍ୟା କେଉଁଠାରୁ କେଉଁଠିକୁ ପ୍ରବାହିତ ହୁଏ ।

୩୩. ଗ୍ରାମ-ସହର ବିଭାଜନ କହିଲେ କ'ଣ ବୁଝ ?

## (ଗ) ଶୂନ୍ୟସ୍ଥାନ ପୂରଣ କର ।

**(Fill in the Blanks)**

୧. ଜାତିର ଇଂରାଜୀ ଶବ୍ଦ ହେଉଛି ________ .

୨. Caste ଶବ୍ଦ __________ ଶବ୍ଦ Casta ରୁ ଉଦ୍ଧୃତ ।

୩. ଜାତି ଶବ୍ଦ ସଂସ୍କୃତ ଶବ୍ଦ ________ ରୁ ଆସିଅଛି ।

୪. ଜାତି ବ୍ୟବସ୍ଥାରେ ସଦସ୍ୟତା _________ ଦ୍ୱାରା ନିର୍ଦ୍ଧାରିତ ହୁଏ ।

୫. ଉଚ୍ଚନୀଚକ୍ରମ ଜାତିବ୍ୟବସ୍ଥାର ଏକ ________ ଅଟେ ।

୬. ନିର୍ଦ୍ଦିଷ୍ଟ ବୃତ୍ତି ଜାତିପ୍ରଥାର ଏକ ________ ଅଟେ ।

୭. __________ ଯୋଗୁଁ ଜାତି ବ୍ୟବସ୍ଥା ପ୍ରଜାତୀୟ ବିଶୁଦ୍ଧତା ରକ୍ଷାକରେ ।

୮. ___________ ଗଣତନ୍ତ୍ରକୁ ବିରୋଧ କରେ ।

୯. ଜାତି ବ୍ୟବସ୍ଥା ବ୍ୟକ୍ତିର ___________ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରେ ।

୧୦. ଯୌଥ ପରିବାରର ଆକାର ________ ଅଟେ ।

୧୧. ଯୌଥ ପରିବାରର ମୁରବୀଙ୍କୁ ________ କୁହାଯାଏ ।

୧୨. ପିତୃତାନ୍ତ୍ରିକ ପରିବାରରେ ସମ୍ପତ୍ତି ________ ଙ୍କ ଅଧିକାରରେ ଥାଏ ।

୧୩. କେରଳରେ ________ ମାନଙ୍କର ଯୌଥ ପରିବାରକୁ ଇଲମ୍ କୁହାଯାଏ ।

୧୪. ________ ଏକ ମାତୃସ୍ଥାନିକ ଯୌଥ ପରିବାର ।

## Group-B
## Short Type Questions
## 'ଖ' ବିଭାଗ
## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

### (କ) ଦୁଇ କିମ୍ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।
### (Answer in two or three Sentences)

୧. ଜାତି କହିଲେ କଣ ବୁଝ ?

୨. ଜାତିର ସଂଜ୍ଞା ପ୍ରଦାନ କର ।

୩. ସାର୍ ହରବର୍ଟ ରିସ୍‌ଲେଙ୍କ ସଂଜ୍ଞା ପ୍ରଦାନ କର ।

୪. ଜାତିର ଦୁଇଗୋଟି ଲକ୍ଷଣ ପ୍ରଦାନ କର ।

୫. ଜାତିର ଦୁଇଗୋଟି ଅପକାର୍ଯ୍ୟ ହେଲା ।

୬. ଜାତି ବ୍ୟବସ୍ଥାରେ କେଉଁ ପ୍ରକାର କଟକଣା ଥାଏ ?

୭. ଜାତି ପଞ୍ଚାୟତ କହିଲେ କଣ ବୁଝ ?

୮. ଜାତି ସଚେତନତା କଣ ?

୯. ଜାତି ବ୍ୟବସ୍ଥା କିପରି ଅର୍ଥନୈତିକ ସୁରକ୍ଷା ପ୍ରଦାନ କରିଥାଏ ?

୧୦. ଜାତି ବ୍ୟବସ୍ଥା ସାମାଜିକ ପ୍ରଗତିରେ କିପରି ପ୍ରତିବନ୍ଧକ ହୋଇଥାଏ ?

୧୧. ଜାତି ବ୍ୟବସ୍ଥା ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶରେ କିଭଳି ପ୍ରତିବନ୍ଧକ ସୃଷ୍ଟି କରିଥାଏ ?

୧୨. ଯୌଥ ପରିବାରର ସଂଜ୍ଞା ପ୍ରଦାନ କର ।

୧୩. ଯୌଥ ପରିବାର ଏକ ବୀମା କମ୍ପାନୀ ସଦୃଶ୍ୟ, ବୁଝାଇଲେଖ ।

୧୪. ଇଲମ କହିଲେ କଣ ବୁଝ ।

୧୫. ତାରୱାଡ଼ କହିଲେ କଣ ବୁଝ ।

୧୬. ଗ୍ରାମ ସମୁଦାୟର ସଂଜ୍ଞା ପ୍ରଦାନ କର ।

୧୭. ଗ୍ରାମ ସମୁଦାୟ କହିଲେ କ'ଣ ବୁଝ ?

୧୮. ଗ୍ରାମ ସମୁଦାୟର ଦୁଇଟି ଗୁଣ ଲେଖ ।

୧୯. ଗ୍ରାମ୍-ସହର ସଂଯୁକ୍ତତା କହିଲେ କ'ଣ ବୁଝ ?

୨୦. ଗ୍ରାମ-ସହର ବିଭାଜନ କହିଲେ କ'ଣ ବୁଝ ?

## (ଖ) ପାର୍ଥକ୍ୟ ଦର୍ଶାଅ ।

## (Distinguish Between)

୧. ଜାତି ବ୍ୟବସ୍ଥାର ତିନିଗୋଟି ଉପକାରିତା ଉଲ୍ଲେଖ କର ।

୨. ଜାତି ଓ ଶ୍ରେଣୀ ମଧ୍ୟରେ ତିନିଗୋଟି ପାର୍ଥକ୍ୟ ଦର୍ଶାଅ ।

୩. ପ୍ରଦତ୍ତ ପ୍ରସ୍ଥିତି ଓ ଅର୍ଜିତ ପ୍ରସ୍ଥିତି ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୪. ଜାତି ଏକ ଆବଦ୍ଧ ବ୍ୟବସ୍ଥା ବୁଝାଇ ଲେଖ ।

୫. ଜାତି ବ୍ୟବସ୍ଥାର ତିନିଗୋଟି ଅପକାରିତା ଲେଖ ।

୬. ଇଲମ୍ ଓ ତାରୱାର୍ଡ଼ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୭. ପିତୃତାନ୍ତ୍ରିକ ଓ ମାତୃତାନ୍ତ୍ରିକ ପରିବାର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

## (ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।

## (Short type Questions)

୧. ଜାତି କହିଲେ କଣ ବୁଝ ?

୨. ଜାତିର ସଂଜ୍ଞା ପ୍ରଦାନ କର ?

୩. ଜାତିର ଦୁଇଗୋଟି ଲକ୍ଷଣ ଉଲ୍ଲେଖ କର ?

୪. ଜାତି ବ୍ୟବସ୍ଥାରେ ଉଚ୍ଚନୀଚ କ୍ରମ କହିଲେ କଣ ବୁଝ ?

୫. ଅନ୍ତଃବିବାହ କହିଲେ କଣ ବୁଝ ?

୬. ଜାତି ସଚେତନତା କହିଲେ କଣ ବୁଝ ?

୭. ଜାତି କେଉଁ ଉପାୟରେ ପ୍ରଜାତୀୟ ବିଶୁଦ୍ଧତା ରକ୍ଷାକରେ ?

୮. ଜାତି ପଞ୍ଚାୟତ କହିଲେ କଣ ବୁଝ ?
୯. ଜାତି ବ୍ୟବସ୍ଥା ଶ୍ରମ ବିଭାଜନ ନୀତିକୁ କିପରି ଅନୁସରଣ କରେ ?
୧୦. ସମାଜିକ ଅସ୍ପୃଶ୍ୟତା କହିଲେ କଣ ବୁଝ ?
୧୧. କଚ୍ଚା ଖାଦ୍ୟ କଣ ?
୧୨. ପକ୍କା ଖାଦ୍ୟ କଣ ?
୧୩. ଯୌଥ ପରିବାର କେଉଁମାନଙ୍କୁ ନେଇ ଗଠିତ ।
୧୪. ଇଲମ୍ କହିଲେ କଣ ବୁଝ ।
୧୫. ତାରଓ୍ଵାଡ଼ କହିଲେ କଣ ବୁଝ ।
୧୬. ପିତୃତାନ୍ତ୍ରିକ ପରିବାର କହିଲେ କଣ ବୁଝ ।
୧୭. ମାତୃତାନ୍ତ୍ରିକ ପରିବାର କହିଲେ କଣ ବୁଝ ।

## Group - C
## Long Type Questions
## 'ଗ' ବିଭାଗ
## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧. ଜାତିର ସଂଜ୍ଞାପ୍ରଦାନ କର ଓ ଏହାର ଲକ୍ଷଣଗୁଡ଼ିକୁ ଆଲୋଚନା କର ।
୨. ଜାତିର ସଂଜ୍ଞାପ୍ରଦାନ କର ଓ ଏହାର ପ୍ରକାର୍ଯ୍ୟ ଗୁଡ଼ିକୁ ଆଲୋଚନା କର ।
୩. ଜାତିର ସଂଜ୍ଞାପ୍ରଦାନ କର । ଏହାର ଅପକାର୍ଯ୍ୟ ଗୁଡ଼ିକୁ ଆଲୋଚନା କର ।
୪. ଜାତିପ୍ରଥାର ସାମ୍ପ୍ରତିକ ପରିବର୍ତ୍ତନ ଗୁଡ଼ିକୁ ଆଲୋଚନା କର ।
୫. ଜାତି କହିଲେ କଣ ବୁଝ ? ଜାତି ଓ ଶ୍ରେଣୀ ମଧ୍ୟରେ ଥିବା ପାର୍ଥକ୍ୟ ଆଲୋଚନା କର ।
୬. ଯୌଥ ପରିବାରର ବିଶେଷ ଲକ୍ଷଣ ଗୁଡ଼ିକୁ ଆଲୋଚନା କର ।
୭. ଯୌଥ ପରିବାରର ଉପକାର ଗୁଡ଼ିକୁ ଆଲୋଚନା କର ।
୮. ଯୌଥ ପରିବାରର ଅପକାର ଗୁଡ଼ିକୁ ଆଲୋଚନା କର ।
୯. ଯୌଥ ପରିବାରର ସାଂପ୍ରତିକ ପରିବର୍ତ୍ତନ ବିଷୟରେ ଆଲୋଚନା କର ।
୧୦. ଗ୍ରାମ ସମୁଦାୟର ସଂଜ୍ଞା ପ୍ରଦାନ କରଓ ଏହାର ଗୁଣାବଳୀ ଆଲୋଚନା କର ।
୧୧. ଗ୍ରାମ-ସହର ସଂଯୁକ୍ତତା ଆଲୋଚନା କର ।
୧୨. ଭାରତରେ ଗ୍ରାମ-ସହର ବିଭାଜନ ସମ୍ବନ୍ଧରେ ଆଲୋଚନା କର ।

◆◆◆

**ତୃତୀୟ ପରିଚ୍ଛେଦ**

# ସାଂସ୍କୃତିକ ବିଭିନ୍ନତାର ଆହ୍ୱାନ

## (THE CHALLENGES OF CULTURAL DIVERSITY)

## ଜାତୀୟ ସଂହତି, ସାମ୍ପ୍ରଦାୟିକବାଦ, ଆଞ୍ଚଳିକବାଦ, ଜାତିବାଦ, ଆତଙ୍କବାଦ

**National Integration, Communalism, Regionalism, Casteism, Terrorism**

### ଜାତୀୟ ସଂହତି

**National Integration**

ଭାରତ ଏକ ଜନବହୁଳ ରାଷ୍ଟ୍ର ଅଟେ। ବିଭିନ୍ନ ପ୍ରଜାତି, ଜାତି, ଧର୍ମ, ଭାଷାଭାଷୀ ବର୍ଗର ଲୋକମାନେ ଏହି ରାଷ୍ଟ୍ରରେ ବାସକରିଥାନ୍ତି। ସଂହତି ଏକ ସଂଯୋଜକ ଅଥବା ମିଳନର ଏକ ପ୍ରତିଶବ୍ଦ ଅଟେ। ଏହା ବ୍ୟକ୍ତିକୁ ଶକ୍ତିପ୍ରଦାନ କରିଥାଏ ଏବଂ ଏହି ଶକ୍ତିକୁ ଆଧାର କରି ସମାଜରେ ସମନ୍ୱୟ ରକ୍ଷା କରିଥାଏ। ଭାରତୀୟ ସମାଜରେ ବିବିଧତା ମଧ୍ୟରେ ଏକତା ଭାବ ପରିଲକ୍ଷିତ ହୋଇଥାଏ, ଯାହା ପ୍ରତ୍ୟେକ ନାଗରୀକଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ। ଜାତୀୟ ସଂହତି ଏକ ସୁସ୍ଥ ମାନସିକତା ଅଟେ। ଫଳରେ ପ୍ରତ୍ୟେକ ନାଗରିକ ସଂକୀର୍ଣ୍ଣତା ଠାରୁ ଦୂରେଇଯାଇ ପରସ୍ପର ମୈତ୍ରୀ ଓ ଭାତୃତ୍ୱ ଭାବଧାରାରେ ବାନ୍ଧିହୋଇ ରାଷ୍ଟ୍ରର ବିକାଶ, ପ୍ରଗତି କ୍ଷେତ୍ରରେ ନିୟୋଜିତ କରିଥାନ୍ତି। ତେଣୁ ଜାତୀୟ ସଂହତି ଏକତ୍ରୀକରଣରଏକ ପ୍ରକ୍ରିୟା ଅଟେ ଯାହାଦ୍ୱାରା ବିଚ୍ଛିନ୍ନତାବାଦୀ ଶକ୍ତିଗୁଡିକର ପ୍ରାଧାନ୍ୟ ହ୍ରାସ ହୋଇଥାଏ ଏବଂ ରାଷ୍ଟ୍ର ପ୍ରତି ନାଗରିକଙ୍କ ମଧ୍ୟରେ ଆନୁଗତ୍ୟ ଭାବ ସୃଷ୍ଟି କରି ରାଷ୍ଟ୍ରର ଏକତା ଓ ଅଖଣ୍ଡତା ବଜାୟ ରଖିଥାଏ।

**ଅବଧାରଣା**

**Concept**

ସଂହତି ସଂଯୋଗର ଏକ ଶକ୍ତି ଅଟେ। ଏହି ଶକ୍ତିର ପ୍ରୟୋଗରେ ରାଷ୍ଟ୍ରର ନାଗରୀକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ସୃଷ୍ଟି ହୋଇ ଐକ୍ୟ ଏବଂ ସାର୍ବଭୌମତ୍ୱର ସୁରକ୍ଷା ପ୍ରଦାନ କରାଯାଇଥାଏ। ପ୍ରଧାନତଃ ଏହା ଶାନ୍ତି ଓ ସଦ୍‌ଭାବନା ସୃଷ୍ଟି କରିବାରେ ସହାୟକ ହୋଇଥାଏ।

ଜାତୀୟ ସଂହତିର ସଂଜ୍ଞାଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା -

ବେନ୍‌ଜାମିନ୍ (Benjamin)ଙ୍କ ମତାନୁସାରେ, "ଏକ ସାଧାରଣ ପରିଚୟ ନିମନ୍ତେ ସମଗ୍ର ଦେଶର ଜନସାଧାରଣଙ୍କର ଆତ୍ମୀକରଣ ଜାତୀୟ ସଂହତି ଅଟେ।"

"National integration is the assimilation of the entire people of a country to a common identity"

ଏଚ୍.ଏ.ଗାନି (H.A. Gani)ଙ୍କ ମତାନୁସାରେ, "ଜାତୀୟ ସଂହତି ଏକ ସାମାଜିକ, ମନସ୍ତାତ୍ତ୍ୱିକ ଏବଂ ଶୈକ୍ଷିକ ପ୍ରକ୍ରିୟା ଅଟେ ଯାହାଦ୍ୱାରା ଜନସାଧାରଣଙ୍କ ହୃଦୟରେ ଐକ୍ୟ, ସମସ୍ୱାର୍ଥତା, ସଂଯୋଗ ପ୍ରବଣତା କ୍ରିୟାଶୀଳ ହୋଇଥାଏ ଏବଂ ରାଷ୍ଟ୍ରପତି ସାଧାରଣ ନାଗରିକତ୍ୱ ଅଥବା ଆନୁଗତ୍ୟ ଭାବ ବୃଦ୍ଧି କରିବାକୁ ପ୍ରଶୟ ଦେଇଥାଏ।"

"National integration is a Socio-physiological and educational process through which a feeling of Unity, Solidarity and Cohesion develops in the heart of the people and a sense of common citizenship or feeling of loyality to the nation is fostered"

ପ୍ରଫେସର ଜି.ଏସ୍.ଘୁରେ (Prof. G.S. Ghurey)ଙ୍କ ମତାନୁସାରେ, "ଜାତୀୟ ସଂହତି ହେଉଛି, ଏକ ମନୋବୈଜ୍ଞାନିକ ଏବଂ ଶୈକ୍ଷଣିକ ପ୍ରକ୍ରିୟା, ଯେଉଁଥିରେ ଐକ୍ୟ, ଦୃଢ଼ତା ଓ ପାରସ୍ପରିକ ସମ୍ପର୍କ ପ୍ରତିଷ୍ଠା ଇତ୍ୟାଦି ଭାବନାର ବିକାଶ ସଂଶ୍ଳିଷ୍ଟ ଥାଏ ଓ ଲୋକମାନଙ୍କ ମଧ୍ୟରେ ସାଧାରଣ ନାଗରିକ ଭାବନା ତଥା ରାଷ୍ଟ୍ରପତି ଆନୁଗତ୍ୟଭାବ ଦେଖିବାକୁ ମିଳିଥାଏ।"

ବିନୋବା ଭାବେ (Binoba Bhabe)ଙ୍କ ମତାନୁସାରେ, "ଜାତୀୟ ସଂହତି ହେଉଛି ଏକ ଭାବାତ୍ମକ ଐକ୍ୟ, ଭାତୃଭାବ ଏବଂ ଜାତିପ୍ରେମରେ ଏପରି ଏକ ଦୃଢ଼ ଭାବନା, ଯାହାକି ଦେଶର ସମସ୍ତ ଅଧିବାସୀମାନଙ୍କୁ ଆପଣାର ବ୍ୟକ୍ତିଗତ, ଆଞ୍ଚଳିକ, ଧାର୍ମିକ ଓ ଭାଷାଗତ ବିଚ୍ଛିନ୍ନତାକୁ ଭୁଲିଯିବା ପାଇଁ ସହାୟତା ପ୍ରଦାନ କରିଥାଏ।"

ଉପରୋକ୍ତ ସଂଜ୍ଞା ଗୁଡ଼ିକରୁ ଜଣାପଡ଼େ ଯେ, ଜାତୀୟ ସଂହତି ଏକ ଭାବ ଉଦ୍ଦିପକ ପ୍ରକ୍ରିୟା ଅଟେ। ଏହା ଫଳରେ ସାମାଜିକ, ସାଂସ୍କୃତିକ ଐକ୍ୟ ରାଷ୍ଟ୍ରରେ ଉଦ୍ରେକ କରାଯାଇଥାଏ। ବିବିଧତା ମଧ୍ୟରେ ଏକତାର ସ୍ୱର ରାଷ୍ଟ୍ରର କୋଣେ କୋଣେ ପ୍ରତିଧ୍ୱନିତ ହୋଇଥାଏ। ଜାତୀୟ ସଂହତିର କେତେକ ପ୍ରଧାନ ଲକ୍ଷଣ ନିମ୍ନରେ ଆଲୋଚନା କରାଯାଇଅଛି।

**(୧) ଜାତୀୟ ସଂହତି ଏକ ସାମାଜିକ ଏବଂ ମନୋବୈଜ୍ଞାନିକ ପ୍ରକ୍ରିୟା ଅଟେ (National Integration is a Social and Psychological Process) :** ରାଷ୍ଟ୍ରର ନାଗରିକମାନଙ୍କ ମଧ୍ୟରେ ସୁସମ୍ପର୍କ, ସଦ୍‌ଭାବନା ସୃଷ୍ଟି କରାଇବାରେ ଜାତୀୟ ସଂହତି ସହାୟକ ହୋଇଥାଏ। ପ୍ରତ୍ୟେକଙ୍କ ମଧ୍ୟରେ ଆମ ଭାବନା ଜାଗ୍ରତ ହୋଇଥାଏ ଫଳରେ ଜନସାଧାରଣଙ୍କର ରାଷ୍ଟ୍ର ପ୍ରତି ଦାୟିତ୍ୱ ଓ ଉତ୍ତରଦାୟିତ୍ୱ ବୃଦ୍ଧି ହୋଇ ରାଷ୍ଟ୍ରର ସଂହତି ରକ୍ଷା କରିବାରେ ସହାୟକ ହୋଇଥାଏ। ଏହି ଜାତୀୟତା ଭାବ ସାମାଜିକ ସମନ୍ୱୟ ରକ୍ଷା କରିବା ସହିତ ଜାତୀୟ ଅଖଣ୍ଡତାକୁ ଗୁରୁତ୍ୱ ପ୍ରଦାନ କରିଥାଏ। ରାଷ୍ଟ୍ରରେ ଶାନ୍ତି ଓ ସଦ୍‌ଭାବନା ସୃଷ୍ଟି ନାଗରିକମାନଙ୍କର ମାନସିକ ସ୍ଥିରତା ଆଣିପାରିଥାଏ ଏବଂ ବ୍ୟକ୍ତି ଓ ସମାଜ ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରିଥାଏ।

**(୨) ଜାତୀୟ ସଂହତି ଏକ ସକରାତ୍ମକ ପ୍ରକ୍ରିୟା ଅଟେ (National Integration is a Positive Process) :** ଜାତୀୟ ସଂହତି ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟିକରିଥାଏ ଏବଂ ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ ଆମେ ଭାବନା ଉଦ୍ରେକ କରିଥାଏ । ଏହାହିଁ ରାଷ୍ଟ୍ରୀୟ ମନୋଭାବକୁ ସୁଦୃଢ଼ କରି ରାଷ୍ଟ୍ରର ବିକାଶଧାରାକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇଥାଏ । ଭାରତୀୟଙ୍କ ଆଚରଣକୁ ଶୃଙ୍ଖଳିତ କରିଥାଏ ଏବଂ ସେମାନଙ୍କ ମନରେ ଜାତୀୟତା ଭାବ ସୃଷ୍ଟି କରିଥାଏ । ତେଣୁ ଏହି ସକରାତ୍ମକ ଧାରାଟି ସାମାଜିକ ସମନ୍ୱୟ ରକ୍ଷା କରିବାରେ ସହାୟକ ହୋଇଥାଏ । ରାଷ୍ଟ୍ରରେ ଐକ୍ୟ ସ୍ଥାପନ କରିଥାଏ ଏବଂ ବିବିଧତା ମଧ୍ୟରେ ଏକତା ସ୍ଥାପନ କରିବାରେ ଜାତୀୟ ସଂହତି ଏକ ସହାୟକ ଭୂମିକା ଗ୍ରହଣ କରିଥାଏ । ଏହା ଦେଶର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବାରେ ସମର୍ଥ ହୋଇଥାଏ ।

**(୩) ଜାତୀୟ ସଂହତି ଏକ ବ୍ୟାପକ ପ୍ରକ୍ରିୟା ଅଟେ (National Integration is a Comprehensive Process) :** ଜାତୀୟ ସଂହତି ପ୍ରଭାବ ରାଜନୈତିକ, ଭାବନାତ୍ମକ, ସାଂସ୍କୃତିକ, ନୈତିକ, ସାମାଜିକ, ଆର୍ଥିକ ବିଭାବ ଉପରେ ପଡ଼ିଥାଏ । ଏହି ସଂଯୋଜକ ପ୍ରକ୍ରିୟା ବିଭିନ୍ନ ବିଭାବ ମଧ୍ୟରେ ସମନ୍ୱୟ ସ୍ଥାପନ କରିଥାଏ ଏବଂ ସାଂଗଠନିକ ଦକ୍ଷତା ବୃଦ୍ଧି କରିଥାଏ । ଏକ ସାଧାରଣ ବିଚାରଧାରାରେ ରାଷ୍ଟ୍ରର ସଦସ୍ୟଗଣ ଏକତ୍ରିତ ହୋଇଥାନ୍ତି । ରାଷ୍ଟ୍ରର ଭଲମନ୍ଦ ପ୍ରତି ସଚେତନ ହୋଇଥାନ୍ତି । ଦେଶର ମର୍ଯ୍ୟାଦା ରକ୍ଷା କରିବାରେ ପ୍ରତ୍ୟେକ ନାଗରିକ ପ୍ରାଧାନ୍ୟ ଦେଇଥାନ୍ତି ।

**(୪) ଜାତୀୟ ସଂହତି ବିବିଧତା ମଧ୍ୟରେ ଏକତାର ଅନୁଭବ ଶକ୍ତି ଅଟେ । (National Integration is the Feeling of Unity within Diversity):** ଜାତୀୟ ସଂହତି ଏକ ସଂଯୋଜକକାରୀ ଶକ୍ତି ଅଟେ । ଏହି ଶକ୍ତିର ବ୍ୟବହାର ରାଷ୍ଟ୍ରର ନାଗରିକମାନଙ୍କ ମଧ୍ୟରେ ବିଶେଷ ଭାବରେ ପରିଲକ୍ଷିତ ହୋଇଥାଏ । ବିଭିନ୍ନ ଧର୍ମ, ଜାତି, ପ୍ରଜାତିର ଲୋକମାନେ ଭାରତବର୍ଷରେ ବାସ କରିଥାନ୍ତି । ଜାତୀୟ ସଂହତି ପରସ୍ପର ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାରେ ସହାୟକ ହୋଇଥାଏ । ଦେଶ ପ୍ରତି ଆନୁଗତ୍ୟଭାବ ବୃଦ୍ଧି ପାଇଥାଏ । ନିଃସ୍ୱାର୍ଥପର ସେବା ହିଁ ପରମଧର୍ମ ବୋଲି ରାଷ୍ଟ୍ରର ସଦସ୍ୟଗଣ ଅନୁଭବ କରିଥାନ୍ତି । ଏକ ସାଧାରଣ ଅନୁଭବ ଜନସାଧାରଣଙ୍କ ମନରେ ଦେଶପ୍ରୀତି ଭାବ ଜାଗ୍ରତ କରିଥାଏ ।

**(୫) ଜାତୀୟ ସଂହତି ଜାତୀୟ ସ୍ୱାର୍ଥକୁ ଗୁରୁତ୍ୱ ପ୍ରଦାନ କରିଥାଏ । (National Integration gives importance to National Interest) :** ଜାତୀୟ ସଂହତି ଜାତୀୟ ସ୍ୱାର୍ଥକୁ ଗୁରୁତ୍ୱ ପ୍ରଦାନ କରିଆସୁଅଛି । ରାଷ୍ଟ୍ରର ହିତସାଧନ ନିମନ୍ତେ ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଇଥାଏ । ବିଭିନ୍ନ ଧର୍ମର ଲୋକମାନେ ଭାରତରେ ବାସ କରୁଥିଲେ ମଧ୍ୟ ସେମାନଙ୍କ ମନରେ ଧର୍ମନୀରପେକ୍ଷ ଭାବ ସଦାସର୍ବଦା ରହିଥାଏ । ଏହି ଭାବ ଶାନ୍ତି ଓ ମୈତ୍ରୀ ସ୍ଥାପନ କରିବାରେ ସହାୟକ ହୋଇଥାଏ । ଏପରିକି ବ୍ୟକ୍ତି ନିଜର ସ୍ୱାର୍ଥକୁ ଗୁରୁତ୍ୱ ଦେଇନଥାଏ । ଦେଶର ହିତ ନିମନ୍ତେ ଯେ କୌଣସି ସମସ୍ୟାର ସମ୍ମୁଖୀନ ହେବାପାଇଁ ସେ ମଧ୍ୟ ପ୍ରସ୍ତୁତ ଥାଏ ।

**(୬) ଜାତୀୟ ସଂହତି ଆନୁଗତ୍ୟ ଭାବକୁ ପ୍ରଶୟ ଦେଇଥାଏ । (National Integration fosters loyality) :** ରାଷ୍ଟ୍ରର ବିକାଶର ଧାରାରେ ଆନୁଗତ୍ୟ ଭାବ ବିଶେଷ ସହାୟକ ହୋଇଥାଏ । ଜାତୀୟ ସଂହତି ଏକ

ଶକ୍ତି ଅଥବା ସଂଯୋଜକ ଧାରା ଯାହା ନାଗରିକମାନଙ୍କର ଦେଶ ପ୍ରତି ଅନୁରକ୍ତି ଭାବକୁ ତ୍ୱରାନ୍ୱିତ କରିଥାଏ। ଅନୁରକ୍ତି ବିଶ୍ୱାସରୁ ସୃଷ୍ଟି ହୋଇଥାଏ ଏବଂ ଏହା ସଂହତି ମାଧ୍ୟମରେ ବିବିଧତା ମଧ୍ୟରେ ଏକତା ସୃଷ୍ଟି କରିଥାଏ। ପରସ୍ପର ଦାୟିତ୍ୱବୋଧ ପ୍ରତି ସଚେତନ ହୋଇ ରାଷ୍ଟ୍ରର ଉନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି। ସଦ୍‌ଭାବନା ପ୍ରତ୍ୟେକଙ୍କର କାର୍ଯ୍ୟଶୈଳୀକୁ ଶୃଙ୍ଖଳିତ କରିଥାଏ ଏବଂ ପରସ୍ପର ମଧ୍ୟରେ ଥିବା ଭେଦଭାବକୁ ଦୂରକରିଥାଏ।

**(୭) ଜାତୀୟ ସଂହତି ରାଷ୍ଟ୍ରଭକ୍ତି ଓ ଦେଶପ୍ରେମକୁ ପ୍ରାଧାନ୍ୟ ଦେଇଥାଏ। (National Integration gives Importance to and Patriotism) :** ଜାତୀୟ ସଂହତି ମାଧ୍ୟମରେ ରାଷ୍ଟ୍ରର ନାଗରିକମାନଙ୍କ ମଧ୍ୟରେ ରାଷ୍ଟ୍ରଭକ୍ତି ଓ ଦେଶପ୍ରେମ ଭାବ ସୃଷ୍ଟି ହୋଇଥାଏ। ଭାରତମାତାର ସନ୍ତାନ ସନ୍ତତୀ ଭାବରେ ପ୍ରତ୍ୟେକ ଗର୍ବ ଅନୁଭବ କରିଥାନ୍ତି ଏବଂ ଭାରତର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜକୁ ନିୟୋଜିତ କରିଥାନ୍ତି। ଭାରତର ଗୌରବକୁ ବଜାୟ ରଖିବାପାଇଁ ବିଶେଷ ଧ୍ୟାନ ଦେଇଥାନ୍ତି। ପ୍ରତ୍ୟେକ ନାଗରିକ ସହଯୋଗର ହାତ ବଢ଼ାଇ ଆଞ୍ଚଳିକବାଦର ଊର୍ଦ୍ଧ୍ୱରେ ରହିଥାନ୍ତି ସେମାନେ। ସଂକୀର୍ଣ୍ଣତା ଠାରୁ ଦୂରେଇ ଉଦାରବାଦକୁ ଆପଣେଇ ନେଇଥାନ୍ତି।

ଉପରୋକ୍ତ ଆଲୋଚନାରୁ ଜଣାପଡ଼େ ଯେ, ଜାତୀୟ ସଂହତି ଦେଶର ନାଗରିକଙ୍କ ମନରେ ସ୍ୱ-ଜାତୀୟ ଭାବ ସୃଷ୍ଟି କରିଥାଏ। ଜାତୀୟ ସଂହତି ରାଜନୈତିକ ସ୍ଥିରତା ଆଣିବା ସହିତ ଆବେଗିକ ସଂହତିକୁ ବିଶେଷ ଗୁରୁତ୍ୱ ଦେଇଥାଏ। ରାଷ୍ଟ୍ରର ଗଣତାନ୍ତ୍ରିକ ବ୍ୟବସ୍ଥା, ଧର୍ମନୀରପେକ୍ଷବାଦ, ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ଜାତୀୟ ଉତ୍ସବ, ପରସ୍ପର ନିର୍ଭରଶୀଳତା, ଗଣମାଧ୍ୟମ, ଜାତୀୟ ପ୍ରତୀକ ଇତ୍ୟାଦି ଜାତୀୟ ସଂହତିର ମୂଳଦୂଆକୁ ସୁଦୃଢ଼ କରିଥାଏ। ଜାତି, ଧର୍ମ, ବର୍ଣ୍ଣ, ଆଞ୍ଚଳିକ, ନିର୍ବିଶେଷରେ ପ୍ରତ୍ରେକ ରାଷ୍ଟ୍ରର ନାଗରିକ ଓ ପ୍ରତ୍ୟେକଙ୍କର ସମାନ ଅଧିକାର ରହିଅଛି। ଏହାହିଁ ଜାତୀୟ ସଂହତିର ଗୁରୁତ୍ୱ ବା ପ୍ରାଧନ୍ୟ ଅଟେ। ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ଓ ଲୋକଙ୍କ ଦ୍ୱାରା ଯେଉଁ ଗଣତାନ୍ତ୍ରିକ ବ୍ୟବସ୍ଥା ଭାରତୀୟ ରାଷ୍ଟ୍ରକୁ ନିୟନ୍ତ୍ରିତ ଓ ପରିଚାଳିତ କରୁଅଛି ତାହା ରାଷ୍ଟ୍ରରେ ସଂହତି ସ୍ଥାପନ କରି ସ୍ୱତନ୍ତ୍ର ଭାତୃଭାବ ସୃଷ୍ଟି କରିଥାଏ ଏବଂ ନାଗରିକଙ୍କର ସହନଶୀଳତା ଭାବ ସାମୁହିକ ଉଦ୍ୟମକୁ ପ୍ରୋତ୍ସାହିତ କରିଥାଏ।

**ଜାତୀୟ ସଂହତିର ପ୍ରତିବନ୍ଧକମାନ (Obstacles of National Integration)**

ଭାରତବର୍ଷ ଏକ ପ୍ରାଚୀନ ଦେଶ ଅଟେ। ଏହାର ଧର୍ମ ଓ ସଂସ୍କୃତି ପୁରାତନ ଅଟେ। ବିଶ୍ୱର ବହୁ ପ୍ରାଚୀନ ସଭ୍ୟତା ମଧ୍ୟରେ ଭାରତୀୟ ସଭ୍ୟତା ଏକ ପ୍ରମୂଖ ସ୍ଥାନ ଗ୍ରହଣ କରି ଆସୁଅଛି। ଏହି ଦେଶର ଜାତୀୟ ସଂହତି ଇଂରେଜ ଶାସନ ସମୟରୁ ହିଁ ପରିଲକ୍ଷିତ ହୋଇଥିଲା ଏବଂ ଭାରତୀୟ ଦର୍ଶନ, ଧର୍ମ ଚେତନା, ପ୍ରଥା, ପରମ୍ପରା, ନୈତିକ ମୂଲ୍ୟବୋଧ ଜାତୀୟ ସଂହତିର ମୂଳମନ୍ତ୍ର ହୋଇଗଲା। ଏହି ରାଷ୍ଟ୍ରରେ ଅନେକ ବୈଦେଶିକ ଆକ୍ରମଣ ହୋଇଅଛି। ବିଭିନ୍ନ ଧର୍ମ ଓ ସଂସ୍କୃତିର ପ୍ରସାରଣ ଏକ ସମନ୍ୱୟର ବାର୍ତ୍ତା ବହନ କରି ଆସୁଅଛି। ସମାଜବିଜ୍ଞାନୀ ପ୍ରଫେସର ଏମ୍.ଏନ୍.ଶ୍ରୀନିବାସଙ୍କ ମତରେ "ହିନ୍ଦୁବାଦରେ ଐକ୍ୟଭାବ ଏକ ଅବିଚ୍ଛେଦ୍ୟ ଗୁଣ ଅଟେ। ମାଟିର ପ୍ରତ୍ୟେକ କୋଣ ଅନୁକୋଣରେ ହିନ୍ଦୁ ତୀର୍ଥଯାତ୍ରୀଙ୍କ ନିମନ୍ତେ ପବିତ୍ର କେନ୍ଦ୍ରମାନ ରହିଅଛି। ହିନ୍ଦୁମାନଙ୍କ ବ୍ୟତିତ ଶିଖ, ଜୈନ ଓ ବୌଦ୍ଧ ଧର୍ମୀୟଙ୍କ ପାଇଁ ମଧ୍ୟ ଭାରତ ଏକ ପବିତ୍ର ସ୍ଥାନ ଅଟେ। ମୁସଲମାନ ଓ ଖ୍ରୀଷ୍ଟିଆନ୍‌ମାନଙ୍କର ମଧ୍ୟ ଅଧିକାଂଶ ପବିତ୍ର ତୀର୍ଥ ସ୍ଥାନ ଏହି ଭାରତରେ ରହିଅଛି।

'ବସୁଧୈବ କୁଟୁମ୍ବକମ୍' ଭାବକୁ ଗ୍ରହଣ କରି ଏକ ଶାନ୍ତି ଓ ମୈତ୍ରୀର ବାତାବରଣ ସୃଷ୍ଟି କରିବା ଓ ଦେଶରେ ସଂହତି ସ୍ଥାପନ କରିବା ଭାରତୀୟ ସଂସ୍କୃତିର ବିଶେଷତ୍ୱ ଅଟେ । ତେଣୁ ଜାତୀୟ ସଂହତି ଏକ ଗଠନମୂଳକ ଭାବନା ଅଟେ । ଏହା ଭାରତୀୟଙ୍କ ଭାବନାରେ ଦେଶାତ୍ମକବୋଧ ଜାଗ୍ରତ କରିଥାଏ । କିନ୍ତୁ ପରିବର୍ତ୍ତୀତ ପ୍ରବାହ ଫଳରେ ଭାରତୀୟ ସମାଜରେ ପରିବର୍ତ୍ତମାନ ଦେଖାଯାଉଅଛି ଏବଂ ଜାତୀୟ ସଂହତି ପ୍ରତି ବିପଦ ଦେଖାଦେଇଛି । ଫଳରେ ଭାରତୀୟ ସମାଜରେ ଅନେକ ସମସ୍ୟାଗୁଡିକ ପରିଲକ୍ଷିତ ହେଉଅଛି । ସେଥିମଧ୍ୟରୁ ସାଂପ୍ରଦାୟିକବାଦ, ଆଞ୍ଚଳିକବାଦ, ଜାତିବାଦ, ଆତଙ୍କବାଦ ଇତ୍ୟାଦି ଭାରତୀୟ ସମାଜରେ ସାମାଜିକ, ସାଂସ୍କୃତିକ, ଆର୍ଥିକ, ମାନସିକ ଦ୍ୱନ୍ଦ ଏବଂ ସଂକଟ ସୃଷ୍ଟି କରିଆସୁଅଛି ।

ସେହି ବାଧକଗୁଡିକ ନିମ୍ନରେ ଆଲୋଚନା କରାଗଲା ।

## ସାମ୍ପ୍ରଦାୟିକବାଦ
## Communalism

### ସାମ୍ପ୍ରଦାୟିକବାଦର ଅର୍ଥ
### Meaning of Communalism

ଗୋଟିଏ ଧର୍ମର ନିଜ ଧର୍ମ ପ୍ରତି ଅନ୍ଧ ଆନୁଗତ୍ୟ ଭାବରୁ ସାମ୍ପ୍ରଦାୟିକବାଦର ସୃଷ୍ଟି ହୋଇଅଛି । ଏହି ବିଚାରଧାରା ସ୍ୱାର୍ଥ କେନ୍ଦ୍ରିକ ଅଟେ । ଏହା ଏକ ବିଶ୍ୱାସ ଉପରେ ଆଧାରିତ ହୋଇଥାଏ ଏବଂ ଦୁଇ ସମ୍ପ୍ରଦାୟର ଧର୍ମ ଓ ବିଚାରଧାରାକୁ ନେଇ ଦ୍ୱନ୍ଦ ଓ ସାମାଜିକ ସଂକଟ ସୃଷ୍ଟି କରିଥାଏ । ଫଳରେ ଏହା ସମାଜରେ ଉତ୍ତେଜନା ଏବଂ ଦଙ୍ଗା ଇତ୍ୟାଦି ସାମାଜିକ ବିଶୃଙ୍ଖଳା ସୃଷ୍ଟି କରିଥାଏ । ପ୍ରତ୍ୟେକ ସମ୍ପ୍ରଦାୟର ବିଚାରଧାରା, ନୀତି, ଆଦର୍ଶ ଇତ୍ୟାଦି ଭିନ୍ନ ଥିବାରୁ ଏହା ସମସ୍ତ ନାଗରୀକଙ୍କ ଦ୍ୱାରା ଗ୍ରହଣୀୟ ହୋଇନଥାଏ । ଫଳସ୍ୱରୂପ, ଏହି ବିବିଧତା ସମ୍ପ୍ରଦାୟ ମଧ୍ୟରେ ମନାନ୍ତର, ମତାନ୍ତର ହୋଇ ସଂଘର୍ଷ ଓ ଅବିରତ ଉଦ୍‌ବେଗର କାରଣ ହୋଇଯାଏ । ଏହାର ପ୍ରଭାବରେ ଏକ ହିଂସାତ୍ମକ ମନୋଭାବ ଉଗ୍ରରୂପ ମଧ୍ୟ ନେଇଥାଏ । ପରସ୍ପର ମଧ୍ୟରେ ହିଂସା ଓ ଅସୂୟତାର ବାତାବରଣ ସୃଷ୍ଟି ହୋଇଯାଏ । ଶତ୍ରୁତା ସୃଷ୍ଟି କରି ସମାଜକୁ ବିଶୃଙ୍ଖଳିତ କରିବା ସାମ୍ପ୍ରଦାୟିକତାର ଧର୍ମ ଅଟେ ବୋଲି ଗ୍ରହଣ କରାଯାଇଥାଏ । ପରିବେଶ ଅସ୍ୱାଭାବିକ ହୋଇଯାଏ ।

ସାମ୍ପ୍ରଦାୟିକବାଦର ସଂଜ୍ଞାଗୁଡିକ ନିମ୍ନରେ ଉଲ୍ଲେଖ କରାଗଲା ।

ରବର୍ଟ ମେଲସନ୍ ଓ ହାୱାର୍ଡ ୱଲ୍ପ (Robert Molson & Aoward Wolpe) ଙ୍କ ମତରେ, "ଆଧୁନିକୀକରଣ ପ୍ରକ୍ରିୟା ମଧ୍ୟରେ ଗତି କରୁଥିବା ଏକ ବହୁଗୋଷ୍ଠୀ ବିଶିଷ୍ଟ ସମାଜରେ ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଅଥବା ନିଜତ୍ୱକୁ ପ୍ରତିଷ୍ଠା କରିବା ନିମନ୍ତେ କୌଣସି ଗୋଷ୍ଠୀର ଦୃଢ଼ ରାଜନୀତିକ ଦାବି ସାମ୍ପ୍ରଦାୟିକତା ଅଟେ ।"

Communalism is the political assertiveness of a community to maintain its' identity in a plaral society undergoing modernisation

ପ୍ରଭା ଦୀକ୍ଷିତ୍ (Prabha Dixit) ଙ୍କ ମତାନୁସାରେ, "ସାମ୍ପ୍ରଦାୟିକତା ଏକ ରାଜନୈତିକ ସିଦ୍ଧାନ୍ତ, ଯାହା ଧର୍ମ ଓ ସଂସ୍କୃତିଗତ ପାର୍ଥକ୍ୟଗୁଡିକୁ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ନିୟୋଜିତ କରିଥାଏ ।"

Commualism is a political doctrine which makes use of religio-cultural differences to achieve political ends

ଅବଦୁଲ ଅହମ୍ମଦ (Abdul Ahmad) ଙ୍କ ମତରେ, "ସାମ୍ପ୍ରଦାୟିକତା ଏକ ସାମାଜିକ ଘଟଣା ଯାହାକି ଦୁଇ ସମ୍ପ୍ରଦାୟର ଧର୍ମକୁ ନେଇ ପୁଷ୍ଟ ଏବଂ ଏହା ବେଳେବେଳେ ସେମାନଙ୍କୁ ଉଗ୍ରତା, ଉତ୍ତେଜନା ଓ ଦଙ୍ଗାଆଡ଼କୁ ଟାଣିନେଇଥାଏ।"

Communalism as a Social Phenomenon Characterised by the religion of two communities, other leading to acrimony, tension and ever rioting between them.

ବିପିନ ଚନ୍ଦ୍ରା (Bipin Chandra) ଙ୍କ ମତାନୁସାରେ, "ସାମ୍ପ୍ରଦାୟିକତା ଏକ ବିଶ୍ୱାସ ଉପରେ ଆଧାରିତ ଯେଉଁଥିରେ ଧାର୍ମିକ ପାର୍ଥକ୍ୟ ବା ବିବିଧତା ଅନ୍ୟ ସମସ୍ତ ବିବିଧତାର ଉର୍ଦ୍ଧ୍ୱରେ ଥାଏ।"

The concept of Communalism is based on the belief that religious distinction overrides all other distinctions.

ଉପରୋକ୍ତ ସଂଜ୍ଞାଗୁଡ଼ିକୁ ଆଲୋଚନା କଲେ ଜଣାପଡ଼େ ଯେ, ସାମ୍ପ୍ରଦାୟିକତା ଜାତୀୟ ସଂହତିର ଏକ ମୁଖ୍ୟ ବାଧକ ଅଟେ। ଭାରତରେ ବିଭିନ୍ନ ସମୁଦାୟ, ନେତାଙ୍କ ସମୂହ ଏବଂ କେତେକ ବର୍ଗର ଲୋକମାନେ ନିଜର ସ୍ୱାର୍ଥସାଧନ ନିମନ୍ତେ ସାମୂହିକ ତଥା ରାଷ୍ଟ୍ରର କଲ୍ୟାଣକୁ ଧ୍ୟାନ ଦେଇ ନଥାନ୍ତି। ଏଥି ସହିତ ରାଷ୍ଟ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିକରି ରାଷ୍ଟ୍ରକୁ ବିଶୃଙ୍ଖଳିତ କରିଥାନ୍ତି।

## ସାମ୍ପ୍ରଦାୟିକବାଦର ଗୁଣାବଳୀ

### Charactoristics of Communalism

ସାମ୍ପ୍ରଦାୟିକବାଦର ଗୁଣାବଳୀ ବା ବୈଶିଷ୍ଟ୍ୟଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା।

(୧) ସାଂପ୍ରଦାୟିକବାଦ ଏକ ଗୋଷ୍ଠୀଗତ ବିଚାରଧାରା ଅଟେ। ଏହା ଗୋଷ୍ଠୀର ସାମୁହିକ ଆବେଗକୁ ଗୁରୁତ୍ୱ ପ୍ରଦାନ କରିଥାଏ ଏବଂ ଏଥି ସହିତ ଅନ୍ୟ ସଂପ୍ରଦାୟ ପ୍ରତି ଏକ ନକାରାତ୍ମକ ମନୋଭାବ ପୋଷଣ କରିଥାଏ ଯାହା ପରବର୍ତ୍ତୀ ସମୟରେ ବିଶୃଙ୍ଖଳା, ଦଙ୍ଗାର କାରଣ ହୋଇଥାଏ।

(୨) ସାଂପ୍ରଦାୟିକବାଦ ସମାଜରେ ପ୍ରଚଳିତ ପ୍ରଥା, ପରମ୍ପରାକୁ ପ୍ରାଥମିକ ଗୁରୁତ୍ୱପ୍ରଦାନ କରିଥାଏ। ପ୍ରତ୍ୟେକ ସଂପ୍ରଦାୟର ସ୍ୱତନ୍ତ୍ର ପ୍ରଥା, ବ୍ୟବହାରିକ ପଦ୍ଧତି, ପରମ୍ପରା, ପୂଜାବିଧି ଇତ୍ୟାଦି ରହିଅଛି। ସେହି ସଂପ୍ରଦାୟର ସଦସ୍ୟଗଣ ସେହି ପ୍ରଥା, ପରମ୍ପରା, ରୀତି, ନୀତି ଦୈନନ୍ଦିନ ଜୀବନରେ ବ୍ୟବହାର କରିଥାନ୍ତି। ନିଜ ସମୁଦାୟ ବା ଗୋଷ୍ଠୀର ବ୍ୟବହାରିକ ପଦ୍ଧତିକୁ ପ୍ରାଧାନ୍ୟ ଦେଇ ଅନ୍ୟ ଗୋଷ୍ଠୀର ପ୍ରଥା, ପରମ୍ପରାକୁ ଗୌଣ ମନେ କରିଥାନ୍ତି।

(୩) ସାମ୍ପ୍ରଦାୟିକବାଦ ଅନ୍ୟ ଧର୍ମ ଓ ଏହାର ମୂଲ୍ୟବୋଧର ଗୁରୁତ୍ୱକୁ ହ୍ରାସ କରାଇଥାଏ। ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ପ୍ରତ୍ୟେକ ସଦସ୍ୟ ନିଜ ସମ୍ପ୍ରଦାୟ ପ୍ରତି ଅନ୍ଧ ଆନୁଗତ୍ୟ ଭାବ ପୋଷଣ କରିଥାନ୍ତି। ନିଜ ଧର୍ମ, ଜାତି, ବର୍ଗ, ସମ୍ପ୍ରଦାୟର ବିଚାର ଓ ଭାବଧାରାକୁ ଉତ୍କୃଷ୍ଟ ମନେ କରିଥାନ୍ତି ଏବଂ ଅନ୍ୟ ସମ୍ପ୍ରଦାୟକୁ ନିକୃଷ୍ଟ ଦୃଷ୍ଟିରେ ଦେଖିଥାନ୍ତି। ଫଳରେ ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ମୂଲ୍ୟବୋଧିତ ବିଚାରକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ।

(୪) ସାମ୍ପ୍ରଦାୟିକବାଦ ଅନ୍ୟ ଧର୍ମ ପ୍ରତି ଅନାଦରଭାବ ପୋଷଣ କରିଥାଏ। ସମ୍ପ୍ରଦାୟର ସଦସ୍ୟମାନଙ୍କ ମଧ୍ୟରେ ବିଚାରଗତ ପାର୍ଥକ୍ୟ ସୃଷ୍ଟି କରିଥାଏ। ଉଭୟ ସମ୍ପ୍ରଦାୟ ମଧ୍ୟରେ ଗଢ଼ି ଉଠିଥିବା ଅନାଦର ଭାବ କନ୍ଦଳ ସୃଷ୍ଟି କରାଇ ସଂଘର୍ଷର ଉଗ୍ରରୂପ ଧାରଣ କରିଥାଏ। ରାଷ୍ଟ୍ର ତଥା ରାଜ୍ୟରେ ଦେଖାଯାଉଥିବା ଅଶାନ୍ତି ଦଙ୍ଗା ଏହାର ପରିଣାମ ଅଟେ।

(୫) ସାମ୍ପ୍ରଦାୟିକବାଦ 'ଆମେ ଭାବନା'କୁ ପ୍ରାଧାନ୍ୟ ଦେଇଥାଏ। ଆମେ ଭାବନା ଏପରି ଏକ ଗୁଣ ଯାହା ପରସ୍ପରକୁ ନିକଟତର କରିବାରେ ସାହାଯ୍ୟ କରିଥାଏ। ଯେ କୌଣସି ସମ୍ପ୍ରଦାୟରେ ଏହି ଭାବନାଟି ବିଶେଷ ଭାବରେ ପରିଲକ୍ଷିତ ହୋଇଥାଏ। ଫଳରେ ଏକତା ସୂତ୍ରରେ ସଂପ୍ରଦାୟର ସଦସ୍ୟଗଣ ବାନ୍ଧି ହୋଇଥାନ୍ତି। ଉତ୍ତମ ବୁଝାମଣା ମଧ୍ୟ ସେମାନଙ୍କ ମଧ୍ୟରେ ରକ୍ଷା କରାଯାଇପାରିଥାଏ। ଏହା ସଂହତିର ଲକ୍ଷଣ ଅଟେ। କିନ୍ତୁ ସେମାନଙ୍କର ଅନ୍ୟ ସମ୍ପ୍ରଦାୟ ପ୍ରତି 'ସେମାନେ ଭାବ' ଉଭୟ ସମ୍ପ୍ରଦାୟ ମଧ୍ୟରେ ବ୍ୟବଧାନ ସୃଷ୍ଟି କରିଥାଏ। ଦ୍ୱନ୍ଦ, ସଂଘର୍ଷ, ଦଙ୍ଗା, ଜାତୀୟ ବ୍ୟବଧାନର ପ୍ରତିଫଳନ ଅଟେ। ଜାତୀୟ ଐକ୍ୟ ସ୍ଥାପନରେ ବାଧା ସୃଷ୍ଟି କରିଥାଏ।

(୬) ସାମ୍ପ୍ରଦାୟିକବାଦ ଅସହିଷ୍ଣୁ ଭାବକୁ ପ୍ରକାଶ କରିଥାଏ। ସାଧାରଣତଃ ପ୍ରତ୍ୟେକ ସମାଜରେ ନିର୍ଦ୍ଦିଷ୍ଟ ନୀତି ନିୟମ ଓ ଆଦର୍ଶ ରହିଥାଏ। ସେହି ସମାଜର ନିର୍ଦ୍ଦିଷ୍ଟ ସମ୍ପ୍ରଦାୟଗୁଡ଼ିକରେ ମଧ୍ୟ ନିର୍ଦ୍ଦିଷ୍ଟ, ନିଜସ୍ୱ ପ୍ରତିମାନୀୟ ବ୍ୟବସ୍ଥା ରହିଅଛି। ସେହି ସମ୍ପ୍ରଦାୟର ସଦସ୍ୟଗଣ ନିଜ ସମ୍ପ୍ରଦାୟର ନୀତି, ଆଦର୍ଶକୁ ପ୍ରାଥମିକତା ଦେଉଥାନ୍ତି ଓ ଅନ୍ୟ ସମ୍ପ୍ରଦାୟର ବିଚାରଧାରାକୁ ଗୌଣ ସ୍ଥାନ ଦେଇଥାନ୍ତି। ଏହାହିଁ ସମ୍ପ୍ରଦାୟର ସ୍ୱାଭିମାନକୁ କୁଠାରଘାତ କରିଥାଏ। ପ୍ରତ୍ୟେକ ସମ୍ପ୍ରଦାୟ ନିଜ ନିଜର ପ୍ରସ୍ଥିତି ରକ୍ଷା କରିବାକୁ ଯାଇ ଅନ୍ୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ମତଭେଦ କରିଥାନ୍ତି। ଏହାହିଁ ଜାତୀୟ ବିଶୃଙ୍ଖଳାର କାରଣ ହୋଇଥାଏ। ଏପରିକି ଏହାର ପରିଣାମରେ ଉଭୟ ସମ୍ପ୍ରଦାୟର ଅସହିଷ୍ଣୁ ଭାବ ଦଙ୍ଗାର ରୂପ ନେଇ ପରସ୍ଥିତିକୁ ଅଣାୟତ କରିଥାଏ।

(୭) ସାମ୍ପ୍ରଦାୟିକବାଦ ଧର୍ମନୀରପେକ୍ଷବାଦର ବିରୋଧି ଅଟେ। ଧର୍ମନୀରପେକ୍ଷ ପ୍ରକ୍ରିୟା ଧର୍ମକୁ ସମ୍ପ୍ରଦାୟ ମଧ୍ୟକୁ ଟାଣିଆଣି ଧର୍ମଭାବନାକୁ ବ୍ୟାପକ କରିବା ପରିବର୍ତ୍ତେ ଗୋଷ୍ଠୀ ବା ସମୂହ ମଧ୍ୟରେ ସଂକୀର୍ଣ୍ଣତା ଭାବ ସୃଷ୍ଟି କରିଥାଏ। ଭିନ୍ନ ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଧର୍ମ, ବିଶ୍ୱାସ ଓ ବିଚାରଧାରାକୁ ପ୍ରସଙ୍ଗକୁ ନେଇ ମତାନ୍ତର ଓ ମତାନ୍ତର ସୃଷ୍ଟି ହେଉଅଛି ଯାହା ସଂଘର୍ଷର ରୂପ ନେଇ ସାମାଜିକ ସମ୍ପର୍କକୁ ବିଘଟିତ କରିଆସୁଅଛି। ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ଆଣୁଅଛି। ଫଳରେ ଏହି ଅସନ୍ତୋଷ ଭାବ ବିଦ୍ରୋହରେ ପରିଣତ ହୋଇ ନାନା ସାମାଜିକ, ରାଜନୈତିକ, ଆର୍ଥିକ, ଆଞ୍ଚଳିକ ସମସ୍ୟା ସୃଷ୍ଟି କରୁଅଛି।

### ସାମ୍ପ୍ରଦାୟିକବାଦର କାରଣ

### Causes of Communalism

ସାମ୍ପ୍ରଦାୟିକବାଦର ଫଳାଫଳ ଅଧିକାଂଶ କ୍ଷେତ୍ରରେ ବିଶୃଙ୍ଖଳା ସୃଷ୍ଟି କରିଥାଏ ଓ ସାମାଜିକ, ଆର୍ଥିକ ବ୍ୟବସ୍ଥାକୁ ବିଶେଷଃ ବିଶୃଙ୍ଖଳିତ କରିଥାନ୍ତି। ଫଳରେ ସାମାଜିକ ତଥା ରାଷ୍ଟ୍ରର ବ୍ୟବସ୍ଥାଗୁଡ଼ିକ ବିଘଟିତ ହୋଇଥାଏ। ଏହା ସଂହତିର ମଧ୍ୟ ବାଧକ ହୋଇଥାଏ। ସେହି କାରଣଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା।

(୧) ସମ୍ପ୍ରଦାୟର ନିଜ ସମ୍ପ୍ରଦାୟ ପ୍ରତି ଅତ୍ୟଧିକ ଆନୁଗତ୍ୟ ଭାବ କେତେକ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ଏହି ଅନ୍ଧ ଆନୁଗତ୍ୟ ଭାବ ଉଭୟ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ଭାବ ସୃଷ୍ଟି କରି ସ୍ୱାର୍ଥସାଧନ କରିଥାନ୍ତି।

(୨) ଭାରତୀୟ ଇତିହାସର ପୃଷ୍ଠାକୁ ଓଲଟାଇଲେ ଇଂରେଜମାନଙ୍କର ଭାରତରେ ଆଧିପତ୍ୟ ଭାବ ସ୍ପଷ୍ଟ ଜଣାପଡ଼ିଥାଏ। ସେମାନଙ୍କର ଅତ୍ୟାଚାର, ଶୋଷଣ ମଧ୍ୟ ସାମ୍ପ୍ରଦାୟିକବାଦ ସୃଷ୍ଟି କରିବାରେ ସହାୟକ ହୋଇଥିଲା। ଏପରିକି ଇଂରେଜମାନଙ୍କ ପୂର୍ବରୁ ଭାରତରେ ମୁସଲମାନଙ୍କର ରାଜତ୍ୱ ଏବଂ ଏକ ପ୍ରଭାବଶାଳୀ ସମ୍ପ୍ରଦାୟ ରୂପେ ନିଜକୁ ପ୍ରତିଷ୍ଠିତ କରାଇ ହିନ୍ଦୁ ଧର୍ମୀୟଙ୍କୁ ଅତ୍ୟାଚାର ବିଭିନ୍ନ ସାମ୍ପ୍ରଦାୟିକବାଦ ସୃଷ୍ଟି କରିଥିଲା। ଏହାହିଁ ପରସ୍ପର ମଧ୍ୟରେ ବିରୋଧିଭାବ ଆଣିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଇଂରେଜମାନଙ୍କର 'ବିଭାଜନ ଓ ଶାସନ' ରଣନୀତି ମୁସଲମାନ ଓ ହିନ୍ଦୁଙ୍କ ମଧ୍ୟରେ ବିବାଦ ଆଣିଥିଲା। ତେଣୁ ଏହି ଐତିହାସିକ ପୃଷ୍ଠଭୂମି ସାମ୍ପ୍ରଦାୟିକ ସମସ୍ୟାର କାରଣ ହୋଇଅଛି।

(୩) ଧର୍ମୀୟ ଭାବ ପ୍ରଦର୍ଶନ ସାମ୍ପ୍ରଦାୟିକତା ଭାବକୁ ବୃଦ୍ଧି କରିଥାଏ। ନିଜ ଧର୍ମ ପ୍ରତି ଆତ୍ମୀୟତା ଓ ଅନ୍ୟ ଧର୍ମ ପ୍ରତି ବିଦ୍ୱେଷ ସାମ୍ପ୍ରଦାୟିକତାର ପ୍ରତିକ୍ରିୟା ଅଟେ। ସମ୍ପ୍ରଦାୟର ସଦସ୍ୟମାନଙ୍କ ମଧ୍ୟରେ ଧର୍ମୀୟ ମନୋଭାବ ଓ ନିଜ ଧର୍ମକୁ ଶ୍ରେଷ୍ଠତା ବିଚାର, ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ସୃଷ୍ଟି କରିଥାଏ। ଫଳରେ ଭିନ୍ନ ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସନ୍ଦେହ ଓ ଘୃଣାଭାବ ଆସିଥାଏ। ଏହାର ପରିଣାମ ଉଦ୍‌ବେଗଜନକ ହୋଇଥାଏ।

(୪) ପ୍ରତ୍ୟେକ ସମ୍ପ୍ରଦାୟର ସାମାଜିକ ବ୍ୟବସ୍ଥା ଭିନ୍ନ ଅଟେ ଓ ପ୍ରଥା, ପରମ୍ପରା ମଧ୍ୟ ଭିନ୍ନ ରହିଥାଏ। ବିଧି ବ୍ୟବସ୍ଥା, ରୀତି, ନୀତି ପ୍ରତ୍ୟେକ ସମ୍ପ୍ରଦାୟରେ ସମାନ ନଥାଏ। ପରସ୍ପର ମଧ୍ୟରେ ବିଚାର ଶୈଳୀ, ବ୍ୟବହାରରେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଏହାହିଁ ମତପାର୍ଥକ୍ୟ ସୃଷ୍ଟି କରିଥାଏ। ନିଜ ସମ୍ପ୍ରଦାୟର ବିଚାରଧାରାକୁ ଗୁରୁତ୍ୱ ପ୍ରଦାନ କରି ଅନ୍ୟପକ୍ଷରେ ଅନ୍ୟ ସମ୍ପ୍ରଦାୟର ନୀତି ଆଦର୍ଶକୁ ସମାଲୋଚନା କରିଥାନ୍ତି। ଫଳରେ ଦ୍ୱନ୍ଦ ଉପୁଜିଥାଏ ଏବଂ ସାମ୍ପ୍ରଦାୟିକତା ସୃଷ୍ଟି ହୁଏ।

(୫) କେତେକ ରାଜନୈତିକ କାରକ ସାମ୍ପ୍ରଦାୟିକତାକୁ ପ୍ରୋତ୍ସାହିତ କରିଥାଏ। ଫଳରେ ସମାଜରେ ସମସ୍ୟା ଦେଖାଯାଇଥାଏ। ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାମାନଙ୍କର ସଂକୀର୍ଣ୍ଣ ମତାମତ କେତେକ ସମୟରେ ଉତ୍ତେଜନା ସୃଷ୍ଟି କରିଥାଏ। ଏପରିକି ନିର୍ବାଚନ ପ୍ରଚାରରେ ଧର୍ମୀୟ ପ୍ରଚାର, ପ୍ରସାର, ଧର୍ମଭିତ୍ତିକ ସ୍ୱାଭିମାନତା କେତେକ ଆବେଗ ପୂର୍ଣ୍ଣ ତଥ୍ୟ ଓ ସମାଲୋଚନାମୂଳକ ଅଭିମତ ରାଜନୈତିକ ସଂଗଠନ ଗୁଡ଼ିକରେ ତିବ୍ର ପ୍ରତିକ୍ରିୟା ସୃଷ୍ଟି କରିବା ସହିତ ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷର ସୂତ୍ରପାତ କରିଥାଏ।

(୬) ସମ୍ପ୍ରଦାୟର ସାମାଜିକ ସ୍ତରରେ ଅସ୍ଥିରତା, ଆର୍ଥିକ ଶୋଷଣ ଓ ପକ୍ଷପାତିତା ସାମ୍ପ୍ରଦାୟିକତା ସୃଷ୍ଟି କରିଥାଏ। ବାସ୍ତବରେ ପୁଞ୍ଜିବିନିଯୋଗର ଅସାଧୁ ଉପାୟ ସମ୍ପ୍ରଦାୟ ଉପରେ ନ-କାରାତ୍ମକ ପ୍ରଭାବ ପକାଇଥାଏ। ଶୋଷଣ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଗୁଡିକ ମଧ୍ୟରେ ବିଭେଦତା ଆର୍ଥନୀତିକ ଓ ରାଜନୀତିକ ଅସ୍ଥିରତା ସାମ୍ପ୍ରଦାୟିକତାକୁ ପ୍ରୋତ୍ସାହିତ କରିଥାଏ। ପ୍ରତ୍ୟେକ ଧର୍ମର ମୌଳିକବାଦ ଧର୍ମ ଧର୍ମ ମଧ୍ୟରେ ବିଦ୍ୱେଷଭାବ ଆଣିଥାଏ। ନିଜର ଶ୍ରେଷ୍ଠତାକୁ ନେଇ ସମ୍ପ୍ରତି ହିନ୍ଦୁ, ମୁସଲମାନ, ଶିଖ ଇତ୍ୟାଦି ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ଦେଖା ଯାଉଅଛି।

(୭) ମନସ୍ତାତ୍ତ୍ୱିକ କାରକ ସାଂପ୍ରଦାୟିକତାକୁ ପ୍ରୋତ୍ସାହିତ କରିଥାଏ। ସଂଖ୍ୟାଗରିଷ୍ଠ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ବିଚାର ଓ ଭାବଧାରାରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ। ଉଭୟ ଉଭୟଙ୍କ ପ୍ରତି ସନ୍ଦେହ, ଅବିଶ୍ୱାସ,

ସାଂପ୍ରଦାୟିକତା ବୃଦ୍ଧିପାଇଁ ସହାୟକ ହୋଇଥାଏ। ଫଳରେ ବିଭରଗତ ପାର୍ଥକ୍ୟର ପରିଣାମ ହିଂସା, ରାଗ, ଦ୍ୱେଷର ରୂପ ନେଇଥାଏ। ପରସ୍ପରର ଶତୃତା ସମାଜରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥାଏ। ପ୍ରତ୍ୟେକ ଅସୁରକ୍ଷିତ ମନେ କରିଥାନ୍ତି ଏବଂ ପରସ୍ପରର କ୍ଷତି ସାଧନ କରିଥାନ୍ତି।

(୮) ସାମ୍ପ୍ରଦାୟିକତା ବୃଦ୍ଧି କରିବାରେ ଗଣମାଧ୍ୟମ ମଧ୍ୟ ବିଶେଷ ଭୂମିକା ଗ୍ରହଣ କରିଥାଏ। ଗଣମାଧ୍ୟମର ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରକାଶ ସମ୍ପ୍ରଦାୟ ମଧ୍ୟରେ ଦ୍ୱନ୍ଦ ସୃଷ୍ଟି କରିଥାଏ। ଏପରିକି ଗଣମାଧ୍ୟମର ସ୍ୱର୍ଣକାତର ସମ୍ବାଦ ଗୁଡ଼ିକ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଆଣିଥାଏ। ପ୍ରସଙ୍ଗକୁ ଧର୍ମୀୟ ଓ ରାଜନୈତିକ ରୂପରେଖ ଦେଇଥାନ୍ତି। ଫଳରେ ଜାତୀୟ ସଂହତିରେ ବାଧା ସୃଷ୍ଟି ହୋଇଥାଏ। ସମାଜରେ ବିଶୃଙ୍ଖଳା ପରିଲକ୍ଷିତ ହୋଇଥାଏ।

(୯) ସରକାରୀ ପଦକ୍ଷେପର ବିଫଳତା ଓ ଦୂର୍ବଳ ସାମ୍ବିଧାନୀକ ପଦକ୍ଷେପ ସାମ୍ପ୍ରଦାୟିକତାକୁ ପ୍ରୋତ୍ସାହିତ କରିଥାଏ। ଏହା ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ଆଣି ସାମାଜିକ, ଆର୍ଥିକ ପ୍ରଗତିରେ ବିପଦ ସୃଷ୍ଟି କରିଥାଏ।

## ସାମ୍ପ୍ରଦାୟିକବାଦର ନିରାକରଣ ନିମନ୍ତେ ପଦକ୍ଷେପ

**Measures to Abolish Communalism**

ସାମ୍ପ୍ରଦାୟିକବାଦର କୁପ୍ରଭାବ ସଂହତିର ବାଧକ ହୋଇଥାଏ। ଏହାର ନିରାକରଣ ନିମନ୍ତେ କେତେକ ପଦକ୍ଷେପମାନ ଗ୍ରହଣ କରିବା ନିତାନ୍ତ ଆବଶ୍ୟକ। ସେଗୁଡିକ ନିମ୍ନରେ ବର୍ଣ୍ଣନା କରାଗଲା।

(୧) ସାର୍ବଜନୀନ ଶିକ୍ଷାର ପ୍ରସାର ସାମ୍ପ୍ରଦାୟିକ ସମସ୍ୟାଗୁଡ଼ିକୁ ପୂର୍ଣ୍ଣମାତ୍ରାରେ ଦୂର କରିଦେଇପାରିବ। ଶିକ୍ଷା ହିଁ ରାଷ୍ଟ୍ରର ସଦସ୍ୟମାନଙ୍କ ମଧ୍ୟରେ ସଚେତନତା ଭାବ ସୃଷ୍ଟି କରିଥାଏ ଏବଂ 'ଏକତା ହିଁ ବଳ'ର ସନ୍ଦେଶ ଦେଇଥାଏ। ନିଜ ସମ୍ପ୍ରଦାୟ ପ୍ରତି ଅନ୍ଧ ଆନୁଗତ୍ୟ ଭାବକୁ ଦୂର କରିବାରେ ଶିକ୍ଷା ସହାୟକ ହୋଇଥାଏ।

(୨) ସାମ୍ପ୍ରଦାୟିକତା ସମସ୍ୟାର ନିରାକରଣ ପାଇଁ ସ୍ୱତନ୍ତ୍ର ବିଚାରାଳୟର ଆବଶ୍ୟକତା ରହିଅଛି। ଏହାରି ମାଧ୍ୟମରେ ସମାଜରେ ଶାନ୍ତି ରକ୍ଷା କରାଯାଇପାରେ ଏବଂ ସମସ୍ୟା ସୃଷ୍ଟି ନକରିବାକୁ ମନରେ ଭୟ ସୃଷ୍ଟି କରିଥାଏ।

(୩) ଧର୍ମ ଓ ରାଜନୀତି ମଧ୍ୟରେ ବ୍ୟବଧାନ, ସ୍ୱଚ୍ଛଶାସନ ନୀତି ପ୍ରଣୟନରେ ଧର୍ମନିରପେକ୍ଷତା, ସଂରକ୍ଷଣ ବ୍ୟବସ୍ଥା ସାମ୍ପ୍ରଦାୟିକ ଜନିତ ସମସ୍ୟାର ନିବାରଣ କରିବାରେ ସହାୟକ ହୋଇଥାଏ।

(୪) ଗଣମାଧ୍ୟମ, ଯଥା – ଦୂରଦର୍ଶନ, ଆକାଶବାଣୀ, ଖବର କାଗଜ ଇତ୍ୟାଦି ସାମ୍ପ୍ରଦାୟିକତା ଦୂର କରି ଏକ ସୁସ୍ଥ ଜନମତ ସୃଷ୍ଟି କରିବାରେ ପ୍ରଚେଷ୍ଟା କରିଥାନ୍ତି। ଏହା ସମାଜରେ ସଂହତି ଆଣିବାରେ ସହାୟକ ହୋଇପାରିବ।

(୫) ଦେଶରେ ପ୍ରତ୍ୟେକ ଧର୍ମର ଉତ୍ସବ ଓ ପର୍ବପର୍ବାଣୀରେ ସବୁବର୍ଗଙ୍କର ସକାରାତ୍ମକ ଭାବନା ଓ ସଂପୃକ୍ତି ବିବିଧତା ମଧ୍ୟରେ ଏକତା ଆଣିଥାଏ।

(୬) ଯେଉଁ ଧାର୍ମିକ ସଂଗଠନ ଧର୍ମ ନାମରେ ସାମ୍ପ୍ରଦାୟିକତା ସୃଷ୍ଟି କରୁଅଛନ୍ତି, ସେହି ସଂଗଠନଗୁଡ଼ିକୁ ବେଆଇନ ଘୋଷଣା କରିବା ନିତ୍ୟାନ୍ତ ଦରକାର।

(୭) ସାମ୍ପ୍ରଦାୟିକତାଜନିତ ସମସ୍ୟା ନିରାକରଣ ନିମନ୍ତେ ଗୋଷ୍ଠୀ ସଚେତନତାର ଆବଶ୍ୟକତା ରହିଅଛି।

ତେଣୁ ସହନଶୀଳତା ଓ ନିରପେକ୍ଷ ମନୋଭାବ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନା ସୃଷ୍ଟି କରିବାରେ ସହାୟକ ହୋଇଥାଏ।

# ଆଞ୍ଚଳିକତାବାଦ
# Regionalism

## ଆଞ୍ଚଳିକତାବାଦର ଅର୍ଥ
## Meaning of Regionalism

ମଣିଷ ନିଜ ଜନ୍ମସ୍ଥାନକୁ ଆପଣେଇଥାଏ ଏବଂ ଏଥି ପ୍ରତି ଆନୁଗତ୍ୟ ଭାବ ପ୍ରଦର୍ଶନ କରିଥାଏ। ନିଜ ଜନ୍ମସ୍ଥାନ, ଅଞ୍ଚଳ ପ୍ରତି ସ୍ୱତଃ ଆନୁଗତ୍ୟଭାବ ରହିବା ସ୍ୱାଭାବିକ। କିନ୍ତୁ ଏହାର ସଂକୀର୍ଣ୍ଣ ଦୃଷ୍ଟିକୋଣ ଜାତୀୟ ସଂହତିରେ ବାଧାସୃଷ୍ଟି କରିଥାଏ। ଆଞ୍ଚଳିକବାଦ ଏକ ବିଚାରଧାରା ଏବଂ ଏହା ଜାତୀୟ ସଂହତିରୁ ଗୁଣାବଳୀକୁ ପ୍ରାୟତଃ ବିରୋଧ କରେନାହିଁ। ମାତ୍ର ସ୍ୱାର୍ଥକୁ ଦୃଷ୍ଟିରେ ରଖି, ଅଞ୍ଚଳ ଅଞ୍ଚଳ ମଧ୍ୟରେ ବିଭେଦ ସୃଷ୍ଟି ହୋଇଥାଏ, ଫଳରେ ଜାତୀୟ ଐକ୍ୟ ଓ ସଂହତି ସ୍ଥାପନରେ ବିପଦ ସୃଷ୍ଟି କରିଥାଏ। ନିଜ ଅଞ୍ଚଳ ପ୍ରତି ଆତ୍ମୀୟତା ଓ ଅନ୍ୟ ଅଞ୍ଚଳ ପ୍ରତି ଅସୂୟାଭାବରୁ ଆଞ୍ଚଳିକତାବାଦର ସୃଷ୍ଟି। ଏହି ପ୍ରକାର ମନୋଭାବକୁ ଅନ୍ୟ ଭାବରେ 'ଉପଜାତୀୟତା ବାଦ' (Sub-Nationalism) ମଧ୍ୟ କୁହାଯାଇଥାଏ। ଆଞ୍ଚଳିକତାବାଦ ଭିନ୍ନ ଭିନ୍ନ ଭାବରେ ଉଲ୍ଲେଖ କରାଯାଇଅଛି। ପ୍ରଥମତଃ, ଏହା ନିଜ ଅଞ୍ଚଳ ପ୍ରତି ଅନ୍ଧ ଆନୁଗତ୍ୟ ଭାବରୁ ସୃଷ୍ଟି ହୋଇଥାଏ। ଦ୍ୱିତୀୟତଃ, ଏହି ବିଚାର ଏକ ଶାସିତ ଗୋଷ୍ଠୀଙ୍କ ବିରୋଧରେ ଏକ ରାଜନୈତିକ ସଂଘର୍ଷର ପରିପ୍ରକାଶ ଅଟେ। ତୃତୀୟତଃ, ଆଞ୍ଚଳିକତାବାଦ ଅଞ୍ଚଳଗୁଡ଼ିକୁ ବିଭାଜିତ କରି ଏକ ସ୍ୱତନ୍ତ୍ର ପ୍ରଶାସନିକ ଅଞ୍ଚଳ କରିବା ପଦ୍ଧତି ଅଟେ।

ଆଞ୍ଚଳିକତାବାଦର କେତେକ ସଂଜ୍ଞାକୁ ନିମ୍ନରେ ପ୍ରଦାନ କରାଗଲା।

ସେଲିଗ୍‌ମ୍ୟାନ୍ ଓ ଜନ୍‌ସନ୍ (Saligman and Johason)ଙ୍କ ମତାନୁସାରେ, "ଆଞ୍ଚଳିକତାବାଦ ସମ୍ପ୍ରସାରଣଧର୍ମୀ ଯେ କୌଣସି ନିଷ୍ପେଷଣକାରୀ କେନ୍ଦ୍ରାଭିମୁଖୀ ବ୍ୟବସ୍ଥା ବିରୁଦ୍ଧରେ ଏକ ଆନ୍ଦୋଳନ ଅଟେ"

"Regionalism is a counter movement to any exaggerated to appressive form of Centralisation"

ଏ.ଟି. ଫିଲିପ୍ ଏବଂ କେ.ଏଚ୍.ଶିବାଜୀରାଓ (A.T. Philip and K.H. Shibaji Rao)ଙ୍କ ମତାନୁସାରେ, "ଆଞ୍ଚଳିକତାବାଦ ଉପ-ଜାତୀୟତାବାଦକୁ ବୁଝାଇଥାଏ, ଯାହା ସାମଗ୍ରୀକ ଭାବରେ ଦେଶର, ବିରୁଦ୍ଧାଚରଣ ପୂର୍ବକ ଅଞ୍ଚଳର ଅଭିରୁଚି ସମ୍ପର୍କରେ ଦାବି ଉପସ୍ଥାପନ କରେ।"

"Regionalism regers to Sub-Nationalism demanding preference of the region as against the Country as a whole"

ଉପରୋକ୍ତ ସଂଜ୍ଞାଗୁଡିକରୁ ଜଣାପଡ଼େ ଯେ, ଆଞ୍ଚଳିକତାବାଦ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ଥାୟୀ ବସବାସ କରୁଥିବା ଜନସାଧାରଣଙ୍କର ଭାବର ପରିପ୍ରକାଶ ଅଟେ। ଏହାହିଁ, ସେମାନଙ୍କର ଆତ୍ମପରିଚୟ ଦେବା ସହିତ ଅଞ୍ଚଳ ପ୍ରତି ଆନୁଗତ୍ୟ ଭାବ ସ୍ପଷ୍ଟ ଜଣାପଡ଼ିଥାଏ। ଏହାର କୁପ୍ରଭାବ ଅଞ୍ଚଳ ତଥା ଦେଶ ପ୍ରତି କ୍ଷତିକାରକ ହୋଇଥାଏ। ରାଜନୀତି, ପ୍ରଶାସନର ପ୍ରଭାବ ଓ ଆଞ୍ଚଳିକ ଦାବୀ ଉପସ୍ଥାପନରେ ଅସଂହତି ଦେଶର ବିକାଶ ଓ ଉନ୍ନତି କ୍ଷେତ୍ରରେ ବାଧା ଉପୁଯାଇଥାଏ ଏବଂ ଅଞ୍ଚଳର ଜନସାଧାରଣଙ୍କ ମନରେ ଅସହିଷ୍ଣୁତା ଭାବ ସୃଷ୍ଟି କରିଥାଏ।

## ଆଞ୍ଚଳିକତାବାଦର ପ୍ରକୃତି ଓ ବୈଶିଷ୍ଟ୍ୟ

**Nature and Characteristics of Regionalism**

ଆଞ୍ଚଳିକତାବାଦର ପ୍ରକୃତି ଓ ବୈଶିଷ୍ଟ୍ୟଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା ।

୧. ଆଞ୍ଚଳିକତାବାଦ ଏକ ବିଚାରଧାରା ଅଟେ ।

୨. ନିଜ ଅଞ୍ଚଳପ୍ରତି ଅନ୍ଧ ଆନୁଗତ୍ୟଭାବ ଓ ଆତ୍ମୀୟତା-ଭାବ ଏବଂ ଅନ୍ୟ ଅଞ୍ଚଳପ୍ରତି ବୈମାତୃକଭାବର ସୂତ୍ରଧର ଆଞ୍ଚଳିକତାବାଦ ଅଟେ ।

୩. ଆଞ୍ଚଳିକତାବାଦ ବିଚ୍ଛିନ୍ନତାଭାବ ସୃଷ୍ଟିକରି ଆତଙ୍କ ସୃଷ୍ଟି କରାଇଥାଏ ।

୪. ଏହା ଆଞ୍ଚଳିକ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ଜାତୀୟତା ବିରୁଦ୍ଧରେ ସ୍ୱରଉତ୍ତୋଳନ କରିଥାଏ ।

୫. ଆଞ୍ଚଳିକତାବାଦ ସୁସ୍ଥ ଗଣତନ୍ତ୍ରକୁ ବେଖାତିର କରିଥାଏ ଓ ସଂଘୀୟ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ କ୍ଷତି ଆଣିବା ସହିତ ଭୟ ସଂଚାର କରିଥାଏ ।

୬. ଅଗଣତାନ୍ତ୍ରିକ ବିଚାର ଆଞ୍ଚଳିକ ଦଳଗୁଡିକର ଅବାଞ୍ଛିତ ଆଶା ଓ ଆକାଂକ୍ଷାକୁ ପ୍ରକାଶ କରି ଜାତୀୟ ଅସନ୍ତୋଷର କାରଣ ହୋଇଥାଏ ।

୭. ଏହା ଗଣତାନ୍ତ୍ରିକ ନିଷ୍ପତ୍ତିକୁ ସମାଲୋଚନା କରି ରାଜ୍ୟରାଜ୍ୟ ମଧ୍ୟରେ ବିଦ୍ୱେଷ ସୃଷ୍ଟି କରିଥାଏ । ନଦୀଜଳ ଆବଣ୍ଟନ ଏକ ଆଞ୍ଚଳିକ ତଥା ନିର୍ଦ୍ଦିଷ୍ଟ ରାଜ୍ୟର ସମସ୍ୟା ଅଟେ ।

୮. ଆଞ୍ଚଳିକତାବାଦ 'ଭୂମିପୁତ୍ର ନୀତି' ଜନସାଧାରଣଙ୍କ ମନରେ ସଂକୀର୍ଣ୍ଣତା ଭାବ ସୃଷ୍ଟି କରିଥାଏ ।

୯. ଆଞ୍ଚଳିକତାବାଦ ସ୍ଥାନୀୟ ଜନସାଧାରଣଙ୍କର ଆସ୍ଥାଭାଜନ ମଧ୍ୟ ହୋଇଥାଏ ।

୧୦. ସଚେତନିକ ବା ଅଚେତନିକ ଭାବରେ ଆଞ୍ଚଳିକତାବାଦର ବିଚାରଧାରା ଜାତୀୟ ଐକ୍ୟ ଏବଂ ସଂହତିରେ ବିପଦ ସୃଷ୍ଟି କରିଥାଏ ।

୧୧. ଜାତୀୟ ଉନ୍ନୟନମୂଳକ କ୍ଷେତ୍ରରେ ଆଞ୍ଚଳିକତାବାଦ ଅନ୍ତରାୟ ହୋଇଥାଏ ।

୧୨. ଆଞ୍ଚଳିକତାବାଦ ଜାତୀୟ ସ୍ୱାର୍ଥପ୍ରତି ଦୃଷ୍ଟି ନଦେଇ ନିଜ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସ୍ଥାନୀୟ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରିଥାଏ ।

## ଆଞ୍ଚଳିକତାବାଦର କାରଣ

**Causes of Regionalism**

ଆଞ୍ଚଳିକତାବାଦର ବିଭିନ୍ନ କାରଣ ଗୁଡ଼ିକ ରହିଅଛି । ସେଗୁଡିକ ନିମ୍ନରେ ଆଲୋଚନା କରାଯାଇଅଛି ।

**(୧) ଭୌଗଳିକ କାରଣ (Geographical Cause) :** ଭୌଗୋଳିକ କାରଣ ଆଞ୍ଚଳିକତାବାଦର ମୁଖ୍ୟ କାରଣ ଅଟେ । ପ୍ରତ୍ୟେକ ଅଞ୍ଚଳ ଅଥବା ରାଜ୍ୟଗୁଡ଼ିକର ନିର୍ଦ୍ଦିଷ୍ଟ ସୀମା ରହିଥାଏ । ଏହି ସୀମାରେଖାକୁ କେନ୍ଦ୍ର କରି ରାଜ୍ୟ ରାଜ୍ୟ ମଧ୍ୟରେ ଅସନ୍ତୋଷ ଦ୍ୱନ୍ଦ୍ୱର ରୂପ ନେଇଥାଏ । ଦ୍ୱିତୀୟତଃ, ପ୍ରତ୍ୟେକ ଅଞ୍ଚଳର ସ୍ଥାୟୀ ବାସିନ୍ଦା ଅଧିବାସୀଙ୍କର ଜୀବନଧାରା ଓ ଜୀବନଶୈଳୀ ଭିନ୍ନ ଅଟେ । ସେହି ପୃଥକ ଶୈଳୀକୁ ଭିତ୍ତିକରି ଅନେକ ସମୟରେ ପରସ୍ପର ମଧ୍ୟରେ ବାଦବିବାଦ ଦେଖାଯାଇଥାଏ । ଏହି ସ୍ୱତନ୍ତ୍ରତା ଓ ସ୍ୱାଭିମାନ ଆଞ୍ଚଳିକତାବାଦକୁ ସୃଷ୍ଟି କରିଥାଏ ।

(୨) ଐତିହାସିକ କାରଣ (Historical Cause) : ରାଷ୍ଟ୍ରର ଇତିହାସ ଆଞ୍ଚଳିକତାବାଦକୁ ପ୍ରୋତ୍ସାହିତ କରିଥାଏ। ଆର୍ଯ୍ୟମାନଙ୍କର ଭାରତ ଆଗମନ ସମୟରୁ ହିଁ ଉତ୍ତର ଏବଂ ଦକ୍ଷିଣ ଭାରତରେ ଆଞ୍ଚଳିକତାବାଦ ଧାରଣା ସୃଷ୍ଟି କରିଆସୁଅଛି। ଜାତୀୟ ସରକାରଙ୍କର ରାଜ୍ୟ ପ୍ରତି ଢେର ଅଧିକ ମନୋଭାବ ଜାତୀୟ ଏକତାରେ ବାଧା ସୃଷ୍ଟି କରିବା ସହିତ ଅନ୍ତଃଦ୍ୱନ୍ଦ ସୃଷ୍ଟି ନିମନ୍ତେ ପରିବେଶ ଏବଂ ମନୋଭାବ ସୃଷ୍ଟି କରୁଅଛି। ଇଂରେଜମାନଙ୍କର ଭାରତ ଆଗମନ ଓ ବିଭାଜନ ଶାସନ ନୀତି (Policy of Divide and Rule) ଆଞ୍ଚଳିକତାବାଦକୁ ପରୋକ୍ଷରେ ଦୃଢ଼ କରିବାରେ ଲାଗିପଡ଼ିଥିଲା। ଭାରତରେ ସ୍ୱାଧୀନତା ସମୟରେ ଏହି ଆଞ୍ଚଳିକତାବାଦ ଦେଶ ବିଭାଜନରେ ପ୍ରଭାବ ପକାଇ ରାଷ୍ଟ୍ରକୁ ଦୁଇଟି ରାଷ୍ଟ୍ରରେ, ଯଥା - ଭାରତ୍ ଏବଂ ପାକିସ୍ଥାନ ରାଷ୍ଟ୍ରରେ ବିଭାଜିତ କରିପାରିଅଛି।

(୩) ରାଜନୈତିକ କାରଣ (Political Cause) : ରାଜନୈତିକ ଘଟଣାଗୁଡ଼ିକୁ ବିଚାରକୁ ନେଇ ଆଞ୍ଚଳିକତାବାଦର ସୃଷ୍ଟି ହୋଇଥାଏ। ନିର୍ଦ୍ଦିଷ୍ଟ ରାଜନୈତିକ ତଥା ଦଳଗତ ସ୍ୱାର୍ଥ ହାସଲ କରିବାକୁ ଯାଇ ବିଭିନ୍ନ ଆଞ୍ଚଳିକ ରାଜନୈତିକ ଦଳ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଁ କେନ୍ଦ୍ରସରକାରଙ୍କ ନିକଟରେ ଉପସ୍ଥାପିତ କରିଥାନ୍ତି ଏବଂ ଏହାକୁ ହାସଲ କରିବା ଆନ୍ଦୋଳନ ପ୍ରଭୃତି କରିଥାନ୍ତି। ଏହା ବ୍ୟତିତ ଜନସାଧାରଣଙ୍କର ଆସ୍ଥାଭାଜନ ନିମନ୍ତେ ଦଳୀୟ ସଦସ୍ୟ ଜନସାଧାରଣଙ୍କ ମନରେ ଆଞ୍ଚଳିକତାବାଦ ଧାରଣା ସୃଷ୍ଟି କରିଥାନ୍ତି।

(୪) ଅର୍ଥନୈତିକ କାରଣ (Economic Cause) : ଦେଶର ଆର୍ଥିକ ସ୍ଥିତି ଅନୁଧ୍ୟାନ କଲେ ଜଣାପଡ଼େ ଯେ, ପ୍ରତ୍ୟେକ ରାଜ୍ୟର ଆର୍ଥିକ ସ୍ଥିତି ସମାନ ନଥାଏ। କେନ୍ଦ୍ର ସରକାରଙ୍କର ସମସ୍ତ ରାଜ୍ୟ ପାଇଁ ଆର୍ଥିକ ସହାୟତା ସମାନ ନଥାଏ। ଫଳରେ ଅବହେଳିତ ରାଜ୍ୟଗୁଡ଼ିକ ମଧ୍ୟରେ ଅସନ୍ତୋଷଭାବ ସୃଷ୍ଟି ହୋଇଥାଏ। ଏହି ଆର୍ଥିକ ଅସମାନତା କେତେକ ଅବହେଳିତ ରାଜ୍ୟଗୁଡିକରେ ହୀନମନ୍ୟତା ଭାବ ସୃଷ୍ଟିକରି ଆଞ୍ଚଳିକତାବାଦକୁ ପ୍ରୋତ୍ସାହିତ କରିଥାଏ ଏବଂ ସେହି ରାଜ୍ୟଗୁଡ଼ିକ କେନ୍ଦ୍ର ନେତୃତ୍ୱ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିଥାନ୍ତି। ଏହି ମନୋଭାବ ରାଷ୍ଟ୍ର ତଥା ଦେଶର ପ୍ରଗତିରେ ବାଧା ସୃଷ୍ଟି କରିଥାଏ।

(୫) ମନସ୍ତାତ୍ତ୍ୱିକ କାରଣ (Psychological Cause) : ରାଷ୍ଟ୍ରର ଅସ୍ଥିରତାରେ ଆଞ୍ଚଳିକତାବାଦ ମୂଖ୍ୟଭୂମିକା ଗ୍ରହଣ କରିଥାଏ। ନିଜ ଅଞ୍ଚଳପ୍ରତି ଶ୍ରଦ୍ଧା ଗ୍ରହଣୀୟ। ଏଥିରେ ଆନୁଗତ୍ୟଭାବ ରହିଥାଏ। କିନ୍ତୁ ଭଲମନ୍ଦ ବିଚାର ନକରି ସ୍ୱାର୍ଥସାଧନ କରିବା ରାଷ୍ଟ୍ରପତି ବିପଦ ସୃଷ୍ଟିକରିଥାଏ। ଏହି ଦୁର୍ବଳ ମାନସିକତା ଜାତୀୟ ସଂହତିରେ ବାଧା ଉପୁଜିଥାଏ। ସାଧାରଣତଃ ନିଜ ରାଜ୍ୟ ତଥା ଅଞ୍ଚଳର ସ୍ୱାର୍ଥ ସାଧନ ନିମନ୍ତେ ଜନସାଧାରଣ କଳ,ବଳ ଓ କୌଶଳ ଅବଲମ୍ବନ କରିଥାନ୍ତି। ସେମାନଙ୍କର କାର୍ଯ୍ୟକଳାପ ଅନ୍ୟର କ୍ଷତିକାରକ ମଧ୍ୟ ହୋଇପାରିଥାଏ। ତେଣୁ ରାଷ୍ଟ୍ରୀୟ ସମନ୍ୱୟ ରକ୍ଷା କରିବା କଷ୍ଟକର ହୋଇପଡ଼େ। ଏପରିକି କେତେକ ଆଞ୍ଚଳିକତାବାଦ ଦ୍ୱାରା ପ୍ରଭାବିତ ହୋଇ ନିଜ ନିଜର ବ୍ୟବହାରକୁ ମଧ୍ୟ ପରିବର୍ତ୍ତନ କରିଥାନ୍ତି। ଫଳରେ ପରସ୍ପର ମଧ୍ୟରେ ହିଂସା, ଘୃଣା, ଈର୍ଷା, କ୍ରୋଧ ଇତ୍ୟାଦି ଦେଖାଯାଇଥାଏ। ଏହା ବ୍ୟକ୍ତିର ତଥା ରାଷ୍ଟ୍ର ପାଇଁ କ୍ଷତିକାରକ ହୋଇଥାଏ।

(୬) ସାମାଜିକ ଓ ସାଂସ୍କୃତି କାରଣ (Social and Cultural Cause) : ପ୍ରତ୍ୟେକ ଅଞ୍ଚଳରେ ବାସକରୁଥିବା ଅଧିବାସୀଙ୍କର ସାମାଜିକ ଜୀବନଶୈଳୀ ଓ ସାଂସ୍କୃତିକ ବିଚାରଧାରା ଭିନ୍ନ ଭିନ୍ନ ରହିଥାଏ ଏବଂ ସେହି ଅଞ୍ଚଳରେ ବାସକରୁଥିବା ଅଧିବାସୀଙ୍କର ନିଜ ନିଜର ପ୍ରଥା, ପରମ୍ପରା ପ୍ରତି ଶ୍ରଦ୍ଧା ଓ ସମ୍ମାନ ରହିଥାଏ। ଏତଦ୍ ବ୍ୟତିତ ନିଜର ଜୀବନଧାରାର ଶୈଳୀ ଓ ସଂସ୍କୃତିକୁ ନେଇ ଗର୍ବ ଅନୁଭବ କରିବା ସହିତ ଅନ୍ୟ ଅଞ୍ଚଳରେ ବାସକରୁଥିବା ବାସିନ୍ଦା ଏବଂ ସେମାନଙ୍କର ସାମାଜିକ ତଥା ସାଂସ୍କୃତିକ ବିଚାରଧାରାକୁ ସମାଲୋଚନା କରିଥାନ୍ତି। ଈର୍ଷା ଭାବରୁ ପରସ୍ପର ମଧ୍ୟରେ କଳହ ସୃଷ୍ଟି ହୋଇଥାଏ। ନୀତି ଆଦର୍ଶକୁ ପ୍ରାଥମିକତା ଓ ଅନ୍ୟ ଅଞ୍ଚଳରେ ବାସକରୁଥିବା ଜନସାଧାରଣଙ୍କର ନୀତି, ଆଦର୍ଶକୁ ଗୌଣ ମନେକରିବାର ମନୋଭାବରୁ ହିଁ ଆଞ୍ଚଳିକତାବାଦର ସୃଷ୍ଟି ହୋଇଥାଏ।

(୭) ଭାଷାଗତ କାରଣ (Linguistic Cause) : ଅନେକ ସମୟରେ ଭାଷାଗତ ସ୍ୱାଧୀନତା ଆଞ୍ଚଳିକତାବାଦକୁ ପ୍ରୋତ୍ସାହିତ କରିଥାଏ। ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକମାନେ ନିଜର ବ୍ୟବହୃତ ଭାଷାକୁ ଗୁରୁତ୍ୱ ଦେଇ ଭାଷାଭିତ୍ତିକ ସ୍ୱତନ୍ତ୍ର ଓ ସ୍ୱାଧୀନ ରାଜ୍ୟଗଠନ ନିମନ୍ତେ ଆନ୍ଦୋଳନ କରିଥାନ୍ତି। ଏହି ଭାଷାଭିତ୍ତିକ ଆନ୍ଦୋଳନ ରାଜ୍ୟ ତଥା ରାଷ୍ଟ୍ରର ଅଖଣ୍ଡତାରେ ବାଧା ସୃଷ୍ଟି କରିଥାଏ ଏବଂ ଏହି ବିରୋଧାଭାବ ରାଜ୍ୟରେ ଉତ୍ତେଜନା ଆଣିଥାଏ।

(୮) ପରିବହନ ଏବଂ ଯୋଗାଯୋଗ ସୁବିଧାର ଅଭାବ (Lack of Transportation and Communication Facilities) : ଜନସଂଖ୍ୟା ଦୃଷ୍ଟିରୁ ଭାରତ ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର ଅଟେ। ଏହାର ଭୌଗଳିକ ପରିସୀମା ମଧ୍ୟ ବ୍ୟାପକ ଅଟେ। ଏଠିକାର ପରିବହନ ଏବଂ ଯୋଗାଯୋଗ ବ୍ୟବସ୍ଥା ଆଶାନୁରୂପ ହୋଇନଥିବାରୁ କ୍ଷେତ୍ରରେ ବାସକରୁଥିବା ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ଯୋଗାଯୋଗ ରକ୍ଷା କରିବା ସମ୍ଭବପର ହୋଇନଥାଏ। ରାଜ୍ୟ ରାଜ୍ୟ ମଧ୍ୟରେ 'ଆମେ ଭାବ' ପରିବର୍ତ୍ତେ 'ସେମାନେ-ଭାବ' ଦେଖାଯାଇଥାଏ। ପ୍ରତ୍ୟେକ ସ୍ୱତନ୍ତ୍ର ବୋଲି ଦାବି କରିଥାନ୍ତି। ଉତ୍ତମ ବୁଝାମଣାର ଅଭାବରୁ ପରସ୍ପର ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥାଏ। ବିଷୟରେ ଦ୍ୱିମତ ମଧ୍ୟ ପରିଲକ୍ଷିତ ହୋଇଥାଏ। ଏଥିରୁ ନିଜ ଅଞ୍ଚଳ ପ୍ରତି ଅନୁରାଗ ଓ ଅନ୍ୟ ଅଞ୍ଚଳ ପ୍ରତି ଅଜଣାଭାବ ଆଞ୍ଚଳିକତାବାଦକୁ ସୃଷ୍ଟି କରିଥାଏ।

## ଆଞ୍ଚଳିକତାବାଦର ନିରାକରଣ ନିମନ୍ତେ ପଦକ୍ଷେପ

## Remedial Measures to Mitigate Regionalism

ଆଞ୍ଚଳିକତାବାଦର ନକାରାତ୍ମକ ଦିଗ ତଥା କୁପ୍ରଭାବକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଏହି ବିଚାର ଅଞ୍ଚଳ, ରାଜ୍ୟ ତଥା ସମଗ୍ର ରାଷ୍ଟ୍ର ପ୍ରତି ବିପଦ ଆଣିଥାଏ। ଏହାର ପ୍ରଭାବରେ ସମାଜ ବିଶୃଙ୍ଖଳିତ ହେବା ସହିତ ଦେଶର ଅଖଣ୍ଡତାରେ ବାଧା ସୃଷ୍ଟି ହୋଇଥାଏ। ଏଥି ନିମନ୍ତେ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ନିତାନ୍ତ ଆବଶ୍ୟକ। ସେଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା।

**(୧) ଜାତୀୟତା ଭାବର ପ୍ରଚାରଣ (Propagation of National Sentiment) :** ଆଞ୍ଚଳିକତାବାଦ ସାଧାରଣତଃ ଜନସାଧାରଣଙ୍କର ମନୋଭାବକୁ ସଂକୀର୍ଣ୍ଣ କରିଦେଇଥାଏ। ଏହାକୁ ଦୂରକରିବାକୁ ହେଲେ ସେମାନଙ୍କ ମନରେ ଜାତୀୟତାବୋଧ ଜାଗ୍ରତ କରିବାର ଆବଶ୍ୟକତା ରହିଅଛି। ଏହାହିଁ ଗଣମାଧ୍ୟମ ଯଥା ରେଡ଼ିଓ, ଟେଲିଭିଜନ, ପଥପ୍ରାନ୍ତ ନାଟକ, ଦାସକାଠିଆ ମାଧ୍ୟମରେ ସମ୍ଭବପର ହୋଇଥାଏ। ଆଞ୍ଚଳିକତାବାଦର କୁ ପରିଣାମ ଲୋକଙ୍କ ସମ୍ମୁଖରେ ପ୍ରଚାର କଲେ, ଏହାର ସୁପ୍ରଭାବ ଲୋକଙ୍କ ଉପରେ ପଡ଼ିଥାଏ। ଫଳରେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସକରୁଥିବା ଜନସାଧାରଣଙ୍କ ମନରେ ଦେଶଭକ୍ତି ଭାବ ଜାଗ୍ରତ ହୋଇଥାଏ ଏବଂ ମନରୁ ଭ୍ରାନ୍ତ ଆଞ୍ଚଳିକତାବାଦ ଦୂର ହୋଇଥାଏ।

**(୨) ଗଣମାଧ୍ୟମର ସହଯୋଗ ମନୋଭାବ (Co-operative Attitude of the Mass Media):** ଜାତୀୟ ସଂହତି ଦେଶରେ ଐକ୍ୟ ସ୍ଥାପନରେ ସହାୟକ ହୋଇଥାଏ। ଏଥିରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଗଣମାଧ୍ୟମ, ଯଥା - ଖବରକାଗଜ, ରେଡ଼ିଓ, ଟେଲିଭିଜନରେ ପ୍ରକାଶିତ ଓ ପ୍ରସାରିତ ଦେଶାତ୍ମକଧର୍ମୀ ବାର୍ତ୍ତା ଜନସାଧାରଣଙ୍କ ଉପରେ ବିଶେଷ ପ୍ରଭାବ ପକାଇଥାଏ। ଯେକୌଣସି ସ୍ଥାନର ନାଗରିକ ହୁଅନ୍ତୁନା କାହିଁକି ପ୍ରତ୍ୟେକ ନିଜ ଦେଶର ହିତ ଏବଂ ଅଖଣ୍ଡତା ପାଇଁ ଉଦ୍ୟମ କରି ପାରିବେ ଏବଂ ଜାତିରେ ସମନ୍ୱୟ ରକ୍ଷା କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବେ।

**(୩) ଗମନାଗମନ ଓ ଯୋଗାଯୋଗରେ ଉନ୍ନତି (Development in Transportation and Communication) :** ପରସ୍ପର ମଧ୍ୟରେ ସୁ-ସମ୍ପର୍କ ସ୍ଥାପନରେ ଉନ୍ନତ ଗମନାଗମନ ଓ ଯୋଗଯୋଗର ଆବଶ୍ୟକତା ରହିଅଛି। ଗମନାଗମନ ଓ ଯୋଗାଯୋଗରେ ସୁବିଧା ଥିଲେ ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ସମ୍ପର୍କ ଦେଶର କୋଣେ କୋଣେ ସମ୍ଭବପର ହୋଇପାରିବ। ଏଥି ସହିତ ବିବିଧତା ସତ୍ତ୍ୱେ ପରସ୍ପର ମିଳାମିଶା ଓ ଯୋଗଯୋଗ ମାଧ୍ୟମରେ ସୁ-ସମ୍ପର୍କ, ଉତ୍ତମ ବୁଝାମଣା ଓ ମୈତ୍ର ଭାବ ସୃଷ୍ଟି ହୋଇପାରିବ। ପ୍ରତ୍ୟେକ ବ୍ୟକ୍ତି ଦେଶର ହିତସାଧନ ନିମନ୍ତେ ଯଥାସମ୍ଭବ ସହଯୋଗ କରିବେ। ସେମାନେ ଗଣତାନ୍ତ୍ରିକ ପଦ୍ଧତିକୁ ସମ୍ମାନ ପ୍ରଦର୍ଶନ କରି ଦେଶର ଅଖଣ୍ଡତାକୁ ବଜାୟ ରଖିପାରିବେ।

**(୪) ଜାତୀୟ ଇତିହାସର ପ୍ରସାର (Spread of National History) :** ଅତୀତର ଘଟଣାବଳୀ ଜାତି ତଥା ରାଷ୍ଟ୍ରର ଗୌରବମୟ ଅଧ୍ୟାୟକୁ ସୂଚାଇଥାଏ। ଏହା ଜାତୀୟତା ଭାବ ସମ୍ବନ୍ଧରେ ଅନେକ ତଥ୍ୟ ଯୋଗାଇଥାଏ। ଏହି ସନ୍ଦେଶ ଦେଶର ପ୍ରତ୍ୟେକ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିଲେ ପ୍ରତ୍ୟେକ କ୍ଷେତ୍ରରେ ସମନ୍ୱୟ ରକ୍ଷା କରାଯାଇପାରିବ। ପରସ୍ପର ମଧ୍ୟରେ ଆଞ୍ଚଳିକ ଆନୁଗତ୍ୟ ଭାବରୁ ସୃଷ୍ଟି ହେଉଥିବା ବିଦ୍ୱେଷ ଦୂର ହୋଇପାରିବ।

**(୫) ସାର୍ବଜନୀନ ଶିକ୍ଷା ଓ ସାଧାରଣ ପାଠ୍ୟକ୍ରମ (Universal Education and Common Syllabus) :** ସାର୍ବଜନୀନ ଶିକ୍ଷା ଆଞ୍ଚଳିକତାବାଦରୁ ସୃଷ୍ଟି ହେଉଥିବା ବିଦ୍ୱେଷକୁ ଦୂର କରିପାରିବ। ପ୍ରତ୍ୟେକ ସଚେତନଶୀଳ ହୋଇ ସଂକୀର୍ଣ୍ଣ ମନୋଭାବରେ ପରିବର୍ତ୍ତନ ଆଣିପାରିବେ ଓ ଦେଶରେ ଏକତା ବଜାୟ ରଖିବାରେ ଉଦ୍ୟମ କରିପାରିବେ। ବିବିଧତା ମଧ୍ୟରେ ଏକତା କିପରି ରକ୍ଷା କରାଯାଇପାରିବ ତାହାକୁ ଗୁରୁତ୍ୱ ଦେଇ ଶିକ୍ଷା

ବ୍ୟବସ୍ଥାର ସାଧାରଣ ପାଠ୍ୟକ୍ରମରେ ବିଭିନ୍ନ ବିଷୟର ପ୍ରସ୍ତୁତି ଜନସାଧାରଣଙ୍କୁ ସଂକୀର୍ଣ୍ଣ ଆଞ୍ଚଳିକତାବାଦ ଠାରୁ ଦୂରେଇ ଦେଇପାରିବ। ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀଙ୍କର ଜୀବନୀ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲେ ଏହାର ଉତ୍ତମ ପ୍ରଭାବ ଛାତ୍ରଛାତ୍ରୀମାନଙ୍କ ଉପରେ ପଡ଼ିପାରିବ ଏବଂ ସେମାନେ ନିଜକୁ ଉତ୍ତମ ନାଗରିକ ଭାବରେ ଗଢ଼ିପାରିବେ।

**(୬) ଜାତୀୟ ଭାଷାର ଗୁରୁତ୍ୱ (Importance of National Language) :** ଭାରତରେ ବିଭିନ୍ନ ଆଞ୍ଚଳିକ ଭାଷା ବ୍ୟବହୃତ ହୋଇଥାଏ। ଏହା ଆଞ୍ଚଳିକତାବାଦକୁ ପ୍ରୋତ୍ସାହିତ କରିଥାଏ। ଫଳରେ ଏହାର ପ୍ରଭାବରେ ଜାତୀୟ ସଂହତି ବାଧାପ୍ରାପ୍ତ ହୋଇଥାଏ। ଏହାର ପ୍ରତିରୋଧ ପାଇଁ ଜାତୀୟ ଭାଷାର ସାର୍ବଜନୀନତା ହେବା ଆବଶ୍ୟକ। ରାଷ୍ଟ୍ରୀୟ ଭାଷାର ମାନ୍ୟତା ହିଁ ସଂହତିକୁ ଆପଣେଇ ଥାଏ ଏବଂ ଦେଶ ପ୍ରତି ତଥା ଆତ୍ମୀୟତା ବୃଦ୍ଧି କରିଥାଏ।

**(୭) ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ଜାତୀୟ ସ୍ୱାର୍ଥ ପ୍ରତି ଗୁରୁତ୍ୱ ପ୍ରଦାନ (Emphasis on National Interest by Regional Political Parties) :** କେତେକ ସ୍ୱାର୍ଥାନ୍ୱେଷୀ ରାଜନୈତିକ ଦଳ ଆଞ୍ଚଳିକତାବାଦକୁ ପ୍ରୋତ୍ସାହିତ କରିଥାନ୍ତି। ସେହି ଦଳଗୁଡ଼ିକୁ ବେଆଇନ ବୋଲି ଘୋଷଣା କରିବା ଦରକାର। ଅପର ପକ୍ଷରେ ରାଜ୍ୟର ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ଏକ ସାଧାରଣ ଲକ୍ଷ ରହିବା ଉଚିତ୍। ଯାହା ଦେଶରେ ସଂହତି ଆଣିବାରେ ସହାୟକ ହୋଇପାରିବ। ଏଥିରେ ବ୍ୟତିକ୍ରମ ଦେଖାଗଲେ ନିଷେଧାଜ୍ଞା ଜାରି ହେବା ଆବଶ୍ୟକ ଏବଂ ବିହିତ ଦଣ୍ଡବିଧାନ ନିତାନ୍ତ ଆବଶ୍ୟକ। ଆଞ୍ଚଳିକବାଦ ସୃଷ୍ଟି କରୁଥିବା ରାଜନୈତିକ ଦଳଗୁଡ଼ିକୁ ନିର୍ବାଚନରୁ ବଂଚିତ ହେବାପାଇଁ ମଧ୍ୟ ବିଧିବ୍ୟବସ୍ଥା କରିବା ଦରକାର।

**(୮) ଆଦିବାସୀ ଅଞ୍ଚଳର ବିକାଶ (Development of Tribal Areas) :** ଆଦିବାସୀମାନେ ସାଧାରଣତଃ ବିକାଶର ମୂଖ୍ୟ ସ୍ରୋତରେ ସାମିଲ ହୋଇପାରିନଥାନ୍ତି। ସେମାନେ ପଛୁଆ ହୋଇ ରହିଥାନ୍ତି ଏବଂ ପୃଥକ ଭାବରେ ବସବାସ କରିବାକୁ ଅଧିକ ପସନ୍ଦ କରନ୍ତି। ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ମୂଖ୍ୟସ୍ରୋତ ଓ ବିକାଶର ଧାରାରେ ସେମାନଙ୍କୁ ସାମିଲ କରିବାର ଆବଶ୍ୟକତା ରହିଅଛି। ଫଳରେ ସେମାନଙ୍କ ଅଞ୍ଚଳରେ ଉଗ୍ର ସଂଗଠନଗୁଡ଼ିକ ଆଞ୍ଚଳିକତାବାଦ ସୃଷ୍ଟି କରି ଦେଶରେ ବିଶୃଙ୍ଖଳା ସୃଷ୍ଟି କରିଥାନ୍ତି। ଏହାର ଦୃଢ଼ ମୁକାବିଲା ଅଞ୍ଚଳର ବିକାଶ ଓ ଜନଜାତି ସମ୍ପ୍ରଦାୟର ଉନ୍ନତି ସେମାନଙ୍କ ମନରେ ପରିବର୍ତ୍ତନ ଆଣିପାରିବ। ଐକ୍ୟ ସ୍ଥାପନରେ ସେମାନେ ସମ୍ପୂର୍ଣ୍ଣ ସହଯୋଗ କରିପାରିବେ।

**(୯) ସନ୍ତୁଳିତ ଅର୍ଥନୈତିକ ବିକାଶ (Balanced Economic Development) :** ଦେଶରେ ଏକତା ଓ ସଂହତି ରକ୍ଷା କରିବାକୁ ହେଲେ ପ୍ରତ୍ୟେକ ରାଜ୍ୟରେ ସମାନ ଭାବରେ ଆର୍ଥିକ ସ୍ୱଚ୍ଛଳତା ରହିବା ଦରକାର। ସେଥିପ୍ରତି କେନ୍ଦ୍ର ନିରପେକ୍ଷ ଭାବରେ ଗଣତାନ୍ତ୍ରିକ ପଦ୍ଧତି ଅନୁସାରେ ଯୋଜନା ତଥା ଉନ୍ନୟନ ମୂଳକ ପଦକ୍ଷେପମାନ ନେବା ଆବଶ୍ୟକ। ଫଳରେ ଦେଶର ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ ବିଭେଦ ସୃଷ୍ଟି ହେବ ନାହିଁ କିମ୍ବା ଆଞ୍ଚଳିକତାବାଦର ନକାରାତ୍ମକ ପ୍ରଭାବ ଜନସାଧାରଣଙ୍କ ଉପରେ ପଡ଼ିବ ନାହିଁ।

# ଜାତିବାଦ
# Casteism

## ଜାତିବାଦର ଅର୍ଥ
## Meaning of Casteism

ଜାତିପ୍ରତି ଅନ୍ଧ ଆନୁଗତ୍ୟ ଭାବରୁ ଜାତିବାଦର ସୃଷ୍ଟି ହୋଇଥାଏ । ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଜାତିର ଚିନ୍ତାଧାରାରେ ନିଜସ୍ୱତା ରହିଥାଏ ସେତେବେଳେ ସେହି ଜାତି ଅନ୍ୟ ଜାତିପ୍ରତି କଠୋର ହୋଇଥାଏ । ଏହି ଚିନ୍ତା କେଉଁ ଆବାହମାନ କାଳରୁ ସମାଜରେ ପରିଲକ୍ଷିତ ହୋଇ ଆସୁଅଛି । ନିଜ ଜାତି ପ୍ରତି ଅନ୍ଧ ଆନୁଗତ୍ୟ ଭାବ ଓ ଅନ୍ୟଜାତି ପ୍ରତି ଘୃଣା ଓ ହୀନମନ୍ୟତା ଭାବ ଜାତିବାଦ (Casteism) ସୃଷ୍ଟି କରିଥାଏ ।

ଆର୍.ଏନ୍. ଶର୍ମା (R.N. Sharma) ଙ୍କ ମତରେ, "ଜାତିବାଦ ନିଜ ଜାତି ଅଥବା ଉପଜାତି ମଧ୍ୟରେ ଥିବା ଅନ୍ଧ ସାମୁହିକ ଆନୁଗତ୍ୟ ଭାଗ ଅଟେ, ଯାହାକି ଅନ୍ୟ ଜାତି ଗୁଡ଼ିକର ସ୍ୱାର୍ଥ ସମୂହକୁ ଭ୍ରୁକ୍ଷେପ କରିନଥାଏ ଏବଂ ନିଜ ସମୂହର ସାମାଜିକ, ଆର୍ଥୀକ, ରାଜନୀତିକ ଓ ଅନ୍ୟାନ୍ୟ ସ୍ୱାର୍ଥପ୍ରତି ସମ୍ପୂର୍ଣ୍ଣ ଅନୁରକ୍ତ ହୋଇଥାଏ" ।

"Casteism is a blind group loyality towards own caste on subcaste, which does not care for the interests of the other castes and seeks to rellise the social, economic, political and other interests of it's own group".

ଡି.ଏନ୍. ପ୍ରସାଦ (D.N. Prasad) ଙ୍କ ଅନୁସାରେ, "ଜାତିବାଦ ଜାତି ପ୍ରତି ଆନୁଗତ୍ୟ ଭାବ ଅଟେ, ଯାହା ରାଜନୀତିରେ ରୂପାନ୍ତରୀତ ହୋଇଥାଏ ।"

"Casteism is loyality to the caste translated in to politics"

କାକା କାଲେଲ୍‌କର (Kaka Kalelkar)ଙ୍କ ମତରେ, "ଜାତିବାଦ ହେଉଛି ମାତ୍ରାତିରିକ୍ତ ଅନ୍ଧ ଏବଂ ଦାମ୍ଭିକ ଗୋଷ୍ଠୀ ଆନୁଗତ୍ୟ ଯାହାକି ନ୍ୟାୟବୋଧ, ଔଚିତ୍ୟ, ସାମ୍ୟ ଓ ବିଶ୍ୱଭାତୃତ୍ୱ ଭାବ ଆଦି ସୁସ୍ଥ ସାମାଜିକ ମାନଦଣ୍ଡ ଗୁଡ଼ିକୁ ଉପେକ୍ଷା କରିଥାଏ" ।

"Casteism is therefore, an overriding blind and supreme group loyality that ignors the healthy social standards of justice, fairplay, equity and universal brotherhood".

## ଜାତିବାଦର ଗୁଣାବଳୀ
## Characteristics of Casteism

ଉପରୋକ୍ତ ସଂଜ୍ଞାଗୁଡିକରୁ ଜଣାପଡ଼େ ଯେ, ଜାତିବାଦ ନିଜ ଜାତିପ୍ରତି ସାମୁହିକ ଆନୁଗତ୍ୟରୁ ସୃଷ୍ଟି ହୋଇଥାଏ । ଏହି ଏକାତ୍ମକଭାବ କେତେକ ସମୟରେ ଏତେ ଅଧିକ ମାତ୍ରାରେ ଭୟାନକ ହୋଇଯାଏ ଯାହା ନିୟନ୍ତ୍ରଣରେ ରହିପାରେ ନାହିଁ । ଫଳରେ ଜାତି ଜାତି ମଧ୍ୟରେ ଅବୁଝାମଣା ସୃଷ୍ଟି ହୋଇ ଦ୍ୱନ୍ଦ ଓ ସଂଘର୍ଷର ରୂପ ନେଇଥାଏ ।

ନିମ୍ନରେ ଜାତିବାଦର ଗୁଣାବଳୀ ବା ବୈଶିଷ୍ଟ୍ୟଗୁଡ଼ିକୁ ଉଲ୍ଲେଖ କରାଗଲା।

୧. ଜାତିବାଦ ନିଜ ଜାତି ଓ ଉପଜାତି ମଧ୍ୟରେ ଅନ୍ଧ ଆନୁଗତ୍ୟ ଭାବ ସୃଷ୍ଟି କରିଥାଏ।

୨. ଅନ୍ୟ ଜାତିର ତଥା ଜାତୀୟ ସ୍ୱାର୍ଥକୁ ଗୁରୁତ୍ୱ ନଦେଇ ନିଜ ଜାତିର ସ୍ୱାର୍ଥକୁ ଜାତିବାଦ ପ୍ରାଥମିକତା ଦେଇଥାଏ।

୩. ଜାତିବାଦ ମାନବୀୟ ମୂଲ୍ୟବୋଧ ଏବଂ ସାମାଜିକ ତଥା ଜାତୀୟ କଲ୍ୟାଣ ପ୍ରତି ପ୍ରତ୍ୟେକ ଜାତିର ସଦସ୍ୟମାନଙ୍କୁ ସଚେତନ କରାଇଥାଏ।

୪. ଜାତିବାଦ ଅଣଗଣତାନ୍ତ୍ରିକ ଅଟେ। ଏହା ସୁସ୍ଥ ଗଣତନ୍ତ୍ରର ବାଧକ ହୋଇ ସମାଜ ତଥା ରାଷ୍ଟ୍ରର ବ୍ୟବସ୍ଥା ଗୁଡ଼ିକୁ ବିଘଟିତ କରିଥାଏ।

୫. ଜାତିବାଦ ଭାରତୀୟ ସାମ୍ବିଧାନିକ ଆଦର୍ଶଗୁଡ଼ିକୁ ଗୌଣ ଦୃଷ୍ଟିରେ ଦେଖିବାପାଇଁ ଜାତି/ଗୋଷ୍ଠୀର ସଦସ୍ୟମାନଙ୍କୁ ପ୍ରୋତ୍ସାହିତ କରିଥାଏ।

୬. ଜାତୀୟ ସଂହତିରେ ଜାତିବାଦ ଏକ ପ୍ରତିବନ୍ଧକ ହୋଇଥାଏ। ରାଷ୍ଟ୍ରର ସଦସ୍ୟମାନଙ୍କ ମନରେ ବିମୁଖତା ଆଣିଥାଏ। ଏହା ରାଷ୍ଟ୍ରରେ ବିପଦ ସୃଷ୍ଟି କରିଥାଏ।

୭. ପ୍ରାୟତଃ ଜାତିବାଦ ରାଜନୀତିରେ ରୂପାନ୍ତରିତ ହୋଇଥାଏ। ଉଦାହରଣ ସ୍ୱରୂପ, ରାଜସ୍ଥାନର ରାଜପୁତ ଓ ଜାଠ, ଆନ୍ଧ୍ରପ୍ରଦେଶର ରେଡି ଓ କମ୍ମା ପ୍ରଭୃତି ରାଷ୍ଟ୍ରର ବିଭିନ୍ନ ଜାତି ମଧ୍ୟରେ ରାଜନୈତିକ ସ୍ୱାର୍ଥ ହାସଲ ଜାତିଆଣଭାବରୁ ସୃଷ୍ଟି ହୋଇଆସୁଅଛି।

## ଜାତିବାଦର କାରଣ

## Causes of Casteism

ଭାରତୀୟ ସମାଜ ଜାତି ବ୍ୟବସ୍ଥାକୁ ଗ୍ରହଣ କରିଆସୁଅଛି। ଏଥିରେ କେତେକ ପ୍ରକାର୍ଯ୍ୟାତ୍ମକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲେ ମଧ୍ୟ ଜାତିର କଠୋର ବିଚାରଧାରା ଆଜି ମଧ୍ୟ ଭାରତୀୟ ସମାଜରେ ଦେଖାଯାଉଅଛି ଯାହା ଜାତିବାଦକୁ ପ୍ରୋତ୍ସାହିତ କରି ବିଭିନ୍ନ ସମସ୍ୟା ସୃଷ୍ଟି କରୁଅଛି।

ଜାତିବାଦର ପ୍ରମୁଖ କାରଣଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା।

**(୧) ଜାତି ସମ୍ମାନବୋଧ (Sense of Caste Prestige) :** ବ୍ୟକ୍ତି ଯେଉଁ ଜାତିରେ ଜନ୍ମଗ୍ରହଣ କରିଥାଏ, ସେହି ଜାତି ପ୍ରତି ନିଜର ସମ୍ମାନବୋଧ ରହିଥାଏ। ନିଜ ନିଜ ଜାତିର ମର୍ଯ୍ୟାଦା ପାଇଁ ସଦସ୍ୟମାନେ ଚେଷ୍ଟା କରିଆସିଥାନ୍ତି। ନିଜ ଜାତିର ସ୍ୱାଭିମାନକୁ ରକ୍ଷାକରିବାକୁ ଯାଇ ଜାତି ଜାତି ମଧ୍ୟରେ ପ୍ରତିଯୋଗିତା ଆରମ୍ଭ କରିଦେଇଥାନ୍ତି। ଫଳରେ ଜାତି ଜାତି ମଧ୍ୟରେ ବୁଝାମଣାର ଅଭାବ ଦେଖାଯାଇଥାଏ ଏବଂ ପରସ୍ପର ସ୍ୱାର୍ଥସାଧନ ନିମନ୍ତେ ସଂଘର୍ଷ କରିଥାନ୍ତି। ଜାତିବାଦକୁ ଏହା ପ୍ରୋତ୍ସାହିତ କରିବା ସହିତ ଜାତୀୟ ସଂହତିରେ ବାଧା ସୃଷ୍ଟି କରିଥାଏ।

**(୨) ବିବାହରେ କଟକଣା (Restriction on Marriage) :** ବିବାହରେ କଟକଣା ଜାତି ପଦ୍ଧତିର ଏକ ପ୍ରଧାନ ବୈଶିଷ୍ଟ୍ୟ ଅଟେ। ଏହା ଅନ୍ତଃବିବାହକୁ ସ୍ୱୀକୃତି ପ୍ରଦାନ କରିଥାଏ ଏବଂ ବହିର୍ବିବାହକୁ ଅନୁମତି ଦେଇନଥାଏ।

ନିଜ ଜାତି ମଧ୍ୟରେ ବିବାହ କରିବା ଦ୍ୱାରା ନିଜ ଜାତି ପ୍ରତି ଆନୁଗତ୍ୟ ତଥା ଘନିଷ୍ଠତା ସୁଦୃଢ଼ ହୋଇଥାଏ ଏ
ଜାତି ପବିତ୍ରତା ରକ୍ଷା କରାଯାଇଥାଏ । କିନ୍ତୁ କେତେକ କ୍ଷେତ୍ରରେ ଏହି ବିବାହରେ କଟକଣା ଜାତି ବିଭେଦତା
କରିବାରେ ସହାୟକ ହୋଇଥାଏ । ପ୍ରତ୍ୟେକ ଜାତି ପ୍ରତ୍ୟେକଙ୍କର ସ୍ୱାର୍ଥପ୍ରତି ସଚେତନ ଥାଆନ୍ତି ଓ ବିଭିନ୍ନ କ୍ଷେତ୍ର
ଜାତିର ସ୍ୱାର୍ଥକୁ ଗୁରୁତ୍ୱ ଦେବା ଫଳରେ ଜାତିବାଦ ସୃଷ୍ଟି ହୁଏ ।

**(୩) ପରିବହନ ଓ ଯୋଗାଯୋଗରେ ଉନ୍ନତି (Development in the Means of Transportati and Communication) :** ପରିବହନ ଓ ଯୋଗାଯୋଗରେ ଉନ୍ନତି ଜାତିଆଣଭାବକୁ ବୃଦ୍ଧି କରାଇଥା
ଏହି ସୁବିଧାସୁଯୋଗ ବିଭିନ୍ନ ପ୍ରାନ୍ତରେ ଥିବା ଜାତିର ସଦସ୍ୟମାନଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ସ୍ଥାପନ ସହଜ
ହୋଇପାରିଥାଏ । ପରସ୍ପର ମଧ୍ୟରେ ଭାବ, ଭାଷା ଓ ବିଷୟର ବିନିମୟ ହୋଇ ଜାତିଆଣଭାବ ସୁଦୃଢ଼ ହୋଇଥା
ଏପରିକି ଗଣମାଧ୍ୟମ ନିର୍ଦ୍ଦିଷ୍ଟ ଜାତିର ସଦସ୍ୟମାନଙ୍କ ମଧ୍ୟରେ ଐକ୍ୟ ସ୍ଥାପନ କରିଥାଏ । ବିଭିନ୍ନ ଖବରକାଗ
ଟେଲିଭିଜନ, ବିଭିନ୍ନ ପତ୍ର ପତ୍ରିକା ମାଧ୍ୟମରେ ସ୍ୱଜାତି ମନୋଭାବକୁ ଦୃଢ଼ୀଭୂତ କରିପାରିଥାଏ । ଜାତି ସଂଗଠ
ମଧ୍ୟ ସୁଦୃଢ଼ କରିଥାଏ ।

**(୪) ସଂରକ୍ଷଣ ନୀତି (Reservation Policy) :** ଜାତିର ସୁବିଧା ସୁଯୋଗଗୁଡ଼ିକୁ ଭିତ୍ତିକରି ଏକାଧିକ ନ
ସରକାରୀ ସ୍ତରରେ ପ୍ରଣୟନ କରାଯାଇଅଛି । ଫଳରେ ପ୍ରତ୍ୟେକ ଜାତିସ୍ତରୀକରଣର ନିମ୍ନରେ ଥିବା ଜାତି
ସଦସ୍ୟମାନେ ସାମାଜିକ, ଆର୍ଥିକ, ରାଜନୀତିକ କ୍ଷେତ୍ରରେ ସରକାରୀ ପ୍ରଣୋଦିତ ନିୟମାନୁଯାୟୀ ସୁବିଧା ସୁଯେ
ହାସଲ କରିପାରୁଅଛନ୍ତି । ଜନ୍ମ ଦ୍ୱାରା ନିର୍ଦ୍ଧାରିତ ପ୍ରସ୍ଥିତି ଅନୁଯାୟୀ ଉଚ୍ଚ ଜାତିର ସଦସ୍ୟଗଣ ସୁବିଧା ସୁଯୋଗ
ବଂଚିତ ହେବାସ୍ଥଳେ ନିମ୍ନ ଜାତିର ସଦସ୍ୟଗଣ ସଂରକ୍ଷଣ ଦ୍ୱାରା ବହୁତ ସୁବିଧା ପାଉଅଛନ୍ତି । ଫଳରେ ଉଭୟ ଜ
ମଧ୍ୟରେ ଦ୍ୱନ୍ଦ ସୃଷ୍ଟି ହୋଇଥାଏ ଏବଂ ଏହି ବିଭେଦତା ଜାତିବାଦକୁ ପ୍ରୋସାହିତ କରିଥାଏ । ଉଚ୍ଚନୀଚ ବିଭେଦ
ଜାତିବାଦ ସୃଷ୍ଟି କରିଥାଏ ।

**(୫) ସାମାଜିକ ବ୍ୟବଧାନ (Social Distance) :** ଜାତି ବ୍ୟବସ୍ଥାରେ ସାମାଜିକ ବ୍ୟବଧାନ ଦେଖାଯାଇଥାଏ
ତେଣୁ ଜାତିପ୍ରଥା ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଉଭୟ ପରସ୍ପର ବିରୋଧି ଅଟନ୍ତି । ଜାତି ବ୍ୟବସ୍ଥାରେ ଖାଦ୍ୟ, ପାନୀୟ
ମିଳାମିଶାରେ କଟକଣା ରହିଥାଏ । [illegible]
ଯଥା - ରାସ୍ତାଘାଟ, ନଦୀ, କୂପ, ପୋଖରୀ, ଶିକ୍ଷାନୁଷ୍ଠାନ, ଧର୍ମସ୍ଥାନ ବ୍ୟବହାର କରିବାରେ କଟକଣା,
ସଦସ୍ୟମାନଙ୍କ ମଧ୍ୟରେ ଜାତିବାଦ ସୃଷ୍ଟି କରିଥାଏ । ପରସ୍ପର ବିରୋଧ ଭାବ ଜାତି ମଧ୍ୟରେ ଶତ୍ରୁତା ଆଣି
ନିଜ ଜାତିର ସଦସ୍ୟମାନେ ନିଜ ବିଷୟକୁ ଗୁରୁତ୍ୱ ଦେଇଥାନ୍ତି ଓ ଜାତି ସଚେତନ ହୋଇ ନିଜର ପ୍ର
ସମାନତା ଆଣିବା ପାଇଁ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିଥାନ୍ତି ।

**(୬) ନିର୍ବାଚନ (Election) :** ଦେଶର ଯେ କୌଣସି ନିର୍ବାଚନରେ ଜାତିବାଦ ପ୍ରଭାବ ପକାଇ
ରାଜନେତାମାନେ ଜାତିକୈନ୍ଦ୍ରିକ ହୋଇ ନିର୍ବାଚନରେ ପ୍ରତିନିଧିତ୍ୱ କରିଥାନ୍ତି ଓ ଜାତି ସମର୍ଥନ ଲୋଡିଥାନ୍ତି ।
ଦ୍ୱନ୍ଦର କାରଣ ହୋଇଥାଏ । ଜାତିବାଦର ସ୍ୱର ନିର୍ବାଚନରେ ପ୍ରତ୍ୟେକ ରାଜ୍ୟରେ ପରିଲକ୍ଷିତ ହୋଇଥାଏ ।

## ଜାତିବାଦର ପ୍ରଭାବ / ପରିଣାମ

**Impacts / Consequences of Casteism**

ଜାତିବାଦର ପ୍ରଭାବ ଏବଂ ପରିଣାମଗୁଡ଼ିକୁ ନିମ୍ନରେ ଆଲୋଚନା କରାଯାଇଅଛି ।

(୧) ଜାତୀୟତାବାଦ ବିକାଶରେ ପ୍ରତିବନ୍ଧକ **(Hindrance in the Development of Nationalism):** ସ୍ୱତନ୍ତ୍ରଜାତିଆଣ ଭାବ ଜାତୀୟତାବାଦର ବିକାଶରେ ପ୍ରତିବନ୍ଧକ ହୋଇଥାଏ । ପ୍ରତ୍ୟେକ ଜାତି ମଧ୍ୟରେ ସ୍ୱାର୍ଥକୁ ନେଇ ମତାନ୍ତର ଓ ମନାନ୍ତର ଜାତୀୟ ସଂହତି ସ୍ଥାପନ କରିବା ପରିବର୍ତ୍ତେ ସଂଘର୍ଷ ଓ ବିଭେଦତା ସୃଷ୍ଟି କରିଥାଏ ।

(୨) ଗଣତନ୍ତ୍ରରେ ପ୍ରତିବନ୍ଧକ **(Hindrance to Democracy) :** ଗଣତନ୍ତ୍ର ଲୋକଙ୍କ ପାଇଁ, ଲୋକଙ୍କର ଓ ଲୋକଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥାଏ । ଏହି ବ୍ୟବସ୍ଥା କୌଣସି ଏକ ନିର୍ଦ୍ଦିଷ୍ଟ ଜାତି, ଶ୍ରେଣୀ, ଧର୍ମ ଏବଂ ବର୍ଣ୍ଣକୁ ପ୍ରାଧାନ୍ୟ ଦେଇନଥାଏ । ଜନସାଧାରଣଙ୍କର ସର୍ବ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ । ସମାନତା, ଭାତୃତ୍ୱଭାବ, ସଂହତି ରକ୍ଷା ଗଣତନ୍ତ୍ରର ମୂଖବନ୍ଧ ଅଟେ । ଜାତିବାଦ ଗଣତନ୍ତ୍ରର ସାର୍ବଜନୀନ ନିୟମଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିନଥାଏ । ତେଣୁ ଜାତିବାଦ ଗଣତନ୍ତ୍ରର ବିରୋଧ୍ୱ ହୋଇଯାଏ । ରାଜନୈତିକ କ୍ଷେତ୍ରରେ କେତେକ ଜାତିବାଦକୁ ନେଇ ସ୍ୱାର୍ଥନ୍ୱେଷୀ ଅଗଣତାନ୍ତିକ କାର୍ଯ୍ୟ କରିବସନ୍ତି । ଫଳରେ ସାମାଜିକ ବିଶୃଙ୍ଖଳା ଦେଖାଯାଇଥାଏ । ଧର୍ମୀୟ କ୍ଷେତ୍ରରେ ଜାତିବାଦ ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେଇ ସାମାଜିକ, ରାଜନୈତିକ ଅସ୍ଥିରତା ଆଣିଥାଏ । ଜାତିର ସଂକୀର୍ଣ୍ଣଭାବ ରାଷ୍ଟ୍ରର ହିତସାଧନ ପରିବର୍ତ୍ତେ ପ୍ରଗତିରେ ବାଧା ଆଣିଥାଏ ।

(୩) ଦୁର୍ନୀତି **(Corruption) :** ଜାତିବାଦ ଦୁର୍ନୀତିର ମାତ୍ରାକୁ ଅଧିକ କରିଥାଏ । ଜାତିର ଅନୁରକ୍ତିରେ ଜାତିର ସଦସ୍ୟମାନେ ନିଜର ତଥା ଜାତିର ସ୍ୱାର୍ଥସାଧନ ନିମନ୍ତେ ବିଭିନ୍ନ ନକାରାତ୍ମକ ମାଧ୍ୟମ ଅବଲମ୍ବନ କରିଥାନ୍ତି । ଏହା ପରୋକ୍ଷରେ ଦୁର୍ନୀତିକୁ ପ୍ରୋତ୍ସାହିତ କରିଥାଏ । ରାଜନୈତିକ କ୍ଷେତ୍ରରେ ଜାତିବାଦର ବ୍ୟାପକତା ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରଶ୍ରୟ ଦେଇଥାଏ । ଫଳରେ ଜାତିଜାତି ମଧ୍ୟରେ ଅରାଜକତା ବୃଦ୍ଧି ପାଇଥାଏ ଓ ପ୍ରଶାସନିକ ବ୍ୟବସ୍ଥା ବିଶୃଙ୍ଖଳିତ ହୋଇଥାଏ ।

(୪) ସାମାଜିକ ସମନ୍ୱୟରେ ପ୍ରତିବନ୍ଧକ **(Hindrance to Social Order) :** ରାଷ୍ଟ୍ର ତଥା ଦେଶରେ ଶାନ୍ତି ଶୃଙ୍ଖଳ ରକ୍ଷା କରିବା ଓ ଗଣତନ୍ତ୍ରକୁ ସୁଦୃଢ଼ କରିବା ପ୍ରତ୍ୟେକ ଜାତିର ସଦସ୍ୟମାନଙ୍କର କର୍ତ୍ତବ୍ୟ ଅଟେ । କିନ୍ତୁ ଜାତି ପ୍ରତି ଅନ୍ଧ ଆନୁଗତ୍ୟ ଭାବ ଜାତି ସଦସ୍ୟଙ୍କ ମନରେ ସ୍ୱାର୍ଥପରତା ଓ ସଂକର୍ଣ୍ଣତା ଭାବ ବଢ଼ାଇଥାଏ । ଫଳରେ ଜାତିର ସଦସ୍ୟମାନେ ନିଜର ତଥା ଜାତିର ସମ୍ମାନ ପାଇଁ ଅନେକ ରାଷ୍ଟ୍ରବିରୋଧ୍ୱ କାର୍ଯ୍ୟ ଗୁଡିକ କରିଥାନ୍ତି । ଫଳରେ ଜାତି ଜାତି ମଧ୍ୟରେ ଅସହିଷ୍ଣୁତା ବୃଦ୍ଧି ପାଇଥାଏ । ଏହା ମଧ୍ୟ ହିଂସାର ରୂପ ନେଇଥାଏ, ଯାହା ସମାଜରେ ସମନ୍ୱୟ ରକ୍ଷା କରିବା ପରିବର୍ତ୍ତେ ସଂହତିରେ ବାଧା ସୃଷ୍ଟି କରିଥାଏ ।

(୫) ପବିତ୍ର ଓ ଅପବିତ୍ରତାର ଉତ୍ସ **(Source of Purity and Pollution) :** ଭାରତୀୟ ଜାତି ବ୍ୟବସ୍ଥା ଛୁଆଁ, ଅଛୁଆଁ, ପବିତ୍ର ଅପବିତ୍ର ଲକ୍ଷଣ ଗୁଡ଼ିକୁ ବିଶେଷ ଗୁରୁତ୍ୱ ପ୍ରଦାନକରିଥାଏ । ଏହାର କୁପ୍ରଭାବ ସମାଜ

ଉପରେ ପଡ଼ିଥାଏ। ଜାତି ଜାତି ମଧ୍ୟରେ ଖାଦ୍ୟ, ପାନୀୟ ଓ ମିଳାମିଶା, ସାମାଜିକ ଓ ଧର୍ମୀୟ କଟକଣାମାନ ପରସ୍ପର ମଧ୍ୟରେ ବିଭେଦତା ଆଣିଥାଏ। ଯେଉଁମାନେ କଠୋର କଟକଣାର ସମ୍ମୁଖୀନ ହୋଇଥାନ୍ତି ସାଧାରଣତଃ ସେମାନଙ୍କ ମଧ୍ୟରେ ଘୃଣା ଓ ଅସନ୍ତୋଷଭାବ ବୃଦ୍ଧି ପାଇଥାଏ।

**(୬) ରକ୍ଷଣଶୀଳ ଭାବ (Conservative Attitude) :** ଜାତିର ରକ୍ଷଣଶୀଳ ମନୋଭାବ ଜାତି ସଦସ୍ୟମାନଙ୍କୁ କଠୋର ଜାତି ବ୍ୟବସ୍ଥା ମାଧ୍ୟମରେ ସୀମିତ ରଖିଥାଏ। ଛୁଆଁ ଅଛୁଆଁ ଭେଦଭାବକୁ ବୃଦ୍ଧି କରିଥାଏ। ମିଳାମିଶାରେ କଟକ୍ଷଣା ରଖିଥାଏ। ନିର୍ଦ୍ଦିଷ୍ଟ ଜାତି ନିଜ ଜାତିର ପ୍ରଥା ପରମ୍ପରାରେ ଜୀବନକୁ ପରିଚାଳିତ କରିଥାଏ। ନିଜ ଜାତି ପ୍ରଥା, ପରମ୍ପରା, ଚଳଣୀ ଇତ୍ୟାଦିରେ ସ୍ୱତନ୍ତ୍ରତା ରକ୍ଷା କରି ଅନ୍ୟ ଜାତି ପ୍ରତି ଗୌଣଭାବ ଦେଖାଇଥାନ୍ତି। ଏହାହିଁ ଜାତୀୟ ଏକତାରେ ପ୍ରତିବନ୍ଧକ ହୋଇଥାଏ। ଏହି ରକ୍ଷଣଶୀଳ ମନୋଭାବ ପରିବର୍ତ୍ତନକୁ ପ୍ରଶୟ ଦେଇନଥାନ୍ତି, ବିକାଶର ଧାରାରେ ବାଧା ସୃଷ୍ଟି କରିଥାଏ।

**(୭) ରାଜନୈତିକ ଅସ୍ଥିରତା (Palitical Instability) :** ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ସମୟରେ ଜାତିକୁ ଭିତ୍ତିକରି ରାଜନେତାମାନେ ନିର୍ବାଚିତ ହେବାପାଇଁ ଉଦ୍ୟମ କରିଥାନ୍ତି। ଏଥିରେ ଜାତି ମଧ୍ୟରେ ବିଭାଜନ ସୃଷ୍ଟି ହୋଇଥାଏ ଓ ଶତ୍ରୁତା ବୃଦ୍ଧି ପାଇଥାଏ। ନିର୍ବାଚନ ରଣନୀତିରେ ଜାତିବାଦ ରାଷ୍ଟ୍ରର ବିକାଶ ଓ ସମୃଦ୍ଧିରେ ବାଧାସୃଷ୍ଟି କରିଥାଏ। ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ କରୁଥିବା ନିର୍ବାଚିତ ସଭ୍ୟମାନଙ୍କର ଅନାସ୍ଥାଭାବ ରାଜନୈତିକ ଅସ୍ଥିରତା ଆଣି ଗଣତନ୍ତ୍ର ଏବଂ ଶାସନ ବ୍ୟବସ୍ଥାକୁ ଦୁର୍ବଳ କରିଦିଏ।

**(୮) ଉଦ୍ୟୋଗ ଓ ଶିଳ୍ପାୟନ ଦକ୍ଷତାରେ ପ୍ରତିବନ୍ଧକ (Hindering the Technology and Industrial Efficiency) :** ଜାତିବାଦ ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରୁଅଛି। ଏହାର କୁ ପ୍ରଭାବରେ ଯୋଗ୍ୟତା, ଦକ୍ଷତା ଓ ଅଭିଜ୍ଞଧାରୀ ଜନସାଧାରଣ କ୍ଷତିଗ୍ରସ୍ତ ହେଉଅଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଉପଯୁକ୍ତ ପାର୍ଥୀ ମନୋନୟନ ସମ୍ଭବପର ହୋଇପାରିନଥାଏ। ଏହା ବ୍ୟକ୍ତି ତଥା ସମୂହ ମଧ୍ୟରେ ମାନସିକ ଚାପ ସୃଷ୍ଟି କରିଥାଏ ଓ ନାନା ସମସ୍ୟା ଭାରତୀୟ ସମାଜରେ ଦେଖା ଯାଇଥାଏ।

**(୯) ସାମାଜିକ ଗତିଶୀଳତାର ପ୍ରତିବନ୍ଧକ (Obstacle to Social Mobility) :** କୌଳିକ ବୃତ୍ତି ଜାତି ପଦ୍ଧତିର ପ୍ରଧାନ ବୈଶିଷ୍ଟ୍ୟ ଅଟେ। ଏହା ଜନ୍ମ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ଫଳରେ ଜାତି ଜାତି ମଧ୍ୟରେ ସାମାଜିକ ଗତିଶୀଳତା ଦେଖାଯାଇ ନଥାଏ। ଫଳରେ ବିକାଶର ଧାରା ସ୍ଥିର ରହିଥାଏ। ଜାତୀୟ ଉନ୍ନତି ତଥା ବ୍ୟକ୍ତିର ଉନ୍ନତି ଆଶାନୁରୂପ ହୋଇପାରିନଥାଏ।

**(୧୦) ଧର୍ମ ପରିବର୍ତ୍ତନ (Religions Conversion) :** ନିଜ ଜାତିର ଧର୍ମ ପରିବର୍ତ୍ତନ ଓ ଅନ୍ୟ ଧର୍ମ ଗ୍ରହଣ ସାଧାରଣତଃ ନିମ୍ନ ଜାତିର ସଦସ୍ୟମାନଙ୍କ ମଧ୍ୟରେ ଦେଖାଯାଇଥାଏ। ଜାତି କଠୋରତାର ଓ କଠୋର କଟକଣା ଯୋଗୁ ନିମ୍ନ ଜାତିର ସଦସ୍ୟମାନେ ନିଜର ଜାତି, ଧର୍ମ ପରିବର୍ତ୍ତନ କରିଥାନ୍ତି। ଏହା ଏକ ରାଷ୍ଟ୍ରୀୟ ସମସ୍ୟାର କାରଣ ହୋଇଯାଏ।

## ଜାତିବାଦର ନିରାକରଣ ନିମନ୍ତେ ପଦକ୍ଷେପ
**Measures to Eradicate Casteism**

ଜାତିବାଦ ସମାଜରେ ବହୁ ସମସ୍ୟା ସୃଷ୍ଟି କରିଥାଏ। ଏହାର ନିରାକରଣ ନିତାନ୍ତ ଆବଶ୍ୟକତା ରହିଅଛି। ଏହାର ନିରାକରଣ ନିମନ୍ତେ ପଦକ୍ଷେପ ଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା।

**(୧) ବିଚାର ନିଷ୍ଠ ଓ ବୈଜ୍ଞାନିକ ଶିକ୍ଷା (Rational and Scientifc Education) :** ଆଧୁନିକ ଶିକ୍ଷା ବିଜ୍ଞାନ ସମ୍ମତ ଅଟେ। ଜାତିବାଦରେ ବିଶ୍ୱାସ କରୁଥିବା ବ୍ୟକ୍ତିଗଣ ପାରମ୍ପରିକ ବିଚାର ଓ ଅନ୍ଧ ବିଶ୍ୱାସରେ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ତେଣୁ ସାର୍ବଜନୀନ ଓ ଆଧୁନିକ ଶିକ୍ଷାର ପ୍ରଚଳନ ଜାତିବାଦ ଉପରେ ଆସ୍ଥା ରଖୁଥିବା ଲୋକଙ୍କ ମନରେ ନୂତନ ଭାବନା ସୃଷ୍ଟି କରିପାରେ। ସେମାନେ ଏକ ସୁସ୍ଥ ନିରପେକ୍ଷ ଜୀବନ ଯାପନ କରି ଗଣତନ୍ତ୍ରର ସୁରକ୍ଷା ପ୍ରଦାନ କରିପାରିବେ।

**(୨) ଆନ୍ତଃ ଜାତି ବିବାହ (Inter Caste Marriage) :** ଜାତି ବ୍ୟବସ୍ଥାରେ ନିଜ ଜାତି ମଧ୍ୟରେ ବିବାହକୁ ଗ୍ରହଣ କରିଥାଏ। ଆନ୍ତଃଜାତି ବିବାହ ଏକ ଦଣ୍ଡନୀୟ ଅପରାଧ ଅଟେ। ସ୍ୱଜାତି ବିବାହ ଜାତିବାଦକୁ ପ୍ରୋତ୍ସାହିତ କରିଥାଏ। ଜାତିବାଦ ଯୋଗୁ ସୃଷ୍ଟି ହେଉଥିବା ବିବାଦଗୁଡ଼ିକୁ ଦୂରକରିବାକୁ ହେଲେ ଆନ୍ତଃ ବିବାହ ଅର୍ଥାତ୍ ଅନ୍ୟଜାତିରେ ବିବାହ ପ୍ରଚଳନର ଆବଶ୍ୟକତା ରହିଅଛି। ଆନ୍ତଃଜାତି ବିବାହ ଜାତିଗତ ବିଭେଦତା ଦୂରକରିବାରେ ସହାୟକ ହୋଇପାରିବ। ଉଭୟ ଜାତି ମଧ୍ୟରେ ଭାବଗତ ସୁ-ସମ୍ପର୍କ ସ୍ଥାପନ ହୋଇପାରିବ।

**(୩) ସାମ୍ୟ ପ୍ରତିଷ୍ଠା (Establishing Equality) :** ଜାତିବାଦ ଅସମାନତା ସୃଷ୍ଟି କରିଥାଏ। ଏହାର ନିରାକରଣ ନିମନ୍ତେ ଓ ଜାତି ଉଚ୍ଚନୀଚ କ୍ରମ ଭାବନା ପରିବର୍ତ୍ତନ ନିମନ୍ତେ ସବୁ ଜାତି ମଧ୍ୟରେ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ସମାନତା ପ୍ରତିଷ୍ଠା କରିବା ଆବଶ୍ୟକ ଅଟେ। ଏହି ସୁବିଧାସୁଯୋଗରେ ସମାନତା ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ସହାୟତା ପ୍ରଦାନ କରିପାରିବ। ସରକାରୀ ତଥା ବେସରକାରୀ କ୍ଷେତ୍ରରେ ଉଦ୍ୟମ କରିବା ଦରକାର। ବିଭେଦତା ସୃଷ୍ଟି କରିବା ଏକ ଦଣ୍ଡନୀୟ ଅପରାଧ ଅଟେ। ସମାନ ସୁବିଧା ଓ ସୁଯୋଗ ହାସଲ କରିବା ପ୍ରତ୍ୟେକ ନାଗରୀକଙ୍କର ଅଧିକାର ଅଟେ। ସେଥିପ୍ରତି ସଚେତନଶୀଳ ହୋଇ କାର୍ଯ୍ୟ କରିବା ଉଚିତ୍।

**(୪) ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକର ଭୂମିକା (Role of Voluntary Organisation) :** ଜାତିବାଦର ନିରାକରଣ ନିମନ୍ତେ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ସେହି, ସଂଗଠନ ଗୁଡ଼ିକ ସଚେତନମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଜାତିଗତ ବିଭେଦତା ଦୂରକରିପାରିବେ। ଶିକ୍ଷାର ପ୍ରସାର ମାଧ୍ୟମରେ ଜାତିବାଦରୁ ସୃଷ୍ଟି ହେଉଥିବା ଅସମାନତା ଦୂରକରିବାରେ ସମର୍ଥ ହୋଇପାରିବେ। ଜାତୀୟ କଲ୍ୟାଣ ନିମନ୍ତେ ପ୍ରତ୍ୟେକ ଜାତିର ସଦସ୍ୟମାନଙ୍କୁ ସଚେତନ କରାଇପାରିବେ।

**(୫) ଗଣମାଧ୍ୟମର ବ୍ୟବହାର (Use of Mass Media ) :** ଜାତିବାଦଜନିତ ସମସ୍ୟାଗୁଡ଼ିକର ନିରାକରଣ ନିମନ୍ତେ ଗଣମାଧ୍ୟମ, ଯଥା – ରେଡ଼ିଓ, ଦୂରଦର୍ଶନ ଓ ସମ୍ବାଦପତ୍ର ଗୁଡ଼ିକର ସୁବିନିଯୋଗର ଆବଶ୍ୟକତା ରହିଅଛି।

ବିଶେଷତଃ ନିରପେକ୍ଷ ସମ୍ବାଦ ଗୁଡ଼ିକ ପ୍ରତ୍ୟେକ ଜାତିର ସଦସ୍ୟମାନ ଉପରେ ଭଲ ପ୍ରଭାବ ପକାଇ ସେମାନଙ୍କୁ ଜାତୀୟସ୍ଥିତ ଓ ଉନ୍ନତ ପାଇଁ ସାମୂହିକ ଉଦ୍ୟମ ପାଇଁ ସଚେତନ କରାଇପାରିବ।

**(୬) ସଂସ୍କୃତିକରଣ ପ୍ରକ୍ରିୟା (Sanskritisation Process) :** ନୀଚଜାତିର ସଦସ୍ୟ ଉଚ୍ଚଜାତିର ଜୀବନଶୈଳୀୟକୁ ଅନୁକରଣ କରି ନିଜ ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ଫଳରେ ଜାତି ମଧ୍ୟରେ ଜାତିଆଣ ଭାବ ଦୂରହେବାର ପ୍ରକ୍ରିୟା ଆରମ୍ଭ ହୋଇଯାଏ। ପ୍ରତ୍ୟେକଙ୍କର ଅନ୍ୟଜାତିର ଲକ୍ଷଣ ପ୍ରତି ଶ୍ରଦ୍ଧା ଆସିବା ସହିତ ଭାଇଚାରା ସୃଷ୍ଟି କରିବାରେ ସହାୟକ ହୋଇପାରିବ। ଦେଶରେ ଜାତିକୁ ନେଇ ବିଭେଦ ସୃଷ୍ଟି ହେବନାହିଁ ଓ ସଂହତି ପ୍ରତିଷ୍ଠା ହୋଇପାରିବ।

## ଆତଙ୍କବାଦ
## Terrorism

### ଆତଙ୍କବାଦର ଅର୍ଥ
### Meaning of Terrorism

ଆତଙ୍କବାଦ ଏକ ବିଶ୍ୱବ୍ୟାପି ସମସ୍ୟା ଅଟେ। ସମାଜରେ ପରିବର୍ତ୍ତନ ଆଣିବାପାଇଁ ଏହା ଏକ ହିଂସାତ୍ମକ ପ୍ରକ୍ରିୟା ଅଟେ। ମୁଖ୍ୟତଃ ଏହା ଏକ ଅପରାଧମୂଳକ ଏବଂ ହିଂସାତ୍ମକ କ୍ରିୟାକଳାପ ଅଟେ। ଏହାରି ମାଧ୍ୟମରେ ଆତଙ୍କବାଦୀ ନିଜର ଦାବି / ସ୍ୱାର୍ଥ ହାସଲ ନିମନ୍ତେ ସମାଜ ତଥା ସରକାରଙ୍କ ନିକଟରେ ଉପସ୍ଥାପିତ କରି ବିଫଳ ହେଲେ ସନ୍ତ୍ରାସବାଦୀ କାର୍ଯ୍ୟମାନ କରିଥାନ୍ତି। ଧର୍ମୀୟ, ଆର୍ଥିକ, ଆଦର୍ଶବାଦ ଏବଂ ରାଜନୈତିକ ଲକ୍ଷ୍ୟ ହାସଲରେ ବିଫଳ ହେଲେ ଅସନ୍ତୁଷ୍ଟ ଗୋଷ୍ଠି ବା ସମ୍ପ୍ରଦାୟ ଜନସାଧାରଣ ଏବଂ ସରକାରଙ୍କ ମଧ୍ୟରେ ଧମକ ଏବଂ ଭୟ ସଂଗ୍ରହ କରି ଲକ୍ଷ୍ୟ ସ୍ୱାର୍ଥ ହାସଲ କରିଥାନ୍ତି। ତେଣୁ ଆତଙ୍କବାଦ ଦମନମୂଳକ କାର୍ଯ୍ୟଗୁଡ଼ିକୁ ପ୍ରୋତ୍ସାହିତ କରିଥାଏ। ଏହା ଏକ ଭୀରୁତା ଅଟେ। ଧର୍ମ, ବର୍ଣ୍ଣ, ଜାତି, ବିଶ୍ୱାସ ନିର୍ବିଶେଷରେ ଜନସାଧାରଣଙ୍କର କ୍ଷତିସାଧନ କରିଥାଏ ଓ ସମାଜକୁ ବିଶୃଙ୍ଖଳିତ କରିଥାଏ।

ଆତଙ୍କବାଦର ସଂଜ୍ଞାଗୁଡ଼ିକୁ ନିମ୍ନରେ ପ୍ରଦାନ କରାଗଲା।

ବ୍ରେନ୍ ଜେନକିନ୍ସ (Brain Jenkins)ଙ୍କ ମତରେ, "ରାଜନୀତିକ ପରିବର୍ତ୍ତନ ଆଣିବା ନିମନ୍ତେ ବଳ ପ୍ରୟୋଗ କରିବା ବା ବଳପ୍ରୟୋଗ ପାଇଁ ଧମକ ଦେବା ଅଭିସନ୍ଧିକୁ ଆତଙ୍କବାଦ କୁହାଯାଏ।"

"Terrorism is the use or threatened to use of force designed to bring about politicla change"

ଜେମ୍ସ. ଏମ୍. ପୋଲାଣ୍ଡ (James M. Poland)ଙ୍କ ମତରେ, "ସାଧାରଣତଃ ଜନସାଧାରଣଙ୍କୁ ପ୍ରଭାବିତ କରି ରାଜନୀତିକ ବା ବିଦ୍ରୋହ ନିମିତ୍ତ ସୁବିଧା ସୁଯୋଗ ଲାଭକରିବା ପାଇଁ ପୂର୍ବକଳ୍ପିତ ଇଚ୍ଛାକୃତ, ଯୋଜନାବଦ୍ଧ ହତ୍ୟା, ଆତଙ୍କ ଏବଂ ନିରୀହମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ଆତଙ୍କବାଦ ଅଟେ।"

"Terrorism ins the premetitated, deliberate systemtic murter, mayhan and threatening of innocent to create fear and intimidation in order to gain a political or tactical adantages, usually to influence an audience".

ସାମାଜିକ ବିଜ୍ଞାନର ବିଶ୍ୱକୋଷ (Eencyclopaedia of Social Science)ଙ୍କ ଅନୁସାରେ, "ଏକ ସଂଗଠିତ ଦଳ ବା ସମୂହ ନିଜର ନିର୍ଦ୍ଧାରିତ ଲକ୍ଷ୍ୟପୂରଣ ନିମିତ୍ତ ଯୋଜନାବଦ୍ଧ ଭାବରେ ହିଂସାର ବ୍ୟବହାର କରିବାର ପଦ୍ଧତି ଆତଙ୍କବାଦ ଅଟେ।"

"Terrorism as a method whereby an arganised group or party seeks to achieve its avowed aims chiefly through the systomatce use of violence".

ଉପରୋକ୍ତ ସଂଜ୍ଞାଗୁଡିକରୁ ଜଣାପଡ଼େ ଯେ, ଆତଙ୍କବାଦ ସାମାଜିକ ତଥା ଶାସନ ବ୍ୟବସ୍ଥାକୁ ବିଶୃଙ୍ଖଳିତ କରିଥାଏ। ଆଭ୍ୟନ୍ତରୀଣ ଅସ୍ଥିରତା ଓ ବିରୋଧାତ୍ମକ ବିଚାରଧାରା ଓ କ୍ରିୟାକଳାପ ମାଧ୍ୟମରେ ଉପସ୍ଥାପିତ ଦାବି ହାସଲ କରିବା ଆତଙ୍କବାଦର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଭାରତର ଜାମ୍ମୁ ଓ କାଶ୍ମୀରର ଲସ୍କର ଇ ତୋଇବା, ହିଜବିନ୍ ମଇଉଦିନ୍, ଆସାମର ଉଲଫା, ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ରପ୍ରଦେଶ, ଓଡ଼ିଶାର ନକ୍ସଲ, ମାଓବାଦୀ ଇତ୍ୟାଦି ଆତଙ୍କବାଦୀ ଗୋଷ୍ଠୀ ଅଟନ୍ତି। ମାନବ ଗୋଷ୍ଠୀର ବିନାଶ, ସାଧାରଣ ଜୀବନକୁ ବିଶୃଙ୍ଖଳିତ, ପ୍ରତ୍ୟକ୍ଷ ଆକ୍ରମଣ ଓ ଶତ୍ରୁର ପ୍ରତିଶୋଧ ନେବା ଆତଙ୍କବାଦର ମୁଖ୍ୟ ଉଦ୍ଦେଶ୍ୟ ଅଟେ।

## ଆତଙ୍କବାଦର ଗୁଣାବଳୀ

**Characteristics of Terrorism**

ଆତଙ୍କବାଦର ଲକ୍ଷଣ ବା ଗୁଣାବଳୀକୁ ନିମ୍ନରେ ଆଲୋଚନା କରାଯାଇଅଛି।

(୧) ଆତଙ୍କବାଦ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସିଲ ନିମନ୍ତେ ସୃଷ୍ଟି ହୋଇଥାଏ। କେତେକ ଅଞ୍ଚଳରେ ଆତଙ୍କବାଦର ଉତ୍ସ ଜାତିଗତ ହେଉଥିବା ସ୍ଥଳେ ଅନ୍ୟ ଅଞ୍ଚଳରେ ରାଜନୈତିକ, ଶାସନଭିତ୍ତିକ ଓ ଅର୍ଥନୈତିକ ଅଟେ।

(୨) ଆତଙ୍କବାଦ ହିଂସାତ୍ମକ କାର୍ଯ୍ୟପନ୍ଥା ଅବଲମ୍ବନ କରିଥାଏ। ସ୍ୱାର୍ଥସାଧନ ଅଥବା ଲକ୍ଷ୍ୟ ହାସଲ କରିବା ପାଇଁ ଆତଙ୍କବାଦୀମାନେ ବିଭିନ୍ନ ହିଂସାତ୍ମକ ପନ୍ଥା ଅବଲମ୍ବନ କରିଥାନ୍ତି। ଅପହରଣ, ବିମାନ ଅପହରଣ, ରାଜନେତାଙ୍କୁ ହତ୍ୟା, ବୋମା ବିସ୍ଫୋରଣ ଇତ୍ୟାଦି କାଣ୍ଡ ଭିଆଇ ସେମାନେ ଆତଙ୍କ ସୃଷ୍ଟି କରିଥାନ୍ତି।

(୩) ଆତଙ୍କବାଦ ଜାତୀୟ ସଂହତିରେ ବାଧା ସୃଷ୍ଟି କରିଥାଏ। ଏହା ରାଷ୍ଟ୍ରରେ ବିବିଧତା ଆଣିଥାଏ। ଏହାର ପ୍ରଭାବରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ।

(୪) ଆତଙ୍କବାଦୀ ରାଜନୈତିକ ସ୍ୱାଧୀନତା, ସ୍ୱତନ୍ତ୍ର ରାଜ୍ୟ, ଧର୍ମୀୟ ମୂଲ୍ୟବୋଧକୁ ଭିତ୍ତିକରି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଆତଙ୍କ ସୃଷ୍ଟିକରି ଜନସାଧାରଣଙ୍କୁ ଭୟଭିତ କରିଥାନ୍ତି ଓ ଶାସନର ଦୃଷ୍ଟି ଆକର୍ଷଣ କରିଥାନ୍ତି।

(୫) ଆଇନବିରୁଦ୍ଧ କାର୍ଯ୍ୟ କରିବା ଆତଙ୍କବାଦର ପ୍ରଧାନ ଲକ୍ଷଣ ଅଟେ। ଏହି ବିରୋଧଭାବ ଜନସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିଥାଏ। ଅହିଂସା ଆତଙ୍କବାଦୀମାନଙ୍କର ପରମ ଧର୍ମ ଅଟେ।

(୬) ଆତଙ୍କବାଦ ଜନସାଧାରଣଙ୍କର କ୍ଷତିସାଧନ କରିଥାଏ ଏବଂ ସେମାନଙ୍କ ମଧ୍ୟରେ ଭୟସଂଚାର କରିଥାଏ। ଆତଙ୍କବାଦୀମାନେ ବଳପ୍ରୟୋଗ କରି ଧମକ ମାଧ୍ୟମରେ ସ୍ୱାର୍ଥ ହାସଲ କରିଥାନ୍ତି। ଏଥିରେ ସେମାନେ ନାନା ପ୍ରକାର ହିଂସାତ୍ମକ ମାଧ୍ୟମ ଅବଲମ୍ବନ କରିଥାନ୍ତି। ଫଳରେ ରାଷ୍ଟ୍ର ପାଇଁ ଏହା ଚିନ୍ତାର କାରଣ ହୋଇଥାଏ।

(୭) ଆତଙ୍କବାଦ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିଥାଏ। ଫଳରେ ଆତଙ୍କବାଦୀ ଧ୍ୱଂସାତ୍ମକ କାର୍ଯ୍ୟକଳାପରେ ନିୟୋଜିତ ହୋଇଥାଆନ୍ତି।

(୮) ଆତଙ୍କବାଦ ଚାପ ସୃଷ୍ଟି କରିଥାଏ। ଏହା ଜନସାଧାରଣଙ୍କ ମନରେ ଭୟ ଓ ଆଶଙ୍କା ସୃଷ୍ଟି କରିବା ସହିତ ଶାସନ ବ୍ୟବସ୍ଥାରେ ସଂକଟ ଆଣିଥାଏ। ଦେଶର ଶାସନ ପରିଚାଳନାରେ ମାନସିକ ଚାପ ସୃଷ୍ଟି କରିଥାଏ।

(୯) ଆତଙ୍କବାଦ ସ୍ୱେଚ୍ଛାଚାରିତାକୁ ପ୍ରଶ୍ରୟ ଦେଇଥାଏ। କେତେକ ନ୍ୟସ୍ତସ୍ୱାର୍ଥଗୋଷ୍ଠୀ ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରିବାପାଇଁ ମନମୁଖି ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ଆମେରିକାର ବିଶ୍ୱବାଣିଜ୍ୟ କେନ୍ଦ୍ରରେ ବୋମାମାଡ଼ ଓ ଏହାର ଧ୍ୱଂସ, ଉଗ୍ର ଆତଙ୍କବାଦର ପ୍ରତିଫଳନ ଅଟେ। ଏହା ଆତଙ୍କ ସୃଷ୍ଟି କରୁଥିବା ଗୋଷ୍ଠୀଙ୍କ ମନରେ ସ୍ୱେଚ୍ଛାଚାରିତା ଭାବ ଆଣିଥାଏ।

(୧୦) ଉଦ୍‌ଭ୍ରାନ୍ତ ସଦସ୍ୟମାନଙ୍କୁ ପଥଭ୍ରଷ୍ଟ କରିବା ଆତଙ୍କବାଦର ଲକ୍ଷ୍ୟ ଅଟେ। ଏକ ଯୋଜନାବଦ୍ଧ ଭାବରେ ସେମାନେ ଏକତ୍ରିତ ହୋଇ କଠୋର ପନ୍ଥା ଅବଲମ୍ବନ କରି ସମାଜକୁ ବିଘଟିତ କରିଥାନ୍ତି।

(୧୧) ପ୍ରାୟତଃ ଆତଙ୍କବାଦ ଜନସାଧାରଣଙ୍କୁ ଅସହାୟ କରିଦେଇଥାଏ। ସବୁଠାରୁ ଅଧିକଭାବରେ ସାଧାରଣ ଲୋକ କ୍ଷତିଗ୍ରସ୍ତ ହୋଇଥାନ୍ତି।

ଉପରୋକ୍ତ ଲକ୍ଷଣଗୁଡ଼ିକରୁ ଜଣାପଡ଼େ ଯେ, ଆତଙ୍କବାଦ ସ୍ୱାର୍ଥସାଧନ କରିଥାଏ ଓ ଏଥିପାଇଁ ଦମନମୂଳକ କାର୍ଯ୍ୟ କରିଥାଏ। ଏହାର ପରିଣାମ ରାଷ୍ଟ୍ର ତଥା ସମାଜ ପାଇଁ କ୍ଷତିକାରକ ହୋଇଥାଏ।

**ଆତଙ୍କବାଦର କାରଣ**

**Causes of Terrorism**

ଆତଙ୍କବାଦର ବିଭିନ୍ନ କାରଣଗୁଡିକୁ ନିମ୍ନରେ ଆଲୋଚନା କରାଗଲା।

(୧) ଆତଙ୍କବାଦ ଏକ ବିବେକହୀନ ବିଚାର ଅଟେ। ଯେଉଁମାନେ ଠିକ୍ ଭୁଲର ବିଚାର ନକରି ଯେଉଁ କୁପଥ ଅନୁସରଣ କରିଥାନ୍ତି ତାହା ଉଚିତ୍ ଏବଂ ଠିକ୍ ବୋଲି ଗ୍ରହଣ କରିଥାନ୍ତି। ବର୍ଣ୍ଣ, ଧର୍ମର ଆନୁଗତ୍ୟ ଭାବ କେତେକ କ୍ଷେତ୍ରରେ ଦେଶ ତଥା ଅନ୍ୟ ଦେଶପ୍ରତି ବିପଦର କାରଣ ହୋଇଥାଏ। ଜାତୀୟତାବୋଧର ଅଭାବ କେତେକଙ୍କର ବିବେକ ଓ ମହନୀୟତାକୁ ନଷ୍ଟ କରିଦିଏ। ଫଳରେ ସେମାନେ ଆତଙ୍କବାଦୀ ହୋଇ ଦମନମୂଳକ କାର୍ଯ୍ୟ କରିଥାନ୍ତି ଓ ନିଜର ତଥା ଜାତିର ସ୍ୱାର୍ଥ ସାଧନ କରିଥାନ୍ତି।

(୨) ଉତ୍ତମ ଗମନାଗମନ ଓ ଯୋଗାଯୋଗର ସୁବିଧା ସୁଯୋଗ ଆତଙ୍କବାଦକୁ ପ୍ରୋତ୍ସାହିତ କରିଥାଏ ଓ ବିଶ୍ୱବ୍ୟାପି କରାଇଥାଏ। କେତେକ ଆନ୍ତର୍ଜାତୀୟ ସଂସ୍ଥା ସହିତ ସୁସମ୍ପର୍କ ସ୍ଥାପନ କରି ଆତଙ୍କବାଦୀ ହିଂସାତ୍ମକ କାର୍ଯ୍ୟମାନ କରିଥାଆନ୍ତି।

(୩) ଗଣତନ୍ତ୍ର ବିରୋଧି କାର୍ଯ୍ୟ ଆତଙ୍କବାଦକୁ ପ୍ରୋତ୍ସାହିତ କରିଥାଏ। କେତେକ ବ୍ୟକ୍ତିଙ୍କର କୁତ୍ସିତ ମନୋଭାବ ଓ ହୀନ ସ୍ୱାର୍ଥପରତା ଗଣତନ୍ତ୍ରକୁ ବିକଳାଙ୍ଗ କରିଦିଏ। ଫଳରେ ସଂଖ୍ୟାଲଘୁ ଓ ସଂଖ୍ୟା ଗରିଷ୍ଠ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରିଥାଏ।

(୪) ନିର୍ଦ୍ଦିଷ୍ଟ ଧର୍ମ ଓ ଜାତି ପ୍ରତି ଈର୍ଷା ଓ ଅସୂୟାଭାବ ଦ୍ୱନ୍ଦର କାରଣ ହୋଇଥାଏ ଏବଂ ଏହା ଆତଙ୍କବାଦର କାରଣ ହୋଇଥାଏ । କେତେକ କ୍ଷେତ୍ରରେ ଧର୍ମୀୟ ସଂଗଠନ ଗୁଡ଼ିକ ସ୍ୱତନ୍ତ୍ର ରାଜ୍ୟ ଦାବି ସରକାରଙ୍କ ନିକଟରେ ଉପସ୍ଥାପିତ କରିଥାନ୍ତି । ସେଥିରେ ସରକାରୀ ସହାୟତା ନ ମିଳିଲେ ହିଂସାତ୍ମକ ପନ୍ଥା ଅବଲମ୍ବନ କରି ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥାନ୍ତି । ପଞ୍ଜାବରେ କେତେକ ଶିଖ୍ ଧର୍ମୀୟ ସଂଗଠନ 'ଖଲିସ୍ଥାନ' ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ବହୁ ହିଂସାତ୍ମକ କାର୍ଯ୍ୟ କରି ଦେଶରେ ଆତଙ୍କ ଓ ଭୟ ସଂଚ୍ଚର କରିଥିଲେ ।

(୫) ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଜାତି ଅର୍ଥନୀତିକ ସୁଯୋଗରୁ ବଂଚିତ ହୁଏ, ସାମାଜିକ ସ୍ୱୀକୃତି ପାଇନଥାଏ ବା ରାଜନୈତିକ ଅଧିକାର ଏବଂ ପ୍ରଭୁତ୍ୱ ନଥାଏ ସେତେବେଳେ ସେହି ଜାତିର ସଦସ୍ୟଗଣ ଏଗୁଡ଼ିକ ହାସଲ କରିବାକୁ ଯାଇ ଅଞ୍ଚଳ ତଥା ଦେଶରେ ଆତଙ୍କ ସୃଷ୍ଟି କରିଥାନ୍ତି । ତେଣୁ ଜାତିଗତ ସଂଘର୍ଷ ଆତଙ୍କବାଦକୁ ଦୃଢ଼କରିବାର କାରଣ ଅଟେ ।

(୬) ଦାରିଦ୍ର୍ୟତା ଆତଙ୍କବାଦକୁ ଦୃଢ଼ କରିବାରେ ସହାୟତା କରିଥାଏ । ସାମାଜିକ ବ୍ୟବସ୍ଥା ଓ ଆର୍ଥିକ ସ୍ଥିତାବସ୍ଥା ଉପରେ ଦାରିଦ୍ର୍ୟତାର ପ୍ରଭାବ ବିଶେଷ ଭାବରେ ପଡ଼ିଥାଏ । ତାହାକୁ ସୁଧାରିବା ପାଇଁ କେତେକ ଗୋଷ୍ଠୀ ବା ସଂଗଠନ ବିପରୀତ ପନ୍ଥା ଅବଲମ୍ବନ କରିଥାନ୍ତି । ସେମାନେ ବହୁ ପରିମାଣରେ ଅସହିଷ୍ଣୁ ହୋଇଯାଇଥାନ୍ତି ଓ ଆର୍ଥିକ ସ୍ୱଚ୍ଛଳତା ହାସଲ କରିବାପାଇଁ ହିସାତ୍ମକ ପନ୍ଥା ଗ୍ରହଣ କରିଥାନ୍ତି । ଜମି ଅଧିକରଣ, ଗ୍ରାମ୍ୟ ବେକାରୀ ସମସ୍ୟା ଆତଙ୍କବାଦକୁ ଦୃଢ଼ୀଭୂତ କରିଥାଏ ।

(୭) କେତେକ କ୍ଷେତ୍ରରେ ସଂଖ୍ୟାଲଘୁ ଗୋଷ୍ଠୀର ସଦସ୍ୟ ସାମାଜିକ ସମ୍ପର୍କକୁ ବ୍ୟାପକ କରିବାରେ ଅସଫଳ ହୋଇଥାନ୍ତି । ମୁଖ୍ୟସ୍ରୋତରେ ସାମିଲ ହେବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼େ । ଫଳରେ ସେଥିରେ ପ୍ରତିକ୍ରିୟାଶୀଳ ହୋଇ ଉଗ୍ରମନୋଭାବ ପୋଷଣ କରିଥାନ୍ତି ଓ ଆତଙ୍କବାଦକୁ ଗୁରୁତ୍ୱ ଦେଇ ସେହି ମାର୍ଗ ଅନୁସରଣ କରନ୍ତି । ହିଂସା ଆଚରଣ ଦ୍ୱାରା ଆତଙ୍କବାଦକୁ ଗୁରୁତ୍ୱ ପ୍ରଦାନ କରିଥାନ୍ତି ।

(୮) ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର କ୍ଷତି ପହଞ୍ଚାଇବାର ମାତ୍ରାକୁ ଅଧିକ କରିଥାଏ । ଆତଙ୍କବାଦୀମାନେ ନୂତନ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଦାବି ବା ସ୍ୱାର୍ଥହାସଲ କରିବାପାଇଁ ପ୍ରୟାସ କରିଥାନ୍ତି ।

**ଆତଙ୍କବାଦର ପ୍ରଭାବ (Impact of Terrorism)**

ଆତଙ୍କବାଦର ପ୍ରଭାବ ରାଷ୍ଟ୍ର ତଥା ସମାଜରେ ଅଧିକ ମାତ୍ରାରେ ପଡ଼ିଥାଏ । ଏହାର ପ୍ରଭାବରେ ହିଂସା, ଅରାଜକତା, ଦ୍ୱନ୍ଦ, ଅସହିଷ୍ଣୁତାଭାବ ଓ ସମ୍ପତ୍ତିହାନି ଘଟିଥାଏ । ସମାଜ ସମ୍ପୂର୍ଣ୍ଣ ରୂପେ ବିଘଟିତ ହୋଇଥାଏ । ଏହା ରାଷ୍ଟ୍ରର ସଂହତିରେ ବାଧା ସୃଷ୍ଟି କରିଥାଏ ଓ ଉଦ୍‌ବେଗର କାରଣ ହୋଇଥାଏ । ଆତଙ୍କବାଦର ପ୍ରଭାବରେ ଦେଶର ଉନ୍ନତି ବାଧାପ୍ରାପ୍ତ ହୋଇଥାଏ । ଏହାର ପ୍ରଭାବଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

(୧) ଆତଙ୍କବାଦର ପ୍ରଭାବ ଯୁବ ସମାଜ ଉପରେ ପଡିଥାଏ । ଏଥିରେ ସେମାନେ ବହୁଭାବରେ କ୍ଷତିଗ୍ରସ୍ତ ହୋଇଥାନ୍ତି । ସେମାନଙ୍କର ଆତଙ୍କବାଦୀ ସଂଗଠନ ଗୁଡ଼ିକରେ ଯୋଗଦାନ ଦେଶର ବିକାଶ ଧାରାରେ ବାଧାସୃଷ୍ଟି ହୋଇଥାଏ । ସେମାନଙ୍କର ସଂଗଠନରେ ଯୋଗଦାନ ଓ ସକ୍ରିୟ ଭୂମିକା ରାଜନୀତିକ, ଆର୍ଥିକ,ଧର୍ମୀୟ ତଥା ସାମାଜିକ ସ୍ତରରେ

ଅସ୍ଥିରତା ଆଣିଥାଏ। ଆତଙ୍କବାଦ ବିଚାରଧାରାରେ ଅନୁପ୍ରାଣିତ ହୋଇ ବହୁ ଯୁବଗୋଷ୍ଠୀ ସେମାନଙ୍କର ବିବେକ ଓ ବିଚାରଶକ୍ତିକୁ ହରାଇବସିଥାନ୍ତି ଓ ରାଜନୈତିକ, ସାମାଜିକ ଏବଂ ଆର୍ଥିକ ସ୍ୱାର୍ଥ ହାସଲ କରିବାକୁ ଯାଇ ନିରୀହ ଜନସାଧାରଣଙ୍କର କ୍ଷତିସାଧନ କରିଥାନ୍ତି।

(୨) ଆତଙ୍କବାଦର ପ୍ରଭାବ ସମାଜ ଓ ସାମାଜିକ ସମ୍ପର୍କ ଉପରେ କୁପ୍ରଭାବ ପକାଇଥାଏ। ଏହା ରାଷ୍ଟ୍ରରେ ଐକ୍ୟସ୍ଥାପନରେ ଅନ୍ତରାୟ ହୋଇଥାଏ। ଏହା ସମାଜରେ ଜାତି, ବର୍ଣ୍ଣ, ଶ୍ରେଣୀ ସୃଷ୍ଟି କରି ଏକ ଅଭାବନୀୟ ପରିସ୍ଥିତି ଓ ଦେଶରେ ଅସ୍ଥିରତା ତଥା ଭୟର ବାତାବରଣ ସୃଷ୍ଟି କରିଥାଏ।

(୩) ଆତଙ୍କବାଦର ପ୍ରଭାବ ପରିବେଶକୁ କଳୁଷିତ କରିଥାଏ। ଆତଙ୍କବାଦୀମାନେ ଆଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ସମାଜରେ ଭୟ ସୃଷ୍ଟି କରିଥାନ୍ତି ଓ ଧନଜୀବନରେ କ୍ଷତି ପହଞ୍ଚାଇବା ସହିତ ପରିବେଶର ବିଶେଷ କ୍ଷତିସାଧନ କରିଥାନ୍ତି। ସେମାନଙ୍କର ବ୍ୟବହୃତ ଅସ୍ତ୍ରଶସ୍ତ୍ର ଓ ରସାୟିକ ପ୍ରୟୋଗ (ବୋମା ବିସ୍ଫୋରଣ) ପରିବେଶକୁ ଦୂଷିତ କରିଥାଏ। ରସାୟନିକର ବ୍ୟବହାର ପରିବେଶକୁ ପ୍ରଦୂଷଣ କରିଥାଏ ଏବଂ ଏହାର ପ୍ରଭାବରେ ଜନସାଧାରଣ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯାଇଥାଏ।

(୪) ଆତଙ୍କବାଦ ରାଷ୍ଟ୍ରବିକାଶ ଓ ପ୍ରଗତିରେ ବାଧାସୃଷ୍ଟି କରିଥାଏ। ଏହାର ପ୍ରଭାବରେ ରାଷ୍ଟ୍ରରେ ଆର୍ଥିକ ତଥା ରାଜନୈତିକ ଅସ୍ଥିରତା ଦେଖାଯାଇଥାଏ। ଦେଶର ଆଇନଶୃଙ୍ଖଳା ବିଶୃଙ୍ଖଳିତ ହୋଇଥାଏ। ସାମାଜିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥାଏ। ବୋମା ବିସ୍ଫୋରଣ, ଅପହରଣ, ଦଙ୍ଗା, ହତ୍ୟା ଇତ୍ୟାଦି ହିଂସାତ୍ମକ ପନ୍ଥା ଜନସାଧାରଣଙ୍କୁ ଭୟଭିତ କରିଥାଏ। ଫଳରେ ରାଷ୍ଟ୍ରରେ ବିକାଶମୂଳକ କାର୍ଯ୍ୟ ମନ୍ଥର ହୋଇଯାଏ। ଏହି ଆତଙ୍କବାଦୀ କାର୍ଯ୍ୟକଳାପ ଜାତୀୟ ସୁରକ୍ଷାପ୍ରତି ବିପଦ ସୃଷ୍ଟି କରିଥାଏ ଏବଂ ସମାଜରେ ପ୍ରତ୍ୟକ୍ଷ ଆର୍ଥିକ ସଂକଟ ଆଣିଥାଏ।

(୫) ଆତଙ୍କବାଦ ଅସାମାଜିକ କାର୍ଯ୍ୟକୁ ପ୍ରଶ୍ରୟ ଦେଇଥାଏ, ଯଥା– ମାଦକଦ୍ରବ୍ୟ, ଚୋରାକାରବାର ବ୍ୟାପକ ଭାବରେ ଦେଖାଯାଇଥାଏ। ନିର୍ବାଚନ ସମୟରେ ଆତଙ୍କବାଦୀମାନେ ଆତଙ୍କ ସୃଷ୍ଟି କରି ଗଣତନ୍ତ୍ର ବିରୋଧି ହୋଇଥାନ୍ତି।

(୬) ଆତଙ୍କବାଦ ଜାତୀୟ ସୁରକ୍ଷା ଉପରେ ପ୍ରଭାବ ପକାଇ ଆସୁଅଛି। ଏହା ଜାତୀୟ ସୁରକ୍ଷାରେ ବିପଦ ସୃଷ୍ଟି କରିଥାଏ। ଆତଙ୍କବାଦୀ ଗୋଷ୍ଠୀ, ସନ୍ତ୍ରାସବାଦୀ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରି ନାନା ବିଘଟନ ଘଟାଇଥାନ୍ତି। କେତେକ କ୍ଷେତ୍ରରେ ଦେଶର ଗୁପ୍ତ ତଥ୍ୟଗୁଡ଼ିକୁ ଆତଙ୍କବାଦୀ ଧମକ ଦେଇ ସଂଗ୍ରହ କରିଥାନ୍ତି ଓ ଦେଶ ବିଶୃଙ୍ଖଳାରେ ସହଯୋଗ କରିଥାନ୍ତି।

ଉପରୋକ୍ତ ଆଲୋଚନରୁ ସୁସ୍ପଷ୍ଟ ଯେ, ଆତଙ୍କବାଦ ଜାତୀୟ ସଂହତିରେ ବାଧା ସୃଷ୍ଟି କରିଥାଏ ଓ ଜାତୀୟ ଏକତାରେ ବିବିଧତା ଆଣିଥାଏ। ଏହି ସମସ୍ୟାର ସମାଧାନ ସରକାରୀ ତଥା ବେସରକାରୀ ସ୍ତରରେ ଉଦ୍ୟମ ହେଉଥିଲେ ମଧ୍ୟ ଜନସଚେତନତାର ଆବଶ୍ୟକତା ରହିଅଛି। ଏଥି ସହିତ ଶାନ୍ତିପୂର୍ଣ୍ଣ ବସବାସ, ଭାତୃତ୍ୱଭାବ, ଦେଶବତ୍ସଳତା ସାମାଜିକ ସଂହତି ଆଣିବା ସହିତ ବିଶ୍ୱଭାତୃତ୍ୱ ଭାବ ସୃଷ୍ଟି କରିବାରେ ସହାୟକ ହୋଇପାରିବ।

◆◆◆

## ଆଦର୍ଶ ପ୍ରଶ୍ନାବଳୀ

### Group-A
### Objective Type
### 'କ' ବିଭାଗ
### ଅତି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**ନିମ୍ନୋକ୍ତ ବିକଳ୍ପ ଗୁଡିକ ମଧ୍ୟରୁ ଠିକ୍ ଉତ୍ତର ଲେଖ।**
**(Multiple Choice Questions)**

୧. ଜାତୀୟ ସଂହତି ଅଟେ ___
(କ) ବିଚ୍ଛିନ୍ନତାବାଦୀ ଶକ୍ତି (ଖ) ଏକତ୍ରୀକରଣର ପ୍ରକ୍ରିୟା (ଗ) ଏକତା ମଧ୍ୟରେ ବିବିଧତା।

୨. 'ଏକ ସାଧାରଣ ପରିଚୟ ନିମନ୍ତେ ସମଗ୍ର ଦେଶର ଜନସାଧାରଣଙ୍କର ଆତ୍ମୀକରଣ ଜାତୀୟ ସଂହତି ଅଟେ' ଏହା ଉଲ୍ଲେଖ କରିଥିଲେ ___
(କ) ଏଚ୍.ଏ. ଗାନି (ଖ) ପ୍ରଫେସର ଜି.ଏସ୍. ଘୁରେ (ଗ) ବେନଜାମିନ

୩. ଜାତୀୟ ସଂହତି ଗୁରୁତ୍ୱ ଦେଇଥାଏ ___
(କ) ବ୍ୟକ୍ତି ସ୍ୱାର୍ଥକୁ (ଖ) ଜାତୀୟ ସ୍ୱାର୍ଥକୁ (ଗ) ନିର୍ଦ୍ଦିଷ୍ଟ ସ୍ୱାର୍ଥକୁ

୪. 'ସାମ୍ପ୍ରଦାୟିକତା ଜାତୀୟ ସଂହତିର ଅଟେ ___
(କ) ଏକ ସହାୟକ ଆଧାର (ଖ) ଏକ ବାଧକ (ଗ) ଏକ ବ୍ୟବହାରିକ ପଦ୍ଧତି

୫. ଆଞ୍ଚଳିକତାବାଦକୁ ଅନ୍ୟ ଭାବରେ କୁହାଯାଇଥାଏ ___
(କ) ସାମ୍ପ୍ରଦାୟିକତାବାଦ (ଖ) ପ୍ରଜାତୀୟବାଦ (ଗ) ଉପଜାତୀୟତା ବାଦ

୬. ଆଞ୍ଚଳିକତାବାଦ ସୃଷ୍ଟି କରିଥାଏ ___
(କ) ସାମୁଦାୟିକ ମନୋଭାବ (ଖ) ବିଦ୍ୱେଷ ଭାବ (ଗ) ଆତ୍ମୀୟତା ଭାବ

୭. ଜାତିବାଦ ସୃଷ୍ଟି ହୋଇଥାଏ ___
(କ) ବିଦ୍ୱେଷ ଭାବରୁ (ଖ) ଅନ୍ଧ ଆନୁଗତ୍ୟ ଭାବରୁ (ଗ) ସାମୁଦାୟିକ ମନୋଭାବରୁ

୮. ଜାତିବାଦ ଗୁରୁତ୍ୱ ଦେଇଥାଏ ___
(କ) ବ୍ୟକ୍ତିଗତ ସ୍ୱାର୍ଥକୁ (ଖ) ଜାତୀୟ ସ୍ୱାର୍ଥକୁ (ଗ) ନିଜ ଜାତିର ସ୍ୱାର୍ଥକୁ

୯. 'ଜାତିବାଦ ଜାତିପ୍ରତି ଆନୁଗତ୍ୟଭାବ ଅଟେ, ଯାହା ରାଜନୀତିରେ ରୂପାନ୍ତରୀତ ହୋଇଥାଏ' ___ ଉକ୍ତିଟି କହିଥିଲେ -

(କ) କାକା କାଲେଲ୍‌କର (ଖ) ଡି.ଏଚ୍. ପ୍ରସାଦ (ଗ) ଆର.ଏନ୍. ଶର୍ମା

୧୦. ଜାତିବାଦ ___

(କ) ବିକାଶର ସହାୟକ ହୋଇଥାଏ (ଖ) ଗଣତନ୍ତ୍ରର ପ୍ରତିବନ୍ଧକ ହୋଇଥାଏ (ଗ) ସାମାଜିକ ସମନ୍ୱୟ ରକ୍ଷା କରିଥାଏ ।

୧୧. 'ରାଜନୀତିକ ପରିବର୍ତ୍ତନ ଆଣିବା ନିମନ୍ତେ ବଳପ୍ରୟୋଗ କରିବା ବା ବଳପ୍ରୟୋଗ ପାଇଁ ଧମକ ଦେବା ଅଭିସନ୍ଧିକୁ ଆତଙ୍କବାଦ କୁହାଯାଏ' । ___ ଏହି ଉକ୍ତିଟି ଉଲ୍ଲେଖ କରିଛନ୍ତି -

(କ) ବ୍ରେନ୍ ଜେନକିନ୍ସ (ଖ) ୱାଲଟର ଲକ୍ୱର (ଗ) ଜେମ୍ସ.ଏମ୍. ପୋଲାଣ୍ଡ

୧୨. ଆତଙ୍କବାଦ ଜନସାଧାରଣଙ୍କ ମନରେ ସୃଷ୍ଟି କରିଥାଏ ___

(କ) ଆଶା (ଖ) ଭୟ (ଗ) ପ୍ରତ୍ୟାଶା

୧୩. ଭାରତର କେତେ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ?

(କ) ଶତକଡ଼ା ୬୮.୮୪ ଭାଗ ଲୋକ (ଖ) ଶତକଡ଼ା ୭୦.୦୨ ଭାଗ ଲୋକ

(ଗ) ଶତକଡ଼ା ୮୦ ଭାଗ ଲୋକ ।

## (ଖ) ଗୋଟିଏ ଶବ୍ଦ କିମ୍ୱା ବାକ୍ୟରେ ଉତ୍ତର ଦିଅ ।
## (Answer in one word or Sentence)

୧. ଜାତୀୟ ସଂହତି କେଉଁ ଭାବକୁ ପ୍ରାଧାନ୍ୟ ଦେଇଥାଏ ?

୨. ଜାତୀୟ ସଂହତି ନାଗରିକଙ୍କ ମନରେ କେଉଁ ଭାବ ସୃଷ୍ଟି କରିଥାଏ ?

୩. ସାମ୍ପ୍ରଦାୟିକତା କାହାର ମୂଖ୍ୟ ବାଧକ ଅଟେ ?

୪. ସାମ୍ପ୍ରଦାୟିକତା ଅନ୍ୟ ଧର୍ମପ୍ରତି କେଉଁ ଭାବ ଦେଖାଇଥାଏ ?

୫. ସାମ୍ପ୍ରଦାୟିକତା କେଉଁ ବାଦର ବିରୋଧି ଅଟେ ?

୬. ସାମ୍ପ୍ରଦାୟିକତା ସାମାଜିକ ସ୍ତରରେ କ'ଣ ସୃଷ୍ଟି କରିଥାଏ ?

୭. ସାମ୍ପ୍ରଦାୟିକତା ଜନିତ ସମସ୍ୟାର ନିରାକରଣ ନିମନ୍ତେ କେଉଁ ପ୍ରଧାନ ପଦେକ୍ଷପର ଆବଶ୍ୟକତା ରହିଅଛି ?

୮. ଆଞ୍ଚଳିକବାଦକୁ ଅନ୍ୟ ଭାବରେ କ'ଣ କୁହାଯାଏ ?

୯. 'ଆଞ୍ଚଳିକତାବାଦ ସମ୍ପ୍ରସାରଣଧର୍ମୀ ଯେ କୌଣସି ନିଷ୍ପେଷଣକାରୀ କେନ୍ଦ୍ରାଭିମୁଖୀ ବ୍ୟବସ୍ଥା ବିରୁଦ୍ଧରେ ଏକ ଆନ୍ଦୋଳନ ଅଟେ' - ଏହି ଉକ୍ତିଟି କିଏ କହିଅଛନ୍ତି ?

୧୦. ଆଞ୍ଚଳିକତାବାଦ ଆଞ୍ଚଳିକ ସ୍ୱାର୍ଥକୁ ଗୁରୁତ୍ୱଦେଇ କାହା ବିରୁଦ୍ଧରେ ସ୍ୱରଉତ୍ତୋଳନ କରିଥାଏ ?

୧୧. ଆଞ୍ଚଳିକବାଦର ଯେ କୌଣସି ଗୋଟିଏ ବୈଶିଷ୍ଟ୍ୟ ଉଲ୍ଲେଖ କର ?

୧୨. ଆଞ୍ଚଳିକତାବାଦର ମୁଖ୍ୟ କାରଣ ଗୋଟିଏ ଉଲ୍ଲେଖ କର ?

୧୩. ଆଞ୍ଚଳିକତାବାଦର ନିରାକରଣର ପ୍ରଧାନ କାରକ ଉଲ୍ଲେଖ କର ।

୧୪. କେଉଁ ଭାବରୁ ଜାତିବାଦର ସୃଷ୍ଟି ହୋଇଥାଏ ?

୧୫. "ଜାତିବାଦ ହେଉଛି ମାତ୍ରାତିରିକ୍ତ ଅନ୍ଧ ଏବଂ ଦାମ୍ଭିକ ଗୋଷ୍ଠୀ ଆନୁଗତ୍ୟ ଯାହାକି, ନ୍ୟାୟବୋଧ, ଔଚିତ୍ୟ, ସାମ୍ୟ ଓ ବିଶ୍ୱଭାତୃତ୍ୱ ଭାବ ଆଦି ସୁସ୍ଥ ସାମାଜିକ ମାନଦଣ୍ଡଗୁଡ଼ିକୁ ଉପେକ୍ଷା କରିଥାଏ" - ଏହି ଉକ୍ତିଟି କିଏ ଉଲ୍ଲେଖ କରିଅଛନ୍ତି ?

୧୬. ଜାତିବାଦ କାହାର ସ୍ୱାର୍ଥକୁ ଗୁରୁତ୍ୱ ପ୍ରଦାନ କରିଥାଏ ?

୧୭. ଜାତିବାଦର ପ୍ରମୁଖ କାରଣ ଗୋଟିଏ ଉଲ୍ଲେଖ କର ?

୧୮. ଜାତିବାଦର ପ୍ରମୁଖ ପ୍ରଭାବ ଗୋଟିଏ ଉଲ୍ଲେଖ କର ?

୧୯. ଜାତିବାଦର ନିରାକରଣର ଏକ କାରକ ଉଲ୍ଲେଖ କର ?

୨୦. କେଉଁ ପ୍ରକାର ବିବାହ ଜାତିବାଦର ନିରାକରଣରେ ସହାୟକ ଭୂମିକା ଗ୍ରହଣ କରିଥାଏ ?

୨୧. ଆତଙ୍କବାଦ କେଉଁ ପ୍ରକାର ପ୍ରକ୍ରିୟା ଅଟେ ?

୨୨. ଏକ ସଂଗଠିତ ଦଳ ବା ସମୂହ ନିଜର ନିର୍ଦ୍ଧାରିତ ଲକ୍ଷ୍ୟପୂରଣ ନିମିତ୍ତ ଯୋଜନାବଦ୍ଧ ଭାବରେ ହିଂସାର ବ୍ୟବହାର କରିବାର ପଦ୍ଧତି କେଉଁ ବାଦ ଅଟେ ?

୨୩. ଆତଙ୍କବାଦର ମୁଖ୍ୟ ବୈଶିଷ୍ଟ୍ୟ ଗୋଟିଏ ଉଲ୍ଲେଖ କର ।

୨୪. ଆତଙ୍କବାଦର ଗୋଟିଏ ମୁଖ୍ୟ କାରଣ ଉଲ୍ଲେଖ କର ।

୨୫. ଭାରତରେ ଆତଙ୍କବାଦୀ ସଂଗଠନର ଏକ ନାମ ଉଲ୍ଲେଖ କର ।

## (ଗ) ଶୂନ୍ୟସ୍ଥାନ ପୂରଣ କର ।

**(Fill in the Blanks)**

୧. ଜାତୀୟ ସଂହତି ଏକ _____ ପ୍ରକ୍ରିୟା ଅଟେ ।

୨. ଜାତୀୟ ସଂହତି _____ ମଧ୍ୟରେ ଏକତାର ଅନୁଭବ ଶକ୍ତି ଅଟେ ।

୩. _____ ଜାତୀୟ ସଂହତିର ବିଶେଷତ୍ୱ ଅଟେ ।

୪. _____ ଭାବରୁ ସାମ୍ପ୍ରଦାୟିକତାବାଦ ସୃଷ୍ଟି ହୋଇଥାଏ ।

୫. ଆଞ୍ଚଳିକତାବାଦକୁ ମଧ୍ୟ _____ କୁହାଯାଇଥାଏ ।

୬. ଆଞ୍ଚଳିକତାବାଦ _____ ସୃଷ୍ଟି କରିଥାଏ ।

୭. _____ ଭାବରୁ ଜାତିବାଦର ସୃଷ୍ଟି ହୋଇଥାଏ ।

୮. ଜାତିବାଦ ଜାତିପ୍ରତି _____ ଅଟେ ।

୯. ଜାତିବାଦ ____ ର ପ୍ରତିବନ୍ଧକ ଅଟେ।
୧୦. ଆତଙ୍କବାଦ ____ କ୍ରିୟାକଳାପ ଅଟେ।
୧୧. ଆତଙ୍କବାଦୀ ଜନସାଧାରଣଙ୍କ ମଧ୍ୟରେ ____ ସୃଷ୍ଟି କରିତାଏ।
୧୨. ____ କୁ ଆତଙ୍କବାଦ ପ୍ରଶ୍ରୟ ଦେଇଥାଏ।
୧୩. ଆତଙ୍କବାଦ ଏକ ____ ବିଷର ଅଟେ।
୧୪. ____ ର ପ୍ରଗତିରେ ଆତଙ୍କବାଦ ବାଧା ସୃଷ୍ଟି କରିଥାଏ।

## Group- B
## Short Type Questions
## 'ଖ' ବିଭାଗ
## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(କ) ଦୁଇ କିମ୍ବା ତିନୋଟି ବାକ୍ୟରେ ଉତ୍ତର ଦିଅ।**
**(Answer in two or three Sentences)**

୧. ଜାତୀୟ ସଂହତି କହିଲେ କ'ଣ ବୁଝ ?
୨. ଜାତୀୟ ସଂହତିର ଏକ ସଂଜ୍ଞା ପ୍ରଦାନ କର ?
୩. ଜାତୀୟ ସଂହତି ବିବିଧତା ମଧ୍ୟରେ କିପରି ଏକତାର ଅନୁଭବ ଶକ୍ତି ଅଟେ ?
ସାମ୍ପ୍ରଦାୟିକତାର ସଂଜ୍ଞା ପ୍ରଦାନ କର ?
୨. ଆଞ୍ଚଳିକତାର ସଂଜ୍ଞା ପ୍ରଦାନ କର ?
୩. ଜାତିବାଦର ସଂଜ୍ଞା ପ୍ରଦାନ କର ?
୪. ଆତଙ୍କବାଦର ସଂଜ୍ଞା ପ୍ରଦାନ କର ?
୫. ସାମ୍ପ୍ରଦାୟିକତା 'ଆମ ଭାବନା'କୁ କିପରି ପ୍ରାଧାନ୍ୟ ଦେଇଥାଏ ?
୬. ସାମ୍ପ୍ରଦାୟିକତା ଧର୍ମ ନିରପେକ୍ଷ ବାଦର ବିରୋଧି କିପରି ହୋଇଥାଏ ?
୭. ସାମ୍ପ୍ରଦାୟିକତାର ଐତିହାସିକ କାରଣ ଉଲ୍ଲେଖ କର ?
୮. ସାମ୍ପ୍ରଦାୟିକତାର ନିରାକରଣ ପଦକ୍ଷେପ ଦୁଇଟି ଉଲ୍ଲେଖ କର।
୯. ଆଞ୍ଚଳିକତାବାଦ କହିଲେ କ'ଣ ବୁଝ ?
୧୦. ଆଞ୍ଚଳିକବାଦ ସଂଜ୍ଞା ପ୍ରଦାନ କର ?
୧୧. ଆଞ୍ଚଳିକବାଦର ମୁଖ୍ୟ ବୈଶିଷ୍ଟ୍ୟ ଉଲ୍ଲେଖ କର ?
୧୨. ଆଞ୍ଚଳିକବାଦର ଦୁଇଟି କାରଣ ଦର୍ଶାଅ ?

୧୩. ଆଞ୍ଚଳିକବାଦର ନିରାକରଣ ଉଲ୍ଲେଖ କର ?

୧୪. ଜାତି କ'ଣ ?

୧୫. ଜାତିବାଦ କହିଲେ କ'ଣ ବୁଝ ?

୧୬. ଜାତିବାଦର ସଂଜ୍ଞା ପ୍ରଦାନ କର ?

୧୭. ଜାତିବାଦର ପ୍ରଧାନ ବୈଶିଷ୍ଟ୍ୟ ଦୁଇଟି ଉଲ୍ଲେଖ କର ?

୧୮. ଜାତିବାଦର ପ୍ରଧାନ କାରଣ ଦୁଇଟି ଉଲ୍ଲେଖ କର ?

୧୯. ଜାତିବାଦର ସାମାଜିକ ପ୍ରଭାବ ଦର୍ଶାଅ ?

୨୦. ଜାତିବାଦର ନିରାକରଣ ପଦକ୍ଷେପ ଦୁଇଟି ଉଲ୍ଲେଖ କର ?

୨୧. ଆତଙ୍କବାଦ କହିଲେ କ'ଣ ବୁଝ ?

୨୨. ଆତଙ୍କବାଦ ସଂଜ୍ଞା ପ୍ରଦାନ କର ?

୨୩. ଆତଙ୍କବାଦର ଦୁଇଟି ମୁଖ୍ୟ ବୈଶିଷ୍ଟ୍ୟ ଉଲ୍ଲେଖ କର ?

୨୪. ଆତଙ୍କବାଦର ଦୁଇଟି ମୁଖ୍ୟ କାରଣ ଦର୍ଶାଅ ?

୨୫. ଆତଙ୍କବାଦର ପ୍ରଭାବ ଯୁବସମାଜକୁ କିପରି ପ୍ରଭାବିତ କରିଥାଏ ?

୨୬. ଆତଙ୍କବାଦକୁ କିପରି ଦୂର କରାଯାଇପାରିବ ?

**(ଖ) ଛଅଟି ବାକ୍ୟରେ ଉତ୍ତର ଲେଖ ।**

**(Answer in six Sentence)**

୧. ଜାତୀୟ ସଂହତିର ବୈଶିଷ୍ଟ୍ୟ ଉଲ୍ଲେଖ କର ?

୨. ଜାତୀୟ ସଂହତିର ସମସ୍ୟା ଗୁଡିକ ଛଅଗୋଟି ବାକ୍ୟରେ ଲେଖ ?

୩. ସାମ୍ପ୍ରଦାୟିକତାର ତିନୋଟି କାରଣ ସମ୍ବନ୍ଧରେ ଲେଖ ?

୪. ସାମ୍ପ୍ରଦାୟିକତା ନିର୍ରାକରଣ କିପରି କରାଯାଇପାରିବ ଲେଖ ?

୫. ଆଞ୍ଚଳିକତାବାଦର ପ୍ରକୃତି ବା ବୈଶିଷ୍ଟ୍ୟ ସମ୍ବନ୍ଧରେ ଲେଖ ?

୬. ଆଞ୍ଚଳିକବାଦର ତିନିଗୋଟି ପ୍ରଧାନ କାରଣ ଛଅଗୋଟି ବାକ୍ୟରେ ଲେଖ ?

୭. ଆଞ୍ଚଳିକବାଦରୁ ସୃଷ୍ଟି ସମସ୍ୟା ଗୁଡିକର ସମାଧାନ କିପରି କରାଯାଇପାରିବ ଲେଖ ?

୮. ଜାତିବାଦର ବୈଶିଷ୍ଟ୍ୟ ଉଲ୍ଲେଖ କର ?

୯. ଜାତିବାଦର କାରଣ ଛଅଗୋଟି ବାକ୍ୟରେ ଲେଖ ?

୧୦. ଜାତିବାଦର ସାମାଜିକ ପ୍ରଭାବ ଉଲ୍ଲେଖ କର ?

୧୧. ଜାତିବାଦର ନିରାକରଣ ନିମନ୍ତେ କେଉଁ କେଉଁ ମୁଖ୍ୟ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ଉଲ୍ଲେଖ କର ?

୧୨. ଆତଙ୍କବାଦର ବୈଶିଷ୍ଟ୍ୟମାନ ଛଅଗୋଟି ବାକ୍ୟରେ ଉଲ୍ଲେଖ କର ?

୧୩. ଆତଙ୍କବାଦର ଛଅଗୋଟି ମୁଖ୍ୟକାରଣ ଉଲ୍ଲେଖ କର ?

୧୪. ଆତଙ୍କବାଦର ନକରାତ୍ମକ ପ୍ରଭାବ ସମ୍ବନ୍ଧରେ ଲେଖ ?

୧୫. ଆତଙ୍କବାଦକୁ କିପରି ବିଲୋପ କରାଯାଇପାରିବ ଲେଖ ?

୧୬. ଆତଙ୍କବାଦ ଏବଂ ଜାତିବାଦ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ?

## Group-C
## Long Type Questions
## 'ଗ' ବିଭାଗ
## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧. ଜାତୀୟ ସଂହତି କହିଲେ କ'ଣ ବୁଝ ଏବଂ ଏହାର ବୈଶିଷ୍ଟ୍ୟ ବ୍ୟାଖ୍ୟା କର ।

୨. ଜାତୀୟ ସଂହତିର ପ୍ରତିବନ୍ଧକ ଗୁଡ଼ିକ ସମ୍ବନ୍ଧରେ ବର୍ଣ୍ଣନା କର ।

୩. ସାମ୍ପ୍ରଦାୟିକତାର ସଂଜ୍ଞା ପ୍ରଦାନ କର ଏବଂ ଏହାର ଲକ୍ଷଣ ଗୁଡ଼ିକ ବର୍ଣ୍ଣନା କର ।

୪. ସାମ୍ପ୍ରଦାୟିକତାର କାରଣଗୁଡ଼ିକ ବର୍ଣ୍ଣନା କର ।

୫. ସାମ୍ପ୍ରଦାୟିକତାର ଦୂରୀକରଣ କିପରି କରାଯାଇପାରିବ ବର୍ଣ୍ଣନା କର ।

୬. ଆଞ୍ଚଳିକତାବାଦର ସଂଜ୍ଞା ପ୍ରଦାନ କର ଏବଂ ଏହାର କାରଣ ଓ ପ୍ରତିକାର ବ୍ୟାଖ୍ୟାକର ।

୭. ଜାତିବାଦ କ'ଣ ? ଏହାର କାରଣ ଗୁଡ଼ିକ ବ୍ୟାଖ୍ୟା କର ।

୮. ଜାତିବାଦର ପ୍ରଭାବ ଗୁଡ଼ିକ ବର୍ଣ୍ଣନା କର ।

୯. ଜାତିବାଦ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପଗୁଡ଼ିକ ଆଲୋଚନା କର ।

୧୦. ଆଞ୍ଚଳିକବାଦ କ'ଣ ଏବଂ ଏହାର ବୈଶିଷ୍ଟ୍ୟ ଉଲ୍ଲେଖ କର ।

୧୧. ଆଞ୍ଚଳିକବାଦର କାରଣଗୁଡ଼ିକ ବର୍ଣ୍ଣନା କର ।

୧୨. ଆଞ୍ଚଳିକବାଦର ସଂଜ୍ଞା ପ୍ରଦାନ କର ଏବଂ ଏହା ସମାଜ ଉପରେ କିପରି ପ୍ରଭାବ ପକାଉଅଛି ଲେଖ ।

୧୩. ଆଞ୍ଚଳିକବାଦର ସମାଧାନ ନିମନ୍ତେ କେଉଁ କେଉଁ ପଦକ୍ଷେପ ଗ୍ରହଣ କରାଯାଇପାରେ ବର୍ଣ୍ଣନା କର ।

◆◆◆

## ଚତୁର୍ଥ ପରିଚ୍ଛେଦ

# ସାମାଜିକ ଅସମାନତା ଏବଂ ଆନ୍ଦୋଳନ

## (SOCIAL INEQUALITY, EXCLUSION AND MOVEMENT)

---

### ଜାତି ଓ ସାମାଜିକ ଅସମାନତା, ଶ୍ରେଣୀ ଓ ସାମାଜିକ ଅସମାନତା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଜନଜାତି ଆନ୍ଦୋଳନ, କୃଷକ ଆନ୍ଦୋଳନ

**Caste and Social Inequality, Class and Social Inequality, Scheduled Castes, Scheduled Tribes, Tribal Movements, Peasant Movements**

### ଜାତି ଓ ସାମାଜିକ ଅସମାନତା

**Caste and Social Inequality**

ଅସମାନତା ସମାନତାର ବିପରୀତ ଅର୍ଥ ପ୍ରକାଶ କରୁଥିବା ସଂପ୍ରତ୍ୟୟ ଅଟେ। ମନୁଷ୍ୟ-ମନୁଷ୍ୟ ମଧ୍ୟରେ କୌଣସି ପ୍ରକାର ଭେଦଭାବ ନରହିବା ହେଉଛି ସମାନତା। ସମାନତା ସମସ୍ତଙ୍କୁ ସମାନ ସୁବିଧାସୁଯୋଗ, ସମାନ ଶିକ୍ଷା ସୁବିଧା, ସମ୍ପତ୍ତି ଓ ଜୀବନ-ସୁଯୋଗ (Life Chance) ପ୍ରାପ୍ତି ହେବାକୁ ବୁଝାଇ ଥାଏ। ଅସମାନତାର ଅର୍ଥ ହେଉଛି ବ୍ୟକ୍ତିମାନଙ୍କୁ ନିଜର ପୂର୍ଣ୍ଣ ବିକାଶ ନିମନ୍ତେ ସମାନ ସୁଯୋଗ ପ୍ରାପ୍ତ ନହେବା, ଜନ୍ମ, ଜାତି, ପ୍ରଜାତି, ଧର୍ମ, ଭାଷା, ଆୟ ଓ ସମ୍ପତ୍ତି ଆଧାରିତ ତାରତମ୍ୟ ରହିବା ତଥା ଏହି ଆଧାରରେ ବ୍ୟକ୍ତି ଏବଂ ସମୂହ ମଧ୍ୟରେ ଉଚ୍ଚନୀଚ ଭେଦଭାବ ରହିବା। କ୍ଷମତା, ସୁବିଧାସୁଯୋଗ ଓ ଅଧିକାରର ଅସମାନ ବର୍ଣ୍ଣନ ଅସମାନତାକୁ ବ୍ୟକ୍ତ କରିଥାଏ। ପ୍ରତ୍ୟେକ ସମାଜରେ ଅସମାନତା ଦେଖିବାକୁ ମିଳିଥାଏ। ସାମାଜିକ ସ୍ତରୀକରଣ ହେଉଛି ସାମାଜିକ ଅସମତାର ଏକ ନିର୍ଦ୍ଦିଷ୍ଟ ରୂପ (Form)।

ଯେତେବେଳେ ସମାଜରେ ସାଧନ ଦ୍ରବ୍ୟ, କ୍ଷମତା ଓ ଦାୟିତ୍ୱ ସମାଜର ପ୍ରତିମାନ ଅନୁସାରେ ଅସମାନ ଭାବରେ ବଣ୍ଟନ ହୁଏ ସେତେବେଳେ ସାମାଜିକ ଅସମାନତା ଦେଖାଯାଏ। ସାମାଜିକ ଅସମାନତା ଅର୍ଥନୀତିକ

ଅସମାନତା ସହିତ ସଂପର୍କୀତ। ଆୟର କିମ୍ବା ସମ୍ପତ୍ତିର ଅସମାନ ବଣ୍ଟନ ଅର୍ଥନୀତିକ ଅସମାନତାର ଅନ୍ତର୍ଭୁକ୍ତ। ସମାଜର ବିଭିନ୍ନ ସମୂହ ମଧ୍ୟରେ ଅଧିକାର ଓ ସୁବିଧା ସୁଯୋଗ, ସାମାଜିକ କ୍ଷମତା, ନିଯୁକ୍ତି, ଆୟ ଓ ସମ୍ପତ୍ତି ଇତ୍ୟାଦିର ଅସମାନ ବଣ୍ଟନ ସାମାଜିକ ଅସମାନତାର ଅନ୍ତର୍ଭୁକ୍ତ।

ପାରମ୍ପରିକ ଭାରତୀୟ ସମାଜ ମୁଖ୍ୟତଃ ଜାତି ଆଧାରିତ ଥିଲା। ଋକ୍ ବୈଦ ସମୟର ବର୍ଣ୍ଣ ପରବର୍ତ୍ତୀ ସମୟରେ ଜାତିଭାବରେ ବିକାଶ ଲାଭ କରିଥିଲା। ତେଣୁ ଅତି ପ୍ରାଚୀନ କାଳରେ ଜାତିର ଉତ୍ପତ୍ତି ହୋଇଥିଲା। ପ୍ରାଚୀନ ଭାରତରେ ଚାରିଗୋଟି ବର୍ଣ୍ଣ, ଯଥା – ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ସୂଦ୍ର ଥିଲା। ପରବର୍ତ୍ତୀ ସମୟରେ ଏହି ଚାରିଗୋଟି ବର୍ଣ୍ଣ ଚାରିଗୋଟି ଜାତି ନାମରେ ପରିଚିତ ହେଲା। ଏହି ଜାତି ଆଧାରରେ ଭାରତୀୟ ସମାଜ ଚାରିଗୋଟି ସାମାଜିକ ସମୂହରେ ବିଭାଜିତ ଜନ୍ମ ଆଧାରରେ ଜାତି ସ୍ଥିର ହୋଇଥାଏ ଓ ଏକ ନିର୍ଦ୍ଦିଷ୍ଟ ଜାତରି ଅଧିକାର ଓ ସୁବିଧାସୁଯୋଗ ଜନ୍ମ ଦ୍ୱାରା ସ୍ଥିରିକୃତ ହୋଇଥାଏ। ସମସ୍ତ ଜାତିର ଲୋକମାନଙ୍କର ସମାନ ଅଧିକାର ଓ ସୁବିଧାସୁଯୋଗ ନଥାଏ। ବିଭିନ୍ନ ଜାତିର ଅଧିକାର ଅସମାନ ଅଟେ। ଜାତିଗୁଡିକ ଏକ ଉଚ୍ଚନୀଚ କ୍ରମ (Hierarehy)ରେ ରହିଥାଏ। ଉଚ୍ଚନୀଚ କ୍ରମରେ ବ୍ରାହ୍ମଣମାନେ ଉଚ୍ଚରେ, ବ୍ରାହ୍ମଣମାନଙ୍କ ତଳକୁ କ୍ଷତ୍ରୀୟ, ବୈଶ୍ୟ ଓ ଶୂଦ୍ର ତଳକୁ ତଳ ରହିଥାଆନ୍ତି। ଯେଉଁମାନେ ଉଚ୍ଚନୀଚ କ୍ରମର ସର୍ବୋଚ୍ଚରେ ରହିଥାନ୍ତି ସେମାନଙ୍କର ବହୁତ ଅଧିକାର ଥାଏ ଏବଂ ସବୁଠାରୁ କମ୍ କର୍ତ୍ତବ୍ୟ ରହିଥାଏ। ମାତ୍ର ଯେଉଁମାନେ ଉଚ୍ଚନୀଚ କ୍ରମର ସର୍ବ ନିମ୍ନରେ ଥାଆନ୍ତି, ସେମାନଙ୍କର କମ ଅଧିକାର ଥାଏ ଏବଂ ସେମାନଙ୍କୁ ଅଧିକ କର୍ତ୍ତବ୍ୟ କରିବାକୁ କୁହାଯାଇଥାଏ। ଅସମାନତା ଜାତି ବ୍ୟବସ୍ଥାର ଅନ୍ତଃସ୍ଥଳ ବା ଅନର୍ଭାଗ (Core) ଅଟେ। ପାରମ୍ପରିକ ଭାରତୀୟ ସମାଜରେ ଜାତି ବ୍ୟବସ୍ଥା ହିନ୍ଦୁ ସମାଜର ନୈତିକ, ସାମାଜିକ ଓ ଆଇନଗତ ମୂଳଦୁଆ ନିର୍ମାଣ କରିଥାଏ। ଅସମାନ ଅଧିକାର ଓ କର୍ତ୍ତବ୍ୟ ସମାଜରେ ଅସମତା ସୃଷ୍ଟି କରିଛି। ଜାତି ବ୍ୟବସ୍ଥା ଦ୍ୱାରା ସୃଷ୍ଟି ହୋଇଥିବା ଅସମତାଗୁଡିକୁ ନିମ୍ନରେ ଆଲୋଚନା କରାଗଲା।

**ସାମାଜିକ ଓ ସାଂସ୍କୃତିକ ଅସମାନତା (Social and Cultural Inequality) :** ଭାରତରେ ଦେଖାଯାଉଥିବା ସମସ୍ତ ଜାତି ଉଚ୍ଚନୀଚ କ୍ରମରେ ରହିଥାଆନ୍ତି। ପ୍ରତ୍ୟେକ ଜାତିର ଏକ ପ୍ରସ୍ଥିତି ରହିଥାଏ ଯାହାକି ଜନ୍ମ ଦ୍ୱାରା ସ୍ଥିରିକୃତ। ବ୍ରାହ୍ମଣମାନେ ଉଚ୍ଚନୀଚ କ୍ରମର ସର୍ବୋଚ୍ଚରେ ଏବଂ ଶୁଦ୍ରମାନେ ସର୍ବନିମ୍ନ ସ୍ଥାନରେ ରହିଥାଆନ୍ତି। ବ୍ରାହ୍ମଣମାନେ ଉଚ୍ଚ ପ୍ରସ୍ଥିତିର ଅଧିକାରୀ ହୋଇଥିବାବେଳେ ଶୁଦ୍ରମାନେ ନିମ୍ନ ପ୍ରସ୍ଥିତିର ଅଧିକାରୀ ଅଟନ୍ତି। ବ୍ରାହ୍ମଣମାନେ ବହୁ ଅଧିକାର ଓ ସୁବିଧାସୁଯୋଗ ଉପଭୋଗ କରୁଥିବାବେଳେ ଅନ୍ୟ ଜାତିର ଲୋକମାନେ ସେହି ଅଧିକାର ଓ ସୁବିଧାସୁଯୋଗ ଉପଭୋଗ କରିପାରନ୍ତି ନାହିଁ। ବିଶେଷକରି ଶୁଦ୍ର ଓ ଦଳିତମାନେ ବିଭିନ୍ନ ପ୍ରକାର ଅଧିକାରରୁ ବଞ୍ଚିତ ହୋଇଥାନ୍ତି। ବ୍ରାହ୍ମଣ ଓ କ୍ଷତ୍ରୀୟ ପରି ଉଚ୍ଚ ଜାତିର ଲୋକମାନଙ୍କ ଅଧିକାର ଓ ବୈଶ୍ୟ ଏବଂ ଶୁଦ୍ର ପରି ନୀଚ ଜାତିର ଲୋକମାନଙ୍କ ଅଧିକାର ମଧ୍ୟରେ ବହୁ ତାରତମ୍ୟ ରହିଥାଏ। ଜାତି ବ୍ୟବସ୍ଥା ଆଧାରିତ ଭାରତୀୟ ସମାଜରେ ନୀଚ ଜାତିର ଲୋକମାନେ ଅବହେଳିତ ହୁଅନ୍ତି। ପୂର୍ବରୁ କେବଳ ଉଚ୍ଚ ଜାତିର ଲୋକମାନଙ୍କର ଶିକ୍ଷା ଗ୍ରହଣ କରିବାର ଅଧିକାର ଥିଲା। ନୀଚ ଜାତିର ଲୋକମାନଙ୍କୁ ଶିକ୍ଷା ଗ୍ରହଣ କରିବାକୁ ଅନୁମତି ଦିଆଯାଇ ନଥିଲା। ସେହିପରି ଅସ୍ପୃଶ୍ୟମାନେ ସମସ୍ତ ଅଧିକାରରୁ ବଞ୍ଚିତ ହେଉଥିଲେ।

ଅସ୍ପୃଶ୍ୟ ବା ଦଳିତମାନଙ୍କୁ ରାସ୍ତା, ପୁଷ୍କରିଣୀ, ଘାଟ ଓ ମନ୍ଦିର ଇତ୍ୟାଦି ସର୍ବସାଧାରଣ ସ୍ଥାନ ବ୍ୟବହାର କରିବାକୁ ଅନୁମତି ଦିଆଯାଉନଥିଲା।

ବିଭିନ୍ନ ଜାତିର ପ୍ରଥା, ପରମ୍ପରା ଓ ଚଳନିରେ ଅସମତା ଦେଖାଯାଏ। ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କର ଯେଉଁ ପ୍ରଥା ପରମ୍ପରା ରହିଥାଏ ସେହି ପ୍ରଥା ପରମ୍ପରା ଅନ୍ୟ ଜାତିଗୁଡ଼ିକର ନଥାଏ। ବିଭିନ୍ନ ଜାତିର ବେଶଭୂଷା, ଖାଦ୍ୟ ଓ ପାନୀୟ କ୍ଷେତ୍ରରେ ଅନେକ ତାରତମ୍ୟ ଥାଏ। ଉଚ୍ଚ ଜାତିର ଲୋକମାନେ ଯେଉଁ ଅଳଙ୍କାର ଓ ପୋଷାକ ବ୍ୟବହାର କରନ୍ତି। ସେହି ପୋଷାକ ଓ ଅଳଙ୍କାର ବ୍ୟବହାର କରିବା ନିମନ୍ତେ ନୀଚ ଜାତିର ଲୋକମାନଙ୍କର ଅଧିକାର ନଥାଏ। ନୀଚ ଜାତିର ଲୋକମାନଙ୍କୁ ଉଚ୍ଚ ଜାତିର ଜୀବନଶୈଳୀକୁ ଆପଣେଇବାକୁ ଅନୁମତି ଦିଆଯାଏ ନାହିଁ। ଜାତିଗୁଡ଼ିକ ମଧ୍ୟରେ ପୋଷାକ, ପ୍ରଥା, ପରମ୍ପରା, ଚଳନି ଓ ବ୍ୟବହାରରେ ତାରତମ୍ୟ ଦେଖାଯାଏ।

**ଧାର୍ମିକ ଅସମାନତା (Religious Inequality) :** ବିଭିନ୍ନ ଜାତି ମଧ୍ୟରେ ଧାର୍ମିକ ଅସମାନତା ଦେଖାଯାଏ। ସମସ୍ତ ଜାତିର ଲୋକମାନଙ୍କର ସମାନ ଧାର୍ମିକ ଅଧିକାର ନଥାଏ। ଉଚ୍ଚ ଜାତିର ଲୋକମାନେ ଧାର୍ମିକ ସୁବିଧା ସୁଯୋଗ ଉପଭୋଗ କରିଥାଆନ୍ତି। ନୀଚ ଜାତିର ଲୋକମାନେ, ବିଶେଷକରି ଦଳିତମାନେ ବିଭିନ୍ନ ଧାର୍ମିକ ଅଧିକାରରୁ ବଞ୍ଚିତ ହୋଇଥାଆନ୍ତି। ବ୍ରାହ୍ମଣମାନେ ସର୍ବାଧିକ ଧାର୍ମିକ ସୁବିଧା ସୁଯୋଗର ଅଧିକାରୀ ଅଟନ୍ତି। ବ୍ରାହ୍ମଣମାନେ ଯେଉଁ ଧାର୍ମିକ ସୁବିଧା ସୁଯୋଗ ଲାଭ କରିଥାଆନ୍ତି ଅନ୍ୟ କୌଣସି ଜାତିର ଲୋକମାନେ ସେହି ସୁବିଧା ସୁଯୋଗ ପାଆନ୍ତି ନାହିଁ। ଅସ୍ପୃଶ୍ୟମାନଙ୍କୁ ମନ୍ଦିର, ତୀର୍ଥସ୍ଥାନ ମଧ୍ୟକୁ ପ୍ରବେଶ କରିବା ପାଇଁ ଅନୁମତି ଦିଆଯାଉ ନଥିଲା। ଦଳିତମାନେ ମଧ୍ୟ ଧର୍ମଗ୍ରନ୍ଥ ଅଧ୍ୟୟନ କରିପାରୁନଥିଲେ। ସେମାନେ ବିଭିନ୍ନ ଧାର୍ମିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି।

**ଅର୍ଥନୈତିକ ଅସମାନତା (Economic Inequality) :** ବିଭିନ୍ନ ଜାତିର ଲୋକମାନଙ୍କ ମଧ୍ୟରେ ଅର୍ଥନୈତିକ ଅସମାନତା ଦେଖାଯାଏ। ପାରମ୍ପରିକ ଭାରତୀୟ ସମାଜରେ ଉଚ୍ଚ ଜାତିର ଲୋକମାନଙ୍କ ଆର୍ଥିକ ଅବସ୍ଥା ଉତ୍ତମ ଥିବାର ଦେଖିବାକୁ ମିଳେ। ଉଚ୍ଚ ଜାତିର ଲୋକମାନେ ନୀଚ ଜାତିର ଲୋକମାନଙ୍କଠାରୁ ଅଧିକ ଅର୍ଥନୀତିକ ସୁବିଧା ସୁଯୋଗ ଉପଭୋଗ କରନ୍ତି। ବ୍ରିଟିଶ୍ ଶାସନ ସମୟରେ ଜମିର ଘରୋଇ ମାଲିକାନା (Private Wonership) ବ୍ୟବସ୍ଥାର ପ୍ରବର୍ତ୍ତନ ପରେ ଭୂସମ୍ପତ୍ତି ଉଚ୍ଚ ଜାତିର ଲୋକମାନଙ୍କ ମାଲିକାନାକୁ ଆସିଗଲା। ସେମାନେ ବହୁ ପରିମାଣର ଭୂସମ୍ପତ୍ତିର ଅଧିକାରୀ ହୋଇଗଲେ। ଭାରତର ଜମିଦାରମାନେ ସାଧାରଣତଃ ଉଚ୍ଚ ଜାତିର ଥିଲେ। ଏହି ଜମିଦାରମାନେ ଉଚ୍ଚ ଶ୍ରେଣୀର ଥିଲେ। ନୀଚ ଜାତିର ଲୋକମାନେ ସ୍ୱଳ୍ପ ଭୂମିର ଅଧିକାରୀ ଥିଲେ। ଦଳିତମାନେ ପାରମ୍ପରିକ ଭାବେ ସମ୍ପତ୍ତି ଅଧିକାରରୁ ବଞ୍ଚିତ ଥିଲେ। ସେମାନଙ୍କ ନିଜସ୍ୱ କୌଣସି ସମ୍ପତ୍ତି ନଥିଲା। ସେମାନେ ମଧ୍ୟ ମୁକ୍ତ ଭାବେ କୌଣସି ବ୍ୟବସାୟ କରିପାରୁ ନଥିଲେ। ଜାତି ବ୍ୟବସ୍ଥାରେ ବୃତ୍ତି ବଂଶାନୁକ୍ରମିକ ହୋଇଥିବାରୁ ଦଳିତମାନଙ୍କୁ ଉଚ୍ଚ ଜାତିର ବୃତ୍ତିକୁ ଗ୍ରହଣ କରିବାକୁ ଅନୁମତି ଦିଆଯାଉ ନଥିଲା। ସେମାନେ ମଇଳା ଆବର୍ଜନା ସଫା କରିବା, ଶବ ଉଠାଇବା, ଚମଡ଼ା ଓ ଯୋତା ସିଲେଇ ଇତ୍ୟାଦି କାର୍ଯ୍ୟ କରୁଥିବାରୁ ସେମାନଙ୍କ ଆୟ ଖୁବ୍ କମ୍ ଥିଲା। ଫଳରେ ସେମାନେ ପୁରୁଷାନୁକ୍ରମେ ଦାରିଦ୍ର୍ୟ ଅଟନ୍ତି। ସେମାନଙ୍କର ଜୀବନ ଧାରଣ ମାନ ନିମ୍ନ ଧରଣର।

ପାରମ୍ପରିକ ଭାରତୀୟ ସମାଜରେ ଜାତି ବ୍ୟବସ୍ଥା ହେଉଛି ଅସମାନତା ଆଧାରିତ ଏକ ସାମାଜିକ ବ୍ୟବସ୍ଥା । ଭିନ୍ନଭିନ୍ନ ଜାତିର ଲୋକମାନେ ଭିନ୍ନ ଭିନ୍ନ ସୁବିଧାସୁଯୋଗ ଉପଭୋଗ କରନ୍ତି ଏବଂ ସେମାନଙ୍କର ଅସମାନ ଅଧିକାର ରହିଥାଏ ।

## ଶ୍ରେଣୀ ଓ ସାମାଜିକ ଅସମାନତା
## Class and Social Inequality

ଶ୍ରେଣୀ, ଜାତି, ପ୍ରଜାତି ଓ ଲିଙ୍ଗର ଉଚ୍ଚନୀଚ କ୍ରମ ଦ୍ୱାରା ସଂଗଠିତ ସାମାଜିକ ଅସମାନତା ସମାଜରେ ସୃଷ୍ଟି ହୋଇଥାଏ । ଶ୍ରେଣୀ ହେଉଛି ସାମାଜିକ ଅସମାନତାର ଅନ୍ୟ ଏକ ଆଧାର । ବିଶ୍ୱର ବିଭିନ୍ନ ସମାଜରେ ଉଚ୍ଚ, ମଧ୍ୟବିତ୍ତ ଓ ନିମ୍ନ ଶ୍ରେଣୀ ଇତ୍ୟାଦ ଶ୍ରେଣୀ ରହିଥାଏ । ବିଭିନ୍ନ ଶ୍ରେଣୀ ମଧ୍ୟରେ ସାମାଜିକ ଅସମାନତା ଦେଖାଯାଏ । ସାମାଜିକ ଅସମାନତା ଆୟ ଓ ସମ୍ପତ୍ତି, ଶିକ୍ଷା, ଅଧିକାର ଓ ସୁଯୋଗ, ସଂସ୍କୃତି, ସାଧନ ଇତ୍ୟାଦି ଅସମାନ ବଣ୍ଟନ ରୂପେ ପ୍ରତିଫଳିତ ହୋଇଥାଏ । ଉପରୋକ୍ତ ଅସମାନତା ଯୋଗୁ ବିଭିନ୍ନ ଶ୍ରେଣୀ ମଧ୍ୟରେ ଜୀବନ ଶୈଳୀ ଓ ବଞ୍ଚିବାର ସମ୍ଭାବନାରେ ପ୍ରଭେଦ ଦେଖାଯାଏ ଓ ଗୋଟିଏ ଶ୍ରେଣୀ ଅନ୍ୟ ଗୋଟିଏ ଶ୍ରେଣୀଠାରୁ ତଫାତ୍ ଅଟେ । ପ୍ରତ୍ୟେକ ଶ୍ରେଣୀ ହେଉଛି ଏକ ସମୂହ ଏବଂ ସମୂହଗୁଡିକ ମଧ୍ୟରେ କ୍ଷମତା, ସମ୍ପଦ ଓ ସମ୍ମାନ ଅସମାନଭାବେ ବଣ୍ଟନ ହୋଇଥାଏ । ଉଚ୍ଚ ଶ୍ରେଣୀ ଯେଉଁ କ୍ଷମତାର ଅଧିକାରୀ ହୋଇଥାଆନ୍ତି ନିମ୍ନ ଶ୍ରେଣୀ ସେହି କ୍ଷମତାର ଅଧିକାରୀ ହୋଇପାରନ୍ତି ନାହିଁ । ଏକ ସାମାଜିକ ଶ୍ରେଣୀର ସଦସ୍ୟମାନଙ୍କର ସମାନ ସାମାଜିକ ପ୍ରସ୍ଥିତି ଥାଏ । ଏକ ସାମାଜିକ ଶ୍ରେଣୀ ପ୍ରସ୍ଥିତି ଦ୍ୱାରା ଅନ୍ୟ ଏକ ଶ୍ରେଣୀଠାରୁ ପୃଥକ ହୋଇଥାଏ । ବିଭିନ୍ନ ଶ୍ରେଣୀର ସଦସ୍ୟମାନଙ୍କ ମଧ୍ୟରେ ପ୍ରସ୍ଥିତି, ସମ୍ପତ୍ତି, କ୍ଷମତା, ସୁବିଧା ସୁଯୋଗ, ଜୀବନ ଶୈଳୀ ଓ ସଂସ୍କୃତି ମଧ୍ୟରେ ଅସମାନତା ଦେଖାଯାଏ । ଉଚ୍ଚ ଶ୍ରେଣୀର ବ୍ୟକ୍ତିମାନେ ପର୍ଯ୍ୟାପ୍ତ ସମ୍ପତ୍ତି ଓ କ୍ଷମତାର ଅଧିକାରୀ ଅଟନ୍ତି । ସେମାନଙ୍କର ଜୀବନ ଶୈଳୀ ଓ ଜୀବନ ଧାରଣର ମାନ ଉନ୍ନତ ଅଟେ । ସେମାନେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଭୋଗ କରନ୍ତି । ସେମାନେ ରାଜନୈତିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାକୁ ସକ୍ଷମ । ପୁଞ୍ଜିପତି, ବଡ଼ବଡ଼ ବ୍ୟବସାୟୀ, ଭୂମି ମାଲିକ, ଶିଳ୍ପପତି ଉଚ୍ଚ ଶ୍ରେଣୀର ଅନ୍ତର୍ଭୁକ୍ତ । ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀଗୁଡ଼ିକର ଜୀବନ ଧାରଣ ମାନ ଉଚ୍ଚ ଶ୍ରେଣୀଠାରୁ ନିମ୍ନ ଧରଣର ହୋଇଥାଏ । ସେମାନଙ୍କର ଆୟ ମଧ୍ୟ କମ୍ । ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟରେ ସାମାଜିକ ଅସମାନତା ସ୍ପଷ୍ଟ ଅଟେ । ନିମ୍ନ ଶ୍ରେଣୀର ସଦସ୍ୟମାନଙ୍କର ଆୟ କମ୍ ଓ ସେମାନେ ଉଚ୍ଚ ଶ୍ରେଣୀ ପରି କ୍ଷମତା ଉପଭୋଗ କରିପାରନ୍ତି ନାହିଁ ।

ମାର୍କ୍ସବାଦ ଅନୁସାରେ ମାନବ ସମାଜ ବିଭିନ୍ନ ଶ୍ରେଣୀରେ ବିଭକ୍ତ ହୋଇଥାଏ । ଆର୍ଥିକ ଆଧାରରେ ଏହି ଶ୍ରେଣୀଗୁଡ଼ିକ ଉତ୍ପନ୍ନ ହୋଇଛି । ପ୍ରାଧାନ୍ୟ ବିସ୍ତାର କରିବା, ବଳ ପ୍ରୟୋଗ କରିବା ଏବଂ ଶୋଷଣ ଇତ୍ୟାଦି ଯୋଗୁ ସମାଜରେ ଅସମାନତା ଦେଖାଯାଏ । ମାର୍କ୍ସଙ୍କ ମତରେ ଉତ୍ପାଦନ ମାଧ୍ୟମ ଉପରେ ମାଲିକାନା ଅଧିକାର ଅଛି କି ନାହିଁ, ଏହି ଆଧାରରେ ଶ୍ରେଣୀଗୁଡିକର ସୃଷ୍ଟି ହୋଇଥାଏ । ତାଙ୍କ ମତରେ ଦାସତ୍ୱ ଯୁଗରେ ଦୁଇଟି ଶ୍ରେଣୀ ଥିଲା, ଯଥା -ଦାସ -ସ୍ୱାମୀ (Slave-Owner) ଏବଂ ଦାସ (Slaves) ଦାସମାନଙ୍କର କୌଣସି ଅଧିକାର ନଥାଏ ।

ସେମାନଙ୍କ ସ୍ୱାମୀ ନିଜ ଇଚ୍ଛା ଅନୁସାରେ ଦାସମାନଙ୍କୁ କ୍ରୟବିକ୍ରୟ କରିପାରୁଥିଲେ। ମାର୍କ୍ସଙ୍କ ଅନୁସାରେ ସାମନ୍ତବାଦୀ ଯୁଗରେ ଦୁଇଟି ଶ୍ରେଣୀ, ଯଥା- ଜମିଦାର ଓ ଅର୍ଦ୍ଧ-ଦାସ କୃଷକ ଥିଲେ। ଅର୍ଦ୍ଧ-ଦାସମାନଙ୍କର ନିଜର ଭୂମି ନଥିଲା। ଏମାନେ ଭୂମିମାଲିକମାନଙ୍କୁ ଦେୟ ପ୍ରଦାନ କରି ଜମିଦାର ବା ଭୂମିମାଲିଙ୍କ ଜମି ଚାଷ କରୁଥିଲେ। ଜମିଦାରମାନେ ଅର୍ଦ୍ଧ-ଦାସ କୃଷକମାନଙ୍କୁ ଶୋଷଣ କରୁଥିଲେ। ସେହିପରି ଆଧୁନିକ ଔଦ୍ୟୋଗିକ ସମାଜରେ ଦୁଇଟି ଶ୍ରେଣୀ ଦେଖାଯାଏ ବୋଲି ମାର୍କ୍ସ କହିଥିଲେ। ସେଗୁଡିକ ହେଲା ପୁଞ୍ଜିପତି ଓ ଶ୍ରମିକ ବା ସର୍ବହରା ଶ୍ରେଣୀ। ପୁଞ୍ଜିପତିମାନେ ଉତ୍ପାଦନ ମାଧ୍ୟମରେ ଅଧିକାରୀ ଅଟନ୍ତି। ଯେଉଁମାନଙ୍କର ଉତ୍ପାଦନର ମାଧ୍ୟମ ନାହିଁ, ସେମାନେ ହେଉଛନ୍ତି ଶ୍ରମିକ। ମାର୍କ୍ସଙ୍କ ମତରେ ପୁଞ୍ଜିପତିମାନେ ଶ୍ରମିକମାନଙ୍କୁ ଶୋଷଣ କରନ୍ତି।

ପାରମ୍ପରିକ ଭାରତୀୟ ସମାଜରେ ଅସମାନତା ଜାତି ଆଧାରିତ ଥିଲା। ଜାତି ଆଧାରରେ ଭାରତୀୟ ସମାଜ ବିଭାଜିତ ହୋଇଥିଲା। ବିଭିନ୍ନ ଜାତି ମଧ୍ୟରେ ଅସମାନତା ରହିଥିଲା। ଇଂରେଜମାନେ ଭାରତରେ ଶାସନ ପ୍ରତିଷ୍ଠା କରିବା ପୂର୍ବରୁ ଭାରତରେ ଶ୍ରେଣୀ ବ୍ୟବସ୍ଥା ନଥିଲା। ଭାରତରେ ଇଂରେଜମାନଙ୍କ ଦ୍ୱାରା ନୂତନ ଅର୍ଥ ବ୍ୟବସ୍ଥା ପ୍ରବର୍ତ୍ତନ ହେବା ଫଳରେ ସାମାଜିକ ଶ୍ରେଣୀ ଗଠନ ପ୍ରକ୍ରିୟାର ଅଭ୍ୟୁଦୟ ହେଲା।

ଇଂରେଜ ଶାସନ ସମୟରେ କୃଷିରେ ପରିବର୍ତ୍ତନ ଫଳରେ ଗ୍ରାମୀଣ ଭାରତରେ ନୂତନ ଶ୍ରେଣୀଗୁଡିକର ଉତ୍ଥାନ ହେଲା। ଭୂସମ୍ପତ୍ତି ଉପରେ ଘରୋଇ ମାଲିକାନା ଓ ଅଧିକାର ପ୍ରବର୍ତ୍ତନ ଫଳରେ ଜମିଦାର, ସ୍ୱତ୍ୱାଧିକାରୀ କୃଷକ ଓ ଭୂମିହୀନ ଶ୍ରମିକ ଭଳି ଶ୍ରେଣୀଗୁଡ଼ିକ ସୃଷ୍ଟି ହେଲା। ବ୍ରିଟିଶ ସରକାର ଭୂରାଜସ୍ୱ ଆଦାୟ ନିମନ୍ତେ ଜମିଦାରମାନଙ୍କୁ ନିଯୁକ୍ତ କଲେ। ପରବର୍ତ୍ତୀ ସମୟରେ ଜମିଦାରମାନେ ବିପୁଳ ଭୂସମ୍ପତ୍ତିର ମାଲିକ ହୋଇଗଲେ ଯେଉଁମାନେ ଉଚ୍ଚ ଶ୍ରେଣୀର ଅନ୍ତର୍ଭୁକ୍ତ ହେଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜମିଦାରମାନେ କେବଳ ଉଚ୍ଚ ଜାତିର ଥିଲେ। ତେଣୁ ଭାରତୀୟ ସମାଜରେ ଜାତି ଓ ଶ୍ରେଣୀ ମଧ୍ୟରେ ସଂପର୍କ ରହିଛି। ଉଚ୍ଚ ଜାତିର ବ୍ୟକ୍ତିମାନେ ଜମିଦାର ଥିଲେ ଓ ଜମିଦାରୀ ପ୍ରଥା ଉଚ୍ଛେଦ ପରେ ସେମାନେ ବହୁ ସମ୍ପତ୍ତିର ମାଲିକ ହୋଇ ରହିଗଲେ। ନୀଚ ଜାତି ତଥା ଦଳିତମାନେ କୃଷି ଶ୍ରମିକ ଭାବେ କାର୍ଯ୍ୟ କଲେ। ଗ୍ରାମୀଣ ଭାରତରେ ସମାଜବିଜ୍ଞାନୀମାନେ ବିଭିନ୍ନ ଶ୍ରେଣୀ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି। ଗ୍ରାମୀଣ ଭାରତରେ ଦେଖାଯାଉଥିବା ଶ୍ରେଣୀଗୁଡିକ ହେଲା ଧନୀ କୃଷକ, ମଧ୍ୟବିତ୍ତ କୃଷକ, ଦରିଦ୍ର କୃଷକ ଓ ଭୂମିହୀନ ଶ୍ରମିକ ଇତ୍ୟାଦି। ଭାରତରେ ଧନୀ କୃଷକମାନେ ପୁଞ୍ଜିବାଦୀ କୃଷକ ଭାବରେ ପରିଚିତ। ଭାରତରେ ଏକ ଦୃଢ଼ ପୁଞ୍ଜିବାଦୀ କୃଷକ ସମୂହର ଅଭ୍ୟୁଦୟ ହୋଇଛି। ଉପରୋକ୍ତ ଗ୍ରାମୀଣ ଶ୍ରେଣୀଗୁଡିକ ମଧ୍ୟରେ ସାମାଜିକ ଅସମାନତା ଦେଖାଯାଏ। ଦରିଦ୍ର କୃଷକମାନଙ୍କର ସ୍ୱଳ୍ପ ଜମି ରହିଥାଏ। ଏମାନେ ଆଂଶିକ ଭାବରେ ଶ୍ରମିକ ହିସାବରେ କାର୍ଯ୍ୟ କରନ୍ତି।

ଗ୍ରାମୀଣ ଶ୍ରେଣୀ ବ୍ୟତିତ ଭାରତରେ ସହରୀ (Urban) ଶ୍ରେଣୀଗୁଡିକର ଅଭ୍ୟୁଦୟ ହୋଇଛି। ସହର ଓ ନଗରଗୁଡିକରେ ସାମାଜିକ ଶ୍ରେଣୀ ମୁଖ୍ୟତଃ (୧) ପୁଞ୍ଜିପତି ବାଣିଜ୍ୟିକ ଓ ଔଦ୍ୟୋଗିକ ଶ୍ରେଣୀ, (୨) ବୃତ୍ତିଗତ ଶ୍ରେଣୀ, (୩) କ୍ଷୁଦ୍ର ବ୍ୟବସାୟୀ ଓ ଦୋକାନୀ ଏବଂ (୪) ଶ୍ରମିକ ଶ୍ରେଣୀକୁ ନେଇ ଗଠିତ। ସ୍ୱାଧୀନତା ପରେ ଭାରତରେ ଶିଳ୍ପପତିମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ନିୟନ୍ତ୍ରିତ ଉଦ୍ୟୋଗଗୁଡ଼ିକର ସଂଖ୍ୟା ଉଲ୍ଲେଖଯୋଗ୍ୟ ଭାବରେ ବୃଦ୍ଧି

ପାଇଛି । ଫଳରେ ଟାଟା, ବିରଳା, ଅମ୍ବାନୀ, ଡାଲମିଆ ଭଳି ଶିଳ୍ପପତିମାନଙ୍କ ହାତରେ ସମ୍ପତ୍ତି ସାଧନ ଓ ଆୟ ପନ୍ଥା ବହୁତ ପରିମାଣରେ ଠୁଳ ହୋଇ ରହିଛି ।

ସ୍ୱାଧୀନତା ପରେ ଦ୍ରୁତ ଔଦ୍ୟୋଗୀକରଣ ଓ ସହରୀକରଣ ଫଳରେ କଳକାରଖାନା, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନ ଇତ୍ୟାଦି ସେବା କ୍ଷେତ୍ରରେ ବିପୁଳ ସୁଯୋଗ ସୃଷ୍ଟି ହେଲା । ଫଳରେ ପରିଚାଳନା ନିର୍ବାହୀ, ଡାକ୍ତର, ଯନ୍ତ୍ରୀ, ଓକିଲ, ଶିକ୍ଷକ ଓ ସ୍ୱାମାଦିକମାନଙ୍କର ସଂଖ୍ୟା ଉଲ୍ଲେଖଯୋଗ୍ୟ ଭାବରେ ବୃଦ୍ଧି ପାଇଲା । ଏମାନେ ବୃତ୍ତିଗତ ଶ୍ରେଣୀର ଅନ୍ତର୍ଭୁକ୍ତ । ଆଧୁନିକ ସହର ଓ ନଗରଗୁଡ଼ିକର ବୃଦ୍ଧି ଫଳରେ କ୍ଷୁଦ୍ର ବ୍ୟବସାୟୀ, ଦୋକାନୀ ଓ ଅସଂଗଠିତ ଶ୍ରମିକମାନଙ୍କୁ ନେଇ ଶ୍ରେଣୀଗୁଡିକର ବିକାଶ ଘଟିଛି । ଇଂରେଜ ଶାସନ ସମୟରେ ଶ୍ରମିକ ଶ୍ରେଣୀର ଅଭ୍ୟୁଦୟ ହୋଇଥିଲା । ସ୍ୱାଧୀନତା ପରେ ଏହି ଶ୍ରେଣୀର ଅଭିବୃଦ୍ଧି ବିଶେଷ ଭାବରେ ହୋଇଛି ।

ବର୍ତ୍ତମାନ ଭାରତରେ ଉଭୟ ଗ୍ରାମୀଣ ଓ ସହରୀ ଶ୍ରେଣୀ ସଂରଚନା ରହିଛି । ଜାତି ଆଧାରିତ ଅସମାନତା କ୍ରମଶଃ ଦୁର୍ବଳ ହୋଇଯାଉଛି । ଭାରତୀୟ ସମାଜରେ ଜାତି ପରିବର୍ତ୍ତେ ଶ୍ରେଣୀ ଆଧାରିତ ସାମାଜିକ ଅସମାନତା ଅଧିକ ଦୃଢ଼ ହେବାରେ ଲାଗିଛି ।

## ସାମାଜିକ ବହିଷ୍କରଣ
## Social Exclusion

ସାମାଜିକ ବହିଷ୍କରଣ ହେଉଛି ବାଛବିଚାର ବା ଭେଦଭାବର ଏକ ରୂପ (Form) । ଯେତେବେଳେ ଲୋକମାନେ କୌଣସି ଏକ ଶ୍ରେଣୀ କିମ୍ବା ସମୂହରେ ଅନ୍ତର୍ଭୁକ୍ତ ହୋଇଥିବା ଯୋଗୁ ସେମାନଙ୍କ ସମୁଦାୟର ଅର୍ଥନୀତିକ, ସାମାଜିକ ଓ ରାଜନୈତିକ ଜୀବନରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୁଅନ୍ତି, ସେତେବେଳେ ବହିଷ୍କରଣ ଦେଖାଯାଏ । ସାମାଜିକ ବହିଷ୍କରଣ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ବ୍ୟକ୍ତି କିମ୍ବା ଲୋକମାନଙ୍କୁ ବିଭିନ୍ନ ସମୂହ ନିମନ୍ତେ ଉପଲବ୍ଧ ଅଧିକାର ଓ ସୁବିଧା ସୁଯୋଗରୁ ସୁବ୍ୟବସ୍ଥିତଭାବେ ବଞ୍ଚିତ କରାଯାଏ । ଜାତି, ଲିଙ୍ଗ, ଶ୍ରେଣୀ ଓ ପ୍ରଜାତି ଇତ୍ୟାଦି ଆଧାରରେ ବ୍ୟକ୍ତି କିମ୍ବା ଲୋକମାନଙ୍କୁ ବିଭିନ୍ନ ସମୂହ ନିମନ୍ତେ ଉପଲବ୍ଧ ଅଧିକାର ଓ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଏ । ଏହା ସ୍ୱାଭାବିକ ଯେ ପ୍ରତ୍ୟେକ ବ୍ୟକ୍ତି କିମ୍ବା ସମୂହ ସେ ବାସ କରୁଥିବା ସମାଜର ଅର୍ଥନୈତିକ ସାମାଜିକ ଏବଂ ରାଜନୈତିକ ଜୀବନରେ ସମ୍ପୂର୍ଣ୍ଣ ରୂପେ ଅଂଶଗ୍ରହଣ କରିବା କଥା । ମାତ୍ର ସାମାଜିକ ବହିଷ୍କରଣ ଫଳରେ କେତେକ ବ୍ୟକ୍ତି କିମ୍ବା ସମୂହକୁ ସମାଜର ସାମାଜିକ, ରାଜନୈତିକ ଓ ଅର୍ଥନୀତିକ, ଜୀବନରେ ଅଂଶଗ୍ରହଣ କରିବାକୁ ଦିଆଯାଏ ନାହିଁ । ସମାଜରେ ଉପଲବ୍ଧ ସୁବିଧାସୁଯୋଗ ଓ ଅଧିକାରରୁ ବ୍ୟକ୍ତି କିମ୍ବା ସମୂହ ବଞ୍ଚିତ ହେବାର ପ୍ରକ୍ରିୟାକୁ ସାମାଜିକ ବହିଷ୍କରଣ କୁହାଯାଏ । ବେଳେବେଳେ ବହିଷ୍କରଣ ଇଚ୍ଛାକୃତ ଅଟେ । ଅର୍ଥାତ୍ ଇଚ୍ଛାକୃତ ଭାବରେ କିଛି ବ୍ୟକ୍ତି କିମ୍ବା ସମୂହର ବହିଷ୍କରଣ କରାଯାଏ । ବେଳେବେଳେ ସାମାଜିକ ବହିଷ୍କରଣ ଉଦ୍ଦେଶ୍ୟମୂଳକ ଭାବେ କରାଯାଇନଥାଏ । ପ୍ରତିମାନ ଓ ମୂଲ୍ୟବୋଧକୁ ପାଳନ କରିବା ଯୋଗୁ ସାମାଜିକ ବହିଷ୍କରଣ ଦେଖାଯାଇଥାଏ । ତେବେ ସାମାଜିକ ବହିଷ୍କରଣ ପ୍ରକ୍ରିୟାରେ ବହିଷ୍କୃତ ବ୍ୟକ୍ତିର ସମ୍ମତି ନଥାଏ ।

ସମାଜ ଭିତରେ ଲୋକମାନଙ୍କର କେତେକ ନିର୍ଦ୍ଦିଷ୍ଟ ସମୂହକୁ ଗୁରୁତ୍ୱହୀନ ବୋଲି ଅନୁଭବ କରାଇବା କାର୍ଯ୍ୟ ହେଉଛି ସାମାଜିକ ବହିଷ୍କରଣ। ସାମାଜିକ ବହିଷ୍କରଣ ହେଉଛି ଏକ ପରିସ୍ଥିତି ଯେଉଁଥିରେ କେତେକ ବ୍ୟକ୍ତି କିମ୍ବା ସମୂହ ସମାଜର ଅଂଶବୋଲି ଅନୁଭବ କରନ୍ତି ନାହିଁ।

ସାମାଜିକ ବହିଷ୍କରଣ କେତେକ ସଂଜ୍ଞାକୁ ନିମ୍ନରେ ଉଲ୍ଲେଖ କରାଗଲା।

ଜନ୍.ଏଚ୍.ପିୟରସନ୍ (John. H. Pierson)ଙ୍କ ମତରେ, "ସାମାଜିକ ବହିଷ୍କରଣ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ସମାଜର ସାମାଜିକ, ଅର୍ଥନୀତିକ ଓ ରାଜନୈତିକ କାର୍ଯ୍ୟକଳାପ ନିମନ୍ତେ ଆବଶ୍ୟକ ସାଧନରୁ ବ୍ୟକ୍ତି, ପରିବାର, ସମୂହ ଏବଂ ପଡ଼ୋଶୀ ବଞ୍ଚିତ ହୋଇଥାଆନ୍ତି।

ବାର୍ଣ୍ଣେସ୍ (Barnes)ଙ୍କ ମତ ଅନୁସାରେ, "ବହିଷ୍କରଣ ଏକ ବହୁଦିଗସମ୍ବଳିତ ଓ ଗତିଶୀଳ ପ୍ରକ୍ରିୟା ଅଟେ। ଯେଉଁଥିରେ ସାମାଜିକ ସଂହତି ନିର୍ଦ୍ଧାରଣ କରୁଥିବା ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବ୍ୟବସ୍ଥାରୁ ବ୍ୟକ୍ତି ସଂପୂର୍ଣ୍ଣ କିମ୍ବା ଆଂଶିକ ରୂପେ ବିଚ୍ଛିନ୍ନ ହୋଇଥାଏ।"

ସାମାଜିକ ବହିଷ୍କରଣ ଦ୍ୱାରା ବ୍ୟକ୍ତି କିମ୍ବା ସମୂହର ପ୍ରସ୍ଥିତି ଉପରେ ପ୍ରଭାବ ପଡ଼େ। ଏହି ସମାଜିକ ବହିଷ୍କରଣ ବିଭିନ୍ନ ମାତ୍ରାରେ ଘଟିଥାଏ। ଉଦାହରଣସ୍ୱରୂପ, ଜଣେ ବ୍ୟକ୍ତିକୁ ସମ୍ପୂର୍ଣ୍ଣରୂପେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରାଯାଇଥାଏ। ଅନ୍ୟ ପକ୍ଷରେ ବହିଷ୍କରଣ କିଛି ମାତ୍ରାରେ ଘଟିଥାଏ। କେତେକ ବ୍ୟକ୍ତି କିମ୍ବା ସମୂହକୁ ସୀମିତ ମାତ୍ରାରେ ବହିଷ୍କରଣର ସମ୍ମୁଖୀନ ହେବାକୁ ପଡ଼େ। ସେମାନଙ୍କୁ ଭିନ୍ନ ଧରଣର ବ୍ୟବହାର ପ୍ରଦର୍ଶନ କରାଯାଏ। ଦ୍ରବ୍ୟ ଓ ସେବା ପାଇବାକୁ ହେଲେ ସେମାନଙ୍କୁ ଭିନ୍ନ ଦରରେ ମୂଲ୍ୟ ଦେବାକୁ ପଡ଼େ।

ଏକ ଅବଧାରଣା ଭାବରେ ସାମାଜିକ ବହିଷ୍କରଣର ତିନୋଟି ବୈଶିଷ୍ଟ୍ୟ ରହିଛି। ସେଗୁଡ଼ିକୁ ନିମ୍ନରେ ବର୍ଣ୍ଣନା କରାଗଲା।

୧. ସାମାଜିକ ବହିଷ୍କରଣ ମୂଲ୍ୟବୋଧ ଓ ପ୍ରତିମାନ୍ ସହିତ ସମ୍ବନ୍ଧିତ ସାଂସ୍କୃତିକ ଭାବେ ପରିଭାଷିତ ବର୍ଗ (Categories) ଗୁଡ଼ିକୁ ଦର୍ଶାଇଥାଏ। ଏହି ପ୍ରତିମାନ ଓ ମୂଲ୍ୟବୋଧ ସାମାଜିକ ଅନ୍ତଃକ୍ରିୟାକୁ ନିର୍ଦ୍ଦିଷ୍ଟ ଆକାର ପ୍ରଦାନ କରିଥାଏ।

୨. ଏହା ସାମାଜିକ ସଂପର୍କରେ ସନ୍ନିବିଷ୍ଟ (Embodied) ହୋଇଥାଏ।

୩. ଏହା ଲୋକମାନଙ୍କର ଅଧିକାର ଓ ଯୋଗ୍ୟତାକୁ ପ୍ରଭାବିତ କରେ ଏବଂ ସାର୍ବଜନୀନଭାବେ ସ୍ୱୀକୃତ ଜୀବନ ଧାରଣ ମାନ ବଜାୟ ରଖିବା ନିମନ୍ତେ ଆବଶ୍ୟକ ସୁବିଧା ସୁଯୋଗରୁ ବଞ୍ଚିତ କରେ।

ସାମାଜିକ ବହିଷ୍କରଣ ପ୍ରକ୍ରିୟା ଦ୍ୱାରା ବ୍ୟକ୍ତି କିମ୍ବା ସମୂହ ଅଧିକାରରୁ ବଞ୍ଚିତ ହୁଏ। ବ୍ୟକ୍ତିକୁ ଉପଲବ୍ଧ ସାମାଜିକ ସେବା, ଦ୍ରବ୍ୟ, ଶିକ୍ଷା, ବୃତ୍ତି ଓ ସ୍ୱାସ୍ଥ୍ୟ ସେବା ଇତ୍ୟାଦିରୁ ସାମାଜିକ ଭାବେ ବାଛନ୍ଦ କରାଯାଇଥାଏ।

**ପ୍ରାନ୍ତସ୍ଥିତ ଶ୍ରେଣୀ (Marginalised Class) :** ସାମାଜିକ ବହିଷ୍କରଣ ଓ ପ୍ରାନ୍ତୀୟକରଣ ଅବଧାରଣାକୁ ଅଦଳବଦଳ କରି ବ୍ୟବହାର କରାଯାଉଥିଲେ ମଧ୍ୟ ଦୁଇଟି ଅବଧାରଣା ମଧ୍ୟରେ ସାମାନ୍ୟ ପ୍ରଭେଦ ରହିଛି।

ପ୍ରାନ୍ତୀୟକରଣ ହେଉଛି କେତେକ ପ୍ରକ୍ରିୟା ଯେଉଁଥିରେ କେତେକ ବ୍ୟକ୍ତି ପ୍ରଭାବଶାଳୀ ସାମାଜିକ, ରାଜନୈତିକ ଏବଂ ଅର୍ଥନୀତିକ ଅନୁଷ୍ଠାନଗୁଡିକ ସହିତ ଅନ୍ତଃକ୍ରିୟା ସମ୍ପାଦନ କରିବାରେ ସୁବ୍ୟବସ୍ଥିତ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ବହିଷ୍କରଣ ପ୍ରାନ୍ତକରଣ ସହିତ ସମାନ ନୁହେଁ। ବହିଷ୍କରଣ ପ୍ରାନ୍ତକରଣର ଫଳାଫଳକୁ ବର୍ଣ୍ଣନା କରିଥାଏ। ଏହାର ଉଦାହରଣ ହେଉଛି ରାଜନୈତିକ ନିମ୍ନ-ପ୍ରତିନିଧିତ୍ୱ ଓ ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ସେବାରୁ ବଞ୍ଚିତ ହେବା ଇତ୍ୟାଦି। ଶ୍ରେଣୀ, ଜାତି, ପ୍ରଜାତି, ଲିଙ୍ଗ ଓ ବୟସ ଇତ୍ୟାଦିରୁ ଅସୁବିଧା ସୃଷ୍ଟି ହୁଏ। ଯେଉଁ ଲୋକମାନେ ସମାଜ ଦ୍ୱାରା ପ୍ରାନ୍ତସ୍ଥିତ ହୋଇଥାଆନ୍ତି ସେମାନେ ଏକ ପ୍ରାନ୍ତସ୍ଥିତ ଶ୍ରେଣୀ ବା ସମୂହ କିମ୍ବା ସମୁଦାୟ ଗଠନ କରିଥାଆନ୍ତି। ସେହି ସମୂହଗୁଡିକୁ ପ୍ରାନ୍ତସ୍ଥିତ ଶ୍ରେଣୀ କୁହାଯାଏ। ପ୍ରାନ୍ତସ୍ଥିତ ସମୂହ ହେଉଛି ସେହି ସମୂହ ଯାହା ସମାଜର ପ୍ରାନ୍ତ (Margin)ରେ ସ୍ଥାନିତ ହୋଇଥାଏ ଏବଂ ସୁବିଧାସୁଯୋଗ ଓ କ୍ଷମତାରୁ ବଞ୍ଚିତ ହୋଇଥାଏ। ପ୍ରାନ୍ତସ୍ଥିତ ସମୂହଗୁଡିକ ପ୍ରଭାବଶାଳୀ ସମାଜ ଦ୍ୱାରା ଚିହ୍ନିତ ହୋଇଥାଏ ଏବଂ ବାଛବିଚାରର ସମ୍ମୁଖୀନ ହୋଇଥାଏ।

ପ୍ରାନ୍ତକରଣ ବିଶ୍ୱର ବିଭିନ୍ନ ସମାଜରେ ଦେଖାଯାଏ। ଅବଶ୍ୟ ଏହାର ରୂପ (Form) ଗୋଟିଏ ସମାଜରୁ ଆଉ ଗୋଟିଏ ସମାଜରେ ଭିନ୍ନ ଅଟେ। ପ୍ରାନ୍ତକରଣ ସମାଜର ବିକାଶ ସ୍ତର ସହିତ ସମ୍ବନ୍ଧିତ ଅଟେ। ଉଦାହରଣ ସ୍ୱରୂପ, ତୃତୀୟ ବିଶ୍ୱରେ ଅଧିକ ପ୍ରାନ୍ତସ୍ଥିତ ସମୂହ ଦେଖାଯାଏ। ସେହିପରି ବିକଶିତ ଦେଶଗୁଡିକରେ କମ୍ ପ୍ରାନ୍ତସ୍ଥିତ ସମୂହ ଦେଖାଯାଏ। ଭାରତୀୟ ସମାଜରେ ଦଳିତ, ମହିଳା, ଜନଜାତି ଇତ୍ୟାଦି ପ୍ରାନ୍ତସ୍ଥିତ ସମୂହର ଅନ୍ତର୍ଭୁକ୍ତ। ପ୍ରାନ୍ତସ୍ଥିତ ସମୂହଗୁଡିକ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।

## ଅନୁସୂଚିତ ଜାତି
## The Scheduled Castes

ଜାତିଭିତ୍ତିକ ହିନ୍ଦୁ ସାମାଜିକ ସଂଗଠନର ଉଚ୍ଚନୀଚ କ୍ରମର ସର୍ବନିମ୍ନରେ ଥିବା ଅସ୍ପୃଶ୍ୟମାନେ ଅନୁସୂଚିତ ଜାତିର ଅର୍ନ୍ତଭୁକ୍ତ । ୨୦୧୧ ମସିହା ଜନଗଣନା ଅନୁସାରେ ଭାରତୀୟ ମୋଟ ଜନସଂଖ୍ୟାର ୧୬.୬ ପ୍ରତିଶତ ହେଉଛନ୍ତି ଅନୁସୂଚିତ ଜାତି। ଓଡ଼ିଶାରେ ମୋଟ ଜନସଂଖ୍ୟାର ଶତକଡ଼ା ୧୭.୧ ପ୍ରତିଶତ ଅନୁସୂଚିତ ଜାତିର ଲୋକମାନେ ବାସ କରନ୍ତି। ଏହିମାନଙ୍କୁ ବିଭିନ୍ନ ନାମରେ ନାମିତ କରାଯାଇଛି । ବୈଦିକ ଯୁଗରେ ଏମାନଙ୍କୁ ଶୁଦ୍ର, ପଞ୍ଚମ ଏବଂ ଅସ୍ପୃଶ୍ୟ ବୋଲି କୁହାଯାଉଥିଲା । ୧୯୩୧ରେ ଜେ.ଏଚ୍. ହଟନ୍ ସେମାନଙ୍କୁ ବାହ୍ୟ-ଜାତି (Exterior Caste)ବୋଲି କହିଥିଲେ । ଆମ୍ବେଦକର ସେମାନଙ୍କୁ ଦଳିତ ଜାତି ଭାବରେ ନାମିତ କରିଥିଲେ । ମହାତ୍ମା ଗାନ୍ଧି ସେମାନଙ୍କୁ ହରିଜନ ବୋଲି କହିଥିଲେ । ହରିଜନର ଅର୍ଥ ହେଉଛି ହରି ବା ଭଗବାନଙ୍କର ସନ୍ତାନ । ୧୯୩୫ ମସିହାରେ ଅସ୍ପୃଶ୍ୟମାନଙ୍କୁ ଅନୁସୂଚିତ ଜାତି (Scheduled Caste)ଭାବରେ ନାମିତ କରାଗଲା । ସ୍ୱାଧୀନତା ପରେ ଆମର ସମ୍ବିଧାନ ନିର୍ମାତାମାନେ ଅସ୍ପୃଶ୍ୟମାନଙ୍କ ନିମନ୍ତେ ତଫସିଲଭୁକ୍ତ ବା ଅନୁସୂଚିତ ଜାତି ଶବ୍ଦ ବ୍ୟବହାର କଲେ । ସେହି ଅନୁସାରେ ତଫସିଲଭୁକ୍ତ ଜାତି ଅସ୍ପୃଶ୍ୟମାନଙ୍କୁ ଅର୍ନ୍ତଭୁକ୍ତ କରିଥାଏ । ପାରମ୍ପରିକ ସମାଜରେ ଅସ୍ପୃଶ୍ୟ ବା ହରିଜନମାନଙ୍କୁ ସର୍ବନିମ୍ନ ସ୍ଥାନ ଦିଆଯାଏ । ତଫସିଲଭୁକ୍ତ ଜାତି ବା ଅସ୍ପୃଶ୍ୟମାନେ ବିଭିନ୍ନ

ପ୍ରକାର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଡି.ଏନ୍ ମଜୁମଦାରଙ୍କ ମତରେ ସେହିମାନେ ହେଉଛନ୍ତି ଅସ୍ପୃଶ୍ୟ ଯେଉଁମାନଙ୍କର ବିଭିନ୍ନ ସାମାଜିକ, ରାଜନୈତିକ ଅସାମର୍ଥ୍ୟ ରହିଥାଏ । ସେମାନଙ୍କର ଅସାମର୍ଥ୍ୟଗୁଡ଼ିକ ମଧ୍ୟରୁ ଅଧିକାଂଶ ପାରମ୍ପରିକ ଭାବରେ ବ୍ୟବସ୍ଥା କରାଯାଇଛି ଓ ଉଚ୍ଚ ଜାତିମାନଙ୍କ ଦ୍ୱାରା ଏଗୁଡ଼ିକୁ ସେମାନଙ୍କ ଉପରେ ଲଦି ଦିଆଯାଇଛି ।

ତଫସିଲଭୁକ୍ତ ଜାତିଗୁଡ଼ିକ ସମାଜରେ ଅସ୍ପୃଶ୍ୟତା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ପ୍ରଚଳିତ ବ୍ୟବସ୍ଥା ଅନୁସାରେ ସେମାନଙ୍କୁ ବିଭିନ୍ନ ସର୍ବସାଧାରଣ ସ୍ଥାନମାନଙ୍କରେ ପ୍ରବେଶ କରିବାକୁ ଦିଆଯାଏ ନାହିଁ । ସେମାନଙ୍କୁ ମନ୍ଦିରରେ ପ୍ରବେଶ କରିବାକୁ ମଧ୍ୟ ଅନୁମତି ଦିଅଯାଏ ନାହିଁ ।

ଜେ.ଏମ୍. ପାନିକରଙ୍କ ମତରେ ଚତୁରବର୍ଣ୍ଣ ତତ୍ତ୍ୱ ଅନୁସାରେ ଅସ୍ପୃଶ୍ୟମାନେ ଜାତି ବ୍ୟବସ୍ଥାର ବାହାରେ ରହିଥାନ୍ତି । ସେମାନଙ୍କୁ ଅବର୍ଣ୍ଣ ବା ପଞ୍ଚମ ବୋଲି କୁହାଯାଏ । ସେମାନେ ହିନ୍ଦୁ ସାମାଜିକ କ୍ରମ (Social order) ର ଅର୍ନ୍ତଭୁକ୍ତ ନୁହଁନ୍ତି । ହିନ୍ଦୁ ସମାଜିକ ବ୍ୟବସ୍ଥା ଅନୁସାରେ ଚାରୋଟି ଜାତି, ଯଥା- ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର ରହିଥାଏ । ପ୍ରତ୍ୟେକ ଜାତି ଏକ ନିର୍ଦ୍ଦିଷ୍ଟ ବୃତ୍ତି ଅବଲମ୍ବନ କରନ୍ତି । ଏହି ଜାତିଗୁଡ଼ିକ ଅପବିତ୍ର କାର୍ଯ୍ୟଗୁଡ଼ିକୁ କରନ୍ତି ନାହିଁ । ତେଣୁ ଅବର୍ଣ୍ଣ ବା ପଞ୍ଚମମାନେ ରାସ୍ତା ଘାଟ ସଫା କରିବା, ମଇଳା ଉଠାଇବା ଇତ୍ୟାଦି କାର୍ଯ୍ୟ କରୁଥିଲେ । ଏହି କାର୍ଯ୍ୟଗୁଡ଼ିକୁ ହାତ ଦ୍ୱାରା କରାଯାଉଥିବାରୁ ଏହାକୁ ଅପବିତ୍ର କାର୍ଯ୍ୟ ଭାବରେ ବିଚାର କରାଯାଉ ଥିଲା । ଯେଉଁମାନେ ଏହି କାର୍ଯ୍ୟ କରୁଥିଲେ ସେମାନେ ଅପବିତ୍ର ବୋଲି ମନେ କରାଯାଉଥିଲା । ସେହିପରି ଅପବିତ୍ର ହୋଇଯିବା ଆଶଙ୍କାରେ ଅନ୍ୟ ଜାତିର ଲୋକମାନେ ସେମାନଙ୍କୁ ସ୍ପର୍ଶ କରୁନଥିଲେ ଓ ସେମାନଙ୍କ ଠାରୁ ଦୂରେଇ ରହୁଥିଲେ । ପ୍ରତ୍ୟେକ ହିନ୍ଦୁ ଗ୍ରାମ ଠାରୁ ଦୂରରେ ଏମାନେ ବସବାସ କରିଥାନ୍ତି । ଗ୍ରାମର ପରିମଳ ଓ ଭୃତ୍ୟୋଚିତ (Menial) କାର୍ଯ୍ୟ କରୁଥିବା ଏହି ଅସ୍ପୃଶ୍ୟମାନେ ଗ୍ରାମ ବାହାରେ ଦୟନୀୟ ଭାବରେ ରହିଥାଆନ୍ତି ।

ଏମ୍. ଏନ୍. ଶ୍ରୀନିବାସ ଓ ଆନ୍ଦ୍ରେ ବେତେଙ୍କ ମତରେ ପାରମ୍ପରିକ ବ୍ୟବସ୍ଥାରେ ନିମ୍ନ ସାମାଜିକ ପ୍ରସ୍ଥିତି କାରଣରୁ ହରିଜନମାନଙ୍କର ବିଭିନ୍ନ ପ୍ରକାର ଅସାମର୍ଥ୍ୟ ରହିଥାଏ । ସେମାନଙ୍କ ମତରେ ହରିଜନମାନଙ୍କ ନିମନ୍ତେ ପଞ୍ଚମ ଓ 'ଚଣ୍ଡାଳ' ଇତ୍ୟାଦି ଶବ୍ଦ ବ୍ୟବହାର କରାଯାଇଥାଏ । ଜାତି-ସ୍ତରୀକରଣର ସର୍ବୋଚ୍ଚ ସୋପାନରେ ବ୍ରାହ୍ମଣମାନେ ରହିଥିବା ସ୍ଥଳେ ଅସ୍ପୃଶ୍ୟ ଜାତିର ଲୋକମାନେ ସର୍ବନିମ୍ନ ସ୍ଥାନରେ ରହିଥାନ୍ତି । ଏହି ଦୁଇ ଜାତି ମଧ୍ୟରେ ଅନ୍ୟାନ୍ୟ ବହୁ ଜାତି ସମୂହ ରହିଥାଏ । ଏକ ନିର୍ଦ୍ଦିଷ୍ଟ ଜାତି ସମୂହର କର୍ମକାଣ୍ଡ ଅପବିତ୍ରତା (Ritual-Pollution)ଏବଂ ବିଶୁଦ୍ଧତା ଜନ୍ମ ଉପରେ ପର୍ଯ୍ୟବେଶିତ ଥିବାରୁ ଉଚ୍ଚନୀଚ ଜାତି ସ୍ତରୀକରଣ ସୃଷ୍ଟି ହୋଇଛି । ଅପବିତ୍ରତା-ବିଶୁଦ୍ଧତା ମୂଲ୍ୟବୋଧ ଖାଦ୍ୟ, ବସ୍ତ୍ର, ବାସଗୃହ, ବୃତ୍ତି ଓ ବିବାହ ଆଦି ସମସ୍ତ ଦିଗଗୁଡ଼ିକୁ ପ୍ରଭାବିତ କରିଥାଏ ।

ଧର୍ମ ଓ କର୍ମ ତତ୍ତ୍ୱ ଜାତି ନିର୍ଦ୍ଧାରିତ ବୃତ୍ତି ଓ କର୍ତ୍ତବ୍ୟ ସହିତ ସଂପୃକ୍ତ । କର୍ମ ତତ୍ତ୍ୱାନୁସାରେ ଜଣେ ବ୍ୟକ୍ତି ବିଶ୍ୱାସ କରେ ଯେ ତା'ର ଉଚ୍ଚ କିମ୍ବା ନୀଚ ଜାତି-ସ୍ଥିତି ତା'ର ପୂର୍ବଜନ୍ମରେ ଭଲମନ୍ଦ କର୍ମର ଫଳ ସ୍ୱରୂପ ଏବଂ

ସେ ତାର ସ୍ଥିତି ସମ୍ବନ୍ଧରେ କୌଣସି କାର୍ଯ୍ୟ କରିପାରିବ ନାହିଁ । ସେ କେବଳ ମାତ୍ର ଜାତି ନିର୍ଦ୍ଧାରିତ କର୍ତ୍ତବ୍ୟଗୁଡ଼ିକୁ ଉତ୍ତମ ରୂପେ ସଂପାଦନ କରିବା ଦ୍ୱାରା ନିଜ ଭବିଷ୍ୟତ ଜୀବନର ଉନ୍ନତି କରିପାରିବ । ବ୍ରାହ୍ମଣମାନେ ଜାତି-ସ୍ତରୀକରଣର ସର୍ବୋଚ୍ଚ ସ୍ଥାନରେ ଅବସ୍ଥାପିତ ହୋଇ ନିୟମ ସୃଷ୍ଟିକର୍ତ୍ତା ଓ ଆଇନ୍ ପ୍ରଣୟନ କର୍ତ୍ତା ରୂପେ କାର୍ଯ୍ୟ କରିଛନ୍ତି । କିନ୍ତୁ ନିକୃଷ୍ଟ ବୃତ୍ତିକୁ ଅନୁସରଣ କରୁଥିବା ବ୍ୟକ୍ତିମାନେ ସମାଜରେ ନିମ୍ନ ପ୍ରସ୍ଥିତିର ଅଧିକାରୀ । ସେମାନେ ଜାତିର ଉଚ୍ଚନୀଚ କ୍ରମର ସର୍ବନିମ୍ନ ସ୍ଥାନରେ ରହି ଅସ୍ପୃଶ୍ୟ ନାମରେ ପରିଚିତ ହୋଇଥାନ୍ତି । ଭାରତୀୟ ସମ୍ବିଧାନରେ ସେମାନେ 'ଅନୁସୂଚିତ ଜାତି' ଭାବରେ ପରିଚିତ । ଅନୁସୂଚିତ ଜାତି କହିଲେ ସାଧାରଣତଃ ହିନ୍ଦୁ ସମାଜର ସେହିମାନଙ୍କୁ ବୁଝାଏ ଯେଉଁମାନେ କି ଅସ୍ପୃଶ୍ୟ । ଅସ୍ପୃଶ୍ୟମାନଙ୍କୁ ସମ୍ବିଧାନ ଅନୁସୂଚି (Schdule)ରେ ଅନ୍ତର୍ଭୁକ୍ତ କରାଯାଇଛି । ଏବଂ ସେମାନେ ହେଉଛନ୍ତି ଅନୁସୂଚିତ ଜାତି ।

ସମ୍ବିଧାନର ୩୪୧ ଓ ୩୪୨ ଧାରା (Article)ଅନୁସାରେ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ତଫସିଲଭୁକ୍ତ ଜାତିର ଏକ ତାଲିକା ପ୍ରସ୍ତୁତ କରିବାର କ୍ଷମତା ଭାରତର ରାଷ୍ଟ୍ରପତିଙ୍କର ରହିଛି । ଭାରତ ସରକାର ୪୨୯ଟି ଅସ୍ପୃଶ୍ୟ ଜାତିକୁ ସମ୍ବିଧାନର ଅନୁସୂଚି (Schedule)ରେ ତାଲିକାଭୁକ୍ତ କରିଛନ୍ତି । ୧୯୭୧ ମସିହା ଜନଗଣନା ଅନୁସାରେ ଭାରତରେ ତଫସିଲଭୁକ୍ତ ଜାତିର ଲୋକମାନଙ୍କ ସଂଖ୍ୟା ପ୍ରାୟ ୮୦ ନିୟୁତ ।

### ଅନୁସୂଚିତ ଜାତିମାନଙ୍କର ସମସ୍ୟା
### Problems of Scheduled Caste

ଭାରତରେ ଅନୁସୂଚିତ ଜାତିଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ଚାରି ଭାଗରେ ବିଭକ୍ତ କରାଯାଇଛି, ଯଥା - (୧) ସାମାଜିକ ସମସ୍ୟା, (୨) ଅର୍ଥନୈତିକ ସମସ୍ୟା (୩) ରାଜନୈତିକ ସମସ୍ୟା ଏବଂ (୪) ଧାର୍ମିକ ସମସ୍ୟା ।

**୧. ସାମାଜିକ ସମସ୍ୟା (Social Problem) :** ଅନୁସୂଚିତ ଜାତର ସଦସ୍ୟମାନେ ନିମ୍ନଲିଖିତ ସାମାଜିକ ସମସ୍ୟାଗୁଡ଼ିକର ସମ୍ମୁଖୀନ ହୋଇଥାଆନ୍ତି ।

**(କ) ସମାଜରେ ନୀଚ ପ୍ରସ୍ଥିତି (Low Status in Society) :** ଅନୁସୂଚିତ ଜାତି ସମାଜରେ ନିମ୍ନ ସ୍ଥାନରେ ରହିଥାଏ । ଏହାର ସଦସ୍ୟମାନେ ଏକ ନ୍ୟୂନ ସାମାଜିକ ପ୍ରସ୍ଥିତି ଉପଭୋଗ କରିଥାନ୍ତି । ଉଚ୍ଚ ଜାତିର ଲୋକମାନେ ସେମାନଙ୍କୁ ହୀନ ଦୃଷ୍ଟିରେ ଦେଖିବା ସହିତ ସେମାନଙ୍କ ଠାରୁ ଦୂରେଇ ରହିଥାନ୍ତି । ଉଚ୍ଚ ଜାତିର ଲୋକମାନେ ସେମାନଙ୍କୁ ଅପବିତ୍ରର ପ୍ରତୀକ ରୂପେ ବିବେଚନା କରିଥାନ୍ତି । ସେମାନେ ଉଚ୍ଚ ଜାତି ଦ୍ୱାରା ନିର୍ଯ୍ୟାତିତ, ଅପମାନିତ ଓ ଲାଞ୍ଛିତ ହୋଇଥାନ୍ତି ।

**(ଖ) ଶିକ୍ଷାଗତ ସମସ୍ୟା (Educational Problem) :** ପୂର୍ବରୁ ଅସ୍ପୃଶ୍ୟ ବା ଅନୁସୂଚିତ ଜାତିର ସଦସ୍ୟମାନେ ଶିକ୍ଷାଲାଭର ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିଲେ । ହିନ୍ଦୁ ସମାଜରେ ଅସ୍ପୃଶ୍ୟମାନଙ୍କୁ ଶିକ୍ଷାଲାଭ କରିବା ନିମନ୍ତେ ଅନୁମତି ଦିଆଯାଇନଥିଲା । ତେଣୁ ଅଧିକାଂଶ ଅନୁସୂଚିତ ଜାତିଗୁଡ଼ିକ ମଧ୍ୟରେ ନିରକ୍ଷରତା ଓ ଅଶିକ୍ଷା ଦେଖାଯାଇଥାଏ ।

**(ଗ) ସାମାଜିକ ଅଭ୍ୟାସଗତ ସମସ୍ୟା (Problems of Social Habits) :** ଅନୁସୂଚିତ ଜାତିର ଲୋକମାନେ ବିଭିନ୍ନ ସାମାଜିକ ଅଭ୍ୟାସ, ଯଥା- ଖାଦ୍ୟ, ପାନୀୟ ଓ ସାମାଜିକ ମିଳାମିଶା କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଉଚ୍ଚ ଜାତିର ଲୋକମାନେ ସେମାନଙ୍କ ଠାରୁ ଖାଦ୍ୟ କିମ୍ବା ପାନୀୟ ଗ୍ରହଣ କରନ୍ତି ନାହିଁ । ସେହିପରି ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ କୂଅ ଓ ପୋଖରୀରୁ ମଧ୍ୟ ସେମାନେ ଜଳ ବ୍ୟବହାର କରିପାରନ୍ତି ନାହିଁ । ସାମାଜିକ ମିଳାମିଶା କ୍ଷେତ୍ରରେ ମଧ୍ୟ ସେମାନଙ୍କ ନିମନ୍ତେ ବହୁ ପ୍ରତିବନ୍ଧକ ରହିଛି । ସମାଜରେ ନୀଚ ଜାତିର ଲୋକମାନେ ଉଚ୍ଚଜାତି ଲୋକମାନଙ୍କ ସହିତ ମିଶି କୌଣସି ଧାର୍ମିକ କାର୍ଯ୍ୟ ସମ୍ପାଦନ କରିପାରନ୍ତି ନାହିଁ । ଉଚ୍ଚ ଜାତିର ଲୋକମାନେ ନୀଚ ଜାତି ଲୋକମାନଙ୍କର ଛାୟା ସୁଦ୍ଧା ସ୍ପର୍ଶ କରନ୍ତି ନାହିଁ ।

**(ଘ) ସର୍ବସାଧାରଣ ସ୍ଥାନର ବ୍ୟବହାର ନିଷେଧ (Prohibition on use of Public Places):** ଅସ୍ପୃଶ୍ୟମାନଙ୍କୁ ସର୍ବସାଧାରଣ ନିମନ୍ତେ ଉଦ୍ଦିଷ୍ଟ କୂଅ, ଜଳାଶୟ, ପୁଷ୍କରିଣୀ, ମନ୍ଦିର ପ୍ରଭୃତିକୁ ବ୍ୟବହାର କରିବା ପାଇଁ ଅନୁମତି ଦିଆଯାଇନଥାଏ । ଏପରିକି ସେମାନଙ୍କୁ ମଧ୍ୟ ସର୍ବସାଧାରଣ ରାସ୍ତାଘାଟରେ ଯାତାୟାତ କରିବା ପାଇଁ ଅନୁମତି ଦିଆଯାଉ ନଥିଲା । ଉଚ୍ଚ ଜାତି ଲୋକମାନେ ବାସକରୁଥିବା ଅଞ୍ଚଳରେ ସେମାନଙ୍କ ବସବାସ କରିବା ପାଇଁ ସୁବିଧା ସୁଯୋଗ ଦିଆଯାଇନଥାଏ । ସେମାନେ ସାଧାରଣତଃ ନିକୃଷ୍ଟ ଧରଣର କୁଡ଼ିଆ କିମ୍ବା ଝାଟିମାଟି ଘରେ ବସବାସ କରୁଥିଲେ ।

**୨. ଅର୍ଥନୈତିକ ସମସ୍ୟା (Economic Problems) :** ତଫସିଲଭୁକ୍ତ ଜାତିର ନିମ୍ନଲିଖିତ ଅର୍ଥନୈତିକ ସମସ୍ୟାମାନ ରହିଛି ।

**(କ) ସଂପତ୍ତି ଅଧିକାରରୁ ବଂଚିତ (No right of property) :** ଦଳିତମାନେ ପାରଂପରିକ ଭାବେ ସଂପତ୍ତି ଅଧିକାରରୁ ବଂଚିତ ଥିଲେ । ସେମାନଙ୍କର ନିଜସ୍ୱ କୌଣସି ସଂପତ୍ତି ନଥିଲା । ଗ୍ରାମରେ ଜମି କ୍ରୟ କରିବା ପାଇଁ ସେମାନଙ୍କୁ ଅନୁମତି ଦିଆଯାଉନଥିଲା । ସେମାନେ ମଧ୍ୟ ମୁକ୍ତ ଭାବେ କୌଣସି ବ୍ୟବସାୟ ପ୍ରତିଷ୍ଠାନ ଖୋଲିପାରୁ ନଥିଲେ । ବର୍ତ୍ତମାନ ସୁଦ୍ଧା ଭାରତର ଅଧିକାଂଶ ଗ୍ରାମରେ ବସବାସ କରୁଥିବା ବହୁ ଅନୁସୂଚିତ ଜାତିର ସଦସ୍ୟମାନଙ୍କର କୌଣସି ଜମିବାଡ଼ି ନାହିଁ । ସେମାନେ ସାଧାରଣତଃ ଶ୍ରମିକ ଭାବରେ କାର୍ଯ୍ୟ କରନ୍ତି ।

**(ଖ) ବୃତ୍ତି ମନୋନୟନ ଅଧିକାର ନଥାଏ (No right of choosing occupation) :** ପାରଂପରିକ ସମାଜରେ ଅସ୍ପୃଶ୍ୟମାନେ ବୃତ୍ତି ମନୋନୟନ ଅଧିକାରରୁ ସଂପୂର୍ଣ୍ଣ ରୂପେ ବଞ୍ଚିତ ଥିଲେ । ଉଚ୍ଚ ଜାତିର ସଦସ୍ୟମାନଙ୍କ ପାଇଁ ସଂରକ୍ଷିତ ବୃତ୍ତିରେ ଅସ୍ପୃଶ୍ୟ ଜାତିର ସଦସ୍ୟମାନେ ନିଜକୁ ନିୟୋଜିତ କରିପାରୁ ନଥିଲେ । ସେମାନଙ୍କର ଆବଶ୍ୟକ ଦକ୍ଷତା, ପାରଦର୍ଶିତା ଓ କର୍ମକୁଶଳତା ଥିଲେ ମଧ୍ୟ ନିର୍ଦ୍ଧାରିତ ବୃତ୍ତି ବ୍ୟତୀତ ଅନ୍ୟ କୌଣସି ବୃତ୍ତିକୁ ସେମାନେ ଅନୁସରଣ କରିପାରୁ ନଥିଲେ । ସେମାନେ ଦିନ ମଜୁରିଆ ଭାବେ ଜୀବନଯାପନ କରୁଥିଲେ । ଗାଁଗଣ୍ଡାରେ ମଇଳା ଆବର୍ଜନା ସଫା କରିବା, ମୃତ ଶବ ଉଠାଇବା, ଚମଡ଼ା କାର୍ଯ୍ୟ ଓ ଯୋତା ସିଲାଇ କରିବା, ଟୋକେଇ ବୁଣିବା ପ୍ରଭୃତି ନିମ୍ନ ଧରଣର କାର୍ଯ୍ୟ କରୁଥିବାରୁ ସେମାନଙ୍କର ଆୟ ଖୁବ୍ କମ୍ ଥିଲା । ଫଳରେ ସେମାନେ ପୁରୁଷାନୁକ୍ରମରେ ଦରିଦ୍ର ଅଟନ୍ତି ଓ ଭୋକ ଉପାସରେ ଜୀବନଯାପନ କରିଥାନ୍ତି । ସେମାନଙ୍କର ଜୀବନଧାରଣ ମାନ (Standrard of Living) ବହୁତ ଖରାପ ।

**(ଗ) ଭୂମିହୀନ ଶ୍ରମିକ (Landless Labourer) :** ଅସ୍ପୃଶ୍ୟ ଜାତିର ସଦସ୍ୟମାନେ ଗ୍ରାମରେ ଭୂମିହୀନ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି । ସେମାନଙ୍କର ନିଜସ୍ୱ ଜମିବାଡ଼ି କିଛି ନଥିଲା । ଉଚ୍ଚ ଜାତିର ଲୋକମାନଙ୍କ ଜମିରେ ସେମାନେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ । ଜମିଦାରୀ ପ୍ରଥାର ଉଚ୍ଛେଦ ପୂର୍ବରୁ କୌଣସି ପାରିଶ୍ରମିକ ନନେଇ ଭୂମି ମାଲିକମାନଙ୍କ ପାଇଁ ସେମାନଙ୍କୁ କାର୍ଯ୍ୟ କରିବାକୁ ପଡୁଥିଲା ।

**୩. ରାଜନୈତିକ ସମସ୍ୟା (Political Problems) :** ପୂର୍ବରୁ ଅସ୍ପୃଶ୍ୟମାନେ ରାଜନୈତିକ କ୍ଷେତ୍ରରେ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିଲେ । ଭାରତର ରାଜନୀତି ଓ ଶାସନରେ ସେମାନେ ଅଂଶଗ୍ରହଣ କରିପାରୁ ନଥିଲେ । ସେମାନେ ମଧ୍ୟ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ପଦପଦବୀରେ ନିଜକୁ ନିୟୋଜିତ କରିପାରୁନଥିଲେ । ଅବଶ୍ୟ ବ୍ରିଟିଶ୍ ଶାସନ ସମୟରେ ସେମାନେ ଭୋଟଦାନ ଅଧିକାର ଲାଭ କରିଥିଲେ । ବର୍ତ୍ତମାନ ସେମାନେ ସମାଜରେ ରାଜନୈତିକ ଅଧିକାର ହାସଲ କରିଛନ୍ତି ।

**୪. ଧାର୍ମିକ ସମସ୍ୟା (Religious Problems) :** ଅନୁସୂଚିତ ଜାତିମାନଙ୍କୁ ହିନ୍ଦୁ ମନ୍ଦିର ତଥା ତୀର୍ଥସ୍ଥାନ ମଧ୍ୟକୁ ପ୍ରବେଶ କରିବା ପାଇଁ ଅନୁମତି ଦିଆଯାଉ ନଥିଲା । କାରଣ ସେମାନଙ୍କ ସଂସ୍ପର୍ଶରେ ଦେବତା ଅପବିତ୍ର ହୋଇଯିବ ବୋଲି ଏକ ଧାରଣା ଉଚ୍ଚଜାତି ଲୋକମାନଙ୍କ ମନରେ ସୃଷ୍ଟି ହେଇଥିଲା । ସେମାନେ ମଧ୍ୟ ଧର୍ମଗ୍ରନ୍ଥ ଅଧ୍ୟୟନ କରିପାରୁନଥିଲେ । ସଂକ୍ଷେପରେ କହିବାକୁଗଲେ ତଫସିଲଭୁକ୍ତ ଜାତି ବର୍ତ୍ତମାନ ସୁଦ୍ଧା ବହୁ ଧାର୍ମିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଅନୁସୂଚିତ ଜାତିମାନେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ସେମାନେ ସମାଜରେ ଅନେକ ସୁବିଧାସୁଯୋଗରୁ ମଧ୍ୟ ବଞ୍ଚିତ ହୋଇଥାନ୍ତି ।

## ଅନୁସୂଚିତ ଜାତିଗୁଡିକର ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ସରକାରୀ ପଦକ୍ଷେପ

## Government Measures taken for the Development of Scheduled Castes

ଅନୁସୂଚିତ ଜାତିଗୁଡ଼ିକର ଉନ୍ନତି ଓ କଲ୍ୟାଣ ନିମନ୍ତେ ସରକାରୀ ସ୍ତରରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ସେମାନଙ୍କର କଲ୍ୟାଣ ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ଆସୁଛନ୍ତି ।

**ସାମ୍ବିଧାନିକ ସୁରକ୍ଷା (Constitutional Safeguards) :** ଅନୁସୂଚିତ ଜାତିଗୁଡ଼ିକର ସଦସ୍ୟମାନଙ୍କର ସୁରକ୍ଷା ଓ ଉତ୍ଥାନ ନିମନ୍ତେ ଭାରତର ସମ୍ବିଧାନରେ ବ୍ୟବସ୍ଥା ରହିଛି । ସେମାନଙ୍କର ଉନ୍ନତି ତଥା କଲ୍ୟାଣ ନିମନ୍ତେ ନିମ୍ନଲିଖିତ ସାମ୍ବିଧାନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

(୧) ସମ୍ବିଧାନର ୧୫ ଧାରା ଅନୁସାରେ ବ୍ୟବସାୟିକ ପ୍ରତିଷ୍ଠାନ, ସର୍ବସାଧାରଣ ଭୋଜନାଳୟ, ରାସ୍ତାଘାଟ, କୂପ, ପୁଷ୍କରିଣୀ, ଗାଧୁଆ ଘାଟ ଓ ସର୍ବସାଧାରଣ ଜିନିଷଗୁଡିକର ବ୍ୟବହାର କ୍ଷେତ୍ରରେ ରାଷ୍ଟ୍ର କୌଣସି ପକ୍ଷପାତିତା କରିବ ନାହିଁ । ଏହାକୁ ଭିତ୍ତି କରି ସୃଷ୍ଟି ହୋଇଥିବା ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଓ କଟକଣାଗୁଡିକୁ ଦୂର କରାଯିବ ।

(୨) ସମ୍ବିଧାନର ୨୫ ଧାରାରେ ବ୍ୟବସ୍ଥା ଅଛି ଯେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ହିନ୍ଦୁମାନଙ୍କ ପାଇଁ ଧାର୍ମିକ ଅନୁଷ୍ଠାନଗୁଡ଼ିକର ଦ୍ୱାର ଉନ୍ମୁକ୍ତ ରହିବ ।

(୩) ସମ୍ବିଧାନର ୨୯ ଧାରା ଅନୁସାରେ ରାଷ୍ଟ୍ର ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନରେ ପ୍ରବେଶ ପାଇଁ କିମ୍ବା ରାଜ୍ୟ ପାଣ୍ଠିରୁ ପ୍ରଦାନ କରାଯାଉଥିବା ଅନୁଦାନ (Aid) ପାଉଥିବା ଶିକ୍ଷାଅନୁଷ୍ଠାନରେ ପ୍ରବେଶ ନିମନ୍ତେ ଅନୁସୂଚିତ ଜାତିଗୁଡ଼ିକର ସଦସ୍ୟମାନଙ୍କୁ ବାରଣ କରାଯାଇ ପାରିବ ନାହିଁ ।

(୪) ସମ୍ବିଧାନର ପଞ୍ଚମ ଅନୁସୂଚୀରେ ୧୬୪ ଓ ୩୩୯ ଧାରାରେ ବ୍ୟବସ୍ଥା ଅଛି ଯେ ରାଜ୍ୟର ପୃଥକ ପୃଥକ ବିଭାଗ ପାଇଁ ପରାମର୍ଶଦାତା ପରିଷଦ (Advisory council) ଗଠନ କରାଯିବ ଏବଂ ସେମାନଙ୍କ ସ୍ୱାର୍ଥରଂସୁରକ୍ଷା ପାଇଁ କେନ୍ଦ୍ରରେ ଏକ ବିଶେଷ ବିଭାଗ ସୃଷ୍ଟି କରାଯିବ ।

(୫) ସମ୍ବିଧାନର ୩୩୦,୩୩୨ ଓ ୩୩୪ ଧାରା ଅନୁସାରେ କେନ୍ଦ୍ର ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାରେ ଅନୁସୂଚିତ ଜାତିର ପ୍ରତିନିଧିମାନେ ପ୍ରତିନିଧିତ୍ୱ କରିପାରିବେ ।

(୬) ସମ୍ବିଧାନର ୩୩୨ ଧାରାରେ ଉଲ୍ଲେଖ ଅଛି ଯେ ତଫସିଲଭୁକ୍ତ ଜାତିର ସଦସ୍ୟମାନଙ୍କ ଉନ୍ନତି ପାଇଁ ରାଷ୍ଟ୍ରପତି ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ଦେଇପାରିବେ ।

(୭) ସମ୍ବିଧାନର ୩୪୦ ଧାରା ଅନୁସାରେ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ତଫସିଲଭୁକ୍ତ ଜାତିମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ଅନୁସନ୍ଧାନ ପାଇଁ ରାଷ୍ଟ୍ରପତି ଆୟୋଗ (Commission)ଙ୍କୁ ନିଯୁକ୍ତି ଦେଇପାରିବେ ।

ସାମ୍ବିଧାନିକ ବ୍ୟବସ୍ଥା ଛଡ଼ା ସରକାର ସେମାନଙ୍କ ପାଇଁ ଅନେକ ଗୁଡ଼ିଏ ଆଇନର ବ୍ୟବସ୍ଥା କରିଛନ୍ତି । ୧୯୫୬ ମସିହା ଅସ୍ପୃଶ୍ୟତା ଅପରାଧ ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ ଅଟେ । ଏହି ଆଇନ ଅନୁସାରେ ଅସ୍ପୃଶ୍ୟତା ଏକ ଅପରାଧ ଏବଂ ଏହାକୁ ଉତ୍ସାହିତ କରୁଥିବା ବ୍ୟକ୍ତିଙ୍କୁ ୬ମାସ ଜେଲ୍ ଦଣ୍ଡ ବା ୫୦୦ ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି । ବର୍ତ୍ତମାନ ଏହି ଆଇନ୍ ସଂଶୋଧିତ ହୋଇ ସାମାଜିକ ଅଧିକାର ସୁରକ୍ଷା ଆଇନ୍ (The Protection of Civil Right Act)ର ପ୍ରବର୍ତ୍ତନ କରାଯାଇଛି ।

୧୯୫୪ ମସିହାଠାରୁ ଭାରତ ସରକାର ଅସ୍ପୃଶ୍ୟତା ଦୂରୀକରଣ ପାଇଁ ଆର୍ଥିକ ସହାୟତା ମାଧ୍ୟମରେ ବିଭିନ୍ନ ପ୍ରକାର ଅନ୍ଦୋଳନକୁ ଉତ୍ସାହିତ କରୁଛନ୍ତି । ଅସ୍ପୃଶ୍ୟ ଜାତିମାନଙ୍କର ବିଭିନ୍ନ ସମସ୍ୟା ଏବଂ ସେମାନଙ୍କର ଶିକ୍ଷା ତଥା ଅର୍ଥନୈତିକ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା କାରଣଗୁଡ଼ିକୁ ଅନୁଧ୍ୟାନ କରିବା ପାଇଁ ଭାରତ ସରକାର ୧୯୬୫ ମସିହାରେ ଏକ କମିଟି ଗଠନ କରିଥିଲେ ।

ଅନୁସୂଚିତ ଜାତି ନିମନ୍ତେ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାରେ ଆସନର ସଂରକ୍ଷଣ ବ୍ୟବସ୍ଥା କରାଯାଇଛି : ତଫସିଲଭୁକ୍ତ ଜାତିମାନଙ୍କର ଉନ୍ନତି ପାଇଁ ଲୋକସଭାରେ ୫୪୨ଟି ଆସନ ମଧ୍ୟରୁ ୭୮ଟି ଆସନ ସଂରକ୍ଷିତ । ସେହିପରି ରାଜ୍ୟ ବିଧାନସଭାର ମୋଟ ୩,୯୯୭ଟି ଆସନ ମଧ୍ୟରୁ ୫୩୮ଟି ସେମାନଙ୍କ ପାଇଁ ସଂରକ୍ଷିତ ।

ଅନୁସୂଚିତ ଜାତି ସଦସ୍ୟମାନଙ୍କ ନିମନ୍ତେ ଚାକିରୀ କ୍ଷେତ୍ରରେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି । ସର୍ବଭାରତୀୟ ସ୍ତରରେ ଶତକଡ଼ା ୧୫ ଭାଗ ଏବଂ ରାଜ୍ୟ ସ୍ତରରେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ହାରରେ ଚାକିରୀରେ ସଂରକ୍ଷଣ ନିମନ୍ତେ ବ୍ୟବସ୍ଥା କରାଯାଇଛି ।

ଶିକ୍ଷା କ୍ଷେତ୍ରରେ ଉନ୍ନତି ନିମନ୍ତେ ଉଭୟ ସାଧାରଣ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ତଫସିଲଭୁକ୍ତ ଜାତିମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି ।

**କଲ୍ୟାଣ କାର୍ଯ୍ୟକ୍ରମ (Welfare Progammes) :** ପଞ୍ଚବାର୍ଷିକ ଯୋଜନାଗୁଡ଼ିକରେ ସେମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର କାର୍ଯ୍ୟକ୍ରମଗୁଡ଼ିକୁ ହାତକୁ ନେଇଛନ୍ତି । ଅନୁସୂଚିତ ଜାତିଗୁଡିକର ସଦସ୍ୟମାନଙ୍କ ବିକାଶ ନିମନ୍ତେ ସାଧାରଣ କାର୍ଯ୍ୟକ୍ରମ (General Programmes) ବ୍ୟତୀତ ସରକାର ସ୍ୱତନ୍ତ୍ର କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିଆସୁଛନ୍ତି। ଅନୁସୂଚିତ ଜାତିମାନଙ୍କ ପାଇଁ କାର୍ଯ୍ୟକାରୀ କରାଯାଉଥିବା ସ୍ୱତନ୍ତ୍ର କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକ ହେଲା – ହରିଜନ କଲ୍ୟାଣ ଆୟୋଗର ପ୍ରତିଷ୍ଠା, ମାଗଣାରେ ବହି ଓ ପାଠ୍ୟ ଉପକରଣ ଗୁଡ଼ିକର ଯୋଗାଣ, ଶିକ୍ଷା ନିମନ୍ତେ ବୃତ୍ତି ପ୍ରଦାନ ଇତ୍ୟାଦି । ସେମାନଙ୍କୁ ଶିକ୍ଷା ନିମନ୍ତେ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ ସରକାର ଆଶ୍ରମ ବିଦ୍ୟାଳୟ ସ୍ଥାପନ କରିଛନ୍ତି ଓ ଛାତ୍ରାବାସମାନ ନିର୍ମାଣର ବ୍ୟବସ୍ଥା କରିଛନ୍ତି ।

ଅନୁସୂଚିତ ଜାତିର ଲୋକମାନେ ନିଯୁକ୍ତି କ୍ଷେତ୍ରରେ ସଫଳତା ନିମନ୍ତେ ସେମାନଙ୍କୁ ତାଲିମ ଦେବା ନିମନ୍ତେ ବିଭିନ୍ନ ତାଲିମ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି । କେନ୍ଦ୍ରୀୟ ସାଧାରଣ ସେବା ଆୟୋଗ (U.P.S.C.) ଦ୍ୱାରା ପରିଚାଳିତ ଭାରତୀୟ ପ୍ରଶାସନିକ ସେବା (I.A.S) କ୍ଷେତ୍ରରେ ସେମାନଙ୍କୁ ତାଲିମ ଦେବା ପାଇଁ ଆହ୍ଲାବାଦ୍, ଦିଲ୍ଲୀ, ଜୟପୁର, ମାଡ୍ରାସ୍, ପାତିଆଲା ଓ ଶିଲିଂ ଠାରେ ଛଅଟି ପ୍ରାକ୍-ପରୀକ୍ଷା ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ।

ପଞ୍ଚବାର୍ଷିକ ଯୋଜନା ଆରମ୍ଭରୁ ଅନୁନ୍ନତ ଶ୍ରେଣୀଗୁଡ଼ିକର କଲ୍ୟାଣ ନିମନ୍ତେ ସରକାର ଚେଷ୍ଟା କରିଆସୁଛନ୍ତି । ସାଧାରଣ ବିକାଶ କାର୍ଯ୍ୟକ୍ରମ ଛଡ଼ା ଅନୁସୂଚିତ ଜାତିଗୁଡ଼ିକ ନିମନ୍ତେ ଉଦ୍ଦିଷ୍ଟ ସ୍ୱତନ୍ତ୍ର କାର୍ଯ୍ୟକ୍ରମଗୁଡ଼ିକୁ ଅତିରିକ୍ତ ଯୋଜନା ଭାବରେ ବିଚାର କରାଯାଉଥିଲା । ଏହା ସହିତ ସାଧାରଣ ଯୋଜନାଗୁଡ଼ିକର ସୁଫଳ ସେମାନେ ପାଇବେ ବୋଲି ଆଶା କରାଯାଉଥିଲା । କିନ୍ତୁ ସାଧାରଣ ଯୋଜନାଗୁଡ଼ିକର ଫଳ ଅତ୍ୟନ୍ତ ନଗଣ୍ୟ ବୋଲି କିଛି ବର୍ଷ ପରେ ଅନୁଭବ କରାଗଲା ।

ସମାଜର ଏହି ନିଷ୍ପେସିତ ତଥା ଅବହେଳିତ ବର୍ଗ ଅର୍ଥନୈତିକ ବିକାଶର ଫଳାଫଳରୁ ଉଚିତ ଅଂଶ ପାଇବା ଉଚିତ ହେବ ବୋଲି ପଞ୍ଚମ ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ସମୟରେ ଅନୁଭବ କରାଗଲା । ଏହି ଲକ୍ଷ୍ୟ ହାସଲ ନିମନ୍ତେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ସମୟରେ 'ସ୍ୱତନ୍ତ୍ର ଉପାଦାନ ଯୋଜନା'(Special Component Progamme) ପ୍ରବର୍ତ୍ତନ କରାଗଲା । ଏଥିରେ ପରିବାରଭିତ୍ତିକ ଓ ହିତାଧିକାରୀଭିତ୍ତିକ ପରିଯୋଜନା ଉପରେ ଗୁରୁତ୍ୱ ଦିଆଗଲା । ସ୍ୱତନ୍ତ୍ର ଉପାଦାନ ଯୋଜନା (SCP) ନିମନ୍ତେ ରାଜ୍ୟ ଯୋଜନା, କେନ୍ଦ୍ର ଯୋଜନା ଓ କେନ୍ଦ୍ର ଦ୍ୱାରା ପ୍ରବର୍ତ୍ତିତ ପରିକଳ୍ପନା, ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଏବଂ ଆର୍ଥିକ ସଂସ୍ଥା ଇତ୍ୟାଦି ଦ୍ୱାରା ଅର୍ଥ ପ୍ରଦାନ କରାଗଲା ।

ଏହି ଯୋଜନା ମାଧ୍ୟମରେ ଅନୁସୂଚିତ ଜାତିର ପରିବାରଗୁଡ଼ିକୁ ଋଣ ପ୍ରଦାନ କରି ଯୋଜନାଗୁଡ଼ିକର ସୁଫଳ ପାଇବା ନିମନ୍ତେ ବ୍ୟବସ୍ଥା କରାଗଲା ଏବଂ ଅନୁସୂଚିତ ଜାତିମାନଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଆଣିବା ନିମନ୍ତେ ଚେଷ୍ଟା କରାଗଲା । ଅନୁସୂଚିତ ଜାତିମାନଙ୍କୁ ଋଣ ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଭାରତର ୧୮ଟି ରାଜ୍ୟରେ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଅନୁସୂଚିତ ଜାତି ଉନ୍ନୟନ ନିଗମମାନ ପ୍ରତିଷ୍ଠା କରାଯାଇଛି । ଅନୁସୂଚିତ ଜାତିର ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଏହି ନିଗମଗୁଡ଼ିକ ବ୍ୟବସ୍ଥା କରିବେ ଓ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ବ୍ୟାଙ୍କମାନଙ୍କରୁ ଋଣର ବ୍ୟବସ୍ଥା କରିବେ ।

ଏହାଛଡ଼ା ଦାରିଦ୍ର୍ୟ ଦୂରୀକରଣ ଏବଂ ନିଯୁକ୍ତି ଓ ଆତ୍ମନିଯୁକ୍ତି ଯୋଜନାଗୁଡ଼ିକରେ ଅନୁସୂଚିତ ଜାତିମାନଙ୍କୁ ଅଗ୍ରାଧିକାର ଦିଆଯାଉଛି । ଉଦାହରଣସ୍ୱରୂପ ସ୍ୱର୍ଣ୍ଣଜୟନ୍ତି ଗ୍ରାମ ସ୍ୱରୋଜଗାର ଯୋଜନାରେ ଅନୁସୂଚିତ ଜାତିମାନଙ୍କୁ ଅଗ୍ରାଧିକାର ଦିଆଯାଇଛି । ସାଧାରଣ ଜାତିର ଲୋକମାନଙ୍କୁ ୩୦% ସବ୍‌ସିଡ୍ ଦିଆଯାଉଥିବାବେଳେ ଅନୁସୂଚିତ ଜାତିର ଲୋକମାନଙ୍କୁ ୫୦% ସବ୍‌ସୀଡ୍ ଦିଆଯାଉଛି ।

ପାନୀୟ ଜଳ ଯୋଗାଣ ଓ ଆବାସ ନିର୍ମାଣ ଯୋଜନାରେ ମଧ୍ୟ ଅନୁସୂଚିତ ଜାତିମାନଙ୍କୁ ଅଗ୍ରାଧିକାର ଦିଆଯାଉଛି ।

## ଅନୁସୂଚିତ ଜନଜାତି
## Scheduled Tribe

ଭାରତରେ ଜନଜାତିମାନେ ଭାରତର ସମୁଦାୟ ଲୋକସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ସେମାନେ ଭାରତୀୟ ସମାଜର ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ପରିଚିତ । ୨୦୧୧ ମସିହା ଜନଗଣନା ଅନୁସାରେ ଭାରତୀୟ ମୋଟ ଜନସଂଖ୍ୟାର ୮.୬ ପ୍ରତିଶତ ହେଉଛନ୍ତି ଅନୁସୂଚିତ ଜନଜାତି । ଓଡ଼ିଶାରେ ମୋଟ ଜନସଂଖ୍ୟାର ଶତକଡ଼ା ୨୨.୧ ପ୍ରତିଶତ ଅନୁସୂଚିତ ଜନଜାତିର ଲୋକମାନେ ବାସ କରନ୍ତି ।

ବିଭିନ୍ନ ବିଦ୍ୱାନ୍ ଜନଜାତି ପାଇଁ ବିଭିନ୍ନ ପ୍ରକାର ଶବ୍ଦ ପ୍ରୟୋଗ କରିଛନ୍ତି । ସେଗୁଡ଼ିକ ହେଲା – 'ଆଦିବାସୀ', 'ଗିରିଜନ', 'ବନ୍ୟଜାତି', 'ବନବାସୀ', 'ଆଦିମ ଜାତି' ଇତ୍ୟାଦି । ରିସ୍‌ଲେ, ଗ୍ରିଅରସନ୍, ମ୍ୟାଟିନ୍, ଏ.ଭି. ଠକ୍କର ପ୍ରଭୃତି ମନୀଷୀଗଣ ସେମାନଙ୍କୁ 'ଆଦିମ ଅଧିବାସୀ' ବା ଆଦିବାସୀ ଭାବେ ବର୍ଣ୍ଣନା କରିଛନ୍ତି । ଜେ.ଏଚ୍. ହଟନ୍ ସେମାନଙ୍କୁ 'ଆଦିମ ଜନଜାତି' (Primitive Trible)ର ଆଖ୍ୟା ଦେଇଛନ୍ତି । ଡକ୍ଟର ଜି.ଏସ୍. ଘୁରେ ଏମାନଙ୍କୁ 'ଅନୁନ୍ନତ ହିନ୍ଦୁ' (Backward Hindus) ଭାବେ ଦର୍ଶାଇଛନ୍ତି । ଡକ୍ଟର ଏ.ଦାସ ଏବଂ ଅନ୍ୟମାନେ ସେମାନଙ୍କୁ 'ନିମଜ୍ଜିତ ମାନବ' (Submerged Human) ଭାବେ ପ୍ରତିପାଦିତ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଅଧିକାଂଶ ସେମାନଙ୍କୁ 'ଭୂମିର ପ୍ରକୃତ ସନ୍ତାନ' ଭାବେ ସୂଚାଇଥିବା ସ୍ଥଳେ ଅନ୍ୟ କେତେକ କହନ୍ତି ଯେ ସେମାନେ ଐତିହ୍ୟର ଏକ ପୂର୍ଣ୍ଣ ଅଂଶ ଅଟନ୍ତି ।

ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଦୃଷ୍ଟିରୁ ଜନଜାତି ସମୁଦାୟ ଅନ୍ୟମାନଙ୍କ ଠାରୁ ପୃଥକ୍ । ଭାରତରେ ବହୁ ସଂଖ୍ୟକ ଜନଜାତି ଦେଖାଯାଆନ୍ତି । ସେମାନେ ଭାରତର ବିଭିନ୍ନ ଅଂଶରେ ବା ଅଞ୍ଚଳରେ ବିକ୍ଷିପ୍ତ ଭାବରେ ରହିଛନ୍ତି । ଅଧିକାଂଶ ଜନଜାତି ଦେଶର ପାହାଡ଼ିଆ ଅଂଚଳରେ ବସବାସ କରୁଛନ୍ତି । ତେବେ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ସ୍ତର ଭିନ୍ନ ଭିନ୍ନ । ଭାରତୀୟ ଜନଜାତିମାନଙ୍କର ସାଂସ୍କୃତିକ ବିକାଶ ସ୍ତର ମଧ୍ୟ ସମାନ ନୁହେଁ । କେତେକ ଜନଜାତି ଅତ୍ୟନ୍ତ ପ୍ରାଚୀନ ଓ ଆଉ କେତେକ ସାଧାରଣ ଲୋକଙ୍କ ଠାରୁ ଦୂରେଇ ରହିଥାନ୍ତି । ତେଣୁ ଜନଜାତିମାନେ ଜନଜାତିର ସଂଜ୍ଞାର ସର୍ତ୍ତ ପୂରଣ କରିବାକୁ ଅସମର୍ଥ । ଭାରତରେ ଜନଜାତି ଜୀବନରେ ବିରୋଧାତ୍ମକ ଚିତ୍ର ଦେଖିବାକୁ ମିଳିଥାଏ । ଖାସି ଓ ଲୁସାଇ ଜନଜାତି ଶିକ୍ଷା ଓ ଅର୍ଥନୈତିକ ଦୃଷ୍ଟିରୁ ଉନ୍ନତ

ହୋଇଥିବାବେଳେ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପର ଜନଜାତି, ବିହାରର ବିରହୋର୍, ଓଡ଼ିଶାର ବଣ୍ଡା ଜନଜାତି ଅନୁନ୍ନତ ହୋଇ ରହିଛନ୍ତି । ସେମାନେ ଜୀବନ ଧାରଣ ନିମନ୍ତେ ଶୀକାର ଓ ଖାଦ୍ୟ ସଂଗ୍ରହ ଉପରେ ନିର୍ଭର କରନ୍ତି । ସେମାନଙ୍କର ସଂସ୍କୃତି ସଂରକ୍ଷିତ ରହିଛି । କେତେକ ଜନଜାତି ଯେ ପୌର ସଂସ୍କୃତି ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଛନ୍ତି । ରାଜସ୍ଥାନର ମୀନା, ଗୁଜୁରାଟର ଢ଼ୋଡ଼ିଆ ଓ ସେମାନଙ୍କ ପଡ଼ୋଶୀମାନଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନ ମଧ୍ୟରେ ଆମେ କୌଣସି ପାର୍ଥକ୍ୟ ଦେଖିପାରିବା ନାହିଁ ।

କନ୍ଧ, କୋହ୍ଲ, ମୁଣ୍ଡା, କାଡ଼ାର, କମାର, ଚେଞ୍ଚୁ, ଟୋଡ଼ା, ଭିଲ, ସାନ୍ତାଳ, ନାଗା, ଖାସି, ରାଗୋଁ, ହୋ, ଖରିଆ ଓ ଜୁଆଙ୍ଗ ପ୍ରଭୃତି ଜନଜାତି ଭାରତରେ ଅଛନ୍ତି । ଅଧିକାଂଶ ଜନଜାତି ଶିକ୍ଷା ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଅନୁନ୍ନତ । ସେମାନେ ଅବହେଳିତ ଓ ସେମାନଙ୍କର ଜୀବନ ଧାରଣମାନ ନିମ୍ନ ଧରଣର । ଭାରତରେ ଜନଜାତିମାନେ ବିଭିନ୍ନ ସମସ୍ୟା ସମ୍ମୁଖୀନ ହୋଇଥାଆନ୍ତି । ସାଧାରଣ ଲୋକଙ୍କ ସଂସ୍କୃତି ସଂସ୍ପର୍ଶରେ ଆସିବା ଫଳରେ ଭାରତ ଜନଜାତିମାନେ ନୂଆ ନୂଆ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ।

୧୯୫୬ ମସିହା ସଂଶୋଧିତ ତଫସିଲଭୁକ୍ତ ଜନଜାତି ତାଲିକାନୁସାରେ ଭାରତ ବର୍ଷରେ ପ୍ରାୟ ୧୪ଟି ଜନଜାତି ରହିଥିବାର ଅନୁମାନ କରାଯାଏ । କିନ୍ତୁ ୧୯୮୧ ମସିହା ଜନଗଣନା ଅନୁଯାୟୀ ଭାରତରେ ପ୍ରାୟ ୩୮ ନିୟୁତ ତଫସିଲଭୁକ୍ତ ଜନଜାତିର ଲୋକମାନେ ବସବାସ କରୁଛନ୍ତି; ଯାହାକି ସମୁଦାୟ ଜନସଂଖ୍ୟାର ପ୍ରାୟ ଶତକଡ଼ା ୭.୦୨ ଭାଗ । ମେଘାଳୟ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ଦାଦ୍ରା ଓ ନଗର ହାଭେଲୀ, ଲାକ୍ଷାଦ୍ୱୀପ ଏବଂ ମିଜୋରାମ୍ ପ୍ରଭୃତି ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳରେ ସଂଖ୍ୟାଧିକ ତଫସିଲଭୁକ୍ତ ଜନଜାତି ବାସ କରୁଛନ୍ତି । ଏହା ବ୍ୟତିତ ଅନ୍ୟ ୯ଟି ରାଜ୍ୟରେ ପ୍ରତ୍ୟେକ ୧ ନିୟୁତରୁ ଅଧିକ ସଂଖ୍ୟକ, ଜନଜାତିର ଲୋକମାନେ ରହୁଛନ୍ତି ।

### ଅନୁସୂଚିତ ଜନଜାତିର ଅର୍ଥ

### Meaning of Scheduled Tribe

ସମ୍ବିଧାନର କୌଣସି ଅନୁସୂଚୀରେ 'ଜନଜାତି' ଶବ୍ଦଟିର ଆକ୍ଷରିକ ସଂଜ୍ଞା ପ୍ରଦାନ କରାଯାଇନାହିଁ । କେବଳ ଶବ୍ଦତାତ୍ତ୍ୱିକ ଦୃଷ୍ଟିକୋଣରୁ 'ଜନଜାତି' ଶବ୍ଦଟି ସରଳ, ନିରାଡ଼ମ୍ବର ଲୋକମାନଙ୍କ ପ୍ରତି ପ୍ରଯୁଜ୍ୟ, ଯେଉଁମାନେ କି ବଣ, ଜଙ୍ଗଲ ତଥା ପାର୍ବତ୍ୟାଞ୍ଚଳରେ ବସବାସ କରନ୍ତି ଏବଂ ସେମାନେ ସାମାଜିକ, ଅର୍ଥନୈତିକ ଓ ଶିକ୍ଷା କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ଅନୁନ୍ନତ ଅଟନ୍ତି । ଏପରିକି ଭାରତୀୟ ସମ୍ବିଧାନ ତଫସିଲଭୁକ୍ତ ଜନଜାତିଗୁଡ଼ିକୁ ଜନଜାତି କିମ୍ବା ଜନଜାତୀୟ ସମୁଦାୟ କିମ୍ବା ଜନଜାତୀୟ ସମୂହ ଭାବେ ଘୋଷଣା କରିବା ବ୍ୟତିତ ସେମାନଙ୍କୁ ଉପଯୁକ୍ତ ଭାବେ ବ୍ୟାଖ୍ୟା କରିପାରିନାହିଁ । ସମ୍ବିଧାନର ୩୪୨ ଧାରା ଅନୁସାରେ ରାଷ୍ଟ୍ରପତି ସାଧାରଣ ବିଜ୍ଞପ୍ତି (Public Notification) ଦ୍ୱାରା ସେମାନଙ୍କୁ ବିଶେଷ ଭାବେ ଚିହ୍ନିତ କରିଥାଆନ୍ତି । ସାଧାରଣ ନାମ ଥିବା, ସମାନ ଭାଷା କହୁଥିବା, ପୃଥକ୍ ପ୍ରଥା, କର୍ମକାଣ୍ଡ ଓ ବିଶ୍ୱାସ ଥିବା ରାଜନୈତିକ ସଂଗଠନ ଥିବା ଦେଶୀୟ (Indigenous) ଲୋକମାନଙ୍କର ଏକ୍ ସମୂହ ହେଉଛି ଜନଜାତି । ହୋଏବେଲ୍‌ଙ୍କ ଅନୁସାରେ ପ୍ରତ୍ୟେକ ଜନଜାତିର ଏକ ପୃଥକ୍ ସଂସ୍କୃତି ଥାଏ ଏବଂ ଏହା ସେହି ଜନଜାତିକୁ ଅନ୍ୟ ଜନଜାତିମାନଙ୍କ ଠାରୁ ଅଲଗା କରିଥାଏ । ଗୋଟିଏ ପ୍ରକୃତ ଜନଜାତିର ସଦସ୍ୟମାନେ

ପାରମ୍ପରିକ ଜାତିର ଉଚ୍ଚନୀଚ କ୍ରମ ବାହାରେ ରହିଥାନ୍ତି ଏବଂ ଏକ ସାଧାରଣ ଭାଷା କହିଥାନ୍ତି, ସାଧାରଣ ବୃତ୍ତିକୁ ଅନୁକରଣ ଏବଂ ସେମାନଙ୍କ ମଧ୍ୟରେ ସଂହତି ଓ ଗୋଷ୍ଠୀ ଭାବନା ରହିଥାଏ। ଏମାନେ ଏକାନ୍ତରେ ପାହାଡ଼ ଓ ଜଙ୍ଗଲରେ କିମ୍ବା ଜଙ୍ଗଲ ଓ ନିକଟସ୍ଥ ସମତଳ ଅଞ୍ଚଳରେ ବସବାସ କରନ୍ତି।

ଗିଲିନ୍ ଓ ଗିଲିନ୍ (Gillin and Gillin) ଙ୍କ ମତରେ, "ଏକ ସାଧାରଣ ଅଂଚଳର ଅଧିକାରରେ ରହିଥିବା, ସାଧାରଣ ଭାଷା କହୁଥିବା, ଏକ ସାଧାରଣ ସଂସ୍କୃତିକୁ ଅନୁସରଣ କରୁଥିବା ଏକ ପାକ୍ ସାକ୍ଷର ସ୍ଥାନୀୟ ସମୂହଗୁଡ଼ିକର ସମଷ୍ଟି ହେଉଛି ଏକ ଜନଜାତି।"

ଡି.ଏନ୍. ମଜୁମ୍‌ଦାର (D.N. Mazumdar)ଙ୍କ ଅନୁସାରେ, "ଜନଜାତି ହେଉଛି ଏକ ସାଧାରଣ ନାମଥିବା କେତେଗୁଡ଼ିଏ ପରିବାରର ସମଷ୍ଟି ଯାହାର ସଦସ୍ୟମାନେ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବସବାସ କରିବା ସଂଗେ ସଂଗେ ଗୋଟିଏ ଭାଷା କହିଥାନ୍ତି ଏବଂ ବିବାହ, ବୃତ୍ତି ବ୍ୟବସାୟ କ୍ଷେତ୍ରରେ କେତେକ ନିଷେଧତାକୁ ପାଳନ କରିଥାନ୍ତି ଏବଂ ସେମାନଙ୍କ ମଧ୍ୟରେ ଏକ ଉନ୍ନତ ପାରସ୍ପରିକ ନୈତିକ କର୍ତ୍ତବ୍ୟ ପ୍ରତିଷ୍ଠିତ ହୋଇଥାଏ।"

## ଅନୁସୂଚିତ ଜନଜାତି ସମୁଦାୟର ପାର୍ଥକ୍ୟସୂଚକ ବୈଶିଷ୍ଟ୍ୟ
## Distinctive Features of Scheduled Tribe Community

ଜନଜାତି ସମୁଦାୟଗୁଡ଼ିକର ନିର୍ଦ୍ଦିଷ୍ଟ ବୈଶିଷ୍ଟ୍ୟ ରହିଥାଏ। ଜନଜାତିର ବୈଶିଷ୍ଟ୍ୟଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା।

(୧) ଜନଜାତିଗୁଡ଼ିକ ସାଧାରଣତଃ ଅନ୍ତର୍ବିବାହୀ (Endogamous) ସମୂହ ଅଟନ୍ତି, ଯଦିବା ବାହ୍ୟ ଜଗତ ସଂସ୍ପର୍ଶରେ ଆସିବା ଫଳରେ କେତେକ ଜନଜାତି ବର୍ହିବିବାହ (Exogay)କୁ ଗ୍ରହଣ କରି ନେଇଛନ୍ତି। ଜନଜାତି ଭିତରେ ଗୋତ୍ର ରହିଥାଏ, ଯାହାକି ବର୍ହିବିହୀ (Exogamous) ହୋଇପାରେ। ତେବେ ଜନଜାତିର ସଦସ୍ୟମାନେ ନିଜ ସମୂହ ଭିତରେ ବିବାହ କରନ୍ତି। ନିଜ ଅଂଚଳକୁ ଅତୁଟ ରଖିବା ଅନ୍ତର୍ବିବାହର କାରଣ ହୋଇପାରେ।

(୨) ସାଧାରଣତଃ ଜନଜାତିଗୁଡ଼ିକ ହେଉଛି ସଜାତୀୟ ସାଂସ୍କୃତିକ, ସାମାଜିକ ଓ ରାଜନୈତିକ ସଂଗଠକମାନ ଯେଉଁଗୁଡ଼ିକର ନିଜର ଆଇନ, ନ୍ୟାୟ, ପ୍ରଥା ଓ କର୍ମକାଣ୍ଡ ଇତ୍ୟାଦି ରହିଛି।

(୩) ପ୍ରତ୍ୟେକ ଜନଜାତିର ଜଣେ ଜନଜାତି ମୁଖ୍ୟ ବା ମୁଖିଆ ଥା'ନ୍ତି ଯିଏ କି ଜନଜାତିକୁ ଆଦେଶ ଦେଇଥାନ୍ତି ଏବଂ ତାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ। ସମସ୍ତ ସଦସ୍ୟ ମୁଖିଆଙ୍କୁ ଭୟ ଓ ସମ୍ମାନ କରିବା ସଂଗେ ସଂଗେ ତାଙ୍କର ଆଦେଶକୁ ମାନିଥାଆନ୍ତି। ବାହ୍ୟ ଶକ୍ତିର ଆକ୍ରମଣରୁ ସୁରକ୍ଷା ଓ ସଦସ୍ୟମାନଙ୍କ ମଧ୍ୟରେ ଶୃଙ୍ଖଳା ଉଦ୍ଦେଶ୍ୟରେ ଏହି ପ୍ରକାର ସଂଗଠନଗୁଡ଼ିକର ଆବଶ୍ୟକ ହୋଇଥାଏ।

(୪) ଅଧିକାଂଶ ଜନଜାତି ଭାଷାର ଲିପି ନଥାଏ।

(୫) ସମସ୍ତେ ଏକ ସାଧାରଣ ପୂର୍ବ ପୁରୁଷଙ୍କ ଠାରୁ ଜନ୍ମଗ୍ରହଣ କରିଛନ୍ତି ବୋଲି ସେମାନେ ବିଶ୍ୱାସ କରନ୍ତି ଏବଂ ଏହି ପୂର୍ବ ପୁରୁଷ ପ୍ରକୃତ ବା କାଳ୍ପନିକ ହୋଇପାରେ।

(୬) ପ୍ରତ୍ୟେକ ଜନଜାତିର ଏକ ନିର୍ଦ୍ଦିଷ୍ଟ ଓ ସାଧାରଣ ଭୂଖଣ୍ଡ ଥାଏ ଏବଂ ସେମାନେ ସ୍ଥାୟୀ ଭାବରେ ସେଠାରେ ବସବାସ କରନ୍ତି ।

(୭) ଜୀବନର ପ୍ରକୃତି କାରଣରୁ ଜନଜାତିଗୁଡ଼ିକ ପରିବର୍ତ୍ତନଶୀଳ ପରିସ୍ଥିତିଗୁଡ଼ିକୁ ଗ୍ରହଣ କରନ୍ତି ନାହିଁ ।

(୮) ଜନଜାତିଗୁଡ଼ିକ କେତେକ ନିଷେଧ (Taboos)ରେ ବିଶ୍ୱାସ କରନ୍ତି । ସେହି ଅନୁସାରେ କେତେକ ନିର୍ଦ୍ଦିଷ୍ଟ କଟକଣାଗୁଡ଼ିକ ମୌଖିକ ଭାବରେ ସଦସ୍ୟମାନଙ୍କୁ ଜଣାଇ ଦିଆଯାଏ ।

(୯) ସଦସ୍ୟମାନଙ୍କ ସହିତ ରହସ୍ୟବାଦୀ (Mystic) ସଂପର୍କ ଥିବା କେତେକ ବସ୍ତୁରେ ଜନଜାତିମାନେ ବିଶ୍ୱାସ କରନ୍ତି ।

(୧୦) ଜନଜାତିଗୁଡ଼ିକ କେତେକ ପୁରାଣଗାଥା (Myth), ଯାଦୁବିଦ୍ୟା ଓ ମୌଳିକ (Rudimentary) ଧର୍ମରେ ବିଶ୍ୱାସ କରନ୍ତି ।

## ଅନୁସୂଚିତ ଜନଜାତିମାନଙ୍କର ସମସ୍ୟା
## Problems of Scheduled Tribes

ଭାରତର ଜନଜାତିମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନ୍ ସ୍ତର ଅତ୍ୟନ୍ତ ନିମ୍ନ ଧରଣର । ସେମାନଙ୍କ ସାମାଜିକ ବ୍ୟବସ୍ଥା, ଜୀବନଯାପନ ପ୍ରଣାଳୀ ଓ ରୀତିନୀତି ଅନ୍ୟମାନଙ୍କ ଠାରୁ ପୃଥକ୍ । ୧୯୩୫ ମସିହା ଭାରତ ସରକାର ଆଇନ୍ (Govt. of India Act, 1935) ପ୍ରଥମ ଥର ପାଇଁ ଜନଜାତୀୟ ସମୁଦାୟ ଭାବେ ଉଲ୍ଲେଖ କରିବା ସଂଗେ ସଂଗେ ସେମାନଙ୍କୁ 'ଅନୁନ୍ନତ ଜନଜାତି' ଭାବେ ଉପସ୍ଥାପିତ କରିଥିଲା । ଭାରତର ଜନଜାତିମାନେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ମଦନ ଓ ମଜୁମଦାରଙ୍କ ମତରେ ଜନଜାତିମାନଙ୍କର ଦୁଇ ପ୍ରକାର ସମସ୍ୟା ରହିଥାଏ । ଗୋଟିଏ ହେଉଛି ସମଗ୍ର ଗ୍ରାମ୍ୟ ଜନସଂଖ୍ୟା ସମ୍ମୁଖୀନ ହେଉଥିବା ସମସ୍ୟା ଓ ଅନ୍ୟଟି ହେଉଛି ସେମାନଙ୍କର ନିଜସ୍ୱ । ଜନଜାତି ସମସ୍ୟାଗୁଡ଼ିକ ସମ୍ପର୍କରେ ନିମ୍ନରେ ଆଲୋଚନା କରାଗଲା ।

**୧. ଅର୍ଥନୈତିକ ସମସ୍ୟା (Economic Problems) :** ଜନଜାତିମାନେ ଅନେକ ପ୍ରକାରର ଅର୍ଥନୈତିକ ସମସ୍ୟା ସମ୍ମୁଖୀନ ହୋଇଥାନ୍ତି । ପୂର୍ବରୁ ଜନଜାତିମାନେ ପୋଡୁ ଚାଷ ସହିତ ଅଭ୍ୟସ୍ତ ଥିଲେ । ମାତ୍ର ଜଙ୍ଗଲ ଆଇନ୍ ଦ୍ୱାରା ପୋଡୁ ଚାଷ ନିଷେଧ କରାଯାଇଛି । ଏହା ଦ୍ୱାରା ସେମାନେ ଆଉ ପୋଡୁଚାଷ କରିପାରୁନାହାଁନ୍ତି । ଏହାଛଡ଼ା ଭୂମିର ମାଲିକାନା ଓ ଜଙ୍ଗଲ ଜମିର ବ୍ୟବହାରଜନିତ ସମସ୍ୟା ସେମାନଙ୍କର ଆର୍ଥିକ ଅବସ୍ଥାକୁ ଖରାପ କରିଦେଇଛି । ଜଙ୍ଗଲ ଆଇନ୍ ଯୋଗୁ ଜଙ୍ଗଲ ଜମିର ବ୍ୟବହାର ଉପରେ କଟକଣା ଜାରି କରାଯାଇଛି । ଫଳରେ ଯେଉଁ ଜଙ୍ଗଲ ଓ ଜମି ଉପରେ ସେମାନଙ୍କର ବହୁଦିନର ଅଧିକାର ଥିଲା ସେହି ଅଧିକାରରୁ ସେମାନେ ବଞ୍ଚିତ ହେଉଛନ୍ତି ।

ଜନଜାତିମାନେ ସାଧାରଣ ଲୋକମାନଙ୍କ ସଂସ୍ପର୍ଶରେ ଆସିବାପରେ ଅର୍ଥନୈତିକ ଶୋଷଣର ଶୀକାର ହେଉଛନ୍ତି । ଠିକାଦାର, ମହାଜନ, ସାହୁକାର ଓ ଅନ୍ୟମାନେ ସେମାନଙ୍କର ସରଳତାର ସୁଯୋଗ ନେଇ ସେମାନଙ୍କୁ ଶୋଷଣ କରୁଛନ୍ତି । ଏପରିକି ସେମାନେ ସାହୁକାରମାନଙ୍କ ଜମିରେ ବିନା ପାରିଶ୍ରମିକରେ କାମ କରିଥାଆନ୍ତି ।

୨. ସାମାଜିକ ସମସ୍ୟା (Social Problems) : ଜନଜାତିମାନେ ସ୍ତ୍ରୀ-ଧନ, ବାଲ୍ୟ ବିବାହ, ଅନ୍ଧ ବିଶ୍ୱାସ, କୁସଂସ୍କାର ଓ ବେଶ୍ୟାବୃତ୍ତି ଇତ୍ୟାଦି ସାମାଜିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ।

୩. ସାଂସ୍କୃତିକ ସମସ୍ୟା (Cultural Problems) : ଜନଜାତିମାନଙ୍କର ଅନ୍ୟ ଏକ ସମସ୍ୟା ହେଉଛି ଆନ୍ତଃଜନଜାତି ସାଂସ୍କୃତି ତାରତମ୍ୟ ଜନିତ ସମସ୍ୟା । ବିଭିନ୍ନ ଜନଜାତି ମଧ୍ୟରେ ଭାଷା ମଧ୍ୟ ସମସ୍ୟା ସୃଷ୍ଟି କରିଥାଏ । ଏହା ସହିତ ଜନଜାତି କଳାର ଦ୍ରୁତ ଅବକ୍ଷୟ ହେଉଛି ।

୪. ଧାର୍ମିକ ସମସ୍ୟା (Religious Problems) : କେତେକ ଜନଜାତି ଖ୍ରୀଷ୍ଟିୟାନ୍ ଓ ହିନ୍ଦୁ ଧର୍ମକୁ ଗ୍ରହଣ କରିନେଇଛନ୍ତି । ଫଳରେ ସେମାନେ ବିଭିନ୍ନ ଧାର୍ମିକ ସମ୍ପ୍ରଦାୟରେ ବିଭକ୍ତ ହୋଇପାରୁଛନ୍ତି । ସେମାନଙ୍କର ପୂର୍ବରୁ ଯେଉଁ ଦୃଢ଼ ଧାର୍ମିକ ସଂଗଠନ ଥିଲା ତାହା କ୍ରମଶଃ ଭାଙ୍ଗିପଡୁଛି । ସେମାନଙ୍କର ଧାର୍ମିକ ବିଶ୍ୱାସ କ୍ରମଶଃ କ୍ଷୟ ହେବାରେ ଲାଗିଛି । ଫଳରେ ସେମାନଙ୍କର ସାମୂହିକ ଜୀବନ ଓ ସଂହତିକୁ ନଷ୍ଟ ହେବା ସହିତ ସେମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି ହେଉଛି ।

୫. ଶିକ୍ଷାଗତ ସମସ୍ୟା (Educational Problems) : ଆର୍ଥିକ ଅସ୍ୱଚ୍ଛଳତା କାରଣରୁ ଜନଜାତିମାନେ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି । ତେଣୁ ସେମାନଙ୍କ ମଧ୍ୟରେ ଅଶିକ୍ଷା ଓ ନିରକ୍ଷରତା ପ୍ରଧାନ ସମସ୍ୟା । ଶିକ୍ଷାଗତ ସମସ୍ୟା ଜନଜାତିମାନଙ୍କର ଅନ୍ୟ ସମସ୍ୟାଗୁଡ଼ିକୁ ଜନ୍ମ ଦେଇଥାଏ । ନିରକ୍ଷରତା ଯୋଗୁ ସେମାନେ ଅଜ୍ଞ ଓ ଅନ୍ୟମାନଙ୍କ ଦ୍ୱାରା ଶୋଷିତ ହୋଇଥାନ୍ତି । ଶିକ୍ଷାର ଅଭାବରୁ ସେମାନଙ୍କର ଅନେକ କୁସଂସ୍କାର ଓ ଅନ୍ଧବିଶ୍ୱାସ ରହିଥାଏ ।

ଏହାଛଡ଼ା ଜନଜାତିମାନେ ବାସସ୍ଥଳ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ଅଣଆଦିବାସୀମାନଙ୍କ ସଂସ୍ପର୍ଶରେ ଆସିବା ଫଳରେ ସେମାନଙ୍କ ମଧ୍ୟରେ ନୂତନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଛି ।

## ଅନୁସୂଚିତ ଜନଜାତିମାନଙ୍କର ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ସରକାରୀ ପଦକ୍ଷେପ

### Government Measures taken for the Tribal Development

ଅନୁସୂଚିତ ଜନଜାତିମାନଙ୍କର ବିକାଶ ଓ କଲ୍ୟାଣ ନିମନ୍ତେ ସରକାର ବହୁ ପଦକ୍ଷେପମାନ ଗ୍ରହଣ କରିଛନ୍ତି । ସେମାନଙ୍କ ବିକାଶ ନିମନ୍ତେ ଭାରତୀୟ ସମ୍ବିଧାନରେ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି ।

**ସାମ୍ବିଧାନିକ ସୁରକ୍ଷା (Constitutional Safeguards) :** ଅନୁସୂଚୀତ ଜନଜାତିମାନଙ୍କ ବିକାଶ ନିମନ୍ତେ ନିମ୍ନଲିଖିତ ସାମ୍ବିଧାନିକ ପଦକ୍ଷେପମାନ ଗ୍ରହଣ କରାଯାଇଛି ।

୧. ସମ୍ବିଧାନର ୧୬ ଓ ୩୩୫ ଧାରା ଅନୁସାରେ ପ୍ରତି ରାଜ୍ୟରେ ତଫସିଲଭୁକ୍ତ ଜନଜାତିମାନଙ୍କ ପାଇଁ ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷିତ କରାଯାଇଛି ।

୨. ସମ୍ବିଧାନର ୩୩୦, ୩୩୨ ଓ ୩୩୪ ଧାରାରେ ବ୍ୟବସ୍ଥା ରହିଛି ଯେ, ୧୯୯୦ ମସିହା ଜାନୁୟାରୀ ୨୫ ତାରିଖ ପର୍ଯ୍ୟନ୍ତ ଲୋକସଭା ଓ ରାଜ୍ୟ ବିଧାନସଭାରେ ତଫସିଲଭୁକ୍ତ ଜନଜାତିର ସଦସ୍ୟମାନଙ୍କର ସ୍ୱତନ୍ତ୍ର ପ୍ରତିନିଧିମାନେ ପ୍ରତିନିଧିତ୍ୱ କରିପାରିବେ ।

୩. ସମ୍ବିଧାନର ୧୬୪ ଓ ୩୩୮ ଧାରା ଏବଂ ପଞ୍ଚମ ଅନୁସୂଚୀରେ ବ୍ୟବସ୍ଥା ଅଛି ଯେ ଜନଜାତିଙ୍କର ବିକାଶ ତଥା ସୁରକ୍ଷା ପାଇଁ କେନ୍ଦ୍ରରେ ଏକ 'ଜନଜାତୀୟ ପରାମର୍ଶଦାତା ପରିଷଦ' (Tribal Advisory Council) ଏବଂ ରାଜ୍ୟଗୁଡ଼ିକର ପୃଥକ୍ ବିଭାଗ ଗଠନ କରାଯିବା ସହିତ ଜଣେ ସ୍ୱତନ୍ତ୍ର ଅଫିସରଙ୍କୁ ନିଯୁକ୍ତି ନିଆଯିବ।

୪. ସମ୍ବିଧାନର ୨୨୪ ଧାରା ସହିତ ପଞ୍ଚମ ଓ ଷଷ୍ଠ ଅନୁସୂଚୀ ଅନୁସାରେ ଅନୁସୂଚୀତ ଅଞ୍ଚଳର ପ୍ରଶାସନିକ ନିୟନ୍ତ୍ରଣ ବ୍ୟବସ୍ଥା ରହିବ।

ତଫସିଲଭୁକ୍ତ ଜନଜାତିମାନଙ୍କର ବିକାଶ ତଥା ଉନ୍ନତିକୁ ତଦାରଖ କରିବା ନିମିତ୍ତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ବିଭାଗମାନ ପ୍ରତିଷ୍ଠା କରାଯାଇଛି। ସମ୍ବିଧାନର ୧୬୪ ଧାରାନୁସାରେ ବିହାର, ମଧ୍ୟପ୍ରଦେଶ ଓ ଓଡ଼ିଶାରେ ଜନଜାତି ବିକାଶ ନିମନ୍ତେ ସ୍ୱତନ୍ତ୍ର ମନ୍ତ୍ରୀଙ୍କ ନିଯୁକ୍ତିର ବ୍ୟବସ୍ଥା କରାଯାଇଛି।

**ଜନଜାତୀୟ ଅଞ୍ଚଳ ପାଇଁ ପ୍ରଶାସନିକ ବ୍ୟବସ୍ଥା (Administration for Tribal Area) :** ୨୪୪ ଧାରା ଏବଂ ପଞ୍ଚମ ଅନୁସୂଚୀ ଅନୁଯାୟୀ ଆନ୍ଧ୍ରପ୍ରଦେଶ, ବିହାର, ଗୁଜୁରାଟ, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ରାଜସ୍ଥାନ ପ୍ରଭୃତି ରାଜ୍ୟରେ କେତେକ ଅଞ୍ଚଳକୁ ରାଜ୍ୟର ରାଜ୍ୟପାଳମାନେ ପ୍ରତିବର୍ଷ ଉକ୍ତ ଅଞ୍ଚଳର ବ୍ୟବସ୍ଥା ସମ୍ବନ୍ଧୀୟ ଏବଂ ରିପୋର୍ଟ ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପିତ କରିବେ।

ଭାରତ ସରକାର ତଫସିଲଭୁକ୍ତ ଜନଜାତିଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ସୁରକ୍ଷାର କାର୍ଯ୍ୟକାରିତାକୁ ତଦାରଖ କରିବା ପାଇଁ ସଂସଦୀୟ କମିଟିମାନ ଗଠନ କରିଛନ୍ତି।

ଉପରୋକ୍ତ ପଦକ୍ଷେପ ସହିତ ସେମାନଙ୍କର ଅର୍ଥନୈତିକ ଉନ୍ନତି ଓ ଶିକ୍ଷାର ପ୍ରସାର ନିମନ୍ତେ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି। ପ୍ରତ୍ୟେକ ପଞ୍ଚବାର୍ଷିକ ଯୋଜନାରେ ଜନଜାତିମାନଙ୍କ କଲ୍ୟାଣ ନିମନ୍ତେ ସ୍ୱତନ୍ତ୍ର ଯୋଜନାମାନ ହାତକୁ ନିଆଯାଇଛି।

ଗ୍ରାମ୍ୟ ବିକାଶ ନିମନ୍ତେ ଗୋଷ୍ଠୀ ଉନ୍ନୟନ ଯୋଜନାକୁ କାର୍ଯ୍ୟ କରାଯାଇଥିଲା। ମାତ୍ର ଜନଜାତି ଅଞ୍ଚଳଗୁଡ଼ିକ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ସେଠାରେ ଭିତ୍ତିଭୂମିର ସୁବିଧା ନଥିବାରୁ ଜନଜାତିମାନେ ଗୋଷ୍ଠୀ ଉନ୍ନୟନ ଯୋଜନାର ସୁଫଳ ପାଇପାରିଲେ ନାହିଁ। ତେଣୁ ଜନଜାତିମାନଙ୍କର ଉନ୍ନତି ନିମନ୍ତେ ଜନଜାତି ବିକାଶ ମଣ୍ଡଳ (Tribal Development Block) କାର୍ଯ୍ୟକାରୀ କରାଗଲା। ଜନଜାତିମାନଙ୍କର ଅର୍ଥନୈତିକ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୋଗାଯୋଗ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିବା ଉଦ୍ଦେଶ୍ୟରେ ତୃତୀୟ ପଞ୍ଚବାର୍ଷିକ ଯୋଜନାର ଶେଷ ସୁଧା ଦେଶରେ ୫୦୦ଟି ଜନଜାତି ଉନ୍ନୟନ ମଣ୍ଡଳ ସୃଷ୍ଟି କରାଗଲା। କିନ୍ତୁ ଦେଶରେ ଜନଜାତି ଉନ୍ନୟନ ମଣ୍ଡଳଗୁଡ଼ିକର ସଂଖ୍ୟା ବଢ଼ାଗଲା ନାହିଁ।

ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ସମୟରେ ଅନେକଗୁଡ଼ିଏ ଯୋଜନା, ଯଥା– କ୍ଷୁଦ୍ର ଋଷି ଉନ୍ନୟନ ପ୍ରତିଷ୍ଠାନ, ନାମମାତ୍ର ଋଷି ଓ କୃଷି ଉନ୍ନୟନ ପ୍ରତିଷ୍ଠାନ ଇତ୍ୟାଦି କାର୍ଯ୍ୟକାରୀ କରାଗଲା। ଏହି ଯୋଜନାରେ ଜନଜାତିମାନଙ୍କୁ ଅଗ୍ରାଧିକାର ଦିଆଗଲା।

ଜନଜାତିମାନଙ୍କର ଉନ୍ନତି ନିମନ୍ତେ ପଞ୍ଚମ ଯୋଜନା ସମୟରେ ଜନଜାତି ଉନ୍ନୟନ ପ୍ରତିଷ୍ଠାନ କରାଗଲା। ପ୍ରତ୍ୟେକ ଜନଜାତି ଉନ୍ନୟନ ପ୍ରତିଷ୍ଠାନ କେତେକ ଜନଜାତି ଉନ୍ନୟନ ମଣ୍ଡଳକୁ ଅନ୍ତର୍ଭୁକ୍ତ କରିଥାଏ। ଜନଜାତିମାନଙ୍କର ଅର୍ଥନୈତିକ ଉନ୍ନତି କରିବା ଓ ସେମାନଙ୍କୁ ବିଭିନ୍ନ ସାମାଜିକ ସେବା ପ୍ରଦାନ କରିବା ଜନଜାତି ଉନ୍ନୟନ ପ୍ରତିଷ୍ଠାନଗୁଡ଼ିକର ମୁଖ୍ୟ ଲକ୍ଷ୍ୟ। ମାତ୍ର ଏହି ଯୋଜନାଗୁଡ଼ିକ ସୁଫଳ ପ୍ରଦାନ କରିବାରେ ସମର୍ଥ ହୋଇପାରିଲା ନାହିଁ। ଏହାଛଡ଼ା ଜନଜାତି ଉନ୍ନୟନ ମଣ୍ଡଳଗୁଡିକ ସେମାନଙ୍କର ଜଟିଳ ସମସ୍ୟାଗୁଡିକୁ ସମାଧାନ କରିବା କ୍ଷେତ୍ରରେ ସଫଳ ହେଲା ନାହିଁ।

ଜଟିଳ ଓ ବିବିଧ ଜନଜାତି ସମସ୍ୟାଗୁଡିକର ସମାଧାନ ନିମନ୍ତେ 'ଜନଜାତି ଉପଯୋଜନା' ନାମକ ଏକ ବ୍ୟାପକ ଯୋଜନାର ଆରମ୍ଭ ହେଲା। ଏହି ଯୋଜନାଟି ପଞ୍ଚମ ପଞ୍ଚବାର୍ଷିକ ଯୋଜନା ସମୟରେ ଆରମ୍ଭ ହେଲା। ଏହି ଯୋଜନାଟି ପଞ୍ଚ ପଞ୍ଚବାର୍ଷିକ ଯୋଜନା ସମୟରେ ଆରମ୍ଭ ହେଲା। ଏହି ଯୋଜନା ଅନୁସାରେ ଏକ ଉନ୍ନୟନ ମଣ୍ଡଳ ହେଉଛି ବିକାଶର କ୍ଷୁଦ୍ର ଏକକ ଯେଉଁ ମଣ୍ଡଳ ବା ବ୍ଲକର ଜନଜାତି ଜନଂସଖ୍ୟା ଶତକଡ଼ା ପଚାଶ ଭାଗରୁ ଅଧିକ ସେହି ମଣ୍ଡଳକୁ ଜନଜାତି ଉପ-ଯୋଜନା ଅଞ୍ଚଳ ଭାବରେ ଗ୍ରହଣ କରାଗଲା। ପ୍ରତ୍ୟେକ ମଣ୍ଡଳ ବା ଉପଯୋଜନା ଅଞ୍ଚଳକୁ ସମନ୍ୱିତ ଜନଜାତି ଉନ୍ନୟନ ପ୍ରକଳ୍ପ କୁହାଗଲା। ସମନ୍ୱିତ ଜନଜାତି ଉନ୍ନୟନ ପ୍ରକଳ୍ପ ପଚାଶ ଭାଗ ବା ତାହାଠାରୁ ଅଧିକ ଜନଜାତି ବିଶିଷ୍ଟ ଉପଖଣ୍ଡ ବା ଜିଲ୍ଲା ବା ତହସିଲକୁ ନେଇ ଗଠିତ ହୋଇଥାଏ।

ଜନଜାତିମାନଙ୍କର ସାମଗ୍ରିକ ଉନ୍ନତି କରିବା ହେଉଛି ଏକ ପ୍ରକଳ୍ପଗୁଡିକର ମୁଖ୍ୟ ଉଦ୍ଦେଶ୍ୟ। ସେମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା, ଶିକ୍ଷା ଓ ସ୍ୱାସ୍ଥ୍ୟର ବ୍ୟବସ୍ଥା କରିବା ଜନଜାତି ଅଞ୍ଚଳରେ ଭିତ୍ତିଭୂମିର ବିକାଶ କରିବା କୃଷି, କୁଟୀର ଶିଳ୍ପର ବିକାଶ କରିବା ଲକ୍ଷ୍ୟ ନେଇ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହୋଇଆସୁଛି।

ଜନଜାତି ଉପଯୋଜନା ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତା ଯୋଗାଇ ଥାଆନ୍ତି।

ଏହି ଯୋଜନା ସପ୍ତ ପଞ୍ଚବାର୍ଷିକ ଯୋଜନା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା। କିନ୍ତୁ ଅଷ୍ଟମ ଯୋଜନା ସମୟରେ ସାମାଜିକ ବିକାଶ ସମ୍ବନ୍ଧୀୟ ହସ୍ତକ୍ଷେପ, ବାଣିଜ୍ୟିକ ଶୋଷଣ ଓ ପ୍ରଶାସନିକ ହସ୍ତକ୍ଷେପ ଦ୍ୱାରା ଜନଜାତିମାନଙ୍କର ସାଧନ ଆଧାର ଓ ସାମାଜିକ ତଥା ସାଂସ୍କୃତିକ ଐତିହ୍ୟର ଅପକ୍ଷୟ ହେଉଛି ବୋଲି ଅନୁଭବ କରାଗଲା। ତେଣୁ ଅଷ୍ଟମ ଯୋଜନା କାଳରୁ ସେମାନଙ୍କୁ ବିଭିନ୍ନ ପ୍ରକାର ଶୋଷଣରୁ ମୁକ୍ତି ଦେବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ସହିତ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ନିମନ୍ତେ ସେମାନଙ୍କୁ ଅନୁମତି ଦିଆଯାଇଛି ଏବଂ ଭୂମି ଉପରେ ସେମାନଙ୍କର ଅଧିକାର ସାବ୍ୟସ୍ତ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି। ସେମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି କ୍ଷେତ୍ରରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି।

ସେମାନଙ୍କୁ ମାଗଣାରେ ଶିକ୍ଷା, ବହିପତ୍ର ଓ ପାଠ୍ୟଉପକରଣ ଯୋଗାଇ ଦିଆଯାଉଛି। ଗ୍ରାମ ପଞ୍ଚାୟତ, ବିଧାନସଭା, ସଂସଦ, ସରକାରୀ ଚାକିରି, ଶିକ୍ଷାନୁଷ୍ଠାନମାନଙ୍କରେ ସେମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଜନଜାତି ଅଂଚଳଗୁଡ଼ିକରେ ଅଗ୍ରାଧିକାର ଭିତ୍ତିରେ ପାନୀୟ ଜଳ ଓ ବାସଗୃହ ଯୋଗାଣ ପାଇଁ ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି। ଇନ୍ଦିରା ଆବାସ ଓ ଅନ୍ୟ ଆବାସ ଯୋଜନା ମାଧ୍ୟମରେ ବାସଗୃହ ବ୍ୟବସ୍ଥା କରାଯାଉଛି। ଜନଜାତିମାନଙ୍କର ବିକାଶ ଓ କଲ୍ୟାଣ ନିମନ୍ତେ ବେସରକାରୀ ସଂସ୍ଥାମାନଙ୍କୁ ସରକାର ଅନୁଦାନ ପ୍ରଦାନର ମଧ ବ୍ୟବସ୍ଥା କରିଛନ୍ତି। ଏହିପରି ଭାବରେ ଜନଜାତିମାନଙ୍କର ବିକାଶ ଓ କଲ୍ୟାଣ ନିମନ୍ତେ ନିରବଚ୍ଛିନ୍ନ ଭାବରେ ଚେଷ୍ଟା କରାଯାଇଛି।

# ଜନଜାତି ଆନ୍ଦୋଳନ
# Tribal Movements

## ସ୍ୱାଧୀନତା ପୂର୍ବରୁ ଜନଜାତି ଆନ୍ଦୋଳନ
## Tribal Movements Before Independence

ବ୍ରିଟିଶ୍ ସରକାର ପୂର୍ବ ଭାରତକୁ ନିଜ ନିୟନ୍ତ୍ରଣକୁ ନେଇଯିବା ପରେ ଆଦିବାସୀମାନେ ବ୍ରିଟିଶ୍ ସରକାର ବିରୋଧରେ ବିଦ୍ରୋହ ଆରମ୍ଭ କଲେ। ବିଦେଶୀ ଶାସନ କଡ଼ା ବିରୋଧର ସମ୍ମୁଖୀନ ହେଲା। ଓଡ଼ିଶା, ବଙ୍ଗଳା, ବର୍ତ୍ତମାନର ଝାଡ଼ଖଣ୍ଡ ଓ ଛତିଶଗଡ଼ର ଅସଂଖ୍ୟ ଜନଜାତି ବ୍ରିଟିଶ୍ ସରକାରକୁ ଦୃଢ଼ ଭାବେ ବିରୋଧ କଲେ।

ଏହି ପ୍ରସଙ୍ଗରେ ଉଲ୍ଲେଖ କରାଯାଇଛି ଯେ ଓଡ଼ିଶାର ଜନଜାତି ହେଉଛନ୍ତି ପ୍ରଥମ ଯେଉଁମାନେ କି ବ୍ରିଟିଶ୍ ଶାସନ ବିରୋଧରେ ଯୁଦ୍ଧ ଆରମ୍ଭ କରିଥିଲେ। ୧୭୬୫ ମସିହାରେ ରାଜା କୃଷ୍ଣ ଭଞ୍ଜ ଅଧିନରେ କନ୍ଧମାନେ ବ୍ରିଟିଶ୍ ବିରୁଦ୍ଧରେ ଯୁଦ୍ଧ କରିଥିଲେ ଏବଂ ଅନେକଙ୍କର ଏଥିରେ ମୃତ୍ୟୁ ହୋଇଥିଲା। ସେହି ବର୍ଷ ପାରଳାଖେମୁଣ୍ଡି ରାଜା ନାରାୟଣ ଦେବ ଆଉ ଏକ ଯୁଦ୍ଧ କଲେ ଯେଉଁଥିରେ ୩୦ ଜଣ ଆଦିବାସୀ ପ୍ରାଣ ହରାଇଲେ।

୧୭୭୨ରେ ପାହାଡ଼ିଆ ବିଦ୍ରୋହ ଆରମ୍ଭ ହେଲା। ପାଞ୍ଚବର୍ଷ ଧରି ତିଲକ ମାଝିଙ୍କ ଏହି ବିଦ୍ରୋହର ନେତୃତ୍ୱ ନେଲେ। ଶେଷରେ ତାଙ୍କୁ ଭାଗଲପୁରରେ ୧୭୮୫ରେ ଫାଶୀ ଦିଆଗଲା। ପରବର୍ତ୍ତୀ ଦୁଇ ଦଶନ୍ଧିରେ ସିଂହଭୂମୀ, ଗୁମ୍ଳା, ବାଙ୍କୁରା, ମନଭୂମି ଓ ପାଲାମାରେ ବିଦ୍ରୋହ ଦେଖା ଦେଲା।

ବ୍ରିଟିଶ୍ ବିରୁଦ୍ଧରେ ଓଡ଼ିଶାର ସଂଘର୍ଷ ଇତିହାସରେ ଅନେକ ଆନ୍ଦୋଳନ ସଂଗଠିତ ହୋଇଥିଲା। ଯେଉଁ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ହୋଇଥିଲା ସେଗୁଡିକ ହେଲା ୧୮୭୭ ମସିହାରେ ସାମନ୍ତ ଶାସକଙ୍କ ବିରୋଦ୍ଧରେ କନ୍ଧମେଳି ଓ କନ୍ଧମାନଙ୍କ ବିଦ୍ରୋହ, ୧୮୪୬ରୁ ୧୮୫୬ ମସିହା ମଧ୍ୟରେ ଚକରା ବିଶୋଇଙ୍କ ନେତୃତ୍ୱରେ କନ୍ଧମାନଙ୍କର ସଂଘର୍ଷ। ଏହା ଇତିହାସ ପୃଷ୍ଠାରେ ଲେଖିହୋଇ ରହିଛି। ସେହିପରି ଓଡ଼ିଶାର ସାନ୍ତାଳମାନେ ମୁର୍ମୁ ଭାଇଙ୍କ ନେତୃତ୍ୱରେ ବ୍ରିଟିଶ୍ ଶୋଷଣ ବିରୁଦ୍ଧରେ ସଂଘର୍ଷ, ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇ ରହିଛି।

୧୮୫୫-୧୮୫୭ର ବିଦ୍ରୋହ ସାନ୍ତାଳ ଇତିହାସରେ ଏକ ବିଶିଷ୍ଟ ଘଟଣା ଅଟେ। ୧୮୫୫ ମସିହାରେ ସାନ୍ତାଳମାନେ ଲର୍ଡ଼ କର୍ଣ୍ଣୱାଲିସ୍‌ଙ୍କ ସ୍ଥାୟୀ ବନ୍ଦୋବସ୍ତ ବିରୋଦ୍ଧରେ ଯୁଦ୍ଧ ଆରମ୍ଭ କଲେ। ୧୮୫୫ ମସିହା ଜୁନ୍ ୩୦ ତାରିଖରେ ଦଶ ହଜାରରୁ ଉର୍ଦ୍ଧ୍ୱ ସାନ୍ତାଳ ସେମାନଙ୍କର ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦ କରିବା ନିମନ୍ତେ ବିରାଟ ଶୋଭାଯାତ୍ରା ବାହାର କଲେ। ବ୍ରିଟିଶ୍, ଜମିଦାର ଓ ମହାଜନମାନଙ୍କର ଅତ୍ୟାଚାର ଓ ଶୋଷଣର ପରିସମାପ୍ତି ନିମନ୍ତେ ସିଦ୍ଧୁ ଓ କାନୋଙ୍କ ଦ୍ୱାରା ପରିଚାଳିତ ଶୋଭାଯାତ୍ରାରେ ସ୍ୱତନ୍ତ୍ର ସାନ୍ତାଳ ରାଜ୍ୟ ସ୍ଥାପନ କରିବାପାଇଁ ନିଷ୍ପତ୍ତି ନେଲେ। ଏହି ବିଦ୍ରୋହରେ ୧୫ ରୁ ୨୦ ହଜାର ପର୍ଯ୍ୟନ୍ତ ସାନ୍ତାଳମାନଙ୍କୁ ହତ୍ୟା କରାଗଲା।

୧୮୫୮ ମସିହା ସ୍ୱାଧୀନତା ସଂଗ୍ରାମରେ ଅନେକ ଆଦିବାସୀ ନେତା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ୧୮୫୮ ମସିହାରେ ସାନ୍ତାଳ ଓ ଏହାର ନେତାମାନେ ପରାସ୍ତ ହେଲେ। ଏହା ଫଳରେ ବ୍ରିଟିଶ୍ ଶୋଷଣ ଓ

ଅତ୍ୟାଚାର ଅଧିକ ଘନିଭୂତ ହେବାକୁ ଲାଗିଲା । ୧୮୬୫ ମସିହା ଜଙ୍ଗଲ ପରିଚାଳନା ଆଇନ ପ୍ରଣୀତ ହେବାପରେ ସମସ୍ତ ଜଙ୍ଗଲ ଜମିକୁ ସରକାରୀ ଜମିରୂପେ ଘୋଷଣା କରାଗଲା । ଜଙ୍ଗଲ ଜମି ଉପରେ ଆଦିବାସୀମାନଙ୍କର ଅଧିକାର ଉପରେ ଏହି ଆଇନରେ କୌଣସି ବ୍ୟବସ୍ଥା ରହିଲା ନାହିଁ । ଆଉ ଏକ କଠୋର ଜଙ୍ଗଲ ଆଇନ ଯାହା ୧୮୭୮ ମସିହା ଭାରତୀୟ ଜଙ୍ଗଲ ଆଇନ ଭାବରେ ପରିଚିତ ତାହା ପ୍ରଣୀତ ହେଲା । ଏହି ଆଇନ ଜମି ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଆଦିବାସୀମାନଙ୍କର ଅଧିକାର ଉପରେ କଟକଣା ଜାରିକଲା । ଫଳରେ ଆଦିବାସୀମାନେ ଜଙ୍ଗଲ ଉପରେ ଥିବା ସେମାନଙ୍କର ଅଧିକାର ହରାଇଲେ ।

ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ବ୍ରିଟିଶ୍ ସରକାର ବିରୋଧରେ ଦେଖାଦେଇଥିବା ସଂଘର୍ଷ ମଧ୍ୟରୁ ବିର୍ସା ମୁଣ୍ଡା ଆନ୍ଦୋଳନ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ଥିଲା । ବିର୍ସା ମୁଣ୍ଡା ନେତୃତ୍ୱରେ ଦୀର୍ଘଦିନ ଧରି ପରିଚାଳିତ ଏହି ଆନ୍ଦୋଳନ ବ୍ରିଟିଶ୍ ନୀତି ବିରୁଦ୍ଧରେ ଉଦ୍ଦିଷ୍ଟ ଥିଲା, ଯେଉଁ ନୀତି ଫଳରେ ଜମିଦାର ଓ ସାହୁକାରମାନେ ଆଦିବାସୀମାନଙ୍କୁ ଶୋଷଣ କରୁଥିଲେ । ଶେଷରେ ବିର୍ସା ମୁଣ୍ଡାକୁ ଜେଲକୁ ପଠାଇ ଦିଆଗଲା ।

ଜେଲରୁ ବାହାରିବା ପରେ ବିର୍ସା ମୁଣ୍ଡା ସଂଗ୍ରାମ ଚଳାଇ ରଖିବାକୁ ତାଙ୍କର ଲୋକମାନଙ୍କୁ କହିଲେ । ସେ ଜଣେ ରାଜନୈତିକ ନେତା ହୋଇଗଲେ ଏବଂ ସ୍ୱାୟତଶାସନ ଲକ୍ଷରେ ନିଜ ଲୋକଙ୍କୁ ନେତୃତ୍ୱ ଦେଲେ । ଫଳରେ ସେ ଗିରଫ ହେଲେ ଓ ଜେଲ ଭିତରେ ତାଙ୍କର ମୃତ୍ୟୁ ହେଲା । ତେବେ ଲୋକମାନଙ୍କ ମଧ୍ୟରେ ବିଦ୍ରୋହର ଯେଉଁ ବିଜ ବିପନ ହେଲା ତାହା ସେମାନଙ୍କୁ ପ୍ରେରଣା ଯୋଗାଇଲା ଓ ଅନ୍ୟାୟ ବିରୋଧରେ ସେମାନଙ୍କ ସଂଗ୍ରାମ ଜାରି ରହିଲା । ଏହି ଆନ୍ଦୋଳନକୁ ପରବର୍ତ୍ତୀ ସମୟରେ ଝାଡ଼ଖଣ୍ଡ ଆନ୍ଦୋଳନ ଜନ୍ମ ଦେଇଥିଲା ।

୧୯୧୪ ମସିହାରେ ଭଗତ ଆନ୍ଦୋଳନ ନାମରେ ଓରାଓଁମାନେ ଏକ ଆନ୍ଦୋଳନ ଆରମ୍ଭ କଲେ । ଏହା ବିହାର ଛୋଟନାଗପୁରର ଓରାଓଁମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଏକ ଆନ୍ଦୋଳନ । ଅବଶ୍ୟ ଏହା ଏକ ଧାର୍ମିକ ଆନ୍ଦୋଳନ ଥିଲା ।

୧୯୨୨ ମସିହା ଅଗଷ୍ଟ ମାସରେ ଆନ୍ଧ୍ରପ୍ରଦେଶର ପାହାଡ଼ିଆ ଅଞ୍ଚଳରେ ଆଲୁରୀ ରାମଚନ୍ଦ୍ର ରାଜୁଙ୍କ ଦ୍ୱାରା ପରିଚାଳିତ ଏକ ବିଦ୍ରୋହ ଦେଖାଦେଲା । ପାହାଡ଼ିଆ ଅଞ୍ଚଳର ଆଦିବାସୀମାନେ ବ୍ରିଟିଶ୍ ବିରୋଧରେ ଗରିଲା ଯୁଦ୍ଧ ଚଳାଇଲେ । ଏହି ଯୁଦ୍ଧକୁ ସମ୍ଭାଳିବାରେ ବ୍ରିଟିଶ୍ ଅସମର୍ଥ ହେବାରୁ ମାଲବାରର ସ୍ୱତନ୍ତ୍ର ବାହିନୀ ଦ୍ୱାରା ଆଦିବାସୀମାନଙ୍କୁ ଦମନ କଲେ ଓ ଆଲୁରି ରାଜୁଙ୍କର ମୃତ୍ୟୁ ହେଲା ।

ପ୍ରାକ୍-ସ୍ୱାଧୀନ ଓଡ଼ିଶାରେ କୋରାପୁଟର ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ବ୍ରିଟିଶମାନଙ୍କ ବିରୋଧରେ ଚୂଡ଼ାନ୍ତ ସଂଘର୍ଷ କମ୍ ସମୟ ପାଇଁ ହୋଇଥିଲା । ୧୯୪୩ ମସିହା ମାର୍ଚ୍ଚ ମାସରେ ବ୍ରହ୍ମପୁର ଜେଲରେ ଲକ୍ଷ୍ମଣ ନାୟକଙ୍କୁ ଫାସୀ ଦିଆଗଲା ।

ଭାରତରେ ଯେତେବେଳେ ସ୍ୱାଧୀନତା ଆନ୍ଦୋଳନ ବ୍ୟାପକ ହେଲା ସେତେବେଳେ ଆଦିବାସୀମାନେ ଏଥିରେ ବହୁସଂଖ୍ୟାରେ ଯୋଗଦେଲେ । ଏକ ନୂତନ ଗଣତାନ୍ତ୍ରିକ ଯୁଗର ଆରମ୍ଭ ଲକ୍ଷ୍ୟରେ ଅନେକ ଭୂମିହୀନ ଓ ନିଷ୍ପେଷିତ ଆଦିବାସୀ ଆନ୍ଦୋଳନରେ ଅଂଶ ଗ୍ରହଣ କଲେ ।

## ସ୍ୱାଧୀନତା ପରେ ଜନଜାତି ଆନ୍ଦୋଳନ
## Tribal Movements After Independence

ଦୁର୍ଭାଗ୍ୟବଶତଃ, ସ୍ୱାଧୀନତାର ୬୭ ବର୍ଷ ପରେ ମଧ୍ୟ ଭାରତର ଆଦିବାସୀମାନେ ସ୍ୱାଧୀନତାର ଲାଭ ବିଶେଷ ଭାବେ ପାଇପାରି ନାହାଁନ୍ତି। ଯଦିଓ ଭାରତରେ ସ୍ୱାଧୀନତା ଅଧିକାଂଶ ଭାରତୀୟମାନଙ୍କୁ ପର୍ଯ୍ୟାପ୍ତ ଲାଭ ପ୍ରଦାନ କରିଛି। ଦଳିତ ଓ ଆଦିବାସୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି ବରଂ ସେମାନଙ୍କ ପାଇଁ ନୂଆ ସମସ୍ୟା ସୃଷ୍ଟି ହୋଇଛି। ଜଙ୍ଗଲ ଧ୍ୱଂସ ଓ ଅବକ୍ଷୟ ସେମାନଙ୍କ ସମସ୍ୟାଗୁଡ଼ିକୁ ଆହୁରି ଜଟିଳ କରିଦେଇଛି। ଫଳରେ ବିଭିନ୍ନ ସମୟରେ ଆନ୍ଦୋଳନ ମୁଣ୍ଡ ଟେକିଛି।

ସ୍ୱାଧୀନତା ପରେ ଜନଜାତି ଆନ୍ଦୋଳନର ମୁଖ୍ୟ କାରଣଗୁଡ଼ିକ ହେଉଛି ଜଙ୍ଗଲ ଓ ଜମି ଉପରେ ସେମାନଙ୍କର ବହୁଦିନର ଅଧିକାରକୁ ଛଡ଼ାଇ ନେବା, ଜଙ୍ଗଲ ଜମିର ବ୍ୟବହାର ଉପରେ କଟକଣା, ଅସନ୍ତୁଳିତ ବିକାଶ ଇତ୍ୟାଦି। ସ୍ୱାଧୀନତା ପରେ କାରଣ ଗୁଡ଼ିକ ଭିତ୍ତିରେ ଜନଜାତି ଆନ୍ଦୋଳନକୁ ତିନି ଭାଗରେ ବିଭକ୍ତ କରାଯାଇପାରେ, ତାହା ହେଲା (୧) ବାହାରର ଅଣଆଦିବାସୀମାନଙ୍କ ଦ୍ୱାରା ସେମାନଙ୍କର ଶୋଷଣ ଯୋଗୁ ଆନ୍ଦୋଳନ (୨) ଅର୍ଥନୈତିକ ବଞ୍ଚନା ଯୋଗୁ ଆନ୍ଦୋଳନ (ମଧ୍ୟପ୍ରଦେଶର ଗୋଣ୍ଡ ଓ ମହାରାଷ୍ଟ୍ରର ମାହାର ଜନଜାତି (୩) ବିଚ୍ଛିନ୍ନତାବାଦୀ ପ୍ରବୃତ୍ତି ଯୋଗୁ ଆନ୍ଦୋଳନ।

ଅଭିମୁଖୀକରଣ (Orientation) ଭିତ୍ତିରେ ଜନଜାତି ଆନ୍ଦୋଳନକୁ ଚାରି ଗୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ, (୧) ଜଙ୍ଗଲ ଭିତ୍ତିକ ଆନ୍ଦୋଳନ (୨) ସାମାଜିକ ଧାର୍ମିକ ଆନ୍ଦୋଳନ ବା ସାମାଜିକ ସାଂସ୍କୃତିକ ଆନ୍ଦୋଳନ, (୩) ରାଜନୈତିକ ସ୍ୱତନ୍ତ୍ରତା ଏବଂ ରାଜ୍ୟଗଠନ ନିମନ୍ତେ ଆନ୍ଦୋଳନ (ନାଗା, ମିଜୋ) ଏବଂ (୪) କୃଷି ବିଷୟକ ଆନ୍ଦୋଳନ। ସ୍ୱାଧୀନ ଭାରତରେ ସଂଗଠିତ ହୋଇଥିବା ଜନଜାତି ଆନ୍ଦୋଳନ ସଂପର୍କରେ ନିମ୍ନରେ ଆଲୋଚନା କରାଗଲା।

୧୯୪୮ ମସିହାରେ ନାଗାବିପ୍ଳବ ଆରମ୍ଭ ହେଲା ଓ ୧୯୭୨ ନୂତନ ନିର୍ବାଚିତ ସରକାର କ୍ଷମତାକୁ ଆସିବା ପର୍ଯ୍ୟନ୍ତ ଓ ନାଗା ବିଦ୍ରୋହକୁ ଦମନ କରିବା ପର୍ଯ୍ୟନ୍ତ ଏହା ଲାଗି ରହିଥିଲା। ୧୯୭୦ ମସିହାରେ ମେଘାଳୟ ରାଜ୍ୟ ଗଠିତ ହେବା ପରେ ମିଜୋ ଆନ୍ଦୋଳନର ପରିସମାପ୍ତି ହେଲା। ଶୋଷଣ, ବାଛବିଚାର, ଅନଗ୍ରସରତା ଓ ସରକାରଙ୍କ ଉଦାସୀନତାରୁ ମୁକ୍ତି ନିମନ୍ତେ ବିଭିନ୍ନ ସମୟରେ ଜନଜାତି ଆନ୍ଦୋଳନମାନ ଗଢ଼ି ଉଠିଛି। ବିହାର, ବଙ୍ଗଳା, ଆନ୍ଧ୍ରରେ ଆଦିବାସୀମାନଙ୍କର ନକ୍ସଲବାଡ଼ି ଆନ୍ଦୋଳନ, ମଧ୍ୟ ପ୍ରଦେଶରେ ଗୋଣ୍ଡ ଓ ଭିଲ୍‌ମାନଙ୍କ କୃଷି ବିଷୟକ ଆନ୍ଦୋଳନ ଇତ୍ୟାଦି ଏହାର ଉଦାହରଣ।

ଏକ ସ୍ୱତନ୍ତ୍ର ରାଜ୍ୟ ସୃଷ୍ଟି ପାଇଁ ଦାବି କରି ଝାଡ଼ଖଣ୍ଡ ଆନ୍ଦୋଳନ ଆରମ୍ଭ କରାଯାଇଥିଲା। ଏହି ଆନ୍ଦୋଳନ ମୁଖ୍ୟତଃ ଶୋଷଣ ଓ ଝାଡ଼ଖଣ୍ଡ ଅଞ୍ଚଳରେ ବାହ୍ୟ ଲୋକଙ୍କ ବହୁଳ ପ୍ରବେଶ ବିରୋଧରେ ଆରମ୍ଭ କରାଯାଇଥିଲା। ଶେଷରେ ଝାଡ଼ଖଣ୍ଡ ରାଜ୍ୟର ସୃଷ୍ଟି ହେଲା।

ଓଡ଼ିଶାର ରାୟଗଡ଼ା ଜିଲ୍ଲାର କାଶିପୁର ଓ ଲକ୍ଷ୍ମୀପୁର ବ୍ଲକ୍, କୋରାପୁଟର ଦଶମନ୍ତପୁର ବ୍ଲକ ଓ କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁରରେ ଆଦିବାସୀମାନେ ଏକ ବହୁରାଷ୍ଟ୍ରୀୟ ଆଲୁମିନିୟମ୍ କମ୍ପାନୀ ବିରୋଧରେ ଆନ୍ଦୋଳନ କରିଛନ୍ତି। ୧୯୯୩ ମସିହାରେ କମ୍ପାନୀର ଉପରୋକ୍ତ ଅଞ୍ଚଳରେ ପ୍ରବେଶଠାରୁ ଏହି ଆନ୍ଦୋଳନ ଆରମ୍ଭ କରାଯାଇଥିଲା। ବାସଚ୍ୟୁତ ଓ ଜୀବିକା ହରାଇବା ଆଶଙ୍କାରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ବିଭିନ୍ନ ସମୟରେ ରାସ୍ତାରୋକ ଓ ସରକାରୀ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବକ୍ସାଇଟ୍ ଖଣିକୁ ନେଇ ବିବାଦ ଯୋଗୁ ଆନ୍ଦୋଳନରେ ତିନିଜଣ ଆଦିବାସୀଙ୍କର ମୃତ୍ୟୁ କାରଣରୁ ଆନ୍ଦୋଳନ ହିଂସାମୁଖୀ ହୋଇପଡ଼ିଥିଲା। ୮୦ ଜଣ ଆଦିବାସୀଙ୍କ ନାମରେ ମୋକଦ୍ଦମା କରାଗଲା। ତେବେ ଏହି ସମସ୍ୟାର ସମାଧାନ ହୋଇନାହିଁ।

୧୯୯୦ ମସିହା ଓ ପରବର୍ତ୍ତୀ ବର୍ଷରେ କେନ୍ଦୁଝର ଜିଲ୍ଲାରେ ଖଣି ପ୍ରକଳ୍ପ ଯୋଗୁ ବାସଚ୍ୟୁତ ଆଦିବାସୀମାନେ ଖଣି ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କରିଥିଲେ। କେନ୍ଦୁଝରରେ ଖଣିଖାଦାନ ଯୋଗୁ ଭାରତର ବିଭିନ୍ନ ଅଞ୍ଚଳରୁ ଶ୍ରମିକମାନେ ବହୁ ସଂଖ୍ୟାରେ ଏଠାକୁ ଆସୁଥିଲେ। ବାହାର ଲୋକମାନଙ୍କ ସଂସ୍କୃତି ସଂସ୍ପର୍ଶରେ ଆସିଲେ ସେମାନଙ୍କ ସଂସ୍କୃତି ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା କରି ଆଦିବାସୀମାନେ ଖଣି ପ୍ରକଳ୍ପଗୁଡ଼ିକୁ ଓ ସେମାନଙ୍କ ଅଞ୍ଚଳରେ ବାହାର ଲୋକମାନଙ୍କ ପ୍ରବେଶକୁ ବିରୋଧ କରୁଥିଲେ। ଏହାଛଡ଼ା ଅଧିକ ବାସଚ୍ୟୁତ ଓ ଜଙ୍ଗଲ ଧ୍ୱଂସ ଆଶଙ୍କାରେ ଭୂୟାଁ, ଜୁଆଙ୍ଗ, ମୁଣ୍ଡା, ସାନ୍ତାଳ ଓ କନ୍ଧ ଆଦି ଆଦିବାସୀମାନେ ଖଣି ପ୍ରକଳ୍ପକୁ ବିରୋଧ କରି ଆସୁଛନ୍ତି। ଏମାନଙ୍କ ଦ୍ୱାରା ଚାଲୁ ରହିଥିବା ଆନ୍ଦୋଳନ ଅତ୍ୟନ୍ତ ଲୋକପ୍ରିୟ। କିନ୍ତୁ ଆନ୍ଦୋଳନକାରୀମାନେ ବିଭିନ୍ନ ସମୟରେ ପୋଲିସ୍ ଦ୍ୱାରା ହଇରାଣ ହୋଇଛନ୍ତି ଓ ସେମାନଙ୍କ ନାମରେ ମିଥ୍ୟା ମକଦ୍ଦମା କରାଯାଇଛି। ୧୯୯୪ ମସିହାରୁ ୧୯୯୯ ମସିହା ମଧ୍ୟରେ ବହୁସଂଖ୍ୟକ ଗ୍ରାମବାସୀଙ୍କ ନାମରେ ମକଦ୍ଦମା କରି ସେମାନଙ୍କୁ ଜେଲକୁ ପଠାଯାଇଛି। ଆଦିବାସୀମାନଙ୍କର ପରିଚୟକୁ କେନ୍ଦ୍ରକରି ବିଭିନ୍ନ ଆନ୍ଦୋଳନ ଆରମ୍ଭ ହୋଇଥିବା ଦେଖିବାକୁ ମିଳେ। ଉତ୍ତରପୂର୍ବ ଭାରତରେ ବୋଡ଼ୋ ଓ ନାଗା ଆନ୍ଦୋଳନକୁ ଉଦାହରଣ ଭାବରେ ନିଆଯାଇପାରେ। ମାତ୍ର ଏହି ପ୍ରକାର ଆନ୍ଦୋଳନ ଆନ୍ଦୋଳନକାରୀଙ୍କ ସ୍ୱାର୍ଥ ନିମନ୍ତେ ଉଦ୍ଦିଷ୍ଟ ଓ ଏହା ରାଜନୈତିକ ରାସ୍ତାରେ ଗତିକରେ। ଏହି ପ୍ରକାର ଆନ୍ଦୋଳନ ସାଧାରଣତଃ ବିଭିନ୍ନତା ବାଦୀ ଆନ୍ଦୋଳନ ଭାବରେ ପରିଚିତ। ତେବେ ଅସମ ଓ ଅସନ୍ତୁଳିତ ବିକାଶ, ସହରାଭିମୁଖୀ ଅଭିବୃଦ୍ଧି ଆଦର୍ଶ, ଜନଜାତି ସଚେତନତାର ଉତ୍ଥାନ, ଜନଜାତୀୟ ଆଞ୍ଚଳିକତା ବାଦ ଇତ୍ୟାଦି ଆନ୍ଦୋଳନର କାରଣ ଅଟେ। ଆସାମରେ ବୋଡ଼ୋଲ୍ୟାଣ୍ଡ ନିମନ୍ତେ ଏବେ ବି ଦାବି ଉଠାଯାଉଛି। ଉତ୍ତର-ପୂର୍ବ ଭାରତରେ ବିଭିନ୍ନ ଜନଜାତି ଆନ୍ଦୋଳନ ଯୋଗୁ ଏବେବି ଉତ୍ତେଜନା ଲାଗି ରହିଛି।

ଜନଜାତି ଆନ୍ଦୋଳନରୁ ଦେଶ ଅନେକ କଥା ଶିଖିବାର ଅଛି। ଜନଜାତି ସଦସ୍ୟମାନଙ୍କ ସମସ୍ୟା ଗୁଡ଼ିକର ସମାଧାନ କରି ସେମାନଙ୍କ ବିକାଶ ଓ କଲ୍ୟାଣ ନିମନ୍ତେ ଆନ୍ତରିକ ଉଦ୍ୟମ କରାଯିବା ନିତ୍ୟାନ୍ତ ଜରୁରୀ।

# କୃଷକ ଆନ୍ଦୋଳନ
## Peasant Movements

ଅଷ୍ଟାଦଶ ଶତାବ୍ଦୀର ମଧ୍ୟାହ୍ନରୁ ଊନବିଂଶ ଶତାବ୍ଦୀର ମଧ୍ୟାହ୍ନ ପର୍ଯ୍ୟନ୍ତ ଇଂରେଜମାନଙ୍କ କଠୋର ଶାସନ ପଦ୍ଧତି ଏବଂ ଶୋଷଣ ନୀତି ବିରୁଦ୍ଧରେ ଭାରତର ବିଭିନ୍ନ ପ୍ରାନ୍ତରେ ଛୋଟ ବଡ଼ ଆନ୍ଦୋଳନମାନ ସଂଗଠିତ ହୋଇ ଆସୁଥିଲା । ପ୍ରତ୍ୟେକ ଆନ୍ଦୋଳନର ପ୍ରମୁଖ କାରଣ ଥିଲା । ସେହି ଆନ୍ଦୋଳନଗୁଡ଼ିକ ମଧ୍ୟରୁ ଊନବିଂଶ ଶତାବ୍ଦୀରେ କୃଷକ ଏବଂ ଆଦିବାସୀମାନେ ସ୍ୱଭାବତ ଶାନ୍ତ, ସରଳ ଏବଂ ନିରୀହ । ଦିନେ ଏହି ଶାନ୍ତ ଓ ସରଳ ମଣିଷ ନିଜର ଅଧିକାର ପାଇଁ ଉଗ୍ରରୂପ ଧାରଣ କରିବେ, ଏହା ସମସ୍ତଙ୍କ କଳ୍ପନାର ବାହାରେ ଥିଲା । ସେମାନଙ୍କ ଆନ୍ଦୋଳନ ଇଂରେଜ ସରକାରଙ୍କର ମୁଣ୍ଡବ୍ୟଥାର କାରଣ ହୋଇ ପଡ଼ିଥିଲା

ଶାନ୍ତ ଓ ସରଳ ମଣିଷଙ୍କୁ ଇଂରେଜ ସରକାରଙ୍କର ନିର୍ମମ ଶାସନ ପଦ୍ଧତି, କର୍ମଚାରୀମାନଙ୍କର ଲୁହ-ଲୌହ ନୀତି, ଅସ୍ୱଭାବିକ ରାଜସ୍ୱ ବୃଦ୍ଧି, ରାଜସ୍ୱ ଆଦାୟକାରିମାନଙ୍କର ଅତ୍ୟାଚାର ଏବଂ ଶୋଷଣ ନୀତି ସେମାନଙ୍କୁ ଅତିଷ୍ଠ କରି ଦେଇଥିଲା । ଏହି କଠୋର ନୀତି ନିୟମରେ ଅଣନିଶ୍ୱାସୀ ହୋଇ ମୃତ୍ୟୁମଳୟର ସ୍ପର୍ଶ ପାଇଁ ବ୍ୟଗ୍ରହୋଇ ପଡିଲେ । ଆନ୍ଦୋଳନ ଦ୍ୱାରା ନିଜର ନାର୍ଯ୍ୟ ଅଧିକାର ସାବ୍ୟସ୍ତ କରିବାପାଇଁ ଇଂରେଜ ସରକାରଙ୍କ ବିରୁଦ୍ଧରେ ଅସ୍ତ୍ରଧାରଣ ପନ୍ଥାକୁ ବାଛି ନେଇଥିଲେ ।

କୃଷକ ଆନ୍ଦୋଳନ କୌଣସି ଏକ ନିର୍ଦ୍ଦିଷ୍ଟ ନୀତି, ନିୟମ, ମତବାଦ କିମ୍ବା ରାଜନୈତିକ ଉଦ୍ଦେଶ୍ୟ ଉପରେ ଆଧାରିତ ହୋଇନଥିଲା । ସେମାନେ ନିଜକୁ ଇଂରେଜ ସରକାରଙ୍କ ଶୋଷଣ ନୀତିରୁ ନିଜକୁ ମୁକ୍ତ ଏବଂ ନିଜ ଆର୍ଥିକ ଅବସ୍ଥାର ଉନ୍ନତି, ଏହି ଆନ୍ଦୋଳନର ଅନ୍ତିମ କାମନା ଥିଲା ।

ଭାରତରେ କୃଷି ସମ୍ବନ୍ଧୀୟ ସଂସ୍କାର ନିମନ୍ତେ ଜମିମାଲିକାନା ଓ ଜମି ବଣ୍ଟନ ପ୍ରସଙ୍ଗ ଉପରେ କୃଷକ ଆନ୍ଦୋଳନ କେନ୍ଦ୍ରୀଭୂତ । ଭାଗଋଷୀ, କ୍ଷୁଦ୍ର କୃଷକ, ମଜୁରୀପ୍ରାପ୍ତ ଶ୍ରମିକ ଏବଂ ଭୂମିହୀନ ଶ୍ରମିକ ଇତ୍ୟାଦି କୃଷକ ଶବ୍ଦର ଅନ୍ତର୍ଭୁକ୍ତ ।

ନିମ୍ନରେ ଭାରତରେ ସଂଗଠିତ କେତେକ ମୁଖ୍ୟ ଆନ୍ଦୋଳନକୁ ନିମ୍ନରେ ଆଲୋଚନା କରାଗଲା ।

**ରଙ୍ଗପୁରର ଆନ୍ଦୋଳନ (The Uprising of Rangapur) :** ୧୭୫୭ ଖ୍ରୀ:ଅର ପଲାସୀ ଯୁଦ୍ଧ ପରେ ବଙ୍ଗଳାରେ ଇଂରେଜ ସାମ୍ରାଜ୍ୟର ମୂଳଦୁଆ ଆରମ୍ଭ ହେଲା । ଆର୍ଥିକ ସଂସ୍କାର ନାମରେ ବଙ୍ଗଳାରେ ବିଭିନ୍ନ ସଂସ୍କାର ଆଣି ଜନସାଧାରଣଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରିବାକୁ ଲାଗିଲେ । କିନ୍ତୁ ରାଜସ୍ୱ ସଂସ୍କାର ମାଧ୍ୟମରେ ସାଧାରଣ କୃଷକମାନଙ୍କ ଜୀବନକୁ କ୍ଷତ ବିକ୍ଷତ କରିଦେଲେ । ବଙ୍ଗଳାର ରଙ୍ଗପୁର ଜିଲ୍ଲାର ରାଜସ୍ୱ ବୃଦ୍ଧି କୃଷକମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସ୍ୱରୂପ ଥିଲା । ତେଣୁ ସେମାନେ ଅତିଷ୍ଠ ହୋଇ ୧୭୮୩ ଖ୍ରୀ:ଅ ଇଂରେଜ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କଲେ । ଇଂରେଜ ସରକାରଙ୍କର ନିର୍ଦ୍ଧାରିତ ରାଜସ୍ୱ ଅଧିକ ହେବାରୁ

ସାଧାରଣ କୃଷକମାନେ ଠିକ ସମୟରେ ରାଜସ୍ୱ ଦେବାକୁ ସକ୍ଷମ ହେଉନଥିଲେ। କିନ୍ତୁ ସରକାରଙ୍କର ଚାହିଦାକୁ ପୂରଣ କରିବାକୁ ଜମିଦାରମାନେ ବିଭିନ୍ନ ମାଧ୍ୟମର ସହାୟତା ନେଉଥିଲେ। ଏଥିପାଇଁ ସରକାର ମଧ୍ୟ ଜମିଦାରମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଥିଲେ। ରଙ୍ଗପୁରର ଜମିଦାର ଥିଲେ ଦେବୀ ସିଂ। ତାଙ୍କର ପ୍ରତିନିଧିମାନେ ରାଜସ୍ୱ ଆଦାୟ କରିବା ପାଇଁ ରଙ୍ଗପୁର ଏବଂ ଦିନାଜପୁରରେ ଆତଙ୍କ ସୃଷ୍ଟି କରୁଥିଲେ। ସେମାନଙ୍କ ନିର୍ଦ୍ଧାରିତ ରାଜସ୍ୱ ସରକାରଙ୍କୁ ଦେବା ସାଧାରଣ କୃଷକମାନଙ୍କ ପକ୍ଷେ ସମ୍ଭବ ନଥିଲା । ତେଣୁ କୃଷକମାନେ ମିଳିତ ରୂପେ ଇଂରେଜ ସରକାରଙ୍କୁ ଏହାର ପୁର୍ନଃବିଚାର ପାଇଁ ନିବେଦନ କଲେ। କିନ୍ତୁ ଇଂରେଜ ସରକାର ସେମାନଙ୍କ ଆବେଦନ ପ୍ରତି କର୍ଣ୍ଣପାତ କଲେ ନାହିଁ। ତେଣୁ କୃଷକମାନେ ବାଧ ହୋଇ ଆଇନକୁ ନିଜ ହାତକୁ ନେଲେ। ଫଳରେ ୧୭୮୩ ଖ୍ରୀ:ଅ ଜାନୁୟାରୀ ମାସ ୧୮ ତାରିଖ ଦିନ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ରଙ୍ଗପୁରର ସମସ୍ତ କୃଷକ ଆନ୍ଦୋଳନର ପନ୍ଥା ଗ୍ରହଣ କଲେ। ଆନ୍ଦୋଳନକାରୀମାନେ ନିଜର ସ୍ୱତନ୍ତ୍ର ସରକାର ଗଠନ କରି ଇଂରେଜ ସରକାରଙ୍କୁ ରାଜସ୍ୱ ଦେବା ବନ୍ଦ କରିଦେଲେ। କିନ୍ତୁ ସରକାର ଆନ୍ଦୋଳନକୁ ଦମନ କରିବା ପାଇଁ ସୈନ୍ୟ ନିଯୁକ୍ତି କରି ରଙ୍ଗପୁର ଆନ୍ଦୋଳନକୁ ଦମନ କରିଥିଲେ।

**ନୀଳ ଚାଷୀମାନଙ୍କ ଆନ୍ଦୋଳନ (Indigo Movement) :** ଶିଳ୍ପ ବିପ୍ଳବ ଯୋଗୁ ଇଂଲଣ୍ଡରେ ଅନେକ ଶିଳ୍ପ ଗଢ଼ିଉଠିଲା। ଶିଳ୍ପ ବିପ୍ଳବର ପ୍ରାଥମିକ ପର୍ଯ୍ୟାୟରେ ସୂତା ଏବଂ ଲୁଗା କାରଖାନା ଉପରେ ଗୁରୁତ୍ୱ ଦିଆଯାଇଥିଲା । ପୃଥିବୀ ବଜାରରେ ଇଂରେଜମାନେ ନିଜ କଳକାରଖାନାରୁ ଉତ୍ପାଦିତ ବସ୍ତ୍ର ଗୁଡ଼ିକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ରଙ୍ଗ ଦେଉଥିଲେ। କିନ୍ତୁ ଭାରତରେ ବହୁଳ ପରିମାଣରେ ନୀଳ ଚାଷ କରାଯାଉଥିଲା। ଧଳା ବସ୍ତ୍ରଗୁଡ଼ିକୁ ଉଜ୍ଜ୍ୱଳତର କରିବା ପାଇଁ ନୀଳ ଆବଶ୍ୟକ କରିବାରୁ ସେମାନେ ଏହାକୁ ଭାରତୀୟ ଚାଷୀମାନଙ୍କ ଠାରୁ ସଂଗ୍ରହ କରିବା ପାଇଁ ସ୍ଥିରକଲେ। ଏହା ଏକ ଲାଭ ଜନକ ବ୍ୟବସାୟ ହୋଇଥିବାରୁ ଇଂରେଜ ସରକାର ଏହି ଚାଷକୁ କରାୟତ କରିବା ପାଇଁ ମନସ୍ଥ କଲେ। ତେଣୁ ସେମାନେ ଖାଦ୍ୟଶସ୍ୟ ମୂଲ୍ୟରେ ଚାଷୀମାନଙ୍କ ଠାରୁ ନୀଳ କ୍ରୟ କଲେ । ଯାହାକି ନୀଳ ଚାଷୀମାନଙ୍କୁ ଶୋଷଣର ଏକ ନମୁନା ଥିଲା। ଦ୍ୱିତୀୟତଃ, ଇଂରେଜ ସରକାର ନିଜେ ଚାଷ ଜମି ସ୍ଥିର କରି ଭାରତୀୟମାନଙ୍କୁ ନିଯୁକ୍ତି ଦେଇ ନୀଳଚାଷ ଆରମ୍ଭ କଲେ। କିନ୍ତୁ ଏହି ଶ୍ରମିକମାନଙ୍କ ଚାକିରିର ନିରାପତ୍ତା ନଥିଲା ଏବଂ ସେମାନଙ୍କୁ କ୍ରୀତଦାସ ରୂପେ ଖଟାଉଥିଲେ। ତୃତୀୟତଃ ଚାଷୀମାନେ ଇଂରେଜ ସରକାରଙ୍କର ନିର୍ଦ୍ଦେଶକୁ ଅମାନ୍ୟ କରିବାରେ ସେମାନଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣି ପେଷାଦାର ଗୁଣ୍ଡାମାନଙ୍କ ଦ୍ୱାରା ନିରୀହ ଚାଷୀମାନଙ୍କୁ ଦଣ୍ଡିତ କଲେ। ସବୁସମୟରେ ଚାଷୀମାନେ ନିର୍ଯାତିତ ଏବଂ ନିଷ୍ପେଷିତ ହୋଇ ଆସୁଥିଲେ । ଚାଷୀମାନଙ୍କର ନିର୍ଯାତନାକୁ ନେଇ ବଙ୍ଗଳାର ଦିନବଂଧୁ ମିତ୍ର ୧୮୬୦ ଖ୍ରୀ:ଅରେ ନୀଳ ଦର୍ପଣ ନାମକ ଏକ ପତ୍ରିକା ପ୍ରକାଶ କଲେ। କମ୍ ସମୟ ମଧ୍ୟରେ ବିଭିନ୍ନ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ନୀଳଚାଷୀମାନଙ୍କ ଦୟନୀୟ ଅବସ୍ଥା ପ୍ରଚାରିତ ହୋଇଗଲା।

**୧୮୫୧ ଖ୍ରୀ:ଅରୁ ଇଂରେଜ ଭାରତୀୟ ସଙ୍ଗଠନ (British Indian Association of 1851)**- ଭାରତୀୟମାନଙ୍କ ସ୍ୱାଧିକାରକୁ ସୁରକ୍ଷା ଦେଇ ଆସୁଥିଲା । ତେଣୁ ନୀଳଚାଷୀ ଏବଂ ଶ୍ରମିକମାନଙ୍କ ଦୁର୍ଦ୍ଦଶାକୁ ଅନୁଧ୍ୟାନକରି ଇଂରେଜ ସରକାରଙ୍କ ବିରୁଦ୍ଧରେ ଚାଷୀମାନଙ୍କୁ ପ୍ରେରଣା ଯୋଗାଇଲେ। କିନ୍ତୁ ତତ୍‌କାଳୀନ କାରଣ

ଥିଲା । ବର୍ଷାତର ବିଚାରପତି ଇଡ଼େନଙ୍କର ଦମନ ଏବଂ ଶୋଷଣ ନୀତି-ନିୟମ, ଯାହାକି ନିରୀହ ଚାଷୀମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଥିଲା । ଇଡ଼େନଙ୍କ ନିର୍ଦ୍ଦେଶକ୍ରମେ ବର୍ଷାତର ଡ଼େପୁଟି ବିଚାରପତି ନୂତନ ନୀଳଚାଷ ନିୟମ ପ୍ରଚଳନ କଲେ । ଯାହାକି ବିପ୍ଲବାଗ୍ନିରେ କାଷ୍ଠ ସଂଯୋଗ ସ୍ୱରୂପ କାର୍ଯ୍ୟ କରିଥିଲା । ଇଂରେଜ ସରକାରଙ୍କର ଏହି ନୂତନ ନିୟମ ନଦିଆ, ବର୍ଷାତ, ପାବନା ଇତ୍ୟାଦି ପ୍ରଦେଶ ଗୁଡ଼ିକର ନୀଳଚାଷୀମାନଙ୍କୁ ସରକାରଙ୍କ ନୂତନ ଆଇନ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ସଂଗଠିତ କରିଥିଲା । ୧୮୯୦ ଖ୍ରୀ:ଅରେ ବର୍ଷାତରେ ନୀଳଚାଷୀମାନେ ନୂତନ ନୀଳଚାଷ ନିୟମକୁ ବିରୋଧକରି ଚାରାରୋପଣ ପାଇଁ ପ୍ରତ୍ୟାଖାନ କରିଦେଲେ । ଏହା ବୋଧେ ଭାରତୀୟ ଚାଷୀମାନଙ୍କର ଇଂରେଜ ସରକାରଙ୍କ ବିରୁଦ୍ଧରେ ଥିଲା ପ୍ରଥମ ବିଶାଳ ଧର୍ମଘଟ । ସ୍ୱଳ୍ପ ସମୟ ମଧ୍ୟରେ ଏହାର ପ୍ରଭାବ ନଦିଆ, ଖୁଲନା, ରାଜସାହି, ଢ଼ାକା, ମାଲଦା, ଦିନାଜପୁର ଇତ୍ୟାଦି ପ୍ରଦେଶକୁ ବ୍ୟାପି ଯାଇଥିଲା । କୃଷକମାନଙ୍କର ମିଳିତ ସଂଗ୍ରାମ ଇଂରେଜ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହୋଇପଡ଼ିଥିଲା । ଚାଷୀମାନେ ପ୍ରତ୍ୟେକ ଗ୍ରାମରେ ଆନ୍ଦୋଳନର ଅଗ୍ରଗତି ଏବଂ ଉଭୟ ଉଭୟଙ୍କୁ ସହଯୋଗ କରିବା ପାଇଁ ପ୍ରବର୍ତ୍ତାଉଥିଲେ । ଏଥିରେ ମଧ୍ୟ ଅନେକ ବିଜ୍ଞ ଏବଂ ଶିକ୍ଷିତ ନେତୃବର୍ଗ ଯୋଗଦେଇ ଚାଷୀମାନେ ନିଜର ନାର୍ଯ୍ୟ ଅଧିକାର ପାଇବା ପର୍ଯ୍ୟନ୍ତ ଆନ୍ଦୋଳନକୁ ବଞ୍ଚାଇ ରଖିବା ପାଇଁ ଏକ ସଙ୍ଗଠନ ମଧ୍ୟ ଗଠନ କରିଥିଲେ । ଏହି ଆନ୍ଦୋଳନର ବିଶାଳତା ଇତିହାସରେ ଏକ ମାଇଲ ସ୍ତମ୍ଭ ସୃଷ୍ଟିକରିଥିଲା ।

କୃଷକମାନଙ୍କର ଏକତା ଏବଂ ସଂଗ୍ରାମର ଗତି ଇଂରେଜ ସରକାରଙ୍କୁ ବ୍ୟତିବ୍ୟସ୍ତ କରିପକାଇଲା । ଆନ୍ଦୋଳନର ଏକାଗ୍ରତାକୁ ଲକ୍ଷକରି ଇଂରେଜ ସରକାର ମଧ୍ୟ ଅସ୍ତ୍ର ଧାରଣ କରିବାକୁ ଭୟକଲେ । ତେଣୁ ନୀଳ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ନୂତନ ନିୟମ ଏବଂ କୃଷକ ଦାବିର ଯଥାର୍ଥତାକୁ ଅନୁଧ୍ୟାନ କରିବା ପାଇଁ ଇଂରେଜ ସରକାର ଏକ କମିସନ ବସାଇଲେ । କମିସନ କୃଷକମାନଙ୍କ ସ୍ୱାର୍ଥକୁ ବିଚାରକୁ ନେଇ ସରକାରଙ୍କର ପ୍ରଚଳିତ ନୀତିର ଉଦାରିକରଣ ପାଇଁ କେତେକ ସ୍ୱତନ୍ତ୍ର ପଦକ୍ଷେପମାନ ଗ୍ରହଣ କରି କୃଷକମାନଙ୍କୁ ନିଜ ନିୟନ୍ତ୍ରଣକୁ ଆଣିବାରେ ସକ୍ଷମ ହୋଇଥିଲେ । ଏହା ଏଭଳି ଏକ ଆନ୍ଦୋଳନ ଥିଲା ଯାହାକୁ ପ୍ରତ୍ୟେକ ବର୍ଗ, ଶ୍ରେଣୀ ଏବଂ ସମାଜ ଠାରୁ ସାହାଯ୍ୟ ମଳିଥିଲା । ଏହାକୁ ଭାରତର ପ୍ରଥମ ଅସହଯୋଗ ଆନ୍ଦୋଳନ କହିଲେ ଅତ୍ୟୁକ୍ତି ହେବନାହିଁ ।

**ଦାକ୍ଷିଣାତ୍ୟ ଆନ୍ଦୋଳନ (Deccan Riot) :** ମହାରାଷ୍ଟ୍ରର ପୁନା ଏବଂ ଅହମଦନଗର ଜିଲ୍ଲାର କୃଷକମାନଙ୍କ ଦ୍ୱାରା ଭିନ୍ନ ଏକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ୧୯୬୬-୬୭ ଖ୍ରୀ:ଷରେ ମହାରାଷ୍ଟ୍ରରେ ମରୁଡ଼ି ଦେଖାଦେଇଥିଲା । ଇଂରେଜ ସରକାର ମରୁଡ଼ି ପ୍ରପୀଡ଼ିତ ଲୋକମାନଙ୍କୁ ରିଲିଫ ଦେବା ପରିବର୍ତ୍ତେ ରାଜସ୍ୱ ଆଦାୟ ପାଇଁ ତତ୍‌ପର ହୋଇ ଉଠିଲେ । ଇଂରେଜ ସରକାରଙ୍କର ନିର୍ଯାତନାରୁ ରକ୍ଷା ପାଇବା ପାଇଁ କୃଷକମାନେ ଋଣ ପାଇଁ ମହାଜନମାନଙ୍କର ଦ୍ୱାରସ୍ଥ ହେଲେ । ମହାଜନମାନେ ଅଧିକ ସୁଧ ହାରରେ ଟଙ୍କା ଯୋଗାଇ ବନ୍ଧକ ସ୍ୱରୂପ କୃଷକମାନଙ୍କ ଜମି ନିଜ ଅଧିନରେ ରଖିଲେ । ୧୮୭୪ ଖ୍ରୀ:ଅ ବେଳକୁ କୃଷକମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଲା । ଫସଲ ହାନି ଯୋଗୁ ଇଂରେଜ ସରକାରଙ୍କୁ ରାଜସ୍ୱ ଦେୟ ଦେବାକୁ ଅକ୍ଷମ ହେଲେ । ଇଂରେଜ

ସରକାର ଚାଷୀମାନଙ୍କର ଦୁର୍ଦ୍ଦଶା ଏବଂ ମହାଜନମାନଙ୍କର ପ୍ରାଦୁର୍ଭାବ ହୃଦୟଙ୍ଗମ କରୁଥିଲେ ମଧ୍ୟ ସେମାନଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷପ ଗ୍ରହଣ କରୁନଥିଲା । ଅନ୍ୟପକ୍ଷରେ ମହାଜନମାନଙ୍କଠାରୁ କୃଷକମାନେ କରିଥିବା ଋଣକୁ ସୁଝି ନପାରିବାରୁ ମହାଜନମାନେ ଚାଷୀମାନଙ୍କର ଚାଷଜମି ଗୁଡ଼ିକୁ ନିଜ ଅଧିନକୁ ନେଇଗଲେ । କୃଷକମାନେ ସର୍ବହରା ହୋଇଗଲେ ଏବଂ ସେମାନଙ୍କ ଦୁର୍ଦ୍ଦଶା ଦୟନୀୟ ହୋଇଗଲା ।

୧୮୭୪ ଖ୍ରୀ:ଅରେ ପୁନା ଏବଂ ଅହମଦନଗରର କୃଷକମାନେ ମହାଜନମାନଙ୍କର ଶୋଷଣନୀତିରେ ଅତିଷ୍ଠ ହୋଇ ସେମାନଙ୍କୁ ସାମାଜିକ ବାସନ୍ଦ କଲେ । ଏହାର ପ୍ରଭାବରେ ସୁପାର ଉତ୍ୟକ୍ତ କୃଷକମାନେ ମହାଜନମାନଙ୍କ ଠାରୁ ସମସ୍ତ ଋଣ ଦସ୍ତାବିଜ ଛଡ଼ାଇ ଆଣି ସେଗୁଡ଼ିକରେ ଅଗ୍ନି ସଂଯୋଗ କରି ଭସ୍ମ କରିଦେଲେ । ବିଭିନ୍ନ ସ୍ଥାନରେ ବିଦ୍ରୋହର ବହ୍ନୀ ପ୍ରଜ୍ଜ୍ୱଳିତ ହୋଇଉଠିଲା । ପ୍ରତିହିଂସା ପରାୟଣ କୃଷକମାନଙ୍କୁ ପ୍ରତିରୋଧ କରିବାରେ ପୋଲିସ ବାହିନୀ ବିଫଳ ହେଲେ । କିନ୍ତୁ ଶେଷରେ ଇଂରେଜ ସରକାର ସାମରିକ ବାହିନୀ ପ୍ରେରଣ କରି ପୁନାର ବିଦ୍ରୋହକୁ କଠୋର ହସ୍ତରେ ଦମନ କଲେ । କିନ୍ତୁ ମହାରାଷ୍ଟ୍ରର ଫଦକେଙ୍କ ନେତୃତ୍ୱରେ କୃଷକମାନେ ଇଂରେଜ ସରକାର ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଯୋଜନା କଲେ । କିନ୍ତୁ ଏହି ସଙ୍ଗଠନର ନେତୃତ୍ୱ ଦୁର୍ବଳ ଥିଲା । ସାମରିକ ଅଭିଯାନର ସୁରାକ ପାଇ ଇଂରେଜ ସରକାର ଦୁର୍ଦ୍ଦଶ ସାମରିକ ବାହିନୀ ପ୍ରେରଣ କରି ଆନ୍ଦୋଳନକୁ ଦମନ କଲେ ଏବଂ ଫଦକେଙ୍କୁ ବନ୍ଦୀକରି ଅନ୍ଧକାର କରାଗାର ମଧ୍ୟରେ ନିକ୍ଷେପ କଲେ ।

ଆନ୍ଧ୍ର ପ୍ରଦେଶର ରମ୍ପାଠାରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଥିଲା । କାରଣ ଇଂରେଜ ସରକାର ରମ୍ପା ଅଞ୍ଚଳରେ ମନଇଚ୍ଛା ରାଜସ୍ୱ ବୃଦ୍ଧିକଲେ । ରମ୍ପା କୃଷକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ସେଠାକାର ଭୂ-ଅଧିକାରୀମାନେ । ଏହାକୁ ଗୋଦାବରୀ ଏବଂ ବିଶାଖାପାଟଣା ଜିଲ୍ଲାର କୃଷକମାନେ ଏହି ଆନ୍ଦୋଳନକୁ ସମର୍ଥନ କରିଥିଲେ କିନ୍ତୁ ଇଂରେଜମାନଙ୍କ ଦମନ ମୂଳକ ନୀତି ଯୋଗୁଁ ଆନ୍ଦୋଳନର ନେତୃବର୍ଗମାନେ ଏକତ୍ରିତ ହୋଇପାରିଲେ ନାହିଁ । ତେଣୁ ଇଂରେଜ ସରକାର ତାଙ୍କର ସମସ୍ତ ପ୍ରକାର କଳ ଏବଂ କୌଶଳ ପ୍ରୟୋଗ କରି ବିଦ୍ରୋହକୁ ଦମନ କରିଦେଲେ ।

ଇଂରେଜ ସରକାର ତାଙ୍କର କୂଟନୀତି ଏବଂ ସାମରିକ ବାହିନୀ ପ୍ରୟୋଗ ଫଳରେ ବିଦ୍ରୋହୀ ନେତାମାନଙ୍କୁ କଠୋର ଦଣ୍ଡ ଦେଇ ବିଦ୍ରୋହକୁ ଦମନ କଲେ । କିନ୍ତୁ ଏହାର ପ୍ରଭାବ ଭାରତର କୋଣ-ଅନୁକୋଣ ଉପଲବ୍ଧି ହୋଇଥିଲା । ଭାରତର ସମସ୍ତ କୃଷକ ସମାଜ ଇଂରେଜ ସରକାରଙ୍କର କ୍ରୁର ବ୍ୟବହାର, କଠୋର ଦମନ ନୀତି ଏବଂ ସୁଧ ଖୋର ମହାଜନମାନଙ୍କର ଶୋଷଣ ପଦ୍ଧତିକୁ ହୃଦୟଙ୍ଗମ କରିଥିଲେ । ଦାକ୍ଷିଣାତ୍ୟର କୃଷକମାନଙ୍କ ଦାବିରୁ ୧୮୭୯ ଖ୍ରୀ:ଅରେ ଜନ୍ମ ନେଇଥିଲା ଦାକ୍ଷିଣାତ୍ୟ କୃଷକ ସହାୟକ ଯୋଜନା (Deccan Agriculturist Act of 1879) । ଏହି ସଂଗଠନ ଦ୍ୱାରା ସମାଜର ଶତ୍ରୁ ରୂପେ ବିବେଚିତ ମହାଜନମାନଙ୍କ ଠାରୁ (୧) ଇଂରେଜ ସରକାର ପ୍ରଦାନ କରିଥିବା ଅସ୍ତ୍ର, (୨) ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କୁ ଋଣ ଯୋଗାଇବା ପାଇଁ ଦସ୍ତାବିଜ କରିବାର କ୍ଷମତା ଏବଂ (୩) ସମସ୍ତ ଋଣ ପ୍ରଦାନର ହିସାବ ଇତ୍ୟାଦିର ସମସ୍ତ କ୍ଷମତା ପ୍ରତ୍ୟାହାର କରି ନିଆଯାଇଥିଲା ।

**ମୋପ୍ଲା ଆନ୍ଦୋଳନ (Mopla Rising) :** ମାଲବାର ମୁସଲମାନ କୃଷକମାନଙ୍କୁ ମୋପ୍ଲା କୁହାଯାଉଥିଲା। ସେମାନେ ଦରିଦ୍ର ଥିଲେ । ତେଣୁ ସେମାନଙ୍କର ଦାରିଦ୍ର୍ୟତାର ସୁଯୋଗ ନେଇ, ପ୍ରଥମତଃ ହିନ୍ଦୁ ଜମିଦାରମାନେ ସେମାନଙ୍କଠାରୁ ବଳ ପ୍ରୟୋଗକରି ଅଧିକ ରାଜସ୍ୱ ଆଦାୟ କରୁଥିଲେ। ଏହି କାର୍ଯ୍ୟରେ ଇଂରେଜ ଉଚ୍ଚପଦସ୍ଥ କର୍ମଚାରୀମାନେ ହିନ୍ଦୁ ଜମିଦାରମାନଙ୍କୁ ସହାୟତା ଯୋଗାଇ ଦେଉଥିଲେ। ତେଣୁ ମୁସଲମାନମାନେ ଇଂରେଜ ସରକାରଙ୍କୁ ବିରୋଧ କରିଆସୁଥିଲେ। ଦ୍ୱିତୀୟତଃ, ଇଂରେଜମାନଙ୍କ ପ୍ରତି ସେମାନଙ୍କ ଶାସନ ଆରମ୍ଭରୁ ଭୟ ଥିଲା। କାରଣ ସେମାନେ ଭାବୁଥିଲେ ଇଂରେଜ ସରକାର ସେମାନଙ୍କ ଉପରେ ମନଇଚ୍ଛା କର ଧାର୍ଯ୍ୟ, ରାଜସ୍ୱ ଦେଇନପାରିଲେ ଜମିରୁ ଉଚ୍ଛେଦ, ଅତ୍ୟଧିକ ଋଣଭାର ଏବଂ ମରୁଡି ପ୍ରପୀଡିତ ଲୋକମାନଙ୍କ ପ୍ରତି ଇଂରେଜ ସରକାରଙ୍କର ଉଦାସିନ ମନବୃତ୍ତି ଇତ୍ୟାଦି ପାଇଁ ଇଂରେଜ ସରକାରଙ୍କ ବିରୁଦ୍ଧରେ ମାଲବାର ମୁସଲମାନମାନେ ବିଦ୍ରୋହୀ ହୋଇଉଠିଲେ। ତେଣୁ ଇଂରେଜ ସରକାର ଓ ଜମିଦାରମାନଙ୍କ ଅନ୍ୟାୟ ଏବଂ ଅତ୍ୟାଚାରର ସଂସ୍କାର ପାଇଁ ମୁସଲମାନମାନେ ଅସ୍ତ୍ରଧାରଣ କଲେ। ସେମାନଙ୍କର ଏହି ସଂଗ୍ରାମ ୧୮୩୯ ଖ୍ରୀ:ଅରୁ ୧୯୧୯ ଖ୍ରୀ:ଅ ପର୍ଯ୍ୟନ୍ତ ଲାଗି ରହିଥିଲା । ୧୯୨୦ ଖ୍ରୀ:ଅରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିବା ପରେ କୃଷକମାନଙ୍କ ସ୍ୱାର୍ଥ ଏହି ଆନ୍ଦୋଳନରେ ଜଡ଼ିତ ଥିବାରୁ ସେମାନେ ଜାତୀୟ ଆନ୍ଦୋଳନରେ ନିଜକୁ ହଜାଇଦେଲେ। ଜାତୀୟ କଂଗ୍ରେସ ମାଲବାର ଜମିଦାରମାନଙ୍କ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ।

ମାଲବାରର ମୁସଲମାନ ଆନ୍ଦୋଳନ ଦୀର୍ଘ ସମୟ ଚାଲିଥିଲେ ମଧ୍ୟ ଏହାର ଫଳାଫଳ ସେଭଳି ସୁଦୂର ପ୍ରସାରି ହୋଇପାରିନଥିଲା। ଏହା କେବଳ ମାଲବାର ମଧ୍ୟରେ ସୀମିତ ରହିଥିଲା। କାରଣ ଏହି ସଂଗଠନର ଭିତ୍ତିଭୂମି ସୁଦୃଢ଼ ନଥିଲା ଏବଂ ନେତୃବର୍ଗମାନଙ୍କର ନିର୍ଦ୍ଦିଷ୍ଟ ଯୋଜନା ନଥିଲା। ତେଣୁ ଏହା ସଫଳ ହୋଇପାରିନଥିଲା।

**ସ୍ୱାଧୀନତା ପରେ ଭାରତରେ କୃଷକ ଆନ୍ଦୋଳନ (Peasant Movement in India after Independence)**

ଭାରତର ସ୍ୱାଧୀନତା ପରେ ନକ୍ସଲବାଡ଼ି ଆନ୍ଦୋଳନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ। ୧୯୬୭ ମସିହାରେ ପଶ୍ଚିମବଙ୍ଗର ଦାର୍ଜିଲିଙ୍ଗ୍ ଜିଲ୍ଲାର ନକ୍ସଲବାଡ଼ି ଗ୍ରାମରେ ଆଦିବାସୀ କୃଷକମାନେ ସଶସ୍ତ୍ର ବିପ୍ଳବ ଆରମ୍ଭ କରିଥିଲେ। କୃଷକମାନଙ୍କର ଏହା ଏକ ବିଦ୍ରୋହ ଥିଲା। ଚାରୁ ମଜୁମ୍‌ଦାର ଏବଂ କାନୁ ସନ୍ୟାଲଙ୍କ ନେତୃତ୍ୱରେ ଏହି କୃଷକ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୧୯୭୨ ମସିହାରେ ଏହି ନକ୍ସଲ୍‌ବାଡ଼ି ଆନ୍ଦୋଳନ ଡାର୍ଜିଲିଙ୍ଗ ଜିଲ୍ଲାର ତିନୋଟି ଅଞ୍ଚଳରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନ ପଶ୍ଚିମ ବଙ୍ଗର ବିଭିନ୍ନ ଅଞ୍ଚଳ, ଆନ୍ଧ୍ରପ୍ରଦେଶ ଓ ବିହାରକୁ ବ୍ୟାପିଯାଇଥିଲା। ଜନଜାତିଗୁଡ଼ିକ ସହିତ ଅନ୍ୟ ଜାତିର କୃଷକମାନେ ମଧ୍ୟ ଏହି ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ।

ପ୍ରାରମ୍ଭିକ ଅବସ୍ଥାରେ ଆନ୍ଦୋଳନର ନେତାମାନେ ବେନାମି ଜମିଗୁଡ଼ିକୁ ଜୋରଦବରଦସ୍ତ ଦଖଲ କରିବାକୁ ବହୁ ସଂଖ୍ୟକ କୃଷକଙ୍କୁ ପ୍ରବର୍ତ୍ତେଇଲେ। ଯେଉଁ କୃଷକମାନଙ୍କୁ ଶୋଷଣ କରାଯାଇଥିଲା, ବେନାମି ଜମି ଥିବା ଜମିମାଲିକମାନଙ୍କ ଜମିକୁ ଦବରଦସ୍ତି ଦଖଲ କରିବାକୁ ସେମାନଙ୍କୁ କୁହାଗଲା। ଏହି ଆନ୍ଦୋଳନ ହିଂସା ଆଧାରିତ

ଥିଲା । ୧୯୬୭ ମସିହାରେ ପୋଲିସ୍ ବଳ ଦ୍ୱାରା ଏହି ଆନ୍ଦୋଳନକୁ ଦମନ କରାଗଲା । କିନ୍ତୁ ୧୯୬୮ ମସିହାରେ ଏହି ଆନ୍ଦୋଳନର ନବୀକରଣ ହେଲା ଏବଂ ଏହି ଆନ୍ଦୋଳନ ୧୯୭୨ ମସିହା ପର୍ଯ୍ୟନ୍ତ ଚାଲୁରହିଲା ।

ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ ଯାହାକି ୧୯୬୦ ମସିହା ଓ ପରବର୍ତ୍ତୀ ବର୍ଷଗୁଡ଼ିକରେ ଏବଂ ୧୯୭୦ ମସିହାର ପାରମ୍ଭିକ ବର୍ଷଗୁଡ଼ିକରେ ଆରମ୍ଭ ହୋଇଥିଲା, ସେହି ପର୍ଯ୍ୟାୟରେ କୃଷକମାନଙ୍କୁ ନେଇ ସଂଘର୍ଷ ସମୂହଗୁଡ଼ିକୁ ଗଠନ କରାଗଲା । ଯେଉଁ ଜୋତେଦାର ଓ ବୃକ୍ଷରୋପଣ ଶ୍ରମିକମାନେ ଗରିବ କୃଷକମାନଙ୍କଠାରୁ ଜମି କ୍ରୟ କରିଥିଲେ ସେମାନଙ୍କ ଜମିକୁ ଦଖଲକରି ତାକୁ ଚାଷ କରିବାକୁ ନେତାମାନେ କୃଷକମାନଙ୍କୁ କହିଲେ । ଏହାଛଡ଼ା ଜମିର ସମସ୍ତ ଉତ୍ପାଦିତ ଶସ୍ୟକୁ ଜମି ମାଲିକଙ୍କୁ ନଦେଇ ନିଜେ ରଖିବାକୁ କୁହାଗଲା ।

ଜନଜାତି ସହିତ ବିଭିନ୍ନ ଜାତିର ଗରିବ କୃଷକ ଏବଂ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଏହି ଆନ୍ଦୋଳନ ପ୍ରଥମେ ପଶ୍ଚିମ ବଙ୍ଗରେ ଆରମ୍ଭ ହୋଇଥିଲା । ୧୯୬୮ ମସିହାରେ ଦମନ କରାଯାଇଥିବା ନକ୍ସଲ ଆନ୍ଦୋଳନ ୧୯୭୨ ମସିହା ପର୍ଯ୍ୟନ୍ତ ଚାଲୁରହିଲା । ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନ ବିଫଳ ହେଲା । ଆନ୍ଦୋଳନର ବିଫଳତା କାରଣଗୁଡିକ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଏହି ଆନ୍ଦୋଳନର ଚୀନ୍ ସମର୍ଥିତ ଜାତୀୟତା ବିରୋଧୀ ମନୋଭାବ ।

ବ୍ରିଟିଶ୍ ଶାସନ ସମୟରେ ଅନେକ କୃଷକ ଆନ୍ଦୋଳନ ସଂଗଠିତ ହୋଇଛି । କିନ୍ତୁ ଏହାର ଫଳାଫଳ ସୀମିତ ଅଟେ । ବିଂଶ ଶତାବ୍ଦୀରେ ଅନେକ ହିଂସାତ୍ମକ (Violent) ଆନ୍ଦୋଳନ ମୁଣ୍ଡ ଟେକିଛି ଯାହାର କି ସୁଦୂରପ୍ରସାରୀ ପ୍ରଭାବ ରହିଛି । ଅନେକ କୃଷକ ଆନ୍ଦୋଳନ ଭାରତରେ ଭୂ-ଆଇନ ପ୍ରଣୟନ ନିମନ୍ତେ ଆବଶ୍ୟକ ଉଦ୍ଦିପନା (Stimulation) ପ୍ରଦାନ କରିଛି ।

◆◆◆

# ଆଦର୍ଶ ପ୍ରଶ୍ନାବଳୀ

## Group-A

## Objective Type

## 'କ' ବିଭାଗ

## ଅତି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**ନିମ୍ନୋକ୍ତ ବିକଳ୍ପ ଗୁଡିକ ମଧ୍ୟରୁ ଠିକ୍ ଉତ୍ତର ଲେଖ।**

**(Multiple Choice Questions)**

୧. ନିମ୍ନୋକ୍ତ କେଉଁଟି ସାମାଜିକ ଅସମାନତାର ଉତ୍ସ ଅଟେ ?

(କ) ସାମାଜିକ ଶ୍ରେଣୀ (ଖ) ଜାତି

(ଗ) ଉପରୋକ୍ତ ସମସ୍ତ

୨. ସାମାଜିକ ଅସମାନତା ନିମ୍ନୋକ୍ତ କେଉଁଟିର ଉପସ୍ଥିତିକୁ ଦର୍ଶାଇ ଥାଏ ?

(କ) ଅସମାନ ସୁଯୋଗ (ଖ) ଭିନ୍ନ ଭିନ୍ନ ସାମାଜିକ ପ୍ରସ୍ଥିତି ନିମନ୍ତେ ପୁରସ୍କାର

(ଗ) ଉପରୋକ୍ତ ସମସ୍ତ

୩. ନିମ୍ନୋକ୍ତ କେଉଁଥିରେ ସୁଯୋଗଜନିତ ଅସମାନତା ରହିଥାଏ ?

(କ) ଆୟ-ସଂପଦରେ (ଖ) ଧର୍ମୀୟ ଜୀବନରେ

(ଗ) ଉପରୋକ୍ତ କେଉଁ ଗୋଟିକ ନୁହେଁ

୪. ନିମ୍ନୋକ୍ତ କେଉଁଟି ଅର୍ଥନୀତିକ ଅସମତାକୁ ଅନ୍ତର୍ଭୁକ୍ତ କରିଥାଏ ?

(କ) ଆୟର ଅସମାନ ବଣ୍ଟନ (ଖ) ଶିକ୍ଷାରେ ଅସମାନତା

(ଗ) ସାମାଜିକ ସୁବିଧା ସୁଯୋଗ

୫. ନିମ୍ନୋକ୍ତ କେଉଁଟି ସାମାଜିକ ଅସମାନତାର ଅନ୍ତର୍ଭୁକ୍ତ ?

(କ) ସାମାଜିକ ଓ ପ୍ରାକୃତିକ ସମ୍ପଦ

(ଖ) ସାମାଜିକ କ୍ଷମତା

(ଗ) ସାମାଜିକ ଶ୍ରେଣୀ

୬. ନିମ୍ନୋକ୍ତ କେଉଁଟି ଭାରତୀୟ ସମାଜରେ ଅସମାନତାର ଆଧାର ଅଟେ ?

(କ) ଜାତି (ଖ) ଶିକ୍ଷା (ଗ) ସମ୍ପତ୍ତି

୭. ସାମାଜିକ ବହିଷ୍କରଣ ନିମ୍ନଲିଖିତ କେଉଁ ପ୍ରକ୍ରିୟା ଅଟେ?

(କ) ଇଚ୍ଛାକୃତ ପ୍ରକ୍ରିୟା (ଖ) ସ୍ୱାଧୀନ ପ୍ରକ୍ରିୟା (ଗ) ବାଧ୍ୟତାମୂଳକ ପ୍ରକ୍ରିୟା

୮. ସାମାଜିକ ବହିଷ୍କରଣ ନିମ୍ନଲିଖିତ କେଉଁ ଅବଧାରଣାର ଏକ ରୂପ ?

(କ) ସହନଶୀଳତାର ରୂପ (ଖ) ବାଛବିଚାରର ରୂପ (ଗ) ଅଭିଯୋଜନର ରୂପ

୯. ନିମ୍ନଲିଖିତ କେଉଁଟି ବହିଷ୍କରଣ ସହିତ ସମ୍ବନ୍ଧିତ ?

(କ) ଦାରିଦ୍ର୍ୟତା (ଖ) ସହନଶୀଳତା (ଗ) ଅଭିଯୋଜନ

୧୦. ନିମ୍ନଲିଖିତ କେଉଁଟି ସାମାଜିକ ବହିଷ୍କରଣ ଆଧାର ?

(କ) ଜାତି (ଖ) ଧର୍ମ (ଗ) ଉପରୋକ୍ତ ସମସ୍ତ

୧୧. ଯେଉଁ ପ୍ରକ୍ରିୟା ଦ୍ୱାରା ସଂଖ୍ୟା ଲଘୁ କିମ୍ବା ଉପ-ସମୂହକୁ ବହିଷ୍କାର କରାଯାଏ ଏବଂ ସେମାନଙ୍କୁ ଆବଶ୍ୟକତାଗୁଡିକୁ ଗୁରୁତ୍ୱ ଦିଆଯାଏ ନାହିଁ ସେହି ପ୍ରକ୍ରିୟାକୁ କ'ଣ କୁହାଯାଏ ?

(କ) ପ୍ରାନ୍ତୀୟକରଣ (ଖ) ସାମାଜିକରଣ (ଗ) ସଂସ୍କୃତିକରଣ

୧୨. ଯେଉଁ ସମୂହ ସମାଜର ପ୍ରାନ୍ତରେ ସ୍ଥାନିତ ହୋଇଥାଏ ସେହି ସମୂହକୁ କି ସମୂହ କୁହାଯାଏ ?

(କ) ସନ୍ଦର୍ଭ ସମୂହ (ଖ) ପ୍ରାଥମିକ ସମୂହ (ଗ) ପ୍ରାନ୍ତସ୍ଥିତ ସମୂହ

୧୩. ନିମ୍ନୋକ୍ତ କେଉଁ ଉକ୍ତିଟି ସଠିକ୍ ?

(କ) ପ୍ରାନ୍ତସ୍ଥିତ ସମୂହ ସମସ୍ତ ସୁବିଧାସୁଯୋଗ ଉପଭୋଗ କରିଥାଆନ୍ତି

(ଖ) ସେମାନଙ୍କର ଅନ୍ୟମାନଙ୍କ ପରି ସମାନ ଅଧିକାର ଥାଏ

(ଗ) ପ୍ରାନ୍ତସ୍ଥିତ ସମୂହ ବାଛବିଚାରର ସମ୍ମୁଖୀନ ହୋଇଥାଏ

୧୪. ଅନୁସୂଚିତ ଜାତିତ ଶବ୍ଦ ପ୍ରଥମେ କିଏ ବ୍ୟବହାର କରିଥିଲେ ?

(କ) ମଣ୍ଡଳ କମିସନ୍ (ଖ) ସାଇମନ୍ କମିସନ୍ (ଗ) କୋଠାରୀ କମିସନ୍

୧୫. କେଉଁ ମସିହାରେ ଅନୁସୂଚିତ ଜାତି ଶବ୍ଦ ବ୍ୟବହୃତ ହୋଇଥିଲା ?

(କ) ୧୯୩୩ (ଖ) ୧୯୩୫ (ଗ) ୧୯୪୭

୧୬. ୨୦୧୧ ମସିହା ଜନଗଣନା ଅନୁସାରେ ଭାରତର ଅନୁସୂଚିତ ଜନଜାତିର ପ୍ରତିଶତ କେତେ ?

(କ) ୮.୬ % (ଖ) ୯.୨ % (ଗ) ୧୦.୩ %

୧୭. ୨୦୧୧ ମସିହା ଜନଗଣନା ଅନୁସାରେ ଭାରତର ଅନୁସୂଚିତ ଜାତିର ପ୍ରତିଶତ କେତେ ?

(କ) ୧୫.୬ % (ଖ) ୧୪.୫ % (ଗ) ୧୬.୬ %

୧୮. କେଉଁ ମସିହାରେ ଅସ୍ପୃଶ୍ୟତା ଅପରାଧ ଆଇନ୍ ପ୍ରଣୟନ ହୋଇଥିଲା ?

(କ) ୧୯୬୦ (ଖ) ୧୯୫୫ (ଗ) ୧୯୫୭

୧୯. ସଂବିଧାନର କେଉଁ ଧାରାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ନିମନ୍ତେ ଲୋକସଭା ଓ ବିଧାନ ସଭାରେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି ?

(କ) ଧାରା ୩୦୦ ଓ ୩୦୧

(ଖ) ଧାରା ୩୦୨ ଓ ୩୦୦୩

(ଗ) ଧାରା ୩୩୦ ଓ ୩୩୨

୨୦. ଓଡ଼ିଶାରେ ସମୁଦାୟ ଲୋକସଂଖ୍ୟାର କେତେ ପ୍ରତିଶତ ଅନୁସୂଚିତ ଜନଜାତି ଅଛନ୍ତି ?

(କ) ୨୨.୧ % (ଖ) ୨୩.୨ % (ଗ) ୨୪.୫ %

୨୧. ଓଡ଼ିଶାରେ କେତୋଟି ଅନୁସୂଚିତ ଜନଜାତି ରହିଛି ?

(କ) ୬୦ଟି (ଖ) ୬୨ ଟି (ଗ) ୬୫ ଟି

## (ଖ) ଗୋଟିଏ ଶବ୍ଦ କିମ୍ବା ବାକ୍ୟରେ ଉତ୍ତର ଦିଅ ।

## (Answer in one word or Sentence)

୧. ସାମାଜିକ ଅସମାନତା କହିଲେ କ'ଣ ବୁଝ ?

୨. ସାମାଜିକ ଅସମାନତାର ଏକ ଉଦାହରଣ ଦିଅ ।

୩. ଅର୍ଥନୀତିକ ଅସମାନତାର ଏକ ଉଦାହରଣ ଦିଅ ।

୪. ସାମାଜିକ କ୍ଷମତା କେଉଁ ଅସମାନତାର ଅନ୍ତର୍ଭୁକ୍ତ ?

୫. ସାମାଜିକ ବହିଷ୍କରଣର ଏକ ବୈଶିଷ୍ଟ୍ୟ ଲେଖ ।

୬. ପ୍ରାନ୍ତସ୍ଥିତ ସମୂହର ଏକ ଉଦାହରଣ ଲେଖ ।

୭. ଭାରତରେ ଅସମାନତାର ଏକ ଉଦାହରଣ ଦିଅ ।

୮. ଗୋଟିଏ ଗ୍ରାମୀଣ ଶ୍ରେଣୀର ଉଦାହରଣ ଦିଅ ।

୯. ଅନୁସୂଚିତ ଜନଜାତି ଶବ୍ଦ ପ୍ରଥମେ କିଏ ବ୍ୟବହାର କରିଥିଲେ ?

୧୦. କେଉଁ ମସିହାରେ ଅନୁସୂଚିତ ଜନଜାତି ଶବ୍ଦ ବ୍ୟବହୃତ ହୋଇଥିଲା ?

୧୧. ଭାରତୀୟ ଜନସଂଖ୍ୟାର କେତେ ପ୍ରତିଶତ ଲୋକ ଅନୁସୂଚିତ ଜନଜାତି ?

୧୨. କେଉଁ ମସିହାରେ ଅସ୍ପୃଶ୍ୟତା ଅପରାଧ ଆଇନ ପ୍ରଣୟନ କରାଯାଇଥିଲା ?

୧୩. ସଂବିଧାନର କେଉଁ ଧାରାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ନିମନ୍ତେ ଲୋକସଭା ଓ ବିଧାନ ସଭାରେ ସ୍ଥାନ ସଂରକ୍ଷଣ କରାଯାଇଛି ?

୧୪. ଅସ୍ପୃଶ୍ୟତା ଆଇନ କେବେ ପ୍ରଣୀତ ହୋଇଥିଲା ?

୧୫. କେଉଁ ସାମାଜବିଜ୍ଞାନୀ କହିଛନ୍ତି ଯେ ଜନଜାତିମାନେ ପଛୁଆ ହିନ୍ଦୁ ଅଟନ୍ତି ?

୧୬. ସଂବିଧାନର କେଉଁ ଧାରାରେ ଅନୁସୂଚିତ ଜନଜାତି ନିମନ୍ତେ ସରକାରୀ ଚାକିରିରେ ସଂରକ୍ଷଣ କରାଯାଇଛି ?

୧୭. ମୁଖ୍ୟତଃ କେଉଁ ପ୍ରସଙ୍ଗକୁ ନେଇ କୃଷି ଆନ୍ଦୋଳନ ସଂଗଠିତ ହୋଇଥିଲା ?

୧୮. ନୀଳଋଷି ଆନ୍ଦୋଳନ କେଉଁ ମସିହାରେ ସଂଗଠିତ ହୋଇଥିଲା ?

୧୯. ବର୍ଷାତର ବିଗ୍ରହପତିଙ୍କ ନାମ କ'ଣ ଥିଲା ।

୨୦. ଦାକ୍ଷିଣାତ୍ୟ କୃଷକ ଆନ୍ଦୋଳନ କେଉଁ ମସିହାରେ ହୋଇଥିଲା ?

୨୧. ମୋପ୍ଲା ଆନ୍ଦୋଳନ କେଉଁ ମସିହାରେ ଆରମ୍ଭ ହୋଇଥିଲା ?

୨୨. ନକ୍ସଲବାଡ଼ି ଆନ୍ଦୋଳନ କେଉଁ ମସିହାରେ ଆରମ୍ଭ ହୋଇଥିଲା ?

୨୩. ନକ୍ସଲବାଡ଼ି ଆନ୍ଦୋଳନର ଜଣେ ନେତାଙ୍କ ନାମ ଉଲ୍ଲେଖ କର ।

## Group- B
## Short Type Questions
## 'ଖ' ବିଭାଗ
## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(କ) ଦୁଇ କିମ୍ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।**
**(Answer in two or three Sentences)**

୧. ସାମାଜିକ ଅସମାନତା କ'ଣ ?

୨. ଅର୍ଥନୈତିକ ଅସମାନତା କ'ଣ ?

୩. ସହରଗୁଡ଼ିକରେ ଦେଖାଯାଉଥିବା ଶ୍ରେଣୀଗୁଡ଼ିକ କ'ଣ ?

୪. ସାମାଜିକ ବହିଷ୍କରଣ କ'ଣ ?

୫. ସାମାଜିକ ବହିଷ୍କରଣର ଦୁଇଟି ବୈଶିଷ୍ଟ୍ୟ ଲେଖ।

୬. ପ୍ରାନ୍ତସ୍ଥିତ ସମୂହ କ'ଣ ?

୭. ଜନଜାତିର ସଂଜ୍ଞା ପ୍ରଦାନ କର।

୮. ଅନୁସୂଚିତ ଜାତି କାହାକୁ କୁହାଯାଏ ?

୯. ଜନଜାତିର ଅର୍ଥନୈତିକ ସମସ୍ୟା ଲେଖ।

୧୦. ଜବାହରଲାଲ ନେହେରୁଙ୍କ ପଞ୍ଚଶୀଳ ନୀତି କ'ଣ ?

## Group-C
## Long Type Questions
## 'ଗ' ବିଭାଗ
## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧. ସାମାଜିକ ଅସମତା କ'ଣ ? ଏହାକୁ ଏକ ସାମାଜିକ ସମସ୍ୟା ଭାବରେ ଆଲୋଚନା କର।

୨. ଭାରତୀୟ ସମାଜରେ ଜାତି ଅସମାନତା ସମ୍ବନ୍ଧରେ ଆଲୋଚନା କର।

୩. ଶ୍ରେଣୀ ଓ ଅସମାନତା ଉପରେ ଏକ ପ୍ରବନ୍ଧ ଲେଖ।

୪. ଅନୁସୂଚିତ ଜନଜାତି କହିଲେ କ'ଣ ବୁଝ ? ଏହାର ସମସ୍ୟାଗୁଡ଼ିକୁ ଆଲୋଚନା କର।

୫. ଅନୁସୂଚିତ ଜନଜାତି ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ସରକାରୀ ପଦକ୍ଷେପଗୁଡ଼ିକୁ ଆଲୋଚନା କର।

୬. ଅନୁସୂଚିତ ଜନଜାତି ନିମନ୍ତେ ଗ୍ରହଣ କରାଯାଇଥିବା ସାମ୍ବିଧାନିକ ବ୍ୟବସ୍ଥାଗୁଡ଼ିକୁ ଆଲୋଚନା କର।

୭. ଭାରତରେ କୃଷକ ଆନ୍ଦୋଳନ ସମ୍ବନ୍ଧରେ ସଂକ୍ଷେପରେ ଆଲୋଚନା କର।

୮. ଭାରତରେ ଜନଜାତି ଆନ୍ଦୋଳନ ସମ୍ବନ୍ଧରେ ଆଲୋଚନା କର।

◆◆◆

## ପଞ୍ଚମ ପରିଚ୍ଛେଦ

# ଭାରତରେ ପରିବର୍ତ୍ତନ ଓ ବିକାଶ

# (CHANGE AND DEVELOPMENT IN INDIA)

## ଔଦ୍ୟୋଗୀକରଣ, ସହରୀକରଣ, ଆଧୁନିକୀକରଣ, ଜଗତିକରଣ

## Industrialisation, Urbanization, Modernization, Globalization

### ଔଦ୍ୟୋଗୀକରଣ

### Industrialisation

ବ୍ରିଟେନ୍‌ରେ ଔଦ୍ୟୋଗିକ ବିପ୍ଳବ ସହିତ ଏକ ଔଦ୍ୟୋଗିକ ଯୁଗର ଆରମ୍ଭ ହୋଇଥିଲା । ଅଷ୍ଟାଦଶ ଶତାବ୍ଦିରେ ବ୍ରିଟେନରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଥିଲା । ୧୭୬୦ ମସିହା ଓ ୧୮୨୦ ମସିହା ମଧ୍ୟରେ ପୂର୍ବରୁ ଥିବା ଘରୋଇ ଉତ୍ପାଦନ ପ୍ରକ୍ରିୟା ଏକ ନୂତନ ଉତ୍ପାଦନ ପ୍ରକ୍ରିୟାକୁ ପରିବର୍ତ୍ତନ ହେଲା, ଯାହା ଶିଳ୍ପ ବିପ୍ଳବ ନାମରେ ନାମିତ ହୋଇଛି । ଶିଳ୍ପ ବିପ୍ଳବ ପୂର୍ବରୁ ସମସ୍ତ ଦ୍ରବ୍ୟ ଗୃହ ବା ପରିବାର ମଧ୍ୟରେ ହାତ ଉତ୍ପାଦନ ପଦ୍ଧତି (Hand Production Method) ରେ ଉତ୍ପାଦିତ ହେଉଥିଲା । କିନ୍ତୁ ଏହି ଉତ୍ପାଦନ ପଦ୍ଧତିରେ ପରିବର୍ତ୍ତନ ଘଟି କଳକାରଖାନାରେ ବିଭିନ୍ନ ଦ୍ରବ୍ୟର ଉତ୍ପାଦନ ହେଲା । ଶିଳ୍ପ ବିପ୍ଳବ ସମୟରେ ଇଉରୋପୀୟ ଦେଶ ଓ ଉତ୍ତର ଆମେରିକାରେ ଶିଳ୍ପ ଦ୍ୱାରା ଦ୍ରବ୍ୟଗୁଡିକର ଉତ୍ପାଦନ କରାଗଲା । ଇଉରୋପୀୟ ଦେଶ ଓ ଉତ୍ତର ଆମେରିକାରେ ବିଭିନ୍ନ ଦ୍ରବ୍ୟର ଉତ୍ପାଦନ ନିମନ୍ତେ ଅନେକ କାରଖାନା ଓ ଶିଳ୍ପ ପ୍ରତିଷ୍ଠା କରାଗଲା, ଯାହାକୁ ଔଦ୍ୟୋଗୀକରଣ ବା ଶିଳ୍ପକରଣ କୁହାଯାଏ । ପରବର୍ତ୍ତୀ ସମୟରେ ଏସୀୟ ଦେଶ ସହିତ ବିଶ୍ୱର ଅନ୍ୟ ଦେଶରେ ଔଦ୍ୟୋଗୀକରଣ ପ୍ରକ୍ରିୟା ସଂଗଠିତ ହେଲା । ଭାରତରେ ବ୍ରିଟିଶ୍ ଶାସନ ସମୟରେ ଔଦ୍ୟୋଗୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

### ଔଦ୍ୟୋଗୀକରଣର ଅର୍ଥ

### Meaning of Industrialisation

ଔଦ୍ୟୋଗୀକରଣ ହେଉଛି ଏକ ପ୍ରକ୍ରିୟା ଯାହା ଦ୍ୱାରା ଏକ କୃଷିଭିତ୍ତିକ ଅର୍ଥ ବ୍ୟବସ୍ଥାରୁ ଦ୍ରବ୍ୟ ଉତ୍ପାଦନ ଭିତ୍ତିକ ଅର୍ଥ ବ୍ୟବସ୍ଥାକୁ ରୂପାନ୍ତରିତ କରାଯାଏ । ଏହି ପ୍ରକ୍ରିୟାରେ ହାତ ଦ୍ୱାରା କାର୍ଯ୍ୟକରୁଥିବା ଶ୍ରମିକମାନଙ୍କ ପରିବର୍ତ୍ତେ କଳ ଦ୍ୱାରା ବିପୁଳ ପରିମାଣରେ ଦ୍ରବ୍ୟଗୁଡିକର ଉତ୍ପାଦନ କରାଯାଏ । ଔଦ୍ୟୋଗୀକରଣ ଏକ ପ୍ରକ୍ରିୟା

ଅଟେ ଯେଉଁ ପ୍ରକ୍ରିୟା ଦ୍ୱାରା ଅର୍ଥ ବ୍ୟବସ୍ଥାର ପାରମ୍ପରିକ ଅଣଔଦ୍ୟୋଗିକ କ୍ଷେତ୍ର, ଯଥା- କୃଷି, ଶିକ୍ଷା ଇତ୍ୟାଦି, ଅର୍ଥବ୍ୟବସ୍ଥାର ନିର୍ମାଣ କ୍ଷେତ୍ର ସହିତ ସମାନ ହୋଇଯାଏ । ଗୋଟିଏ ଅଞ୍ଚଳ, ସମାଜ ଓ ଦେଶର ବିପୁଳ ଦ୍ରବ୍ୟ ନିର୍ମାଣ ନିମନ୍ତେ ବିକଶିତ ପ୍ରଯୁକ୍ତିବିଦ୍ୟା ଆଧାରିତ ଉଦ୍ୟୋଗ ସ୍ଥାପନ କରିବା ଓ ଅନ୍ୟାନ୍ୟ ଉତ୍ପାଦନ ସମ୍ବନ୍ଧିତ ଅର୍ଥନୀତିକ କାର୍ଯ୍ୟକଳାପ କରିବାକୁ ଔଦ୍ୟୋଗୀକରଣ କୁହାଯାଏ । ଯେତେବେଳେ ଏକ ଦେଶରେ ବହୁସଂଖ୍ୟକ ଶିଳ୍ପ ପ୍ରତିଷ୍ଠା କରାଯାଏ, ସେତେବେଳେ ଔଦ୍ୟୋଗିକରଣ ଦେଖାଯାଏ ।

ବ୍ଲାକ୍‌ୱେଲ୍ ଏନ୍‌ସାଇକ୍ଲୋପିଡିଆ ଅଫ୍ ସୋସିଓଲୋଜି ଅନୁସାରେ ଔଦ୍ୟୋଗୀକରଣ ହେଉଛି ଏକ ପ୍ରକ୍ରିୟା ଯାହାଦ୍ୱାରା ଏକ ଅର୍ଥବ୍ୟବସ୍ଥା ନିରନ୍ତର ପରିବର୍ତ୍ତନ ଓ ଅଭିବୃଦ୍ଧି ସମୟରେ ଜୀବନ ଧାରଣର ଏକ ଉଚ୍ଚ ମାନ ସୃଷ୍ଟିକରି କୃଷିରୁ ନିର୍ମାଣ କ୍ଷେତ୍ରକୁ ଚାଲିଯାଏ ।

### ଔଦ୍ୟୋଗୀକରଣର ଗୁଣାବଳୀ

### Characteristics of Industrialisation

ନିମ୍ନରେ ଔଦ୍ୟୋଗୀକରଣର କେତେକ ଗୁଣାବଳୀକୁ ଆଲୋଚନା କରାଗଲା ।

୧. କଳ ଦ୍ୱାରା ଉତ୍ପାଦନ

୨. ଅଧିକାଂଶ ଶ୍ରମଶକ୍ତି ନିର୍ମାଣରେ ନିୟୋଜିତ ହୁଅନ୍ତି ।

୩. କଳକାରଖାନାରେ ଉତ୍ପାଦନ ଉପରେ ଗୁରୁତ୍ୱ ।

୪. ପ୍ରଯୁକ୍ତିବିଦ୍ୟାର ତ୍ୱରିତ ନିବୋନ୍ମେଷ (Innovation) ଉପରେ ଗୁରୁତ୍ୱ ।

୫. ବଜାରର ସମ୍ପ୍ରସାରଣ ।

୬. ସାରାଦେଶରେ ପରିବହନ ବ୍ୟବସ୍ଥାର ଅଭିବୃଦ୍ଧି ।

୭. ବିନିଯୋଗ ନିମନ୍ତେ ବୃଦ୍ଧିପ୍ରାପ୍ତ ପୁଞ୍ଜିର ଭଣ୍ଡାରଣ ।

୮. ସମସ୍ତ ପ୍ରକାର ଅର୍ଥନୀତିକ କାର୍ଯ୍ୟକଳାପର ଅଭିବୃଦ୍ଧି ।

୯. ସହରଗୁଡ଼ିକର ଆକାର ଓ ପ୍ରାଧାନ୍ୟରେ ସ୍ଥିର ବୃଦ୍ଧି (Steady Increase) ।

### ଭାରତରେ ଔଦ୍ୟୋଗୀକରଣ

### Industrialisation in India

ଭାରତରେ ବ୍ରିଟିଶ୍ ଶାସନ ସମୟରେ ଔଦ୍ୟୋଗୀକରଣ ଆରମ୍ଭ ହୋଇଥିଲା । ସେହି ସମୟରେ ଭାରତରେ କେତେକ ନୂତନ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା । ଅବଶ୍ୟ ଏହି ସମୟରେ ଔଦ୍ୟୋଗୀକରଣ ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ଥିଲା ।

ଭାରତର ସ୍ୱାଧୀନତା ପରେ ଭାରତ ସରକାର ଦେଶରେ ଔଦ୍ୟୋଗୀକରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଦ୍ରୁତ ଔଦ୍ୟୋଗୀକରଣ କାର୍ଯ୍ୟ ହାତକୁ ନିଆଯାଇଥିଲା । ଏହି ସମୟରେ ମୌଳିକ ଓ ଭାରି ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଫଳରେ ରାଉରକେଲା, ଭିଲାଇ ଏବଂ ଦୁର୍ଗାପୁରରେ

ଇସ୍ପାତ୍ କାରଖାନା ସ୍ଥାପିତ ହେଉଥିଲା। ପରବର୍ତ୍ତୀ ପଞ୍ଚବାର୍ଷିକ ଯୋଜନାରେ ଶିଳ୍ପୀକରଣ ଉପରେ ଗୁରୁତ୍ୱ ମଧ୍ୟ ଦିଆଯାଇଥିଲା। ୧୯୬୦ ମସିହା ଓ ପରବର୍ତ୍ତୀ ବର୍ଷ ଗୁଡିକରେ ଔଦ୍ୟୋଗୀକରଣରେ ଦ୍ରୁତ ଅଭିବୃଦ୍ଧି ଘଟିଥିଲା। ଭାରତରେ ଔଦ୍ୟୋଗୀକରଣ ଫଳରେ ଭାରତ ଅନେକ ଦ୍ରବ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛି। ତେବେ ୧୯୭୦ ମସିହାରୁ ୧୯୮୦ ମସିହା ଓ ଏହାର ପରବର୍ତ୍ତୀ ବର୍ଷଗୁଡିକରେ ଔଦ୍ୟୋଗିକ ଅଭିବୃଦ୍ଧିର ହ୍ରାସ ଘଟିଲା।

ଭାରତରେ ଶିଳ୍ପଗୁଡିକର ମନ୍ଥର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ୧୯୯୦ ମସିହା ଶିଳ୍ପନୀତି ଓ ନୂତନ ଶିଳ୍ପ ନୀତି ୧୯୯୧ ମସିହାକୁ ଗ୍ରହଣ କରାଗଲା। ଭାରତରେ ଜଗତିକରଣ, ଉଦାରୀକରଣ ଓ ଘରୋଇକରଣ ଇତ୍ୟାଦିକୁ ଗ୍ରହଣ କଲାପରେ ଶିଳ୍ପ ଅଭିବୃଦ୍ଧି ବୃଦ୍ଧି ପାଇଛି।

### ଔଦ୍ୟୋଗୀକରଣର ପ୍ରଭାବ
### Impact of Industrialisation

ଭାରତରେ ଔଦ୍ୟୋଗୀକରଣ ପ୍ରକ୍ରିୟା ଏହାର ପୁରାତନ ସାମାଜିକ-ଅର୍ଥନୈତିକ ସଂରଚନାର ପରିବର୍ତ୍ତନ ଘଟାଇଛି। ପୂର୍ବରୁ ଭାରତର ସାମାଜିକ-ଅର୍ଥନୀତିକ ସଂରଚନା ଜନ୍ମ ଓ ପ୍ରସ୍ଥିତିର ପାରମ୍ପରିକ ସାମନ୍ତବାଦୀ ତଥା କୃଷି ଅର୍ଥବ୍ୟବସ୍ଥାର ନୀତିଆଧାରିତ ଥିଲା। କିନ୍ତୁ ଶିଳ୍ପୀକରଣ ଫଳରେ ଭାରତର ପାରମ୍ପରିକ ସାମାଜିକ-ଅର୍ଥନୈତିକ ସଂରଚନା ଗଭୀରଭାବେ ପ୍ରଭାବିତ ହୋଇଛି। ଔଦ୍ୟୋଗୀକରଣ ସଂପତ୍ତି ବ୍ୟବସ୍ଥା ଓ ଶ୍ରମ-ବିଭାଜନରେ ପରିବର୍ତ୍ତନ ଆଣିଛି। ସଂକ୍ଷେପରେ କହିଲେ ସମଗ୍ର ଭାରତୀୟ ସମାଜ ଔଦ୍ୟୋଗୀକରଣ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହୋଇଛି। ଭାରତୀୟ ସମାଜରେ ବିକାଶ ଦ୍ୱାରା ପରିବର୍ତ୍ତନ ହୋଇଛି। ଭାରତୀୟ ସମାଜ ଉପରେ ଔଦ୍ୟୋଗୀକରଣର ପ୍ରଭାବ ନିମ୍ନରେ ଆଲୋଚନା କରାଗଲା।

**୧. ସାମାଜିକ ପ୍ରଭାବ (Social Impact) :** ଭାରତରେ ଔଦ୍ୟୋଗୀକରଣର ନିମ୍ନଲିଖିତ ସାମାଜିକ ପ୍ରଭାବ ରହିଥାଏ।

**(କ) ପରିବାର ଉପରେ ପ୍ରଭାବ (Impact on Family) :** ପାରମ୍ପରିକ ଭାରତୀୟ ସମାଜରେ ଯୌଥ ପରିବାର ବ୍ୟବସ୍ଥା ପ୍ରଚଳିତ ଥିଲା। ଔଦ୍ୟୋଗୀକରଣ ଫଳରେ ଯୌଥ ପରିବାରରେ ସଂରଚନାତ୍ମକ ଓ ପ୍ରକାର୍ଯ୍ୟାତ୍ମକ ପରିବର୍ତ୍ତନ ଘଟିଛି। ଏହା ପରିବାରର ସଂଗଠନ ଓ ପାରିବାରିକ ସଂପର୍କରେ ପରିବର୍ତ୍ତନ ଆଣିଛି। ଯୌଥ ପରିବାରଗୁଡ଼ିକର ବିଘଟନ ଘଟିଛି ଓ ତା ସ୍ଥାନରେ ଏକକ ପରିବାର ଦେଖିବାକୁ ମିଳୁଛି। ପତି ଓ ପତ୍ନୀଙ୍କ ମଧ୍ୟରେ ସାମାଜିକ ସଂପର୍କରେ ଦ୍ରୁତ ପରିବର୍ତ୍ତନ ଘଟିଛି।

**(ଖ) ବିବାହ ଉପରେ ପ୍ରଭାବ (Impact on Marriage) :** ଔଦ୍ୟୋଗୀକରଣ ଫଳରେ ହିନ୍ଦୁ ବିବାହ ଅନୁଷ୍ଠାନ ମଧ୍ୟରେ ଗଭୀର ଭାବରେ ପ୍ରଭାବିତ ହୋଇଛି। ଏହା ବିବାହର ସଂଜ୍ଞାକୁ ବଦଳାଇ ଦେଇଛି। ବିବାହକୁ ଏକ ପବିତ୍ର ସଂସ୍କାର ଅପେକ୍ଷା ସାମାଜିକ ଚୁକ୍ତି ଭାବରେ ବିଚାର କରାଯାଉଛି। ପ୍ରେମ ବିବାହ ଓ ଆନ୍ତଃ-ଜାତି ବିବାହ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଛି। ଭାରତୀୟ ସମାଜରେ ଦିନକୁ ଦିନ ବିବାହ ବିଚ୍ଛେଦ ବା ଛାଡ଼ପତ୍ର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

**(ଗ) ଜାତି ବ୍ୟବସ୍ଥା ଉପରେ ପ୍ରଭାବ (Impact on Caste System) :** ଔଦ୍ୟୋଗୀକରଣ ଫଳରେ ଜାତି ବ୍ୟବସ୍ଥାରେ ପରିବର୍ତ୍ତନ ଘଟିଛି । ଔଦ୍ୟୋଗୀକରଣ ଯୋଗୁ ଜାତି ବ୍ୟବସ୍ଥା କ୍ରମଶଃ ଦୁର୍ବଳ ହୋଇଯାଇଛି । ଏହା ଯୋଗୁ କଳକାରଖାନା, ହୋଟେଲ, କାର୍ଯ୍ୟାଳୟ ଓ ଯାନବାହାନ ପ୍ରଭୃତିରେ ବିଭିନ୍ନ ଜାତିର ଲୋକମାନେ ପରସ୍ପର ସଂସ୍ପର୍ଶରେ ଆସିବା ଦ୍ୱାରା ସାମାଜିକ ମିଳାମିଶାରେ ଥିବା କଟକଣାର ବିଲୋପ ଘଟିଛି । ବିଭିନ୍ନ ଜାତିର ଲୋକମାନେ ସ୍ୱଇଚ୍ଛାରେ ଯେକୌଣସି ବୃତ୍ତିକୁ ଗ୍ରହଣ କରିପାରୁଛି ।

**(ଘ) ଧର୍ମ ଉପରେ ପ୍ରଭାବ (Impact on Religion) :** ଧର୍ମ ମଧ୍ୟ ଔଦ୍ୟୋଗୀକରଣର ପ୍ରଭାବରୁ ମୁକ୍ତ ନୁହେଁ । ଔଦ୍ୟୋଗୀକରଣ ଯୋଗୁ ସମାଜରେ ଲୋକମାନଙ୍କ ଉପରେ ଧର୍ମୀୟ ପ୍ରଭାବର ହ୍ରାସ ଘଟିଛି । ଲୋକମାନେ ବୈଜ୍ଞାନିକ ଚିନ୍ତାଧାରା ଦ୍ୱାରା ପରିଚାଳିତ ହେଉଛନ୍ତି । ଅନ୍ଧବିଶ୍ୱାସ, କୁସଂସ୍କାର ଓ ପରମ୍ପରା ପ୍ରଭୃତିର ପରିବର୍ତ୍ତନ ଘଟିଛି ।

**(ଙ) ସାମାଜିକ ସ୍ତରୀକରଣ ଉପରେ ପ୍ରଭାବ (Impact on Soical Stratification) :** ପାରମ୍ପରିକ ଭାରତୀୟ ସମାଜରେ ଜାତି ସାମାଜିକ ସ୍ତରୀକରଣର ଆଧାର ଥିଲା । ଜାତି ବ୍ୟବସ୍ଥା ଏକ ଆବଦ୍ଧ ବ୍ୟବସ୍ଥା ଥିଲା । ଜାତି ବ୍ୟବସ୍ଥାରେ ପ୍ରସ୍ଥିତି ପରିବର୍ତ୍ତନ କରିବାକୁ ବାରଣ କରାଯାଇଥିଲା । ମାତ୍ର ଔଦ୍ୟୋଗୀକରଣ ଫଳରେ ସାମାଜିକ ସ୍ତରୀକରଣର ପରିବର୍ତ୍ତନ ଘଟିଛି । ସ୍ତରୀକରଣର ଆଧାର ଭାବରେ ଶ୍ରେଣୀଗୁଡ଼ିକର ଅଭ୍ୟୁଦୟ ହୋଇଛି । ସ୍ତରୀକରଣର ଆଧାର ଭାବରେ ଜାତିର ଗୁରୁତ୍ୱ କମିଯାଇଛି ଏବଂ ଶ୍ରେଣୀର ଗୁରୁତ୍ୱ ବୃଦ୍ଧି ପାଇଛି ।

**(ଚ) ମନୋରଞ୍ଜନ ଉପରେ ପ୍ରଭାବ (Impact on Entertainment) :** ଔଦ୍ୟୋଗୀକରଣ ଫଳରେ ମନୋରଞ୍ଜନ ମାଧ୍ୟମଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି । ପୂର୍ବରୁ ପରିବାର ମନୋରଞ୍ଜନର କେନ୍ଦ୍ର ଥିଲା । ବର୍ତ୍ତମାନ ପରିବାର ଭିତରେ ମନୋରଞ୍ଜନ ସମ୍ଭବ ହୋଇପାରୁନାହିଁ । ତେଣୁ ଲୋକମାନେ ମନୋରଞ୍ଜନ ନିମନ୍ତେ ଔପଚାରିକ ଅନୁଷ୍ଠାନ ଉପରେ ନିର୍ଭର କରୁଛନ୍ତି । ଲୋକମାନେ ମନୋରଞ୍ଜନ ନିମନ୍ତେ ସିନେମା, ଥିଏଟର ଓ ଅନ୍ୟାନ୍ୟ ମନୋରଞ୍ଜନ କେନ୍ଦ୍ରକୁ ଯାଉଛି ।

**(ଛ) ସହରୀକରଣ ଉପରେ ପ୍ରଭାବ (Impact on Urbanisation) :** ଔଦ୍ୟୋଗୀକରଣ ଫଳରେ ନୂତନ ସହରମାନ ଗଢ଼ିଉଠିଛି । ଶିଳ୍ପକେନ୍ଦ୍ର ଓ ସହରୀ ଜୀବନ ପ୍ରତି ଆକୃଷ୍ଟ ହୋଇ ଗ୍ରାମାଞ୍ଚଳର ଲୋକମାନେ ସହରଗୁଡ଼ିକୁ ଚାଲିଯାଆନ୍ତି ।

**(ଜ) ଗ୍ରାମାଞ୍ଚଳ ଉପରେ ପ୍ରଭାବ (Impact on Rural Areas) :** ଔଦ୍ୟୋଗୀକରଣ ଓ ସହରୀକରଣ ଫଳରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଦୃଢ଼ ସାମାଜିକ ପରିବର୍ତ୍ତେ ସଂଘଟିତ ହୋଇଛି । ଔଦ୍ୟୋଗୀକରଣ ଯୋଗୁ ଗ୍ରାମାଞ୍ଚଳର ଲୋକମାନଙ୍କ ଜୀବନ ଧାରଣ ମାନ ଉନ୍ନତ ହୋଇଛି । ଏହା ଛଡ଼ା ସେମାନଙ୍କର ଭାବବୃତ୍ତି (Attitude) ଓ ମୂଲ୍ୟବୋଧର ପରିବର୍ତ୍ତନ ଘଟିଛି ।

**୨. ଅର୍ଥନୀତିକ ପ୍ରଭାବ (Economicl Impact) :** ଔଦ୍ୟୋଗୀକରଣର ନିମ୍ନଲିଖିତ ଅର୍ଥନୀତିକ ପ୍ରଭାବ ରହିଥାଏ ।

**(କ) ବିପୁଳ ଉତ୍ପାଦନ (Vast Production) :** ବିପୁଳ ଉତ୍ପାଦନ ନିମନ୍ତେ ଔଦ୍ୟୋଗୀକରଣ ସହାୟକ ହୋଇଛି । ଭାରତରେ ସିମେଣ୍ଟ, ଚିନି, ଲୁହା ଇତ୍ୟାଦି ବହୁ ପରିମାଣରେ ଉତ୍ପାଦିତ ହେଉଛି । ବର୍ତ୍ତମାନ ବିଭିନ୍ନ ଦ୍ରବ୍ୟର ଉତ୍ପାଦନ ଯୋଗୁ ଭାରତ ଆତ୍ମନିର୍ଭରଶୀଳ ହୋଇପାରିଛି ।

**(ଖ) ବାଣିଜ୍ୟର ଅଭିବୃଦ୍ଧି (Growth of Trade) :** ବିପୁଳ ଉତ୍ପାଦନ ଫଳରେ ବାଣିଜ୍ୟ ଓ ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି । ଭାରତର ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦ୍ରୁତ ଔଦ୍ୟୋଗୀକରଣ ବାଣିଜ୍ୟ ଓ ବ୍ୟବସାୟ ନିମନ୍ତେ ନୂତନ ରାସ୍ତା ଖୋଲିଦେଇଛି ।

**(ଗ) ଶ୍ରମବିଭାଜନ ଓ ବିଶେଷୀକରଣ (Division of Labour and Specidisation) :** ଔଦ୍ୟୋଗୀକରଣର ଅନ୍ୟ ଏକ ଅର୍ଥନୀତିକ ପ୍ରଭାବ ହେଉଛି ଶ୍ରମବିଭାଜନ ଓ ବିଶେଷୀକରଣ । କ୍ରମଶଃ, ବିଶେଷଜ୍ଞ ଓ ଉଦ୍ୟୋଗତନ୍ତ୍ରବାଦୀ (Technocrat) ମାନଙ୍କର ସଂଖ୍ୟା ବୃଦ୍ଧି ପାଉଛି ।

**ଔଦ୍ୟୋଗୀକରଣର କୁପ୍ରଭାବ**

**Effects of Industrialisation**

ଔଦ୍ୟୋଗୀକରଣ ଅନେକ ଗୁଡିଏ ମନ୍ଦ ବା କୁ ପ୍ରଭାବକୁ ଜନ୍ମ ଦେଇଛି । ଏହାର କୁପ୍ରଭାବଗୁଡିକୁ ନିମ୍ନରେ ଆଲୋଚନା କରାଗଲା ।

**(୧) ବ୍ୟକ୍ତିଗତ ବିଘଟନ (Indivisual Disorganisation) :** ଔଦ୍ୟୋଗୀକରଣ ବ୍ୟକ୍ତିଗତ ବିଘଟନର ଏକ କାରଣ ଅଟେ । ଔଦ୍ୟୋଗୀକ ସହରରେ ଭଡ଼ା ଗୃହ ମହଙ୍ଗା ହୋଇଥିବାରୁ ଗ୍ରାମରୁ କଳକାରଖାନାରେ କାମ କରିବାକୁ ଆସିଥିବା ଲୋକମାନେ ପରିବାରକୁ ଆଣିପାରନ୍ତି ନାହିଁ । ଦିନ ତମାମ କଠିନ ପରିଶ୍ରମ ପରେ ସେମାନେ ପାରିବାରିକ ପରିବେଶ ପାଇପାରନ୍ତି ନାହିଁ । ଫଳରେ ସେମାନେ ମଦ୍ୟପାନ, ବେଶ୍ୟାବୃତ୍ତି ଇତ୍ୟାଦି କାର୍ଯ୍ୟରେ ଲିପ୍ତ ହୋଇପଡ଼ନ୍ତି । ଏହା ଦ୍ୱାରା ସେମାନଙ୍କର ନୈତିକ ପତନ ହୁଏ ।

**(୨) ପରିବାର ବିଘଟନ (Family Disorganisation) :** ଔଦ୍ୟୋଗୀକରଣ ଫଳରେ ପରିବାର ବିଘଟନ ହେଉଛି । ଯେତେବେଳେ ଉଭୟ ପତି ଓ ପତ୍ନୀ ନିଜ ନିଜ ସ୍ଥାନକୁ କାମ କରିବାକୁ ଚାଲି ଯାଆନ୍ତି । ସେତେବେଳେ ଶିଶୁଙ୍କର ଯତ୍ନନେବା ସମ୍ଭବ ହୁଏନାହିଁ ଓ ପିଲାମାନେ ବିପଥଗାମୀ ହୋଇଯାଆନ୍ତି । ଏହାଛଡ଼ା ପତି ପତ୍ନୀ ମଧ୍ୟରେ ସଂପର୍କରେ ସଙ୍ଗତି ରହେ ନାହିଁ । ଫଳରେ ପରିବାର ବିଘଟନ ଘଟେ ।

**(୩) ବେକାରୀ (Unemployment) :** ଔଦ୍ୟୋଗୀକରଣ ଲକ୍ଷ ଲକ୍ଷ ଲୋକଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବାବେଳେ ଏହା ମଧ୍ୟ ବେକାରୀ ସୃଷ୍ଟି କରିଥାଏ । ଉତ୍ପାଦନର ଯାନ୍ତ୍ରିକିକରଣ (Mechanisation) ଫଳରେ ଶ୍ରମିକମାନଙ୍କର ଆବଶ୍ୟକତା କମିଯାଏ । ଫଳରେ ଶ୍ରମିକମାନଙ୍କୁ ଛଟେଇ କରିଦିଆଯାଏ ।

**(୪) ଅପରାଧ ଓ ଅନୈତିକତା (Crime and Immortality) :** ଔଦ୍ୟୋଗୀକରଣ ଅପରାଧ ଓ ଅନୈତିକତାକୁ ସୃଷ୍ଟି କରିଛି । ହଜାର ହଜାର ଶ୍ରମିକ ବାସଗୃହର ଅଭାବଜନିତ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ସେମାନେ ମହଙ୍ଗା ସହରୀ ଜୀବନ ସହିତ ଖାପଖୁଆଇ ନିଜକୁ ଚଳାଇପାରନ୍ତି ନାହିଁ । ସେମାନଙ୍କର ନୈତିକ ତାଲିମ ନଥିବାରୁ ସେମାନେ ମଦ୍ୟପାନ କରନ୍ତି ଏବଂ ବେଶ୍ୟାଶକ୍ତ ହୋଇଯାଆନ୍ତି ।

**(୫) ଶିଳ୍ପ ବିବାଦ ଓ ଦୁର୍ଘଟଣା (Industrial Dispute and Accidents) :** ଔଦ୍ୟୋଗୀକରଣ ପ୍ରକ୍ରିୟାରେ ଶିଳ୍ପ ବିବାଦ ଓ ଦୁର୍ଘଟଣା ଅନିବାର୍ଯ୍ୟ । କଳକାରଖାନାରେ ଯେଉଁ ଶ୍ରମିକମାନେ କାର୍ଯ୍ୟ କରନ୍ତି ସେମାନେ ଅଧିକଠାରୁ

ଅଧିକ ପାଇବା ନିମନ୍ତେ ଆଶାକରନ୍ତି । ଅନ୍ୟ ପକ୍ଷରେ ଶିଳ୍ପପତିମାନେ କମ୍ ମଜୁରୀରେ ଅଧିକ ଉତ୍ପାଦନ ଚାହିଁଥାଆନ୍ତି । ସ୍ୱାର୍ଥକୁ ନେଇ ସେମାନଙ୍କ ଭିତରେ ମତଭେଦ ଫଳରେ ଶିଳ୍ପବିବାଦ ଦେଖାଯାଏ । ଭାରତୀୟ ଶିଳ୍ପଗୁଡ଼ିକରେ କାମ କରିବାର ପରିସ୍ଥିତି ଉଚ୍ଚମାନର ନୁହେଁ ଏବଂ ସବୁବେଳେ ଦୁର୍ଘଟଣାର ସମ୍ଭାବନା ରହିଥାଏ ।

**(୬) ଶ୍ରେଣୀ ସଂଘର୍ଷ (Class Conflict) :** ଅନ୍ୟାନ୍ୟ ଦେଶ ପରି ଭାରତର ଔଦ୍ୟୋଗୀକରଣ ଶ୍ରେଣୀ ସଂଘର୍ଷ ସୃଷ୍ଟି କରିଛି । ଧନୀ ଓ ଦରିଦ୍ର ଲୋକମାନଙ୍କ ମଧ୍ୟରେ ନିରନ୍ତର ଉତ୍ତେଜନା ରହିଥାଏ । ତେବେ ଭାରତରେ ଶ୍ରେଣୀ ସଂଘର୍ଷ ଗୁରୁତର ନୁହେଁ ।

**(୭) ଗ୍ରାମ୍ୟ ଶିଳ୍ପର କ୍ଷୟ (Decline of Rural Industry) :** ଔଦ୍ୟୋଗୀକରଣ ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକର ବିପୁଳ ଉତ୍ପାଦନ ହେଉଛି । କାରଖାନାରେ ଉତ୍ପାଦିତ ହେଉଥିବା ଦ୍ରବ୍ୟଗୁଡ଼ିକର ଗୁଣବତା ଉଚ୍ଚମାନର ଓ ଏଗୁଡ଼ିକ ଶସ୍ତା । ଗ୍ରାମାଞ୍ଚଳରେ ଏହି ଦ୍ରବ୍ୟଗୁଡ଼ିକୁ ବ୍ୟବହାର କରାଯିବା ଫଳରେ କୁଟୀର ଶିଳ୍ପଗୁଡ଼ିକ ଧ୍ୱଂସ ପାଇଗଲାଣି ।

**(୮) ବସ୍ତିଗୁଡ଼ିକର ଅଭିବୃଦ୍ଧି (Grouth of Slums) :** ଔଦ୍ୟୋଗୀକରଣ କାରଣରୁ ବାସଗୃହର ଅଭାବ ଦେଖାଦେଇଛି । ଫଳରେ ବସ୍ତିମାନ ଗଢ଼ିଉଠିଛି । ଏହି ବସ୍ତିଗୁଡ଼ିକ ଜନଗହଳିପୂର୍ଣ୍ଣ ଅଟେ । ବସ୍ତିରେ ବାସକରୁଥିବା ଲୋକମାନେ ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ବାସ କରନ୍ତି ଓ ବିଭିନ୍ନ ପ୍ରକାର ରୋଗର ଶୀକାର ହୁଅନ୍ତି । ସେମାନେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ହେବାର ସମ୍ଭାବନା ରହିଥାଏ । ବସ୍ତି ହେଉଛି ଅପରାଧୀମାନଙ୍କର ଆଶ୍ରୟ ସ୍ଥଳ ।

## ସହରୀକରଣ
## Urbanisation

### ସହରୀକରଣର ଅର୍ଥ
### Meaning of Urbanisation

ସହରୀକରଣ ହେଉଛି ଏକ ଜଟୀଳ ପ୍ରକ୍ରିୟା ଯାହାଦ୍ୱାରା ବହୁ ସଂଖ୍ୟକ ଲୋକ ସହରରେ କାର୍ଯ୍ୟ କରନ୍ତି ଓ ବାସକରନ୍ତି । ଏହା ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ଲୋକମାନେ ଗ୍ରାମରୁ ସହରକୁ ଗତି କରନ୍ତି ଯେଉଁଠାରେ ମୁଖ୍ୟତଃ ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ପରିଚାଳନା ଇତ୍ୟାଦି ଅଣକୃଷି ସମ୍ବନ୍ଧୀୟ କାର୍ଯ୍ୟକଳାପ ଦେଖିବାକୁ ମିଳେ । ସହରୀକରଣ ପ୍ରକ୍ରିୟାରେ ଗ୍ରାମାଞ୍ଚଳର ଅଧିବାସୀ ସହରାଞ୍ଚଳରେ ବସବାସ କରିବାକୁ ଲାଗନ୍ତି । ଯେତେବେଳେ ଗ୍ରାମାଞ୍ଚଳର ଲୋକମାନେ ସହରାଞ୍ଚଳକୁ ଗତି କରନ୍ତି ଓ ସେଠାରେ ବସବାସ କରନ୍ତି ସେତେବେଳେ ଏହି ପ୍ରକ୍ରିୟାକୁ ସହରୀକରଣ କୁହାଯାଏ । ଏହା ହେଉଛି ଏକ ପ୍ରକ୍ରିୟା ଯାହାଦ୍ୱାରା ଗ୍ରାମାଞ୍ଚଳର ଲୋକମାନେ ସହରାଞ୍ଚଳକୁ ଗତି କରନ୍ତି ଏବଂ ସେମାନଙ୍କର ବ୍ୟବହାର ସହରାଞ୍ଚଳ ସମୂହର ଗୁଣାବଳୀକୁ ରୂପାନ୍ତରିତ ହୁଏ । ଅର୍ଥାତ୍ ଗ୍ରାମାଞ୍ଚଳର ଲୋକମାନେ ସହରକୁ ଆସନ୍ତି ଓ ସହର ସମୁଦାୟର ଗୁଣାବଳୀ ସେମାନଙ୍କର ଅଂଶବିଶେଷ ହୋଇଯାଏ ।

ସହରୀକରଣ ପ୍ରକ୍ରିୟାକୁ ବିଶ୍ଳେଷଣ କରିବା ନିମନ୍ତେ ନିମ୍ନଲିଖିତ ତିନୋଟି ବିଭାବ ବା ଦିଗ ସମ୍ବନ୍ଧରେ ଆଲୋଚନା କରାଯାଇ ପାରେ ।

(କ) ଜନବିବରଣ ସମ୍ବନ୍ଧୀୟ ଦିଗ

(ଖ) ଅର୍ଥନୈତିକ ଦିଗ

(ଗ) ସାମାଜିକ-ସାଂସ୍କୃତିକ ଦିଗ

ଗ୍ରାମାଞ୍ଚଳରୁ ଲୋକମାନେ ସହରାଞ୍ଚଳକୁ ଯିବା ସହରାଞ୍ଚଳର ଜନବିବରଣ ସମ୍ବନ୍ଧୀୟ ୧ ୧ ୩

ଦିଗକୁ ଦର୍ଶାଇଥାଏ । କୃଷି ବୃତ୍ତିରୁ ଅଣକୃଷି ବୃତ୍ତିକୁ ପରିବର୍ତ୍ତନ ସହରୀକରଣର ଅର୍ଥନୈତିକ ଦିଗ ସହିତ ସଂପୃକ୍ତ ।

ପୋକକ୍‌ଙ୍କ ମତରେ ସହରୀକରଣ ତିନୋଟି କଥାକୁ ଦର୍ଶାଇଥାଏ । ସେଗୁଡ଼ିକ ହେଲା ସହରାଞ୍ଚଳରେ ବାସକରୁଥିବା ଜନସଂଖ୍ୟାରେ ବୃଦ୍ଧି, ସହରଗୁଡ଼ିକର ସଂଖ୍ୟାରେ ବୃଦ୍ଧି ବା ସେଗୁଡ଼ିକର ଭୌଗଳିକ ସୀମାର ସଂପ୍ରସାରଣ ଓ ସହରୀ ପ୍ରତିମାନ ଓ ମୂଲ୍ୟବୋଧର ପ୍ରସାରଣ । ସହରୀକରଣ ବା ନଗରୀକରଣ ମଧ୍ୟ ଲୋକମାନଙ୍କର ମନୋବୃତ୍ତି, ମୂଲ୍ୟବୋଧ, ବ୍ୟବହାର ଓ ଜୀବନ ଯାପନ ଶୈଳୀରେ ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ତେଣୁ ସହରୀକରଣ କହିଲେ ଗ୍ରାମାଞ୍ଚଳର ଲୋକ ସହରାଞ୍ଚଳକୁ ଯାଇ ବସବାସ କରିବା, ସହରଗୁଡ଼ିକର ଜନସଂଖ୍ୟା ବୃଦ୍ଧି ପାଇବା ଓ ସହରଗୁଡ଼ିକର ସଂଖ୍ୟା ବୃଦ୍ଧିପାଇବାକୁ ବୁଝାଏ ।

**ସହରୀକରଣର ସଂଜ୍ଞା**

**Definition of Urbanisation**

ସହରୀକରଣର କେତେକ ସଂଜ୍ଞା ନିମ୍ନରେ ପ୍ରଦାନ କରାଗଲା ।

ଥମ୍ପସନ୍ (Thompson) ଙ୍କ ମତରେ, "ମୁଖ୍ୟତଃ କୃଷି କାର୍ଯ୍ୟରେ ସମ୍ପୃକ୍ତ ସମୁଦାୟର ଲୋକମାନେ ସାଧାରଣତଃ ସରକାରୀ, ବାଣିଜ୍ୟ, ଉତ୍ପାଦନ କିମ୍ବା ଅନ୍ୟାନ୍ୟ ସମାନ ପ୍ରକାରର କାର୍ଯ୍ୟରେ ସମ୍ପୃକ୍ତ ସମୁଦାୟକୁ ଗତିକରିବା ସହରୀକରଣ ଅଟେ ।"

Urbanisation is the movement of people from communities concerned chiefly or solely with orgriculture to other communities, generally larger whose activities are primarily centred in government, trade, manufacture or allied interests.

ଫେୟାର ଚାଇଲ୍ଡ (Fair Child) ଙ୍କ ଅନୁସାରେ, "ସହରୀକରଣ ହେଉଛି ସହରୀ ହେଉଥିବା ଲୋକମାନଙ୍କର ସହରାଞ୍ଚଳକୁ ଗତିକରିବା, ସହରାଞ୍ଚଳ ଜନସଂଖ୍ୟା ବୃଦ୍ଧି ହେବାର ଏକ ପ୍ରକ୍ରିୟା ।

Urbanisation as a process of becoming Urban, the movement of people to Urban areas; the increase of Urban areas Population.

## ସହରୀକରଣର ଗୁଣାବଳୀ

**Characteristics of Urbanisation**

ସହରୀକରଣର ଗୁଣାବଳୀକୁ ନିମ୍ନରେ ଆଲୋଚନା କରାଗଲା ।

**୧. ସହର ଓ ବଜାରଗୁଡ଼ିକରେ ବାସକରୁଥିବା ଲୋକମାନଙ୍କ ଅନୁପାତରେ ବୃଦ୍ଧି (Increase in Proportion of People living in Cities and Towns) :** ସହରୀକରଣରେ ସହର ଓ ବଜାରରେ ବାସକରୁଥିବା ଲୋକମାନଙ୍କ ଅନୁପାତରେ ବୃଦ୍ଧି ହୁଏ । ଏହା ହେଉଛି ସହରୀ ହେବା, ସହରକୁ ଗତିକରିବା ଏବଂ କୃଷିରୁ ଅନ୍ୟ ବୃତ୍ତିକୁ ଗ୍ରହଣ କରିବାରେ ଏକ ପ୍ରକ୍ରିୟା ସହରାଞ୍ଚଳରେ ଜନସଂଖ୍ୟାର ପ୍ରାକୃତି ବୃଦ୍ଧିଘଟିଥାଏ ।

**୨. ସହର ଓ ବଜାର ସଂଖ୍ୟାରେ ବୃଦ୍ଧି (Increase in Number of Cities and Towns) :** ସହରୀକରଣ କେବଳ ସହର ଓ ବଜାରରେ ବାସ କରୁଥିବା ଲୋକଙ୍କ ସଂଖ୍ୟାରେ ବୃଦ୍ଧିକୁ ବୁଝାଇ ନଥାଏ । ଏହା ମଧ୍ୟ ସହର ଓ ବଜାରଗୁଡିକର ସଂଖ୍ୟାର ବୃଦ୍ଧିକୁ ଦର୍ଶାଇଥାଏ । ଏହା ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ନୂତନ ସହର ଓ ବଜାର ସୃଷ୍ଟି ହୁଏ । ବିଭିନ୍ନ କାରଣରୁ ସହରୀକରଣରେ ନୂତନ ସହର ଓ ବଜାରଗୁଡିକ ଗଢ଼ିଉଠେ । ମୂଖ୍ୟତଃ ଔଦ୍ୟୋଗିକ ଅଭିବୃଦ୍ଧି ଯୋଗୁ ନୂତନ ସହରମାନ ଗଢ଼ିଉଠେ ।

**୩. ଗ୍ରାମାଞ୍ଚଳର ରୂପାନ୍ତରଣ (Transformation of Rural Areas) :** ସହରୀକରଣ ହେଉଛି ଗ୍ରାମାଞ୍ଚଳ ଲୋକମାନଙ୍କର ସହରାଞ୍ଚଳକୁ ଗତି । ଏହା ହେଉଛି ଏକ ପ୍ରକ୍ରିୟା, ଯାହାଦ୍ୱାରା ଗ୍ରାମାଞ୍ଚଳ ସହରାଞ୍ଚଳକୁ ରୂପାନ୍ତରିତ ହୋଇଥାଏ । ଯେଉଁ ଗ୍ରାମାଞ୍ଚଳ ସହରାଞ୍ଚଳରେ ରୂପାନ୍ତରିତ ହୁଏ ସେହି ସହରାଞ୍ଚଳର ଲୋକମାନଙ୍କର ଜୀବନ ଧାରଣ ଶୈଳୀରେ ପରିବର୍ତ୍ତନ ହୁଏ । ସେମାନେ ସହରୀ ଜୀବନକୁ ଗ୍ରହଣ କରିନିଅନ୍ତି । ସହରୀକରଣରେ ଗ୍ରାମାଞ୍ଚଳ ସହରର ଗୁଣାବଳୀକୁ ଧାରଣକରେ ।

**୪. ସ୍ଥାନାନ୍ତରଣ (Migration).:** ସହରୀକରଣ ପ୍ରକ୍ରିୟାରେ ଗ୍ରାମାଞ୍ଚଳର ଲୋକମାନଙ୍କର ସହରାଞ୍ଚଳକୁ ସ୍ଥାନାନ୍ତରଣ ହୁଏ । ସେମାନେ କୃଷି ସମ୍ବନ୍ଧୀୟ ବୃତ୍ତିକୁ ତ୍ୟାଗକରି ସେବା, ବାଣିଜ୍ୟ ଓ ବ୍ୟବସାୟ ଆଦି ବୃତ୍ତିକୁ ଗ୍ରହଣ କରନ୍ତି । ଏହା ସହିତ ସେମାନଙ୍କ ଭାବବୃତ୍ତି, ବିଶ୍ୱାସ, ମୂଲ୍ୟବୋଧ ଓ ବ୍ୟବହାର ଶୈଳୀରେ ମଧ୍ୟ ପରିବର୍ତ୍ତନ ହୁଏ ।

**୫. ବହୁକାରଣଆଧାରିତ ପ୍ରକ୍ରିୟା (Multicausal Process) :** ସହରୀକରଣର ଅନେକ କାରଣ ଥାଏ । ସେହି କାରଣଗୁଡ଼ିକ ହେଲା ଔଦ୍ୟୋଗୀକରଣ, ବାଣିଜ୍ୟକରଣ, ସାମାଜିକ ସୁବିଧା ଓ ସେବାର ଉପଲବ୍ଧି, ନିଯୁକ୍ତି ସୁଯୋଗ ଏବଂ ଜୀବନ ଧାରଣ ଶୈଳୀରେ ପରିବର୍ତ୍ତନ । ଉପରୋକ୍ତ କାରଣଗୁଡ଼ିକ ଯୋଗୁ ଗ୍ରାମାଞ୍ଚଳରୁ ଲୋକମାନେ ସହର ଓ ବଜାରଗୁଡିକୁ ଚାଲିଯାଆନ୍ତି, ଯାହାଦ୍ୱାରା ସହର ଓ ବଜାରଗୁଡିକ ଜନସଂଖ୍ୟା ବୃଦ୍ଧିପାଏ ।

ଏକ ସମାଜରେ ଜୀବନର ଜନବିବରଣ ସମ୍ବନ୍ଧିତ, ସାମାଜିକ, ଅର୍ଥନୀତିକ ଓ ପରିବେଶୀୟ ଦିଗଗୁଡିକରେ କାଳିକ (Temporal), ସ୍ଥାନିକ (Spatial) ଓ ଆଞ୍ଚଳିକ (Sectoral) ପରିବର୍ତ୍ତନ ମାଧ୍ୟମରେ ସହରୀକରଣ ନିଜକୁ ପରିପ୍ରକାଶିତ କରିଥାଏ ।

## ସାଂପ୍ରତିକ ଭାରତରେ ସହରୀକରଣ
**Urbanisation in Contemporary India**

ବର୍ତ୍ତମାନ ଭାରତର ସହରୀ ପ୍ରାରୂପ ପ୍ରାକ୍-ବ୍ରିଟିଶ୍, ଔପନିବେଶିକ ଓ ସ୍ୱାଧୀନୋତ୍ତର ମୂଳଦୂଆ ଉପରେ ପ୍ରତିଷ୍ଠିତ। ଭାରତର ସହରୀକରଣ ପ୍ରକ୍ରିୟା ବ୍ରିଟିଶ୍ ପରମ୍ପରା ଓ ସାଂପ୍ରତିକ ଢାଞ୍ଚା ଭିତ୍ତିକ ଅଟେ । ଏହା ଛଡା ଆଧୁନିକ ଶୈଳୀରେ ମଧ୍ୟ ଅନେକ ସହର ଭାରତରେ ପ୍ରତିଷ୍ଠିତ ହୋଇଅଛି ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ସହରଗୁଡିକର ସଂଖ୍ୟା ଦ୍ରୁତଗତିରେ ବୃଦ୍ଧିପାଇବାରେ ଲାଗିଛି । ୨୦୧୧ ମସିହା ଜନଗଣନା ଅନୁସାରେ ଭାରତର ଜନସଂଖ୍ୟାର ୩୧.୧୬% ଲୋକ ସହରରେ ବାସ କରୁଛନ୍ତି । ଭାରତର ସହରଗୁଡିକରେ ରହିଥିବା ଜନସଂଖ୍ୟାର ଆକାର ବିଶାଳ ଅଟେ । ଭାରତର ବଡ ବଡ ସହରରେ ଜନବହୁଳତା ଅତ୍ୟଧିକ । ୧୨ଗୋଟି ମେଟ୍ରୋପଲିଟାନ୍ ସହର ମଧ୍ୟରୁ ପ୍ରତ୍ୟେକ ସହରରେ ଏକ ନିୟୁତରୁ ଅଧିକ ସଂଖ୍ୟକ ଲୋକ ବସବାସ କରୁଛନ୍ତି । ସେହିପରି ଭାରତରେ ୪୨ ଗୋଟି ସହର ମଧ୍ୟରୁ ପ୍ରତ୍ୟେକ ସହରରେ ୫୦ ଲକ୍ଷରୁ ଅଧିକ ଲୋକ ବାସକରୁଛନ୍ତି । ଉପରୋକ୍ତ ସହରଗୁଡ଼ିକରେ ଭାରତର ସହରୀ ଜନସଂଖ୍ୟାର ଦୁଇପଞ୍ଚମାଂଶ ଲୋକ ବାସିନ୍ଦା ଅଟନ୍ତି । ୨୦୦୧ ମସିହା ଜନଗଣନା ଅନୁସାରେ ଭାରତରେ ଛୋଟବଡ ମୋଟ ୫୧୬୧ଟି ସହର ରହିଛି ।

ଭାରତରେ ସହରୀ ଜନସଂଖ୍ୟାର ଅଭିବୃଦ୍ଧିର ଗତି ଓ ପ୍ରାରୂପ ଏହାର ଆକାର ଅପେକ୍ଷା ଗୁରୁତ୍ୱପୂର୍ଣ୍ଣ ଅଟେ । ଭାରତରେ ସହରୀ ଜନସଂଖ୍ୟାର ଆକାର ପୃଥିବୀର ଅନ୍ୟ ଦେଶ ତୁଳନାରେ ବୃହତ ଅଟେ । ଅର୍ଥାତ୍ ଭାରତରେ ଏକ ବିଶାଳ ସହରୀ ଜନସଂଖ୍ୟା ରହିଛି । ମାତ୍ର ସହରୀକରଣ ସ୍ତର ଦୃଷ୍ଟିରୁ ପୃଥିବୀରେ ଭାରତ ହେଉଛି ନିମ୍ନତମ ସହରୀକୃତ ଦେଶ । ୧୯୫୧ ଠାରୁ ୨୦୦୧ ମସିହା ଭିତରେ ଭାରତର ସହରୀକରଣ ସ୍ତର ମାତ୍ର ୧୩% ବୃଦ୍ଧି ପାଇଛି । ଭାରତୀୟ ସମୁଦାୟ ଜନସଂଖ୍ୟାର ୭୨.୩୨ ଭାଗ ଲୋକ ଏବେବି ଗ୍ରାମାଞ୍ଚଳରେ ବାସ କରୁଛନ୍ତି । ୧୯୯୧ ମସିହାରୁ ୨୦୦୧ ମସିହା ମଧ୍ୟରେ ସହରୀ ଜନସଂଖ୍ୟାର ଅଭିବୃଦ୍ଧି ଅନୁପାତ ଅତ୍ୟନ୍ତ ମନ୍ଥର ଅଟେ । କିନ୍ତୁ ଆକାର ଦୃଷ୍ଟିରୁ ଭାରତର ସହରୀ ଜନସଂଖ୍ୟା ହେଉଛି ପୃଥିବୀରେ ଦ୍ୱିତୀୟ ବୃହତ୍ ଜନସଂଖ୍ୟା । ଭାରତର ୬ ନିୟୁତରୁ ଅଧିକ ସଂଖ୍ୟାବିଶିଷ୍ଟ ୪ଗୋଟି ମେଗା ସହର, ଯଥା – ମୁମ୍ବାଇ, କୋଲକତା, ଦିଲ୍ଲୀ ଓ ଚେନ୍ନାଇରେ ଭାରତର ସହରୀ ଜନସଂଖ୍ୟାର ଏକ ଚତୁର୍ଥାଂଶ ଲୋକ ବାସକରୁଛନ୍ତି । ବାଣିଜ୍ୟିକ କାର୍ଯ୍ୟକଳାପ ଓ ଚାକିରୀ ନିମନ୍ତେ ସଯୋଗ ଦୃଷ୍ଟିରୁ ଉପରୋକ୍ତ ମେଗା ସହରଗୁଡିକରେ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧିପାଉଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତର ସହରୀ ଦୃଶ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଦେଇଛି । ସେହି ପରିବର୍ତ୍ତନଗୁଡିକୁ ନିମ୍ନରେ ଆଲୋଚନା କରାଗଲା ।

୧. ଭାରତର ସହରାଞ୍ଚଳ, ବିଶେଷକରି ଉତ୍ତର ଭାରତର ସହରାଞ୍ଚଳରେ ଶରଣାର୍ଥୀମାନଙ୍କର ପ୍ରବେଶ ଓ ସେମାନଙ୍କର ବସତି ସ୍ଥାପନ ।

୨. ଚଣ୍ଡୀଗଡ, ଭୁବନେଶ୍ୱର ଇତ୍ୟାଦି ପ୍ରଶାସନିକ ସହରଗୁଡ଼ିକର ନିର୍ମାଣ ।

୩. ଔଦ୍ୟୋଗିକ ସହର ଓ ମୁଖ୍ୟ ସହରଗୁଡ଼ିକ ନିକଟରେ କ୍ଷୁଦ୍ର ସହରଗୁଡ଼ିକର ନିର୍ମାଣ ।

୪. ମେଟ୍ରୋ ସହରଗୁଡ଼ିକର ଦ୍ରୁତ ଅଭିବୃଦ୍ଧି ।

୫. କ୍ଷୁଦ୍ର ସହରଗୁଡ଼ିକର ଅଭିବୃଦ୍ଧିରେ ସ୍ଥାଣୁତା ଓ ସେଗୁଡ଼ିକ ମଧ୍ୟରୁ କେତକର ଅଧୋପତନ ।

୬. ମେଟ୍ରୋ ସହରଗୁଡ଼ିକରେ ବସ୍ତି ଗୁଡ଼ିକର ଦ୍ରୁତ ଅଭିବୃଦ୍ଧି ଓ ଗ୍ରାମ୍ୟ-ସହର ମଧ୍ୟସ୍ଥ ଅଞ୍ଚଳ ଗୁଡ଼ିକର ଅଭ୍ୟୁଦୟ ।

୭. ସହର ଯୋଜନାର ଆରମ୍ଭ ଓ ନାଗରିକ ସୁବିଧାସୁଯୋଗରେ ଉନ୍ନତି ।

ଭାରତର ରାଜ୍ୟଗୁଡ଼ିକ ଓ ବିଭିନ୍ନ ଅଞ୍ଚଳ ମଧ୍ୟରେ ସହରୀକରଣ ସ୍ତରରେ ମଧ୍ୟ ତାରତମ୍ୟ ଦେଖାଯାଏ । ଅର୍ଥନୈତିକ ଓ ସାମାଜିକ ବିକାଶରେ ପ୍ରଭେଦ ଯୋଗୁ ଏହି ତାରତମ୍ୟ ଦେଖାଯାଏ । ଭାରତର କେତେକ ରାଜ୍ୟରେ ସହରୀକରଣ ସ୍ତର ଉଚ୍ଚତମ ହୋଇଥିବା ବେଳେ କେତେକ ରାଜ୍ୟରେ ଏହାର ସ୍ତର ନିମ୍ନ ଅଟେ । ରାଜ୍ୟଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର ହେଉଛି ଭାରତର ସବୁଠାରୁ ଅଧିକ ସହରୀକୃତ ରାଜ୍ୟ । ମହାରାଷ୍ଟ୍ରର ଜନସଂଖ୍ୟାର ୪୬% ଲୋକ ସହରାଞ୍ଚଳରେ ବାସକରନ୍ତି । ମହାରାଷ୍ଟ୍ର ତଳକୁ ରହିଛି ଗୁଜୁରାଟ ଓ ତାମିଲନାଡୁ । ଗୁଜୁରାଟର ସହରୀ ଜନସଂଖ୍ୟା ହେଉଛି ୪୪% ଓ ତାମିଲନାଡୁର ସହରରେ ବାସକରୁଥିବା ଲୋକଙ୍କର ସଂଖ୍ୟା ହେଉଛି ୪୩% । ଭାରତର ସହରୀ ଜନସଂଖ୍ୟା ତୁଳନାରେ ଓଡ଼ିଶାର ସହରୀ ଜନସଂଖ୍ୟା ଯଥେଷ୍ଟ କମ୍ । ୨୦୦୧ ଜନଗଣନା ଅନୁସାରେ ସର୍ବଭାରତୀୟ ସହରୀ ଜନସଂଖ୍ୟା ମୋଟ ଜନସଂଖ୍ୟାର ୨୭.୮% ଥିବାବେଳେ ଓଡ଼ିଶାର ସହରାଞ୍ଚଳ ଜନସଂଖ୍ୟା ମାତ୍ର ୧୪.୯୯% ଏବେ ଓଡ଼ିଶାରେ ଏହାର ମୋଟ ଜନସଂଖ୍ୟାର ୮୫.୦୧% ଲୋକ ଗ୍ରାମାଞ୍ଚଳର ଅଧିବାସୀ । ଓଡ଼ିଶାରେ ସହରୀକରଣ ସ୍ତର ହେଉଛି ନିମ୍ନ ଓ ଏହି ପ୍ରକ୍ରିୟା ମଧ୍ୟ ଅତ୍ୟନ୍ତ ମନ୍ଥର ।

### ସହରୀକରଣର କାରଣ
### Causes of Urbanisation

ସହରୀକରଣର କୌଣସି ଗୋଟିଏ କାରଣ ନାହିଁ । ଅନେକ କାରଣରୁ ସହରଗୁଡ଼ିକର ବୃଦ୍ଧି ଘଟୁଛି ଓ ନୂତନ ସହର ଗଢ଼ିଉଠୁଛି । କେତେକ ସାଧାରଣ କାରଣକୁ ଛାଡିଦେଲେ ପ୍ରତ୍ୟେକ ସହରର ଉତ୍ପତ୍ତି ଓ ବିକାଶର ଏକ ନିର୍ଦ୍ଦିଷ୍ଟ ଇତିହାସ ରହିଛି । ସହରର ବିକାଶ ବା ସହରୀକରଣର କାରଣଗୁଡ଼ିକୁ ନିମ୍ନମତେ ଆଲୋଚନା କରାଯାଇପାରେ ।

**୧. ଔଦ୍ୟୋଗିକରଣ (Industrialization) :** ଔଦ୍ୟୋଗିକରଣ ସହରୀକରଣର ଏକ ମୁଖ୍ୟ କାରଣ ଅଟେ । ନୂତନ ସହରର ଅଭିବୃଦ୍ଧି ଓ ପୁରାତନ ସହରର ଜନସଂଖ୍ୟାର ବୃଦ୍ଧିର ମୁଖ୍ୟ କାରଣ ହେଉଛି ଔଦ୍ୟୋଗିକରଣ । ଔଦ୍ୟୋଗିକରଣ ଯୋଗୁ ଭାରତର ଅଧିକାଂଶ ବୃହତ ସହର ଗଢ଼ିଉଠିଛି । ଭାରତର ସହରଗୁଡ଼ିକୁ ଯଦି ଆମେ ଅନୁଧ୍ୟାନ କରିବା ତେବେ ଆମେ ଜାଣିପାରିବା ଯେ ବିଗତ ୮୦ ବର୍ଷରେ ଯେଉଁ ସ୍ଥାନରେ ସହରଗୁଡ଼ିକ ଗଢ଼ିଉଠିଛି

ସେହି ସ୍ଥାନଗୁଡ଼ିକରେ କେବଳ ଜଙ୍ଗଲ ବ୍ୟତିତ ଆଉ କିଛି ନଥିଲା । ଜାମସେଦ୍‌ପୁର, ଭିଲାଇ ଓ ରାଉରକେଲା ଇତ୍ୟାଦି ଇସ୍ପାତ୍ ସହରକୁ ଏ ପ୍ରସଙ୍ଗରେ ଉଦାହରଣ ଭାବେ ନିଆଯାଇପାରେ । ଔଦ୍ୟୋଗିକରଣ ପ୍ରକ୍ରିୟା କାରଣରୁ ମହାରାଷ୍ଟ୍ରରେ ବହୁ ସଂଖ୍ୟକ ସହର ଦେଖାଯାଏ ।

**୨. ବ୍ୟବସାୟ ବିପ୍ଳବ (Business Revolution) :** ଉଦ୍ୟୋଗ ନିକଟବର୍ତ୍ତୀ ସ୍ଥାନଗୁଡ଼ିକ ଯାହାକି ବ୍ୟବସାୟ ନିମନ୍ତେ ଉପଯୁକ୍ତ ଓ ଉପାଦେୟ ସେହି ସ୍ଥାନଗୁଡ଼ିକ ବିଶିଷ୍ଟ ବ୍ୟବସାୟ କେନ୍ଦ୍ରରେ ପରିଣତ ହୋଇଯାଏ । ଏହି ବ୍ୟବସାୟ କେନ୍ଦ୍ରଗୁଡ଼ିକରେ ବହୁସଂଖ୍ୟାରେ ଲୋକମାନେ ଏକତ୍ରିତ ହୁଅନ୍ତି । ପ୍ରତ୍ୟେକ ବ୍ୟବସାୟ କେନ୍ଦ୍ରରେ ବଡ ବଜାର, ଦୋକାନ, ରହିବା ନିମନ୍ତେ କଲୋନି, ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ସଂଘମାନ ଦେଖିବାକୁ ମିଳେ ଓ ଏହା ବ୍ୟବସାୟ କେନ୍ଦ୍ର ସହରରେ ପରିଣତ ହୋଇଯାଏ ।

**୩. ପରିବହନ ମାଧ୍ୟମର ବୃଦ୍ଧି (Increase in Means of Communication):** ଭାରତର ସହରଗୁଡ଼ିକର ବିକାଶ କ୍ଷେତ୍ରରେ ପରିବହନ ମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ରେଳ, ସଡକ ପଥ ଓ ଉଡ଼ାଜାହାଜ ଇତ୍ୟାଦି ପରିବହନ ମାଧ୍ୟମଗୁଡ଼ିକର ଦ୍ରୁତ ବିକାଶ ଯୋଗୁ ଦୂରଦୁରାନ୍ତରୁ ସହରଗୁଡ଼ିକୁ ଜିନିଷପତ୍ର ଅଣାଯାଇ ପାରୁଛି । ଫଳରେ ସହରଗୁଡ଼ିକ ଜାତୀୟ ଓ ଆର୍ନ୍ତଜାତୀୟ ବ୍ୟବସାୟ କେନ୍ଦ୍ରରେ ପରିଣତି ହୋଇଛି । ଏହିପରି ଭାବରେ ପରିବହନ ମାଧ୍ୟମଗୁଡ଼ିକ ସହରର ବିକାଶକୁ ତ୍ୱରାନ୍ୱିତ କରୁଛି ।

**୪. ଯୋଗାଯୋଗର ବିକାଶ (Development of Communication) :** ଭାରତରେ ଯୋଗାଯୋଗ ମାଧ୍ୟମର ବିକାଶ ଫଳରେ ବାଣିଜ୍ୟ ଓ ବ୍ୟବସାୟ କାର୍ଯ୍ୟକଳାପ ବହୁ ପରିମାଣରେ ବୃଦ୍ଧି ପାଇଛି । ଭାରତରେ ସୂଚନା ପ୍ରଯୁକ୍ତିବିଦ୍ୟାର ବିପ୍ଳବ ଫଳରେ ଭାରତରେ ବାଣିଜ୍ୟ କାରବାର ଦ୍ରୁତଗତିରେ ବୃଦ୍ଧିପାଇଛି । ଜଗତୀକରଣ ଫଳରେ ଭାରତରେ ବାଣିଜ୍ୟ ବିଶ୍ୱସ୍ତରର ହୋଇପାରିଛି । ଏହି ସବୁ କାରଣରୁ ସହରଗୁଡ଼ିକର ଅଭିବୃଦ୍ଧି ହେଉଛି ଓ ନୂତନ ସହର ଗଢ଼ିଉଠିଛି ।

**୫. ରାଜନୈତିକ କାରଣ (Political Factor) :** ରାଜନୈତିକ କାରଣରୁ କେତେକ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି ଓ ସେଗୁଡ଼ିକ ବଡ଼ବଡ଼ ସହରରେ ପରିଣତ ହୋଇଛି । ଉଦାହରଣସ୍ୱରୂପଃ, ଭୁବନେଶ୍ୱର ଏକ ପୁରାତନ ଧର୍ମୀୟ ସହର ଥିଲା । କିନ୍ତୁ ଯେତେବେଳେ ଏହା ଓଡ଼ିଶାର ରାଜଧାନୀ ହେଲା ଏହା ଏକ ଆଧୁନିକ ସହରରେ ରୂପାନ୍ତରିତ ହେଲା । ସେହିପରି ଚଣ୍ଡୀଗଡ ପଞ୍ଜାବର ଓ ଗାନ୍ଧିନଗର ଗୁଜୁରାଟର ରାଜଧାନୀ ଭାବରେ ବିକଶିତ ହୋଇଛି । ତେଣୁ ପ୍ରଶାସନିକ ସହରମାନ ପ୍ରତିଷ୍ଠା ଫଳରେ ସହରୀକରଣ ପ୍ରକ୍ରିୟା ବୃଦ୍ଧିପାଇଥାଏ ।

**୬. ଶିକ୍ଷାଗତ ସୁବିଧା (Educational Facilities) :** ସହରରେ ବାସକରୁଥିବା ଲୋକମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଏହା ହେଉଛି ଅନ୍ୟ ଏକ କାରଣ । ଯେଉଁ ସ୍ଥାନଗୁଡ଼ିକରେ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠିତ ହୁଏ ସେଗୁଡ଼ିକ ବଡ ବଡ ସହରରେ ପରିଣତ ହୋଇଯାଏ । କାରଣ ଶିକ୍ଷାଗତ ସୁବିଧା ହାସଲ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଅଞ୍ଚଳର ଲୋକମାନେ ଏଠାରେ ଏକତ୍ରିତ ହୁଅନ୍ତି । ସେମାନଙ୍କର ଆବଶ୍ୟକତା ପୂରଣ ନିମନ୍ତେ ଦୋକାନ

ବଜାର ପ୍ରତିଷ୍ଠିତ ହୁଏ । ଫଳରେ ଶିକ୍ଷାକେନ୍ଦ୍ରଗୁଡ଼ିକ ଥିବା ସ୍ଥାନ ସହରରେ ପରିଣତ ହୁଏ ଓ କ୍ରମଶଃ ଏହାର ଆକାର ବୃଦ୍ଧିପାଏ ।

**୭. ସ୍ଥାନାନ୍ତରଣ (Migration) :** ଭାରତରେ ସହରୀକରଣ ପ୍ରକ୍ରିୟାରେ ସ୍ଥାନାନ୍ତରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଅହରହ ଦେଖାଦେଇଛି । ଆଜିକାଲି ସହରାଞ୍ଚଳରୁ ଗ୍ରାମାଞ୍ଚଳ ସ୍ଥାନାନ୍ତରଣ ହେଉଛି । ଏହି ପ୍ରକାର ସ୍ଥାନାନ୍ତରଣ ଦ୍ୱାରା ଗ୍ରାମାଞ୍ଚଳର ଅଧିବାସୀ ସହରକୁ ଚାଲି ଆସନ୍ତି । ଭାରତରେ ସଂଗଠିତ ସହରୀକରଣ ପ୍ରକ୍ରିୟାରେ ଗ୍ରାମାଞ୍ଚଳର ଅଧିବାସୀଙ୍କର ସହରକୁ ସ୍ଥାନାନ୍ତରଣ ନିରବଚ୍ଛିନ୍ନ ଭାବରେ ଚାଲିଛି ଏବଂ ଏହା ହେଉଛି ସହରୀକରଣର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ । ଉଭୟ ଆକର୍ଷଣ (Pull) ଓ ପ୍ରେରଣ (Push) କାରକ ଯୋଗୁ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଲୋକମାନଙ୍କର ସ୍ଥାନାନ୍ତରଣ ହେଉଛି । ସହରାଞ୍ଚଳର ସୁବିଧା ସୁଯୋଗ, ମୁଖ୍ୟତଃ ନିଯୁକ୍ତି ସୁଯୋଗ ଆକର୍ଷଣ କାରକର ଅନ୍ତର୍ଭୁକ୍ତ । ଗ୍ରାମାଞ୍ଚଳରେ ସୁବିଧା ସୁଯୋଗର ଅଭାବ ଓ ବେକାରୀ ପ୍ରେରଣ କାରକର ଅନ୍ତର୍ଭୁକ୍ତ । ଗ୍ରାମାଞ୍ଚଳର ପେଶଣ କାରକ ଗ୍ରାମାଞ୍ଚଳ ଅଧିବାସୀଙ୍କୁ ସହରାଞ୍ଚଳକୁ ଯିବାକୁ ଏକ ପ୍ରକାର ବାଧ କରେ । ସହରାଞ୍ଚଳର ନିଯୁକ୍ତି ସୁବିଧା ଓ ଅନ୍ୟ ସୁବିଧା ସୁଯୋଗ ଗ୍ରାମାଞ୍ଚଳର ଅଧିବାସୀଙ୍କୁ ସହର ଆଡକୁ ଆକର୍ଷିତ କରେ । ଗ୍ରାମାଞ୍ଚଳରେ ନିଯୁକ୍ତି ସୁଯୋଗ ଓ ସୁବିଧାର ଅଭାବରୁ ଏବଂ ଶିକ୍ଷା, ସାମାଜିକ ସେବା ଓ ସ୍ୱାସ୍ଥ୍ୟ ସେବାର ଅଭାବ ଯୋଗୁ ଗ୍ରାମାଞ୍ଚଳର ଲୋକମାନେ ସହରାଭିମୁଖୀ ହେଉଛନ୍ତି । ଫଳରେ ସହରର ଜନସଂଖ୍ୟା ବୃଦ୍ଧି ପାଉଛି ଓ ସହରର ଆକାର ମଧ୍ୟ ବୃଦ୍ଧି ପାଉଛି ।

ଉପରୋକ୍ତ କାରଣଗୁଡ଼ିକ ଯୋଗୁ ଭାରତରେ ସହରୀକରଣ ପ୍ରକ୍ରିୟା ନିରବଚ୍ଛିନ୍ନ ଭାବରେ ଚାଲୁରହିଛି ।

## ସମାଜ ଉପରେ ସହରୀକରଣର ପ୍ରଭାବ
## Impact of Urbanisation on Society

ସହରୀକରଣ ପ୍ରକ୍ରିୟା ଫଳରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଦ୍ରୁତ ସାମାଜିକ ପରିବର୍ତ୍ତନ ସଂଗଠିତ ହୋଇଛି । ଏହାକୁ ସାମାଜିକ ପରିବର୍ତ୍ତନର ଏକ ବଳିଷ୍ଠ ମାଧ୍ୟମ ଭାବରେ ବିଗ୍ଚର କରାଯାଇଥାଏ । ଭାରତରେ ଏହି ପ୍ରକ୍ରିୟା ଅର୍ଥନୈତିକ ଅଭିବୃଦ୍ଧି, ରାଜନୈତିକ ପରିବର୍ତ୍ତନ, ନୂତନ ମୂଲ୍ୟବୋଧ ଓ ଆଭିମୁଖ୍ୟକୁ ସୂଚାଇ ଥାଏ । ସହରୀକରଣ ହେଉଛି ଦେଶର ଅର୍ଥନୈତିକ ଅଭିବୃଦ୍ଧିର ଏକ ଆଧାର ତଥା ସୂଚକ (Indicator) । ବର୍ତ୍ତମାନ ଗ୍ରାମାଞ୍ଚଳ ଉପରେ ସହରୀକରଣର ଅନେକ ପ୍ରଭାବ ଦୃଷ୍ଟିଗୋଚର ହେଉଛି । କିନ୍ତୁ ଏହା ଉଲ୍ଲେଖଯୋଗ୍ୟ ଯେ ସମାଜ ଉପରେ ସହରୀକରଣର ଉଭୟ ସକରାତ୍ମକ ଓ ନକରାତ୍ମକ ପ୍ରଭାବ ରହିଥାଏ । ସମାଜ ଉପରେ ସହରୀକରଣ ପ୍ରଭାବ ସଂପର୍କରେ ନିମ୍ନରେ ଆଲୋଚନା କରାଗଲା ।

**(୧) ବିବାହ ଉପରେ ପ୍ରଭାବ (Effects on Marriage) :** ସହରୀକରଣ ପ୍ରକ୍ରିୟା ବିବାହ ଅନୁଷ୍ଠାନକୁ ଗଭୀର ଭାବରେ ପ୍ରଭାବିତ କରିଛି । ବିବାହ ସମ୍ବନ୍ଧୀୟ ପ୍ରଥା ପରମ୍ପରା ପ୍ରତି ଲୋକମାନଙ୍କର ମନୋବୃତ୍ତିରେ ଅନେକ ପରିବର୍ତ୍ତନ ଆସିଛି । ସହରଗୁଡ଼ିକରେ ଆନ୍ତଃ-ଜାତି, ଆନ୍ତଃ-ଧର୍ମ ଓ ଆନ୍ତଃ-ଅଞ୍ଚଳ ବିବାହ ବ୍ୟକ୍ତିମାନଙ୍କର ମନୋବୃତ୍ତିରେ ଘଟିଥିବା ପରିବର୍ତ୍ତନକୁ ସୂଚାଇ ଥାଏ ।

**(୨) ଜାତି ଉପରେ ପ୍ରଭାବ (Effects on Caste) :** ସହରୀକରଣ ଜାତିର ସଂରଚନା ଓ ପ୍ରକାର୍ଯ୍ୟାତ୍ମକ ଦିଗର ଅନେକ ପରିବର୍ତ୍ତନ ଘଟାଇଛି । ସହରୀକରଣ ପ୍ରଭାବରେ ସମାଜରେ ଜାତିଭିତ୍ତିକ ସଂରଚନାର ବିଲୋପ ଘଟୁଛି । ସହରର ଅଧିବାସୀ ଜାତି ପ୍ରଥାର କଠୋର ନିୟମଗୁଡ଼ିକୁ ସଠିକ ଭାବରେ ପାଳନ କରୁନାହାଁନ୍ତି । ଜାତି ଜାତି ମଧ୍ୟରେ ଥିବା ଦୂରତା କ୍ରମଶଃ କମି ଆସୁଛି । ସହରୀକରଣ ଫଳରେ ଶ୍ରେଣୀଗୁଡ଼ିକ ଜାତିଗୁଡ଼ିକର ସ୍ଥାନ ଗ୍ରହଣ କରିଛି ।

**(୩) ନାରୀ ପ୍ରସ୍ଥିତି ଉପରେ ପ୍ରଭାବ (Impact on Status of Women):** ସହରୀକରଣ ଫଳରେ ନାରୀ ପ୍ରସ୍ଥିତିରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି । ସହରାଞ୍ଚଳ ମହିଳାଙ୍କ ସାମାଜିକ ପ୍ରସ୍ଥିତି ଗ୍ରାମାଞ୍ଚଳ ମହିଳାଙ୍କ ପ୍ରସ୍ଥିତିଠାରୁ ଉଚ୍ଚତର ଅଟେ । ସହରାଞ୍ଚଳରେ ରହୁଥିବା ମହିଳାମାନେ ସାଧାରଣତଃ ଶିକ୍ଷିତ । ସେମାନେ ସେମାନଙ୍କର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ଅଧିକାର ସଂପର୍କରେ ସଚେତନ । ଶୋଷଣରୁ ନିଜକୁ ରକ୍ଷା କରିବା ନିମନ୍ତେ ଏହି ଅଧିକାରଗୁଡ଼ିକୁ ସେମାନେ ପ୍ରୟୋଗ କରନ୍ତି ।

**(୪) ଧର୍ମ ଉପରେ ପ୍ରଭାବ (Effects on Religion) :** ସହରୀକରଣ ଧର୍ମକୁ ଗଭୀରଭାବେ ପ୍ରଭାବିତ କରିଛି । ଧାର୍ମିକ ରକ୍ଷଣଶୀଳତା ଓ ଅନ୍ଧବିଶ୍ୱାସ ସମାଜ ନିମେନ୍ତ କ୍ଷତିକାରକ ଓ ଏହା ସାମାଜିକ ବିକାଶରେ ବାଧା ସୃଷ୍ଟି କରିଥାଏ । ସହରୀକରଣ ଫଳରେ ବ୍ୟକ୍ତିମାନେ ପାରମ୍ପରିକ ବିଶ୍ୱାସଗୁଡ଼ିକୁ ପରିତ୍ୟାଗ କରୁଛନ୍ତି । ଧର୍ମ କ୍ରମଶଃ ଦୁର୍ବଳ ହୋଇ ପଡୁଛି । ସହରୀକରଣ ପ୍ରକ୍ରିୟା ସହରରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରେ ବୈଜ୍ଞାନିକ ଓ ଯୁକ୍ତିସଙ୍ଗତ ଚିନ୍ତାଧାରା ସୃଷ୍ଟି କରିଛି ।

**(୫) ଗ୍ରାମାଞ୍ଚଳ ଉପରେ ପ୍ରଭାବ (Effects on Rural Areas) :** ଭାରତରେ ସହରୀକରଣ ପ୍ରକ୍ରିୟା ଉଭୟ ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ସାମାଜିକ ପରିବର୍ତ୍ତନକୁ ଦ୍ରୁତତର କରିଛି । ସହରୀକରଣର ଏକ ଉଲ୍ଲେଖନୀୟ ପ୍ରଭାବ ହେଉଛି ଗ୍ରାମାଞ୍ଚଳରୁ ସହରକୁ ଲୋକମାନଙ୍କର ସ୍ଥାନାନ୍ତରଣ (Migration) । ଲୋକମାନେ ବହୁସଂଖ୍ୟାରେ ଗ୍ରାମାଞ୍ଚଳରୁ ସହରକୁ ଚାଲି ଯାଉଛନ୍ତି । ସେମାନେ ସେଠାରେ ସେମାନଙ୍କର ନିଯୁକ୍ତିର ସୁବିଧା ସୁଯୋଗ ପାଉଛନ୍ତି । ମେଟ୍ରୋପଲିଟାନ ସହରମାନଙ୍କର ଅଭିବୃଦ୍ଧି ଫଳରେ ସହର ଅଞ୍ଚଳରେ କେତେକ ଗ୍ରାମ, ଗ୍ରାମୀଣ ପକେଟ୍ (Rural Pocket) ହୋଇଯାଇଛି । ଫଳରେ ଗ୍ରାମବାସୀମାନେ ପ୍ରତ୍ୟକ୍ଷଭାବରେ ସହରର ଅର୍ଥନୈତିକ, ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଜୀବନରେ ଅଂଶଗ୍ରହଣ କରୁଛନ୍ତି । ଏହା ବ୍ୟତିତ ଗ୍ରାମାଞ୍ଚଳର ଯେଉଁ ବ୍ୟକ୍ତିମାନେ ନିଯୁକ୍ତି ଉଦ୍ଦେଶ୍ୟରେ ସହରକୁ ଆସୁଛନ୍ତି ସେମାନେ ନିଜ ଗ୍ରାମରେ ଥିବା ପରିବାର ସଦସ୍ୟମାନଙ୍କ ନିକଟକୁ ଟଙ୍କା ପଠାନ୍ତି । ଫଳରେ ସହରାଞ୍ଚଳରୁ ଟଙ୍କାପଇସା ଗ୍ରାମାଞ୍ଚଳକୁ ଯାଇଥାଏ । ଏହି ଟଙ୍କା ଗ୍ରାମରେ ଥିବା ସେମାନଙ୍କର ପରିବାର ସଦସ୍ୟମାନଙ୍କ ଜୀବନ ଧାରଣ ମାନକୁ ଉନ୍ନତ କରିଥାଏ ।

**(୬) ଅର୍ଥନୈତିକ ପ୍ରଭାବ୍ (Economic Effects) :** ସହରୀକରଣ ହେଲେ ଅର୍ଥନୈତିକ ବିକାଶ ଆଗେଇ ଥାଏ । ସହରୀକରଣ ଫଳରେ ଗ୍ରାମାଞ୍ଚଳରେ ଶ୍ରମଶକ୍ତି ସହରାଞ୍ଚଳରେ ବିନିଯୋଗ ହୁଏ ଓ ଅର୍ଥନୈତିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ

ହୁଏ । ସହରୀକରଣ ପ୍ରକ୍ରିୟା ଫଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୁଏ ଏବଂ ଗ୍ରାମାଞ୍ଚଳର ଲୋକମାନେ ନିଯୁକ୍ତି ପାଇ ଥାଆନ୍ତି । ସଂକ୍ଷେପରେ କହିଲେ ସହରୀକରଣ ଅର୍ଥନୈତିକ ବିକାଶକୁ ଗଭୀରଭାବେ ପ୍ରଭାବିତ କରିଥାଏ ।

**ସହରୀକରଣର ନକରାତ୍ମକ ପ୍ରଭାବ**

**Negative Impact of Urbanisation**

ସହରୀକରଣ ଏକ ଅପରିହାର୍ଯ୍ୟ ପ୍ରକ୍ରିୟା । ଏହାର ଗୁରୁତ୍ୱକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ଅର୍ଥନୈତିକ ବିକାଶକୁ ଏହା ତ୍ୱରାନ୍ୱିତ କରିଥାଏ । ଏହା ବ୍ୟତୀତ ସହରୀକରଣର ଅନେକ କୁ ପ୍ରଭାବ ବା ଅପକାରିତା ରହିଛି । ସହରୀକରଣ ଦ୍ୱାରା ସୃଷ୍ଟିହେଉଥିବା ସମସ୍ୟାବଳୀ ସଂପର୍କରେ ନିମ୍ନରେ ଆଲୋଚନା କରାଗଲା ।

**(୧) ଭିତ୍ତିଭୂମି ସମସ୍ୟା (Problem of Infrastructure) :** ଅତ୍ୟାବଶ୍ୟକ ସେବାର ଯୋଗାଣ ଓ ଚାହିଦା ମଧ୍ୟରେ ପାର୍ଥକ୍ୟ ଓ ଭିତ୍ତିଭୂମି ଅଭାବ କାରଣରୁ ସହରର ପରିବେଶ ଓ ଜୀବନର ଗୁଣବତ୍ତାରେ ଅବକ୍ଷୟ ଦେଖାଯାଏ । ଏହା ଫଳରେ ସହରୀକରଣର ସକରାତ୍ମକ ଭୂମିକା ନିଷ୍ପ୍ରଭ ହୋଇପଡ଼େ । ଜଳ, ପରିବହନ, ବାସଗୃହ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ଓ ପରିମଳ ଓ ଶିକ୍ଷା ପ୍ରଭୃତି ହେଉଛି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯେଉଁଥିରେ ଅନେକ ସମସ୍ୟା ଦେଖାଯାଇ ଥାଏ । ସହରମାନଙ୍କର ଭୂମିର ଚାହିଦା ଓ ବହୁଳ ବ୍ୟବହାର ଫଳରେ ସହରରେ ଗୃହପୋଯୋଗୀ ଜମିର ଆଶାତୀତ ମୂଲ୍ୟବୃଦ୍ଧି ଘଟେ । ଏହା ଦରିଦ୍ର ଲୋକମାନଙ୍କ ନିମନ୍ତେ ସମସ୍ୟା ସୃଷ୍ଟି କରେ । ସେମାନେ ବାସଗୃହଟିଏ ପାଇବାରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାର ସମାଧାନ ନିମନ୍ତେ ସେମାନେ ବସ୍ତି ସୃଷ୍ଟିକୁ ବିକଳ୍ପ ଭାବରେ ଗ୍ରହଣ କରନ୍ତି । ଫଳରେ ବସ୍ତିଗୁଡ଼ିକ ସୃଷ୍ଟି ହୁଏ ।

**(୨) ପରିବହନ (Transport) :** ସହରରେ ଜନସଂଖ୍ୟାର ବିସ୍ଫୋରଣ, ବହୁସଂଖ୍ୟକ ଗାଡ଼ିମଟର ଓ ରାସ୍ତାଗୁଡ଼ିକର ଦୁରାବସ୍ଥା ଫଳରେ ସହରର ପରିବହନ କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟିହୁଏ । ସହରଗୁଡ଼ିକରେ ପରିବହନର ଯେଉଁ ଭିତ୍ତିଭୂମି ଥାଏ ତାହା ପର୍ଯ୍ୟାପ୍ତ ନୁହେଁ । ଏହା ବର୍ଦ୍ଧିତ ଜନସଂଖ୍ୟାର ଆବଶ୍ୟକତା ପୂରଣ କରିବାକୁ ସମର୍ଥ ହୋଇପାରେ ନାହିଁ । ସହରଗୁଡ଼ିକ ଜନଗହଳିପୂର୍ଣ୍ଣ ହୋଇ ପଡ଼େ । ଲୋକମାନଙ୍କର ଚଳାଚଳ ଓ ଯାତାୟତରେ ବାଧା ସୃଷ୍ଟି ହୁଏ । ଲୋକମାନେ ସୁବିଧାରେ ଓ କମ ସମୟରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଇପାରନ୍ତି ନାହିଁ ।.

**(୩) ଶବ୍ଦ ପ୍ରଦୂଷଣ (Noise Pollution) :** ସହରାଞ୍ଚଳରେ ଶବ୍ଦ ପ୍ରଦୂଷଣ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ । ବର୍ଦ୍ଧିଷ୍ଣୁ ଗାଡ଼ି, ରେଳ ଗାଡ଼ି ଓ ବିମାନ ବନ୍ଦର ଇତ୍ୟାଦି ହେଉଛି ଶବ୍ଦ ପ୍ରଦୂଷଣର ମୂଖ୍ୟ କାରଣ । ଏହାଛଡ଼ା କଳକାରଖାନା, ବ୍ୟବସାୟିକ କାର୍ଯ୍ୟକଳାପ ଏବଂ ଶୋଭାଯାତ୍ରା, ପର୍ବପର୍ବାଣି ଇତ୍ୟାଦି ଦ୍ୱାରା ଶବ୍ଦ ପ୍ରଦୂଷଣ ସୃଷ୍ଟି ହୋଇଥାଏ । ଏହି ଶବ୍ଦ ପ୍ରଦୂଷଣ ଯୋଗୁ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିଥାଏ ।

**(୪) ବାୟୁ ପ୍ରଦୂଷଣ (Air Pollution) :** ଘରୋଇ ଓ ବ୍ୟକ୍ତିଗତ ଯାନ ଓ କଳକାରଖାନାରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ ଫଳରେ ବାୟୁ ପ୍ରଦୂଷଣ ହୁଏ । ଭାରତର ଅଧିକାଂଶ ସହରରେ ଏହି ସମସ୍ୟା ଦେଖାଯାଏ ।

ଭାରତର ଅଧିକାଂଶ ସହରରରେ ଏହି ସମସ୍ୟା ଦେଖାଯାଏ । ଏହି ସହରରେ ବାୟୁ ପ୍ରଦୂଷଣ ଗୁଡ଼ିକର ସ୍ତର ଅତ୍ୟନ୍ତ ଉଚ୍ଚରେ ରହିଥାଏ । ସହାରାଞ୍ଚଳର ଲୋକମାନେ ପ୍ରଦୂଷିତ ବାୟୁ ଗ୍ରହଣ କରିବା ଫଳରେ ସେମାନେ ମୁଣ୍ଡବିନ୍ଧା, ଶ୍ୱାସ ଓ ଦୃଷ୍ଟିଶକ୍ତି ହ୍ରାସ ପ୍ରଭୃତି ରୋଗର ଶିକାର ହୁଅନ୍ତି ।

**(୫) ଜଳ ଏବଂ ନର୍ଦ୍ଦମା (Water and Sewage) :** ଜଳ ମନୁଷ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଅଟେ । କିନ୍ତୁ ଭାରତରେ ୧୫%ରୁ ଅଧିକ ସହରାଞ୍ଚଳ ଅଧିବାସୀ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥାଆନ୍ତି । ସହରର ଜଳ ଉତ୍ସଗୁଡ଼ିକ ସରିଯାଉଛି ଏବଂ ଏହା ପ୍ରଦୂଷିତ ହୋଇଯାଉଛି । ଅନେକ ବଡ଼ ବଡ଼ ସହରମାନଙ୍କରେ ନର୍ଦ୍ଦମା ପାଣି ପାନୀୟ ଜଳ ସହିତ ମିଶି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରେ । ଭାରତର ଅଧିକାଂଶ ସହରମାନଙ୍କରେ ଜଳ ନିଷ୍କାସନ ପଦ୍ଧତି ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ । ତେଣୁ ନାଳ ନର୍ଦ୍ଦମା ଓ ଶିଳ୍ପଗୁଡ଼ିକରୁ ନିଷ୍କାସିତ ଆବର୍ଜନା ଇତ୍ୟାଦି ମିଶି ଦୂଷିତ ପରିବେଶ ସୃଷ୍ଟି କରୁଛି ।

ସହରାଞ୍ଚଳରେ ଗରିବ ଅଧିବାସୀମାନେ ପାନୀୟ ଜଳର ଅଭାବ ଯୋଗୁ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇ ଥାଆନ୍ତି ।

**(୬) କଠିନ ଅବାର୍ଜନା (Solid Waste) :** ବ୍ୟବସାୟ ପ୍ରତିଷ୍ଠାନ, ଶିଳ୍ପ, ନିର୍ମାଣ କାର୍ଯ୍ୟକଳାପ ଓ ବାସଗୃହ ଗୁଡ଼ିକ ହେଉଛି କଠିନ ଆବର୍ଜନାର ଉତ୍ସ । ଏହି କଠିନ ଆବର୍ଜନା ଫଳରେ ପରିବେଶ ପ୍ରଦୂଷିତ ହୁଏ । ଏହା ଛଡ଼ା ଗୃହପାଳିତ ପଶୁମାନଙ୍କର ମଳମୂତ୍ର ଦ୍ୱାରା ମଧ୍ୟ ପରିବେଶ ପ୍ରଦୂଷଣ ହୋଇଥାଏ । ଏହା ସହାରାଞ୍ଚଳ ଅଧିବାସୀମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ । ମୁଖ୍ୟତଃ କଠିନ ଆବର୍ଜନାର ପରିଚାଳନା ଓ ବିନିଯୋଗ ବ୍ୟବସ୍ଥାର ଅଭାବରୁ ଏହି ସମସ୍ୟା ସୃଷ୍ଟି ହୋଇଥାଏ ।

**(୭) ଗୃହ ସମସ୍ୟା ଓ ବସ୍ତି (Housing Problem and Slum) :** ଭାରତର ଅଧିକାଂଶ ସହରରେ ବାସଗୃହର ଅଭାବ ଏକ ବଡ଼ ସମସ୍ୟା ଅଟେ । ଏଠାରେ ଆବଶ୍ୟକତା ଅନୁସାରେ ବାସଗୃହ ମିଳେ ନାହିଁ । ବିଶେଷକରି ଗରିବ ଲୋକମାନେ ବାସଗୃହ ପାଇବାରୁ ବଞ୍ଚିତ ହୁଅନ୍ତି । ଏକ ପକ୍ଷରେ ସହରମାନଙ୍କର ପର୍ଯ୍ୟାପ୍ତ ପରିମାଣରେ ବାସଗୃହ ନଥାଏ । ଅନ୍ୟ ପକ୍ଷରେ ସହରମାନଙ୍କର ଘରଭଡ଼ା ଅତ୍ୟଧିକ ହୋଇ ଥିବାରୁ ଗରିବ ଲୋକମାନେ ଉଚ୍ଚ ଘରଭଡ଼ା ଦେବାକୁ ସମର୍ଥ ହୋଇ ପାରନ୍ତି ନାହିଁ । ତେଣୁ ସହରମାନଙ୍କରେ ସଂଖ୍ୟାଧିକ ଲୋକ ଗୃହଶୂନ୍ୟ ହୋଇ ଥାଆନ୍ତି ବା ବସ୍ତିରେ ବାସ କରନ୍ତି । ମୁମ୍ବାଇ ଓ ଦିଲ୍ଲୀ ପରି ମହାନଗରୀରେ ବସ୍ତି ସମସ୍ୟା ଅତ୍ୟନ୍ତ ଉତ୍କଟ ଅଟେ ।

ପ୍ରଚଳିତ ସହରୀକରଣ (ମାତ୍ରାଧିକ ସହରୀକରଣ) ପ୍ରକ୍ରିୟା ଭାରତର ବିଭିନ୍ନ ଅଂଶରେ ଅନେକ ସାମାଜିକ ସମସ୍ୟା ସୃଷ୍ଟି କରୁଛି । ସେହି ସମସ୍ୟାଗୁଡ଼ିକ ହେଲା ମଦ୍ୟପତା (Alcoholism), ଟ୍ରାଫିକ୍ ଭିଡ଼, ବିଭିନ୍ନ ପ୍ରକାର ଅପରାଧ, ବ୍ୟକ୍ତିଗତ ବିଘଟନ ଇତ୍ୟାଦି ।

ଜାତୀୟ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ସହରୀକରଣ ଅପରିହାର୍ଯ୍ୟ । ଆଧୁନିକ ସମାଜର ଅର୍ଥନୀତିର ଆଧୁନିକୀକରଣରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କିନ୍ତୁ ମାତ୍ରାଧିକ ସହରୀକରଣ ସମାଜ ନିମନ୍ତେ କ୍ଷତିକାରକ ଅଟେ ।

# ଆଧୁନିକୀକରଣ
# Modernization

## ଆଧୁନିକୀକରଣର ଅର୍ଥ
## Meaning of Modernization

ବ୍ୟାପକ ଅର୍ଥରେ ଯେଉଁ ପ୍ରକ୍ରିୟା ଫଳରେ ପୁରାତନର ପରିବର୍ତ୍ତନ ଘଟି ନୂତନତ୍ୱର ଆର୍ବିଭାବ ହୁଏ ତାହାକୁ 'ଆଧୁନିକୀକରଣ' କୁହାଯାଏ। ଅନ୍ୟ ଅର୍ଥରେ ସମାଜରେ ପାରମ୍ପରିକ ବ୍ୟବସ୍ଥାର ବିକଳ୍ପ ରୂପେ ଏକ ନୂତନ ପ୍ରକ୍ରିୟା ଜନ୍ମ ନେଲେ ଆଧୁନିକୀକରଣ ହୋଇଥାଏ। ଏହି ଆଧୁନିକୀକରଣ ଭାବ ବା ଅର୍ଥ ସମ୍ବନ୍ଧରେ ସମାଜବିଜ୍ଞାନୀମାନେ ଭିନ୍ନ ଭିନ୍ନ ମତ ପୋଷଣ କରିଥାନ୍ତି।

ଅର୍ଥନୀତିଜ୍ଞମାନେ କହନ୍ତି ଏହା ହେଉଛି- ଅର୍ଥନୈତିକ ବିକାଶ ଓ ପ୍ରୟୋଗିକ ଜ୍ଞାନକୌଶଳର ବହୁ ପ୍ରୟୋଗ। ମନସ୍ତତ୍ତ୍ୱବିତ୍‌ମାନେ ଏକ ବିଶେଷ ପ୍ରକାର ମନୋବୃତ୍ତି, ଚିନ୍ତାଧାରା, ବିଶ୍ୱାସ ଓ କାର୍ଯ୍ୟରୀତିକୁ ଆଧୁନିକୀକରଣ ବୋଲି ମନେ କରିବା ବେଳେ ସମାଜ ବିଜ୍ଞାନୀ ତଥା ନୃ-ତତ୍ତ୍ୱବିତ୍‌ମାନେ ସଂରଚନାତ୍ମକ ପ୍ରଭେଦୀକରଣ ଓ ପ୍ରକାର୍ଯ୍ୟାତ୍ମକ ସଂହତିକରଣ ପ୍ରକ୍ରିୟାକୁ ଆଧୁନିକୀକରଣ ପ୍ରକ୍ରିୟା ରୂପେ ପ୍ରକାଶ କରିଥାନ୍ତି।

ପ୍ରଫେସର ଡାନିଏଲ ଲର୍ଣ୍ଣରଙ୍କ ମତରେ, ଆଧୁନିକୀକରଣ ସାମାଜିକ ପରିବର୍ତ୍ତନର ଏକ ପ୍ରକ୍ରିୟା, ଯାହାଦ୍ୱାରା ବିକାଶଶୀଳ ସମାଜର ସାଧାରଣ ବୈଶିଷ୍ଟ୍ୟଗୁଡ଼ିକୁ ଅପେକ୍ଷାକୃତ କମ୍ ବିକାଶଶୀଳ ସମାଜଗୁଡ଼ିକ ଗ୍ରହଣ କରିଥାନ୍ତି।

ପ୍ରଫେସର ଯୋଗେନ୍ଦ୍ର ସିଂହଙ୍କ ମତରେ, 'ଆଧୁନିକୀକରଣ କୌଣସି ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣକୁ ନ ସୂଚାଇ ସାର୍ବଜନୀନ ଦୃଷ୍ଟିକୋଣରୁ ସାମାଜିକ ଘଟଣା ଏବଂ ତାହାର ମୂଲ୍ୟାଙ୍କନ ପ୍ରତି ଯୁକ୍ତିବାଦୀ ଦୃଷ୍ଟିଭଙ୍ଗୀକୁ ସୂଚାଇଥାଏ। ପୁନଶ୍ଚ ଏହା କୌଣସି ନିର୍ଦ୍ଦିଷ୍ଟ ଦେଶ ବା କୌଣସି ପ୍ରଜାତି ବା ସାଂସ୍କୃତିକ ସମୂହରୁ ନିଃସୃତ ନହୋଇ ସମଗ୍ର ମାନବଜାତି ସହିତ ସମ୍ବନ୍ଧିତ।' ସେ ପୁନଶ୍ଚ ମତବ୍ୟକ୍ତ କରିଛନ୍ତି ଯେ, "ଆଧୁନିକୀକରଣ ହେଉଛି, ସାଂସ୍କୃତିକ ପ୍ରକ୍ରିୟାର ଏକ ପ୍ରତିକ୍ରିୟା, ଯେଉଁଥିରେ ସର୍ବବ୍ୟାପକତା ତଥା ବିବର୍ତ୍ତନର ଗୁଣ ବିଦ୍ୟମାନ ଥାଏ, ଏହି ଗୁଣଗୁଡ଼ିକ ଅତିମାନବତା ଓ ଜାତୀୟତାର ଉର୍ଦ୍ଧ୍ୱରେ ରହିବା ସହିତ ଆଦର୍ଶ ସ୍ଥାନୀୟ ହୋଇଥାଏ।"

ସମାଜ ବିଜ୍ଞାନୀମାନେ ଆଧୁନିକୀକରଣର କେତେକ ନିର୍ଦ୍ଦିଷ୍ଟ ବୈଶିଷ୍ଟ୍ୟ ଦର୍ଶାଇଛନ୍ତି। ସେମାନଙ୍କ ବିଚାରରେ ଆଧୁନିକୀକରଣ ପ୍ରକ୍ରିୟାରେ ନିମ୍ନ ବୈଶିଷ୍ଟ୍ୟ ଗୁଡ଼ିକ ଦୃଷ୍ଟିଗୋଚର ହୋଇଥାଏ। ଯଥା -

(୧) ଆଧୁନିକୀକରଣ ଏକ ଜଟିଳ ଏବଂ ବହୁମୁଖୀ ପ୍ରକ୍ରିୟା। ଏହି ପ୍ରକ୍ରିୟା ପରମ୍ପରା ବିରୋଧି ତଥା ଏଥିରେ ଔଦ୍ୟୋଗୀକରଣ, ନଗରୀକରଣ, ଧର୍ମେତରୀକରଣ ଇତ୍ୟାଦି ଅନେକ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇଥାଏ।

(୨) ଏହା ଏକ ବୈପ୍ଳବିକ ପ୍ରକ୍ରିୟା, ଅର୍ଥାତ୍ ଏହି ପ୍ରକ୍ରିୟା କାର୍ଯ୍ୟକାରୀ ହେଲେ ସମାଜର ପ୍ରତ୍ୟେକ ପକ୍ଷରେ କିଛି ନା କିଛି ପରିବର୍ତ୍ତନ ଘଟିଥାଏ।

(୩) ଏହା ଏକ ନିରବଛିନ୍ନ ପ୍ରକ୍ରିୟା, ଏହି ପ୍ରକ୍ରିୟା ସମାଜରେ ନିରନ୍ତର ଭାବରେ କାର୍ଯ୍ୟକାରୀ ହୋଇଥାଏ।

(୪) ଏହା ଏକ ସାର୍ବଜନୀନ ପ୍ରକ୍ରିୟା କାରଣ ଅଳ୍ପ ବହୁତେ ସମସ୍ତ ସମାଜରେ ଏହି ପ୍ରକ୍ରିୟା ଦେଖିବାକୁ ମିଳିଥାଏ।

(୫) ଏହା ଏକ ସୁବ୍ୟବସ୍ଥିତ ପ୍ରକ୍ରିୟା। ଏହି ପ୍ରକ୍ରିୟା ସୁବ୍ୟବସ୍ଥିତ ଭାବରେ ସମାଜରେ ପରିବର୍ତ୍ତନ ସୃଷ୍ଟି କରିଥାଏ।

(୬) ଏହା ଏକ ଅପରିବର୍ତ୍ତନଶୀଳ ପ୍ରକ୍ରିୟା କାରଣ ଏ ପ୍ରକ୍ରିୟାରେ ଚକ୍ରାକାର ଗତି ଦେଖାଯାଇ ନଥାଏ। ଏହା ସର୍ବଦା ବିକାଶ ଦିଗରେ ପରିବର୍ତ୍ତନ ଆଣିଥାଏ।

(୭) ଏହା ଏକ ସମଗୋଷ୍ଠୀକରଣ ପ୍ରକ୍ରିୟା, ଏହା କୌଣସି ଗୋଟିଏ ବା ଦୁଇଟି ସମୂହରେ ପରିବର୍ତ୍ତନ ନ ଆଣି ବରଂ ସମସ୍ତ ସମୂହକୁ କାଳକ୍ରମେ ପରିବର୍ତ୍ତନର ପରିସରକୁ ଆଣିବାକୁ ଯତ୍ନ କରିଥାଏ।

(୮) ଏହା ଏକ ଦୃଶ୍ୟମାନ ପ୍ରକ୍ରିୟା, ଅର୍ଥାତ୍ ଏହି ପ୍ରକ୍ରିୟା ଦ୍ୱାରା ସୃଷ୍ଟି ହେଉଥିବା ପରିବର୍ତ୍ତନ ଗୁଡ଼ିକ ଅପେକ୍ଷାକୃତ ଭାବରେ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇଥାଏ।

(୯) ଏହା ସମାଜର ବୈଜ୍ଞାନିକ ଜ୍ଞାନ ଏବଂ ମନୋବୈଜ୍ଞାନିକ କୌଶଳ ତଥା ପ୍ରୋଦ୍ୟୋଗିକ ସମ୍ବନ୍ଧ ସହିତ ଘନିଷ୍ଠଭାବେ ସଂପୃକ୍ତ।

(୧୦) ଏହା ଏକ କ୍ରମୋନ୍ନତ ପ୍ରକ୍ରିୟା। ଅର୍ଥାତ୍ ଏହି ପ୍ରକ୍ରିୟା ଦ୍ୱାରା କୌଣସି ସମାଜ ଗୋଟିଏ ସ୍ତରରୁ ଅନ୍ୟ ଏକ ସ୍ତରକୁ ପ୍ରବେଶ କରିଥାଏ।

(୧୧) ସାମାଜିକ ପାର୍ଥକୀକରଣ ଆଧୁନିକୀକରଣର ପ୍ରକ୍ରିୟାର ପ୍ରଧାନ ବୈଶିଷ୍ଟ୍ୟ, ଯେତେବେଳେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥାଏ। ସେତେବେଳେ ସମାଜର ସାମାଜିକ, ଅର୍ଥନୈତିକ, ରାଜନୈତିକ ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ପାର୍ଥକୀକରଣ ଦୃଷ୍ଟିଗୋଚର ହୁଏ।

(୧୨) ଆଧୁନିକୀକରଣ ସମସ୍ତ ପ୍ରକାର ରକ୍ଷଣଶୀଳ ବ୍ୟବହାରର ଏକ ବିରୋଧୀ ପ୍ରକ୍ରିୟା।

(୧୩) ଏହି ପ୍ରକ୍ରିୟା ଦ୍ୱାରା ସାମାଜିକ, ଅର୍ଥନୈତିକ, ରାଜନୈତିକ, ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଆସେ ତଥା ସାମାଜିକ ଗତିଶୀଳତାରେ ବୃଦ୍ଧି ଘଟିଥାଏ।

**ସମାଜ ଉପରେ ଆଧୁନିକୀକରଣର ପ୍ରଭାବ**

**Impact of Modernization Process on Society**

ଆଧୁନିକୀକରଣ ପ୍ରକ୍ରିୟା ସମାଜର ବିଭିନ୍ନ ଭାବରେ ପ୍ରଭାବିତ କରେ। ନିମ୍ନରେ ଆଧୁନିକୀକରଣର ସାମାଜିକ ପ୍ରଭାବ ଗୁଡ଼ିକର ଆଲୋଚନା କରାଯାଇଛି।

(୧) **ନଗରୀକରଣ (Urbanization) :** ଆଧୁନିକୀକରଣ ପ୍ରକ୍ରିୟା ଆରମ୍ଭ ହେବା ଫଳରେ ନଗରୀକରଣ ଓ ଶିଳ୍ପୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ। ଏହା ଫଳରେ ନଗର ଗୁଡ଼ିକର ବିକାଶ ଘଟେ।

(୨) ପରିବାର (Family) : ଆଧୁନିକୀକରଣ ପ୍ରଭାବରେ ପରିବାରର ସଂରଚନାତ୍ମକ ଏବଂ ପ୍ରକାର୍ଯ୍ୟାତ୍ମକ ପରିବର୍ତ୍ତନ ସଂଗଠିତ ହୋଇଥାଏ । ଯୌଥ ବା ବିସ୍ତୃତ ପରିବାରରେ ବିଘଟନ ଦେଖାଯାଏ । ପାରିବାରିକ ସଂଗଠନ ଏକକ ପରିବାର ଏବଂ ଦାମ୍ପତ୍ୟ ପରିବାର ସ୍ତରରେ ସୀମିତ ହୋଇଯାଏ । ପରମ୍ପରାଗତ ପରିବାର ଭଳି ଆଧୁନିକ ପରିବାରଗୁଡ଼ିକ ଉତ୍ପାଦନର ଏକକ ନହୋଇ କେବଳ ଉପଭୋଗର ଏକକ ହୋଇଥାଏ ।

(୩) ଶିକ୍ଷା (Education) : ଶିକ୍ଷା ବ୍ୟବସ୍ଥା ଆଧୁନିକୀକରଣ ପ୍ରଭାବରେ କୌଣସି ସୀମିତ ଶ୍ରେଣୀ ସହିତ ସୀମାବଦ୍ଧ ନହୋଇ ଗଣଶିକ୍ଷାର ରୂପ ନେଇଥାଏ । ଏ ପ୍ରକାର ଶିକ୍ଷାରେ ସ୍ୱାଧୀନତା, ସମତା, ମାନବବାଦ, ବୈଜ୍ଞାନିକ କଳକୌଶଳ, ଗଣତାନ୍ତ୍ରିକ ମୂଲ୍ୟବୋଧ ଇତ୍ୟାଦି କ୍ଷେତ୍ରରେ ଅଧିକ ମହତ୍ୱ ଦିଆଯାଇଥାଏ ।

(୪) ବିଜ୍ଞାନ (Science) : ଆଧୁନିକୀକରଣ ପ୍ରକ୍ରିୟା ଆରମ୍ଭ ହେଲେ ବିଜ୍ଞାନ ଓ ପ୍ରୋଦ୍ୟୋଗିକୀର ବିକାଶ ଘଟିଥାଏ ଏହା ଦ୍ୱାରା ନାନାବିଧ ସମସ୍ୟାର ସମାଧାନ ସମ୍ଭବ ହୋଇଥାଏ । ଏହା ଫଳରେ ମାନବଜୀବନ ସରଳ ଓ ସୁଗମ ହୋଇପାରିଥାଏ ।

(୫) ରାଜନୀତି (Politics) : ଆଧୁନିକୀକରଣ ପ୍ରକ୍ରିୟା ରାଜନୀତି କ୍ଷେତ୍ରରେ ବହୁବିଧ ପ୍ରଭାବ ପକାଇଅଛି । ଫଳରେ ପରମ୍ପରାଗତ ସମାଜର ରାଜତନ୍ତ୍ର, ବଂଶଗତ ମୁଖିଆ ପ୍ରଥା ଇତ୍ୟାଦିର ଅବସାନ ଘଟିଅଛି । 'ଗଣତନ୍ତ୍ର' ଏକ ସାଧାରଣ ସର୍ବାଦୃତ ବ୍ୟବସ୍ଥା ରୂପେ ପରିଗଣିତ ହେଉଅଛି ।

(୬) ଜନ ବିବରଣ (Demography) : ବିଶ୍ୱର କେତେକ ଜନସମ୍ବନ୍ଧୀୟ ବିବରଣ ପରିବର୍ତ୍ତନ ପାଇଁ ଆଧୁନିକୀକରଣ ଉତ୍ତରଦାୟୀ । ଆଧୁନିକ ସମାଜରେ ଅପେକ୍ଷାକୃତ ସ୍ୱାସ୍ଥ୍ୟସୁବିଧା, ସୁଷମଖାଦ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟଗତ ପରିବେଶ ମୃତ୍ୟୁହାରରେ ଯଥେଷ୍ଟ ହ୍ରାସ କରାଇଛି ଓ ବିଭିନ୍ନ ସୁବିଧାସୁଯୋଗ ଥିବାରୁ ଜୀବନାବଧି ମଧ୍ୟ ବଢ଼ି ବଢ଼ି ଚାଲିଛି । ଏହିପରି ଆଧୁନିକୀକରଣ ଜନସଂଖ୍ୟା ଉପରେ ମଧ୍ୟ ପ୍ରଭାବ ପକାଇଥାଏ ।

(୭) ସାମାଜିକ ସ୍ତରୀକରଣ (Social Stratification) : ଆଧୁନିକ ସମାଜରେ ବ୍ୟକ୍ତିଗତ ସଫଳତା ଉପରେ ଅଧିକ ଜୋର୍ ଦେଇଥାଏ । ଏହି ମୁକ୍ତ ବ୍ୟବସ୍ଥା ଯୋଗୁ ବ୍ୟକ୍ତି ସାମାଜିକ ପାବଚ୍ଛରେ ଉର୍ଦ୍ଧ୍ୱଗାମୀ ହେବାକୁ ଅନେକ ସୁବିଧାସୁଯୋଗ ପାଇଥାଏ । ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହେଲେ ସମାଜର ଆବଦ୍ଧ ସ୍ତରୀକରଣ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଥାଏ ।

(୮) ଧର୍ମ (Religion) : ଆଧୁନିକୀକରଣ ପ୍ରକ୍ରିୟା ପ୍ରଭାବରେ ଧର୍ମୀୟ ଭାବନା ହ୍ରାସ ପାଏ ଏବଂ ଧର୍ମ ସହିତ ସମ୍ବନ୍ଧଥିବା ସମସ୍ତ ସଂସ୍ଥାଗତ ସଂରଚନାଗୁଡ଼ିକରେ ପାର୍ଥକୀକରଣ ଦେଖାଯାଏ । ବ୍ୟକ୍ତି ଧର୍ମାନ୍ଧ ନହୋଇ ଯୁକ୍ତିବାଦ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ସମସ୍ତ ବିଷୟକୁ ଗ୍ରହଣ କରିବାରେ ଲାଗେ ।

(୯) ସାମାଜିକ ସଂଗଠନ (Social Organisation) : ଆଧୁନିକୀକରଣ ପ୍ରକ୍ରିୟାଦ୍ୱାରା ସମାଜରେ ପାର୍ଥକୀକରଣ ସୃଷ୍ଟି ହୁଏ । ସମାଜର ପାରମ୍ପରିକ ପ୍ରଥା, ସାହିତ୍ୟ, ଦର୍ଶନ ଓ କଳା ଇତ୍ୟାଦି କ୍ଷେତ୍ରରେ ନୂତନ ଚିନ୍ତାଧାରାର ଉଦୟ ହୋଇଥାଏ । ସମାଜ ସରଳ ଅବସ୍ଥାରୁ ଜଟିଳ ଅବସ୍ଥା ଦିଗରେ ଗତି କରେ । ପୁନଶ୍ଚ ସମାଜର ସମସ୍ତ ମୌଳିକ ସଂରଚନାରେ ପରିବର୍ତ୍ତନ ଘଟିଥାଏ ।

(୧୦) ମୂଲ୍ୟବୋଧ (Values) : ଆଧୁନିକୀକରଣ ଫଳରେ ନୂତନ ମୂଲ୍ୟବୋଧ ଯଥା – ବିଜ୍ଞାନରେ ବିଶ୍ୱାସ, ବସ୍ତୁନିଷ୍ଠ ଦୃଷ୍ଟିକୋଣ, ବ୍ୟକ୍ତି ପ୍ରତି ସମ୍ମାନ, ମାନବବାଦ, ବାସ୍ତବବାଦ ଇତ୍ୟାଦିର ବିକାଶ ଘଟିଥାଏ ।

ଏହିପରି ଆଧୁନିକୀକରଣ ପ୍ରକ୍ରିୟା ସମାଜରେ ବିଭିନ୍ନ ପ୍ରକାର ପ୍ରଭାବ ପକାଇଥାଏ ।

## ଜଗତିକରଣ
## Globalization

ଚଳିତ ଶତାବ୍ଦୀ ଏକ ନିର୍ଣ୍ଣୟାତ୍ମକ ପରିବର୍ତ୍ତନର ସମୟ । ଏହି ଶତାବ୍ଦୀର ଆଗମନ ପୂର୍ବରୁ ଉତ୍ପାଦନ, କର୍ମକ୍ଷେତ୍ର ଓ ଅର୍ଥନୈତିକ ଜୀବନଶୈଳୀରେ ପରିବର୍ତ୍ତନ ସହିତ ରାଜ୍ୟଗୁଡ଼ିକର ଶାସନ ପଦ୍ଧତି, କ୍ଷମତାର ବିକେନ୍ଦ୍ରୀକରଣ ସାଙ୍ଗକୁ ଅନେକ ସାମାଜିକ ଆନ୍ଦୋଳନମାନ ମୁଣ୍ଡ ଟେକିଉଠିଥିଲା । ଅର୍ଥନୈତିକ ଓ ରାଜନୈତିକ ପରିବର୍ତ୍ତନ ସହିତ ତାଳଦେଇ ଜ୍ଞାନ, ବିଜ୍ଞାନ ଓ ଶିଳ୍ପ କ୍ଷେତ୍ରରେ ଉନ୍ନତି ଘଟି ସମାଜକୁ ଶିଳ୍ପଭିତ୍ତିକ ସମାଜ ନାମରେ ପରିଚିତ କରାଇଥିଲା । ବର୍ତ୍ତମାନ ଏହି ଶିଳ୍ପଭିତ୍ତିକ ସମାଜର ଧାରଣା ଧୀରେ ଧୀରେ ଆଲୋଚନା ପରିସରରୁ ଦୂରେଇ ଯିବାକୁ ବସିଲାଣି । ତା ସହିତ ପୁଞ୍ଜିବାଦ ଅର୍ଥ ବ୍ୟବସ୍ଥା ଓ ସଭ୍ୟତା ସଭ୍ୟତା ମଧ୍ୟରେ ସଂଘର୍ଷ ମଧ୍ୟ ଲୋପ ପାଇ ବସିଲାଣି । ମାତ୍ର ଏ ସମସ୍ତ ପରିବର୍ତ୍ତନ ସହିତ ନୂତନ ପ୍ରକାରର ସମସ୍ୟା ଯଥା : ଓଜନ ସ୍ତରର ହ୍ରାସ, ପୂର୍ବ ୟୁରୋପ ଭଙ୍ଗ, ମାରାତ୍ମକ ଏଡ୍‌ସର ପ୍ରଭାବ, ବିଶ୍ୱବ୍ୟାପୀ ମୌଳବାଦୀ ଧାର୍ମିକ ଗୋଷ୍ଠୀର ଆବିର୍ଭାବ, ସାମ୍ପ୍ରଦାୟିକ ହିଂସାକାଣ୍ଡ, ପ୍ରଜାତୀୟ ସଂଘର୍ଷ ସାଙ୍ଗକୁ ଅନ୍ୟ ଏକ ପ୍ରକ୍ରିୟା ବେଶ୍ ଆଲୋଚ୍ୟ ବିଷୟବସ୍ତୁ ହୋଇଚାଲିଛି । ଏହି ପ୍ରକ୍ରିୟା ବିଶ୍ୱକୁ ଦେଶ ଦେଶ ମଧ୍ୟରେ ଥିବା ସୀମାରେଖାରୁ ଉର୍ଦ୍ଧ୍ୱରେ ରହି ସମଗ୍ର ମାନବ ସମୁଦାୟକୁ ସହଯୋଗ ଓ ସହାନୁଭୂତି ବଳରେ ଗୋଟିଏ ସମୁଦାୟରେ ବାନ୍ଧି ରଖିବାକୁ ଚେଷ୍ଟା କରିଚାଲିଛି । ଏହି ପ୍ରକ୍ରିୟା ଜଗତିକରଣ (Globalization) ନାମରେ ପରିଚିତ ।

### ଜଗତିକରଣର ଅର୍ଥ
### Meaning of Globalization

ସମାଜବିଜ୍ଞାନୀ ରୋଲାଣ୍ଡ ରବର୍ଟସନ୍ (Roland Robertson) ଜଗତିକରଣ ଶବ୍ଦର ଜନକ ଅଟନ୍ତି । ଜଗତିକରଣ ଅର୍ଥକୁ ନେଇ ସାମାଜିକ ବିଜ୍ଞାନର ବିଦ୍ୱାନମାନଙ୍କ ମଧ୍ୟରେ ଅନେକ ମତଭେଦ ଦୃଷ୍ଟିଗୋଚର ହୋଇଥାଏ । ଅର୍ଥଶାସ୍ତ୍ରୀମାନେ ଆନ୍ତର୍ଦେଶୀୟ ବାଣିଜ୍ୟ ବେପାର ଓ ପୁଞ୍ଜି ଗତିଶୀଳତାରେ ଥିବା ବାଧାବିଘ୍ନକୁ ଦୂରେଇଦେଇ ବିଶ୍ୱ ଅର୍ଥନୀତି ସହିତ ଜାତୀୟ ଅର୍ଥନୀତିର ଅଧିକରୁ ଅଧିକ ସମନ୍ୱୟକୁ ଜଗତିକରଣ କହିଛନ୍ତି ।

ଅନ୍ୟପକ୍ଷରେ ସମାଜବିଜ୍ଞାନୀ ଓ ନୃଶାସ୍ତ୍ରୀମାନେ ଜଗତିକରଣ ପ୍ରକ୍ରିୟାକୁ ଅର୍ଥନୈତିକ ଦୃଷ୍ଟିକୋଣରୁ କେବଳ ବିଚାର ନକରି ଏକ ସମ୍ପୂର୍ଣ୍ଣ ସାମାଜିକ ପ୍ରକ୍ରିୟା ଦୃଷ୍ଟିରେ ବିଚାର କରିଥାନ୍ତି।

କିମ୍ (Kim)ଙ୍କ ମତରେ, "ଜଗତିକରଣ ହେଉଛି, ଏକ ଜଟିଳ, ସ୍ୱତନ୍ତ୍ର ଓ କ୍ରମାନ୍ୱୟ ତଥା ଅନ୍ତସମ୍ବନ୍ଧିତ, ପ୍ରସାରିତ ତୀବ୍ର ତ୍ୱରାନ୍ୱିତ ବିଶ୍ୱବ୍ୟାପୀ ପ୍ରକ୍ରିୟା ଯାହା ପରସ୍ପର ସହ ସହଯୋଗ ରଖିଥିବା ମାନବ ସମ୍ବନ୍ଧର ସମସ୍ତ ପକ୍ଷ - ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ, ପାରିପାର୍ଶ୍ୱିକ, ରାଜନୈତିକ, କୂଟନୈତିକ ଓ ସୁରକ୍ଷା ଇତ୍ୟାଦି ସହିତ ଏପରି ସମ୍ବନ୍ଧିତ ଯେ ବିଶ୍ୱର ଗୋଟିଏ ଭାଗରେ ଘଟୁଥିବା ଘଟଣା, ନିଆଯାଇଥିବା ନିଷ୍ପତ୍ତି ଓ କାର୍ଯ୍ୟକଳାପର ପ୍ରଭାବ ତତ୍‌କ୍ଷଣାତ୍ ଅନ୍ୟ ଭାଗରେ ଥିବା ବ୍ୟକ୍ତି, ସମୂହ ତଥା ରାଜ୍ୟ ଉପରେ ପଡିଥାଏ।"

ଥମାସ୍ ଫ୍ରଏଡମ୍ୟାନ (Thomas Friedmen)ଙ୍କ ବିଚାରରେ, 'ଜଗତିକରଣ ହେଉଛି, ଏକ ସକ୍ରିୟ ଏବଂ ଦ୍ୱିଧାର ବିଶିଷ୍ଟ ପ୍ରକ୍ରିୟା ଯାହା ଅଧିକରୁ ଅଧିକ ଏକକ ସମୂହ, ଗଣରାଷ୍ଟ୍ର (Nation State) ଓ ନିଗମ ବା କ୍ଷମତାପ୍ରାପ୍ତ ସଂଘ (Corporations) ଗୁଡିକୁ ବିଶ୍ୱର ଚାରିଆଡେ ପୂର୍ବ ଅପେକ୍ଷା ଅନାୟାସରେ, ଗଭୀର ଭାବରେ, ଖୁବ୍ ଶୀଘ୍ର ଏବଂ ଅତି ଦୂରରେ ପହଞ୍ଚାଇବା ପାଇଁ ସମର୍ଥ କରାଇଥାଏ ଏବଂ ଏହା ସହିତ ପାଶବିକତାର ଶୀକାର ହୋଇଥିବା ବା ପରିତ୍ୟକ୍ତ ସମୂହ ମଧ୍ୟରେ ଶକ୍ତିଶାଳୀ ଆଖିଦୃଶିଆ ପ୍ରତିକ୍ରିୟା ସୃଷ୍ଟି କରିଥାଏ।"

ଦିଶାନୀୟେକଙ୍କ ମତରେ "ସାମାଜିକ ସରଚନାତ୍ମକ ଅର୍ଥରେ ଯେଉଁ ଐତିହାସିକ ପ୍ରକ୍ରିୟାରେ କୃଷିଭିତ୍ତିକ ସମାଜରୁ ଶିଳ୍ପଭିତ୍ତିକ, ଶିଳ୍ପଭିତ୍ତିକ ସମାଜରୁ ଉତ୍ତର ଶିଳ୍ପଭିତ୍ତିକ ସମାଜ (Post industrial) ଏବଂ ପରିଶେଷରେ ସୂଚନାଭିତ୍ତିକ ସମାଜ (Information society) କୁ ସମାଜ ସଂକ୍ରମଣ ହୋଇଥାଏ ତାହାକୁ ଜଗତିକରଣ କୁହାଯାଏ।"

### ଜଗତିକରଣର ଗୁଣାବଳୀ
### Characteristics of Globalization

ଜଗତିକରଣ ପ୍ରକ୍ରିୟାର ଧାରଣାକୁ ନିମ୍ନ ବୈଶିଷ୍ଟ୍ୟ ଗୁଡିକ ଆଧାରରେ ସରଳ ଭାବରେ ବୁଝାଯାଇପାରିବ।

**(୧) ଜଗତିକରଣ ଏକ ପ୍ରକ୍ରିୟା ଅଟେ (Globalization is a Process) :** ଜଗତିକରଣ ଏକ ପ୍ରକ୍ରିୟା ଭାବରେ ବ୍ୟକ୍ତି ତଥା ସମାଜ ଉପରେ ଉଭୟ ସଚେତନ ଓ ଅଚେତନ ଭାବରେ ପ୍ରଭାବ ପକାଇଥାଏ। ଅର୍ଥାତ୍ ବ୍ୟକ୍ତିବିଶେଷ ବା ସମାଜ ସଚେତନ ରୂପେ ବା ନିଜର ଇଚ୍ଛାନୁସାରେ ଜଗତିକରଣ ପ୍ରକ୍ରିୟାରେ ସାମିଲ ହୋଇଥାଏ। ସେହିପରି କେତେକ କ୍ଷେତ୍ରରେ ବ୍ୟକ୍ତି ପରୋକ୍ଷ ବା ଅଚେତନ ଭାବରେ ଏହି ପ୍ରକ୍ରିୟାରେ ସହଭାଗୀ ହୋଇଯାଇଥାଏ। ଏଣୁ ଜଗତିକରଣକୁ ଉଭୟ ସଚେତନ ଓ ଅଚେତନ ପ୍ରକ୍ରିୟା କୁହାଯାଏ।

**(୨) ଜଗତିକରଣ ଏକ ଜଟିଳ ପ୍ରକ୍ରିୟା (Globalization is a Complex Process):** ଜଗତିକରଣ ପ୍ରକ୍ରିୟାର ଅନେକ ଜଟିଳ ଉପାଦାନ ଗୁଡ଼ିକର ସମାବେଶ ହୋଇଥାଏ। ବାସ୍ତବରେ ଏକ ଜଟିଳ ପ୍ରକ୍ରିୟା ରୂପରେ

ଏହାର ପ୍ରଭାବ ସାମାଜିକ, ଅର୍ଥନୈତିକ, ପ୍ରୋଦ୍ୟୋଗିକ ଏବଂ ଅନ୍ୟ ସ୍ତରରେ ପଡ଼ିଥାଏ । ଏହାର ପ୍ରଭାବ ଭିନ୍ନ ଭିନ୍ନ ପକ୍ଷରେ ଭିନ୍ନ ଭିନ୍ନ ଦେଖାଯାଏ ।

**(୩) ଜଗତିକରଣ ଏକ ଅନ୍ତଃସମ୍ବନ୍ଧିତ ପ୍ରକ୍ରିୟା (It is Interrelated Process) :** ଜଗତିକରଣ ପ୍ରକ୍ରିୟା ବାଣିଜ୍ୟ ବେପାର ଓ ପୁଞ୍ଜିନିବେଶର ସୀମା ବୃଦ୍ଧି କରିବା ସହିତ ସମାଜର ବିଭିନ୍ନ ଯଥା : ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ପାରିପାଶ୍ୱିକ, ରାଜନୈତିକ, କୂଟନୈତିକ ଇତ୍ୟାଦି ପକ୍ଷ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିଥାଏ । ଏଣୁ ଏହି ପ୍ରକ୍ରିୟାକୁ ଏକ ଅନ୍ତଃସମ୍ବନ୍ଧିତ ପ୍ରକ୍ରିୟା କୁହାଯାଏ ।

**(୪) ଜଗତିକରଣ ପ୍ରକ୍ରିୟାରେ ଗତିଶୀଳତାର ବୃଦ୍ଧି ସମାଜର ମୁଖ୍ୟ ବୈଶିଷ୍ଟ୍ୟ (Increasing Mobility in the Society is the Main Characteristics of Society):** ଏହି ପ୍ରକ୍ରିୟା ଦ୍ୱାରା ସାମାଜିକ, ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ, ଧାର୍ମିକ ଓ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଆସେ । ଫଳତଃ ବ୍ୟକ୍ତିର ସୀମିତ ବିଚାଧାରା, ବିଶ୍ୱାସ, ମନୋବୃତ୍ତି, ରକ୍ଷଣଶୀଳ ମନୋବୃତ୍ତିରେ ପରିବର୍ତ୍ତନ ଆସିଥାଏ । ବ୍ୟକ୍ତି ନିଜ ସମାଜ ବା ଦେଶ ମଧ୍ୟରେ ସୀମାବଦ୍ଧ ନହୋଇ ଅନ୍ୟ ସମାଜ ତଥା ଦେଶ ସହିତ ନିଜକୁ ଓ ସମାଜକୁ ସମ୍ବନ୍ଧିତ କରିବାପାଇଁ ମନ ବଳାଇଥାଏ । ଏହାଦ୍ୱାରା ସାମାଜିକ ଗତିଶୀଳତାରେ ବୃଦ୍ଧି ଘଟିଥାଏ ।

**(୫) ଏହା ଏକ ଦ୍ୱିଧାର ବିଶିଷ୍ଟ ପ୍ରକ୍ରିୟା ଅଟେ (It is a Double-edged Process)** ଜଗତିକରଣର ପ୍ରଭାବକୁ ଦୁଇଟି ଦୃଷ୍ଟିରେ ଦେଖାଯାଇଥାଏ । ପ୍ରଥମତଃ ଯେଉଁ ସମାଜ ଏହି ପ୍ରକ୍ରିୟାର ଅନ୍ତର୍ଭୁକ୍ତ ହୋଇଥାଏ, ସେ ସମାଜ ସୂଚନା ପ୍ରଯୁକ୍ତି, ତଥା ଅନ୍ୟାନ୍ୟ ବିଭିନ୍ନ କ୍ଷେତ୍ରରେ ବିକାଶ ପଥରେ ଆଗକୁ ଅଗ୍ରସର ହୋଇଥାଏ । ଅନ୍ୟପକ୍ଷରେ ଏହି ପ୍ରକ୍ରିୟା କେତେକ ସମୂହର ଅର୍ଥନୈତିକ, ସାଂସ୍କୃତିକ ଓ ସାମାଜିକ ମେରୁଦଣ୍ଡକୁ ଦୋହଲାଇ ଦେଇଥାଏ । ଏଣୁ ଜଗତିକରଣକୁ ଦ୍ୱିଧାର ବିଶିଷ୍ଟ ପ୍ରକ୍ରିୟା କୁହାଯାଏ ।

**(୬) ଏହା ଏକ ସମଗୋଷ୍ଠୀକରଣ ପ୍ରକ୍ରିୟା (It is a Homogenizing Process) :** ଜଗତିକରଣ ପ୍ରକ୍ରିୟାର ଉଦ୍ଦେଶ୍ୟ ଦେଶ ଦେଶ ମଧ୍ୟରେ ଥିବା ସୀମରେଖାକୁ ଅତିକ୍ରମ କରି ଏକ ସୀମାବିହୀନ ମାନବ ସମୁଦାୟ ସୃଷ୍ଟି କରିବା । ପରସ୍ପର ସହଯୋଗ ଓ ସହାନୁଭୂତି ବଳରେ ସାମୂହିକ କଲ୍ୟାଣ ସାଧନ କରିବା ଏହି ପ୍ରକ୍ରିୟାର ପ୍ରକାଶ୍ୟ ଅଭିପ୍ରାୟ । ସେହି ଦୃଷ୍ଟିରୁ ଜଗତିକରଣକୁ ଏକ ସମଗୋଷ୍ଠିକରଣ ପ୍ରକ୍ରିୟା ବୋଲି କୁହାଯାଏ ।

**(୭) ଏହା ଏକ ବୈପ୍ଳବିକ ପ୍ରକ୍ରିୟା (It is a Revolutionary Process) :** ଏହି ପ୍ରକ୍ରିୟା ଫଳରେ ସମାଜରେ ଖୁବ୍ ଶୀଘ୍ର ପରିବର୍ତ୍ତନ ସଂଗଠିତ ହୋଇଥାଏ । ଏଣୁ ଏହାକୁ ବୈପ୍ଳବିକ ପ୍ରକ୍ରିୟା କୁହାଯାଏ ।

**(୮) ଏହା ଏକ ବିଶ୍ୱବ୍ୟାପୀ ପ୍ରକ୍ରିୟା (It is a Universal Process) :** ଜଗତିକରଣ କୌଣସି ଗୋଟିଏ ସମାଜ ବା ମାନବ ସମାଜର କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ମଧ୍ୟରେ ସୀମାବଦ୍ଧ ହୋଇନଥାଏ ବରଂ କ୍ରମେ କ୍ରମେ ସମଗ୍ର ମାନବ ସମାଜକୁ ସମ୍ପ୍ରସାରିତ ହୋଇଥାଏ । ଏଣୁ ଏହା ଏକ ବିଶ୍ୱବ୍ୟାପୀ ପ୍ରକ୍ରିୟା ।

**ଭାରତୀୟ ସମାଜ ଉପରେ ଜଗତିକରଣର ପ୍ରଭାବ**

**(Impact of Globalization Process on Indian Society)**

ଭାରତୀୟ ସମାଜ ନବେ ଦଶକର ଉତ୍ତରାର୍ଦ୍ଧରେ ଜଗତିକରଣ ପ୍ରକ୍ରିୟାର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିବାର ଯଦିଓ କେତେକ ଧରି ନେଇଥାନ୍ତି ତଥାପି ଏହି ପ୍ରକ୍ରିୟାର ପ୍ରଭାବ ଭାରତରେ ବହୁ ପୂର୍ବରୁ କାର୍ଯ୍ୟକାରୀ ହେଉଛି । ଏହି ପ୍ରକ୍ରିୟାର ଇତିହାସ ଯେବେଠାରୁ ହେଉନା କାହିଁକି ଭାରତୀୟ ସମାଜରେ ଏହାର ପ୍ରଭାବ ସମସ୍ତ ବିଭବରେ ସମାନ ଭାବରେ ପଡ଼ି ନଥିଲେ ମଧ୍ୟ କେତେକ କ୍ଷେତ୍ରରେ ଏହାର ପ୍ରଭାବ ସ୍ପଷ୍ଟ ଅନୁଭୂତ ହେଉଅଛି । ନିମ୍ନରେ ଜଗତିକରଣ ପ୍ରକ୍ରିୟାର ଭାରତୀୟ ସମାଜ ଉପରେ ପଡୁଥିବା ପ୍ରଭାବର ସମ୍ୟକ୍ ବିବରଣ ପ୍ରସ୍ତୁତ କରାଯାଇଅଛି ।

**(୧) ଜଗତିକରଣ ପ୍ରକ୍ରିୟାର ଶିଳ୍ପ ବିକାଶ ଉପରେ ପ୍ରଭାବ (Impact of Globalization on Industrial Development)** ଶିଳ୍ପ ବିକାଶ କ୍ଷେତ୍ରରେ ଜଗତିକରଣ ପ୍ରକ୍ରିୟା ନିମ୍ନଲିଖିତ ଭାବରେ ପ୍ରଭାବିତ କରିଅଛି ।

**(କ) ମାନସିକ ଶକ୍ତି ସମ୍ବନ୍ଧୀୟ ଶିଳ୍ପର ବିକାଶ (Development of Brainpower Industries):** ଜଗତିକରଣ ପ୍ରକ୍ରିୟା ଫଳରେ ଭାରତରେ ମାନସିକ ଶକ୍ତି ସମ୍ବନ୍ଧୀୟ ଶିଳ୍ପସଂସ୍ଥା ଯଥା ମାଇକ୍ରୋଇଲେକ୍ଟ୍ରୋନିକ୍, ବାଇଓଟେକ୍ନୋଲୋଜି, ସିଭିଲ୍ ଆଭିଏସନ୍, ତାର ଯୋଗାଯୋଗ, କମ୍ପ୍ୟୁଟର ଇତ୍ୟାଦି ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ।

**(ଖ) ବିଦେଶୀ ପୁଞ୍ଜି, ବହୁଦେଶୀୟ କମ୍ପାନୀ ଓ ବିତ୍ତିୟ ବଜାରର ଦୃତ ଅଭିବୃଦ୍ଧି (Rapid Growth of FDI, MNCs and Financial Markets) :** ଜଗତିକରଣ ପ୍ରକ୍ରିୟାର ଅଗ୍ରଗତି ସହିତ ଭାରତରେ ବିଦେଶୀ ପୁଞ୍ଜିର ସିଧା ବିନିଯୋଗ, ବହୁଦେଶୀୟ କମ୍ପାନୀ ମାନଙ୍କର ପ୍ରବେଶ ଓ ବିତ୍ତୀୟ ବଜାର ଗୁଡ଼ିକର ପ୍ରସାର ବଢ଼ିବାରେ ଲାଗିଛି । ଏହାର ପ୍ରଭାବରେ ଘରୋଇ ବ୍ୟାଙ୍କ, ବୀମା, ଟେଲିଯୋଗାଯୋଗ ଆଦି ସଂସ୍ଥା ଘରୋଇକରଣ ହେବାରେ ଲାଗିଛି ଓ ବହୁଦେଶୀୟ କମ୍ପାନୀମାନେ ଏ କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ ପାଇଁ ଆଗେଇ ଆସିଛନ୍ତି ।

**(ଗ) ସମୃଦ୍ଧ ସମୂହର ସୃଷ୍ଟି (Created Islands of Prosperity) :** ଇନଫରମେସନ୍ ଟେକ୍ନୋଲୋଜି ସମ୍ବନ୍ଧୀୟ ଶିଳ୍ପର ବିକାଶ ଜଗତିକରଣର ଅବଦାନ । ଏହି ଶିଳ୍ପର ବିକାଶ ଯୋଗୁ ଉଚ୍ଚକୁଶଳୀ କାରୀଗରମାନେ ଅଣକୁଶଳୀ କାରୀଗରଙ୍କଠାରୁ ବହୁ ପରିମାଣରେ ଅର୍ଥ ରୋଜଗାର କରିଥାନ୍ତି । ଏହିପରି ଶ୍ରମିକ ଶ୍ରେଣୀ ମଧ୍ୟରେ ଦୂରତ୍ୱ ଯଥେଷ୍ଟ ବଢ଼ିଯାଇଥାଏ । ଏହି ଉଚ୍ଚବେତନଭୋଗୀ ଶ୍ରମିକମାନେ ସମ୍ବଳହୀନ ବିଶାଳ ସମୁଦ୍ରାକାର ଶ୍ରମିକ ସମୂହ ମଧ୍ୟରେ ଏକ ଦ୍ୱୀପସମ ସମୃଦ୍ଧି ସମୂହର ସୃଷ୍ଟି କରିଥାଏ ।

**(ଘ) ଭାରତୀୟ ଶିଳ୍ପପତିମାନେ ବିଦେଶୀ ଶିଳ୍ପପତିମାନଙ୍କ ସହ ପ୍ରତିଯୋଗିତା କରିବା ପାଇଁ ଆତ୍ମବିଶ୍ୱାସରେ ବୃଦ୍ଧି (Gain in Confidence among the Indian Industrialists with Foreign Industrialistgs):** ଜଗତିକରଣ ପ୍ରକ୍ରିୟା ଫଳରେ ଭାରତୀୟ ଶିଳ୍ପପତି ଓ ବିଦେଶୀ ଶିଳ୍ପପତିମାନଙ୍କ ମଧ୍ୟରେ

ପାଉଥିବାର ଆତ୍ମସନ୍ତୋଷ ଲାଭ କରୁଥିବାର ଲକ୍ଷ୍ୟ କରାଯାଉଅଛି । ଏହାଛଡ଼ା ଭାରତୀୟ ଶିଳ୍ପ ପ୍ରଥମଥର ପାଇଁ ଆନ୍ତର୍ଜାତିକ ପ୍ରତିଯୋଗିତାର ଅଭିଜ୍ଞତାକୁ ହୃଦୟଙ୍ଗମ କରିପାରିଛି ।

**(ଞ) ଖାଉଟି ଦୀର୍ଘସ୍ଥାୟୀ ପଦାର୍ଥଗୁଡ଼ିକର ଦ୍ରୁତ ଉତ୍ପାଦନ (Fast Production of Consumer Durable Goods)** : ଟି.ଭି. ରେଫ୍ରିଜିରେଟର, ଏ.ସି., ଘଡ଼ି, ସ୍କୁଟର, ମଟର ସାଇକେଲ, ୱାସିଙ୍ଗ୍ ମେସିନ ଇତ୍ୟାଦିର ପଦାର୍ଥ ପ୍ରତି ଲୋକମାନଙ୍କର ଚାହିଦା ବଢ଼ିବା ସହିତ ଏଗୁଡ଼ିକର ଉତ୍ପାଦନରେ ବୃଦ୍ଧିକୁ ଜଗତିକରଣର ପ୍ରଭାବ ବୋଲି ଧରି ନିଆଯାଇଅଛି । ଉପରୋକ୍ତ ପଦାର୍ଥ ଗୁଡିକର ଦ୍ରୁତ ଉତ୍ପାଦନ ସହିତ ଔଷଧ ପ୍ରସ୍ତୁତି ଓ ବିକ୍ରୟ (Pharmaceutical), ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଇତ୍ୟାଦି ଦ୍ରୁତ ଗତିରେ ବଢ଼ି ଚାଲିଛି ।

**(ଟ) ସରକାରୀ ଉଦ୍ୟୋଗଗୁଡ଼ିକର ନିଜିକରଣ (Privatization of Public Sector Undertakings)** : ଜଗତିକରଣ ପ୍ରକ୍ରିୟାର ବହୁମୁଖୀ ପ୍ରଭାବରେ ସରକାରୀ ଉଦ୍ୟୋଗ ଗୁଡ଼ିକ ଅନ୍ତର୍ରାଷ୍ଟ୍ରୀୟ କମ୍ପାନୀ ଗୁଡ଼ିକ ସହିତ ସଠିକ ପ୍ରତିଯୋଗିତା ମୂଳକ ମୁକାବିଲା କରି ନପାରି କ୍ଷତିର ସମ୍ମୁଖୀନ ହେଉଅଛି । ଏହି ପରିସ୍ଥିତିର ସମାଧାନ ପାଇଁ ସରକାର ଏଭଳି ଯେଉଁସବୁ ଶିଳ୍ପାନୁଷ୍ଠାନ ଗୁଡ଼ିକ କ୍ଷତି କରୁଛନ୍ତି ବା ଭବିଷ୍ୟତରେ କ୍ଷତି କରିବାର ସମ୍ଭାବନା ରହିଛି ସେଗୁଡିକୁ ନିଜିକରଣ କରାଉଛନ୍ତି ବା ଏହି ସଂସ୍ଥା ସହିତ ସମ୍ପୃକ୍ତ କର୍ମଚାରୀମାନଙ୍କୁ ତାଙ୍କ ସ୍ୱଇଚ୍ଛାରେ ଅବସର ନେବା (VRS) ପାଇଁ ଉତ୍ସାହିତ କରୁଛନ୍ତି ।

**(ଠ) ଶିଳ୍ପାନୁଷ୍ଠାନଗୁଡ଼ିକର ରୁଗ୍ଣାବସ୍ଥାରେ ବୃଦ୍ଧି (Increase in Sickness of Industries)** : ଜଗତିକରଣ ପ୍ରକ୍ରିୟାରେ ଫଳସ୍ୱରୂପ କେତେକ ଶିଳ୍ପ ଅନ୍ତରାଷ୍ଟ୍ରୀୟ ଶିଳ୍ପାନୁଷ୍ଠାନ ସହିତ ପ୍ରତିଯୋଗିତା କରିନପାରି ରୁଗ୍ଣ ଅବସ୍ଥାରେ ଗତି କରୁଥିବାବେଳେ କେତେକ ପୁରାତନ ଶିଳ୍ପାନୁଷ୍ଠାନ ଯଥା : କପଡ଼ା, ଝୋଟଶିଳ୍ପ, ଚିନିଶିଳ୍ପ ଏପରିକି ରବର, ଷ୍ଟିଲ, ସିମେଣ୍ଟ, ଇଲେକ୍ଟ୍ରିକାଲ, ଛାପାଖାନା ଇତ୍ୟାଦି ମଧ୍ୟ ରୁଗ୍ଣ ରୂପ ଧାରଣ କରିନେଲାଣି ।

**(ଡ) ଗ୍ରାମ୍ୟ ବଜାରର ବିକାଶ (Development of Rural Market)**: ଜଗତିକରଣର ପ୍ରଭାବରେ ଗ୍ରାମ୍ୟ ବଜାର ସହର ତୁଳନାରେ ବହୁଗୁଣରେ ବଢ଼ିଚାଲିଛି । ଗ୍ରାମ୍ୟ ଆୟରେ ସାମାନ୍ୟ ବୃଦ୍ଧି ଘଟିଛି । ଆଜିକାଲି ସାମ୍ପୋ, ଚାପଡି, ସଫା ପାଉଡର, ଟୁଥ୍‌ପେଷ୍ଟ, ତେଲ, ବାସନା ସାମଗ୍ରୀ ଇତ୍ୟାଦି ଛୋଟ ଛୋଟ ଖୋଳରେ ବହୁଳ ଭାବରେ ସହରାଞ୍ଚଳ ଠାରୁ ଆରମ୍ଭକରି ଗ୍ରାମାଞ୍ଚଳରେ ସ୍ୱଳ୍ପମୂଲ୍ୟରେ ମିଳିପାରୁଛି । ବହୁଦେଶୀୟ କମ୍ପାନୀମାନେ ଅଧିକରୁ ଅଧିକ ଉପଭୋକ୍ତା ସୃଷ୍ଟି କରିବା ପାଇଁ ଏଭଳି ଅଭିନବ ଉପାୟ ଅବଲମ୍ବନ କରିଥିବାର ବିଶ୍ୱାସ କରାଯାଏ ।

**(ଢ) ଉତ୍ପାଦିତ ପଦାର୍ଥର ବିକ୍ରୟ ଶୈଳୀରେ ପରିବର୍ତ୍ତନ (Change in the Technique of Sale of the Product)** : ଆଜିକାଲି ପ୍ରସ୍ତୁତକର୍ତ୍ତାମାନେ ସେମାନଙ୍କର ଉତ୍ପାଦିତ ପଦାର୍ଥର ବିକ୍ରୟ ପାଇଁ ପ୍ରଥମେ ଗଣମାଧ୍ୟମରେ ପ୍ରଚାର କରୁଛନ୍ତି । ଉପଭୋକ୍ତାଙ୍କ ଘର ପାଖରେ ସାମଗ୍ରୀକୁ ପହଞ୍ଚାଇ ଦେଉଛନ୍ତି । ସେମାନଙ୍କୁ ପ୍ରଭାବିତ ତଥା ଆକୃଷ୍ଟ କରିବାପାଇଁ ବିଭିନ୍ନ ଲୋଭନୀୟ ଉପହାର, ଲଟେରୀ ଇତ୍ୟାଦିର ସାହାରା ନେଉଛନ୍ତି ।

**(୨) ଜଗତିକରଣର ଆଦିବାସୀ ସମାଜ ଉପରେ ପ୍ରଭାବ (Impact of Globalization on Tribal Society)** : ଜଗତିକରଣ ପ୍ରକ୍ରିୟା ଇଲେକ୍‌ଟ୍ରୋନିକ ଗଣମାଧ୍ୟମର ସାହାରାରେ ଆଦିବାସୀ ମାନଙ୍କର ସଂସ୍କୃତି

କ୍ଷେତ୍ରରେ ଯଥା : ସେମାନଙ୍କର ଜୀବନଶୈଳୀ, ପୋଷାକ - ପରିଚ୍ଛଦ, ଖାଦ୍ୟପାନୀୟ, ଆଚାର ବ୍ୟବହାରରେ ପରିବର୍ତ୍ତନ ଆଣିଅଛି । ଏହା ଆଦିବାସୀ ସଂସ୍କୃତିରେ ଉପଭୋକ୍ତାବାଦକୁ ଉତ୍ସାହିତ କରିଅଛି ।

**(୩) ଜଗତିକରଣ ଓ ଶିକ୍ଷା (Globalization and Education) :** ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ଜଗତିକରଣର ପ୍ରଭାବ ସ୍ପଷ୍ଟ ଅନୁମେୟ । ଏହି ପ୍ରକ୍ରିୟା ଫଳରେ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସମସ୍ତ ସ୍ତରରେ ଘରୋଇକରଣ (Privatization) ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହାର ଫଳସ୍ୱରୂପ ଅନେକ ଘରୋଇ ଶିକ୍ଷାନୁଷ୍ଠାନମାନ ଗଢ଼ି ଉଠୁଛି । ଏହି ଶିକ୍ଷାନୁଷ୍ଠାନରେ କେବଳ ଆର୍ଥିକ ସ୍ୱଚ୍ଛବର୍ଗର ପିଲାମାନେ ଅଧ୍ୟୟନର ସୁବିଧା ପାଉଛନ୍ତି । ଅନେକ ମେଧାବୀ ଛାତ୍ରଛାତ୍ରୀ ଅର୍ଥାଭାବରୁ ସମୟୋପଯୋଗୀ ଶିକ୍ଷା ଗ୍ରହଣରୁ ବଞ୍ଚିତ ହେଉଛନ୍ତି । ଜଗତିକରଣର ପ୍ରଭାବରେ ବହୁ ଭାରତୀୟ ଛାତ୍ରଛାତ୍ରୀ ଆଜି ବିଦେଶରେ ଶିକ୍ଷାଲାଭ କରିବାକୁ ଆଗେଇ ଆସୁଛନ୍ତି ।

**(୪) ଜଗତିକରଣ ଓ ସ୍ୱାସ୍ଥ୍ୟସେବା (Globalization and Health Services) :** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜଗତିକରଣ ପ୍ରକ୍ରିୟାର ପ୍ରଭାବ ମଧ୍ୟ ଯଥେଷ୍ଟ । ଆଜିକାଲି ବହୁ ଅନ୍ତରାଷ୍ଟ୍ରୀୟ ଘରୋଇ ସଂସ୍ଥାମାନ ଭାରତରେ ବିଭିନ୍ନ ଅଞ୍ଚଳରେ ଅତ୍ୟାଧୁନିକ ଡାକ୍ତରଖାନାର ସ୍ଥାପନ କରି ରୋଗୀସେବା କ୍ଷେତ୍ରରେ ଯୁଗାନ୍ତକାରୀ ପ୍ରଗତି ପହଞ୍ଚାଇଛନ୍ତି । ଏହି ଡାକ୍ତରଖାନାରେ ରୋଗୀମାନେ ଉଚ୍ଚମାନର ଚିକିତ୍ସା ସୁବିଧା ପାଇ ପାରୁଛନ୍ତି । ମାତ୍ର ଏ ସମସ୍ତ ସୁବିଧା ଆର୍ଥିକ ଦୃଷ୍ଟିରେ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ସ୍ୱପ୍ନ କହିଲେ ଅତ୍ୟୁକ୍ତି ହେବନାହିଁ । ଅନ୍ୟପକ୍ଷରେ ଔଷଧପତ୍ରର ଉତ୍ପାଦନ କ୍ଷେତ୍ରରେ ବହୁଅନ୍ତରାଷ୍ଟ୍ରୀୟ କମ୍ପାନୀମାନେ ବିଭିନ୍ନ ପ୍ରକାର ଔଷଧ ଉତ୍ପାଦନରେ ଏଭଳି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛନ୍ତି ଯାହାର ପ୍ରଭାବ ଦରିଦ୍ର ଶ୍ରେଣୀର ଲୋକମାନଙ୍କ ଉପରେ ଅଧିକ ପଡ଼ିବାରେ ଲାଗିଛି । ଗୋଟିଏ ପଟରେ ଔଷଧ ଗୁଡ଼ିକର ଅହେତୁକ ଦାମ ବୃଦ୍ଧି ଓ ଅନ୍ୟପଟରେ ଔଷଧ ଗୁଡ଼ିକର ମାନ ହ୍ରାସ ଯୋଗୁ ଏହି ଶ୍ରେଣୀର ଲୋକମାନେ ଅଧିକ ଶୋଷଣର ଶିକାର ହେଉଛନ୍ତି ।

**(୫) ଜଗତିକରଣ ଏବଂ ନାରୀ (Globalization and Women):** ନାରୀ ସମୁଦାୟ ଜଗତିକରଣ ପ୍ରକ୍ରିୟା ଦ୍ୱାରା ବିଭିନ୍ନ ଭାବରେ ପ୍ରଭାବିତ ହେଉଛନ୍ତି; ଏହି ପ୍ରକ୍ରିୟାରେ ଯେଉଁମାନେ ପ୍ରତିଯୋଗିତାରେ ଅସଫଳ ହୋଇଥାନ୍ତି ସେମାନଙ୍କୁ ଅତି ଦୁଃଖଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି । ସେମାନଙ୍କ ମଧ୍ୟରୁ ଅନେକ ବୃତ୍ତିହରାଇ ବସିଛନ୍ତି । ବୃତ୍ତିହୀନ ଅବସ୍ଥା ସେମାନଙ୍କର ରୋଜଗାର କମାଇ ଦେଇଛି । ଗୋଟିଏ ପଟରେ ରୋଜଗାରହୀନତା ଓ ଅନ୍ୟପଟରେ ମୂଲ୍ୟବୃଦ୍ଧି ମହିଳାମାନଙ୍କୁ ଘରୋଇ ଖର୍ଚ୍ଚରେ ଭାରସାମ୍ୟରେ କଠିନ ପରିସ୍ଥିତି ସୃଷ୍ଟି କରୁଅଛି । ମହିଳାମାନେ ଉପରୋକ୍ତ ଭାବରେ ପ୍ରଭାବିତ ହୋଇ ସେମାନଙ୍କର ମୌଳିକ ଆବଶ୍ୟକତା ଗୁଡ଼ିକୁ ପାଇବାରେ ବଞ୍ଚିତ ହେଉଛନ୍ତି । ମହିଳା ଶ୍ରମିକମାନେ କୃଷିକାର୍ଯ୍ୟରୁ ନିଜକୁ ଦୂରେଇନେଇ କମ୍ ମୂଲ୍ୟରେ ଅସୁରକ୍ଷିତ ବୃତ୍ତିରେ ଯୋଗଦେଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

**(୬) ଜଗତିକରଣ ସ୍ଥାନୀୟ, ଆଞ୍ଚଳିକ ଓ ଜାତୀୟ ସଂସ୍କୃତି ଉପରେ ପ୍ରଭାବ (Impact of Globalization on Local Regional and National Culture) :** ଭାରତୀୟ ସମାଜର ସାଂସ୍କୃତିକ ପରମ୍ପରାରେ ସ୍ଥାନୀୟ,

ଆଞ୍ଚଳିକ ଓ ଜାତୀୟସ୍ତର ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ବିଦ୍ୟମାନ ଓ ଏହି ତିନିସ୍ତର ମଧ୍ୟରେ ନିରନ୍ତର ଅନ୍ତଃକ୍ରିୟା ଚାଲିଥାଏ । ଲୋକସଂସ୍କୃତିର ଅଧ୍ୟୟନରୁ ଜଣାଯାଇଅଛି ଯେ କେତେକ ସାଂସ୍କୃତିକ ଏକକ (Cultural traits) ସ୍ଥାନୀୟ, ଆଞ୍ଚଳିକ ଏପରିକି ଭାରତର ଭିନ୍ନ ଭିନ୍ନ ସମୁଦାୟ ଓ ଧାର୍ମିକ ସମୂହ ମଧ୍ୟରେ ଏକାଭାବରେ ଆଦୃତ ହୋଇଥାଏ । ଏହାସତ୍ତ୍ୱେ ପ୍ରତ୍ୟେକ ସ୍ତରର ସଂସ୍କୃତିର କେତେକ ନିଜସ୍ୱ ବୈଶିଷ୍ଟ୍ୟ ରହିଥାଏ । ଯଥା : ଭୂଭାଗ, ପରିବେଶ, ଅର୍ଥନୀତି, ସ୍ଥାନୀୟ ପ୍ରଥା ପରମ୍ପରା, ବୃତ୍ତିଗତ ବିଶେଷିକରଣ, କର୍ମକାଣ୍ଡ, ବିଶ୍ୱାସ ପଦ୍ଧତି, ଖାଦ୍ୟପାନୀୟ, ଜାତି ପଞ୍ଚାୟତ, ମନ୍ଦିର, ପୋଖରୀ, ଶ୍ମଶାନଘାଟ ଇତ୍ୟାଦି । ସ୍ଥାନୀୟ ସଦସ୍ୟମାନଙ୍କର ଏହି ପରିବେଶିକ ଓ ଭୌତିକ ଉପାଦାନ ସହିତ ଆବେଗାତ୍ମକ ସମ୍ବନ୍ଧ ରହିଥାଏ । ସେମାନେ ସେହି ସ୍ଥାନ ସହିତ ନିଜର ପରିଚିତି ସ୍ଥାପନ କରି ଗର୍ବ ଅନୁଭବ କରିଥାନ୍ତି ।

ସାଧାରଣତଃ ସ୍ଥାନୀୟ ସଂସ୍କୃତିର ପରିସର ଗୋଟିଏ ଗାଁ ବା ଏକ ବସତି ପର୍ଯ୍ୟନ୍ତ ସୀମିତ । ମାତ୍ର ଅଞ୍ଚଳର ପରିସର ବିସ୍ତୃତ । ଭାରତରେ ଅଞ୍ଚଳର ସୃଷ୍ଟି ପାଇଁ 'ଭାଷା' ମୁଖ୍ୟ କାରକ । ଭାଷା ଅତିରିକ୍ତ ମେଳା, ପର୍ବପର୍ବାଣି, ପୋଷାକ ପରିଚ୍ଛଦ, ଜୀବନଶୈଳୀ, କଳା ଓ ସାହିତ୍ୟ ପାଇଁ ଅବଦାନ, ମହାପୁରୁଷ ମାନଙ୍କର ବୀରତ୍ୱପୂର୍ଣ୍ଣ ବଳିଦାନ ଇତ୍ୟାଦି ବ୍ୟକ୍ତିକୁ ଅଞ୍ଚଳ ସହିତ ଦୃଢ଼ ଭାବରେ ବାନ୍ଧି ରଖିଥାଏ । ଜାତୀୟ ସଂସ୍କୃତି ଉଭୟ ସ୍ଥାନୀୟ ଓ ଆଞ୍ଚଳିକ ସଂସ୍କୃତିର ନିର୍ଯାସ । ଏହି ଦୃଷ୍ଟିକୋଣରୁ ସ୍ଥାନୀୟ ଆଞ୍ଚଳିକ ଓ ଜାତୀୟ ସଂସ୍କୃତି ଭାରତୀୟ ସମାଜର ତିନୋଟି ଭିନ୍ନ ଭିନ୍ନ ସାଂସ୍କୃତିକ ସ୍ତର ।

ଜଗତିକରଣର ପ୍ରଭାବରେ ସଂସ୍କୃତିର ସମସ୍ତ ସ୍ତର ଅଳ୍ପବହୁତେ ପ୍ରଭାବିତ ହୋଇଅଛି । ମୁକ୍ତ ଅର୍ଥବ୍ୟବସ୍ଥା ଯୋଗୁ ଗାଁ ଗୁଡିକରେ ନୂତନ ପ୍ରକାର ମଧ୍ୟବିତ୍ତ ଶ୍ରେଣୀର ସୃଷ୍ଟି ହୋଇଛି । ଏହି ଶ୍ରେଣୀର ଲୋକମାନେ ଅଧିକ ସହରାଭିମୁଖୀ ହୋଇପଡି ରାଜନୀତିର ବଶବର୍ତ୍ତୀ ହୋଇ ଗ୍ରାମ ପରିବେଶ ମଧ୍ୟରେ କ୍ଷୁଦ୍ର ଗୋଷ୍ଠିମାନ ସୃଷ୍ଟି କରୁଛନ୍ତି । ଗାଁ ଗୁଡିକରେ ପୂର୍ବରୁ ସହଯୋଗ ଓ ଦିଆନିଆ ସମ୍ପର୍କ ଉପରେ ଆଧାରିତ କାର୍ଯ୍ୟକଳାପ, ସାମୁହିକ ଉଦ୍ୟମରେ ପାଳନ କରାଯାଉଥିବା ମେଳା, ପୂଜା, ପର୍ବ ଇତ୍ୟାଦି ଧୀରେ ଧୀରେ ଉଭେଇ ଯିବାକୁ ବସିଲାଣି । ଏହି କାର୍ଯ୍ୟକ୍ରମ ଗୁଡ଼ିକ କ୍ରମଶଃ ବ୍ୟବସାୟୀକରଣର ବଶବର୍ତ୍ତୀ ହେଲାଣି । ଦିନେ ଯେଉଁ ପର୍ବପର୍ବାଣି ସମଗ୍ର ଗ୍ରାମର ବୋଲି ଧରାଯାଉଥିଲା ଏବେ ତାହା କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କର ବ୍ୟବସାୟ କହିଲେ ଅତ୍ୟୁକ୍ତି ହେବନାହିଁ ।

ଜଗତିକରଣ ଗୋଟିଏ ପଟରେ ସଂସ୍କୃତିର ବ୍ୟବସାୟୀକରଣର ପରିସରକୁ ବଢ଼ାଇବାରେ ସାହାଯ୍ୟ କଲାବେଳେ ଅନ୍ୟପଟରେ ସ୍ଥାନୀୟ ସଂସ୍କୃତିକୁ ବଜାର ମଧ୍ୟକୁ ପ୍ରବେଶ କରାଇ ଏହି ସଂସ୍କୃତିର ନିଜସ୍ୱ ଅସ୍ତିତ୍ୱ ପ୍ରତି ଆଶଙ୍କା ସୃଷ୍ଟି କରାଇଥାଏ । ଉଦାହରଣ ସ୍ୱରୂପ ଅନେକ ପାରିବାରିକ ବୃତ୍ତିରେ ଗାଁ ଗହଳିରେ ମହିଳାମାନେ ସ୍ଥାନୀୟ କଳାତ୍ମକ କୃତିକୁ ନିଜର ପେଶା ରୂପେ ଗ୍ରହଣ କରୁଥିଲେ । ଏହି କୃତି ଗୁଡିକ ସ୍ଥାନୀୟ କର୍ମକାଣ୍ଡର ସମ୍ପାଦନରେ ବ୍ୟବହାର କରାଯାଉଥିଲା ମାତ୍ର ବଜାରର ଜଗତିକରଣ ଯୋଗୁ ସେ ସମସ୍ତ କଳାକୃତି ଗୁଡ଼ିକ ବଜାରରେ ଅତି ଶସ୍ତାରେ ଉପଲବ୍ଧ ହେଉଛି । ଫଳତଃ ଗ୍ରାମ୍ୟ ମହିଳାମାନଙ୍କ ଦ୍ୱାରା ନିର୍ମିତ ବସ୍ତୁର ଚାହିଦା କମିବାରେ ଲାଗିଛି । ପୁନଶ୍ଚ ସ୍ଥାନୀୟ ସମୁଦାୟରେ ଏ ସମସ୍ତ ବସ୍ତୁ ପ୍ରତି ଲୋକମାନଙ୍କର ପୂର୍ବାଦୃଶ ଆଦର

ଦୃଷ୍ଟିଗୋଚର ହେଉନଥିବାରୁ ଯେଉଁ କଳାକାରମାନେ ଏ ବୃତ୍ତିରେ ନିଯୁକ୍ତ ସେମାନେ ସେମାନଙ୍କର ପ୍ରସ୍ତୁତ କଳାତ୍ମକ ନିଦର୍ଶନକୁ ଦୂରଦୂରାନ୍ତ ବଜାରରେ ବିକ୍ରୟ କରିବାର ସୁଯୋଗ ଜଗତିକରଣ ଦେଇଥିବାରୁ ସେମାନେ ଏହି ପ୍ରକ୍ରିୟା ଦ୍ୱାରା ସନ୍ତୋଷ ପ୍ରକାଶ କରୁଥିବାର ଲକ୍ଷ୍ୟ କରାଯାଉଅଛି। ଜଗତିକରଣ ଫଳରେ ଇଲେକ୍‌ଟ୍ରୋନିକ ଗଣମାଧ୍ୟମ ଯଥା : ଦୂରଦର୍ଶନ, ଇଣ୍ଟରନେଟ୍, ସେଟଲାଇଟ ଚାନେଲ ଇତ୍ୟାଦି ସାଂସ୍କୃତିକ ଅନ୍ତଃକ୍ରିୟାର ପରିସରକୁ ଯଥେଷ୍ଟ ବୃଦ୍ଧି କରାଇପାରିଛି। ଏହାସତ୍ତ୍ୱେ ଭାରତୀୟ ସମାଜର ସମସ୍ତ ଜନତା ଏହାର ସୁଫଳ ପାଇପାରିନାହାଁନ୍ତି।

ଭାରତରେ ଯଦିଓ ଚାଳିଶ ଭାଗ ଲୋକ ଆଜି ଦାରିଦ୍ର୍ୟ, ନିରକ୍ଷରତା ଓ ପଛୁଆ ଶ୍ରେଣୀର ତଥାପି ସେମାନଙ୍କ ମଧ୍ୟରୁ ଅଧିକାଂଶ ଦୂରଦର୍ଶନ ଓ ରେଡ଼ିଓ ଆଦି ଗଣମାଧ୍ୟମର ସଦ୍‌ଉପଯୋଗ କରିବାରୁ ଏତେଟା ବଞ୍ଚିତ ହୋଇନାହାଁନ୍ତି। ଅନ୍ୟପକ୍ଷରେ ସଂଚାର ସାଧନ ଓ ମନୋରଞ୍ଜନ ପାଇଁ କମ୍ପ୍ୟୁଟର, ଇଣ୍ଟରନେଟ୍, ମଲଟି ମିଡିଆ ଓ ସେଲୁଲାର ଫୋନ୍‌ର ଉପଯୋଗ ତୁଳନାତ୍ମକ ଭାବରେ ବହୁତ କମ୍। ଅବଶ୍ୟ ଏହି ସାଧନ ଗୁଡ଼ିକର ପ୍ରୟୋଗ ଦିନକୁ ଦିନ ବଢ଼ିଚାଲିଛି। ପ୍ରଥମେ ରାଜ୍ୟର ସଂଚାର ସାଧନ ଉପରେ ଯେଉଁଳି ନିୟନ୍ତ୍ରଣ ଥିଲା ସେ ପ୍ରକାର ନିୟନ୍ତ୍ରଣରେ ଶିଥିଳତା ବଢ଼ିବାରେ ଲାଗିଛି। ଅନେକ ବହୁରାଷ୍ଟ୍ରୀୟ ସଂସ୍ଥା ସଂଚାର ସାଧନ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ପ୍ରତିଯୋଗିତା ମୂଳକ ଭାବରେ ଏହାର ପ୍ରସାର ଘଟାଇ ଚାଲିଛନ୍ତି। ଯାହାର ପ୍ରଭାବ ଆମର ସଂସ୍କୃତି ଉପରେ ସ୍ପଷ୍ଟ ଅନୁମେୟ।

ଗଣମାଧ୍ୟମ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ, ସ୍ଥାନୀୟ ଅର୍ଥନୀତି, ବାଣିଜ୍ୟ ବ୍ୟବସାୟ, କୃଷି, ଶିଳ୍ପ, ସାଂସ୍କୃତିକ ଉପାଦାନ, ସଂଚାର ସେବା ଉପରେ ଯଥେଷ୍ଟ। ଏହାର ପ୍ରଭାବରେ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ମଧ୍ୟରେ ନୂତନ ଆଶା ସଂଚାର ହୋଇପାରିଛି। ଦିନେ ଭାଷାର ସୀମା ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ମଧ୍ୟରେ ଏହାର ପ୍ରୟୋଗକାରୀଙ୍କୁ ସୀମାବଦ୍ଧ କରିଥିଲା, ମାତ୍ର ଆଜିକାଲି ଜଗତିକରଣ ପ୍ରକ୍ରିୟା ଏହି ସୀମାକୁ ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ନେଇପାରିଛି। ଗଣମାଧ୍ୟମ ଗୁଡ଼ିକ ଭିନ୍ନ ଭିନ୍ନ ସାଂସ୍କୃତିକ ସମୂହଗୁଡ଼ିକ ସହିତ ଥିବା ଦୂରତ୍ୱକୁ ଅନ୍ତଃକ୍ରିୟା ମାଧ୍ୟମରେ କମାଇ କମାଇ ଚାଲିଛି। ଜଗତିକରଣର ଏପରି ପ୍ରଭାବ କେତେକ ବୁଦ୍ଧିଜୀବୀଙ୍କୁ ବିଶ୍ୱସଂସ୍କୃତିର ସମଜାତୀୟକରଣ, ଅନ୍ୟ କେତେକ ସଂସ୍କୃତିର ଅବକ୍ଷୟ ରୂପେ ପରିଗଣିତ କରୁଛନ୍ତି। ଏହାସତ୍ତ୍ୱେ ଆନ୍ତଃବଜାର ପରିସରର ବୃଦ୍ଧି, ଗ୍ରାମ୍ୟ ଓ ସହର ଅଞ୍ଚଳର ମଧ୍ୟବିତ୍ତ ଶ୍ରେଣୀର ଉତ୍‌ଥାନ, କୃଷି ଉତ୍ପାଦନ, ଦୁଗ୍ଧ ଓ ମତ୍ସ୍ୟ ଉତ୍ପାଦନରେ ବୃଦ୍ଧି, ଏହା ସହିତ ନଗରୀକରଣ, ଶିଳ୍ପୀକରଣ, ପ୍ରଯୁକ୍ତି ଓ ବୃତ୍ତିଗତ କ୍ଷେତ୍ରରେ ମାନବ ସମ୍ବଳର ବହୁଳ ପ୍ରୟୋଗ ଇତ୍ୟାଦି ଜଗତିକରଣର ଦାନ ଏଥିରେ ଦ୍ୱିମତ ନାହିଁ। ଆଜି ଜଗତିକରଣ ଫଳରେ ଶ୍ରମ ସଞ୍ଚଳନର ଗତି ବଢ଼ିଚାଲିଛି। ଶିକ୍ଷିତ ଓ ବୃତ୍ତିଧାରୀ ଯୁବକମାନେ ଅଧିକ ସୁବିଧା ସୁଯୋଗ ପାଇଁ ଗୋଟିଏ ସମାଜରୁ ଅନ୍ୟ ସମାଜକୁ ସହଜରେ ଯାଇ ସେଠାରେ ମାନବ ସମ୍ବଳର ସଦୁପଯୋଗ କରିପାରୁଛନ୍ତି।

ଜଗତିକରଣ ପ୍ରକ୍ରିୟା ଫଳରେ ବଜାର ସୀମା ବୃଦ୍ଧି ଘଟିଅଛି। ଏ ସୀମା ବୃଦ୍ଧି ସହିତ ଲୋକମାନଙ୍କର କ୍ରୟଶକ୍ତିର ସୀମା ଅନୁରୂପ ଭାବରେ ବୃଦ୍ଧି ପାଇଅଛି। ଏହି କ୍ରୟଶକ୍ତିର ସୀମାରେ ବୃଦ୍ଧି ଅନେକ ଲୋକଙ୍କର ରହନସହନ ଓ ଖାଦ୍ୟପାନୀୟ ଢ଼ଙ୍ଗ ଉପରେ କିଛିଟା ପ୍ରଭାବ ପକାଇଅଛି।

ଟେଲିଯୋଗାଯୋଗ, ମନୋରଂଜନ ପାଇଁ ଗଣମାଧ୍ୟମ ମୁଖ୍ୟତଃ ଦୂରଦର୍ଶନ ଓ ସିନେମା ଲୋକମାନଙ୍କର ରୁଚିରେ ଅନେକ ପରିବର୍ତ୍ତନ ଆଣିଛି। ସେମାନେ ସେମାନଙ୍କର ଖାଦ୍ୟ, ପାନୀୟ, ପୋଷାକଶୈଳୀ ଏବଂ ସଂସ୍କୃତିରେ ଆନ୍ତଃଆଞ୍ଚଳିକ ତଥା ଅନ୍ତରାଷ୍ଟ୍ରୀୟ ଉପାଦାନ ଗୁଡ଼ିକୁ ଗ୍ରହଣ କରିବା କ୍ଷେତ୍ରରେ ପୂର୍ବଭଳି ଏତେଟା ବିରୋଧଭାବ ଦୃଷ୍ଟିଗୋଚର ହେଉନାହିଁ। ମୁଖ୍ୟତଃ ଯୁବପିଢ଼ୀର ସଦସ୍ୟମାନେ ଏ ପ୍ରକାର ପରିବର୍ତ୍ତନକୁ ଅଧିକ ଗ୍ରହଣ କରିନେଉଥିବାର ଦେଖାଯାଉଅଛି। ପ୍ରଫେସର ଯୋଗେନ୍ଦ୍ର ସିଂହ ପୋଷାକ କ୍ଷେତ୍ରରେ 'ସାଲୁଆର କମିଜ'ର ଉଦାହରଣ ଦେଇ ଦର୍ଶାଇଛନ୍ତି ଯେ ପ୍ରଥମେ ଏହି ପୋଷାକ ପଞ୍ଜାବ ତଥା ଉତ୍ତର ତଥା ଉତ୍ତର ଭାରତର କେତେକ କ୍ଷେତ୍ରରେ ସିମିତ ଥିଲା। ମାତ୍ର ଆଜିକାଲି ଅତ୍ୟନ୍ତ ରକ୍ଷଣଶୀଳ ଦକ୍ଷିଣ ଭାରତରେ ଏହାର ଚାହିଦା ବେଶ୍ ବଢ଼ିବାରେ ଲାଗିଛି।

ଆଜିକାଲି ବିଦେଶୀ ଶୈଳୀରେ ନିର୍ମିତ ପୋଷାକପଟା ଉପରେ ଚାହିଦା ବଢ଼ିବାରେ ଲାଗିଛି। ଫେସନ ଡିଜାଇନ କ୍ଷେତ୍ରରେ ଅନେକ ଭାରତୀୟ ଡିଜାଇନରଙ୍କ ବିଦେଶ ବଜାରରେ ଚାହିଦା ବଢ଼ି ଚାଲିଛି। ପୋଷାକ ଛଡ଼ା ଉପଭୋଗ କ୍ଷେତ୍ରରେ ମଧ୍ୟ ଅଭୂତପୂର୍ବ ପରିବର୍ତ୍ତନ ଘଟିଚାଲିଛି। ଦୁଗ୍ଧ, ଅଣ୍ଡା, ମାଛ ମାଂସ ଇତ୍ୟାଦିର ଉତ୍ପାଦନ ବୃଦ୍ଧି ସହିତ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ କ୍ଷେତ୍ରରେ ଏହାର ଚାହିଦା ମଧ୍ୟ ବଢ଼ିଚାଲିଛି। ଲୋକମାନେ ଆଉ ପୂର୍ବଭଳି ଖାଦ୍ୟଶସ୍ୟଯୁକ୍ତ ପୁଳାଏ ଖାଦ୍ୟ ସ୍ଥାନରେ ଅଧିକ ପ୍ରୋଟିନଯୁକ୍ତ ଖାଦ୍ୟ, ଫଳମୂଳ ଓ ପନିପରିବା ଖାଇବାକୁ ଉପଯୁକ୍ତ ମନେ କରୁଛନ୍ତି।

ବିଦେଶରେ ବସବାସ କରୁଥିବା ଭାରତୀୟମାନଙ୍କ ସଂଖ୍ୟା ବୃଦ୍ଧି ଅନେକ ଭାରତୀୟ ସାଂସ୍କୃତିକ ଉପାଦାନର ଜଗତିକରଣ କରିବାରେ ସହାୟକ ହେଉଅଛି। ଭାରତୀୟ ପର୍ବପର୍ବାଣୀ, ପୂଜା ଉତ୍ସବ ଆଜିକାଲି ବିଶ୍ୱଭରି ପାଳନ କରାଯିବାରେ ଲାଗଲାଣି। ଭାରତୀୟ ପିଠାପଣା ଗାଁ ଗହଳିର ସ୍ଥାନୀୟ ଖାଦ୍ୟପଦାର୍ଥ ଆଜି ବିଶ୍ୱବଜାରରେ ଉପଲବ୍ଧ। ସ୍ଥାନୀୟ ଓ ଆଞ୍ଚଳିକ ସାଂସ୍କୃତିକ ଉପାଦାନ ବିଶ୍ୱ ବଜାରରେ ପ୍ରବେଶ ଏହି ଅଞ୍ଚଳର ବାସିନ୍ଦାଙ୍କ ମନରେ ଅପାର ଆନନ୍ଦ ସୃଷ୍ଟି କରିବା ସହିତ ଅଧିକରୁ ଅଧିକ ସ୍ଥାନୀୟ ବସ୍ତୁକୁ ବିଶ୍ୱ ବଜାରରେ ପ୍ରବେଶ କରାଇବା ପାଇଁ ସେମାନଙ୍କୁ ଉତ୍ସାହିତ କରୁଅଛି। ଏଥିପାଇଁ କେତେକ ଜଗତିକରଣକୁ ଏକ ବହୁତ୍ୱପୂର୍ଣ୍ଣ ପ୍ରକ୍ରିୟା ବୋଲି ବିଚାର କରୁଛନ୍ତି।

◆◆◆

# ଆଦର୍ଶ ପ୍ରଶ୍ନାବଳୀ

## Group-A

## Objective Type

## 'କ' ବିଭାଗ

## ଅତି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**ନିମ୍ନୋକ୍ତ ବିକଳ୍ପ ଗୁଡିକ ମଧ୍ୟରୁ ଠିକ୍ ଉତ୍ତର ଲେଖ ।**

**(Multiple Choice Questions)**

୧. କେଉଁଠାରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଥିଲା ?

(କ) ଆମେରିକାରେ (ଖ) ବ୍ରିଟେନ୍‌ରେ (ଗ) କାନାଡ଼ାରେ

୨. ଔଦ୍ୟୋଗୀକରଣ କେଉଁ ଅର୍ଥ ବ୍ୟବସ୍ଥା ଆଧାରିତ ?

(କ) କୃଷିଭିତ୍ତିକ ଅର୍ଥବ୍ୟବସ୍ଥା (ଖ) ବଜାର ଅର୍ଥବ୍ୟବସ୍ଥା

(ଗ) ଦ୍ରବ୍ୟ ଉତ୍ପାଦନଭିତ୍ତିକ ଅର୍ଥବ୍ୟବସ୍ଥା

୩. ନିମ୍ନୋକ୍ତ କେଉଁଟି ଔଦ୍ୟୋଗୀକରଣର ପ୍ରଭାବ ଅଟେ ?

(କ) ଯୌଥ ପରିବାର ବିଘଟନ (ଖ) ଧର୍ମୀୟ ପ୍ରଭାବର ହ୍ରାସ

(ଗ) ଉପରୋକ୍ତ ସମସ୍ତ

୪. ବିପୁ ଦ୍ରବ୍ୟ ଉତ୍ପାଦନ କେଉଁ ପ୍ରକ୍ରିୟାରେ ହୋଇଥାଏ ?

(କ) ସହରୀକରଣ (ଖ) ଜଗତିକରଣ (ଗ) ଔଦ୍ୟୋଗୀକରଣ

୫. ନିମ୍ନୋକ୍ତ କେଉଁଟି ଔଦ୍ୟୋଗୀକରଣ ନକରାତ୍ମକ ପ୍ରଭାବ ?

(କ) ପରିବାର ବିଘଟନ (ଖ) ବିପୁଳ ଉତ୍ପାଦନ (ଗ) ସହରୀକରଣ

୬. ୧୯୧୧ ମସିହା ଜନଗଣନା ଅନୁସାରେ ଭାରତରେ ଶତକଡ଼ା କେତେ ଭାଗ ଲୋକ ସହରାଞ୍ଚଳରେ ବାସ କରନ୍ତି ?

(କ) ୩୦% (ଖ) ୩୧.୬% (ଗ) ୩୨.୧୬%

୭. କେଉଁ ପ୍ରକ୍ରିୟା ଦ୍ୱାରା ଗ୍ରାମାଞ୍ଚଳ ସହରାଞ୍ଚଳକୁ ରୂପାନ୍ତରିତ ହୁଏ ।

(କ) ଜଗତିକରଣ ପ୍ରକ୍ରିୟା ଦ୍ୱାରା (ଖ) ସହରୀକରଣ ପ୍ରକ୍ରିୟା ଦ୍ୱାରା

(ଗ) ଉଦାରୀକରଣ ପ୍ରକ୍ରିୟା ଦ୍ୱାରା

୮. ନିମ୍ନୋକ୍ତ କେଉଁ ପ୍ରକ୍ରିୟା ଗ୍ରାମାଞ୍ଚଳର ଲୋକମାନଙ୍କୁ ସହରାଭିମୁଖୀ କରାଏ ?

(କ) ସହରୀକରଣ (ଖ) ଔଦ୍ୟୋଗୀକରଣ (ଗ) ଉଦାରୀକରଣ

୯. ମୋଟ ଜନସଂଖ୍ୟାରେ ସହରୀ ଜନସଂଖ୍ୟାର ଅନୁପାତରେ ବୃଦ୍ଧି ଘଟିବା ହେଉଛି ସହରୀକରଣ। ଏହି ସଂଜ୍ଞା ସହରୀକରଣର କେଉଁ ଦିଗ ସହିତ ସଂପର୍କୀତ ?

(କ) ଜନବିବରଣ ସମ୍ବନ୍ଧିତ ଦିଗ (ଖ) ଅର୍ଥନୈତିକ ଦିଗ (ଗ) ସ୍ଥାନସମ୍ବନ୍ଧିତ ଦିଗ

୧୦. ସହରାଞ୍ଚଳ ଜନସଂଖ୍ୟାର ଆକାର ଦୃଷ୍ଟିରୁ ପୃଥିବୀରେ ଭାରତ କେଉଁ ସ୍ଥାନ ଅଧିକାର କରିଛି ?

(କ) ପ୍ରଥମ ସ୍ଥାନ (ଖ) ଦ୍ୱିତୀୟ ସ୍ଥାନ (ଗ) ତୃତୀୟ ସ୍ଥାନ

୧୧. ନିମ୍ନଲିଖିତ କେଉଁଟି ସହରୀକରଣର କୁପ୍ରଭାବ ଅଟେ ?

(କ) ଅର୍ଥନୈତିକ ଅଭିବୃଦ୍ଧି (ଖ) ଜାତି ବ୍ୟବସ୍ଥାରେ ପରିବର୍ତ୍ତନ (ଗ) ବସ୍ତିଗୁଡ଼ିକର ଅଭିବୃଦ୍ଧି

୧୨. ଆଧୁନିକରଣ କେଉଁ ପ୍ରକାରର ପ୍ରକ୍ରିୟା ଅଟେ ?

(କ) ସାମାଜିକ ପ୍ରକ୍ରିୟା (ଖ) ରାଜନୈତିକ ପ୍ରକ୍ରିୟା (ଗ) ଐତିହାସିକ ପ୍ରକ୍ରିୟା

୧୩. ଆଧୁନିକୀକରଣ ପ୍ରକ୍ରିୟା କେଉଁଠାରେ ଆରମ୍ଭ ହୋଇଥିଲା ?

(କ) ପ୍ରାଚ୍ୟରେ (ଖ) ପାଶ୍ଚାତ୍ୟରେ (ଗ) ମଧ୍ୟ ପ୍ରାଚ୍ୟରେ

୧୪. କେଉଁ ଏସୀୟ ଦେଶରେ ପ୍ରଥମେ ଆଧୁନିକୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ?

(କ) ଭାରତ (ଖ) ଜାପାନ (ଗ) କୋରିଆ

୧୫. ଭାରତରେ କେଉଁ ସମୟରେ ଆଧୁନିକୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ?

(କ) ବ୍ରିଟିଶ ଶାସନ ସମୟରେ (ଖ) ପ୍ରାଚୀନ କାଳରେ (ଗ) ଭାରତର ସ୍ୱାଧୀନତା ପରେ

୧୬. ବ୍ରିଟିଶ୍ ସଂସ୍ପର୍ଶରେ ଆସିବା ଫଳରେ ଭାରତର ନିମ୍ନୋକ୍ତ କେଉଁଟିରେ ପରିବର୍ତ୍ତନ ଆସିଥିଲା ?

(କ) ସଂସ୍କୃତିରେ (ଖ) ସଂସ୍କୃତି ଓ ସମାଜର ସଂରଚନାରେ (ଗ) ସମାଜର ସଂରଚନାରେ

୧୭. ଜଗତୀକରଣ ଶବ୍ଦର ଜନକଙ୍କ ନାମ କ'ଣ ?

(କ) ମାଲ୍‌କମ୍ ୱାଟରସ୍ (ଖ) ରୋଲାଣ୍ଡ ରବର୍ଟସନ୍ (ଗ) ଆନ୍ଥୋନୀ ଗିଡେନ୍‌ସ

୧୮. କିଏ ପ୍ରଥମେ 'ବିଶ୍ୱଗ୍ରାମ' ଶବ୍ଦର ବ୍ୟବହାର କରିଥିଲେ ?

(କ) ମାର୍ଶାଲ ମ୍ୟାକ ଲୁହାନ (ଖ) ମାଲକମ୍ ୱାଟରସ୍ (ଗ) ଆନ୍ଥୋନୀ ମ୍ୟାକଗ୍ରାଉ

୧୯. କେଉଁ ମସିହାରେ ଭାରତରେ ଜଗତିକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ?

(କ) ୧୯୮୧ ମସିହାରେ (ଖ) ୧୯୯୧ ମସିହାରେ (ଗ) ୨୦୦୧ ମସିହାରେ

୨୦. ନିମ୍ନୋକ୍ତ କେଉଁଟି ଜଗତିକରଣର ନକରାତ୍ମକ ପ୍ରଭାବ ?

(କ) ବେକାରୀ ଓ ଦାରଦ୍ର୍ୟ ବୃଦ୍ଧି

(ଖ) ଉପଭୋକ୍ତାବାଦ

(ଗ) ଉପରୋକ୍ତ ସମସ୍ତ ।

## (ଖ) ଗୋଟିଏ ଶବ୍ଦ କିମ୍ବା ବାକ୍ୟରେ ଉତ୍ତର ଦିଅ ।

**(Answer in one word or Sentence)**

୧. ଔଦ୍ୟୋଗୀକରଣ କହିଲେ କ'ଣ ବୁଝ ?

୨. ଶିଳ୍ପ ବିପ୍ଳବ କେଉଁଠାରେ ପ୍ରଥମେ ଆରମ୍ଭ ହୋଇଥିଲା ?

୩. ଔଦ୍ୟୋଗୀକରଣର ଗୋଟେ ସଂଜ୍ଞା ପ୍ରଦାନ କର ।

୪. ଔଦ୍ୟୋଗୀକରଣର ଗୋଟିଏ ଗୁଣ ଲେଖ ।

୫. ପରିବାର ଉପରେ ଔଦ୍ୟୋଗୀକରଣର ଏକ ପ୍ରଭାବ ଲେଖ ।

୬. ଔଦ୍ୟୋଗୀକରଣର ଏକ ନକରାତ୍ମକ ବା କୁ ପ୍ରଭାବ ଉଲ୍ଲେଖ କର ।

୭. ସହରୀକରଣ କହିଲେ କ'ଣ ବୁଝ ?

୮. ସହରୀକରଣର ଜନବିବରଣ ସମ୍ବନ୍ଧୀୟ ଦିଗ କହିଲେ କ'ଣ ବୁଝ ?

୯. ଭାରତର ଶତକଡ଼ା କେତେ ଭାଗ ଲୋକ ସହରରେ ବାସକରନ୍ତି ?

୧୦. ସହରୀକରଣର ଗୋଟିଏ ଗୁଣ ଲେଖ ?

୧୧. ସହରୀକରଣର ଗୋଟିଏ ସକରାତ୍ମକ ପ୍ରଭାବ ଉଲ୍ଲେଖ କର ?

୧୨. ସହରୀକରଣର ଗୋଟିଏ କୁପ୍ରଭାବ ଉଲ୍ଲେଖ କର ?

୧୩. ଆଧୁନିକୀକରଣ କହିଲେ କ'ଣ ବୁଝ ?

୧୪. ଆଧୁନିକୀକରଣ ପ୍ରକ୍ରିୟା ପ୍ରଥମେ କେଉଁଠାରେ ଆରମ୍ଭ ହୋଇଥିଲା ?

୧୫. ଆଧୁନିକୀକରଣ ପ୍ରକ୍ରିୟାର ଗୋଟିଏ ଗୁଣ ଉଲ୍ଲେଖ କର ?

୧୬. ଭାରତରେ କେବେ ଆଧୁନିକୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ?

୧୭. ଭାରତରେ ଆଧୁନିକୀକରଣ ପ୍ରକ୍ରିୟାର ଗୋଟିଏ ପ୍ରଭାବ ଉଲ୍ଲେଖ କର ?

୧୮. ଜଗତିକରଣ କହିଲେ କ'ଣ ବୁଝ ?

୧୯. ଜଗତିକରଣ ଶବ୍ଦର ବ୍ୟବହାର ପ୍ରଥମେ କିଏ କରିଥିଲେ ?

୨୦. 'ବିଶ୍ୱଗ୍ରାମ' ଶବ୍ଦଟିର ବ୍ୟବହାର ପ୍ରଥମେ କିଏ କରିଥିଲେ ?

୨୧. ଭାରତରେ ଜଗତିକରଣ ପ୍ରକ୍ରିୟା କେଉଁ ମସିହାରେ ଆରମ୍ଭ ହୋଇଥିଲା ?

୨୨. ଭାରତୀୟ ସମାଜ ଉପରେ ଜଗତିକରଣର ଏକ ସକରାତ୍ମକ ପ୍ରଭାବ ଉଲ୍ଲେଖ କର ?

୨୩. ଭାରତୀୟ ସମାଜ ଉପରେ ଜଗତିକରଣର ଏକ ନକରାତ୍ମକ ପ୍ରଭାବ ଉଲ୍ଲେଖ କର ?

## Group- B

## Short Type Questions

## 'ଖ' ବିଭାଗ

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

**(କ) ଦୁଇ କିମ୍ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।**

**(Answer in two or three Sentences)**

୧. ଔଦ୍ୟୋଗୀକରଣ କ'ଣ ?

୨. ଔଦ୍ୟୋଗୀକରଣ ଏକ ସଂଜ୍ଞା ପ୍ରଦାନ କର ?

୩. ଔଦ୍ୟୋଗୀକରଣର ଦୁଇଟି ଗୁଣ ଲେଖ ?

୪. ଔଦ୍ୟୋଗୀକରଣର ଦୁଇଟି ପ୍ରଭାବ ଲେଖ ?

୫. ଔଦ୍ୟୋଗୀକରଣର ଦୁଇଟି ସକରାତ୍ମକ ପ୍ରଭାବ ଲେଖ ?

୬. ଔଦ୍ୟୋଗୀକରଣର ଦୁଇଟି ନକରାତ୍ମକ ପ୍ରଭାବ ଲେଖ ?

୭. ସହରୀକରଣ କହିଲେ କ'ଣ ବୁଝ ?

୮. ସହରୀକରଣର ଗୋଟିଏ ସଂଜ୍ଞା ପ୍ରଦାନ କର ?

୯. ସହରୀକରଣର ଦୁଇଟି ଗୁଣ ଲେଖ ?

୧୦. ସହରୀକରଣର ଦୁଇଟି ସକରାତ୍ମକ ପ୍ରଭାବ ଲେଖ ?

୧୧. ସହରୀକରଣର ଦୁଇଟି ନକରାତ୍ମକ ପ୍ରଭାବ ଲେଖ ?

୧୨. ଆଧୁନିକୀକରଣ କହିଲେ କ'ଣ ବୁଝ ?

୧୩. ଆଧୁନିକୀକରଣ ପ୍ରକ୍ରିୟାର ଦୁଇଟି ଗୁଣ ଲେଖ ?

୧୪. ଭାରତୀୟ ସମାଜ ଉପରେ ଆଧୁନିକୀକରଣ ପ୍ରକ୍ରିୟାର ଦୁଇଟି ପ୍ରଭାବ ଲେଖ ?

୧୫. ଅର୍ଥନୈତିକ ଆଧୁନିକୀକରଣ କହିଲେ କ'ଣ ବୁଝ ?

୧୬. ରାଜନୈତିକ ଆଧୁନିକୀକରଣ କହିଲେ କ'ଣ ବୁଝ ?

୧୭. ସଂରଚନତ୍ମାକ ପରିବର୍ତ୍ତନ କହିଲେ କ'ଣ ବୁଝ ?

୧୮. ସାଂସ୍କୃତିକ ଆଧୁନିକୀକରଣ କହିଲେ କ'ଣ ବୁଝ ?

୧୯. ଜଗତିକରଣ କହିଲେ କ'ଣ ବୁଝ ?

୨୦. ଜଗତିକରଣ ସଂଜ୍ଞା ପ୍ରଦାନ କର ?

୨୧. ଭାରତୀୟ ସମାଜ ଉପରେ ଜଗତିକରଣର ଦୁଇଟି ସକରାତ୍ମକ ପ୍ରଭାବ ଲେଖ ?

୨୨. ଜଗତିକରଣର ଦୁଇଟି ନକରାତ୍ମକ ପ୍ରଭାବ ଲେଖ ?

## (ଖ) ଛଅଟି ବାକ୍ୟରେ ଉତ୍ତର ଲେଖ ।

**(Answer in six Sentence)**

୧. ଔଦ୍ୟୋଗୀକରଣର ଅର୍ଥ ଲେଖ ?

୨. ଔଦ୍ୟୋଗୀକରଣର ଦୁଇଟି ସକରାତ୍ମକ ପ୍ରଭାବ ଲେଖ ?

୩. ଔଦ୍ୟୋଗୀକରଣର ଗୁଣାବଳୀ ଲେଖ ?

୪. ସହରୀକରଣର ଅର୍ଥ ଲେଖ ?

୫. ସହରୀକରଣର ଦୁଇଟି ଗୁଣ ଆଲୋଚନା କର ?

୬. ସହରୀକରଣର ଦୁଇଟି ସକରାତ୍ମକ ପ୍ରଭାବକୁ ଲେଖ ?

୭. ସହରୀକରଣର ନକରାତ୍ମକ ପ୍ରଭାବ ଲେଖ ?

୮. ଆଧୁନିକୀକରଣର ଅର୍ଥ ଲେଖ ?

୯. ଆଧୁନିକୀକରଣର ଦୁଇଟି ଗୁଣ ଲେଖ ?

୧୦. ରାଜନୈତିକ ଆଧୁନିକୀକରଣ କହିଲେ କ'ଣ ବୁଝ ?

୧୧. ଅର୍ଥନୈତିକ ଆଧୁନିକୀକରଣ କହିଲେ କ'ଣ ବୁଝ ?

୧୨. ଜଗତିକରଣର ଅର୍ଥ ଲେଖ ?

୧୩. ଜଗତିକରଣର ସଂଜ୍ଞା ପ୍ରଦାନ କର ?

୧୪. ଜଗତିକରଣର ଦୁଇଟି ସକରାତ୍ମକ ପ୍ରଭାବ ଆଲୋଚନା କର ?

୧୫. ଜଗତିକରଣର ଦୁଇଟି ନକରାତ୍ମକ ପ୍ରଭାବ ଲେଖ ?

## Group-C
## Long Type Questions
## 'ଗ' ବିଭାଗ
## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧. ଔଦ୍ୟୋଗୀକରଣର ଅର୍ଥ ଲେଖ ଓ ଏହାର ଗୁଣାବଳୀ ଆଲୋଚନା କର ?

୨. ଔଦ୍ୟୋଗୀକରଣର ପ୍ରକ୍ରିୟାର ପ୍ରଭାବକୁ ଆଲୋଚନା କର ?

୩. ସହରୀକରଣର ଅର୍ଥ ଲେଖ ଓ ଏହାର ଗୁଣାବଳୀ ଆଲୋଚନା କର ?

୪. ସହରୀକରଣର ସଂଜ୍ଞା ପ୍ରଦାନ କର ଓ ଏହାର ସକରାତ୍ମକ ପ୍ରଭାବଗୁଡ଼ିକୁ ଆଲୋଚନା କର ?

୫. ସହରୀକରଣର ପ୍ରଭାବଗୁଡ଼ିକୁ ଆଲୋଚନା କର ।

୬. ଆଧୁନିକୀକରଣ କହିଲେ କ'ଣ ବୁଝ ? ଏହାର ଗୁଣାବଳୀକୁ ଆଲୋଚନା କର ?

୭. ଭାରତରେ ଆଧୁନିକୀକରଣ ପ୍ରକ୍ରିୟାର ପ୍ରଭାବକୁ ଆଲୋଚନା କର ?

୮. ଜଗତୀକରଣର ଅର୍ଥ ଲେଖ ଓ ଏହାର ଗୁଣାବଳୀ ଆଲୋଚନା କର ?

୯. ଭାରତୀୟ ସମାଜ ଉପରେ ଜଗତିକରଣ ପ୍ରକ୍ରିୟାର ସକରାତ୍ମକ ପ୍ରଭାବକୁ ଆଲୋଚନା କର ?

୧୦. ଭାରତୀୟ ସମାଜ ଉପରେ ଜଗତିକରଣର ନକରାତ୍ମକ ପ୍ରଭାବକୁ ଆଲୋଚନା କର ?

◆◆◆